ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୭/୨୦୧୮ (୨୦ ପୃଷ୍ଠା) Sambalpur, Friday, September 7/ 2018 | ★★

୧୪ଶ ଭାଗ ୨୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-

ଐଶ୍ୱର୍ଯ୍ୟାଙ୍କୁ ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ
ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଅଭିନୟ କ୍ଷେତ୍ରରେ ସର୍ବୋତ୍ତମ ଦକ୍ଷତା ଲାଗି ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ ପ୍ରଦାନ କରାଯିବ।

୧୯ | ୧୮

ବିଶ୍ୱରେକର୍ଡ କଲେ ସୌରଭ
ଭାରତର ସୌରଭ ଚୌଧାରୀ ଆଇଏସ୍ଏସ୍ଏଫ୍ ବିଶ୍ୱ ଜାମ୍ବିୟନଶିପ୍ ଜୁନିୟର ୧୦ମିଟର ଏୟାର ପିସ୍ତୁଲ ଇଭେଣ୍ଟରେ ସ୍ୱର୍ଣ୍ଣ ସହ ବିଶ୍ୱ ରେକର୍ଡ କରିଛନ୍ତି।



■ ଆଗୁଆ ନିର୍ବାଚନ ପାଇଁ ବାଟ ଫିଟାଇଲେ କେସିଆର୍

ଭଙ୍ଗହେଲା ତେଲେଙ୍ଗାନା ବିଧାନସଭା

ହାଇଦ୍ରାବାଦ,୬।୯(ପି.ଟି.)

ଯାହା ଅନୁମାନ କରାଯାଉଥିଲା ଶେଷରେ ତାହା ହେଲା। ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଗୁରୁବାର ରାଜ୍ୟ ବିଧାନସଭାକୁ ଭଙ୍ଗ କରାଇବା ପାଇଁ ସୁପାରିସ କରିଛନ୍ତି। ସେ ରାଜ୍ୟପାଳ ଇଏସ୍ଏଲ୍ ନରସିଂହନଙ୍କୁ ଭେଟି କ୍ୟାବିନେଟର ଏହି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି। ରାଜ୍ୟପାଳ ଉକ୍ତ ସୁପାରିସକୁ ଗ୍ରହଣ କରିବା ପରେ ତେଲେଙ୍ଗାନାରେ ଆଗୁଆ ନିର୍ବାଚନର ପଥ ଉନ୍ମୁକ୍ତ ହୋଇଛି। ପୁନଃ କ୍ଷମତାସୀନ ହେବା ପାଇଁ କେସିଆର୍ଙ୍କ ଏହି ପଦକ୍ଷେପକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି।

୨୦୧୯ ସାଧାରଣ ନିର୍ବାଚନକୁ ଆଉ ପ୍ରାୟ ୭ ମାସ ବାକି ଥିବାବେଳେ ଦେଶରେ ନିର୍ବାଚନୀ ମାଲୋହ ସୃଷ୍ଟି କରିଛି ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍ଏସ୍) ଅଧ୍ୟକ୍ଷ କେସିଆର୍ଙ୍କ ମାଷ୍ଟରଷ୍ଟ୍ରୋକ୍। ଅଣଭାଜପା ଏବଂ ଅଣକଂଗ୍ରେସ ଦଳଗୁଡ଼ିକୁ ନେଇ ସଂଘୀୟ ସାଙ୍ଗୁଖ୍ୟ ଗଠନର ମଙ୍ଗ ଧରିଥିବା କେସିଆର୍ ଗୁରୁବାର ଅପରାହ୍ନରେ ରାଜ୍ୟ କ୍ୟାବିନେଟର ଅଧ୍ୟକ୍ଷତା କରି ନେଇଛନ୍ତି ବଡ଼ ନିଷ୍ପତ୍ତି। ତେଲେଙ୍ଗାନାରେ ଲୋକ ସଭା ନିର୍ବାଚନ ସହ ବିଧାନସଭା ଭୋଟ ହେବାକୁ ଥିବାବେଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ନିର୍ବାଚନ କରାଇବାକୁ କ୍ୟାବିନେଟରେ ଏକ ସଂକଳ୍ପନାମା ଗୃହୀତ ହୋଇଛି।

ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଗୁରୁବାର ରାଜ୍ୟପାଳ ଇଏସ୍ଏଲ୍ ନରସିଂହନଙ୍କୁ ଭେଟି ସଂକଳ୍ପନାମା ପ୍ରଦାନ କରୁଛନ୍ତି।

ଏହାର କିଛି ସମୟ ପରେ ମୁଖ୍ୟମନ୍ତ୍ରୀ କେସିଆର୍ ରାଜଭବନକୁ ଯାଇ ରାଜ୍ୟପାଳଙ୍କୁ ସଂକଳ୍ପନାମା ପ୍ରଦାନ କରିଛନ୍ତି। ରାଜ୍ୟପାଳ କ୍ୟାବିନେଟ ସୁପାରିସ ଗ୍ରହଣ କରିବା ସହ ବିଧାନସଭାକୁ ଭଙ୍ଗ କରିଦେଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀ ପରିଷଦ ସଦସ୍ୟଙ୍କୁ କାମଚଳା ସରକାର ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି। କେସିଆର୍ ଏଥିରେ ସହମତି ପ୍ରକାଶ କରିଥିବା ରାଜଭବନ ସୂତ୍ରରୁ ପ୍ରକାଶ। ☞ପୃଷ୍ଠା–୪

ବିପଦସଙ୍କେତ ଉପରେ ବୈତରଣୀ

ଭୁବନେଶ୍ୱର,୬।୯(ବ୍ୟୁରୋ)

ଲଘୁଚାପ ଯୋଗୁ ଗୁରୁବାର ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ପ୍ରବଳ ବର୍ଷା ଯୋଗୁ ବୈତରଣୀ ନଦୀର ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଏହି ନଦୀର ଆଖୁଆପଦାଠାରେ ବନ୍ୟାଜଳ ବିପଦସଙ୍କେତ ଉପରକୁ ଉଠି ଯାଇଛି। ଏଠାରେ ବିପଦସଙ୍କେତ ସ୍ତର ୧୭.୯୩ ମିଟର ଥିବା ବେଳେ ଗୁରୁବାର ରାତି ସୁଦ୍ଧା ଏହା ୧୭.୯୪ ମିଟର ଉପରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖାରେ ବିପଦ ସଙ୍କେତ ଉପରକୁ ବନ୍ୟା ପାଣି ଅତିକ୍ରମ କରି ନ ଥିଲେ ମଧ୍ୟ ଜଳପତ୍ତନ ବୃଦ୍ଧି ପାଇବାରେ

ବର୍ଷା ବିପ୍ଳାତ
- ଫୁଲୁଛି ସୁବର୍ଣ୍ଣରେଖା
- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ଅବପାତ ରୂପ ନେଲା ଲଘୁଚାପ
- ୨୪ ଘଣ୍ଟା ପ୍ରବଳ ବର୍ଷା ସମ୍ଭାବନା

ଲାଗିଛି। ସତର୍କ ରହିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ☞ପୃଷ୍ଠା–୪

ଅପରାଧ ନୁହେଁ ସମଲିଙ୍ଗୀ ସମ୍ପର୍କ

ନୂଆଦିଲ୍ଲୀ,୬।୯(ପି.ଟି.)

ସହମତି ଭିତ୍ତିରେ ଦୁଇଜଣ ପ୍ରାପ୍ତବୟସ୍କ ସମଲିଙ୍ଗୀଙ୍କ ମଧ୍ୟରେ ରଖାଯାଉଥିବା ସମ୍ପର୍କ ଆଉ ଅପରାଧ ଭାବେ ପରିଗଣିତ ହେବନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର ଏକ ଐତିହାସିକ ରାୟ ଦେଇଛନ୍ତି। ଏଥିସହ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି), ୧୮୬୦ର ଦଫା ୩୭୭କୁ ସର୍ବୋଚ୍ଚ ଅଦାଲତ ଅଯୌକ୍ତିକ, ଅସମର୍ଥନୀୟ ଓ ସ୍ପଷ୍ଟ ସ୍ୱେଚ୍ଛାଚାରିତା ଭାବେ ଅଭିହିତ କରି ଅପରାଧମୁକ୍ତ କରିଛନ୍ତି। ଏହି ୧୫୮ ବର୍ଷ ପୁରୁଣା ଆଇନ ସମ୍ବିଧାନ ପ୍ରଦତ୍ତ ସମାନତା ଓ ସସମ୍ମାନେ ବଞ୍ଚିବା ଅଧିକାରକୁ ଉଲ୍ଲଂଘନ କରୁଛି ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ଯୁଗାନ୍ତକାରୀ ରାୟକୁ ବିଭିନ୍ନ ମହଲାରେ ସ୍ୱାଗତ କରାଯାଇଛି। ଏହାକୁ ନେଇ ସମଲିଙ୍ଗୀ ଗୋଷ୍ଠୀ ଦେଶର ବିଭିନ୍ନ ସ୍ଥାନରେ ଉତ୍ସବ ମନାଇବାରେ ଲାଗିଛନ୍ତି। ଏଥିସହ ଦଫା ୩୭୭କୁ ନେଇ ଚାଲିଥିବା ବିବାଦ ଓ ବିତର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

୧୮୬୦ ମସିହାରେ ପ୍ରଣୀତ ଆଇପିସିର ଦଫା ୩୭୭ ଅନୁସାରେ ପ୍ରକୃତିର ବିରୁଦ୍ଧାଚରଣ କରୁଥିବା କୌଣସି ପ୍ରକାର ଯୌନ ସମ୍ପର୍କ ଏକ ଅପରାଧ ବୋଲି ବିବେଚନା କରାଯାଉଥିଲା। ଏଭଳି ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କୁ ୧୦ ବର୍ଷ (ସ୍ଥଳ ବିଶେଷରେ ଆଜୀବନ) କାରାଦଣ୍ଡାଦେଶ ଓ ଜରିମାନାର ବିଧାନ କରାଯାଉଥିଲା। ଭିକ୍ଟୋରିଆ ଯୁଗୀୟ ଏହି ଆଇନକୁ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିରୋଧ କରି ଦୀର୍ଘବର୍ଷ ଧରି ଆଇନଗତ ଲଢ଼େଇ ଜାରି ରଖିଥିଲେ। ଦଫା ୩୭୭କୁ ଚ୍ୟାଲେଞ୍ଜ କରି ମହିଳା ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟଲିଙ୍ଗୀ, ତୃତୀୟଲିଙ୍ଗୀ ଓ ଅସ୍ୱାଭାବିକ ସମ୍ପର୍କ ରକ୍ଷାକାରୀ (ଏଲ୍ଜିବିଟିକ୍ୟୁ) ଗୋଷ୍ଠୀ ପକ୍ଷରୁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଜୁଲାଇ ୧୭ରେ ଏହାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଏହି ବହୁପ୍ରତୀକ୍ଷିତ ରାୟ ଗୁରୁବାର ପ୍ରକାଶ ପାଇଛି। ସାମ୍ବିଧାନିକ ପୀଠ ୪୯୩ ପୃଷ୍ଠାର ରାୟରେ କହିଛନ୍ତି, ଦେଶର ଅନ୍ୟ ନାଗରିକମାନଙ୍କ ଭଳି ଏଲ୍ଜିବିଟିକ୍ୟୁ ଗୋଷ୍ଠୀ ମଧ୍ୟ ସମାନ ସାମ୍ବିଧାନିକ ଅଧିକାର ଉପଭୋଗ କରିପାରିବେ। ଯୌନ ଆକାଂକ୍ଷା ଏକ 'ଜୈବିକ ଆଗ୍ରହ' ଓ 'ପ୍ରାକୃତିକ'। ଏହି ପୃଷ୍ଠଭୂମିରେ କୌଣସି ପ୍ରକାର ଭେଦଭାବ ହେଉଛି ମୌଳିକ ଅଧିକାରର ଉଲ୍ଲଂଘନ। ଏକାନ୍ତରେ ବୟସ୍କଙ୍କ ସମ୍ପର୍କକୁ ଅପରାଧର ପର୍ଯ୍ୟାୟଭୁକ୍ତ କରୁଥିବା ଦଫା ୩୭୭ ସମ୍ବିଧାନର ଧାରା ୧୪,୧୫, ୧୯ ଓ ୨୧ର ବିରୁଦ୍ଧାଚରଣ। ତେବେ ଏଭଳି ସହମତି ନିଶ୍ଚିତ ଭାବେ ମୁକ୍ତ ଓ ସ୍ୱେଚ୍ଛାକୃତ ହେବା ଜରୁରୀ। ଚାପ ବା ବଳପ୍ରୟୋଗ ଯୋଗୁ ପ୍ରକାଶ ପାଇଥିବା ଇଚ୍ଛା ସହମତିର ପଦବାଚ୍ୟ ହେବନାହିଁ ବୋଲି ପୀଠ ସ୍ପଷ୍ଟ କରିଛନ୍ତି।

ଅଦାଲତ ଆହୁରି କହିଛନ୍ତି ଯେ, ସାମାଜିକ ନୈତିକତା ଆଳରେ ନୈତିକତାକୁ ବଳି ପକାଯାଇପାରିବ ନାହିଁ। ପ୍ରଚଳିତ ଆଇନାନୁସାରେ କେବଳ ସାମ୍ବିଧାନିକ ନୈତିକତା ଗ୍ରହଣୀୟ। ଏଯାଏ ଏଲ୍ଜିବିଟିକ୍ୟୁ ଗୋଷ୍ଠୀକୁ ହଇରାଣ କରିବା ପାଇଁ ଦଫା ୩୭୭କୁ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଉଥିଲା। ଏହି ଗୋଷ୍ଠୀର ସଦସ୍ୟ ଓ ସେମାନଙ୍କ ପରିବାରକୁ ନ୍ୟାୟ ପ୍ରଦାନରେ ବିଳମ୍ବ ହୋଇଛି। ସଦ୍ୟ ରାୟକୁ ନେଇ ପୁରୁଣା ମାମଲାଗୁଡ଼ିକ ପ୍ରଭାବିତ ହେବନାହିଁ। କିନ୍ତୁ ଅଦାଲତଗୁଡ଼ିକରେ ଗଡୁଥିବା ମାମଲାଗୁଡ଼ିକର ଅଭିଯୁକ୍ତମାନେ ଏହାଦ୍ୱାରା ଆଶ୍ୱସ୍ତି ପାଇବେ ବୋଲି ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରା କହିଛନ୍ତି। ସେହିପରି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ଦଫା ୩୭୭ ଯୋଗୁ ଏଲ୍ଜିବିଟିକ୍ୟୁ ଗୋଷ୍ଠୀର ସଦସ୍ୟମାନେ ଲୁଚିଛପି ଜୀବନ ବିତାଇବାକୁ ବାଧ ହେଉଥିଲେ। ସେମାନଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ବିବେଚନା କରାଯାଉଥିଲା, ଅଥଚ ଅନ୍ୟମାନେ ଯୌନ ଆଗ୍ରହ ଚରିତାର୍ଥ କରିବା ଅଧିକାରକୁ ଉପଭୋଗ କରୁଥିଲେ। ରାୟ ପରେ ଏହି ବ୍ୟବସ୍ଥା ଉଚ୍ଛେଦ ହୋଇଛି। ତେବେ ଶିଶୁ ଓ ପଶୁଙ୍କ ପ୍ରତି ଯୌନାଚାରକୁ ପୂର୍ବଭଳି ଅପରାଧ ବିବେଚନା କରାଯିବ। କେହି ମହିଳା କିମ୍ବା ପୁରୁଷ ଶିଶୁ ବା ଜୀବଜନ୍ତୁଙ୍କ ସହ ଅପ୍ରାକୃତିକ ଯୌନ ସମ୍ବନ୍ଧ ରକ୍ଷା କଲେ ଆଇନାନୁଯାୟୀ ଦଣ୍ଡିତ ହେବେ। ଜଷ୍ଟିସ୍ ଆର୍.ଏଫ୍. ନରିମାନ ଏବଂ ଏ.ଏମ୍. ଖାନୱିଲକର ସଦସ୍ୟତା କରୁଥିବା ଏହି ସାମ୍ବିଧାନିକ ପୀଠ କହିଛନ୍ତି, ସମଲିଙ୍ଗୀ ସମ୍ପର୍କ ମାନସିକ ବିକାର ନୁହେଁ, ବରଂ ସମ୍ପୂର୍ଣ୍ଣ ଭାବେ ଏକ ପ୍ରାକୃତିକ ଆବେଗ। ତେଣୁ କ'ଣ ଅନୁମତି ପ୍ରଦାନଯୋଗ୍ୟ ଓ କେଉଁଟା ନୁହେଁ, ତାକୁ ନେଇ ରାଷ୍ଟ୍ର ସୀମା ସରହଦ ଟାଣିପାରିବ ନାହିଁ। ସେହିପରି ଏଭଳି ଯୌନ ସମ୍ପର୍କକୁ ନେଇ ରାଷ୍ଟ୍ର କାହାକୁ ଦଣ୍ଡିତ କରିପାରିବ ନାହିଁ। ୨୦୧୩ରେ ସୁରେଶ କୌଶଲ ମାମଲାରେ 'ସହମତି ଭିତ୍ତିରେ ଅପ୍ରାକୃତିକ ଯୌନ ସମ୍ପର୍କ'କୁ ଅପରାଧର ପୁନଃ ପର୍ଯ୍ୟାୟଭୁକ୍ତ କରିଥିବା ରାୟକୁ ସର୍ବୋଚ୍ଚ ଅଦାଲତ ସର୍ବସମ୍ମତିକ୍ରମେ ରଦ୍ଦ କରିଦେଇଛନ୍ତି।

ସ୍ପଷ୍ଟକଲେ ସାମ୍ବିଧାନିକ ପୀଠ

- ଯୌନ ଆକାଂକ୍ଷା ଏକ ପ୍ରାକୃତିକ 'ଜୈବିକ ଆଗ୍ରହ'
- ସମାନତା ଅଧିକାରକୁ ଉଲ୍ଲଂଘନ କରୁଛି ଦଫା ୩୭୭
- ଅନ୍ୟ ନାଗରିକମାନଙ୍କ ଭଳି ଏଲ୍ଜିବିଟିକ୍ୟୁ ଗୋଷ୍ଠୀ ସମାନ ସାମ୍ବିଧାନିକ ଅଧିକାର ଉପଭୋଗ କରିପାରିବେ
- ଶିଶୁ ଓ ପଶୁଙ୍କ ପ୍ରତି ଯୌନାଚାର ପୂର୍ବଭଳି ଅପରାଧ ବିବେଚିତ ହେବ

■ ଆନ୍ଦୋଳନରତ ଶିକ୍ଷକଙ୍କୁ ଡରାଇଲେ ସରକାର

ସ୍କୁଲରେ ଅନୁପସ୍ଥିତ ରହିଲେ ଦରମା କଟିବ

ଭୁବନେଶ୍ୱର, ୬।୯(ବ୍ୟୁରୋ)

- ପ୍ରଭାବ ପଡ଼ିବନି: ମିଳିତ ମଞ୍ଚ
- ସୋମବାରଠାରୁ ବ୍ଲକ ଅଫିସ ଆଗରେ ଧାରଣା

ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ପ୍ରଦାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ନିଷ୍ପତ୍ତି ଅନୁଯାୟୀ ଗୁରୁବାରଠାରୁ ସ୍କୁଲ, କଲେଜରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଶିକ୍ଷକମାନେ ଦାବି ହାସଲ ପାଇଁ ଲୋୟର ପିଏମ୍ଜିରେ ଧାରଣା ଦେଇଛନ୍ତି। ଫଳରେ ରାଜ୍ୟର ଅନେକ ନୂତନ ଅନୁଦାନପ୍ରାପ୍ତ(ବ୍ଲକ୍ଗ୍ରାଣ୍ଟ), ପ୍ରତ୍ୟାଶୀ ସ୍କୁଲ ଓ କଲେଜରେ ଶିକ୍ଷକ ଏବଂ ଅଧ୍ୟାପକ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଛି। ଏପରିସ୍ଥିତିରେ ସରକାର ଶିକ୍ଷକଙ୍କ ଦାବି ପୂରଣ କରିବା ବଦଳରେ ସେମାନଙ୍କୁ ଡରାଇବାକୁ ଉଦ୍ୟମ କରିଛନ୍ତି। ସ୍କୁଲ ପ୍ରଧାନଶିକ୍ଷକଙ୍କ ବିନା ଅନୁମତିରେ କୌଣସି ଶିକ୍ଷକ, କନିଷ୍ଠ ଶିକ୍ଷକ ଏବଂ କନିଷ୍ଠ ଶିକ୍ଷକ(ଚୁକ୍ତିଭିତ୍ତିକ) ବିଧାନସଭା ସମ୍ମୁଖରେ ଧାରଣାରେ ବସିଥିଲେ ସେମାନଙ୍କ ବିରୋଧରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଜିଲା ଶିକ୍ଷାଧିକାରୀ(ଡିଇଓ) ଏବଂ ବ୍ଲକ ଶିକ୍ଷାଧିକାରୀ(ବିଇଓ) ସ୍କୁଲରେ ☞ପୃଷ୍ଠା–୪

ଆଜି ବନ୍ଦ ରହିବ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର, ୬।୯(ବ୍ୟୁରୋ)

ସାରା ରାଜ୍ୟରେ ବୁଧବାର ସକାଳୁ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ରାଜ୍ୟ ସରକାରଙ୍କୁ ସତର୍କ କରାଇ ଦେଇଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଛୁଟି ଘୋଷଣା କରିଛନ୍ତି। ଛୋଟ ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ☞ପୃଷ୍ଠା–୪

ଲଘୁଚାପ ବର୍ଷା
- ଭୁବନେଶ୍ୱରର ସବୁ ସ୍କୁଲ ଛୁଟି
- ଅନ୍ୟ ଜିଲାରେ ସ୍ଥିତି ଦେଖି ନିଷ୍ପତ୍ତି ନେବେ ଜିଲାପାଳ

ବିଧାନ ପରିଷଦ ଗଠନ ନେଇ ସଂକଳ୍ପ ଗୃହୀତ
୩

ଆଜିର ସମ୍ପାଦକୀୟ
ଟାଳଗୁଳ ନୀତି ଛାଡ଼

ଆଜିର ପକ୍ଷବ୍ୟ
ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଭାଜପା ହାତର କଣ୍ଢେଇ ପାଲଟି ଯାଇଛନ୍ତି।
–ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର

କିଛି ତଥ୍ୟ
ଦେଶରେ ବର୍ତ୍ତମାନ ଫୁଏଲ୍ ଷ୍ଟେଶନ ସଂଖ୍ୟା ପ୍ରାୟ ୬୦,୦୦୦ରୁ ଅଧିକ ଥିବା ବେଳେ ଗତ ୬ ବର୍ଷ ମଧ୍ୟରେ ଏଥିରେ ୪୫% ବୃଦ୍ଧି ଘଟିଛି।
–ତୈଳ ମନ୍ତ୍ରଣାଳୟ

NATIONAL EGG CO-ORDINATION COMMITTEE 06.09.2018 Venkobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	57	102	112
CTC	57	102	112
DKL	57	102	112
BDK	56	101	111
BLS	56	101	111
ANG	58	103	113

Eggs Retail Price- 42/-Dozen
Issued in the Interest of Consumers
*Conditions Apply



ଏହା ଏକ ଉତ୍ସବମୁଖୀ ରାୟ ବୋଲି ବିବେଚନା କରିଛନ୍ତି । ସହମତି ଭିତ୍ତିରେ ଦୁଇଜଣ ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ଯୌନ ସମ୍ପର୍କକୁ ଅପରାଧୀକରଣ କରାଯିବା ଅନୁଚିତ । କୌଣସି ବ୍ୟକ୍ତିଙ୍କ ଏକ ନିର୍ଦ୍ଦିଷ୍ଟ ଯୌନ ଅଭିଳାଷ ଅପରାଧ ନୁହେଁ ।
-ସୋଲି ସୋରାବ୍‌ଜୀ, ପୂର୍ବତନ ଆଟର୍ନି ଜେନେରାଲ

ପ୍ରେମର ନାହିଁ ସରହଦ

ଏକାନ୍ତରେ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ସମଲିଙ୍ଗୀ ସମ୍ପର୍କ ଅପରାଧର ପଦବାଚ୍ୟ କି ନୁହେଁ ବୋଲି ଚାଲିଥିଲା ବିବାଦ ଓ ବିତର୍କ । ଏଭଳି ଯୌନ ସମ୍ପର୍କକୁ ଅପରାଧମୁକ୍ତ କରିବା ପାଇଁ ମହିଳା ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟ ଲିଙ୍ଗୀ, ତୃତୀୟ ଲିଙ୍ଗୀ ଓ ଅପ୍ରାକୃତିକ ସମ୍ପର୍କ ରକ୍ଷାକାରୀ (ଏଲ୍‌ଜିବିଟିକ୍ୟୁ) ଗୋଷ୍ଠୀ ଲଢ଼ିଥିଲା ଆଇନର ଲମ୍ବା ଲଢ଼େଇ । ଆଇପିସି ଦଫା ୩୭୭ ଅନୁସାରେ ସହମତି ଭିତ୍ତିରେ ରଖାଯାଉଥିବା ସମଲିଙ୍ଗୀ ସମ୍ପର୍କକୁ ଅପରାଧ ବୋଲି ପୂର୍ବରୁ ବିବେଚନା କରାଯାଉଥିବାବେଳେ ଏହାର ବୈଧତାକୁ ଚ୍ୟାଲେଞ୍ଜ କରି ବିଭିନ୍ନ ଯୌନ ସଂଖ୍ୟାଲଘୁ ସଙ୍ଗଠନ ପକ୍ଷରୁ ସୁପ୍ରିମକୋର୍ଟରେ ଦାଏର ହୋଇଥିଲା ଏକାଧିକ ପିଟିଶନ । ଶେଷରେ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଶୁଣାଇଛନ୍ତି ଯୁଗାନ୍ତକାରୀ ରାୟ । ଯୌନ ଆକାଂକ୍ଷା ଏକ ପ୍ରାକୃତିକ ଆବେଗ ହୋଇଥିବାରୁ ଏଲ୍‌ଜିବିଟିମାନେ ଅନ୍ୟ ନାଗରିକଙ୍କ ଭଳି ସମାନ ସାମ୍ବିଧାନିକ ଅଧିକାର ଉପଭୋଗ କରିପାରିବେ । କାରଣ ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି । ଏଥିସହ ୧୫୮ ବର୍ଷ ଧରି ପ୍ରଚଳିତ ବ୍ରିଟିଶ୍ ଅମଳର ଆଇନ ଆଂଶିକ ଭାବେ ଅକାମୀ ହୋଇଯାଇଛି ।

ନୂଆଦିଲ୍ଲୀ, ୬।୯(ପି.ଟି.)

ସମଲିଙ୍ଗୀ ସମ୍ପର୍କ ମାନସିକ ବିକାର ନୁହେଁ, ବରଂ ଏକ ପ୍ରାକୃତିକ ଆବେଗ। କ'ଣ ଅନୁମତି ପ୍ରଦାନଯୋଗ୍ୟ ଓ କେଉଁଟା ନୁହେଁ, ତାକୁ ନେଇ ରାଷ୍ଟ୍ର ସୀମାରେଖା ଟାଣିପାରିବ ନାହିଁ। କାହିଁକି ନା ଲୋକଙ୍କ ବ୍ୟକ୍ତିଗତ ପସନ୍ଦକୁ ସମ୍ମାନ ଦେବା ହେଉଛି ସ୍ୱାଧୀନତାର ପ୍ରକୃତ ନିଦର୍ଶନ। ଗୁରୁବାର ଦଫା ୩୭୭ ସମ୍ପର୍କିତ ମାମଲାର ରାୟ ପ୍ରକାଶବେଳେ ଏହା କହିଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ ବିସ୍ତୃତର ଚର୍ଚ୍ଚିତ ତଥା ଐତିହାସିକ ରାୟ ଦେବା ପରେ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି, ପ୍ରେମର ସରହଦ ନାହିଁ। ଜଣେ ଜଣଙ୍କୁ ପସନ୍ଦ କରୁଥିଲେ ଏବଂ ତାଙ୍କ ସାଥୀ ହୋଇ ରହିବାକୁ ଚାହିଁଲେ ଆଇନ ମଧ୍ୟ ସେମାନଙ୍କୁ ଅପରାଧୀ ଦର୍ଶାଇ ଦଣ୍ଡିତ କରିପାରିବ ନାହିଁ। ସମଲିଙ୍ଗୀ ମଧ୍ୟ ସମାଜରେ ସମ୍ମାନର ସହ ବଞ୍ଚିପାରିବେ।

ସହମତି ଭିତ୍ତିରେ ପ୍ରାପ୍ତବୟସ୍କ ସମଲିଙ୍ଗୀ ସମ୍ପର୍କ ସ୍ଥାପନ କଲେ ଏଥିରେ ଆଇନଗତ ହସ୍ତକ୍ଷେପ କରାଯାଇପାରିବ ନାହିଁ। ଦେଶବାସୀଙ୍କୁ ଏଭଳି ଏକ ସନ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ''ମୁଁ ହେଉଛି ମୁଁ, ତେଣୁ ମୋତେ ମୋ ଭଳି ଗ୍ରହଣ କର। କାରଣ ବ୍ୟକ୍ତିଗତ ମୌଳିକତାକୁ କେହି ବଦଳାଇପାରିବେ ନାହିଁ...ପ୍ରତିଟି ବାଦଲରୁ ଇନ୍ଦ୍ରଧନୁକୁ ଦେଖ'' ବୋଲି ରାୟ ପ୍ରକାଶ ବେଳେ ଜଷ୍ଟିସ୍ ଦୀପକ ମିଶ୍ର କହିଛନ୍ତି। ଦଫା ୩୭୭ରେ ପକ୍ଷପାତ ରହିଥିବା ସେ ଦର୍ଶାଇଛନ୍ତି। ଅକ୍ଟୋବର ୨ରେ ଅବସର ଗ୍ରହଣ ପୂର୍ବରୁ ଯୁଗାନ୍ତକାରୀ ରାୟ ଦେଇ ପ୍ରଧାନ ବିଚାରପତି ଆହୁରି କହିଛନ୍ତି, ଲୋକଙ୍କୁ ଆତ୍ମଅଭିବ୍ୟକ୍ତି ପାଇଁ ଅନୁମତି ନ ଦେବା ମୃତ୍ୟୁ ସଙ୍ଗେ ସମାନ। ତେଣୁ ପୂର୍ବ ଧାରଣାକୁ ଆମେ ସବୁଦିନ ପାଇଁ ମନରୁ ହଟାଇବା ସହ ନାଗରିକଙ୍କୁ ସଶକ୍ତ କରିବା ଉଚିତ। ସର୍ବୋଚ୍ଚ ଅଦାଲତ ସମାଜରେ ଏକ ବିରାଟ ପରିବର୍ତ୍ତନ ଆଣିବା ଭଳି ନିଷ୍ପତ୍ତି ଗ୍ରହଣ କରିବା ପରେ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। 'ପ୍ରେମରେ ନାହିଁ ଲିଙ୍ଗଭେଦ', 'ଏକ ଦେଶ, ପ୍ରେମରେ ସମାନତା'.....ଲେଖାଥିବା ପ୍ଲାକାର୍ଡ ଧରି ସଭିଏଁ ଖୁସି ମନାଇଛନ୍ତି।

ଦଫା ୩୭୭ ଏକପ୍ରକାର ଅକାମୀ ହୋଇଯିବା ପରେ ସମଲିଙ୍ଗୀ ଅଧିକାର କର୍ମୀଙ୍କ ଦୀର୍ଘବର୍ଷର ନ୍ୟାୟିକ ଲଢ଼େଇର ଅନ୍ତ ଘଟିଛି। ଅନେକ ସଂଘର୍ଷ ପରେ ସେମାନେ ବିଜୟୀ ହୋଇଛନ୍ତି। କୋର୍ଟଙ୍କ ରାୟ ଶୁଣି ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟର ଲୋକେ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି। ପରସ୍ପରକୁ କୋଳାଗ୍ରତ କରିବା ସହ ସେମାନେ କେକ୍ କାଟିଛନ୍ତି, ଇନ୍ଦ୍ରଧନୁ ପତାକା ଉଡ଼ାଇ ନାଚଗୀତରେ ମସ୍‌ଗୁଲ ହୋଇଛନ୍ତି। ଅନ୍ୟ ନାଗରିକଙ୍କ ଭଳି ମୌଳିକ ମାନବିକ ଅଧିକାର ଲାଭ କରିଥିବାରୁ କେତେଜଣଙ୍କ ଆଖିରୁ ଆନନ୍ଦାଶ୍ରୁ ଝରିପଡ଼ିଛି। ରାସ୍ତା, ହୋଟେଲ ଏବଂ ଅନ୍ୟାନ୍ୟ ସ୍ଥାନରେ ସମଲିଙ୍ଗୀମାନେ ପାଳୁଛନ୍ତି ଖୁସିର ପର୍ବ। କାହିଁକି ନା, ସୁପ୍ରିମକୋର୍ଟ ଆଜି ସେମାନଙ୍କୁ ଜିଇଁବାର ରାହା ଦେଖାଇଛନ୍ତି। ବଲିଉଡ୍ ସେଲିବ୍ରିଟି, ଲେଖକ, ଆଇନଜୀବୀ, ଶିକ୍ଷକ, ରାଜନେତା ଏବଂ ବିଭିନ୍ନ ବର୍ଗର ଲୋକେ ମଧ୍ୟ ସମଲିଙ୍ଗୀ ଅଧିକାର କର୍ମୀଙ୍କ ସହ ମିଶି ଉତ୍ସବ ମନାଇଛନ୍ତି। ଏଲ୍‌ଜିବିଟି ସମ୍ପ୍ରଦାୟର ଲୋକେ ଆଉ ନିଜକୁ ଅପରାଧୀ ଏବଂ ଦ୍ୱିତୀୟ ଶ୍ରେଣୀ ନାଗରିକ ଭଳି ମନେକରିବେ ନାହିଁ ବୋଲି ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିବା ହମ୍‌ସଫର ଟ୍ରଷ୍ଟର ଜଣେ କର୍ମୀ କହିଛନ୍ତି।

ବ୍ରିଟିଶ୍ ଅମଳର ଆଇନ ଉଚ୍ଛେଦ ହୋଇଥିବାରୁ ଗୋଟିଏ ପଟେ ଖୁସିର ବାତାବରଣ ଚାଲିଥିଲାବେଳେ କେତେଜଣଙ୍କ ମନରେ ଆଶଙ୍କା ରହିଛି। ପୋଲିସ କାର୍ଯ୍ୟାନୁଷ୍ଠାନ ଓ ଭିଡ଼ହିଂସାର ଶିକାର ହୋଇପାରନ୍ତି ବୋଲି ଅନେକେ ପ୍ରକାଶ କରିଛନ୍ତି। ଖାଲି ସେତିକି ନୁହେଁ ପୋଷ୍ୟ ସନ୍ତାନ ଗ୍ରହଣ ଏବଂ ପୁରୁଷ ସମଲିଙ୍ଗୀଙ୍କ ବିବାହକୁ ଏବେ ମଧ୍ୟ ଆଇନ ସ୍ୱୀକୃତି ମିଳି ନାହିଁ। ତେଣୁ ସମ୍ପୂର୍ଣ୍ଣ ଭାବେ ସମାନତା ଅଧିକାର ପ୍ରାପ୍ତ ହୋଇ ନ ଥିବା ସେମାନେ ହୃଦ୍‌ବୋଧ କରୁଛନ୍ତି। ତଥାପି ସେମାନେ ଆଶାବାଦୀ ଅଛନ୍ତି। ଅଧିକାର କର୍ମୀ ଅଞ୍ଜଳି ନାଜିଆ କହିଛନ୍ତି ଯେ, ବଡ଼ ବଡ଼ ଶୁଣାଣି ଲାଗି ଏବେ ସୁପ୍ରିମକୋର୍ଟ ପଥ ପରିଷ୍କାର କରିଛନ୍ତି। ଭଲ ଦିନ ଆସିବା

ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ନୂଆଦିଲ୍ଲୀରେ ଏଲ୍‌ଜିବିଟି କର୍ମୀମାନେ ଉତ୍ସବ ମନାଉଛନ୍ତି।

ଦଫା ୩୭୭: ଘଟଣାକ୍ରମ

ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରିଛନ୍ତି ସୁପ୍ରିମକୋର୍ଟ । ଆଇପିସିର ଦଫା ୩୭୭କୁ ନେଇ ଚାଲିଥିବା ନ୍ୟାୟିକ ବିଚାରର ଘଟଣାକ୍ରମ ....

୨୦୦୯: ସମଲିଙ୍ଗୀଙ୍କ ଅଧିକାର ପାଇଁ ଲଢୁଥିବା ନାଜ୍ ଫାଉଣ୍ଡେଶନ ନାମକ ଏନ୍‌ଜିଓ ଦିଲ୍ଲୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ଆବେଦନ (ପିଆଇଏଲ୍) କରିଥିଲେ। ସହମତି ଭିତ୍ତିରେ ସମଲିଙ୍ଗୀଙ୍କ ଯୌନ ସମ୍ପର୍କ ସ୍ଥାପନକୁ ଆଇନଗତ ଅନୁମତି ମିଳୁ ବୋଲି ଏହା ଦାବି କରିଥିଲା।

୨୦୦୪ ସେପ୍ଟେମ୍ବର: ପିଆଇଏଲ୍ ଖାରଜ କଲେ ହାଇକୋର୍ଟ। ସମଲିଙ୍ଗୀ ଅଧିକାର କର୍ମୀମାନେ କଲେ ସମୀକ୍ଷା ଆବେଦନ।

୨୦୦୪ ନଭେମ୍ବର ୩: ସମୀକ୍ଷା ଆବେଦନ ଖାରଜ।

୨୦୦୪ ଡିସେମ୍ବର: ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ସମଲିଙ୍ଗୀ ଅଧିକାର କର୍ମୀ।

୨୦୦୬ ଏପ୍ରିଲ ୩: ହାଇକୋର୍ଟଙ୍କୁ ପୁଣି ମାମଲା ହସ୍ତାନ୍ତର କଲେ ସୁପ୍ରିମକୋର୍ଟ।

୨୦୦୬ ଅକ୍ଟୋବର ୪: ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରାଯିବା ନିଷ୍ପତ୍ତି ବିରୋଧରେ ସ୍ୱର ଉଠାଇ ଆବେଦନ କଲେ ବରିଷ୍ଠ ଭାଜପା ନେତା ବି.ପି. ସିଂଘଲ। ହାଇକୋର୍ଟ ତାଙ୍କ ପିଟିଶନ ଗ୍ରହଣ କଲେ।

୨୦୦୮ ସେପ୍ଟେମ୍ବର ୧୮: ଏ ପ୍ରସଙ୍ଗରେ ସ୍ୱରାଷ୍ଟ୍ର ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁକ୍ତି ସମାନ ନ ରହିବାରୁ କେନ୍ଦ୍ର ସରକାର ପକ୍ଷ ରଖିବା ଲାଗି ଅଧିକ ସମୟ ମାଗିଲେ। ହାଇକୋର୍ଟ କେନ୍ଦ୍ରର ଆବେଦନକୁ ଖାରଜ କରିଦେଲେ ଏବଂ ଏହା ପରେ ବୃତ୍ତାନ୍ତ ଶୁଣାଣି ଆରମ୍ଭ ହୋଇଗଲା।

ସେପ୍ଟେମ୍ବର ୨୫: ନୈତିକତାର ଦ୍ୱାହି ଦେଇ ସରକାର ସମାନ ଢଙ୍ଗରେ ବଞ୍ଚିବା ପାଇଁ ସେମାନଙ୍କ ମୌଳିକ ଅଧିକାରକୁ ଛଡ଼ାଇନେଇପାରିବେ ନାହିଁ ବୋଲି ସମଲିଙ୍ଗୀ ଅଧିକାର କର୍ମୀମାନେ ଯୁକ୍ତି ଉପସ୍ଥାପନ କଲେ।

ସେପ୍ଟେମ୍ବର ୨୬: ସମଲିଙ୍ଗୀ ଯୌନ ସମ୍ପର୍କ ଏକ ଅନୈତିକ କାର୍ଯ୍ୟ। ଏହା ବିକୃତ ମାନସିକତାର ପ୍ରତିଫଳନ ବୋଲି କହିଲେ କେନ୍ଦ୍ର ସରକାର।

ଅକ୍ଟୋବର ୧୫: ଧର୍ମୀୟ ପୁସ୍ତକ ଆଧାରରେ କେନ୍ଦ୍ର ଯୁକ୍ତି ଦର୍ଶାଇ ବିରୋଧ କରିବାରୁ ହାଇକୋର୍ଟ ଭର୍ତ୍ସନା କଲେ। ସମଲିଙ୍ଗୀ ଯୌନ ସମ୍ପର୍କର ନକାରାତ୍ମକ ପ୍ରଭାବ ବିଷୟରେ ବୈଜ୍ଞାନିକ କାରଣ ଦର୍ଶାଇବାକୁ କୋର୍ଟ ନିର୍ଦ୍ଦେଶ ଦେଲେ।

ନଭେମ୍ବର: ଏ ବିଷୟ ଉପରେ ନ୍ୟାୟପାଳିକାର ହସ୍ତକ୍ଷେପ ଲୋଡ଼ା ନାହିଁ। ଏନେଇ ନିଷ୍ପତ୍ତି ଗ୍ରହଣ ଲାଗି ପାର୍ଲାମେଣ୍ଟ ଉପରେ ଛାଡ଼ିଦିଆଯାଉ ବୋଲି ବୋଲି ଉଚ୍ଚ ନ୍ୟାୟାଳୟଙ୍କୁ ଲିଖିତ ଆକାରରେ କହିଲା କେନ୍ଦ୍ର।

୨୦୦୯ ଜୁଲାଇ ୨: ସହମତି ଭିତ୍ତିରେ ସମଲିଙ୍ଗୀଙ୍କ ଯୌନ ସମ୍ପର୍କ ଅପରାଧ ନୁହେଁ ବୋଲି ହାଇକୋର୍ଟ ରାୟ ଦେଲେ।

୨୦୦୯ ଜୁଲାଇ ୯: ଦିଲ୍ଲୀର ଜ୍ୟୋତିର୍ବିଜ୍ଞାନୀ ଏହି ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ। ସମାନ ଧରଣର ଅନେକ ଆବେଦନ ହେଲା।

୨୦୧୨ ଫେବ୍ରୁୟାରୀ ୧୫: ସୁପ୍ରିମକୋର୍ଟରେ ବୃତ୍ତାନ୍ତ ପର୍ଯ୍ୟାୟରେ ନିତିଦିନିଆ ଶୁଣାଣି ଆରମ୍ଭ।

୨୦୧୩ ଡିସେମ୍ବର ୧୧: ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରି ହାଇକୋର୍ଟ ୨୦୦୯ରେ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଲେ।

୨୦୧୩ ଡିସେମ୍ବର ୨୦: ରାୟ ସମୀକ୍ଷା ଲାଗି କେନ୍ଦ୍ରର ଆବେଦନ।

୨୦୧୪ ଜାନୁୟାରୀ ୨୮: ରାୟ ସମୀକ୍ଷା ହେବ ନାହିଁ ବୋଲି ସ୍ପଷ୍ଟ କରିବା ସହ କେନ୍ଦ୍ର ଓ ସମଲିଙ୍ଗୀ ଅଧିକାର କର୍ମୀଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ।

୨୦୧୪ ଏପ୍ରିଲ ୩: ସମଲିଙ୍ଗୀ ଅଧିକାର କର୍ମୀଙ୍କ କ୍ୟୁରେଟିଭ ପିଟିଶନର ଶୁଣାଣି ଖୋଲା କୋର୍ଟରେ ହେବା ସପକ୍ଷରେ ମତ ଦେଲେ ସର୍ବୋଚ୍ଚ ଅଦାଲତ।

୨୦୧୬ ଫେବ୍ରୁୟାରୀ ୨: କ୍ୟୁରେଟିଭ ପିଟିଶନଗୁଡ଼ିକର ବିଚାର ଲାଗି ପାଞ୍ଚ ବିଚାରପତି ବିଶିଷ୍ଟ ଖଣ୍ଡପୀଠକୁ ହସ୍ତାନ୍ତର କଲେ ସୁପ୍ରିମକୋର୍ଟ।

୨୦୧୬ ଜୁନ୍ ୨୯: ଆଇପିସିର ଦଫା ୩୭୭ ଉଚ୍ଛେଦ ଲାଗି ସେଲିବ୍ରିଟି ଏନ୍.ଏସ୍. ଜୁହାର, ଶେଫ୍ ରିତୁ ଡାଲ୍‌ମିଆ ଏବଂ ହୋଟେଲ ମାଲିକ ଅମନ ନାଥଙ୍କ ଆବେଦନକୁ ଖଣ୍ଡପୀଠଙ୍କ ନିକଟକୁ ପଠାଇଦେଲେ କୋର୍ଟ।

୨୦୧୭ ଅଗଷ୍ଟ ୨୪: ଗୋପନୀୟତା ସମ୍ବିଧାନର ଏକ ମୌଳିକ ଅଧିକାର। ତେଣୁ ଜଣେ ବ୍ୟକ୍ତିଙ୍କ ଲିଙ୍ଗଗତ ପରିଚୟ ମଧ୍ୟ ଏହା ଅନ୍ତର୍ଗତ ହେବ ବୋଲି ସୁପ୍ରିମକୋର୍ଟ ରାୟ ଦେଲେ।

୨୦୧୮ ଜାନୁୟାରୀ ୮: ୨୦୧୩ ରାୟର ସମୀକ୍ଷା ଲାଗି ରାଜି ହେଲେ ସୁପ୍ରିମକୋର୍ଟ। ଦଫା ୩୭୭ ଉପରେ ବିଚାର ଲାଗି ବୃହତ୍ତର ଖଣ୍ଡପୀଠକୁ ମାମଲା ହସ୍ତାନ୍ତର।

ଜୁଲାଇ ୧୦: ପାଞ୍ଚ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଆରମ୍ଭ କଲେ ଶୁଣାଣି।

ଜୁଲାଇ ୧୧: ଦଫା ୩୭୭ର ବୈଧତା ଉପରେ ନିଷ୍ପତ୍ତି ନେବା ଲାଗି ସୁପ୍ରିମକୋର୍ଟଙ୍କୁ ଛାଡ଼ିଦେଲେ କେନ୍ଦ୍ର ସରକାର।

ଜୁଲାଇ ୧୨: ଗଣଭୋଟ ଦାବି ପ୍ରତ୍ୟାଖ୍ୟାନ କଲେ କୋର୍ଟ।

ଜୁଲାଇ ୧୭: ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ।

ସେପ୍ଟେମ୍ବର ୬: ଅପ୍ରାକୃତିକ ଯୌନ ସମ୍ପର୍କକୁ ଅପରାଧ ଦର୍ଶାଯାଇଥିବା ଦଫା ୩୭୭ର ଅଂଶକୁ ଉଚ୍ଛେଦ କରାଗଲା। ସମଲିଙ୍ଗୀ ଯୌନ ସମ୍ପର୍କ ଅପରାଧ ନୁହେଁ ବୋଲି ସାମ୍ବିଧାନିକ ଖଣ୍ଡପୀଠ ରାୟ ଦେଇଛନ୍ତି।

ଦଫା ୩୭୭

୧୮୬୦ ମସିହାରେ ପ୍ରଣୀତ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି)ର ଦଫା ୩୭୭ ଅନୁସାରେ ପ୍ରକୃତିର ବିରୁଦ୍ଧାଚରଣ କରୁଥିବା କୌଣସି ପ୍ରକାର ଯୌନ ସମ୍ପର୍କ ଏକ ଅପରାଧ। ଏଭଳି ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କୁ ୧୦ ବର୍ଷ (ସ୍ଥଳ ବିଶେଷରେ ଆଜୀବନ) କାରାଦଣ୍ଡା ଦେଶ ଓ ଜରିମାନାର ବିଧାନ କରାଯାଇଥିଲା।

୨୫ ରାଷ୍ଟ୍ର ପରେ ଭାରତ

ନୂଆଦିଲ୍ଲୀ, ୬।୯ (ପି.ଟି.): ଦଫା ୩୭୭ ପରେ ଗୁରୁବାର ଇତିହାସ ରଚିଛି ଭାରତ। ଅନୁମତି ପ୍ରଦାନ କରିସାରିଛନ୍ତି ୨୫ ରାଷ୍ଟ୍ର। ହୋଇଯାଇଛି। ତେବେ ବିଶ୍ୱର ୭୨ ଦେଶ ଓ ଯୌନ ସମ୍ପର୍କ ସ୍ଥାପନକୁ ଅପରାଧ ଭାବେ ୪୫ ଦେଶ ଓ ଭୂଖଣ୍ଡରେ ମହିଳା ସମଲିଙ୍ଗୀଙ୍କ ହୋଇଛି। ଇଣ୍ଟରନ୍ୟାଶନାଲ ଲେସ୍‌ବିଆନ, ଆଣ୍ଡ ଇଣ୍ଟରସେକ୍ସ ଆସୋସିଏଶନ ନିକଟରେ ଏକ ରିପୋର୍ଟ ପ୍ରକାଶ ରାଷ୍ଟ୍ରରେ ସମଲିଙ୍ଗୀ ଯୌନ ସମ୍ପର୍କ ରଖିଲେ ଆହୁରି ୧୨ରୁ ଅଧିକ ଦେଶରେ ଏମାନଙ୍କୁ ଅପରାଧୀ ଦର୍ଶାଯାଇ ଜେଲ୍ ପଠାଇଦିଆଯାଉଛି। ତେବେ ଭାରତରେ ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରାଯାଉ ନ ଥିବାରୁ ଅନେକେ ଦୁର୍ବିଷହ ଜୀବନ ବିତାଉଛନ୍ତି। ସେମାନଙ୍କୁ ଏଥିରୁ ମୁକ୍ତି ଦେବା ଲାଗି ଭାରତୀୟ ସମାନତା ଅଧିକାର କର୍ମୀମାନେ ଦଶନ୍ଧି ଦଶନ୍ଧି ହେଲା ସ୍ୱର ଉତ୍ତୋଳନ କରିଆସୁଛନ୍ତି। ଶେଷରେ ସେମାନଙ୍କର ବିଜୟ ହୋଇଛି। ଭାରତ ପୂର୍ବରୁ ସମଲିଙ୍ଗୀ ଯୌନ ସମ୍ପର୍କକୁ ସ୍ୱୀକୃତି ପ୍ରଦାନ କରିଥିବା ଦେଶଗୁଡ଼ିକ ହେଲେ ଅଷ୍ଟ୍ରେଲିଆ (୨୦୧୭), ୟୁନାଇଟେଡ ଷ୍ଟେଟ୍ସ (୨୦୧୫), ଆୟର୍ଲାଣ୍ଡ (୨୦୧୫), ଗ୍ରୀନ୍‌ଲାଣ୍ଡ (୨୦୧୫), ଲକ୍ସେମ୍‌ବର୍ଗ (୨୦୧୪), ବ୍ରାଜିଲ୍ (୨୦୧୩), ଆର୍ଜେଣ୍ଟିନା (୨୦୧୦), ଆଇସ୍‌ଲାଣ୍ଡ (୨୦୧୦), ସ୍ୱିଡେନ୍ (୨୦୦୯), ଦକ୍ଷିଣ ଆଫ୍ରିକା (୨୦୦୬), ସ୍ପେନ୍ (୨୦୦୫), କାନାଡା (୨୦୦୫), ବେଲ୍‌ଜିୟମ୍ (୨୦୦୩)।

ଆବେଦନକାରୀ

ଆଇପିସି ଦଫା ୩୭୭ ବିରୋଧରେ ମୋଟ ୩୨ ଜଣ ବ୍ୟକ୍ତି ଓ ସେଲିବ୍ରିଟି ରିଟ୍ ପିଟିଶନ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରେ ଅଛନ୍ତି ଆଇଆଇଟି ଛାତ୍ରୀଛାତ୍ର, ଏଲ୍‌ଜିବିଟି କର୍ମୀ, ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ନଭତେଜ୍ ଜୋହର, ସଂସ୍କୃତି ବିଶେଷଜ୍ଞ ଅମନ୍‌ନାଥ, ରେଷ୍ଟୁରାଣ୍ଟ ମାଲିକ ରିତୁ ଡାଲମିଆ ଓ ଆୟେଶା କପୁର। ସେହିପରି ଗଣମାଧ୍ୟମ କର୍ମୀ ସୁନୀଲ ମେହରା, ବ୍ୟବସାୟୀ କେଶବ ସୁରି ଓ ନାଜ୍ ଫାଉଣ୍ଡେଶନ ଭଳି ସଙ୍ଗଠନ ମଧ୍ୟ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସଦ୍ୟ ରାୟକୁ ଏମାନେ ସ୍ୱାଗତ କରିଛନ୍ତି।

ପ୍ରଗତିଶୀଳ ଚିନ୍ତାଧାରାକୁ ସ୍ୱାଗତ

ନୂଆଦିଲ୍ଲୀ/ୱାଶିଂଟନ୍/ଲଣ୍ଡନ,୬।୯(ପି.ଟି.)

ଉପନିବେଶୀୟ ଆଇନ ବିରୋଧରେ ଯାଇ ଏଲ୍‌ଜିବିଟିଙ୍କ ଅଧିକାର ସମର୍ଥରେ ଭାରତୀୟ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟକୁ ବିଶ୍ୱବ୍ୟାପୀ ସ୍ୱାଗତ କରାଯାଇଛି। ଦେଶର ରାଜନୈତିକ ଦଳଠୁ ଆରମ୍ଭ କରି ଅନ୍ତର୍ଜାତୀୟ ଗଣମାଧ୍ୟମ, ମିଳିତ ଜାତିସଂଘ, ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ପର୍ଯ୍ୟନ୍ତ ଭାରତର ପ୍ରଗତିଶୀଳ ପଦକ୍ଷେପକୁ ଅଭିନନ୍ଦନ ଜଣାଇଛନ୍ତି। ସହମତି ଭିତ୍ତିରେ ଦୁଇଜଣ ପ୍ରାପ୍ତ ବୟସ୍କ ସମଲିଙ୍ଗୀଙ୍କ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରାଯିବା ଉପରେ ବିଶେଷଜ୍ଞମାନେ ମଧ୍ୟ ସନ୍ତୋଷବ୍ୟକ୍ତ କରିଛନ୍ତି।

ଜାତିସଂଘରୁ ଅଭିନନ୍ଦନ

ସୁପ୍ରିମକୋର୍ଟଙ୍କ ରାୟକୁ ଜାତିସଂଘର ନୂଆଦିଲ୍ଲୀ ଶାଖା ଏବଂ ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ପକ୍ଷରୁ ସ୍ୱାଗତ କରାଯାଇଛି। ବର୍ତ୍ତମାନ ଏହାର ପ୍ରତିକାର ସମେତ ନ୍ୟାୟ ପ୍ରଦାନ, ଭେଦଭାବ ହିଂସା ଘଟଣାର ଉଚିତ ତଦନ୍ତ, ସମଲିଙ୍ଗୀଙ୍କୁ ଯଥାର୍ଥ ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ପ୍ରଦାନ ଉପରେ ଧ୍ୟାନ ଦେବାକୁ ହେବ ବୋଲି ଜାତିସଂଘ ଶାଖା ପ୍ରକାଶ କରିଛି। ଏହି ରାୟ ସମାନତା ଏବଂ ନ୍ୟାୟର ଲଢ଼େଇ ଲାଗି ସମସ୍ତଙ୍କ ପାଇଁ ଏକ ଆଶାର ଆଲୋକ ପାଲଟିଛି ବୋଲି ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ କହିଛି। ଏହା ଭାରତୀୟ ଇତିହାସର ଏକ ଅନ୍ଧକାର ପୃଷ୍ଠାକୁ ବନ୍ଦ କରିବା ସହ କୋଟି କୋଟି ଭାରତୀୟଙ୍କ ପାଇ

କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ।
- ପ୍ରଜାପିତା ବ୍ରହ୍ମାକୁମାରୀ



ଚାରା ପରେ ଦାମଙ୍କ ଓମ୍‌ଫେଡ୍ ଉପାଖ୍ୟାନ

ଭୁବନେଶ୍ୱର,୬।୯(ବ୍ୟୁରୋ)

ବରିଷ୍ଠ ବିଜେଡି ନେତା ଡା. ଦାମୋଦର ରାଉତଙ୍କ ଚାରା ଦୁର୍ନୀତି ଉପାଖ୍ୟାନ ନେଇ ଚର୍ଚ୍ଚା ଥମିନାହିଁ। ତା' ସାଙ୍ଗକୁ ଯୋଡି ହୋଇଯାଇଛି ଓମ୍‌ଫେଡ୍ ସମ୍ପର୍କିତ ଏକ ଦୁର୍ନୀତି। ବିଧାନସଭା ବାହାରେ ଗୁରୁବାର ଦାମ ଏନେଇ ବକ୍ତବ୍ୟ ରଖିଛନ୍ତି। ସେ କହିଛନ୍ତି ଯେ, ଓମ୍‌ଫେଡ୍ ମିଳ୍କ ପାଉଚ ପଲିଥିନ୍ କିଣାରେ ୩୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ତତ୍କାଳୀନ ଓମ୍‌ପେଡ୍ ଏମ୍‌ଡି ଉକ୍ତ ଘଟଣାର ତଦନ୍ତ ପାଇଁ ଭିଜିଲାନ୍ସକୁ ଚିଠି ଲେଖିଥିଲେ। ପରବର୍ତ୍ତୀ ସମୟରେ ଭିଜିଲାନ୍ସ ତଦନ୍ତ ହେବା ଦ୍ୱାରା ସରକାର ବଦ୍‌ନାମ ହୋଇପାରନ୍ତି ବୋଲି ଅନୁଭବ କରି ବିଭାଗୀୟ ତଦନ୍ତ କରାଯାଇଥିବା ଦାମ କହିଛନ୍ତି। କେବଳ ସେତିକି ନୁହେଁ, ତାଙ୍କ ମନ୍ତ୍ରୀପଦ ଯିବାରେ ବର୍ତ୍ତମାନର କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଭାଗୀଦାରି ଥାଇପାରେ ବୋଲି ସେ ଇଙ୍ଗିତ କରିଛନ୍ତି। ଦାମଙ୍କ ଇଙ୍ଗିତକୁ ନେଇ ମନ୍ତ୍ରୀ ମହାରଥୀ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଦାମବାବୁ ଏପରି କହିଥିବେ, ମୋର ମନେ ହେଉନାହିଁ। ମୁଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦାୟିତ୍ୱରେ ଥିଲି। ମୋ କାର୍ଯ୍ୟକାଳ ସମୟରେ ଦୁର୍ନୀତି ହୋଇନାହିଁ। କ'ଣ ପାଇଁ ଦାମବାବୁ ଏପରି ଇଙ୍ଗିତ କରୁଛନ୍ତି, ତାହା ତାଙ୍କୁ ଜଣା ନ ଥିବା ମହାରଥୀ କହିଛନ୍ତି।

ବିଧାନ ପରିଷଦ ଗଠନ ନେଇ ସଂକଳ୍ପ ଗୃହୀତ

ଭୁବନେଶ୍ୱର,୬।୯(ବ୍ୟୁରୋ)

ରାଜ୍ୟରେ ବିଧାନ ପରିଷଦ ଗଠନ ସମ୍ପର୍କିତ ସଂକଳ୍ପ ଓଡ଼ିଶା ବିଧାନସଭାରେ ଗୁରୁବାର ଗୃହୀତ ହୋଇଛି। ଗୃହର ୧୦୪ ଜଣ ସଦସ୍ୟଙ୍କ ସମର୍ଥନରେ ଏହି ସଂକଳ୍ପ ଗୃହୀତ ହୋଇଥିବା ବାଚସ୍ପତି ପ୍ରଦୀପ ଅମାତ ସୂଚନା ଦେଇଛି। ହେଲେ ଉକ୍ତ ସଂକଳ୍ପ ଗୃହୀତ ହେବା ପୂର୍ବରୁ ବିରୋଧୀ କଂଗ୍ରେସ ଏବଂ ଭାଜପାର ସଦସ୍ୟମାନେ କକ୍ଷ ତ୍ୟାଗ କରିଥିଲେ। ତେଣୁ ଆଗତ ହୋଇଥିବା ସଂକଳ୍ପ ବିରୋଧରେ ଖଣ୍ଡିଏ ବି ଭୋଟ ପଡି ନ ଥିଲା। ପ୍ରାୟ ଅଢେଇ ଘଣ୍ଟାର ଆଲୋଚନା ପରେ ଭୋଟ ଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗୃହରେ ଉପସ୍ଥିତ ଥିବା ଶାସକ ଦଳର ସମସ୍ତ ଓ ଜଣେ ସ୍ୱାଧୀନ ସଦସ୍ୟ ବିଧାନ ପରିଷଦ ସଂକଳ୍ପ ଗୃହୀତ ହେବା ସପକ୍ଷରେ ମତଦାନ କରିଥିଲେ। ଶାସକ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ନବୀନ ପଟ୍ଟନାୟକ ପ୍ରଥମେ ମତଦାନ କରିଥିଲେ।

ବିଧାନ ପରିଷଦ ସଂକଳ୍ପ ଗୃହୀତ ହେବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଓଡ଼ିଶା ଉନ୍ନତି ଦିଗରେ ଅଗ୍ରସର ହେଉଛି। ଏହି ଉନ୍ନତିର ହାରକୁ ବୃଦ୍ଧି କରିବା ପାଇଁ ବ୍ୟାପକ ପରାମର୍ଶର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ବିଧାନ ପରିଷଦ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଧାନ ପରିଷଦ ସଂକଳ୍ପ ଗୃହୀତ ହେବା ପୂର୍ବରୁ ହୋଇଥିବା ଭୋଟଦାନରେ ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ଶାସକ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ସଂକଳ୍ପ ପ୍ରସ୍ତାବ ବିପକ୍ଷ ମତଦାନ କକ୍ଷ ଦାୟିତ୍ୱରେ ରହିଥିଲେ। ସେହିପରି ଚଞ୍ଚୁଆ ସଦସ୍ୟ ସନାତନ ମହାକୁଡ ସଂକଳ୍ପ ପ୍ରସ୍ତାବ ବିପକ୍ଷ ମତଦାନ କକ୍ଷ ଦାୟିତ୍ୱରେ ରହିଥିଲେ। ଅପରାହ୍ନରେ ପ୍ରାୟ ୪ଟା ୪୮ରୁ ଆରମ୍ଭ ହୋଇଥିବା ବିଧାନ ପରିଷଦ ଗଠନ ସମ୍ପର୍କିତ ଆଲୋଚନାରେ ସମସ୍ତ ଦଳର ଏକାଧିକ ସଦସ୍ୟମାନେ ଭାଗ ନେଇ ଥିଲେ। ଶାସକ ଦଳର ସମସ୍ତ ସଭ୍ୟ ସଂକଳ୍ପ ପ୍ରସ୍ତାବକୁ ସମର୍ଥନ କରିଥିବା ବେଳେ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିରୋଧ କରିଥିଲେ।

- ସଂକଳ୍ପ ସପକ୍ଷରେ ୧୦୪ ଭୋଟ
- ବିପକ୍ଷରେ ଶୂନ୍, ବିରୋଧୀଙ୍କ କକ୍ଷତ୍ୟାଗ
- ବ୍ୟାପକ ପରାମର୍ଶ ଦିଗରେ ସହାୟକ ହେବ: ମୁଖ୍ୟମନ୍ତ୍ରୀ

ଆଲୋଚନାରେ ଭାଗ ନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଥିଲେ ଯେ, ରାଜରାସ୍ତାରେ ଶିକ୍ଷକ ଆନ୍ଦୋଳନ କରୁଛନ୍ତି। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ସେସବୁର ସମାଧାନ ଦିଗରେ ଦୃଷ୍ଟି ନ ଦେଇ ବିଧାନ ପରିଷଦ ଗଠନ କରି ଅସନ୍ତୁଷ୍ଟ ନେତାଙ୍କୁ ଥଇଥାନ କରାଯିବାକୁ ଚେଷ୍ଟା କରାଯାଉଛି। ଯୁବକଙ୍କୁ ନିଯୁକ୍ତି ନ ଦେଇ ବିଜୁ ଯୁବ ବାହିନୀ ପ୍ରତିଷ୍ଠା କରାଯାଇଛି। ରାଜ୍ୟର ଋଣଭାର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ସବୁ ବିଭାଗରେ ପଦବୀ ଖାଲି, ନିଯୁକ୍ତି ନ ଥିବା ବେଳେ ବିଧାନ ପରିଷଦ ଗଠନ ହେବାର ଆବଶ୍ୟକତା ନ ଥିବା ବୋଲି ତାରାପ୍ରସାଦ କହିଛନ୍ତି। ସେହିପରି ଭାଜପା ବିଧାୟକ ଦଳ ନେତା କେ.ଭି ସିଂ ଦେଓ କହିଛନ୍ତି ଯେ, ଅନେକ ବୃହତ ରାଜ୍ୟରେ ଏହା ହୋଇନାହିଁ। ବିଧାନସଭାରେ ଆବଶ୍ୟକ ସଂଖ୍ୟାରେ କର୍ମଚାରୀ ନାହାନ୍ତି। ରାଜ୍ୟର ଋଣଭାର ପ୍ରାୟ ୯୧,୫୦୦ କୋଟି ଟଙ୍କାରେ ପହଞ୍ଚିଛି। ଏଣୁ ବିଧାନ ପରିଷଦ ନିଷ୍ପତ୍ତିର ପୁନଃବିଚାର ଆବଶ୍ୟକ ଥିବା କେ.ଭି କହିଛନ୍ତି। ଶାସକ ଦଳ ପକ୍ଷରୁ ଅରୁଣ ସାହୁ ବକ୍ତବ୍ୟରେ ଭାଗ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ସମସ୍ତେ ଭୋଟ ରାଜନୀତିରେ ନିର୍ବାଚିତ ହୋଇ ପାରିବେ ନାହିଁ। ବିଭିନ୍ନ କ୍ଷେତ୍ରରୁ ଦକ୍ଷ ଲୋକ ବିଧାନ ପରିଷଦକୁ ଆସି ପାରିବେ। ଗଣତନ୍ତ୍ରରେ ଥିବା ବିତର୍କ ସ୍ତର ଉନ୍ନତ ହେବ। ବିଧାନ ପରିଷଦ ଗଠନ ପରେ ବିରୋଧ କରୁଥିବା ଦଳଗୁଡିକ ନିଜ ସଭ୍ୟ ପଠେଇ ନା ନାହିଁ ବୋଲି ଅରୁଣ ପ୍ରଶ୍ନ କରିଥିଲେ। ଆଲୋଚନାରେ ମନ୍ତ୍ରୀ ଶଶିଭୂଷଣ ବେହେରା, କଂଗ୍ରେସ ସଦସ୍ୟ ପ୍ରଫୁଲ ମାଝୀ, ଜାକବ ପ୍ରଧାନ , ଭାଜପା ସଦସ୍ୟ ରବି ନାଏକ , ପ୍ରଦୀପ ପୁରୋହିତ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାସକ ସଭ୍ୟ ରାସେଶ୍ୱରୀ ପାଣିଗ୍ରାହୀ, ସମୀର ରଞ୍ଜନ ଦାସ, ସୁଦାମ ମାର୍ଣ୍ଡି, ରାସେଶ୍ୱରୀ ପାଣିଗ୍ରାହୀ ଏବଂ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଆଲୋଚନାରେ ଭାଗ ନେଇଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରସ୍ତାବ ଆଲୋଚନା ପୂର୍ବରୁ ଗୃହରେ ଆଗତ କରିଥିଲେ।

ପ୍ରକାଶ ଯେ, ସମ୍ବିଧାନର ଅନୁଚ୍ଛେଦ ୧୬୯ (୧)ର ବ୍ୟବସ୍ଥା ଅନୁଯାୟୀ ବିଧାନସଭାରେ ସଂକଳ୍ପ ଗୃହୀତ ହେବାର ନିୟମ ରହିଛି। ସେହିପରି ଓଡ଼ିଶାରେ ପ୍ରସ୍ତାବିତ ବିଧାନ ପରିଷଦ କାର୍ଯ୍ୟକାରୀ ହେଲେ ସେଥିରେ ୪୯ ସଦସ୍ୟ ରହିବେ। ବିଧାନସଭାରେ ସଂକଳ୍ପ ଗୃହୀତ ହେବା ପରେ ଏହା କେନ୍ଦ୍ର ସରକାର ଏବଂ ରାଷ୍ଟ୍ରପତିଙ୍କୁ ଅନୁମୋଦନ ପାଇଁ ପଠାଯିବ ବୋଲି ଜଣାପଡିଛି।

ବିମାନ ଉଡ଼ାଣ ପାଇଁ ପ୍ରସ୍ତୁତ ଝାରସୁଗୁଡ଼ା ବିମାନବନ୍ଦର

- ସମସ୍ତ ପ୍ରକାର ଭିତ୍ତିଭୂମି ଓ ସେବା ସହାୟତା ନିଶ୍ଚିତ କର: ପାଢ଼ୀ

ଭୁବନେଶ୍ୱର, ୬।୯(ବ୍ୟୁରୋ)

ଝାରସୁଗୁଡା ବିମାନବନ୍ଦର ଉଦ୍‌ଘାଟନ ଲାଗି ଆସନ୍ତା ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ଆସିବେ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପ୍ରତିନିଧିମଣ୍ଡଳୀ ଝାରସୁଗୁଡା ଗସ୍ତରେ ଆସି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ବିମାନବନ୍ଦର କାର୍ଯ୍ୟର ସମୀକ୍ଷା ଜୋର୍‌ଦାର କରାଯାଇଛି। ରାଜ୍ୟ ସରକାର ଏବଂ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ୨୦୧୪ରେ ଝାରସୁଗୁଡା ବିମାନବନ୍ଦର କାର୍ଯ୍ୟ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ବର୍ତ୍ତମାନ ବିମାନବନ୍ଦରକୁ କାର୍ଯ୍ୟକ୍ଷମ କରିବା ଲାଗି ଭିତ୍ତିଭୂମି ମୂଳକ ବ୍ୟବସ୍ଥାକୁ ତ୍ୱରାନ୍ୱିତ ରୂପ ଦିଆଯାଇଛି। ଏବେ ଝାରସୁଗୁଡା ବିମାନବନ୍ଦରରୁ ବିମାନ ଉଡାଣ ହୋଇପାରିବ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ବସିଥିବା ସମୀକ୍ଷା ବୈଠକରୁ ଏହା ସ୍ପଷ୍ଟ ହୋଇଛି।

ବନ୍ଦର ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ସମସ୍ତ ସୁବିଧା ସୁଯୋଗ ନିର୍ଦ୍ଧାରିତ ସମୟ ପୂର୍ବରୁ ନିଶ୍ଚିତ କରାଇବା ଲାଗି ପାଢୀ ଝାରସୁଗୁଡା ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିମାନ ଯୋଗାଯୋଗକୁ ସୁଗମ ଓ ସୁବିଧାଜନକ କରିବା ପାଇଁ ଆବଶ୍ୟକୀୟ ଆନୁଷଙ୍ଗିକ ସହାୟତା ଓ ସହଯୋଗ ତ୍ୱରନ୍ତ ଯୋଗାଇବା ପାଇଁ ମଧ୍ୟ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଝାରସୁଗୁଡା ବିମାନବନ୍ଦରରୁ ପ୍ରଥମ ପର୍ଯ୍ୟାୟ ଉଡାଣ ଆରମ୍ଭ ଲାଗି ଝାରସୁଗୁଡା ବିମାନବନ୍ଦରର ଭିତ୍ତିଭୂମି କାର୍ଯ୍ୟ ତ୍ୱରାନ୍ତ ହୋଇଛି। ଏହି ବିମାନବନ୍ଦର ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ୧୧୮.୭୫ଏକର ଜମି ଯୋଗାଇ ଦିଆଯାଇଛି। ଏହାର ଭିତ୍ତିଭୂମି ନିର୍ମାଣ ପାଇଁ ୨୧୦କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରୁ ରାଜ୍ୟ ସରକାରଙ୍କ ପକ୍ଷରୁ ୭୫କୋଟି ଟଙ୍କା ଦିଆଯାଇଛି। ବିମାନବନ୍ଦରର ସୁରକ୍ଷା ଓ ଉଡାଣ ସହାୟତା ପାଇଁ ୫୨ଜଣ ପୋଲିସ୍ ଓ ଅଗ୍ନିଶମ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ବିମାନବନ୍ଦରରେ ବିଦ୍ୟୁତ ଓ ଜଳଯୋଗାଣ ରାଜ୍ୟ ସରକାରଙ୍କ ତରଫରୁ ମାଗଣାରେ ଯୋଗାଯାଇଛି। ଏହି ବିମାନବନ୍ଦରରୁ ଭୁବନେଶ୍ୱର ଓ ରାଞ୍ଚିକୁ ବିମାନ ଯୋଗାଯୋଗ ହେବ। ସପ୍ତାହକ ମଧ୍ୟରେ ଏକ ପରୀକ୍ଷାମୂଳକ ଭାବେ ଉଡାଣ ହେବ। ଖୁବ୍‌ଶୀଘ୍ର ଆର୍.ସି.ଏସ୍. ଉଡାଣ ଯୋଜନାର ବିମାନ ସେବା ଆରମ୍ଭ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ବିଧାୟକଙ୍କ ବାସଗୃହ ଭତ୍ତା ଦିନକୁ ହଜାରେ

ଭୁବନେଶ୍ୱର, ୬।୯(ବ୍ୟୁରୋ)– ଓଡ଼ିଶା ସରକାରଙ୍କ ମନ୍ତ୍ରୀମାନଙ୍କ ଦରମା ଓ ଭତ୍ତା ଅଧିନିୟମ-୧୯୫୨ରେ ସଂଶୋଧନ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଛି। ଧାରା ୫ରେ ଥିବା ମାସିକ ୧୦୦ ଟଙ୍କା ବଦଳରେ ଏବେ ଦୈନିକ ୧୦୦୦ ଟଙ୍କା ବାସଗୃହ ଭତ୍ତା ମନ୍ତ୍ରୀମାନେ ପାଇବେ। ସେହିପରି ବାସଗୃହ ଆବଣ୍ଟିତ ହେବା ପର୍ଯ୍ୟନ୍ତ ବିଧାୟକମାନେ ଦୈନିକ ୧୦୦୦ ଟଙ୍କା ପାଇବେ। ପୂର୍ବରୁ ମନ୍ତ୍ରୀମାନେ ମାସକୁ ୧୦୦ ଟଙ୍କା ପାଉଥିଲେ, ଉକ୍ତ ଅସଙ୍ଗତିକୁ ଦୂର କରାଯାଇଛି। ସେହିପରି ବିଧାନସଭାର ପ୍ରତ୍ୟେକ ପୂର୍ବତନ ସଦସ୍ୟଙ୍କୁ ମାସିକ ୨୦୦୦ ଟଙ୍କାର ଚିକିତ୍ସା ଭତ୍ତା ପ୍ରଦାନ କରାଯିବ।

ଜଟଣୀ ଥାନା ଅଧିକାରୀ ନିଲମ୍ବିତ

କଟକ ଅଫିସ, ୬।୯: ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଜଟଣୀ ଥାନା ଅଧିକାରୀ ସଞ୍ଜୀବ ମହାନ୍ତିଙ୍କୁ ଗୁରୁବାର ନିଲମ୍ବନ କରିଛନ୍ତି ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା। ନିଲମ୍ବନ ଅବଧି ମଧ୍ୟରେ ସେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ରହିବେ। ଏଥିସହିତ ଏହି ଘଟଣାର ତଦନ୍ତ ଦାୟିତ୍ୱ କମିଶନର ମହାନ୍ତିଙ୍କୁ ଦିଆଯାଇଛି। ଯଦି ଏହି ଘଟଣାରେ ଥାନାର ଅନ୍ୟ କୌଣସି କର୍ମଚାରୀଙ୍କ ସଂପୃକ୍ତି ରହିଛି ତେବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ସୂଚନା ଦିଆଯାଇଛି। କମିଶନରେଟ ପୋଲିସ ଅଧୀନ ଜଟଣୀ ଥାନାରେ କୁଡିଆରି ଅଞ୍ଚଳର ସୁମିତ୍ କୁମାର ମଙ୍ଗରାଜଙ୍କ ନାମରେ ଏକ ମାମଲା ରହିଥିଲା। ଏଥିରେ ସୁମିତଙ୍କ ବିରୋଧରେ ଲାଗିଥିବା ଆଇପିସି ଦଫା ୧୧୦ ଉଠାଇ ଦେବାକୁ ଥାନାଧିକାରୀ ମହାନ୍ତି ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା।

ସାରା ଭାରତରେ
ମହିଳା ଉଦ୍ୟୋଗୀଙ୍କ **ସଶକ୍ତିକରଣ**

ଏଲ୍ ଏଣ୍ଡ ଟି ମାଇକ୍ରୋ ଲୋନ୍ ଆପଣଙ୍କ ବ୍ୟବସାୟରେ ସମୃଦ୍ଧି ଆଣିଥାଏ

ଆମର ମାଇକ୍ରୋ ଲୋନ୍ ପ୍ରଣାଳୀ ସରଳ ଓ ସହଜିଆ ଋଣ ମାଧ୍ୟମରେ ଆପଣଙ୍କ ବ୍ୟବସାୟର ବୃଦ୍ଧି ପାଇଁ ସୁଯୋଗ ପ୍ରଦାନ କରିଥାଏ। ଆମର ସର୍ବଭାରତୀୟ ସ୍ତରୀୟ ନେଟ୍‌ୱର୍କ ଆପଣଙ୍କ ପାଇଁ ନିଜର ସ୍ଥାନୀୟ ଅଞ୍ଚଳ ସହିତ ସଂପୃକ୍ତ କରାଏ ଏବଂ ନୂତନ ସମ୍ଭାବନା ଦିଗ ଖୁଡ଼ିକ ସହିତ ଆପଣଙ୍କୁ ଘନିଷ୍ଠ କରାଇଥାଏ। ଆପଣଙ୍କୁ ଗୌରବର ସହିତ ଆଗେଇବା ଓ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ସହାୟତା ପ୍ରଦାନ କରିଥାଏ।

ଓଡ଼ିଶାରେ **7 ଲକ୍ଷ** ଗ୍ରାହକ | **13 ଟି ରାଜ୍ୟ** ମଧ୍ୟରେ | **1,100** ରୁ ଊର୍ଦ୍ଧ୍ୱ ବୈଠକ କେନ୍ଦ୍ର |
ସାରା ଭାରତରେ **47 ଲକ୍ଷ** ଗ୍ରାହକ | **2008** ଠାରୁ ଉପସ୍ଥିତି

ଋଣ ଏବଂ କିସ୍ତି ପ୍ରଦାନ ସମ୍ପର୍କରେ ଯଦି ଆପଣଙ୍କର କିଛି ଅନୁସନ୍ଧାନ ଥାଏ ତେବେ ଦୟାକରି 7894176023 ରେ କଲ୍ କରନ୍ତୁ

L&T Financial Services
Micro Loans

Our Offices in Sonepur District: ଏଲ୍‌ଆଇସି ଅଫିସ୍ ନିକଟ, ପୋଷ୍ଟ : କଣ୍ଟାମାଳ, ଜିଲ୍ଲା - ବୌଦ୍ଧ 762017 | ଏଲ୍ ଏଣ୍ଡ ଟି ଫାଇନାନ୍‌ସିଆଲ୍ ସର୍ଭିସେସ୍, ବିବେକାନନ୍ଦ ନଗର, ଷ୍ଟ୍ରିଡ୍‌କୋ ଷ୍ଟୋୟାର, ସୋନପୁର - 767017 | ଏଲ୍ ଏଣ୍ଡ ଟି ଫାଇନାନ୍‌ସିଆଲ୍ ସର୍ଭିସେସ୍, ମାର୍ଫତ୍ ଚନ୍ଦ୍ରଶେଖର ମହାରଣା, ବୌଦ୍ଧ, ଖଲିଆ ବଗିଚା, ପୋଷ୍ଟ - ବୌଦ୍ଧ ଏନ୍‌ଏସି, ବୌଦ୍ଧ ଜିଲ୍ଲା - 762014 | ଏଲ୍ ଏଣ୍ଡ ଟି ଫାଇନାନ୍‌ସିଆଲ୍ ସର୍ଭିସେସ୍, ମାର୍ଫତ୍ ବିରେନ୍ଦ୍ର କୁମାର ମହାକୁଡ଼, ଚମ୍ପାମାଳ, ପୋଷ୍ଟ - ହିଲଂ, ଥାନା - ବି.ଏମ୍.ପୁର, ସୋନପୁର, 767018 | ଏଲ୍ ଏଣ୍ଡ ଟି ଫାଇନାନ୍‌ସିଆଲ୍ ସର୍ଭିସେସ୍, ମାର୍ଫତ୍ ସୁଦାମ ଚନ୍ଦ୍ର ଦିସରି, ଶିବାନନ୍ଦ ପଡ଼ା, ପ୍ଲଟ୍ ନଂ 380, ଏସ୍‌ବିଆଇ ନିକଟ, ଢୁଙ୍କୁରିପାଲି, ସୋନପୁର - 767023

ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା
ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ
ନାଶ କରିଦିଏ। - **ସନ୍ଥ କବୀର ଦାସ**

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଧାନୀ
ପରିବାରବର୍ଗ

ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ସପ୍ତମ ଜନ୍ମଦିନ ଶୁଭେଚ୍ଛା



ଧାନୀ ସାହୁ
ବଲାଙ୍ଗୀର, ସୁଦପଡା

ସପ୍ତମ ଜନ୍ମଦିନ ଅବସରରେ ମା' ସମଲେଶ୍ୱରୀ ତୋର ଚଲାପଥ କୁସୁମିତ ଓ ମଧୁମୟ କରିବା ସହ ଦୀର୍ଘାୟୁ କରନ୍ତୁ। ଏତିକି ଆମ ପ୍ରାର୍ଥନା। ଶୁଭେଚ୍ଛା: ମା- ସଙ୍ଗୀତା, ବାପା- ଜିତୁ, ମାମା- ସୁରେଖା, ଦାଦା- ମେଘନାଦ ସାହୁ, ବରପାଲି।
ଧ-୭୨୪୩୯

ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା

(ପ୍ରିନ୍ସ)
ରୁଦ୍ରନାରାୟଣ
ନରେନ୍ଦ୍ରପୁର, କଟକ

ପିତା- ଶ୍ରୀଯୁକ୍ତ କାଳନ୍ଦୀ ନାୟକ,
ମାତା- ଜ୍ୟୋତିର୍ମୟୀ ନାୟକ
ମାଆ- ଚିତ୍ରୟୀ ନାୟକ
ଶୁଭେଚ୍ଛା ସହ: ବଡ ବାପା, ବଡ ବୋଉ, ପପୁନା, ମିଲି, ଭାଇ, ଭଉଣୀ, ମାମୁଁ, ସାଇ।

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୧୯ତମ ଜନ୍ମଦିନ ଶୁଭେଚ୍ଛା

ବର୍ଷାରାଣୀ ବେହେରା
(ମିକି)
କାକଟପୁର, ପୁରୀ

ଶୁଭ ଜନ୍ମଦିନରେ ମା' ମଙ୍ଗଳାଙ୍କ କୃପାରୁ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ବାପା, ମା, ଲିକୁ, ଜିକୁ, ବାବୁ, ସାଇ, ପରିବାରବର୍ଗ।
ଧ-୮୧୯୦

ଓଡ଼ିଶାରେ ଅଟୋମୋବାଇଲ ଶିଳ୍ପ ପାଇଁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

■ ଅଟୋମୋବାଇଲ ନିର୍ମାତାଙ୍କର ୫୮ତମ ସର୍ବଭାରତୀୟ ସମ୍ମିଳନୀ

ଭୁବନେଶ୍ୱର, ୬।୯(ବ୍ୟୁରୋ)

ଅଟୋମୋବାଇଲ ନିର୍ମାତାଙ୍କ ୫୮ତମ ସର୍ବଭାରତୀୟ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପୂର୍ବଭାରତର ଓଡିଶା ଓ ଝାଡଖଣ୍ଡ ଭଳି ରାଜ୍ୟରେ ବିଶେଷଭାବେ ଅଟୋମୋବାଇଲ ବିନିର୍ମାଣ ଶିଳ୍ପ ତଥା ଏହି କ୍ଷେତ୍ରରେ ଅନୁସନ୍ଧାନ ଓ ବିକାଶ ପାଇଁ ପ୍ରକଳ୍ପ କରିବା ଆବଶ୍ୟକ। ଦେଶରେ ଶିଳ୍ପ ନିଯୁକ୍ତି ଓ ଆର୍ଥିକ ବିକାଶ ପାଇଁ ଅଟୋମୋବାଇଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହି ଶିଳ୍ପ ସହ ଜଡିତ ଥିବା ବ୍ୟକ୍ତିବିଶେଷ ଓ ସଂସ୍ଥାମାନଙ୍କୁ ସେ ପ୍ରଶଂସା କରିଛନ୍ତି। ଅଟୋମୋବାଇଲ ଶିଳ୍ପ ଭାରତର ଜିଡିପି ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ସହ ଅନ୍ତର୍ଜାତୀୟସ୍ତରରେ ଭାରତକୁ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ପୂର୍ବଭାରତ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଇ ଆସିଛନ୍ତି। ସେଥିଲାଗି ପୂର୍ବଭାରତର ରାଜ୍ୟ ସମୂହର ବିକାଶରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଗତ ୪ବର୍ଷରେ ପୂର୍ବଭାରତ ରାଜ୍ୟଗୁଡିକର ଭିତ୍ତିଭୂମି, ଲଜିଷ୍ଟିକ୍ ଓ ଦକ୍ଷତାସମ୍ପନ୍ନ ମାନବସମ୍ବଳରେ ଦ୍ରୁତ ଅଭିବୃଦ୍ଧି ଘଟିଛି। ଅଟୋମୋବାଇଲ ଶିଳ୍ପରେ ସ୍କିଲ ଇକୋ ସିଷ୍ଟମକୁ ମଜଭୁତ କରିବା ପାଇଁ ମେକାନିକ ଓ ଡ୍ରାଇଭରମାନଙ୍କ ଦକ୍ଷତା ବୃଦ୍ଧି ସହ ଉତ୍ପାଦନରେ ବୃଦ୍ଧି କରିବା ସହିତ ନିଯୁକ୍ତି ସୁଯୋଗର ସମ୍ପ୍ରସାରଣ କରିବାକୁ ଅଟୋମୋବାଇଲ ଶିଳ୍ପକୁ ପରାମର୍ଶ ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

ସ୍କୁଲରେ ଅନୁପସ୍ଥିତ...

ପହଞ୍ଚି ଶିକ୍ଷକଙ୍କ ଉପସ୍ଥାନ ଖାତା ଯାଞ୍ଚ କରିବେ। ବିନା ଅନୁମତିରେ ଯେଉଁ ଶିକ୍ଷକ ଧାରଣାସ୍ଥଳକୁ ଆସିଥିବେ ସେମାନଙ୍କ ଦୈନିକ ଦରମା କଟାଯିବ। ଗୁରୁବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଡିଇଓ ଏବଂ ବିଇଓଙ୍କୁ ଏ ନେଇ ଚିଠି ଲେଖି ଜଣାଇଛନ୍ତି।

ତେବେ ସରକାରଙ୍କ ଏଭଳି ଚେତାବନୀକୁ ଆନ୍ଦୋଳନରତ ଶିକ୍ଷକମାନେ ଖାତିର କରିନାହାନ୍ତି। ଏ ନେଇ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କୁହନ୍ତି, ଶିକ୍ଷକଙ୍କ ଉପରେ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ନାହିଁ। କାରଣ ଶିକ୍ଷକମାନେ ବିଭାଗ ଅଧୀନକୁ ଆସିନାହାନ୍ତି। ବିଭାଗ ଅଧୀନକୁ ସମ୍ପୂର୍ଣ୍ଣ ଭାବେ ଆସିବାକୁ ଏହି ଆନ୍ଦୋଳନ କରାଯାଉଛି। ସ୍କୁଲ ଛାଡି ଆନ୍ଦୋଳନରେ ବସିଥିବା ଶିକ୍ଷକଙ୍କ ଉପରେ ସ୍କୁଲ ପରିଚାଳନା କମିଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। କମିଟି ଅଧୀନରେ ଶିକ୍ଷକମାନେ ସ୍କୁଲରେ କାର୍ଯ୍ୟ କରୁଛନ୍ତି। ପରିଚାଳନା କମିଟି ଶିକ୍ଷକମାନଙ୍କୁ କହିଛି, ଆନ୍ଦୋଳନ କରି ସରକାରଙ୍କ ପାଖରୁ ନିଜର ଦାବି ହାସଲ କରିବାକୁ। ତେଣୁ ସଚିବ ଯେଉଁ ଚିଠି ଜାରି କରିଛନ୍ତି ତାହା କୌଣସି ପ୍ରଭାବ ପକାଇବ ନାହିଁ ବୋଲି ମହାନ୍ତି କହିଛନ୍ତି।

ସଚିବ ଚିଠିରେ କହିଛନ୍ତି ଯେ, ନୂଆ କରି ନିଯୁକ୍ତି ପାଇଥିବା କୌଣସି ଚୁକ୍ତିଭିତ୍ତିକ ଶିକ୍ଷକ ସ୍କୁଲରେ ଅନୁପସ୍ଥିତ ଥିଲେ ସେମାନଙ୍କ ବାର୍ଷିକ ଚୁକ୍ତିକୁ ଆସନ୍ତା ବର୍ଷ ମାର୍ଚ୍ଚରେ ନବୀକରଣ କରାଯିବ ନାହିଁ। ଆନ୍ଦୋଳନ ଯୋଗୁ ଯେଉଁ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି ସେଠାରେ କିପରି ଠିକ୍‌ରେ ପଢା ଜାରି ରହିବ ସେନେଇ ବ୍ୟବସ୍ଥା କରିବାକୁ ବିଇଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପଟେ ମିଳିତ ମଞ୍ଚର ଆନ୍ଦୋଳନ ସରକାରଙ୍କୁ ଅଡୁଆରେ ପକାଇଛି। ଶିକ୍ଷକଙ୍କ ପ୍ରସଙ୍ଗକୁ ନେଇ ଦୁଇଦିନ ହେଲା ବିରୋଧୀ କଂଗ୍ରେସ ଏବଂ ଭାଜପା ଗୃହରେ ସରକାରଙ୍କୁ ଘେରି ହଙ୍ଗାମା କରୁଛନ୍ତି। ସେପଟେ ଆନ୍ଦୋଳନକୁ ବ୍ୟାପକ କରିବାକୁ ମଞ୍ଚ ନିଷ୍ପତ୍ତି ନେଇଛି। ଆସନ୍ତା ସୋମବାରଠାରୁ ମିଳିତ ମଞ୍ଚର ଶିକ୍ଷକମାନେ ଲୋୟର ପିଏମ୍‌ଜି ସହିତ ବ୍ଲକ ଅଫିସ୍ ଆଗରେ ଧାରଣାରେ ବସିବେ। ମଞ୍ଚର କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଆବାହକ ପ୍ରକାଶ ମହାନ୍ତି, ଗୋଲକ ନାୟକ ଏବଂ ପବିତ୍ର ମହାଲା କହିଛନ୍ତି।

ଶିକ୍ଷକଙ୍କ ଦାବି ସଂକ୍ରାନ୍ତରେ ଆଲୋଚନା ପାଇଁ ଗୁରୁବାର ଅପରାହ୍ନରେ ମନ୍ତ୍ରୀସ୍ତରୀୟ ବୈଠକ ବସିଥିଲା। ହେଲେ ବୈଠକରେ କୌଣସି ନିର୍ଯାସ ବାହାରିପାରି ନ ଥିବା ଜଣାପଡିଛି। ବୈଠକରେ ସରକାରଙ୍କ ପକ୍ଷରୁ କ'ଣ ନିଷ୍ପତ୍ତି ନିଆଗଲା ସେନେଇ ମିଳିତ ମଞ୍ଚକୁ ଅବଗତ କରାଯାଇ ନାହିଁ ବୋଲି ଆବାହକ ମହାନ୍ତି କହିଛନ୍ତି।

ଭଙ୍ଗହେଲା ତେଲେଙ୍ଗାନା ...

ଲୋକ ସଭା ସହ ବିଧାନସଭା ନିର୍ବାଚନ କରାଗଲେ ପ୍ରଚାର ବେଳେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ 'କେସିଆର୍ ବନାମ ମୋଦି' ସ୍ଥିତିକୁ ଏଡାଇବା ପାଇଁ ଟିଆର୍‌ଏସ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ରାଜ୍ୟପାଳଙ୍କୁ ଭେଟିବା ପରେ କେସିଆର୍ ୧୧୯ ସଦସ୍ୟତା ବିଶିଷ୍ଟ ବିଧାନସଭା ପାଇଁ ୧୦୫ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏହି ଅବସରରେ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। କଂଗ୍ରେସକୁ ତେଲଙ୍ଗାନାର ୧ ନମ୍ବର ଶତ୍ରୁ ଓ ରାହୁଲଙ୍କୁ ଦେଶର ସବୁଠୁ ବଡ଼ ହାସ୍ୟାସ୍ପଦ ବ୍ୟକ୍ତି ଭାବେ ଅଭିହିତ କରିଛନ୍ତି। ହେଲେ କେସିଆର୍ ଭାଜପା ବିରୋଧରେ ମୁହଁ ଖୋଲି ନାହାନ୍ତି। ଏହାକୁ ନେଇ କେସିଆର୍‌ଙ୍କୁ ଭାଜପାର କ୍ରୀଡ଼ନକ ବୋଲି ସମାଲୋଚନା କରିଛି କଂଗ୍ରେସ।

ଏହି ରାଜନୈତିକ ଘଟଣାକ୍ରମ ପରେ ତେଲେଙ୍ଗାନାର ପ୍ରଥମ ନିର୍ବାଚିତ ବିଧାନସଭା ଭଙ୍ଗ ହୋଇଛି। ୨୦୧୪ ଜୁନ୍ ୨ରେ ତେଲେଙ୍ଗାନା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ପ୍ରତିଷ୍ଠା ହେବା ସହିତ କେସିଆର୍‌ଙ୍କ କ୍ୟାବିନେଟ ଦାୟିତ୍ୱ ଗ୍ରହଣ କରିଥିଲା। ଟିଆର୍‌ଏସ୍ ସରକାର ନିଜ ସପକ୍ଷରେ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିବା ଅନୁଭବ କରିବା ପରେ ଏହାର ଫାଇଦା ନେବାକୁ ଚିନ୍ତାକରି ପ୍ରସ୍ତୁତି ଆରମ୍ଭ କରିଥିଲେ। ନିକଟରେ 'ପ୍ରଗତି ନିବେଦନ ସଭା'ର ଆୟୋଜନ କରି ଶକ୍ତି ପ୍ରଦର୍ଶନ କରିଥିଲେ। ଫଳରେ ରାଜ୍ୟରେ ଆଗୁଆ ନିର୍ବାଚନ କରାଇବା ପାଇଁ କେସିଆର୍ ନିଷ୍ପତ୍ତି ନେଇପାରନ୍ତି ବୋଲି ବେଶ୍ କିଛିଦିନ ଧରି କଳ୍ପନାଜଳ୍ପନା ପ୍ରକାଶ ପାଇଆସୁଥିଲା।

ବିପଦସଙ୍କେତ ଉପରେ ...

ଗତ ୨୪ ଘଣ୍ଟା ମଧ୍ୟରେ ଉପକୂଳବର୍ତ୍ତୀ ଜିଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇଛି। କେନ୍ଦ୍ରାପଡାରେ ୨୬୧.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଜଗତ୍‌ସିଂହପୁର ୨୩୬.୧, ଯାଜପୁର ୧୩୭, କଟକ ୧୧୩.୫ ଏବଂ ଭଦ୍ରକ ଜିଲାରେ ୧୦୫.୬ ମିଲିମିଟର ବର୍ଷା ହୋଇଛି। ପୁରୀ ଜିଲାରେ ୭୯.୨ ମିଲିମିଟର ବର୍ଷା ହୋଇଥିବା ବେଳେ ଖୋର୍ଦ୍ଧା, ୬୪.୯ ଏବଂ କନ୍ଧମାଳ ଜିଲାରେ ୫୪.୧ ପ୍ରତିଶତ ବର୍ଷା ରେକର୍ଡ କରାଯାଇଛି। ଅନ୍ୟ ୧୨ଟି ଜିଲାରେ ୨୫ରୁ ୫୦ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି। ଜଗତ୍‌ସିଂହପୁର ଜିଲାର ଏରସମା ବ୍ଲକରେ ୪୩୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କୁଜଙ୍ଗ ବ୍ଲକରେ ୩୭୦, କେନ୍ଦ୍ରାପଡା ଜିଲାର କେନ୍ଦ୍ରାପଡା ବ୍ଲକରେ ୩୪୦, ମାର୍ଶାଘାଇରେ ୩୩୬, ମହାକାଳପଡାରେ ୩୨୦ ଓ ଡେରାବିଶ ବ୍ଲକରେ ୨୯୮, ଯାଜପୁର ଜିଲାର ବରିରେ ୨୭୧, ତିର୍ତ୍ତୋଲରେ ୨୬୦ ଏବଂ ରଘୁନାଥପୁର ବ୍ଲକରେ ୨୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ୩୨ଟି ବ୍ଲକରେ ୧୦୦ରୁ ୨୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗୁରୁବାର ଅପରାହ୍ନରେ ପରିଣତ ହୋଇଛି । ଏହା ପଶ୍ଚିମ, ଉତ୍ତର ଓଡ଼ିଶା ଓ ଏହାର ଆଖପାଖରେ ରହିଛି। ଘଣ୍ଟାକୁ ୧୮ କିଲୋମିଟର ବେଗରେ ପଶ୍ଚିମ ଦିଗକୁ ଗତି କରୁଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର ଓ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୋଳ, ସୁନ୍ଦରଗଡ, ଝାରସୁଗୁଡା, ଖୋର୍ଦ୍ଧା, ପୁରୀ, କଳାହାଣ୍ଡି, ବୌଦ୍ଧ ଓ କନ୍ଧମାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ସମୁଦ୍ର କୂଳରେ ପବନର ଗତି ୨୫ରୁ ୩୫ ଓ ବେଳେ ବେଳେ ୪୫ କି.ମି. ବେଗରେ ବହିବ । କେତେକ ସ୍ଥାନରେ ୪୫ରୁ ୫୫ ଓ ୬୫ କି.ମି. ପର୍ଯ୍ୟନ୍ତ ବହିବ ବୋଲି ପୂର୍ବାନୁମାନ କରାଯାଇଛି। ସମୁଦ୍ର ଭିତରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଏଥିସହିତ ପୁରୀ, ଗୋପାଳପୁର, ଚାନ୍ଦବାଲି ଓ ପାରାଦୀପ ବନ୍ଦରରେ ୩ ନମ୍ବର ବିପଦସଙ୍କେତ ଦିଆଯାଇଛି।

ଆଜି ବନ୍ଦ ରହିବ ...

ମୁଖ୍ୟମନ୍ତ୍ରୀ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଦିନକ ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଭୁବନେଶ୍ୱରରେ ଥିବା ସମସ୍ତ ସରକାରୀ ଏବଂ ବେସରକାରୀ ସ୍କୁଲ ଛୁଟି ରହିବ। ସହରରେ ପ୍ରବଳ ବର୍ଷା ହେଉଥିବାରୁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ଅନ୍ୟ ଜିଲାରେ ସ୍କୁଲ ଛୁଟି ଘୋଷଣା କରି ନ ଥିଲେ ମଧ୍ୟ ଜିଲାରେ ବୃଷ୍ଟିପାତର ସ୍ଥିତି ଦେଖି ଜିଲାପାଳମାନେ ସ୍କୁଲ ଛୁଟି ଘୋଷଣା କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାନ୍ଦୁଆ, ଗଞ୍ଜାମ

ମେଷ

ରାହୁ ଓ ଚନ୍ଦ୍ରଙ୍କ ଚତୁର୍ଥସ୍ଥିତି କାରଣରୁ ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତିର ଆଶଙ୍କା ରହିଛି। ପରିସ୍ଥିତିବଶତଃ ଧାରକରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ବନ୍ଧୁମାନଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯାଇପାରନ୍ତି। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସି ଯାଇପାରେ।

ବୃଷ

ଷଷ୍ଠସ୍ଥ ଶୁକ୍ର ଆପଣଙ୍କୁ ମନୋରଞ୍ଜନ ପାଇଁ ଖୋରାକ ଯୋଗାଇବ। ସାମାଜିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ କାମ କରି ପ୍ରଶଂସିତ ହେବେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବାର ଆଶଙ୍କା ରହିଛି । ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

ମିଥୁନ

ବିଭିନ୍ନ ପ୍ରକାର ପ୍ରତିବନ୍ଧକକୁ ପ୍ରତିହତ କରି ଲକ୍ଷ୍ୟ ହାସଲ କରିପାରିବେ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ନିଜର ଅସୁବିଧାକୁ ନିମନ୍ତ୍ରଣ କରିବା ଭଳି କାମ କରିବା ଠିକ୍ ହେବନାହିଁ। ଜମିଜମା ସମ୍ପର୍କିତ କୌଣସି ବିଷୟକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହୋଇପାରେ।

କର୍କଟ

ସ୍ୱାସ୍ଥ୍ୟ କ୍ରମଶଃ ନିମ୍ନାଭିମୁଖୀ ହେବାର ଅନୁଭବ କରି ବିଚଳିତବୋଧ କରିପାରନ୍ତି। କର୍ମକ୍ଷେତ୍ରରେ କଳହର ସମ୍ଭାବନା ରହିଛି। ଅର୍ଥ ସମ୍ପର୍କୀୟ କୌଣସି ଅଯୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଆଜି କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି ।

ସିଂହ

ଦ୍ୱାଦଶରେ ପାପଗ୍ରହ ପ୍ରଭାବରୁ କାମ ହାସଲ ପାଇଁ ସୀମାତିରିକ୍ତ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଲାଗି ରହୁଥିବାରୁ ମାନସିକ ଭାରସାମ୍ୟ ରକ୍ଷାକରି ଚଳିବାକୁ ବାଧ ହେବେ। ବହୁତ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ବାଣିଜ୍ୟ ଓ ପରିବହନ, ଏଞ୍ଜେନ୍ଦ୍ରି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

କନ୍ୟା

ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ଆଶୀର୍ବାଦ ଲାଭ କରିପାରନ୍ତି। ପାରିବାରିକ ସ୍ତରରେ କିନ୍ତୁ ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବାର ସୂଚନା ରହିଛି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

ତୁଳା

କର୍ମ ସ୍ଥାନରେ ପାପଗ୍ରହ ହେତୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିବାର ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘର କଥାନେଇ ସ୍ୱାମୀଙ୍କ ସହ ଆଲୋଚନା କରିବେ।

ବିଛା

ଶନିଙ୍କ ପ୍ରଭାବରେ ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡିତ କରିବା ଫଳରେ ମନ ଭଲ ଲାଗିବ ନାହିଁ। ଏହା ସାଙ୍ଗକୁ ପ୍ରତ୍ୟେକ କାମରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସାମାଜିକ ସ୍ତରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେବା ଠିକ୍ ହେବନାହିଁ। ଅର୍ଥ ଲାଭ କାରଣରୁ ସାମୟିକ ମନ ପ୍ରଫୁଲ୍ଲ ରହିବ।

ଧନୁ

ବିନମ୍ରତାପୂର୍ବକ ଅନୁରୋଧ କଲେ ବନ୍ଧୁଙ୍କ ଜରିଆରେ ଅଟକି ରହିଥିବା କାମଗୁଡିକ ସମ୍ପନ୍ନ ହୋଇ ପାରିବ। କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହଜ ରକ୍ଷା ପାଇବେ। ସାମାଜିକ ସ୍ତରରେ ପ୍ରତିଯୋଗିତାରେ ସଫଳତା ପାଇବେ। କ୍ରୀଡା, ସାହିତ୍ୟ, ଚଳଚ୍ଚିତ୍ର, ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ ପୂର୍ବକ ସାମାନ୍ୟ

ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନୋପୋଲିୟନ ବୋନାପାର୍ଟ

Sudarsan Pattnaik
Sand Artist

PLEDGE 'PLASTIC-FREE' ODISHA

#PlasticFreeOdisha

ଧରିତ୍ରୀ DHARITRI TEAM

02 OCTOBER

ସଂକ୍ଷେପରେ

ତୈଳଦର ବୃଦ୍ଧି ପ୍ରସଙ୍ଗ

ଆଜିଠୁ ବିଜେଡିର ୩ଦିନିଆ ଶାନ୍ତିପୂର୍ଣ୍ଣ ଜନସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୬।୯(ବ୍ୟୁରୋ)

ବାରମ୍ବାର ତୈଳଦର ବୃଦ୍ଧି ପ୍ରତିବାଦରେ ଶୁକ୍ରବାର ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ଶାନ୍ତିପୂର୍ଣ୍ଣ ଜନସଚେତନତା କାର୍ଯ୍ୟକ୍ରମ କରିବାକୁ ଦଳ ପକ୍ଷରୁ ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ଜନବିରୋଧୀ ନିଷ୍ପତ୍ତି ପ୍ରତିବାଦରେ ୭ରୁ ୯ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟାୟକ୍ରମେ ପୂର୍ବାହ୍ନ ୧୦ଟା ରୁ ୧୨ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଜରିଆରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ ବିଜେଡି ପକ୍ଷରୁ ଲିଫ୍‌ଲେଟ୍ ବଣ୍ଟନ କରାଯିବ।

ଅଧ ମିନିଟରେ ଘଣ୍ଟାଏ ବରବାଦ

ଭୁବନେଶ୍ୱର,୬।୯(ବ୍ୟୁରୋ)

- ବିରୋଧୀ ଦୁଇଫାଳ
- ବିଧାନସଭା ହୁଲସ୍ଥୁଲ, ଗୃହ ମୁଲତବୀ

ଚଳିତ ଅଧିବେଶନରେ ବିରୋଧୀ ଦଳ ଦୁଇଫାଳ ହୋଇଯାଇଛନ୍ତି। ପ୍ରସଙ୍ଗ ଆଉ ଗୋଟିଏ ହୋଇ ନାହିଁ। ଉଭୟ କଂଗ୍ରେସ ଓ ଭାଜପା ଭିନ୍ନ ଇସ୍ୟୁକୁ ନେଇ ପ୍ରତିବାଦ କରୁଛନ୍ତି। ଗତ ଦୁଇଦିନ ହେବ ବିଧାନସଭାରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି। ବୁଧବାର କଂଗ୍ରେସ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରସଙ୍ଗକୁ ନେଇ ସରକାରଙ୍କୁ ହରଡ଼ଘଣାରେ ପକାଇଥିବା ବେଳେ ଭାଜପା ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବା ଶିକ୍ଷକଙ୍କ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲ। ଗୁରୁବାର ମଧ୍ୟ ଗୃହରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଥିଲା। କଂଗ୍ରେସ ଶିକ୍ଷକମାନଙ୍କ ଆନ୍ଦୋଳନକୁ ମୁଖ୍ୟ ଅସ୍ତ୍ର କରିଥିବା ବେଳେ ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଉଠାଇଥିବା ଚାରା ଦୁର୍ନୀତିକୁ ନେଇ ଭାଜପା ସରକାରଙ୍କୁ ଘେରିଥିଲା। ବିରୋଧୀଙ୍କ ପ୍ରଚଣ୍ଡ ଆକ୍ରମଣରେ ବିଧାନସଭାର ଗୃହକାର୍ଯ୍ୟ ବାଏଁ ବାଏଁ ଉଡିଯାଇଥିଲା। ମାତ୍ର ଗୁରୁବାର ପୂର୍ବାହ୍ନରେ ଅଧ ମିନିଟ୍ ପରେ ଗୃହକୁ ୧ ଘଣ୍ଟା ପାଇଁ ମୁଲତବୀ କରିଥିଲେ ବାଚସ୍ପତି ପ୍ରଦୀପ ଅମାତ।

୧୦ଟା ୩୦ ମିନିଟରେ ସଭା ଚଳାଇବାକୁ ବାଚସ୍ପତି ଗୃହକୁ ପ୍ରବେଶ କରିଥିଲେ। ଶିକ୍ଷକ ଓ କୃଷି ବିଭାଗ ଦୁର୍ନୀତି ପ୍ରସଙ୍ଗ ନେଇ ବିରୋଧୀ ଗୃହକୁ ମାଡ଼ିଆସିଥିଲେ। ନାରାବାଜି ଓ ହଟ୍ଟଗୋଳରେ ଗୃହ କମ୍ପି ଉଠିଲା। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ପ୍ରଫୁଲ୍ଲ ମାଝି, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା, ଦେବେନ୍ଦ୍ର ଶର୍ମା, ନବକିଶୋର ଦାସ, କେ. ସୂର୍ଯ୍ୟ ରାଓ, କୈଳାସ ଚନ୍ଦ୍ର କୁଲେସିକା ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ଶିକ୍ଷକ ସମସ୍ୟା ତୁରନ୍ତ ସମାଧାନ କରିବାକୁ ଦାବି କରିଥିଲେ। ଶିକ୍ଷକଙ୍କ ଦାବି ପୂରଣ କରିବା ଆମର ଦାବି... ଆମର ଦାବି... ସ୍ଲୋଗାନ ଦେଇ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଅନ୍ୟପକ୍ଷରେ ଭାଜପା ବିଧାୟକ ପ୍ରଦୀପ ପୁରୋହିତ, ରାଧାରାଣୀ ପଣ୍ଡା, ନୀତିଶ ଗଙ୍ଗଦେବ ପ୍ରମୁଖ ଗୃହକୁ ଆସି ଚାରା ଦୁର୍ନୀତିର ସିବିଆଇ ତଦନ୍ତ କରିବାକୁ ଦାବି କରି ଗୃହରେ ପାଟିତୁଣ୍ଡ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ମୌକା ପାଇ ନ ଥିଲେ। ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ମାତ୍ର ଅଧ ମିନିଟ ପରେ ପୂର୍ବାହ୍ନ ୧୧ଟା ୩୦ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।

■ ଶୂନ୍ୟକାଳରେ ଶିକ୍ଷକ ପ୍ରସଙ୍ଗ

ବାଚସ୍ପତିଙ୍କ ହସ୍ତକ୍ଷେପ ବିରୋଧୀ ଲୋଡ଼ିଲେ

ଭୁବନେଶ୍ୱର, ୬।୯(ବ୍ୟୁରୋ)

ଗତ ୨୧ ଦିନ ଧରି ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ରାଜଧାନୀରେ ଖରା ଓ ବର୍ଷାରେ ଭିଜି ଦାବି ପୂରଣ ନେଇ ରାତିଦିନ ଆନ୍ଦୋଳନ ଚଳାଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ଗତ ଦୁଇଦିନ ହେବ ବିଧାନସଭା ଉତୁଛି ପଡୁଛି। ତେବେ ଗୁରୁବାର ଶୂନ୍ୟକାଳରେ ମଧ୍ୟ ବିରୋଧୀ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କୁ ପ୍ରଚଣ୍ଡ ଆକ୍ରମଣ କରିଥିଲେ। ଶୂନ୍ୟକାଳରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଶିକ୍ଷକ ଆନ୍ଦୋଳନ ସମସ୍ୟା ଉଠାଇ କହିଲେ, ରାଜ୍ୟରେ ଶିକ୍ଷକଙ୍କଠାରୁ ଆରମ୍ଭ କରି ଆଇନଜୀବୀ, ସରକାରୀ କର୍ମଚାରୀ ଆନ୍ଦୋଳନ ଚଳାଇଛନ୍ତି। ମାତ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଶିକ୍ଷକମାନେ ଦୀର୍ଘଦିନ ହେବ ଆନ୍ଦୋଳନ ଚଳାଇଛନ୍ତି। ସରକାର ସେମାନଙ୍କ ସହିତ ଆଲୋଚନା କରୁନାହାନ୍ତି। ଫଳରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଛି। ଗତକାଲି ଆମେ ଆନ୍ଦୋଳନ ସ୍ଥଳରେ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲୁ। ସେମାନଙ୍କ ଦାବି ଯଥାର୍ଥ ଅଟେ। ଏହି ବିଷୟକୁ ଆମେ ବିରୋଧୀ ଦଳ ବିଧାନସଭାରେ ଉଠାଉଛୁ। ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଶିକ୍ଷା ଏକ ମୌଳିକ ଅଧିକାର। ଉତ୍ତମ ଶିକ୍ଷା ଦେବା ସରକାରଙ୍କ ପ୍ରଥମ କାର୍ଯ୍ୟ। ଗରିବୀ ଦୂର କରିବାରେ ଶିକ୍ଷା ସହାୟକ ହୋଇଥାଏ। ସମାଧାନ କରିବା ପରିବର୍ତ୍ତେ ଶିକ୍ଷକମାନଙ୍କୁ ଧମକାଇବା ଆରମ୍ଭ କରିଛନ୍ତି ସରକାର। ଆନ୍ଦୋଳନ ଚଳାଇଥିବା ଶିକ୍ଷକଙ୍କ ଦରମା ବନ୍ଦ କରିବାକୁ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ସରକାର କିଛି ପଦକ୍ଷେପ ନ ନେଲେ ବାଚସ୍ପତି ଏଥିରେ ହସ୍ତକ୍ଷେପ କରିବା ଦରକାର। ସବୁ ଦଳର ସଦସ୍ୟଙ୍କୁ ଡାକି ଏହାର ସମାଧାନ ବାହାର କରିବାକୁ ସେ ଦାବି କରିଥିଲେ। ନରସିଂହଙ୍କ ସହ ସ୍ୱର ମିଳାଇଥିଲେ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ, ଭାଜପା ସଭ୍ୟ ବିଭୂତି ଭୂଷଣ ହରିଚନ୍ଦନ, ପ୍ରଦୀପ ପୁରୋହିତ, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି। ଶିକ୍ଷକମାନଙ୍କ ସମସ୍ୟା ତୁରନ୍ତ ସମାଧାନ କରି ଅଚଳ ହୋଇପଡିଥିବା ଶିକ୍ଷା ବ୍ୟବସ୍ଥାକୁ ଫେରାଇ ଆଣିବାକୁ ଶୂନ୍ୟକାଳରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଫସଲ ବୀମାକୁ ନେଇ ହଙ୍ଗାମା

ଭୁବନେଶ୍ୱର, ୬।୯(ବ୍ୟୁରୋ)

ଗୁରୁତ୍ୱପୂର୍ଣ୍ଣ ଆଲୋଚନା

- ଆମେ ଚାଷୀ ପରିବାରରୁ ଆସିଛୁ, ଲଙ୍ଗଳ ଧରୁନାହୁଁ: ଶାସକ
- ଆମକୁ ଆଉ ଇତିହାସ ଭୂଗୋଳ ପଢ଼ାନ୍ତୁ ନାହିଁ: ବିରୋଧୀ
- ୧୫୯୪ କୋଟି ଦେଇଛନ୍ତି ବୀମା କମ୍ପାନୀ: ମନ୍ତ୍ରୀ
- ବିରୋଧୀଙ୍କ କକ୍ଷ ତ୍ୟାଗ

ଚାଷୀ ପାଉନାହାନ୍ତି ଫସଲ ବୀମା। ୨୦୧୬ରୁ ବୀମା ରାଶି ମିଳିନାହିଁ। ଦୁବଘାସ ନ ଥିଲା। କେମିତି ଫଟୋ ନେଲେ ଯେ, ଚାଷୀଙ୍କୁ ବୀମା ମିଳିଲା ନାହିଁ। ଚାଷୀ ପ୍ରକୃତରେ ପାଉଛନ୍ତି କି ନାହିଁ ସେ ବିଷୟରେ ମନ୍ତ୍ରୀ କିଛି ବୁଝନ୍ତି ନାହିଁ। ଅଫିସର ଯାହା ଲେଖିଦେଲେ ତାକୁ ପଢ଼ିଦେଉଛନ୍ତି। ଚାଷୀ ଅମଳ କରୁଛି ବୋଲି ଆମେ ଏଠି ଭାଷଣ ମାରୁଛୁ। ଆମେ ଚାଷୀ ପରିବାରରୁ ଆସିଛୁ କିନ୍ତୁ ଲଙ୍ଗଳ ଧରୁନାହୁଁ। ଆମେ ଚାଷୀଙ୍କ ପାଇଁ ଛିଡ଼ା ନ ହେଲେ ସେମାନେ ଆମକୁ କାହିଁକି ଭୋଟ ଦେବେ। ବୀମା କମ୍ପାନୀ ଧରାଛୁଆଁ ଦେଉନାହାନ୍ତି। ବୀମା ଅର୍ଥ ଚାଷୀଙ୍କୁ ମିଳୁନାହିଁ। କୋ-ଅପରେଶନ ବିଭାଗ କରପ୍ରଶନ ବିଭାଗରେ ପରିଣତ ହୋଇଗଲାଣି। ଫସଲ କଟିଂ କିଏ କରୁଛି ସେ ବିଷୟରେ କେହି ଜାଣୁନାହାନ୍ତି। ରିପୋର୍ଟ କେଉଁଠି ରହିଛି ତାହା ମଧ୍ୟ କାହାରିକୁ ଜଣାନାହିଁ। ରାଜ୍ୟରେ ଏଭଳି ଅନ୍ଧାରି ଶାସନ ଚାଲିଛି। ଏଭଳି ଅଭିଯୋଗ ଆଣି ମୁଲତବୀ ଆଲୋଚନା ବେଳେ ବିରୋଧୀ ଓ ଶାସକ ସଦସ୍ୟମାନେ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ହଲାପଟା କରିଥିଲେ। ମନ୍ତ୍ରୀ ଚିରାଚରିତ ଢଙ୍ଗରେ ଉତ୍ତର ଦେଇ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିରୋଧୀଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲେ। ବୀମା ପ୍ରଦାନ ଉପରେ ମନ୍ତ୍ରୀ ଦେଉଥିବା ଉତ୍ତରକୁ ବିରୋଧ କରି କଂଗ୍ରେସ ଓ ଭାଜପା ସଦସ୍ୟମାନେ ବିଧାନସଭା କକ୍ଷ ଛାଡି ବାହାରକୁ ଚାଲିଯାଇଥିଲେ।

କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କୃଷି ବୀମା ରାଶି ପାଇବାରୁ ବଞ୍ଚିତ ଓଡ଼ିଶା କୃଷକ ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣିଥିଲେ। ଏହାକୁ ସମର୍ଥନ କରି କଂଗ୍ରେସ ସଦସ୍ୟ ନବ କିଶୋର ଦାସ ଚାଷୀ ବୀମା ନ ପାଇବା ପାଇଁ ରାଜ୍ୟ ଓ କେନ୍ଦ୍ର ଦାୟୀ ବୋଲି କହିଥିଲେ। ରାଜ୍ୟ ସରକାର କିନ୍ତୁ କେନ୍ଦ୍ରକୁ ଘଣ୍ଟ ଘୋଡ଼ାଉଛନ୍ତି। ଯଦି ଚାଷୀଙ୍କୁ ବୀମା ଦେଇପାରୁନାହଁ, ତେବେ ଗୃହରେ ଏ ନେଇ ଏକ ନିନ୍ଦା ପ୍ରସ୍ତାବ ଅଣାଯାଉ ବୋଲି ଦାବି କରିଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଚାଷୀଙ୍କୁ ବୀମା ଅର୍ଥ ମିଳୁ ନ ଥିବା ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ମନ୍ତ୍ରୀ ଯେଉଁ ଲିଖିତ ଉତ୍ତର ଦେଉଛନ୍ତି ତାହା ଅତ୍ୟନ୍ତ ନୈରାଶ୍ୟଜନକ ଓ ଅନଭିଜ୍ଞ। ମନ୍ତ୍ରୀ ବିଭାଗ କଥା ଜାଣିନାହାନ୍ତି। ପଦରେ ରହିବା ମନ୍ତ୍ରୀଙ୍କର ନୈତିକ ଅଧିକାର ନାହିଁ। ଶସ୍ୟକଟା ରିପୋର୍ଟ ଅନେକ ଜିଲାରେ ହଜିଯାଇଛି। ବଲାଙ୍ଗୀର ଜିଲାର ନ'ଗାଁ ପଞ୍ଚାୟତରେ ୯୦ ପ୍ରତିଶତ ଶସ୍ୟ କ୍ଷତି ହୋଇଥିବା ବେଳେ ସେହି ପଞ୍ଚାୟତର ୩ଟି ଗାଁକୁ କିପରି ବାଦ୍ ଦିଆଗଲା ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଅଫିସର ଯାହା ଲେଖିଦେଲେ ମନ୍ତ୍ରୀ ସେଥିରେ ଦସ୍ତଖତ କରିଦେଲେ। ସରକାର କେତେଦିନ ଭିତରେ ଚାଷୀଙ୍କୁ ବୀମା ରାଶି ପ୍ରଦାନ କରିବେ, ସେ ବିଷୟରେ ଜଣାଇବାକୁ ନରସିଂହ ଦାବି କରିଥିଲେ। ଯୋଗେନ୍ଦ୍ର ବେହେରା କହିଲେ, ଚାଷୀଙ୍କ ପାଇଁ ସବୁ ନାଟ। ଆମେ ଚାଷୀ ପରିବାରରୁ ଆସିଛୁ କିନ୍ତୁ ଲଙ୍ଗଳ ଧରୁନାହୁଁ। ୨୦୧୬ ମସିହାରୁ ଲୋଇସିଙ୍ଗା ବ୍ଲକର ୪ଟି ଗ୍ରାମ ପଂଚାୟତ ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାର ଏତେ ଯୋଜନା କରୁଛନ୍ତି, ମାତ୍ର କେତେଜଣ ଚାଷୀଙ୍କୁ ବୀମା ରାଶି ଦେଇପାରିବେ ନାହିଁ। ତୁରନ୍ତ ବୀମା ଅର୍ଥ ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

କଂଗ୍ରେସ ସଭ୍ୟ ପ୍ରଫୁଲ୍ଲ ମାଝି, ତାରା ପ୍ରସାଦ ବାହିନୀପତି, ଭାଜପା ସଦସ୍ୟ ରବି ନାଏକ, ପ୍ରଦୀପ ପୁରୋହିତ, ବିଜେଡି ସଭ୍ୟ ଦେବେଶ ଆଚାର୍ଯ୍ୟ, ଜୀବନ ପ୍ରଦୀପ ଦାଶ, ଦିବ୍ୟ ଶଙ୍କର ମିଶ୍ର ପ୍ରମୁଖ ଚାଷୀମାନେ ବୀମା ପାଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ବୀମା ରାଶି ତୁରନ୍ତ ଦେବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ୩ ଦିନ ତଳେ ବଲାଙ୍ଗୀର ଯାଇ ୨୨ଟି ଜାଗା ବୁଲିଲି। ସେଠାରେ ବୀମା ପାଇ ନ ଥିବା ନେଇ ବହୁ ଅଭିଯୋଗ ଆସିଛି। ଚଳିତ ମାସ ୮ ତାରିଖରେ କେନ୍ଦ୍ର ସରକାରଙ୍କର ଦୁଇଜଣ ଅଧିକାରୀ ଆସିବେ। ସେମାନେ ରାଜ୍ୟ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ସମସ୍ୟାର ସମାଧାନ କରାଯିବ। କେନ୍ଦ୍ର ସରକାର ୨୨ଟି ବୀମା କମ୍ପାନୀଙ୍କ ନାମ ଦେଇଛନ୍ତି। ସେମାନଙ୍କୁ ଟେଣ୍ଡର ମାଧ୍ୟମରେ ୩/୪ଟି ଜିଲାର ଦାୟିତ୍ୱ ଦିଆଯାଉଛି। ରାଜ୍ୟର ୩ ହଜାର ଜାଗାରେ କ୍ରପ୍ କଟିଂ ହେଉଛି। ରାଜସ୍ୱ, କୃଷି ଓ ପରିସଂଖ୍ୟାନ ବିଭାଗ ଅଧିକାରୀମାନଙ୍କ ଉପସ୍ଥିତିରେ ହେଉଛି। ଧାନ ପାଇଁ ପଞ୍ଚାୟତକୁ ୟୁନିଟ୍ ଭାବେ ଧରାଯାଉଥିବା ବେଳେ ଅନ୍ୟ ଫସଲ ପାଇଁ ବ୍ଲକକୁ ୟୁନିଟ୍ ରୂପେ ନିଆଯାଉଛି। ୨୦୧୭ ଖରିଫ ପାଇଁ ୪ଟି ବୀମା କମ୍ପାନୀ ୧୬୩୭.୪୫ କୋଟି ଆକଳନ କରିଥିବା ବେଳେ ୨୦୧୮ ସେପ୍ଟେମ୍ବର ୪ ସୁଦ୍ଧା ବୀମା ରାଶି ବାବଦରେ ୧୫୯୪.୦୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମନ୍ତ୍ରୀ ଚିରାଚରିତ ଢଙ୍ଗରେ ଉତ୍ତର ଦେଉଥିବା ବେଳେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ମନ୍ତ୍ରୀଙ୍କୁ ଲକ୍ଷ୍ୟକରି କହିଲେ, ଆମକୁ ଆଉ ଇତିହାସ ଭୂଗୋଳ ପଢ଼ାନ୍ତୁ ନାହିଁ। ବୀମା ଅର୍ଥ କେବେ ସୁଦ୍ଧା ଚାଷୀଙ୍କୁ ଦେବେ ସେ କଥା କୁହନ୍ତୁ । ମନ୍ତ୍ରୀଙ୍କ ଉତ୍ତର ଠିକ୍ ନାହିଁ କହି ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିବା ସହ ବିଧାନସଭା କକ୍ଷ ଛାଡି ଚାଲିଯାଇଥିଲେ। ସେହିପରି ଭାଜପା ସଦସ୍ୟମାନେ ମଧ୍ୟ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବାହାରକୁ ଯାଇଥିଲେ।

ପୂରଣ ହେବ ସିପାହି, ଏପିପି ପଦବୀ

ଭୁବନେଶ୍ୱର, ୬।୯(ବ୍ୟୁରୋ):

ରାଜ୍ୟରେ ୩୪୧ ସିପାହି ଓ କନଷ୍ଟେବଳ ପଦବୀ ପୂରଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ପଦବୀ ପୂରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୧୬୮୦ଟି ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିଲା। ଏହାଛଡା ଅଧିକ ୩୪୧ ପଦବୀ ପୂରଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ସମୁଦାୟ ୨୦୨୧ ସିପାହି ଓ କନଷ୍ଟେବଳ ପଦବୀ ପୂରଣ କରାଯିବ। ସେହିପରି ୪୬ଟି ନୂଆ ଏପିପି(ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର) ପଦବୀ ପୂରଣ ପାଇଁ ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଗୁରୁବାର ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏପିପି କ୍ୟାଡରରେ ୨୦୯ଟି ପଦବୀ ରହିଛି। ନିକଟରେ ୧୪୮ଟି ଏପିପି ପଦବୀ ପୂରଣ ହୋଇଛି। ବର୍ତ୍ତମାନ ଏହି ପଦବୀରେ ୧୬୩ଜଣ ଅଧିକାରୀ କାର୍ଯ୍ୟରତ ଅଛନ୍ତି। ବାକି ୩୪୧ ପଦବୀ ଓପିଏସ୍‌ସି ଜରିଆରେ ପୂରଣ କରିବାକୁ ଅନୁମୋଦନ କରାଯାଇଛି। ସେହିଭଳି ସ୍ନାତକୋତ୍ତର ଶିକ୍ଷକ ପଦବୀ ପାଇଁ ୧୫୪ଜଣ ଯୋଗ୍ୟ ପ୍ରାର୍ଥୀ ବିବେଚିତ ହୋଇଛନ୍ତି। ଓପିଏସ୍‌ସି ଜରିଆରେ ୨୩୦ଟି ଗ୍ରୁପ-ବି ପାହ୍ୟାର ଶିକ୍ଷକ ପଦବୀ ପୂରଣ କରିବା ପାଇଁ ଅନୁମୋଦନ କରାଯାଇଥିବା ବେଳେ ଏହା ୧୫୪ଜଣ ପ୍ରାର୍ଥୀଙ୍କୁ ମନୋନୀତ କରିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଆଜି କ'ଣ
କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥଗିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ADMISSION OPEN 2018-20
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

Maruti Herbal
ସମ୍ପୂର୍ଣ୍ଣ ଫିଟ୍‌ନେସ୍ ଓ ଆନନ୍ଦ କେବଳ ଷ୍ଟେ-ଅନ୍ ସହିତ
25%*
MRP : 10 cap pack ₹ 275/- 30 cap pack ₹ 650/-
ଅଧିକ ଉପାଦାନ
ଅନ୍ୟାନ୍ୟ ଅନେକ କ୍ୟାପ୍‌ସୁଲ୍ ତୁଳନାରେ
Stay-On POWER CAPSULES
ଏବେ ହୁଅନ୍ତୁ ଅଦ୍ଭୁତପୂର୍ବ ସତେଜତା, ସ୍ଫୂର୍ତ୍ତି ଓ ଉତ୍ସାହ, ଷ୍ଟାମିନା ଏବଂ ଶକ୍ତିରେ ପରିପୂର୍ଣ୍ଣ
ଷ୍ଟେ-ଅନ୍® ଦୈନିକ ସ୍ୱାସ୍ଥ୍ୟ ସପ୍ଲିମେଣ୍ଟ
S/S. Mahendra Pharma
Available as CAPSULES, ORAL LIQUID, OIL & SPRAY form at Chemists
* Overall 25% more constituents than many other products of 500mg capsules in the same category

www.gandhiinstitute.in
B.ED.
DIRECT ADMISSION
FEW SEATS LEFT - HURRY UP!!
Helpline No.: 9777988870 9348898852

ADMISSION OPEN
GNM
Duration : 3 Years
Eligibility: 2 Arts , Science & Commerce
Age: Both Male & Female 17 to 30 Years
ANM
Duration : 2 Years
Eligibility: +2 in any Stream or its equivalent examination
Age: 17 to 30 year
Clinical Training at : District Head Quarter Hospital, SBP, VIMSAR, Burla
Details Contact
KOSHAL ANM & GNM TRAINING SCHOOL
At/Po:Dhanupali(Naxapali) Sambalpur-768005(Odisha)
Phone: (0663) 2546997: Mobile 9938569414
Permitted by: Health & Family Welfare Deptt. Govt of Odisha, Bhubaneswar
Affiliated By : Indian Nursing Council New Delhi and Odisha Nursing Council, Bhubaneswar

ARPAN
ଆଡ଼ଭାନ୍ସଡ ରେଲୱେ ପେନ୍‌ସନ୍ ଆକ୍ସେସ୍ ନେଟ୍‌ୱର୍କ
ARPAN Advanced Railway Pension Access Network
User Login → Pensioner/My Account
Services → Pre-2016 PPO Enquiry
2016 ପୂର୍ବବର୍ତ୍ତୀ ପେନ୍‌ସନ୍‌ଧାରୀ/ ପେନ୍‌ସନଧାରୀ ପରିବାର, ଧ୍ୟାନ ଦିଅନ୍ତୁ !!!
ରେଳବାଇ ପେନ୍‌ସନ୍‌ଧାରୀମାନେ ୱେବ୍‌ସାଇଟ୍ www.arpan.railnet.gov.in ଅଧୀନସ୍ଥ ARPAN ପୋର୍ଟାଲରେ ସପ୍ତମ ବେତନ ଆୟୋଗ(7th CPC) ଅନୁଯାୟୀ ସେମାନଙ୍କ PPOs ସମ୍ବନ୍ଧୀୟ ସଂଶୋଧନ ସ୍ଥିତି ଦେଖିପାରିବେ।
ତଦନୁଯାୟୀ, 'Services : Pre-2016 PPO Enquiry' ଶୀର୍ଷକ ଅଧୀନରେ ଏହି ସୁବିଧା ନିମନ୍ତେ ସଂପ୍ରତି ARPAN କୁ ରୂପାନ୍ତରଣ କରାଯାଇଛି, ଯାହାକି ARPAN ସାଇଟ୍ ଲଗ୍ (Logging) ନକରି ହୋମ୍ ପେଜ୍ (Home Page) ରେ ସଂଶୋଧନ ସମ୍ବନ୍ଧୀୟ ସ୍ଥିତି ବିଷୟରେ ଜାଣିବାକୁ ମିଳିଥାଏ। ଏହା ସହିତ, ବାସ୍ତବିକ ପେନ୍‌ସନ୍‌ଧାରୀ/ପେନ୍‌ସନ୍‌ଧାରୀ ପରିବାରମାନଙ୍କ ଦ୍ୱାରା 'My Account' ରେ ଲଗ୍ (Logging) କରିବା ପରେ ଏଥିରେ ସଂଶୋଧିତ PPO କୁ ଡାଉନ୍‌ଲୋଡ୍ କରିବା ସୁବିଧା ସହିତ ପେନ୍‌ସନ୍ ପ

CMYK

ধাঁধা ও মজার খেলা

সুডোকু

su	do	ku	সু-ডো-কু

6		A	0				9	D	
1			C		B				8
	B			4	5		9		
		6			7				

সহজ স্তরের সুডোকুর সমাধান

4	E	1	9	A	2	0	D	8	C
5	3	D	B	7	C	6	1	9	A
8	C	2	3	6	4	B	A	5	1
9	A	6	D	E	0	7	3	C	5
0	7	B	8	5	1	E	2	4	6
B	1	4	A	C	E	9	8	D	2
6	0	9	4	3	7	A	C	1	E
E	2	A	5	8	D	3	6	7	0
7	5	C	2	0	6	4	B	E	9
3	D	8	1	9	B	5	0	2	4
A	6	E	0	4	3	8	5	B	7
C	9	0	6	1	8	D	7	A	3
D	8	7	E	2	9	C	4	3	B
1	4	5	7	B	A	2	9	6	D
2	B	3	C	D	5	1	E	0	8

CMYK

চিত্রকূট

খুঁজে বার করো চারজন বন্ধুর নাম।

সহজ স্তরের সুডোকুর সমাধান ও চিত্রকূটের উত্তর এবারের পুজোসংখ্যা থেকে বেছে নেওয়া হয়েছে। ধাঁধা ও মজার খেলা সম্পর্কে আপনার মতামত ও পরামর্শ পাঠান। ঠিকানা: ধাঁধা ও মজার খেলা, শারদীয়া পত্রিকা, ৬ প্রফুল্ল সরকার স্ট্রিট, কলকাতা-৭০০০৭৩। ই-মেল: dharitri.ads@gmail.com

CMYK

ভাষা

ভাষা ও ব্যঞ্জনা

ড. রুবন্ত চক্রবর্তী সিহ্নক

ভাষা শুধু শব্দ নয়, ভাষা হল ব্যঞ্জনা। ভাষা শুধু শব্দের সমষ্টি নয়, ভাষা হল ব্যঞ্জনার সমষ্টি

ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

ସଂକ୍ଷେପରେ

ରିଲିଜ୍ ହେଲା ନୀଳମାଧବ ପଣ୍ଡାଙ୍କ 'ହାଲ୍‌କା'

ଭୁବନେଶ୍ୱର,୬।୯(ବ୍ୟୁରୋ):
ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କାର ଓ ପ୍ରଶଂସା ସାଉଣ୍ଟିଥିବା ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ହାଲ୍‌କା' ଗୁରୁବାର ରିଲିଜ୍ ହୋଇଛି। ଭୁବନେଶ୍ୱରର ମହାରାଜା ହଲ୍‌ରେ ଫିଲ୍ମର ପ୍ରିମିୟର ତଥା ସ୍ପେଶାଲ ସ୍କ୍ରିନିଂ ଅନୁଷ୍ଠିତ ହୋଇଥିଲା। ଏଥିରେ ଫିଲ୍ମ ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କ ସହ କଳାକାର, ଟେକ୍ନିସିଆନ, ପ୍ରଯୋଜକ ଅକ୍ଷୟ ପରିଜା, ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି, ଭୁବନେଶ୍ୱର ସ୍ମାର୍ଟ ସିଟି ସିଇଓ ଆର୍. ଭିନିଲ୍ କ୍ରୀଷ୍ଣା, ଓପେପାର ସ୍ପେଶାଲ ଡାଇରେକ୍ଟର ଶାଲିନି ପଣ୍ଡିତ ପ୍ରମୁଖ ଯୋଗଦେଇଥିଲେ। ଏକ ଭିନ୍ନସ୍ୱାଦର କାହାଣୀ ଉପରେ ଆଧାରିତ ଏହି ଫିଲ୍ମରେ ରହିଛି ଜଣେ ୮ବର୍ଷ ବାଳକର କଥା ଓ ଜୀବନଚିତ୍ର। ଦିଲ୍ଲୀର ଏକ ପୁରୁଣା ବସ୍ତିରେ ବଢ଼ିଥିବା ଏହି ବାଳକ ହଠାତ୍ ନିଜକୁ ବଡ଼ ହୋଇଯାଇଥିବା ଅନୁଭବ କରେ। ଜୀବନ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବେ। ବସ୍ତିର ଅନ୍ୟପିଲାଙ୍କଠାରୁ ଭିନ୍ନ ହୋଇଥିବାରୁ କାହା ସହ ନ ମିଶି ଏକା ଏକା ରହିବାକୁ ଚେଷ୍ଟା କରେ। ଜୀବନକୁ ବଦଳାଇବାକୁ କୌଣସି ବିସ୍ମୟର ଆଶା ନ କରି ନିଜ ପ୍ରଚେଷ୍ଟାରେ କିଛି କରିବାକୁ ଚେଷ୍ଟା କରେ, ଯାହାକି କେବଳ ତା' ଜୀବନ ନୁହେଁ, ପୂରା ବସ୍ତିବାସିନ୍ଦାଙ୍କ ଜୀବନକୁ ବଦଳାଇଦିଏ। ଶିଶୁ ମନସ୍ତତ୍ତ୍ୱ ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ପ୍ରମୁଖ ଚରିତ୍ରରେ ପାଓଲି ଦମ୍ ଓ ରଣବୀର ଶୋରେ ଅଭିନୟ କରିଛନ୍ତି। ସେହିଭଳି ମୁଖ୍ୟଚରିତ୍ର ପିଚ୍‌କୁ ତଥା ଶିଶୁ କଳାକାର ଭୂମିକାରେ ଅଭିନୟ କରିଛନ୍ତି ତଥାସ୍ତୁ। ବଲିଉଡ୍‌ର ଖ୍ୟାତନାମା ସଙ୍ଗୀତଜ୍ଞ ଶଙ୍କର-ଏହସାନ-ଲୟ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ସିନେମାଟୋଗ୍ରାଫିରେ ପ୍ରତାପ ରାଉତ, ସାଉଣ୍ଡରେ ନୀହାର ରଞ୍ଜନ ସାମଲ ଏବଂ ସମ୍ପାଦନାରେ ଅର୍ଚ୍ଚିତ ଡି. ରସ୍ତୋଗୀ କାମ କରିଛନ୍ତି।

ଓକିଲଙ୍କ ଆନ୍ଦୋଳନ ଦ୍ୱିତୀୟ ଦିନରେ

ସରକାରୀ କଳ ଅଚଳ

କଚେରି ଛକରେ ଓକିଲମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସମ୍ବଲପୁର,୬।୯(ବ୍ୟୁରୋ)
ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଗୁରୁବାର ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ସକାଳୁ କଚେରି ଛକଠାରେ ଜିଲା ଓକିଲ ସଂଘ ପିକେଟିଂ କରିଥିଲା। ଓକିଲମାନେ ଆରଡିସି ଅଫିସ, ଜିଲାପାଳ ଅଫିସ, ଉପଜିଲାପାଳ ଅଫିସ, ତହସିଲ କାର୍ଯ୍ୟାଳୟଗୁଡ଼ିକୁ ବନ୍ଦ କରିଥିଲେ। ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଓକିଲମାନେ ନିଜସ୍ୱ ମତ ରଖିଥିଲେ। ପୂର୍ବ ଘୋଷଣା ଅନୁଯାୟୀ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଦାବି ସମ୍ପର୍କିତ ଦେଇଥିବା ଚିଠିକୁ ସ୍ୱାଗତ କରାଯାଇଥିଲା। ହେଲେ ଏହା କେତେଦୂର ଫଳପ୍ରଦ ହେବ ଆଲୋଚନାର ବିଷୟ ହୋଇଥିଲା। ମୁଖ୍ୟମନ୍ତ୍ରୀ ୨୦୧୩ ମସିହାରୁ ୩ ଥର କେନ୍ଦ୍ର ସରକାରଙ୍କୁ ଚିଠି କରିଛନ୍ତି। ଫଳାଫଳ ଶୂନ। ଏଣୁ ପୁନର୍ବାର ଚିଠିରୁ ସନ୍ତୋଷଜନକ ପରିଣାମ ଆଶା କରିବା ନେଇ ଦ୍ୱନ୍ଦ୍ୱ ପ୍ରକାଶ ପାଇଥିଲା। ଉଭୟ ସରକାର ପରସ୍ପର ଉପରେ ଦୋଷ ଲଦି ଦିନ ଗଡ଼ାଇ ଚାଲିଛନ୍ତି। ଏପରି ସ୍ଥଳେ ଆସନ୍ତା ୨୨ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଝାରସୁଗୁଡା ଆସିବାର କାର୍ଯ୍ୟକ୍ରମ ରହିଛି । ଏହା ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାର ଦାବି ଉପରେ ବିଚାରବିମର୍ଶ କରି ଅଧ୍ୟାଦେଶ ଘୋଷଣା କରନ୍ତୁ। ଏପରି ହେଲେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ଆଶା ଯେ ସାକାର ହେବ ସଭାରେ ମତପ୍ରକାଶ ପାଇଥିଲା।

ଜିଲା ଓକିଲ ସଂଘ ଉପସଭାପତି ବେଦବ୍ୟାସ ସାଥୁଆ, କ୍ରିୟାନୁଷ୍ଠାନ କମିଟି ଅଧକ୍ଷ ପ୍ରଦୀପ କୁମାର ବହିଦାର, ବିପିନ ବିହାରୀ ନାୟକ, ଆର୍ତ୍ତତ୍ରାଣ ମିଶ୍ର, ସୁରେଶ୍ୱର ମିଶ୍ର, ରବୀନ୍ଦ୍ର ନାଥ ଦେବତା, ପ୍ରଫୁଲ୍ଲ କୁମାର ହୋତା, ନବୀନ ଶତପଥୀ, ରବି ରଞ୍ଜନ ପୂଜାରୀ, ଅରବିନ୍ଦ ନାୟକ, ସୁରଜ ବିଶ୍ୱାଳ, ସତ୍ୟ ନାରାୟଣ ପଣ୍ଡା, ସୁନୀଲ କୁମାର ମିଶ୍ର, ଚନ୍ଦ୍ରକାନ୍ତ ମହାନ୍ତି, ଦିଲୀପ କୁମାର ବିଶି, ଅକ୍ଷୟ କୁମାର ଦାଶ, ଚନ୍ଦ୍ର କୁମାର ପୁରୋହିତ, ପ୍ରମୋଦ କୁମାର ରଥ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ଯଥାଶୀଘ୍ର ଅଧ୍ୟାଦେଶ ଘୋଷଣା କରନ୍ତୁ ସରକାର

- ବାର ଆସୋସିଏଶନ ସମ୍ମିଳନୀ କକ୍ଷରେ ବୈଠକ
- କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠିକୁ ସ୍ୱାଗତ

ଶେଷରେ ସଂଯୁକ୍ତାଙ୍କ ମୁହଁରେ ହସ ଫୁଟିଲା

ରକ୍ତହୀନତା ରୋଗରେ ଆକ୍ରାନ୍ତ ଶିଶୁ ସଂଯୁକ୍ତା ।

ନୂଆପଡା ଅଫିସ,୬।୯
ଏବେ ରାଜ୍ୟ ପୋଲିସ ପ୍ରଶାସନ ସବୁବେଳେ ଲୋକଙ୍କ ନିକଟତର ହୋଇ ସେବା ଯୋଗାଇ ଦେବାକୁ ପ୍ରୟାସ ଚଳାଇଛି । ଏହି ପରିପ୍ରେକ୍ଷୀରେ ନୂଆପଡା ପୋଲିସ ଜଣେ ନିରୀହ ମହିଳାଙ୍କ ଆକୁଳ ନିବେଦନ ପରେ ରକ୍ତଦାନ କରି ମହନୀୟତାର ପରିଚୟ ଦେଇଛି। ଜଣେ ମହିଳା ନିଜ ଝିଅର ଜୀବନ ବଞ୍ଚାଇବାକୁ ପୋଲିସ ଷ୍ଟେଶନର ଦ୍ୱାରସ୍ଥ ହୋଇଥିଲେ । ଜିଲା ହୋମଗାର୍ଡ ସଂଘ ସଭାପତି ସେହି ଝିଅକୁ ରକ୍ତଦାନ କରି ତାଙ୍କ ମୁହଁରେ ହସ ଫୁଟାଇଛନ୍ତି। ନୂଆପଡ଼ା ଜିଲା କୋମନା ବ୍ଲକ ପେଣ୍ଡ୍ରାବନ୍ଦ ଗାଁର ସୁଶୀଳା ଲୋହାର ନିଜର କନ୍ୟାଶିଶୁ ସଂଯୁକ୍ତାଙ୍କୁ ରକ୍ତ ହୀନତା ରୋଗର ଚିକିତ୍ସା ସକାଶେ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହୋଇଥିଲା। ହେମୋଗ୍ଲୋବିନର ପରିମାଣ କମିବାରେ ଲାଗିଥିଲା। ଏଥିପାଇଁ ରକ୍ତ ପାଇବା ଲାଗି ସେ ବିଭିନ୍ନ ଲୋକଙ୍କୁ ନିବେଦନ କରିଥିଲେ। ହେଲେ ତାଙ୍କ କଥା କେହି ଶୁଣି ନ ଥିଲେ। ଶେଷରେ ସୁଶୀଳା ନିରୁପାୟ ହୋଇ ନୂଆପଡା ଥାନାକୁ ଆସି କୌଣସି ପୋଲିସ ଅଧିକାରୀ ରକ୍ତ ଦାନ କଲେ ତାଙ୍କ ଝିଅ ସୁସ୍ଥ ହୋଇପାରନ୍ତା ବୋଲି ଆକୁଳ ନିବେଦନ କରିଥିଲେ। ଏ କଥା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଶୁଣିବା ପରେ ସେ ହୋମଗାର୍ଡ ସଂଘ ସଭାପତି ଶରତ ହଂସଙ୍କୁ ରକ୍ତଦାନ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ରାଜି ହୋଇ ସଭାପତି ହଂସ ରକ୍ତଦାନ କରିଥିଲେ । ପରବର୍ତ୍ତୀ ସମୟରେ ସଂଯୁକ୍ତାଙ୍କ ମୁହଁରେ ହସ ଦେଖି ମା' ସୁଶୀଳା ହସି ଉଠିଥିଲେ ।



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ
ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା
୭ ସେପ୍ଟେମ୍ବର, ୨୦୧୮ ଶୁକ୍ରବାର, ସନ୍ଧ୍ୟା ୬.୩୦ ଘଟିକା
କଳିଙ୍ଗ କନଭେନସନ୍ ହଲ୍, ପାଣ୍ଡବନିବାସ, ଭୁବନେଶ୍ୱର
ସ୍ମାରକୀ ବକ୍ତୃତା ପ୍ରଦାନ କରିବେ:
ପ୍ରଫେସର ଡକ୍ଟର ନିତ୍ୟାନନ୍ଦ ଶତପଥୀ
ବିଷୟ: ପଣ୍ଡିତ ନୀଳକଣ୍ଠ ଦାସ: ଭାଷା, ସାହିତ୍ୟ ଓ ସଂସ୍କୃତି
ମୁଖ୍ୟଅତିଥି : ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସମ୍ମାନନୀୟ ବକ୍ତା : ଡକ୍ଟର ପୂର୍ଣ୍ଣେନ୍ଦୁ କୁମାର ଦାସ
ସଭାମୁଖ୍ୟ : ଶ୍ରୀ ହରିହର ମିଶ୍ର
ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ
ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ, ସୁଧୀବୃନ୍ଦ ଯୋଗଦାନ କରିବାକୁ ଅନୁରୋଧ।
ଜୟନ୍ତୀ ରଥ, ସଚିବ

ଝିଅର ଚିକିତ୍ସା ଲାଗି ଅର୍ଥ ସାଜିଛି ବାଧକ

ଜୁନାଗଡ,୬।୯(ଡି.ଏନ.ଏ.)

ଦେଢବର୍ଷର ଶିଶୁ କନ୍ୟା ହୃଦ୍‌ରୋଗର ଶିକାର ହୋଇଛନ୍ତି। ତାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ବାପା ଦାଦନ ଖଟିବାକୁ ବାହାରକୁ ଯାଇଛନ୍ତି। ଏଣେ ଶିଶୁଙ୍କ ଅସ୍ତ୍ରୋପଚାର ମାସକ ମଧ୍ୟରେ କରା ନ ଗଲେ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ଡାକ୍ତର କହୁଛନ୍ତି। ଅସ୍ତ୍ରୋପଚାର ପାଇଁ ଅର୍ଥ ବାଧକ ସାଜିଥିବାରୁ ତାଙ୍କ ପରିବାର ଏବେ ସହାୟତା ପାଇଁ ନିବେଦନ କରିଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପିଲିକିଆ ଗ୍ରାମ ହରେକୃଷ୍ଣ ଘିଙ୍କ ଦେଢ ବର୍ଷର ଝିଅ ରୂପାଲି ହୃଦ୍ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗତ ୩ ମାସ ତଳେ ରୂପାଲିଙ୍କୁ ପ୍ରଥମେ କାଶ ହୋଇଥିଲା। ତାହା ସହି ନ ପାରି ସେ ସବୁବେଳେ କାନ୍ଦୁଥିଲେ। ଏହା ପରେ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଙ୍କୁ ଦେଖାଇଥିଲେ। ସ୍ଥାନୀୟ ଡାକ୍ତର ପରୀକ୍ଷା ପରେ ତାଙ୍କୁ ବଡ ଡାକ୍ତରଖାନାକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଗତ ଦେଢମାସ ତଳେ ହରେକୃଷ୍ଣ ଦାଦନ ଖଟିବାକୁ ମାଦ୍ରାସ ଯାଇଛନ୍ତି। ଘରେ ଏବେ ତାଙ୍କ ସ୍ତ୍ରୀ ଆକାଶୀ ଓ ୪ ବର୍ଷର ପୁଅ ଜିତ ଅଛନ୍ତି। ତେବେ ରୂପାଲିଙ୍କ କାଶ ବନ୍ଦ ନ ହେବାରୁ ତାଙ୍କ ବଡବାପା ଅରୁଣ ଓ ନିକଟସ୍ଥ ଗ୍ରାମର ସାମାଜିକ କର୍ମୀ ପ୍ରତାପ ଦତ୍ତ ଗତ ରବିବାର ଭୁବନେଶ୍ୱରସ୍ଥିତ ଏମ୍ସ ଡାକ୍ତରଖାନାରେ ଦେଖାଇଥିଲେ। ସେଠାକାର ଡାକ୍ତର ରୂପାଲିଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ହୃଦ୍‌ରୋଗଜନିତ କାରଣରୁ ଏପରି ହୋଇଥିବା କହିଥିଲେ। ମାସକ ମଧ୍ୟରେ ତାଙ୍କ ଅସ୍ତ୍ରୋପଚାର କରା ନ ଗଲେ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା କହିଥିଲେ। ଏଥିପାଇଁ ଅଢେଇରୁ ୩ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ତେବେ ପାଖରେ ଟଙ୍କା ନ ଥିବାରୁ ରୂପାଲିଙ୍କୁ ଅସ୍ତ୍ରୋପଚାର କରି ନ ପାରି ତାଙ୍କ ବଡବାପା ଓ ସାମାଜିକ କର୍ମୀ ଘରକୁ ଚାଲିଆସିଥିଲେ। ହରେକୃଷ୍ଣଙ୍କ ପାଖରେ କୌଣସି ଜମିବାଡି ନ ଥିବାବେଳେ ରାଶନ କାର୍ଡଟିଏ ମଧ୍ୟ ନାହିଁ। ଖାଇବାକୁ ଦାନା ଯୋଗାଡ କରିବାକୁ ତାଙ୍କ ପରିବାରକୁ କଷ୍ଟ ହୋଇପଡିଥିବା ବେଳେ ଏତେ ଗୁଡାଏ ଟଙ୍କା କେଉଁଠୁ ଆସିବ ଓ

ମା' ଆକାଶୀଙ୍କ କୋଳରେ ରୂପାଲି ଓ ତାଙ୍କ ବଡ ଭାଇ ।

ରୂପାଲିଙ୍କ ଅସ୍ତ୍ରୋପଚାର କିପରି ହୋଇପାରିବ ସେ ଚିନ୍ତାରେ ଏବେ ତାଙ୍କ ପରିବାରବର୍ଗ ପଡିଛନ୍ତି। ଅନ୍ୟପକ୍ଷରେ ହୃଦ୍‌ରୋଗଜନିତ କାରଣରୁ ରୂପାଲି ଛିଡା ହୋଇ ପାରୁ ନ ଥିବାବେଳେ କେବଳ ଗୁରୁଣ୍ଡୁଛନ୍ତି। ତାଙ୍କ ଅସ୍ତ୍ରୋପଚାର ପାଇଁ ସରକାରୀ କିମ୍ବା ବଦାନ୍ୟ ବ୍ୟକ୍ତିଙ୍କୁ ସହାୟତା କରିବା ପାଇଁ ପରିବାରବର୍ଗ ନିବେଦନ କରିଛନ୍ତି। ଏ ନେଇ ଜୁନାଗଡ ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ ସୁମେଶ୍ୱର ନାଏକଙ୍କୁ ପଚାରିବାରୁ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିସିଏସକେ) ଟିମ୍ ରୂପାଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବାକୁ ଯିବେ। ଦେଖିବା ପରେ ସେହି ଅନୁସାରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

- ଦେଢବର୍ଷର ଶିଶୁ କନ୍ୟା ହୃଦ୍‌ରୋଗର ଶିକାର
- ବାପା ଯାଇଛନ୍ତି ଦାଦନ ଖଟି

ଓଡ଼ିଶା ସରକାର
ଜଙ ଓ ପରିବେଶ ବିଭାଗ

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର)ଙ୍କ କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର

କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସାମୟିକ କର୍ମଚାରୀଙ୍କ ନିମନ୍ତେ ସହାୟତା

ଓଡ଼ିଶା ସରକାର, ଜଙ୍ଗଲ ଓ ପରିବେଶ ଅଧୀନରେ ଥିବା କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ତଥା ସାମୟିକ କର୍ମଚାରୀଙ୍କ ପାଇଁ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି କଲ୍ୟାଣ ଟ୍ରଷ୍ଟ / ସାମୟିକ କର୍ମଚାରୀ କଲ୍ୟାଣ ଟ୍ରଷ୍ଟ ମାଧ୍ୟମରେ ସରକାର ନିମ୍ନଲିଖିତ ସୁବିଧାସୁଯୋଗ ପ୍ରଦାନ କରିଛନ୍ତି।

କର୍ମଚାରୀ	କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି	ସାମୟିକ
୧. **ଅନୁକମ୍ପାମୂଳକ ସହାୟତା** (ମୃତ୍ୟୁ ତଥା ସମ୍ପୂର୍ଣ୍ଣ ଅକର୍ମଣ୍ୟ ନିମନ୍ତେ) (୦୧।୧୨।୨୦୧୬ରୁ କାର୍ଯ୍ୟକାରୀ)	୧,୦୦,୦୦୦/–	୧,୦୦,୦୦୦/–
୨. **କନ୍ୟା ବିବାହ ସହାୟତା** (କେବଳ ୨ଟି କନ୍ୟା ନିମନ୍ତେ)	୨୫,୦୦୦/–	–
୩. **ଚିକିତ୍ସା ସହାୟତା** (ହୃଦ୍‌ରୋଗ ଚିକିତ୍ସା ତଥା ଅସ୍ତ୍ରୋପଚାର / କର୍କଟ ରୋଗ ଚିକିତ୍ସା/ ବୃକକ୍ ଅକାମୀ / ପିତ୍ତକୋଷ ଚିକିତ୍ସା ନିମନ୍ତେ	୨,୦୦,୦୦୦/– ପର୍ଯ୍ୟନ୍ତ	୨,୦୦,୦୦୦/– ପର୍ଯ୍ୟନ୍ତ

୪. ଶିକ୍ଷାବୃତ୍ତି (ପ୍ରତ୍ୟେକ ତୋଳାଳି, ବନ୍ଧାଳି ଓ ସାମୟିକ କର୍ମଚାରୀଙ୍କ ଦୁଇଟି ସନ୍ତାନ ପାଇଁ ୨୦୧୮ ଶିକ୍ଷାବର୍ଷଠାରୁ ଉଦ୍ଦିଷ୍ଟ)

କ୍ରମିକ ସଂଖ୍ୟା	ଶ୍ରେଣୀ (ପାଠ୍ୟକ୍ରମ)	ଶିକ୍ଷାବୃତ୍ତି (ଟଙ୍କା/ବାର୍ଷିକ)	
		ଛାତ୍ର	ଛାତ୍ରୀ
୧	+୨ (କଳା/ବିଜ୍ଞାନ/ବାଣିଜ୍ୟ/ITI Course)	୭୦୦୦/–	୧୦,୫୦୦/–
୨	+୩ (କଳା/ବିଜ୍ଞାନ/ବାଣିଜ୍ୟ/C.T./Diploma in Engineering)	୧୫,୦୦୦/–	୨୨,୫୦୦/–
୩	Post Graduate / B.Ed.	୨୦,୦୦୦/–	୩୦,୦୦୦/–
୪	B.Tech / MBBS	୨୫,୦୦୦/–	୩୫,୦୦୦/–
୫	Nursing Course	୦	୨୫,୦୦୦/–

୨୦୧୭ ବର୍ଷରେ ନିୟୋଜିତ ତୋଳାଳି, ବନ୍ଧାଳିମାନଙ୍କ ନିମନ୍ତେ ସହାୟତା ଆବେଦନ କରିବାର ଶେଷ ତାରିଖ : ଅକ୍ଟୋବର ୩୧ ତାରିଖ ଅଟେ।

ଏହି ସୁବିଧା ସୁଯୋଗ ପାଇବା ପାଇଁ କେନ୍ଦୁପତ୍ର ଶ୍ରମିକ କଲ୍ୟାଣ ପାଣ୍ଠିର ସଦସ୍ୟ ହେବା ନିହାତି ଜରୁରୀ। ଏଥିପାଇଁ ସମ୍ପୃକ୍ତ ବନପାଳଙ୍କୁ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବେଦନ ପତ୍ର ସହିତ ସଦସ୍ୟ ପାଉଣା ପଇଠକରି ରସିଦ ସଂଗ୍ରହ କରିବା ପାଇଁ ଅନୁରୋଧ।

ସମସ୍ତ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି ତଥା ସାମୟିକ କର୍ମଚାରୀ ଏହାର ସୁବିଧା ନେଇପାରିବେ।

ସ୍ୱା./– ପ୍ରଧାନ ମୁଖ୍ୟ ବନ ସଂରକ୍ଷକ
(କେନ୍ଦୁପତ୍ର) ଓଡ଼ିଶା

ଜଟଣୀ ଆଇଆଇସିଙ୍କୁ ରିମାଣ୍ଡରେ ଆଣିପାରେ ଏସ୍‌ଟିଏଫ୍

ଭୁବନେଶ୍ୱର, ୬।୯(ବ୍ୟୁରୋ)

୫୦ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଥିବା ଜଟଣୀ ଥାନା ଅଧିକାରୀ ସଞ୍ଜୀବ ମହାନ୍ତିଙ୍କ ପାଇଁ ଅଡୁଆ ବଢ଼ିଲା। ଗୁରୁବାର ଢେଙ୍କାନାଳ ଜିଲାରେ ଥିବା ତାଙ୍କ ପୈତୃକ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଚଢାଉ ବେଳେ ଭିଜିଲାନ୍ସ ଅଧିକାରୀମାନେ ବହୁ ସମ୍ପତ୍ତିର କାଗଜପତ୍ର ସହିତ ସୁନା ଗହଣା ଜବତ କରିଛନ୍ତି। ଏସବୁର ମାଲିକାନା ଥାନା ଅଧିକାରୀ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଗ୍ୟାଙ୍ଗଷ୍ଟର ସୟଦ ଉସ୍‌ମାନ ଅଲା ଓରଫ ଟିଟୋଙ୍କ ସହ ଆଇଆଇସି ସଞ୍ଜୀବଙ୍କ ଲିଙ୍କ୍ ଥିବା ଟିଟୋଙ୍କ ଭାଇ ସପୋ ପୂର୍ବରୁ କହିଥିଲେ। ସଞ୍ଜୀବ କେନ୍ଦ୍ରାପଡାରେ ଥିବାବେଳେ କିଭଳି ଟିଟୋଙ୍କୁ ଆପରାଧିକ କାର୍ଯ୍ୟରେ ସହଯୋଗ କରୁଥିଲେ ସେନେଇ ସପୋ ବୟାନ ଦେଇଥିଲେ। କିନ୍ତୁ କ୍ରାଇମବ୍ରାଞ୍ଚ ପକ୍ଷରୁ କୌଣସି ଖୋଳତାଡ଼ କରାଯାଇ ନ ଥିଲା। ଏବେ ସଞ୍ଜୀବ ଗିରଫ ହେବା ପରେ ତାଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ରିମାଣ୍ଡରେ ଆଣିପାରେ ବୋଲି ସୂଚନା ମିଳିଛି।

ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ।

ସଂକ୍ଷେପରେ

ପୋଖରୀରୁ ଅଲେଖ ଧର୍ମାବଲମ୍ବୀଙ୍କ ମୃତଦେହ ଉଦ୍ଧାର:ହତ୍ୟା ସନ୍ଦେହ

ବେଲପଡା,୬।୯(ଡି.ଏନ.ଏ.):
ବଲାଙ୍ଗୀର ଜିଲା ବେଲପଡା ଥାନା ମାଲିଝର ଗ୍ରାମର ପୋଖରୀରୁ ସେହି ଗ୍ରାମର ଅଲେଖ ଧର୍ମାବଲମ୍ବୀ ଶ୍ରୀମୁଖ ଧରୁଆ(୫୦)ଙ୍କ ମୃତଦେହକୁ ଗୁରୁବାର ପୋଲିସ ଉଦ୍ଧାର କରିଛି । ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରି ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି । ସବୁଦିନ ପରି ଶ୍ରୀମୁଖ ଗ୍ରାମରେ ଥିବା ପୋଖରୀକୁ ଭୋର ୪ଟାରେ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପୋଖରୀକୁ ଯାଇଥିଲେ। ପୋଖରୀ ହୁଡାରେ ଶ୍ରୀମୁଖଙ୍କ ପିନ୍ଧା ବସ୍ତ୍ର ଇତସ୍ତତଃ ପଡି ରହିଥିବା ବେକରେ ପିନ୍ଧିଥିବା ତାବିଜ ମଧ୍ୟ ଛିଣ୍ଡି ପଡିଥିଲା। ଏହା ଦେଖି ତାଙ୍କ ପୁଅ ଜଗନ୍ନାଥ ବେଲପଡା ଥାନାକୁ ଆସି ତାଙ୍କ ବାପା ନିଖୋଜ ରହିଥିବା ଖବର ଦେଇଥିଲେ। ପରେ ପୋଲିସ ଓ ଅଗ୍ନିଶମ ବିଭାଗ ମାଛ ମରାଳିଙ୍କ ସହାୟତାରେ ପୋଖରୀ ଚାରିଆଡେ ଖୋଜାଖୋଜି କରିଥିଲେ। ଶେଷରେ ପୋଖରୀରୁ ଶ୍ରୀମୁଖଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ସମୟରେ ଗଗନ ବେହେରା ନାମକ ଗାଁର ଜଣେ ବ୍ୟକ୍ତି ତାଙ୍କ ଭାଉଣୀ ଓ ଜଣେ ସାଇକେଲ ଆରୋହୀଙ୍କୁ ମାରଣାତ୍ମକ ଆକ୍ରମଣ କରୁଥିବା ପୋଲିସ ଜାଣି ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ କାବୁ କରି ଥାନାକୁ ଆଣିଥିଲା। ପୋଲିସ ଉଦ୍ଧାର ମୃତଦେହକୁ ପୋଖରୀ ହୁଡାରେ ଜଗି ରହିଛି। ରାତି ହୋଇଯାଇଥିବାରୁ ବ୍ୟବଚ୍ଛେଦ ପାଇଁ ପଠାଯାଇ ପାରିନାହିଁ। ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ପୋଲିସ କହିଛି। ଗ୍ରାମବାସୀଙ୍କ କହିବାମତେ ଗଗନ ବେହେରା(୩୦)ଙ୍କ ବାପାଙ୍କୁ ନିହତ ଶ୍ରୀମୁଖଙ୍କ ବଡଭାଇ ୧୫ବର୍ଷ ତଳେ ହତ୍ୟା କରିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସେ ମଧ୍ୟ ଜେଲ ଯାଇଥିଲେ। ସେହି ଘଟଣାର ପ୍ରତିଶୋଧର ପରିଣତି ଏହା ହୋଇଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ସିବିଏସ୍‌ଇ ବହିରେ ଉଲ୍ଲେଖ କରାଗଲାନି ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ

ଭୁବନେଶ୍ୱର,୬।୯(ବ୍ୟୁରୋ)

ସିବିଏସ୍‌ଇ ପାଠ୍ୟପୁସ୍ତକରେ ସ୍ଥାନ ପାଇବ ପାଇକ ବିଦ୍ରୋହ। ଏହା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ପିଲାମାନେ ପାଠବହିରେ ପଢ଼ିବେ। ୧୮୧୭ରେ ଖୋର୍ଦ୍ଧାଗଡ଼ରେ ଜନ୍ମ ନେଇଥିବା ପାଇକ ବିଦ୍ରୋହ ବିଷୟରେ ସମଗ୍ର ଦେଶ ଜାଣିବ। ଓଡ଼ିଆ ବୀରଙ୍କ ବୀରତ୍ୱ ବିଶ୍ୱବିଦିତ ହେବ। ଗତ ଅକ୍ଟୋବରରେ ଓଡ଼ିଶା ଆସିଥିବା ଅବସରରେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର ରାଜ୍ୟବାସୀଙ୍କୁ ଏଭଳି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ସିବିଏସ୍‌ଇର ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇ ନୂଆ ପୁସ୍ତକ ପ୍ରକାଶ ପାଇଛି। ହେଲେ ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଥିଲା ବୋଲି କେଉଁଠାରେ ବି ଉଲ୍ଲେଖ ହୋଇନି। ସିବିଏସ୍‌ଇ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକ 'ଆୱାର୍ ପାଷ୍ଟ'ରେ ପାଇକ ବିଦ୍ରୋହ ଉପରେ ଏକ ଛୋଟ ବିଷୟ ରହିଥିଲେ ମଧ୍ୟ କେଉଁଠି ଏହାକୁ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ବୋଲି ଉଲ୍ଲେଖ କରାଯାଇନି। ବରଂ ଓଲଟା ବେଶ୍ ଚତୁରତାର ସହ ଓଡ଼ିଶାବାସୀଙ୍କୁ ଠକିବାକୁ ଉଦ୍ୟମ ହୋଇଛି। ଦେଶ ପରିବର୍ତ୍ତେ ଏହା ଓଡ଼ିଶାର ପ୍ରଥମ ବ୍ରିଟିଶ ବିରୋଧୀ ସଶସ୍ତ୍ର ସଂଗ୍ରାମ ବୋଲି ଲେଖାଯାଇ ଓଡ଼ିଶାବାସୀଙ୍କୁ ଭୁଆଁ

ପ୍ରତିଶ୍ରୁତି ଦେଇ ଭୁଆଁ ବୁଲାଇଲା କେନ୍ଦ୍ର

ବୁଲାଇବାକୁ ପ୍ରୟାସ କରାଯାଇଛି।

ପାଇକ ବିଦ୍ରୋହର ୨୦୦ବର୍ଷ ପୂର୍ତ୍ତି ଅବସରରେ ଏହାକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ନିକଟରେ ଦାବି କରିଥିଲେ। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ଏହାକୁ ସିବିଏସ୍‌ଇ ପାଠ୍ୟପୁସ୍ତକରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଉଲ୍ଲେଖ କରାଯିବ ବୋଲି କହିଥିଲେ। ୨୦୧୭ ଅକ୍ଟୋବର ୨୨ରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଜାତୀୟ ସାମରିକ ପରମ୍ପରା ଓ ସଂସ୍କୃତି ମହୋତ୍ସବରେ ଯୋଗଦେଇ ଜାଭଡେକର କହିଥିଲେ, ଇତିହାସ ଲେଖାରେ ଥିବା ତ୍ରୁଟିକୁ ସୁଧାରିବା ଦିଗରେ ଏହା ପ୍ରଥମ ପଦକ୍ଷେପ ହେବ। ୨୦୧୮–୧୯ ଶିକ୍ଷାବର୍ଷରେ ସିବିଏସ୍‌ଇ ଇତିହାସ ପୁସ୍ତକରେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଉଲ୍ଲେଖ କରାଯିବ। ସେ ଆହୁରି କହିଥିଲେ, ବ୍ରିଟିଶମାନଙ୍କ ନଜରରେ ଏହା ବିଦ୍ରୋହ ଥିଲା। କିନ୍ତୁ ବାସ୍ତବରେ ଭାରତକୁ ସ୍ୱାଧୀନତା ଦେବାରେ ଏହା ଥିଲା ପ୍ରଥମ ଲଢ଼େଇ। ଇତିହାସକୁ ସବୁବେଳେ ବ୍ରିଟିଶ ନଜରରେ ଦେଖାଯାଇଛି, ଯେଉଁଥିପାଇଁ ୧୮୧୭ରେ ସଙ୍ଗଠିତ ହୋଇଥିବା ଏହି ସଂଗ୍ରାମକୁ ଇତିହାସରେ ରେବେଲିୟନ୍ ବୋଲି ଲେଖାଯାଇଛି। ଏହି ତ୍ରୁଟିକୁ ସୁଧାରି ଦେଶକୁ ଠିକ୍ ଇତିହାସ ପଢ଼ାଇବାର ସମୟ ଆସିଛି। ଏହି ଗୌରବଶାଳୀ ଇତିହାସ ବିଷୟରେ ସମସ୍ତଙ୍କୁ ଅବଗତ କରାଇବାକୁ ସିବିଏସ୍‌ଇ ପାଠ୍ୟପୁସ୍ତକରେ ଏହାକୁ କେବଳ ସାମିଲ କରାଯିବନି, ବରଂ ବିସ୍ତୃତ ଭାବେ ବର୍ଣ୍ଣନା କରାଯିବ। ପ୍ରଜାତନ୍ତ୍ର ବିରୋଧରେ ବ୍ରିଟିଶମାନଙ୍କ ଆଧୁନିକ ଅସ୍ତ୍ରଶସ୍ତ୍ର ସଜ୍ଜୁଖରେ ପାଇକମାନେ କିଭଳି ଦୀର୍ଘବର୍ଷ ଧରି ଲଢ଼େଇ କରିଥିଲେ, ତାହାକୁ ସମସ୍ତଙ୍କ ସାମ୍ନାକୁ ଅଣାଯିବ ବୋଲି କହି କେନ୍ଦ୍ରମନ୍ତ୍ରୀ ଜାଭଡେକର ରାଜ୍ୟବାସୀଙ୍କୁ ସ୍ୱପ୍ନ ଦେଖାଇଥିଲେ। ମାତ୍ର ପ୍ରତିଶ୍ରୁତି ଦେଇ ଶେଷରେ ଭୁଆଁ ବୁଲାଇଛି କେନ୍ଦ୍ର। ବହିରେ ପାଇକ ବିଦ୍ରୋହ ସମ୍ପର୍କରେ ମାତ୍ର ଦେଢ଼ପୃଷ୍ଠାର ବିବରଣୀ ସ୍ଥାନ ପାଇଛି, ଯେଉଁଥିରେ ଦେଶର ନୁହେଁ, ଏହା ରାଜ୍ୟର ପ୍ରଥମ ସଶସ୍ତ୍ର ସଂଗ୍ରାମ ବୋଲି ତାଚ୍ଛଲ୍ୟ କରାଯାଇ ଲେଖାଯାଇଛି। ସେହିଭଳି ଚଞ୍ଚକତାର ସହ ଏହା ୧୮୫୭ ମସିହାରେ ସଙ୍ଗଠିତ ସିପାହୀ ବିଦ୍ରୋହ ପୂର୍ବର ଘଟଣା ବୋଲି ଲେଖାଯାଇଛି। ଏହାକୁ ନେଇ ଏବେ ପୁଣିଥରେ ରାଜ୍ୟବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଜଜାଙ୍ଗ ଭାଙ୍ଗିଲି ଦାନ୍ତକାଠି କଲି
ସବୁ ଦାନ୍ତକାଠି ମୋହର
ଏଇବାଟେ ଯାଉ କଥା ତୁ ନ କହୁ
ଛାତି ଫାଟିଯାଏ ମୋହର ।

ପ୍ରେମର ମୂଲ୍ୟ ନ ବୁଝି ପ୍ରେମୀ ଯେତେବେଳେ ଉପେକ୍ଷା କରିବସେ, ସେତେବେଳେ ତାକୁ ସହିବା ଯେ କେତେ କଷ୍ଟକର ହୋଇଯାଏ ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ଦେଖି ନ ଦେଖିଲା ପରି ବ୍ୟବହାର କରି କଥା ନ କହି ବାଟ ଭାଙ୍ଗି ଚାଲିଯାଉଥିବା ପ୍ରେମୀ ପ୍ରତି ମନରେ ଅଭିମାନ ଭରା କ୍ଷୋଭ ଜାତହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଜୁଆ, ନାରୀ, ଚୋରି,
ନାଶେ ମଣିଷର ଶିରୀ ।

ଜୁଆ ଖେଳୁଥିବା ବ୍ୟକ୍ତି, ପରନାରୀ ପ୍ରତି କୁ ନଜର ପକାଉଥିବା ବ୍ୟକ୍ତି ଏବଂ ଚୋରି କରୁଥିବା ବ୍ୟକ୍ତି ଜୀବନକାଳରେ କେବେ ସୁଖ ସମୃଦ୍ଧି ଲାଭ କରିପାରି ନ ଥାନ୍ତି। ଦୁର୍ଭାଗ୍ୟ ଏମାନଙ୍କ ଚିର ସହଚର। ଏପରି କୁକାର୍ଯ୍ୟ କରୁଥିବା ବ୍ୟକ୍ତି ସମାଜରେ କେବଳ ନିନ୍ଦା ଅପବାଦ ପାଇବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

■ସମ୍ପୂର୍ଣ୍ଣ ଫସଲ ବୀମା ରାଶି ଦାବି

୧୨ ଘଣ୍ଟିଆ ଭେଡେନ ବନ୍ଦ

ଭେଡେନ, ୬।୯(ଡି.ଏନ.ଏ.)

ଚାଷୀଙ୍କୁ ସମ୍ପୂର୍ଣ୍ଣ ଫସଲ ବୀମାରାଶି ପ୍ରଦାନ ଦାବି କରି ବରଗଡ଼ ଜିଲା ଭେଡେନରେ ଗତ ୭ ଦିନ ଧରି ଚାଲିଥିବା ଚାଷୀ ଆନ୍ଦୋଳନ ତୀବ୍ର ହୋଇଛି । ପୂର୍ବ ଘୋଷଣା ମୁତାବକ ଗୁରୁବାର ଭେଡେନରେ ଚାଷୀମାନେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ କରିଛନ୍ତି । ଫଳରେ ଏହି ଅଞ୍ଚଳରେ ଜୀବନଯାତ୍ରା ଠପ୍ ହୋଇପଡିଥିଲା । ଗୁରୁବାର ସକାଳ ୬ଟାରୁ ଚାଷୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ସେମାନେ ଶୋଭାଯାତ୍ରାରେ ଯାଇ ଭେଡେନର ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ, ବ୍ଲକ, ତହସିଲ ଅଫିସ୍ ବନ୍ଦ କରିଥିଲେ । ଏହାସହ ସମସ୍ତ ସ୍କୁଲ, କଲେଜ, ଦୋକାନ ବଜାର ତଥା ଗାଡି ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ପରେ ତହସିଲ ଅଫିସ ସମ୍ମୁଖରେ ଏକ ପ୍ରତିବାଦ ସଭା ହୋଇଥିଲା । ଏହି ସଭାରେ ଚାଷୀନେତା ଉତ୍ପଳ ଭୋଇ, ନରେନ୍ଦ୍ର ଭୋଇ, ମହେଶ୍ୱର ପଧାନ, କଂଗ୍ରେସର ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଶ୍ୱଜିତି ହୋତା,ଭାଜପାରୁ ଉର୍ଜୁଲ ତାଣ୍ଡି, ମିଳନ ସେଠ୍, ବିପିନ ଭୋସାଗର, ବିଜେଡିରୁ ତୁଷବନ୍ତ ବେହେରା, ଶଙ୍କର ଦାଶ, ପ୍ରଦୀପ ସୁନା ପ୍ରମୁଖ ଯୋଗଦେଇ ବନ୍ଦ ପାଳନକୁ ସମର୍ଥନ ଜଣାଇଥିଲେ। ଏହାସହ ବୀମା କମ୍ପାନୀ ଚାଷୀମାନଙ୍କୁ ଯଥାଶୀଘ୍ର ସମ୍ପୂର୍ଣ୍ଣ ବୀମା କ୍ଷତିପୂରଣ ରାଶି ଦେବାକୁ ଦାବି କରିଥିଲେ । ଖବର ପାଇ ଏସ୍‌ଡିସିସି ସଂପାଦକ ଗୁରୁକୃଷ୍ଣ ଦାଶ, ଏଆରସିଏସ୍ ଦିବାକର ଭୋଇ ଭେଡେନରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ଫଳରେ ତାଲାବନ୍ଦ ଆନ୍ଦୋଳନ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଚାଷୀମାନେ ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି ।

ବଲାଙ୍ଗୀର ରେଲୱେ ଷ୍ଟେଶନରେ ଡ଼କାୟତି : ୩ ଗିରଫ

■ଦାଦନ ଶ୍ରମିକଙ୍କଠାରୁ ଲୁଟିଲେ ୧୪ହଜାର ଟଙ୍କା, ୪ ମୋବାଇଲ

ବଲାଙ୍ଗୀର ଅଫିସ, ୬।୯

ବଲାଙ୍ଗୀର ରେଲୱେ ଷ୍ଟେଶନରେ ବୁଧବାର ବିଳମ୍ବିତ ରାତିରେ ୪ ରେଳଯାତ୍ରୀଠାରୁ ୧୪ ହଜାର ଟଙ୍କା ଓ ୪ଟି ମୋବାଇଲ ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ କରି ରେଳବାଇ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ବୁଧବାର ରାତି ପ୍ରାୟ ୧ଟାରେ ଏଲେପି-ଧାନବାଦ୍ ଟ୍ରେନ୍‌ରେ ଆସୁଥିବା ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ୪ଜଣ ଯୁବକ ବଲାଙ୍ଗୀର ରେଳଷ୍ଟେଶନରେ ଓହ୍ଲାଇଥିଲେ । ସେମାନେ କୋଇୟାଗୁରରୁ ବଲାଙ୍ଗୀର ଆସୁଥିଲେ। ସେମାନେ ବଲାଙ୍ଗୀର ରେଳଷ୍ଟେଶନ୍‌ରେ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ନିଷ୍ପତ୍ତି ନେଇ ଷ୍ଟେଶନ ଶେଷମୁଣ୍ଡରେ ଥିବା ଏକ ବେଞ୍ଚରେ ବସିଥିଲେ । ରାତି ପ୍ରାୟ ସାଢ଼େ ୧ଟା ବେଳେ ଅରୁଣ ଭୋଇ ନାମକ ଜଣେ ଯୁବକ ଶୌଚ ପାଇଁ ଯିବାବେଳେ ୩ଜଣ ଯୁବକ ତାଙ୍କୁ ଭୁଜାଲି ଦେଖାଇ ଲୁଟ୍ କରିଥିଲେ। ଏହାପରେ ଅରୁଣଙ୍କ ଅନ୍ୟ ୩ଜଣ ସାଙ୍ଗମାନଙ୍କ ପାଖକୁ ଆସି ସେମାନେ ମାରଣାସ୍ତ୍ର ଦେଖାଇ ୧୪ହଜାର ଟଙ୍କା ଓ ୪ଟି ମୋବାଇଲ ଲୁଟି ଫେରାର ହୋଇଯାଇଥିଲେ । ଏ ସମ୍ପର୍କରେ ୪ଜଣ ଯାକ ଦାଦନ ଶ୍ରମିକ ବଲାଙ୍ଗୀର ରେଳବାଇ ଥାନାରେ ଜଣାଇଥିଲେ । ଅଭିଯୋଗ ପାଇଲା ପରେ ରେଲବାଇ ପୋଲିସ ନିକଟସ୍ଥ ସାଲେପାଲିରେ ଚଢ଼ାଉ କରି ୩ ଅଭିଯୁକ୍ତ ସୁଧୀର୍ ଓରଫ୍ ସିଣ୍ଟୁ ଜାନୀ (୨୩), ପିଛାଲୁ ଓରଫ୍ ସୁବାସ ବାଗ(୨୯) ଓ ତ୍ରିଲୋଚନ ନାଗ (୨୯)ଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨ଟି ମୋବାଇଲ ଓ ମନିପର୍ସ ଜବତ୍ କରିଥିଲେ । ତେବେ ଲୁଟ୍ ହୋଇଥିବା ୧୪ହଜାର ଟଙ୍କା ମିଳିନଥିଲା । ଶୁକ୍ରବାର ଏହି ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ରେଲବାର ଥାନା ଅଧିକାରୀ ଦୁର୍ଗା ଚରଣ ପ୍ରଧାନ ସୂଚନା ଦେଇଛନ୍ତି । ରେଳଷ୍ଟେଶନ୍ ଅଞ୍ଚଳରେ କିଛି ଲୁଟେରା ଗ୍ୟାଙ୍ଗ ସକ୍ରିୟ ଥିବା ଏବଂ ବିଳମ୍ବିତ ରାତିରେ ଯାଉଥିବା ରେଳଯାତ୍ରୀମାନଙ୍କୁ ଲୁଟ୍, ମାରପିଟ୍ ଓ ଅସଦାଚରଣ କରୁଥିବା ଦୀର୍ଘ ଦିନରୁ ଅଭିଯୋଗ ହୋଇଆସିଛି। ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି ।

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

FLY ASH BRICKS MACHINE

DEALERS REQUIRED ALL OVER ODISHA
M/s Rashmi Enterprises
Rourkela
Bisra
CONTACT
7749095348, 8249919890

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କେଟିଂ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
7455967551
9068296909

ଓଡ଼ିଆ ଭାଷାରେ ଲେଖା ଯାଉଥିବା ଏକମାତ୍ର ଦୈନିକ
ଓଡିଶାରେ ପ୍ରଥମ ଥର ପାଇଁ ଆପଣଙ୍କ ଘରେ ଘରେ ଧରିତ୍ରୀ

ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ

ସଂକ୍ଷେପରେ

ଭୋଜପୁର ହାଇସ୍କୁଲରେ ଗୁରୁଦିବସ ପାଳିତ

ଜମନକିରା,୬।୯(ଡି.ଏନ୍.ଏ.)
ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଭୋଜପୁର ସରକାରୀ ଏସ୍ଏସ୍ଡ଼ି ହାଇସ୍କୁଲରେ ଗୁରୁଦିବସ ପାଳନ କରାଯାଇଛି। ଏଥିରେ ପ୍ରାକ୍ତନ ଛାତ୍ର ସଂସଦ ସଭାପତି ମଳୟ ବେହେରା ଅଧ୍ୟକ୍ଷତା କରିଥିଲେ। ସଞ୍ଜୟ ମହାକୁଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଭକ୍ତପ୍ରସାଦ ନନ୍ଦ ପୁରାତନ ଛାତ୍ର ଦେବେନ୍ଦ୍ର ନାଥ ଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତଃ ଗୁରୁ ଦିବ୍ୟରାଜ ମହାକୁଳଙ୍କ ଧର୍ମପତ୍ନୀ ପ୍ରିୟମ୍ବଦା ମହାକୁଳଙ୍କୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ପ୍ରଧାନ ଶିକ୍ଷକ କୁଲମଣୀ ମଲ୍ଲିକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ପ୍ରାକ୍ତନ ଛାତ୍ର ରଙ୍ଗାଧର ଶର୍ମା, ଅରୁଣ ପଟେଲ, ପ୍ରଭାତ ବେହେରା, ମହେନ୍ଦ୍ର ବାଘ, ରମାକାନ୍ତ ମହାକୁଳ, ଜ୍ଞାନେଶ୍ୱର ଭୋଇ, ସରୋଜ ପଧାନ, ପ୍ରତାପ ମହାକୁଳ, ଦେବେନ୍ଦ୍ର ନାଏକ ପ୍ରମୁଖଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

୪୪ ପାଉଚ୍ ମଦ ଜବତ: ଜଣେ ଗିରଫ

ରେଢ଼ାଖୋଲ,୬।୯(ଡି.ଏନ.ଏ.)
ବେଆଇନ ମଦକାରବାର କରୁଥିବା ଅଭିଯୋଗରେ ରେଢ଼ାଖୋଲ ପୋଲିସ ଏହି ଥାନା ଅନ୍ତର୍ଗତ ଗୋଗୁଆ ଗ୍ରାମର ଆନନ୍ଦ ଚନ୍ଦ୍ର ସାହୁ(୫୨)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୪୪ଟି ପାଉଚ ମଦ ଜବତ କରିଛି। ଏ ନେଇ ଥାନାରେ କେସ ନଂ ୧୫୩ ରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

■ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଯୁଯୁମୁରା ବ୍ଲକରେ ସ୍ୱାସ୍ଥ୍ୟସେବା ବେହାଲ

ଫାର୍ମାସିଷ୍ଟ ଭରସାରେ ରୋଗୀ

ସମ୍ବଲପୁର, ୬।୯(ବ୍ୟୁରୋ)

ସମ୍ବଲପୁର ଜିଲା ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଯୁଯୁମୁରା ବ୍ଲକରେ ମେଘପାଳ, ହାତୀବାରୀ, ପଡ଼ିଆବାହାଲଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଯୁଯୁମୁରାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେହିପରି ହାତୀବାରୀ ହେଲ୍ଥ ହୋମରେ କୁଷ୍ଠ ରୋଗୀଙ୍କୁ ଚିକିତ୍ସିତ କରାଯାଉଛି। ଏହି ୫ ପ୍ରମୁଖ ଡାକ୍ତରଖାନା ମଧ୍ୟରୁ ପଡ଼ିଆବାହାଲସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ଏକପ୍ରକାର ଠିକ୍‌ଠାକ୍ ଚାଲିଛି। ଅନ୍ୟ ୪ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସମସ୍ୟା ରୋଗୀଙ୍କୁ ମାରି ଗୋଡ଼ାଉଛି। ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମାତ୍ର ଡାକ୍ତର ରହିଛନ୍ତି। ଗର୍ଭବତୀ, ପ୍ରସୂତି ଓ ମେଡିସିନ ବିଭାଗ ଡାକ୍ତରଙ୍କ ପଦବୀ ଖାଲି ପଡ଼ିଛି। ସହରଠାରୁ ୫୦ କି.ମି. ଦୂର ଜଙ୍ଗଲ ଇଲାକାରେ ରହିଥିବା ମେଘପାଳ ଡାକ୍ତରଖାନାରେ କିନ୍ତୁ ଜଣେ ହେଲେ ବି ଡାକ୍ତର ନାହାନ୍ତି। ଏକମାତ୍ର ଫାର୍ମାସିଷ୍ଟରେ ଏଠି ରୋଗୀସେବା ଚାଲିଛି। ପ୍ରତିଦିନ ଏଠାକୁ ପ୍ରାୟ ୨୦ରୁ ୩୦ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଫାର୍ମାସିଷ୍ଟଙ୍କ ଇଞ୍ଜେକସନ, ଔଷଧ କାଟୁ ନ କଲେ ବାଧ ହୋଇ ଜିଲା ସଦର ଡାକ୍ତରଖାନାକୁ ଯାଇଥାନ୍ତି। ବିଚରା ଗରିବ ଶ୍ରେଣୀର ପରିବାର ଏଥିପାଇଁ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଗୁରୁତର ହୋଇପଡୁଥିବା ରୋଗୀ ଏହି କାରଣରୁ ଆଉ ସହରକୁ ଆସିନପାରି ମୃତ୍ୟୁକୁ ବରଣ କରିଥାନ୍ତି। ଏହାର ନଜିର୍ ମଧ୍ୟ ରହିଛି। ହାତୀବାରୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ହେଲ୍ଥ ହୋମ (କୁଷ୍ଠାଶ୍ରମ)ରେ ମଧ୍ୟ ସମାନ ସମସ୍ୟା। ହାତୀବାରୀ ମେଡ଼ିକାଲରେ ଜଣେ ଡାକ୍ତର ଡେପୁଟେଶନରେ ରହିଛନ୍ତି। ଆବଶ୍ୟକ ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ପଦବୀ ଖାଲି ରହିଛି। ଫାର୍ମାସିଷ୍ଟକୁ ଭରସା କରି ରୋଗୀମାନେ ବାଧ୍ୟବାଧକତାରେ ଚିକିତ୍ସିତ ହେଉଛନ୍ତି। କୁଷ୍ଠାଶ୍ରମ ବି ବିନା ଡାକ୍ତରଙ୍କ ଉପସ୍ଥିତିରେ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଏ ସମସ୍ତ ଡାକ୍ତର ନ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ଭାଗ୍ୟକୁ ରୋଗୀଙ୍କୁ ଠିକ୍ ସମୟରେ ଔଷଧ, ସାଲାଇନ ମଧ୍ୟ ମିଳିପାରୁନାହିଁ। ମାଓବାଦୀ, ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ଏଭଳି ବିପର୍ଯ୍ୟସ୍ତ ଅବସ୍ଥା ନେଇ ଜନପ୍ରତିନିଧି, ରାଜନେତାଙ୍କ ତତ୍ପରତା ମଧ୍ୟ ଦେଖିବାକୁ ମିଳୁନାହିଁ।

ହାତୀବାରି ମେଡିକାଲ ।

୪ ମେଡିକାଲରେ ଡାକ୍ତର ଅଭାବ

■ଠିକ୍ ସମୟରେ ମିଳୁନାହିଁ ଔଷଧ

■ପ୍ରଶାସନ ଓ ରାଜନେତାଙ୍କ ଆନ୍ତରିକତା ଅଭାବ

ଏଠାରେ ସୂଚନାଯୋଗ୍ୟ, ଅଗଷ୍ଟ ୩୦ରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଅଞ୍ଚଳ ଗସ୍ତରେ ଆସି ଦୁର୍ବଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଲି ଦେଖିଥିଲେ। ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ସହିତ ଅନ୍ୟାନ୍ୟ ବିଜେଡି କର୍ମକର୍ତ୍ତା ଉକ୍ତ ଗସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ମେଡ଼ିକାଲ ଡାକ୍ତରଖାନା ସଭାକକ୍ଷରେ ଏକ ସଭା ମଧ୍ୟ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଜେନା ସ୍ଥାନୀୟ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଡାକ୍ତର ଅଭାବ ଦୂର ହେବ ହେବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ମନ୍ତ୍ରୀଙ୍କ ପ୍ରତିଶ୍ରୁତିରେ ଲୋକେ ଉତ୍ସାହିତ ହୋଇପଡ଼ିଥିଲେ। ଏହାକୁ ଇତିମଧ୍ୟରେ ବର୍ଷେ ବିତିଯାଇଛି। ପ୍ରତିଶ୍ରୁତି ଧୂଆଁବାଣ ହୋଇଛି। ଅଗଷ୍ଟ ୧୯ ତାରିଖରେ ଜିଲାପାଳ ସମର୍ଥ ବର୍ମା ଓ ରେଢ଼ାଖୋଲ ବିଧାୟକ ଇଂ.ରୋହିତ ପୂଜାରୀ ଏଠାରେ ଭଉା ଟଙ୍କା ପ୍ରଦାନ କରିବାକୁ ଆସିଥିଲେ। ସେତେବେଳେ ମଧ୍ୟ ଡାକ୍ତର ପଦବୀ ପୂରଣ ଦାବି ହୋଇଥିଲା। ସପ୍ତାହ ମଧ୍ୟରେ ଡାକ୍ତର ସପ୍ତାହକୁ ଦୁଇଦିନ ସେବା ଯୋଗାଇ ଦେବେ ବୋଲି ଜିଲାପାଳ କହିଥିଲେ। ସିଡିଏମଓଙ୍କୁ ଏଥିପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଡ଼ମ୍ବନା, ପରିସ୍ଥିତି ଯଥା ପୂର୍ବଂ ରହିଛି। ଲୋକେ ଯୁଯୁମୁରା ବ୍ଲକ ଅଞ୍ଚଳ ଦୟନୀୟ ସ୍ୱାସ୍ଥ୍ୟସେବା ପାଇଁ ପ୍ରଶାସନକୁ ଦାୟୀ କରିଛନ୍ତି।

ବିଧାୟକ ରୋହିତ ପୂଜାରୀ ।

ଏ ସମ୍ପର୍କରେ ସିଡିଏମଓ କଲ୍ୟାଣ କୁମାର ଗୁପ୍ତାଙ୍କୁ ପଚାରିବାରେ ଜଣେ ଡାକ୍ତରଙ୍କୁ ହାତୀବାରିରେ ନିଯୁକ୍ତି ଦିଆଯାଇଛି। ଯୁଯୁମୁରା ଅଞ୍ଚଳର ଅନ୍ୟ ଡାକ୍ତରଖାନାରେ ଡାକ୍ତର ସମସ୍ୟା ଦୂର କରିବା ପାଇଁ କାଉନସେଲିଂ ଚାଲିଥିବା କହିଛନ୍ତି। ବିଧାୟକ ଇଂ. ରୋହିତ ପୂଜାରୀ କୁହନ୍ତି ରାଜ୍ୟରେ ଡାକ୍ତର ସମସ୍ୟା ଲାଗି ରହିଛି। ତଥାପି ମୋ ବିଧାନସଭା ମଣ୍ଡଳୀରେ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଇଛି। ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ସହ ଡାକ୍ତର ସମସ୍ୟା ସମାଧାନ ପାଇଁ ନିୟମିତ ଭାବେ ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରିଆସୁଛି। ରାସ୍ତାଘାଟ ନିର୍ମାଣ ହୋଇଯାଇଥିବାରୁ ଏବେ ରୋଗୀ ନେବା ଆଣିବାରେ ମଧ୍ୟ ସୁବିଧା ହୋଇଯାଇଛି । ଯେଉଁ ଡାକ୍ତରଖାନାରେ ସମସ୍ୟା ରହିଛି ଶୀଘ୍ର ପୂରଣ କରିବାକୁ ପଦକ୍ଷେପ ନିଆଯିବ ବୋଲି ସେ ଜଣାଇଛନ୍ତି।

ନିର୍ବାଚନ ପ୍ରକ୍ରିୟା ସମ୍ପର୍କିତ ବୈଠକ

ଜମନକିରା,୬।୯(ଡି.ଏନ୍.ଏ.)
ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସମ୍ମିଳନୀ କକ୍ଷରେ ଗୁରୁବାର ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ନିର୍ବାଚନ ପ୍ରକ୍ରିୟା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତଥା ଉପଖଣ୍ଡ ନିର୍ବାଚନ ଅଧିକାରୀ ବିଶ୍ୱରଞ୍ଜନ ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ତହସିଲଦାର ମନୋଜ କୁମାର ମେହେର, ଏବିଡ଼ିଓ ପ୍ରଦୀପ କୁମାର ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ। କୁଚିଣ୍ଡା ଉପଖଣ୍ଡ ନିର୍ବାଚନ ବିଭାଗ ବରିଷ୍ଠ କିରାଣୀ ଉମାକାନ୍ତ ସଞ୍ଜୀବ ଶେଖର କୁଟୁରା ଓ କୃଷ୍ଣଚନ୍ଦ୍ର ପରିଡ଼ା ଯୋଗଦେଇ ଆସନ୍ତା ସାଧାରଣ ନିର୍ବାଚନ ପ୍ରସ୍ତୁତି ଉପରେ ସୂଚନା ପ୍ରଦାନ କରିଥିଲେ। ସୂଚନା ଅନୁସାରେ ଚଳିତ ସେପ୍ଟେମ୍ବର ମାସ ୧ ତାରିଖରୁ ଆସନ୍ତା ଅକ୍ଟୋବର ୨୦୧୮ ସମୟ ସୀମା ମଧ୍ୟରେ ଭୋଟର ସଂଶୋଧନ, ସ୍ଥାନ ପରିବର୍ତ୍ତନ, ନୂତନ ପଞ୍ଜିକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଆଇସିଡ଼ିଏସ୍ ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ ସୁପରଭାଇଜର ଓ ବିଏଲ୍ଓ ଅଙ୍ଗନଓ୍ୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ।

ଜମନକିରା ବ୍ଲକ୍ କଳା ସଂସ୍କୃତି ପରିଷଦ ପକ୍ଷରୁ ବିକ୍ଷୋଭ

ଜମନକିରା,୬।୯(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ କଳା ସଂସ୍କୃତି ପରିଷଦ ପକ୍ଷରୁ ବିଭିନ୍ନ ଦାବି ନେଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ବିଡ଼ିଓ ମୁରଲୀଧର ନାୟକଙ୍କୁ ଦିଆଯାଇଛି। କଳା ସଂସ୍କୃତି ପରିଷଦର ସଭାପତି ଗୋକୁଳାନନ୍ଦ ଦାନୀଙ୍କ ନେତୃତ୍ୱରେ କଳାକାରମାନେ ସ୍ଥାନୀୟ କୃଷକ ଖଳାରେ ଏକତ୍ରୁଟ ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ ସମିତି ସମ୍ମୁଖରେ ପହଞ୍ଚିଥିଲେ। ବ୍ଲକ୍ ସମ୍ମୁଖରେ ଏକ ବିକ୍ଷୋଭ ସଭା କରିଥିଲେ। କଳାକାରମାନେ ଗ୍ରାମାଞ୍ଚଳ ଲୋକ କଳାକୁ ବଞ୍ଚାଇ ରଖିବାରେ ସରକାରଙ୍କ ସହାୟତା ଦାବି କରିଥିଲେ। ୨୦୧୧-୧୨ରୁ ସଂଘ ଗଠନ ହୋଇଥିଲେ ମଧ୍ୟ କୌଣସି ସରକାରୀ ସହାୟତା ମିଳିନଥିବା, ବ୍ଲକ୍ ଅଞ୍ଚଳର ବହୁ କଳାକାର ଆବେଦନ କରିଥିଲେ ମଧ୍ୟ ସେମାନଙ୍କ ନାଁ ପଞ୍ଜିକୃତ ହୋଇ ନ ଥିବା, ଜମନକିରା କଳା ସଂସ୍କୃତି ପରିଷଦ ପାଇଁ ଏକ ନିଜସ୍ୱ ସଭାଗୃହ ପ୍ରଦାନ ଆଦି ଉପରେ ସ୍ୱର ଉତ୍ତୋଳନ କରିଥିଲେ। ଏଥିରେ ଉମାକାନ୍ତ ଅର୍କ, ହିମାଦ୍ରୀ ସାହୁ, ଅଭିମନ୍ୟୁ ଖଡ଼ିରତ୍ନ, ଉଗ୍ରେସନ ସାହୁ, ସନ୍ତୋଷ ମାଝୀ, ଧନଞ୍ଜର ମେହେର, ଜଗଦୀଶ ପଧାନ, ପସନ୍ନ କୁମାର ସାହୁ, ସନ୍ତୋଷ ପଧାନ, ଅରୁଣ ମାଝୀ, ହେମନ୍ତ ରଣା, ପବିତ୍ର ପଧାନ ପ୍ରମୁଖଙ୍କ ସହ ଶତାଧିକ କଳାକାର ସାମିଲ ହୋଇଥିଲେ।

ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଳାକାରମାନଙ୍କ ବିକ୍ଷୋଭ ।

ବୃକ୍ଷରୋପଣରେ ନିୟୋଜିତ ବିଜୁ ଯୁବ ବାହିନୀ କର୍ମକର୍ତ୍ତା, କଲେଜ ଛାତ୍ରୀଛାତ୍ର।

ବିଜୁ ଯୁବବାହିନୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜମନକିରା,୬।୯(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ମହାବିଦ୍ୟାଳୟରେ ଗୁରୁବାର ବିଜୁ ଯୁବ ବାହିନୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ.ବସନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାଏକ ଯୋଗ ଦେଇଥିଲେ। ଜମନକିରା ତହସିଲଦାର ମନୋଜ କୁମାର ମେହେର, ଯୁକ୍ତ ୩ ବିଭାଗର ଅଧକ୍ଷ ଅରୁଣ କୁମାର ପଟେଲ, ଅଦାପ୍ରସାଦ ମହାକୁଳ, ଭୁବନେଶ୍ୱର କିସାନ ସମ୍ମାନିତ ଅତିଥି ପ୍ରମୁଖ ଯୋଗଦେଇ କଲେଜ ପରିସରରେ ବୃକ୍ଷ ରୋପଣ କରିଥିଲେ। କଲେଜ ପକ୍ଷରୁ ବରିଷ୍ଠ ଅଧ୍ୟାପକ ଡ଼ୋଲାମଣୀ ମେହେର, ପ୍ରଧ୍ୟାପକ ଡ. କୃପାଶଙ୍କର ନାଥ, ପ୍ରଧ୍ୟାପିକା ସୁଶ୍ରୀ ସୁଷମା ପଟ୍ଟନାୟକ, ଅଧ୍ୟାପକ ପ୍ରଶାନ୍ତ ନାୟକ, ରମେଶ ଚନ୍ଦ୍ର ରାଉତ, ଡ. ତୃପ୍ତି ମିଶ୍ର, ଅରୁଣା ମିଶ୍ର, ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିବା ବେଳେ ଅଧ୍ୟାପିକା ଡ. ଶିବାନୀ ବେହେରା, ନିବେଦିତା ସାହୁ, ଅର୍ଚ୍ଚନା ରାଉତ, କଲ୍ୟାଣୀ ସାହୁ, ଦିପ୍ତିମୟୀ ବିଶ୍ୱାଳ, ତୃପ୍ତିମୟୀ ମଲ୍ଲିକ, ଚନ୍ଦ୍ରିକା ସାହୁ, କୁଣ୍ଡଳୀ ମହାନନ୍ଦ, ସୁପର୍ଣ୍ଣା ପଟ୍ଟନାୟକ, ସୀମରନ ସିଂଦେଓ, ଚେତନା ଗଡ଼ତିଆ, ଶିବପ୍ରସାଦ ଘୋଷ, ସତ୍ୟନାରାୟଣ ପଟ୍ଟନାୟକ, ସ୍ୱାଶତ ତ୍ରିପାଠୀ, ପ୍ରୀତମ ସେଠ, ପିଇଟି ରଞ୍ଜନ ମହାକୁଳ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଜୁ ଯୁବ ବାହିନୀ ଜମନକିରା ପକ୍ଷରୁ ସୁଦର୍ଶନ ଖୁଣ୍ଟିଆ, ସଞ୍ଜୟ ପଟେଲ, ଅମିତ ନାଏକ, ପଦ୍ମନାଭ ଶବର, ଆନନ୍ଦ ପଟେଲ, ଟିକିଲିପଡ଼ାର ଲୋକେଶ ନାଏକ, ସଞ୍ଜୟ ନେତୁର, ସୁଶାନ୍ତ ଛତ୍ରିଆ, ଟଙ୍କଧର ପଧାନ ନେତୃତ୍ୱ ନେଇଥିଲେ। ଏଥିରେ କଲେଜର ଛାତ୍ରୀଛାତ୍ର ସାମିଲ୍ ହୋଇଥିଲେ।

ମଞ୍ଜୁର ପ୍ରକଳ୍ପ ବିରୋଧରେ ଧାରଣା ୧୧ ଦିନରେ ପହଞ୍ଚିଲା

■ଅତିରିକ୍ତ ଜିଲାପାଳଙ୍କ ଉପେକ୍ଷାକୁ ପଞ୍ଚାୟତ ପ୍ରତିନିଧିଙ୍କ ସମାଲୋଚନା

ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା ।

ଜମନକିରା,୬।୯(ଡି.ଏନ୍.ଏ.)
ସମ୍ବଲପୁର ଜିଲା ଜମନକିରା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା ଗୁରୁବାର ୧୧ ଦିନରେ ପହଞ୍ଚିଛି। ପ୍ରଶାସନିକ ଅଧିକାରୀ ଆଲୋଚନାର ପ୍ରତିଶ୍ରୁତି ଦେଇ ଧାରଣାସ୍ଥଳକୁ ନ ଆସି ଉପେକ୍ଷା କରିବା ପ୍ରତିବାଦରେ ପଞ୍ଚାୟତ ପ୍ରତିନିଧି ଉତ୍କ୍ଷିପ୍ତ ହୋଇ ତୀବ୍ର ସମାଲୋଚନା କରିଛନ୍ତି। ଆଗାମୀ ଦିନରେ ସରକାରୀ କାର୍ଯ୍ୟରେ ସମ୍ପୂର୍ଣ୍ଣ ଅସହଯୋଗ କରିବେ ବୋଲି ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ପଞ୍ଚାୟତ ପ୍ରତିନିଧିମାନେ ଅଗଷ୍ଟ ୨୭ ତାରିଖରୁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ମଞ୍ଜୁର ପ୍ରକଳ୍ପକୁ ବିରୋଧ କରି ଧାରଣାରେ ବସିଛନ୍ତି। ଗୁରୁବାର ଧାରଣା ଜାରି ରହିଥିଲା ବେଳେ ସମ୍ବଲପୁର ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ସାମାଜିକ ସମୀକ୍ଷା ପାଇଁ ଆସିଥିଲେ। ଏହି ସମୟରେ ଧାରଣାରତ ପଞ୍ଚାୟତ ପ୍ରତିନିଧିମାନେ ତାଙ୍କ ବାଟ ଓଗାଳି ସମାଧାନ ଦିଗରେ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ। ମାତ୍ର ଜେନା ସମୀକ୍ଷା ପରେ ସେମାନଙ୍କୁ ଭେଟିବେ କହିଥିଲେ। ଦୀର୍ଘ ଦେଢ଼ ଘଣ୍ଟା ପରେ ସାମାଜିକ ସମୀକ୍ଷା ଶେଷ ହୋଇଥିଲା। ଅତିରିକ୍ତ ଜିଲାପାଳ ଜେନା କିନ୍ତୁ ଧାରଣାରତ ପ୍ରତିନିଧିଙ୍କୁ ନ ଭେଟି ଫେରିଯାଇଥିଲେ। ଧାରଣାରେ ହୃଦାନନ୍ଦ ନାଏକ, ସରୋଜ କୁମାର ସେଠ, ରମେଶ ଭୋଇ, ବିଷ୍ଣୁପ୍ରିୟା ମାଝୀ, ବିନତା ପଟେଲ, ସୁଷମା ବାଘ, ମନୋଜ ନାଏକ, ସନତ ନାଏକ, ପ୍ରଭାସିନୀ ଠାକୁର, କେଦାର ବରିହା, ପ୍ରତିମା ମହାନନ୍ଦ, ସୁମନ୍ତ ପଟେଲ ପ୍ରମୁଖ ଧାରଣାରେ ସାମିଲ ହୋଇଥିବା ବେଳେ ସରପଞ୍ଚ ମାନେ ହେଲେ ରାଇଟର ଝାଙ୍କର, ସୁଶାନ୍ତ କୁମୁରା, କୁନିମା ନାଏକ, ରୁକ୍ମଣୀ କିସାନ, ପ୍ରଭାସିନୀ ମାଝୀ, ସଞ୍ଜୟ ଧୁରୁଆ, ସତ୍ୟନାରାୟଣ ନାଏକ, ସରୋଜିନୀ କିସାନ, ରମେଶ କୁମୁରା, ସଞ୍ଜୁ ନେଗୀ, ଜୟନ୍ତୀ ବାଘ, ପ୍ରଭାସିନୀ ମାଝୀ, ଭାସ୍କର ଭୋଇ ପ୍ରମୁଖ ସାମିଲ୍ ହୋଇଥିଲେ।

ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

ରେଢ଼ାଖୋଲ,୬।୯(ଡି.ଏନ.ଏ.)
ରେଢ଼ାଖୋଲ ବନଖଣ୍ଡ ଚାରମାଳ ରେଞ୍ଜ୍ ମୁଷାକଟା ଗ୍ରାମର ଲକ୍ଷ୍ମଣ ପ୍ରଧାନ(୪୬) ନାମକ ଜଣେ ଚାଷୀ ଗୁରୁବାର ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମତେ, ଗୁରୁବାର ଭୋରରେ ଲକ୍ଷ୍ମଣ ଚାଷ ଜମିକୁ ଯାଉଥିବା ବେଳେ ଭାଲୁ ତାଙ୍କୁ ଘେରିଥିଲା। ତାଙ୍କ ଗୋଡ଼ ଓ ପିଠିକୁ ଆକ୍ରମଣ କରି ଆହତ କରିଥିଲା। ରେଢ଼ାଖୋଲ ଅଞ୍ଚଳରେ ବନ୍ୟଜନ୍ତୁମାନଙ୍କ ଆକ୍ରମଣରେ ପୂର୍ବରୁ ଏକାଧିକ ଲୋକେ ଆହତ ହୋଇଛନ୍ତି। ଏପରି ମୃତ୍ୟୁମୁଖରେ ପଡ଼ିଛନ୍ତି। ହେଲେ ବନ ବିଭାଗ ପକ୍ଷରୁ ଆହତମାନଙ୍କୁ ଚିକିତ୍ସା ଖର୍ଚ୍ଚ ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ହେଉଛି।

■ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବି

ରେଢ଼ାଖୋଲରେ ଓକିଲଙ୍କ ପିକେଟିଂ, ଅଚଳ ସରକାରୀ କଳ

ରେଢ଼ାଖୋଲ,୬।୯(ଡି.ଏନ.ଏ.)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସମ୍ବଲପୁର ଜିଲା ରେଢ଼ାଖୋଲ ଓକିଲ ସଂଘ ପକ୍ଷରୁ ଗୁରୁବାରଠାରୁ ଆନ୍ଦୋଳନ ଆରମ୍

ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

ସଂକ୍ଷେପରେ

ରାଜୀବ ହତ୍ୟା ମାମଲା: ରାଜ୍ୟପାଳଙ୍କୁ କହିଲେ ସୁପ୍ରିମକୋର୍ଟ

ରାଜକ୍ଷମା ଆବେଦନର ବିଚାର ହେଉ

ନୂଆଦିଲ୍ଲୀ,୬।୯(ଆଇଏଏନ୍‌ଏସ୍) ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଏ.ଜି. ପେରାରିଭାଲାନ୍‌ଙ୍କ ରାଜକ୍ଷମା ଆବେଦନର ବିଚାର କରିବା ଲାଗି ଗୁରୁବାର ସୁପ୍ରିମକୋର୍ଟ ତାମିଲନାଡୁ ରାଜ୍ୟପାଳଙ୍କୁ କହିଛନ୍ତି। ପେରାରିଭାଲାନ୍‌ଙ୍କ ଓକିଲ ଗୁରୁବାର ସର୍ବୋଚ୍ଚ ଅଦାଲତରେ କହିଛନ୍ତି, ତାଙ୍କ ମହକିଲ ୨୦୧୫ ଡିସେମ୍ବର ୩୦ରେ ରାଜକ୍ଷମା ଲାଗି ଆବେଦନ କରିଥିଲେ। ଦୀର୍ଘ ଦୁଇବର୍ଷ ହେଲା ପେରାରିଭାଲାନ୍‌ଙ୍କ ରାଜକ୍ଷମା ଆବେଦନ ଅଟକି ରହିଛି। କିନ୍ତୁ ତାହା ଉପରେ ଧ୍ୟାନ ଦିଆଯାଉନାହିଁ। ଏଣୁ ଏହାର ବିଚାର ହେଉ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ରାଜୀବ ହତ୍ୟା ମାମଲାରେ ସମ୍ବିଧାନ ଅନୁଚ୍ଛେଦ ୧୬୧ ଆଧାରରେ ରାଜ୍ୟପାଳଙ୍କୁ ରାଜକ୍ଷମା ଆବେଦନ କରିଥିବା ୭ ଜଣ ଦୋଷୀଙ୍କ ମଧ୍ୟରେ ପେରାରିଭାଲାନ୍ ହେଉଛନ୍ତି ଜଣେ।

ବିପନ୍ନଙ୍କୁ ସହାୟତା

ଓଡ଼ିଆ କାରିଗର ପ୍ରଶଂସିତ

କୋଚି,୬।୯(ପି.ଟି.)- ବନ୍ୟା ବିପତ୍ତି ବେଳେ ଓଡ଼ିଶା ସହଯୋଗ ପାଇଁ କୃତଜ୍ଞତା ଜଣାଇଛି କେରଳ। ବିପନ୍ନଙ୍କ ଥଇଥାନ ଲାଗି ଓଡ଼ିଶାର କୁଶଳୀ କାରିଗରମାନେ ଯେଭଳି ସହଯୋଗ କରିଛନ୍ତି ତାହାକୁ ରାଜ୍ୟ କେବେ ଭୁଲିବ ନାହିଁ ବୋଲି ଗୁରୁବାର ରାଜ୍ୟ ଶ୍ରମମନ୍ତ୍ରୀ ଟି.ପି. ରାମକ୍ରିଷ୍ଣନ୍ ପ୍ରକାଶ କରିଛନ୍ତି। ଦକ୍ଷ ଇଲେକ୍ଟ୍ରିସିଆନ୍, ପାଣି ପାଇପ କାରିଗର, ଝଲେଇ ମିସ୍ତ୍ରି, ବଢ଼େଇଙ୍କୁ ନେଇ ଏକ ଗୋଷ୍ଠୀ ଅଗଷ୍ଟ ୨୩ରେ କେରଳର ଏର୍ନାକୁଲମ୍ ଜିଲାର ଆଲୁଭା ଏବଂ ଉତ୍ତର ପାରାଭୁର୍ ଅଞ୍ଚଳରେ ଥଇଥାନ କାର୍ଯ୍ୟ କରୁଛନ୍ତି। ୨୫ ଜଣିଆ ଏହି ସ୍ୱେଚ୍ଛାସେବୀ ଦଳ ଶତାଧିକ ଘର ବୁଲି ବିପନ୍ନଙ୍କ ବାସ ସଜାଡ଼ିବାରେ ସହଯୋଗ କରିଥିଲେ। ବିଦ୍ୟୁତ୍ ଯୋଗାଯୋଗ ଠିକ୍ କରିବା ସହ, ପାଣି ପାଇପ୍ କାମ, ଟିଭି, ଫ୍ରିଜ୍, ୱାଶିଂମେଶିନ୍ ଆଦି ବିଭିନ୍ନ ବୈଦ୍ୟୁତିକ ଉପକରଣ ସଜାଡ଼ିଥିଲେ। ପ୍ରଭାବିତ ଲୋକଙ୍କୁ ସହଯୋଗ ଦେବା ଲାଗି ସେମାନେ କୋଝିକୋଡ୍ ଏବଂ ୱାୟାନାଡ୍ ଅଞ୍ଚଳରେ କ୍ୟାମ୍ପ୍ କରି ରହିଥିଲେ। ଏହି ଓଡ଼ିଆ କୁଶଳୀ ଗୋଷ୍ଠୀଙ୍କ ଦ୍ୱାରା ପ୍ରାୟ ୫୩୦୦ ଲୋକ ସେବା ପାଇପାରିଛନ୍ତି। ଏହି ସ୍ୱେଚ୍ଛାସେବୀଙ୍କ ସମ୍ମାନାର୍ଥେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଶ୍ରମମନ୍ତ୍ରୀ ରାମକ୍ରିଷ୍ଣନ୍ ଓଡ଼ିଶା କାରିଗରଙ୍କ ଅବଦାନ ସଦା ମନେ ରହିବ ବୋଲି ଉଲ୍ଲେଖ କରିଛନ୍ତି।

ଭାରତ ବନ୍ଦ ପାଳନର ଆଂଶିକ ପ୍ରଭାବ

ପାଟନା/ଲକ୍ଷ୍ନୌ/ଭୋପାଳ,୬।୯(ପି.ଟି.) ଅନୁସୂଚିତ ଜାତି/ଜନଜାତି (ଏସ୍‌ସି/ଏସ୍‌ଟି) ଆଇନରେ ସଦ୍ୟ ସଂଶୋଧନକୁ ବିରୋଧକରି ଗୁରୁବାର କେତେକ ରାଜ୍ୟରେ ଭାରତ ବନ୍ଦ ପାଳନ କରାଯାଇଥିଲା। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ବିହାର ଆଦି କେତେକ ରାଜ୍ୟରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଏହିସବୁ ରାଜ୍ୟରେ ସ୍କୁଲ, କଲେଜ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ବନ୍ଦ ରହିଛି। ବିହାର ଏବଂ ଉତ୍ତରପ୍ରଦେଶରେ ଆନ୍ଦୋଳନକାରୀ ରେଳରୋକୋ କରିବା ସହ ରାଜପଥ ଅବରୋଧ କରିଥିଲେ। ଫଳରେ କେତେକ ପ୍ରାନ୍ତରେ ରେଳ ଚଳାଚଳ ସାଙ୍ଗକୁ ଗାଡ଼ିମୋଟର ଚଳାଚଳ ମଧ୍ୟ ବାଧାପ୍ରାପ୍ତ ରହିଥିଲା। ବନ୍ଦ ପାଳନବେଳେ ବିହାରର ଦୁଇନେତା ଆନ୍ଦୋଳନକାରୀଙ୍କ ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି। ଜେଡିୟୁ ନେତା ଶାମ ରଜାକ୍ ଏବଂ ମାଧେପୁର ଏମ୍‌ପି ରାଜେଶ ରଞ୍ଜନ ଯାତ୍ରା କରୁଥିବାବେଳେ ଆନ୍ଦୋଳନକାରୀ ସେମାନଙ୍କୁ ଟେକାମାଡ଼ କରିଥିବା ଅଭିଯୋଗ ହୋଇଛି।

ଆତଙ୍କବାଦୀ ଆକ୍ରମଣରେ ୧୯ ସୈନ୍ୟ ନିହତ

କାବୁଲ,୬।୯(ପି.ଟି.)- ଆଫ୍‌ଗାନିସ୍ତାନରେ ବୁଧବାର ଆତଙ୍କବାଦୀଙ୍କ ଦୁଇଟି ପୃଥକ୍ ଆକ୍ରମଣରେ ୧୯ ସୈନ୍ୟ ପ୍ରାଣ ହରାଇଥିବାବେଳେ ୮୯ ଜଣ ଆହତ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ଗୁରୁବାର ଏ ନେଇ ସୂଚନା ଦିଆଯାଇଛି। ରାଜଧାନୀ କାବୁଲର ଶିୟା ମୁସଲିମ୍ ବସବାସ କରୁଥିବା ଅଞ୍ଚଳରେ ଏହି ଆକ୍ରମଣ ଘଟିଛି। ଆକ୍ରମଣ ଶୈଳୀ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଗୋଷ୍ଠୀ ସଦୃଶ। ଏଣୁ ଏହା ପଛରେ ଆଇଏସ୍‌ର ହାତ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ତାଲିବାନ ଆତଙ୍କବାଦୀ ଏହା ପଛରେ ନିଜର ହାତ ନ ଥିବା ସ୍ପଷ୍ଟ କରିସାରିଛନ୍ତି।

ଦେବଗଡ଼ ଗଣେଶ ମେଳା

ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ

ଦେବଗଡ,୬।୯(ସ୍ୱ.ପ୍ର.)

୧୧ଦିନ ଧରି ଚାଲିବ ପୂଜା
- ୨୪ଲକ୍ଷ ଟଙ୍କା ବ୍ୟୟ ଅଟକଳ
- ପ୍ରଥମଥର ପାଇଁ ଗଣେଶ ମେଳା ମହୋତ୍ସବ
- ବିଶେଷ ଆକର୍ଷଣ ଭସାଣି ଶୋଭାଯାତ୍ରା

୧୯୪୯ମସିହାରୁ ଆରମ୍ଭ ହୋଇଥିବା ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ସାର୍ବଜନୀନ ଗଣେଶ ମେଳା ଏଥର ୭୦ବର୍ଷରେ ପଦାର୍ପଣ କରିଛି । ଗଣପର୍ବ ଭାବେ ପାଳିତ ହୋଇ ଆସୁଥିବା ଏହି ପର୍ବକୁ ଚଳିତ ବର୍ଷ ଅଧିକ ଆକର୍ଷଣୀୟ କରିବାକୁ ଗଣେଶ ମେଳା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି ଅବସରରେ ଗୁରୁବାର ସ୍ଥାନୀୟ ଗୋପବନ୍ଧୁ ଛକ ସ୍ଥିତ ଏକ ହୋଟେଲଠାରେ ଏକ ଖବରଦାତା ସମ୍ମିଳନୀରେ କମିଟି ସଭାପତି ଧର୍ମେନ୍ଦ୍ର କୁମାର ଦେବତା, ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, କୋଷାଧ୍ୟକ୍ଷ ରାଜେନ୍ଦ୍ର ଆଚାର୍ଯ୍ୟ, ଉପସଭାପତି ମୋତିଲାଲ ବେହେରା, ମିଡିଆ ସେଲର ମୋତିଲାଲ ଶର୍ମା ପ୍ରମୁଖ ଉପସ୍ଥିତ ରହି ସମସ୍ତ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଚଳିତ ବର୍ଷ ପୂଜା ଉତ୍ସବ ୧୧ଦିନ ଧରି ପାଳନ କରାଯିବ। ସହରର ମୂଖ୍ୟସ୍ଥଳୀରେ ଥିବା ଦୈନିକ ବଜାରରେ ୧୨ ତାରିଖ ଅଧିବାସ, ୨୩ ତାରିଖ ଆକର୍ଷଣୀୟ ଭସାଣୀ ଯାତ୍ରା ଅନୁଷ୍ଠିତ ହେବ। ବିଭିନ୍ନ ସାଂସ୍କୃତିକ ଦଳ ମଧ୍ୟରେ ରଙ୍ଗୀନ କୀର୍ତ୍ତନ, ଘଣ୍ଟବାଦ୍ୟ, ଶଙ୍ଖବାଦ୍ୟ, ଯୋଡ଼ି ଶଙ୍ଖ, ଘୁଲଘୁଲି, ବାଘ ଷଣ୍ଢ ଲଢ଼େଇ, ମୟୁରପୁଚ୍ଛ, ପାଇକ ଆଖଡ଼ା, ଜିମ୍ନାସିୟମ୍, ଘୋଡ଼ାନାଚ, ଷ୍ଟେବୁ ଆଇଟମ୍, ଡିଜେ, ହାଡିବାଜା ଏହିପରି ଦଳକୁ ସାମିଲ କରାଯିବ । ସେହିପରି ସହରର ବିଭିନ୍ନ ଛକ ସ୍ଥାନମାନଙ୍କରେ ସୁଉଚ୍ଚ ଓ ସୁଦୃଶ୍ୟ ବିଦ୍ୟୁତ ତୋରଣ ଓ ଆଲୋକମାଳାର ବ୍ୟବସ୍ଥା କରାଯିବ। ପ୍ରତ୍ୟେକ ସଂଧ୍ୟାରେ ଓଡିଶାର ବଛାବଛା ମେଲୋଡି ଗ୍ରୁପ୍ , ଭଜନ ଗ୍ରୁପ୍ , ସମଲପୁରୀ ନୃତ୍ୟ ସାଙ୍ଗକୁ କମେଡି ନାଇଟ୍ ଏବଂ ୨୧ ଓ ୨୨ ତାରିଖ ଦିନ ପ୍ରଥମ ଥର ପାଇଁ ଗଣେଶ ମେଳା ମହୋତ୍ସବ ଅନୁଷ୍ଠିତ ହେବ। ଏଥି ସହ ସହରର ବିଭିନ୍ନ ସ୍ଥାନରେ ଅପେରା କାର୍ଯ୍ୟକ୍ରମ ସାଙ୍ଗକୁ ମୀନାବଜାର ଓ ଆକର୍ଷଣୀୟ ଦୋକି ବ୍ୟବସ୍ଥା କରାଯାଇଛି। ୨୨ତାରିଖ ସନ୍ଧ୍ୟାରେ ଆକର୍ଷଣୀୟ ଗଣେଶ ଲଡୁ ନିଲାମ ବଦଳରେ କୁପନ ମାଧ୍ୟମରେ କାହା ଭାଗ୍ୟରେ ଗଣେଶ ଲଡୁ ମାତ୍ର ୧ ହଜାର ଟଙ୍କାରେ ବ୍ୟବସ୍ଥା ରହିଛି। ଏଥିରେ ଏକ ସୁନାର ଲଡୁ ଏବଂ କବିତା ପାଠୋତ୍ସବ, ଶ୍ରୀଗଣେଶ ସ୍ମରଣିକା ଉନ୍ମୋଚନ ଆଦି କାର୍ଯ୍ୟକ୍ରମମାନ ରଖାଯାଇଛି । ଚଳିତବର୍ଷ ୨୪ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ପୂଜା ଆୟୋଜନ ହେବ ବୋଲି କମିଟି ସୂଚନା ଦେଇଛି। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ମଣ୍ଡଳୀର ଟିକେଶ୍ୱର ଗୁରୁ, ସୁଶାନ୍ତ ନନ୍ଦ, ପିଣ୍ଟୁ ଦ୍ୱିବେଦୀ, ପିଲୁ ରାଜେଶ ନାୟକ ଓ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

ତୈଳ ଦର ବୃଦ୍ଧି ପ୍ରତିବାଦ

୧୦ରେ ଭାରତ ବନ୍ଦ

ନୂଆଦିଲ୍ଲୀ, ୬।୯(ପି.ଟି.)

କଂଗ୍ରେସର ଡାକରା

ତୈଳ ଦର ବୃଦ୍ଧି ପ୍ରତିବାଦରେ ସେପ୍ଟେମ୍ବର ୧୦ରେ କଂଗ୍ରେସ ଦେଶବ୍ୟାପୀ ବନ୍ଦ ପାଳନ କରିବ। ଏନେଇ ଗୁରୁବାର ଦଳ ପକ୍ଷରୁ ଘୋଷଣା ହୋଇଛି। କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ ଲାଗି ଅନ୍ୟ ବିରୋଧୀ ଦଳ ଏବଂ ସଭ୍ୟ ସମାଜର ସମର୍ଥନ ଲୋଡ଼ିଛି କଂଗ୍ରେସ। ସେହିପରି ସିପିଏମ୍ ସମେତ ଅନ୍ୟ ବାମଦଳଗୁଡ଼ିକ ମଧ୍ୟ ସୋମବାର ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିବେ।

ଗୁରୁବାର ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଅଶୋକ ଗେହଲଟ୍, ଅହମଦ ପଟେଲ, ମୋତିଲାଲ ଭୋରା, ମଲ୍ଲିକାର୍ଜୁନ୍ ଖାର୍ଗେ ଏବଂ ରଣଦୀପ ସିଂ ସୁର୍ଜେୱାଲା କେନ୍ଦ୍ର ଉପରେ ପ୍ରବଳ ବର୍ଷିଛନ୍ତି। ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦର ଆକାଶଛୁଆଁ ହୋଇଛି। ତୈଳ ଦର ବୃଦ୍ଧି ସହିତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦାମ୍ ମଧ୍ୟ ବଢ଼ିଯାଉଛି। ଏଥିପାଇଁ ସାଧାରଣ ଲୋକଙ୍କୁ ବହୁମୂଲ୍ୟ ଦେବାକୁ ପଡୁଛି ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ୧୧ କୋଟି ଟଙ୍କାର ତୈଳ ଲୁଟ୍ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୁପ୍ ବସିଛନ୍ତି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ମଧ୍ୟ ଅନେକ ମାତ୍ରାରେ ହ୍ରାସ ପାଇଛି। କିନ୍ତୁ ଅର୍ଥମନ୍ତ୍ରୀ ଅଚିନ୍ତାରେ ଅଛନ୍ତି। ଏସବୁ ପ୍ରସଙ୍ଗରେ କେନ୍ଦ୍ରକୁ ଜବାବ ମାଗିବା ପାଇଁ ଆସନ୍ତା ସୋମବାର କଂଗ୍ରେସ ଭାରତ ବନ୍ଦ ପାଳନ କରିବ ବୋଲି ଦଳର ନେତାମାନେ ଘୋଷଣା କରିଛନ୍ତି। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କଂଗ୍ରେସ ନେତା ଓ କର୍ମୀମାନେ ବନ୍ଦ ପାଳନ କରିବେ।

'ମୁଁ ହିରୋ, ମୁଁ ଓଡ଼ିଶା' କାର୍ଯ୍ୟକ୍ରମ

ରାଉରକେଲା ଅଫିସ,୬।୯

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମ ଅନ୍ତର୍ଗତ 'ମୁଁ ହିରୋ, ମୁଁ ଓଡ଼ିଶା' ଅଭିଯାନ ରାଉରକେଲା ସହରରେ ଶୁଭାରମ୍ଭ କରାଯାଇଛି। ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ମହାନଗର ନିଗମ ଉପାୟୁକ୍ତ ସୁଷମା ବିଲୁଙ୍ଗ, କଲେଜ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ସୁନ୍ଦରଗଡ଼ ଜିଲା ଯୁବ ସଂଯୋଜିକା ପ୍ରିୟଦର୍ଶିନୀ ଯୋଷୀ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ମହାନଗର ନିଗମର ପ୍ରତ୍ୟେକ ୱାର୍ଡରେ ଗଠନ କରାଯାଇଥିବା ବିଜୁ ଯୁବ ବାହିନୀ କ୍ଲବର ୮୦୦ ଯୁବସାଥୀ ମୁଁ ହିରୋ, ମୁଁ ଓଡ଼ିଶା ରଥ ସହ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ମହାବିଦ୍ୟାଳୟକୁ ଫେରିଥିଲେ। ଏଥିରେ ଛାତ୍ରୀଛାତ୍ର ଉପସ୍ଥିତ ରହି ଶୋଭାଯାତ୍ରାରେ ଭାଗ ନେଇଥିବା ଯୁବ ବାହିନୀକୁ ସ୍ୱାଗତ କରିଥିଲେ। ଏହା ଯୁବଶକ୍ତି ବିକାଶରେ ସହାୟକ ହେବା ସହ ସେମାନଙ୍କ ବୌଦ୍ଧିକ, ଆତ୍ମିକ ତଥା ଅନ୍ତର୍ନିହିତ ଗୁଣର ବିକାଶ କ୍ଷେତ୍ରରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସହରର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୭ଜଣ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ସିନ୍ଧୁ ପଣ୍ଡା, ସାତ୍ତ୍ୱିକ ସରୋଜ କୁମାର, ଅର୍ଚ୍ଚନା ଲାକ୍ରା, ଅନୁ ଓରାମ, କୁମାର ଦେବ, କଳାବତି କଚ୍ଛପ ଓ ସ୍ୱରାଜ ଗୌରବ ପରିଡ଼ା। ଏଥିରେ ଆସନ୍ତା ୨୦୧୯ରେ ହେବାକୁ ଥିବା ହକି ବିଶ୍ୱକପ ମାସ୍କଟ ଓଲି ଓ ବିଶ୍ୱକପ ପ୍ରତିରୂପକୁ ପ୍ରଦର୍ଶିତ କରାଯାଇଥିଲା। ଏକ କ୍ଷୁଦ୍ର ନାଟକ ମାଧ୍ୟମରେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ କେତେଜଣ ଯୁବ ପ୍ରତିଭା ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ବିଜୁ ଯୁବ ବାହିନୀ ସଂଯୋଜକ ବିକ୍ରମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପାର୍ଥସାରଥୀ ସାହୁ, ଅଭିଷେକ ମିଶ୍ର, ସୋନମ ଟପ୍ପୋ ପ୍ରମୁଖ ସହାୟତା କରିଥିଲେ।

'ମୁଁ ହିରୋ, ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଉପସ୍ଥିତ ଯୁବକମାନେ।

ଜିଲାରେ ୟୁରିଆ ସାର ଅଭାବ

କୃଷକ ସେଲ୍ ପକ୍ଷରୁ ରାଜ୍ୟପାଳଙ୍କ ସହ ଆଲୋଚନା

ଦେବଗଡ଼,୬।୯(ସ୍ୱ.ପ୍ର.)

ଦେବଗଡ଼ ଜିଲାରେ ଚାଷୀମାନେ ଚାଷ କରିଥିଲେ ମଧ୍ୟ ୟୁରିଆ ସାରର ଅଭାବ ଦେଖାଦେଇଛି । ଏପରି କି ଜିଲାର ସରକାରୀ ଗୋଦାମରେ ୟୁରିଆ ସାର ନାହିଁ। ଫଳରେ ଚାଷୀମାନେ ସାର ନ ପାଇ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଜିଲାର ଚାଷୀମାନଙ୍କୁ କିପରି ତୁରନ୍ତ ୟୁରିଆ ସାର ପାଇବେ ସେନେଇ ବୁଧବାର ରାଜ ଭବନରେ ରାଜ୍ୟ ପ୍ରଦେଶ କଂଗ୍ରେସ କିଷାନ ସେଲର ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ, ଦେବଗଡ଼ ଜିଲା କିଷାନ କ୍ଷେତ ମଜଦୁର କଂଗ୍ରେସ ସେଲର ସଭାପତି ସନ୍ତୋଷ କୁମାର ସାହୁ ପ୍ରମୁଖ ରାଜ୍ୟପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି।

କୃଷକ ସେଲ୍‌ର ସଦସ୍ୟମାନେ ରାଜ୍ୟପାଳଙ୍କ ସହ ୟୁରିଆ ସାରର ଅଭାବ ସଂକ୍ରାନ୍ତରେ ଆଲୋଚନା କରୁଛନ୍ତି।

ମ୍ୟୁନିସିପାଲ ଗର୍ଲ୍ସ ହାଇସ୍କୁଲରେ ବକ୍ତୃତା ଓ ଗୀତ ପ୍ରତିଯୋଗିତା

ସମ୍ବଲପୁର,୬।୯(ବ୍ୟୁରୋ)

ମ୍ୟୁନିସିପାଲ ଗର୍ଲ୍ସ ହାଇସ୍କୁଲ ପରିସରରେ ବୁଧବାର ବକ୍ତୃତା ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଗୀତରେ ସ୍ନେହଲତା ନାୟକ ପ୍ରଥମ, ରାଜଶ୍ରୀ ନାୟକ ଦ୍ୱିତୀୟ ଓ ବନ୍ଦିତା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ବକ୍ତୃତାରେ ଲୋପାମୁଦ୍ରା ବାଗ, ରାଣୀକବିତା କୁମାରୀ ଶର୍ମା ଓ ନମାମୀ ସିକନ୍ଦର୍ ଯଥା କ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପ୍ରତି ଛବିରେ ଅତିଥି, ଶିକ୍ଷୟତ୍ରୀ, ଶିକ୍ଷକ, ଛାତ୍ରୀମାନେ ମାଲ୍ୟାର୍ପଣ କରିଥିଲେ। ଏହାପରେ ପ୍ରଧାନ ଶିକ୍ଷକ ହରିହର ମିଶ୍ରଙ୍କ ଅଧ୍ୟକ୍ଷତା ଓ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ସେଫାଲି ରାଣୀ ଦାଶଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା । ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧୀଶ ଗିରିଧାରୀ ହୋତା ଓ ଅରବିନ୍ଦ ମହାପାତ୍ର, ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର, ଶିକ୍ଷାବିତ ରାଜେନ୍ଦ୍ର କୁମାର ପଣ୍ଡା, ଓଡିଶା ସାଂସ୍କୃତିକ ସମାଜ ସମ୍ପାଦକ ବୋଧରାମ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ଦେବାସହ କୃତି ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଷ୍ଣୁପ୍ରିୟା ରଥ ଧନ୍ୟବାଦ ଦେଇଥିଲେ। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ରୀତାରାଣୀ ହୋତା, ସିମା ଦାଶ, ଦିପ୍ତିପ୍ରଭା ମିଶ୍ର, ଦିପ୍ତିମୟୀ ମିଶ୍ର, ରିଙ୍କି ହୋତା, ଲଲିତ କୁମାର ମିଶ୍ର, ପ୍ରତିଭା ଦେବୀ, ସନ୍ଧ୍ୟାରାଣୀ ଦାଶ, ପ୍ରଭାରାଣୀ ପଣ୍ଡା, ଅନୁରାଧା ପୁରୋହିତ, ଅନୁପମା ବିଶ୍ୱାଳ, ପଦ୍ମିନୀ ମାଝୀ, ନଳିନୀ ପାଣିଗ୍ରାହୀ, ପୁଷ୍ପରାଣୀ ମିଶ୍ର, ପଙ୍କଜିନୀ ନାୟକ, ସେବତୀ ମଲ୍ଲିକ ଓ ଶିବ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ପଥରରେ ଛେଚି ବୃଦ୍ଧଙ୍କୁ ହତ୍ୟା ଘଟଣା, ୨ ଗିରଫ

ବାଲିଶଙ୍କରା,୬।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅଧୀନ ବାଲିଶଙ୍କରା କୁଇଲେରମୁଣ୍ଡା ଗ୍ରାମର ବୃଦ୍ଧ କପିନ୍ଧର ସିଂ ହତ୍ୟା ଘଟଣାରେ ସମ୍ପୃକ୍ତ ଦୁଇ ଜଣ ଯୁବକଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟିପୁ ତାଜନ(୨୨) ରାଜୁ ତିର୍କି(୨୬)। ଏନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୫୪/୨୦୧୮) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, କୁରେଇମୁଣ୍ଡା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଟିପୁ ଏବଂ ରାଜୁ ଏକ ପଥରରେ କପିନ୍ଧରଙ୍କୁ ଛେଚି ହତ୍ୟା କରିଥିଲେ।

ନବୋଦୟ ଛାତ୍ରୀ ଜାତୀୟ ପ୍ରତିଯୋଗିତାକୁ ମନୋନୀତ

ଦେବଗଡ,୬।୯(ସ୍ୱ.ପ୍ର.)

ଜିଲାର ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ସମ୍ପୃକ୍ତା ପ୍ରଧାନ ଜାତୀୟସ୍ତରରେ ହେବାକୁ ଥିବା ପ୍ରତିଯୋଗିତା

ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍‌ବର୍ଟ ସ୍ପେନ୍‌ସର୍

ସଂକ୍ଷେପରେ

ପାର୍କିଂକୁ ନେଇ ସିଟି ବସ୍‌-ଅଟୋ ଚାଳକ ମୁହାଁମୁହିଁ

ସମ୍ବଲପୁର,୬।୯(ବ୍ୟୁରୋ) : ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ସିଟି ଷ୍ଟେଶନ ନିକଟରେ ଗୁରୁବାର ସନ୍ଧ୍ୟାରେ ଅଟୋ ଚାଳକ ଓ ସିଟି ବସ୍ କର୍ମଚାରୀ ମୁହାଁମୁହିଁ ହୋଇଛନ୍ତି। ସିଟି ବସ୍ କଣ୍ଡକ୍ଟର୍ ରବିନ୍ଦ୍ର ଛତ୍ରିଆ ଧନୁପାଲି ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ୪ ରୁ ୫ ଅଟୋ ଚାଳକ ଗାଡ଼ି ଅଟକାଇ ଥିଲେ। ସିଟି ଷ୍ଟେଶନଠାରେ ପାର୍କିଂ କରିବାକୁ ମନା କରିଥିଲେ। ପାର୍କିଂ କଲେ ପଇସା ଦେବାକୁ ପଡ଼ିବ ବୋଲି ଧମକାଇ ଥିଲେ। ଅଭିଯୋଗ ପରେ ଧନୁପାଲି ପୋଲିସ ଏକ ମାମଲା (ନଂ.୩୨୯/୧୮)ରୁଜୁ କରି ତଦନ୍ତ ଚଳାଇଛି।

ମାରପିଟ ଅଭିଯୋଗରେ ଜଣେ ଅଟକ

ସମ୍ବଲପୁର,୬।୯(ବ୍ୟୁରୋ) : ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ମହାବୀର ପଡ଼ାର ଗୋପାଳ ବାବୁଙ୍କୁ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ସାକ୍ଷୀପଡ଼ାର କାହ୍ନୁଚରଣ ଦାସଙ୍କୁ ଗିରଫ କରିଛି । ଏ ନେଇ ଥାନାରେ ଏକ ମାମଲା (ନଂ ୩୨୮/୧୮) ମାମଲା ରୁଜୁ ହୋଇଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ସୂଚନାଯୋଗ୍ୟ ଯେ, ଗୋପାଳ ଧନୁପାଲି ଛକରେ ଛିଡ଼ା ହୋଇଥିଲେ। ଏହି ସମୟରେ କାହ୍ନୁ ନିକଟକୁ ଆସି ଏକ ମୁଥା ମାରିବା ସହ ଗାଳିଗୁଳଜ କରିଥିଲେ ।

ନିଖୋଜ ଛାତ୍ରୀଙ୍କୁ ଉଦ୍ଧାର କଲା ପୋଲିସ

ସମ୍ବଲପୁର,୬।୯(ବ୍ୟୁରୋ) :ସମ୍ବଲପୁର ଜିଲା ଧନୁପାଲି ଥାନା ବୁଥାପଡ଼ା ଅଞ୍ଚଳରୁ ୪ଦିନ ହେବ ନିଖୋଜ ଥିବା ଜଣେ କଲେଜ ଛାତ୍ରୀଙ୍କୁ ପୋଲିସ ଉଦ୍ଧାର କରିଛି। ଛାତ୍ରୀଙ୍କୁ ନେଇ ଯାଇଥିବା ପଡ଼ୋଶୀ ଯୁବକଙ୍କୁ ଥାନାରେ ଅଟକ ରଖିଛି । ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ବୁଧବାର ନିଖୋଜ ଛାତ୍ରୀଙ୍କ ପିତା ଧନୁପାଲି ଥାନାରେ ଅଭିଯୋଗ କରିଥିଲେ। ହୀରାକୁଦ କଲେଜରେ ଯୁକ୍ତ ୨ ପଢୁଥିବା ଛାତ୍ରୀ କଲେଜକୁ ଯାଇ ଘରକୁ ଫେରିନଥିଲେ।

ତାର ଛିଣ୍ଡିଲା, ଅଳ୍ପକେ ବର୍ତ୍ତିଲେ

ସମ୍ବଲପୁର,୬।୯(ବ୍ୟୁରୋ) : ସମ୍ବଲପୁର ବୁର୍ଲା ଥାନା ମହତାବ ନଗରରେ ଏଲ୍‌ଟି ତାର ଛିଣ୍ଡି ଜଣଙ୍କ ଘର ସମ୍ମୁଖ ଗେଟ୍‌ରେ ପଡ଼ିଥିଲା। ବିଦ୍ୟୁତ ସରାବରାହ ରହିଥିଲେ ମଧ୍ୟ ଭାଗ୍ୟବଶତଃ କାହାରି କ୍ଷୟକ୍ଷତି ହୋଇନାହିଁ। ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଦ୍ୟୁତ ବିଭାଗ କର୍ମଚାରୀ ଆସି ବିଦ୍ୟୁତ ସରାବରାହ ବନ୍ଦ କରି ମରାମତି କାମ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ମାସରେ ୬ ବର୍ଷର ଏକ ଛାତ୍ରୀ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ସେହିପରି କର୍ତ୍ତୁଲା ଗ୍ରାମରେ ମଧ୍ୟ ଯୁବକଙ୍କ ମୃତ୍ୟୁ ହୋଇଥିଲା। ବିଦ୍ୟୁତ ବିଭାଗର ଅବହେଳା ଯୋଗୁ ବାରମ୍ବାର ଏପରି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ।

ଶିକ୍ଷା, କ୍ରୀଡ଼ା ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୬।୯(ବ୍ୟୁରୋ)

ସମ୍ବଲପୁର ଆଥଲେଟିକ୍ କ୍ଲବ ପକ୍ଷରୁ ଗୁରୁ ଦିବସରେ ଶିକ୍ଷା ଓ କ୍ରୀଡ଼ା ଶୀର୍ଷକ ଆଲୋଚନା ଚକ୍ର ବୁଧବାର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସମ୍ପାଦକ ତଥା ଅନ୍ତର୍ଜାତୀୟ ମାଷ୍ଟର କ୍ରୀଡ଼ାବିତ ସୁନ୍ଦରମଣୀ ବାରିକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ପାଠ ସହ କ୍ରୀଡ଼ାର ଆବଶ୍ୟକତା ରହିଛି । ଏଥିପ୍ରତି ଛାତ୍ରୀଛାତ୍ର ଦୃଷ୍ଟି ଦେବା ସମୟ ଆସିଛି। ଏହାକୁ ଦୃଷ୍ଟିରେ ରଖି କ୍ରୀଡାବିତ୍‌ମାନେ ପାଠପଢ଼ାରେ ମଧ୍ୟ ଧ୍ୟାନ ଦେବା ଜରୁରୀ ଅଟେ। ପ୍ରଶିକ୍ଷକ ସୀମାଞ୍ଚଳ ସେଠୀ ସୂଚନା ଦେଇ କହିଥିଲେ ଯେ, ଆଗାମୀ ଦିନରେ ସମ୍ବଲପୁର ରାଜ୍ୟ ଓ ଜାତୀୟସ୍ତରରେ କିପରି ଅଧିକ ମେଡାଲ ଆଣିବ, ସେ ଦିଗରେ ମତବ୍ୟକ୍ତ କରିଥିଲେ। ଏହାପରେ କ୍ରୀଡ଼ାବିତମାନେ ଉନ୍ନତମାନର ଖେଳ ପ୍ରଦର୍ଶନ କରିବାକୁ ଶପଥ ନେଇଥିଲେ। ପ୍ରିତି ପୋଢ଼, ଚାନ୍ଦିନୀ ଓରାମ, ବବିତା ପରିଡା, ମହୋନ ଭୋଇ, ରାଜୀବ ମୁଣ୍ଡା, ସମିତା ମୁଣ୍ଡା, ଗୀତା ଦାଶ, ରାଜୀନ ମୁଣ୍ଡା ଆଲୋଚନାରେ ଭାଗ ନେଇଥିଲେ ।

ବୁଧବାର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଶିକ୍ଷା ଓ କ୍ରୀଡା ଶୀର୍ଷକ ଆଲୋଚନା ଚକ୍ରରେ ଭାଗନେଇଥିବା କ୍ରୀଡାବିତ୍‌ମାନେ ।

ପଲିଥିନ ତଳେ ଆରଆଇ ଅଫିସ ଘଟଣା

ନିର୍ମାଣ ପାଇଁ ୨୩ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ

ମାନେଶ୍ୱର,୬।୯(ଡି.ଏନ.ଏ)

ସମ୍ବଲପୁର ଜିଲା ଯୁଯୁମୁରା ଆରଆଇ ଅଫିସ ପଲିଥିନ ତଳେ ଚାଲୁଥିବା ନେଇ ଗତ ଅଗଷ୍ଟ ୧୯ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ତତ୍‌ପର ହୋଇଉଠିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡି) ବିଭାଗ ପକ୍ଷରୁ ନୂତନ ଗୃହ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି।

ଧରିତ୍ରୀ ପ୍ରଭାବ

ଗୁରୁବାର ଏ ନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୩ଲକ୍ଷ ୩୩ହଜାର ଟଙ୍କା ବ୍ୟୟ ଅଟକଳରେ ଅଫିସ ଗୃହ ନିର୍ମାଣ କରାଯିବ। ଏଥିରେ ଆରଆଇ ଅଫିସ ସହ କ୍ୱାର୍ଟର ବ୍ୟବସ୍ଥା ରହିଛି।

ସୂଚନାଯୋଗ୍ୟ ଯେ, ରକ୍ଷଣାବେକ୍ଷଣ ଅଭାବରୁ ଯୁଯୁମୁରା ଅଫିସ ଘରଛାତ ଦୁର୍ବଳ ପାଲଟି ସେଥିରୁ ପାଣି ଗଳୁଥିଲା। ଏଣୁ ଅସ୍ଥାୟୀ ଭାବେ ପଲିଥିନ ଚାଦର ବିଛାଯାଇଥିଲା। ବର୍ଷା ପାଣିରେ ସରକାରୀ କାଗଜପତ୍ର ନଷ୍ଟ ହେବାର ଆଶଙ୍କା ଦେଖାଦେଇଥିଲା। ଆରଆଇ ଅଫିସ ଅଧୀନରେ ଯୁଯୁମୁରା, ଲିପିଣ୍ଡା, କୟାକୁଦ, ବୀରସିଂଗଡ, କଂସର, ଝାଙ୍କରପାଲି ପଞ୍ଚାୟତର ୪୫ରୁ ଉର୍ଦ୍ଧ୍ୱ ରାଜସ୍ୱ ଗ୍ରାମ ରହିଛି ।

ବିରୋଧ ସତ୍ତ୍ୱେ ବେଜବରୁଆଙ୍କ ସାଧନାଗୃହଠାରେ ପାଚେରି ନିର୍ମାଣ – ସହରରେ ପ୍ରତିକ୍ରିୟା

ସମ୍ବଲପୁର,୬।୯(ବ୍ୟୁରୋ)

ସମ୍ବଲପୁର କଚେରି ଛକ–ଚାଉଁରପୁର ମହାନଦୀ ଉପରେ ଅତ୍ୟାଧୁନିକ ଦ୍ୱିତୀୟ ସେତୁ ନିର୍ମାଣ ହୋଇଛି । ଏଣୁ କଚେରୀ ଛକ ଅଞ୍ଚଳକୁ ସୌନ୍ଦର୍ଯ୍ୟକରଣ କରାଯାଉଛି। ଏହି ସ୍ଥଳରେ ଅହମିଆ କବି ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନା ଗୃହ ରହିଛି। ଏହାକୁ ସ୍ମାରକୀ ଭାବେ ନିର୍ମାଣ କରିବାକୁ ଯୋଜନା ହୋଇଛି। କାମ ମଧ୍ୟ ଆରମ୍ଭ ହୋଇଛି। ଏହାଦ୍ୱାରା କଚେରୀ ଛକ ସୌନ୍ଦର୍ଯ୍ୟକରଣରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏପରି କି ଏଠାରେ ଦୁର୍ଘଟଣା ହେବାର ଆଶଙ୍କା ରହିଛି। ସହରର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବେଜବରୁଆଙ୍କ ବାସଗୃହ ଓ ସାଧନା ପୀଠକୁ ଭାଙ୍ଗିବାକୁ ଦାବି ହୋଇଛି। ଏ ନେଇ ସମ୍ବଲପୁର ନାଗରିକ ପ୍ରତିନିଧି ଦଳ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତିନିଧି ଦଳକୁ ଜିଲାପାଳ ସମର୍ଥ ବର୍ମା ପତିଶ୍ରୁତି ମଧ୍ୟ ଦେଇଥିଲେ। ଆନ୍ଦୋଳନକାରୀମାନେ ନିର୍ମାଣ କାମ ସମ୍ମୁଖରେ ପିକେଟିଂ କରି ବନ୍ଦ କରିଥିଲେ। ହେଲେ ଗୁରୁବାର କଚେରି

ଗୁରୁବାର ସମ୍ବଲପୁର କଚେରୀ ଛକ ସ୍ଥିତ ବେଜବରୁଆଙ୍କ ସାଧନା ପୀଠରେ ପାଚେରି ନିର୍ମାଣ ଚାଲିଛି ।

ଛକସ୍ଥିତ ବେଜବରୁଆଙ୍କ ସାଧନା ପୀଠ ଚତୁପାର୍ଶ୍ୱରେ ପାଚେରି ନିର୍ମାଣ କାମ ଆରମ୍ଭ ହୋଇଛି। ଏ ନେଇ ସହରର ବିଭିନ୍ନ ବର୍ଗରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ରାସ୍ତାର ପୂର୍ବ ପ୍ରସ୍ତାବିତ ନକ୍ସା ଅନୁସାରେ କାର୍ଯ୍ୟ ହୋଇ ନାହିଁ। ଏଣୁ ଏହି ସ୍ଥାନ ଦୁର୍ଘଟଣାର କେନ୍ଦ୍ର ପାଲଟିବ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ବେଜବରୁଆଙ୍କ ସ୍ମୃତି ଉଦ୍ଦେଶ୍ୟରେ ସହରର ଅନ୍ୟ ସ୍ଥାନରେ ସ୍ମୃତି ସ୍ଥଳ ନିର୍ମାଣ କରିବାକୁ ବିଭିନ୍ନ ସଙ୍ଗଠନ ଦାବି କରିଆସୁଛନ୍ତି ।

କୁଚିଣ୍ଡା ବ୍ଲକ କ୍ଲଷ୍ଟର କୋର୍ଡିନେଟର ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ସମ୍ବଲପୁର/କୁଚିଣ୍ଡା, ୬।୯(ବ୍ୟୁରୋ/ଡି.ଏନ.ଏ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କ୍ଲଷ୍ଟର କୋର୍ଡିନେଟର ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ତେବେ ଏହିନିଯୁକ୍ତିକୁନେଇ ବିଭିନ୍ନ ଗ୍ରାମପଞ୍ଚାୟତରୁଅଭିଯୋଗ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି କୁଚିଣ୍ଡା ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ନାୟକଙ୍କ ନେତୃତ୍ୱରେ ଜନପ୍ରତିନିଧିମାନେ ୫ ତାରିଖରେ ଜିଲାପାଳ ସମର୍ଥ ବର୍ମାଙ୍କ ଦ୍ୱାରସ୍ଥ ହୋଇଥିଲେ। କୁଚିଣ୍ଡା ବ୍ଲକ ୧୭ ଗ୍ରାମପଞ୍ଚାୟତ କ୍ଲଷ୍ଟର କୋର୍ଡିନେଟର ନିଯୁକ୍ତି ପାଇଁ ବିଡିଓ ନିଶିପୁନମ୍ ମିଞ୍ଜଙ୍କ ନିର୍ଦ୍ଦେଶ ଅନୁସାରେ ଗ୍ରାମପଞ୍ଚାୟତଗୁଡ଼ିକ ପକ୍ଷରୁ ଆବେଦନ କରାଯାଇଥିଲା । ଦରଖାସ୍ତ ଦେବାର ଶେଷ ଜୁନ ୧୨ ତାରିଖ ରହିଥିଲା। ଚଳିତମାସ ପ୍ରଥମ ସପ୍ତାହରେ ମନୋନିତ ପ୍ରାର୍ଥୀମାନଙ୍କ ତାଲିକା ପ୍ରକାଶ ପାଇଛି। ପ୍ରକାଶିତ ତାଲିକାକୁ ନେଇ ଗ୍ରାମପଞ୍ଚାୟତଗୁଡ଼ିକରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି। ଘଟଣାର ତଦନ୍ତ କରାଯିବ ବୋଲି ଜିଲାପାଳ ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବ୍ଲକ ଉପାଧକ୍ଷ ପୂର୍ଣ୍ଣଚନ୍ଦ୍ର କିସାନ, ଜମନକିରା ସରପଞ୍ଚ ରାଇମତୀ ମାଝୀ, ଟାଇଁସର ସରପଞ୍ଚ ବିଶାଖା କିସାନ, କୁ. ଜମନକିରା ସମିତି ସଭ୍ୟ ଧର୍ମରାଜ ରୋହିଦାସ, ବରିଷ୍ଠ ବିଜେଡି ନେତା ଭୁବନେଶ୍ୱର କିସାନ, ବିଜେଡି ବ୍ଲକ ସାଧାରଣ ସମ୍ପାଦକ ସଞ୍ଜୟ ମିଶ୍ର, ମନବୋଧ ନାଏକ, ଅକ୍ଷୟ ସାହୁ ପ୍ରତିନିଧି ଦଳରେ ସାମିଲ ଥିଲେ ।

ସମ୍ବଲପୁର ରେଳମଣ୍ଡଳ ସମିତି ବୈଠକ

ସମ୍ବଲପୁର,୬।୯(ବ୍ୟୁରୋ)

ସମ୍ବଲପୁର ରେଳମଣ୍ଡଳ ସମିତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ଅଫିସ ସଭା କକ୍ଷରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ବରଗଡ଼ ଲୋକସଭା ଏମପି ଡ. ପ୍ରଭାସ କୁମାର ସିଂ, କୋରାପୁଟ ଲୋକସଭା ଏମପି ଜେ. ହିକ୍କା ସମେତ ପୂର୍ବତଟ ରେଳପଥର ବିଭିନ୍ନ ଅଧିକାରୀ, ବିଭାଗୀୟ ମୁଖ୍ୟ, ଏଡିଆରଏମ ସାମିଲ ଥିଲେ। ପୂର୍ବତନ ରେଳବାଇ ମହାପ୍ରବନ୍ଧକ ଉମେଶ ସିଂ ଅତିଥି ସ୍ୱାଗତ କରିଥିଲେ। ସେହିପରି ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ସମ୍ବଲପୁର ମଣ୍ଡଳର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।

ଗୁରୁବାର ରେଳମଣ୍ଡଳ ସମିତି ବୈଠକରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ (ମଝି) ବକ୍ତବ୍ୟ ଦେଉଛନ୍ତି ।

ସମସ୍ୟା ଘେରରେ ଜିଲା ସଦର ଡାକ୍ତରଖାନା

- ସିଡିଏମଓଙ୍କୁ ଭେଟିଲା ଭାଜପା ଯୁବ ମୋର୍ଚ୍ଚା

ଗୁରୁବାର ସମ୍ବଲପୁର ସଦର ଡାକ୍ତରଖାନା ସମସ୍ୟା ନେଇ ସିଡିଏମଓଙ୍କୁ ଦାବିପତ୍ର ଦେବାକୁ ପ୍ରତିନିଧି ଦଳ ଯାଉଛନ୍ତି ।

ସମ୍ବଲପୁର,୬।୯(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ବହୁବିଧ ସମସ୍ୟା ଲାଗି ରହିଛି। ଗ୍ରାମ ଓ ସହରାଞ୍ଚଳରୁ ଆସୁଥିବା ଗରିବ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସେମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଶୀଘ୍ର ସମସ୍ୟାର ସମାଧାନ କରିବା ଦାବିରେ ଭାଜପା ଯୁବ ମୋର୍ଚ୍ଚା ଗୁରୁବାର ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା. କଲ୍ୟାଣ କୁମାର ଗୁପ୍ତାଙ୍କ ସହ ଆଲୋଚନା କରିଛି। ଏ ସମ୍ପର୍କିତ ୭ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମସ୍ୟା ସମାଧାନ କରା ନ ଗଲେ ଆଗାମୀଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଯୁବ ମୋର୍ଚ୍ଚା ଚେତାବନୀ ଦେଇଛି। ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ଅର୍ଥପେଡିକ ଓ ଆନେସ୍‌ଥେଶିଆ ବିଭାଗରେ ଡାକ୍ତର ନିଯୁକ୍ତି ଦିଆଯାଉ। ବଲାଙ୍ଗୀରକୁ ଡେପୁଟେଶନରେ ଷ୍ଟାପ୍ ନର୍ସଙ୍କୁ ପଠାଯାଇଛି। ଅଥଚ ଜିଲା ସଦର ଡାକ୍ତରଖାନାରେ ରୋଗୀ ସେବା ବ୍ୟାହତ ହେଉଛି। ପ୍ରତିନିଧି ଦଳରେ ସୁମନ ସୌରଭ ପରିଛା, ପ୍ରତିକ ମହାପାତ୍ର, ପୃଥୀରାଜ ବେହେରା, ଏସକେ ପରିଡା, ଅନୀଲ ସାହୁ, ରାମ ଭୋଇ, ତପନ ମାଝୀ, ସୌଭାଗ୍ୟ ବାଗ, ଆକାଶ ପାତ୍ର ପ୍ରମୁଖ ସାମିଲ ଥିଲେ ।

ହୀରାକୁଦ ଡ୍ୟାମ ଜଳସ୍ତର ୬୨୪.୫୨ ଫୁଟ

ସମ୍ବଲପୁର,୬।୯(ବ୍ୟୁରୋ)

ହୀରାକୁଦ ଡ୍ୟାମକୁ ପ୍ରତି ସେକେଣ୍ଡରେ ୧ଲକ୍ଷ ୨୦ ହଜାର ୭୨୮ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ତେଣୁ ହୀରାକୁଦ ଡ୍ୟାମର ଜଳସ୍ତର ଗୁରୁବାର ରାତି ୯ଟା ସୁଦ୍ଧା ୬୨୪.୫୨ ଫୁଟ ରହିଛି । ଏହାକୁ ଦୃଷ୍ଟିରେ ରଖି ୫ଟି ସ୍ଲୁଇସ୍ ଗେଟ ଖୋଲାଯାଇଛି। ଡ୍ୟାମ ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ୨ଟି ସ୍ଲୁଇସ୍ ଗେଟ ଦେଇ ବନ୍ୟା ଜଳ ନିଷ୍କାସନ କରାଯାଉଛି । ସେହିପରି ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୫ଟି ସ୍ଲୁଇସ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ, ପାୱାର ଚ୍ୟାନେଲ ମାଧ୍ୟମରେ ୯୩, ୧୧୨ କ୍ୟୁସେକ୍ ଜଳ ନିଷ୍କାସନ କରାଯାଇଥିବା ବୁର୍ଲା ସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ ପକ୍ଷରୁ ସୂଚିତ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର ଜିଲାରେ ୨୪୮.୫ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଯୁଯୁମୁରା ୨୪.୨, ରେଙ୍ଗାଲିରେ ୪୦.୨, ମାନେଶ୍ୱରରେ ୩୪.୮, କୁଚିଣ୍ଡାରେ ୨୦.୬, ରେଢ଼ାଖୋଲରେ ୪୨.୦, ନାକଟିଦେଉଳରେ ୨୪.୦, ବାମରା ୨୪.୨, ଜମନକିରା ୧୩.୩, ଧନକଉଡା ୨୫.୨ ମିମି ବର୍ଷା ହୋଇଛି। ସେହିପରି ଡ୍ୟାମର ଉପରମୁଣ୍ଡରେ ୧୪.୩ ଓ ତଳମୁଣ୍ଡରେ ୪୧.୯୧ ବୃଷ୍ଟିପାତ ହୋଇଥିବା ରେକର୍ଡ ହୋଇଛି । ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ମଧ୍ୟାହ୍ନ ୧୨ଟାରୁ ଲଗାଣ ବର୍ଷା ଜାରି ରହିଛି । ଖଇରାମାଳ ୨, ୧୪, ୫୦୦, ବାରମୂଳରେ ୧, ୯୪, ୩୭୫ ଓ ମୁଣ୍ଡୁଳିରେ ୨, ୩୨, ୩୮୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି ।

ରାଜ୍ୟସ୍ତରୀୟ ଓପନ୍ ପେନଚାକ୍ ସିଲାଟ୍ ପ୍ରତିଯୋଗିତା

- ସମ୍ବଲପୁର ଖେଳାଳିଙ୍କୁ ୧୨ ପଦକ

ରାଜ୍ୟସ୍ତରୀୟ ପେନ୍‌ଚାକ୍ ସିଲାଟ ଚାମ୍ପିୟନଶିପ୍‌ରେ ପଦକ ହାସଲ କରିଥିବା ଖେଳାଳିମାନେ ।

ସମ୍ବଲପୁର,୬।୯(ବ୍ୟୁରୋ)

ରାଜ୍ୟସ୍ତରୀୟ ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତାରେ ସମ୍ବଲପୁର କିକ୍ ବକ୍ସିଂ ସ୍କୁଲର ୧୨ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଖେଳାଳି ସଫଳତା ହାସଲ କରିଛନ୍ତି। ବିଭିନ୍ନ ବର୍ଗରେ ୬ ସୁର୍ଣ୍ଣ, ୪ ରୌପ୍ୟ ଓ ୨ କାଂସ୍ୟ ପଦକ ହାସଲ କରିଛନ୍ତି। ଜୁନିୟର ବର୍ଗ ଫାଇଟ୍ ଇଭେଣ୍ଟରେ ଜତିନ୍ ଭୋଇ, କଳସ ବାରୁ, ହସନାଇନ୍ ୱାସିମ୍, ଅଭିକର ଆର୍ଯ୍ୟଦେବ ମହାପାତ୍ର, ସାଇରୋଶନୀ ସାହୁ, ସିକୃତା ମଲ୍ଲିକ ସୁର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ମହମ୍ମଦ ୟାସିମ୍ ଅମନ୍, କୁନାଲ ପଣ୍ଡା, ମେହେରୋଜ ଅଫତର୍ ଓ ପୁଷ୍ପିତା ବେହେରା ରୌପ୍ୟ ପଦକ ଏବଂ ସିଦ୍ଧି ପଣ୍ଡା, ଷଷ୍ଠୀପ୍ରିୟା ସାହୁ କାଂସ୍ୟ ପଦକ ହାସଲ କରିଥିଲେ। କୋଚ ନାରାୟଣ ବାରିକଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ଗତ ୨ ତାରିଖ ବରଗଡ଼ ଜିଲା ଗଙ୍ଗାଧର ନଗରରେ ହୋଇଥିବା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏ ନେଇ ଗୁରୁବାର କୃତି ଖେଳାଳିମାନଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଫଟୋରେ ଖବର...

କଚେରି ଛକଠାରେ ଓକିଲ ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଗୁରୁବାର ବିଚାରପତିଙ୍କୁ ଅଟକାଇଛନ୍ତି (ବାମ)। ମଧ୍ୟାହ୍ନରୁ ଲଗାଣ ବର୍ଷା ଚାଲିଥିବାରୁ ୨ପିଲା ବର୍ଷାର ମଜା ନେଉଛନ୍ତି (ମଝି)। ମାନେଶ୍ୱର ବ୍ଲକ ଖୁଣ୍ଟିଚକୁଲି ସ୍କୁଲଠାରେ ସଫେଇ ଅଭିଯାନରେ ଛାତ୍ରୀମାନେ ସାମିଲ ହୋଇଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୭ ସେପ୍ଟେମ୍ବର, ୨୦୧୮

ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

ସଂକ୍ଷେପରେ

ସ୍ୱଚ୍ଛ ଭାରତ ଅଭିଯାନ

ପଦ୍ମପୁର, ୬।୯ (ଡି.ଏନ.ଏ): ପଦ୍ମପୁର ବ୍ଲକ ଖଲିଆପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଞ୍ଜେନମୁଣ୍ଡା ଗ୍ରାମରେ ସ୍ୱଚ୍ଛ ଭାରତ ମିଶନ ଓ ଓଡିଶା ଜୀବିକା ନିର୍ବାହ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା । ଏଥିରେ ୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ । ସେମାନେ ବିଭିନ୍ନ ସ୍ଲୋଗାନ ସହ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲେ । ଘର ଘର ବୁଲି ସ୍ୱଚ୍ଛତାର ବାର୍ତ୍ତା ଦେବା ସହ ମଦ ନିବାରଣ କରିବା ପାଇଁ ଶପଥ ପାଠ କରାଇଥିଲେ । ଓଡିଶା ଜୀବିକା ମିଶନ ସଭାନେତ୍ରୀ ସୁବାଷିନୀ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଖଲିଆପାଲି ସରପଞ୍ଚ ଗିରିଧାରୀ ସେଠ ମୁଖ୍ୟଅତିଥି, ଏମ୍‌ଇ ସ୍କୁଲ ପ୍ରଧାନ ଶିକ୍ଷକ ନେତ୍ରାନନ୍ଦ ସାହୁ, କଳାଶିକ୍ଷକ ନବୀନ ଚନ୍ଦ୍ର ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛ ଭାରତ ମିଶନ ସମ୍ପର୍କରେ ଆଲୋଚନା କରିଥିଲେ । ସ୍କୁଲ ଚେୟାରମ୍ୟାନ ଗୋବର୍ଦ୍ଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଓଡିଶା ଜୀବିକା ମିଶନ ସମ୍ପାଦିକା ସନ୍ତୋଷିନୀ ଭୁଏ, ସିଆରସିଏମ ସମ୍ପାଦିକା ପିଙ୍କି ମେହେର, ପ୍ରହ୍ଲାଦ ଭୁଏ, ଟେବାଧର ଭୁଏ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଘୁଙ୍ଗିଯୋର ପୋଲ ଉପରେ ୪ଫୁଟ ପାଣି

ବୀରମହାରାଜପୁର– ଅମରପାଲି–ଚାରମାଳ ଯୋଗାଯୋଗ ବିଚ୍ଛିନ୍ନ

ଅମରପାଲି, ୬।୯ (ଡି.ଏନ.ଏ.)

ଘୁଙ୍ଗିଯୋର ପୋଲ ଉପରେ ପାଣି ଯାଉଥିବାରୁ ବୀରମହାରାଜପୁର–ଅମରପାଲି– ଚାରମାଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି।

ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣପୁର ବୀରମହାରାଜପୁର ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ବୁଧବାର ରାତିଠାରୁ ହୋଇଥିବା ପ୍ରବଳ ବର୍ଷାରେ ବିଭିନ୍ନ ନାଳ ଓ ଯୋର ଫୁଲି ଉଠିଛି। ଏହିକ୍ରମରେ ଲୁଟୁରପଙ୍କ ଓ ଭୁତିଆପାଲି ମଝିରେ ଥିବା ଘୁଙ୍ଗିଯୋର ପୋଲ ଉପରେ ପାଣି ପ୍ରବାହିତ ହେଉଛି। ଅପରାହ୍ନ ୨ଟାରୁ ବର୍ଷା ବଢିବା ଯୋଗୁଁ ଧିରେଧିରେ ପୋଲ ଉପରେ ମଧ୍ୟ ଜଳସ୍ତର ବଢିବାରେ ଲାଗିଥିଲା। ସନ୍ଧ୍ୟା ୫ଟା ବେଳକୁ ପୋଲ ଉପରେ ପ୍ରାୟ ୪ଫୁଟ ଉଚ୍ଚରେ ପାଣି ଯାଉଥିଲା। ଫଳରେ ପୋଲର ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକି ଯାଇଥିଲା। ତେଣୁ ବୀରମହାରାଜପୁର–ଅମରପାଲି ରାସ୍ତା ଖବରଲେଖା ହେବା ପର୍ଯ୍ୟନ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଉକ୍ତ ରାସ୍ତା ଦେଇ ବୀରମହାରାଜପୁରରୁ ରେଙ୍ଗାଲି ବଡମାଲ ଦେଇ ଚାରମାଳ ଅଞ୍ଚଳକୁ ଲୋକେ ଯିବା ସମ୍ବଲପୁର ଓ ରେଢ଼ାଖୋଲର ଆସିବା କରିଥାନ୍ତି। ଯୋଗାଯୋଗ ବିଚ୍ଛିନ୍ନ ହେବା ଫଳରେ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି।

ନୂଆପଡ଼ା ପ୍ରିମିୟର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ

ପ୍ରଥମ ଦିନରେ ମହାମାୟା, ବୋଡେନ ବିଜୟୀ

ନୂଆପଡା ଅଫିସ,୬।୯

ଗୁରୁବାର ଅପରାହ୍ନରେ ସ୍ଥାନୀୟ ମିନିଷ୍ଟାଡିୟମରେ ଦ୍ୱିତୀୟ ନୂଆପଡା ପ୍ରିମିୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ମ୍ୟାଚ ମହାମାୟା ଏବଂ କୋମନା ମଧ୍ୟରେ ହୋଇଥିବାବେଳେ ମହାମାୟା ୱାକ ଅଭର ନେଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ବୋଡେନ ଦଳ ଖଡିଆଳ ଦଳକୁ ଟାଇବ୍ରେକରରେ ଜିତିଛି । ସନ୍ଧ୍ୟାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ କ୍ରିକେଟ ଆସୋସିଏଶନ ସଭାପତି ସରୋଜ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରକାଶ କୁମାର ସାହୁ, ଆଇନଜୀବୀ ଅଶୋକ କୁମାର ଦେୱାଙ୍ଗନ, ଅମିତାଭ ବୋଷ, ରାଜେନ୍ଦ୍ର ପ୍ରସାଦ ବଢେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଟୁର୍ନାମେଣ୍ଟ ଆରମ୍ଭରେ ସ୍ୱର୍ଗତ କ୍ରିଡାବିତ ସୁରେନ୍ଦ୍ର ପ୍ରଧାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ପୂଜା କରାଯାଇଥିଲା । ଏଥିରେ ସମସ୍ତ ଖେଳାଳି ଯୋଗଦେଇଥିଲେ ।

ଧାରଣାରେ ଶିକ୍ଷକ ସଂଘ ସାମିଲ

ପଦ୍ମପୁର, ୬।୯ (ଡି.ଏନ.ଏ)

ରାଜ୍ୟ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ରାଜବୋଡାସମ୍ବର ବ୍ଲକର ଏନପି ଜେଟି, ଏସଏସଏଟି, ଏକ୍ସ କ୍ୟାଡର ଶତାଧିକ ଶିକ୍ଷକ ଭୁବନେଶ୍ୱରରେ ଚାଲିଥିବା ଧାରଣାରେ ସାମିଲ ହୋଇଛନ୍ତି । ଫଳରେ ସ୍କୁଲମାନଙ୍କରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । କିଛି ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ଶିକ୍ଷାଦାନ କରୁଥିବା ଜଣାପଡିଛି ।

■ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ପ୍ରତିବାଦ

ଭାଜପା କୃଷକ ମୋର୍ଚ୍ଚା ଦେଲା ଧାରଣା

ବୌଦ୍ଧ,୬।୯(ସ୍ୱ.ପ୍ର)

ବୌଦ୍ଧ ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମେତ ୧୦ ଦଫା ଦାବିରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ଗୁରୁବାର ଗଣଧାରଣା ଦିଆଯାଇଥିଲା । କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଓ ଏସ୍‌ସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧାଂଶୁ ଡାଙ୍ଗଙ୍କ ନେତୃତ୍ୱରେ ଏହି ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏହି ଗଣଧାରଣା କାର୍ଯ୍ୟକ୍ରମରେ ଜିଲା ସଭାପତି ସୌମିତ୍ରୀ କୁମାର ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସମୀର ପାତ୍ର, ବରିଷ୍ଠ ବିଜେପି ନେତା ସରୋଜ ପ୍ରଧାନ, ରାଜ୍ୟ ସମ୍ପାଦକ ସୂର୍ଯ୍ୟନାରାୟଣ ମହାପାତ୍ର, ଯୁଗଳ ସାହୁ, ବିଶିକେଶନ ପ୍ରଧାନ, ସୁବାସ ପ୍ରଧାନ, ଆରତ ଧଳ, ପ୍ରଦ୍ୟୁମ୍ନ ଧଳ, ନବୀନ ହୋତା, ସରୋଜ ପ୍ରଧାନ , ରବିନ୍ଦ୍ର ପ୍ରଧାନ, ମନରଂଜନ ଦାସ, ନମିତାରାଣୀ ଦାସ ଏବଂ ମାଗୁଣୀ ଗାଇଗୌରିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜ୍ଞାନ କିଶୋର ମହାନ୍ତିଙ୍କୁ ପଚାରିବାରୁ ଚକ୍ଷୁ ଡାକ୍ତର ଯୋଗ ଦେଇଛନ୍ତି । ଡାଇଲେସିସ୍ ପାଇଁ ସମସ୍ତ ପ୍ରକିୟା ଶେଷ ହୋଇଛି। ନିଶ୍ଚେତକ ଡାକ୍ତର ପାଇଁ ଉଚ୍ଚ ପଦାଧିକାରୀଙ୍କୁ ଜଣାଇଥିବା ପ୍ରକାଶ କରିଥିଲେ ।

ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଭାଜପା କୃଷକ ମୋର୍ଚ୍ଚାର ସଦସ୍ୟମାନେ ଧାରଣା ଦେଇଛନ୍ତି ।

ସହଯୋଗର ହାତ ବଢ଼ାଇଲେ କିଛି ସହୃଦୟ ଲୋକ

ପାଇକମାଲ, ୬।୯(ଡି.ଏନ.ଏ.)

ପାଇକଗାଳ ବ୍ଲକ

ଅଂଚଲ୍‌ର ସହୃଦୟ ଲୋକ୍‌ମାନେ ନୀଳମଣିକଁର ମାଏକିନା ସରସ୍ୱତୀକୁ ସାହାଯ୍ ଟଙ୍କା ଧରଉଛନ୍ତ୍।

- ନୀଳମଣି ଭୋଇ କେ ପାଠପଢାରେ ଟଁକା ବାଧକ୍
- ବାପ୍ କିଡ୍‌ନୀ ରୋଗ୍‌ରେ ପୀଡ଼ିତ୍ ଅଛନ୍
- ମା' ପର୍‌ହର୍ କାମ୍‌ବୁଟା କରି ଘର୍ ଚଲଉଛନ୍
- ସରକାରୀ ସାହାଯ୍ କହେଲେ ମିଲୁଥିବାର ୨୦ କେ.ଜି. ଚାଉଲ୍

ବୌଦ୍ଧ ଜିଲାର ପାଇକମାଲ ବ୍ଲକ୍ ଲଖମରା ପଁଚେତ କୁଲାଣ୍ଡି ଗାଁର ନୀଳମଣି ଭୋଇ ବିନ୍ଧ୍ୟବାସିନୀ ମହାବିଦ୍ୟାଳୟନେ ପାଠ୍ ପଢୁଥିଲେ। ହେଲେ ଟଁକା ପଏସାର ବଡ଼ଭାରି ଅଭାବ୍ ଲାଗି ସେ ପାଠ୍‌ପଢ଼ା ଛାଡିଦେବାର ବାବ୍‌ଦେ ଅଧ୍ୟକ୍ଷଙ୍କୁ ଜନେଇଥିଲେ। ତାକର କଥା ଶୁନି କଲେଜର କେତେ କରମ୍‌ଚାରୀ ତାହାକୁ ସହଯୋଗ୍‌ର ହାତ୍ ବଢ଼େଇଥିଲେ। ଯେନ୍‌ଥିର୍‌ଲାଗି ତାକର ପାଠ୍‌ପଢ଼ା ବଂଦ୍ ହେଉନ୍ ହେଉନ୍ ରହିଗଲା। ଏହେଦେ ସେ ମନ୍‌ବଳ ମଜ୍‌ବୁତ୍ କରି ପଢ଼ାପଢ଼ିରେ ଲାଗ୍‌ବାର ସଂଗେ ଭବିଷତ୍‌ରେ ଗୁଟେ ଭଲ୍ ଚାକ୍‌ରି କର୍‌ମି ବଲି କହିଛନ୍। ସୂଚନ୍‌ନା ହିସାବେ, ନୀଳମଣି ଭୋଇ ଚଲ୍‌ତିବଛର୍ ଯୁକ୍ତ ୩ କଲେଜରେ ପାଠ୍ ପଢୁଥିଲେ। ତାଁକର ବାପା ବଳରାମ ଭୋଇ(୪୨) କିଡ୍‌ନୀ ରୋଗ୍‌ରେ ପୀଡିତ୍ ଅଛନ୍। ଯେନ୍‌ଥିର୍‌ଲାଗି ମୋର ବାପା ପଢ଼ିବାକେ ପଏସା ଦେଇ ନାଇଁ ପାରନ୍ ବଲି କଲେଜ ଅଧ୍ୟକ୍ଷ ଲୋହତ କୁମାର ବାରିକଙ୍କୁ ଜନେଇଥିଲେ। ଚଲ୍‌ତି ବଛର୍ ନାଁ ଲେଖା ବାବଦ୍‌କେ ଦେଇଥିବାର ୬ ହଜାର ଟଁକା ସଂଗେ ଟିସି ନେବାକେ ଅନୁରୋଧ୍ କରିଥିଲେ। ଇ ନାଁ ଲେଖା ୬ ହଜାର ଟଁକା ନେଲେ ବାପାକଁର ଲାଗି ଉଷୋ ଘିନ୍‌ମି ବଲି ସେ କଁଦ୍‌କଁଦ୍‌ନିଆଁ ହେଇ କହିଥିଲେ। ଇ ବାବ୍‌ଦେ ଅଧ୍ୟକ୍ଷ ବାରିକ କଲେଜର କରମ୍‌ଚାରୀ ଆର୍ ପାଇକମାଲ ଲାଇବ୍ରି କ୍ଲବର ସଭ୍ୟମାନ୍‌ଙ୍କୁ ଘଟ୍‌ନା ବାବ୍‌ଦେ ଜନେଇଥିଲେ। ସଭେ ନୀଳମଣିକଁର ପାଠ୍‌ପଢ଼ା ଖରଚ୍ ବହନ୍ କର୍‌ବାର ସଂଗେ ତାଁକର ବାପାର ଲାଗି ଉଷୋକସା ଘିନ୍‌ବାରେ ସାହାଯ୍ କର୍‌ବାକେ କହିଥିଲେ। କଲେଜର କରମ୍‌ଚାରୀମାନେ ୭,୬୦୦ ଟଁକା, ଅବସର ନେଇଥିବାର ଶିକ୍ଷକ୍ ଜନାର୍ଦ୍ଦନ ପଣ୍ଡା ୫ ହଜାର ଟଁକା ଆର୍ ସମାଜସେବୀ ଗୋବର୍ଦ୍ଧନ ଅଗ୍ରୱା ୨ ହଜାର ଟଁକା କରି ମୋଟ୍ ୧୪ ହଜାର ୬୦୦ ଟଁକା ନୀଳମଣିର ଘର୍‌କେ ଯାଇ ଦେଇଥିଲେ। ବଳରାମ ଭୋଇ ଝନେ ନିହାତି ଗରିବ୍ ଲୋକ୍, ତାକର ଜମିବାଡି ବଲି କହିଛି ନାଇଁ। ସେ କୁଲି ମଜୁରୀ କରି ପରିବାର ଚଲଉଥିଲେ। ତାକଁର ମାଏକିନା ସରସ୍ୱତୀ ଭୋଇ ବି ଉନିଆ ଲୁକ୍‌କର କାମ୍‌ବୁଟା କର୍‌ବାର ସଂଗେ ଘରର୍ କାମ୍ କରୁଛନ୍। ଝି ଅମ୍ବିକା ଭୋଇ ବି ଅଷ୍ଟମ ଶ୍ରେଣୀରେ ପଢୁଛନ୍। ଇ ପରିବାରକେ ସରକାରୀ ସାହାଯ୍ ବଏଲେ ମାସିକ୍ ମିଲୁଥିବାର ୨୦ କେ.ଜି. ଚାଉଲ୍। ଯେନ୍‌ଥିର୍‌ଲାଗି ଇ ଗରିବ୍ ପରିବାରକେ ସାହାଯ୍ କର୍‌ବାର ଲାଗି ଅଂଚଲ୍‌ର ସହୃଦୟ ଲୋକ୍‌ମାନେ ଏକ୍‌ଯୁଟ୍ ହେଇ ସହଯୋଗ୍‌ର ହାତ ବଢ଼େଇଛନ୍।

■ ପ୍ରବଳ ବର୍ଷାରେ ଭୁଶୁଡ଼ିଲା ଘର

ବର୍ତ୍ତିଲେ ଗୋଟିଏ ପରିବାରର ୪ସଦସ୍ୟ

ସେରଗେଡା ଗ୍ରାମର ଲକ୍ଷ୍ମିନ୍ଦ୍ର ଲୁହାଙ୍କ ଘର ଭାଙ୍ଗିଯାଇଛି ।

ଅମରପାଲି/ବୀରମହାରାଜପୁର ୬।୯ (ଡି.ଏନ.ଏ.)

ତିନିଦିନ ଧରି ଲଗାଣ ବର୍ଷାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବର୍ଷାଯୋଗୁ ବିଭିନ୍ନ ଗ୍ରାମର ଅନେକ ଘର ଭାଙ୍ଗିଯାଇଛି। ବୁଧବାର ବିଳମ୍ବିତ ରାତିରେ ସଂଗ୍ରାମପୁର ଗ୍ରାମଞ୍ଚାୟତର ସେରଗେଡା ଗ୍ରାମର ଲକ୍ଷ୍ମିନ୍ଦ୍ର ଲୁହାଙ୍କ ଗୋଟିଏ ଘରର କାନ୍ଥ ଭୁଶୁଡି ପଡିଥିଲା। ସେତେବେଳେ ସେହି କୋଠରିରେ ତାଙ୍କ ସ୍ତ୍ରୀ ଓ ତିନି ପିଲା ଶୋଇଥିବା ବେଳେ ଏକ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଛନ୍ତି। ସେମାନେ ହେଲେ ଲକ୍ଷ୍ମିନ୍ଦ୍ରଙ୍କ ସ୍ତ୍ରୀ ଦୁର୍ଲୁଭି(୪୫), ଝିଅ ସନ୍ତୋଷିନୀ(୧୮), ପୁଅ ସତ୍ୟ(୧୦) ଓ ଯଶୋବନ୍ତ (୧୩)। ପରିବାରର ସମସ୍ତେ ସେହି ଘରେ ଥିବାବେଳେ ଲକ୍ଷ୍ମିନ୍ଦ୍ର ଅନ୍ୟ ଏକ କୋଠରିରେ ଥଲେ। ସେମାନଙ୍କୁ ସେଠାରୁ ଉଦ୍ଧାର କରି ବୀରମହାରାଜପୁର ଡାକ୍ତରଖାନାକୁ ଅଣାଯାଇ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି । ଲକ୍ଷ୍ମିନ୍ଦ୍ର ଅତ୍ୟନ୍ତ ଦରିଦ୍ର ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଓ ପକ୍କା ଘର ଯୋଗାଇ ଦେବାକୁ ଦାବି ହେଉଛି ।

ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଆନ୍ଦୋଳନ

ଜହ୍ନାପଙ୍କ, ୬।୯(ଡି.ଏନ.ଏ.)

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଏକ ଜରୁରୀ ବୈଠକ ସଂଘ ସଭାପତି ଅରୁଣ କୁମାର ପାତ୍ରୀଙ୍କ ଅଧ୍ୟକ୍ଷତାରେ ବୌଦ୍ଧ ସ୍ୱାସ୍ଥ୍ୟ ବିଭାଗ ତାଲିମ କେନ୍ଦ୍ରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦୀର୍ଘ ୧୨ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟରତ କର୍ମଚାରୀଙ୍କ ୬ ଦଫା ଦାବି ନେଇ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ରାଜ୍ୟ ସଂଘ ଡାକରାରେ ସେପ୍ଟେମ୍ବର ୧୦ତାରିଖରେ ଭୁବନେଶ୍ୱର ଲୋୟର ପିଏମଜି ଛକଠାରେ ହେବାକୁ ଥିବା ଧାରଣାରେ ସମସ୍ତ କର୍ମଚାରୀମାନେ ଯୋଗ ଦେବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ନିଆଯାଇଥିଲା । ବୈଠକରେ ଜିଲା ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଯୋଗ ଦେଇଥିଲା ।

ବୈଠକରେ ସମସ୍ତ କର୍ମଚାରୀ ଆଲୋଚନରତ ।

କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଜିଲାପାଳଙ୍କ ଦ୍ୱାରସ୍ଥ

ଅମରପାଲି, ୬।୯(ଡି.ଏନ.ଏ.)

ଗୌଡଗାଡ କେନ୍ଦୁପତ୍ର ଫଡିରେ ଶ୍ରମିକମାନେ ତାଲା ପକାଇ ଦେଇଛନ୍ତି।

ବହଲପଦର କେନ୍ଦୁପତ୍ର ରେଞ୍ଜ

- ମିଳୁନି ଶିକ୍ଷାବୃତ୍ତି ସହାୟତା
- ଗୌଡଗାଡ ଫଡିରେ ତାଲା ପକାଇଲେ ଶ୍ରମିକ
- ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିସ୍ଥିତ ବହଲପଦର କେନ୍ଦୁପତ୍ର ରେଞ୍ଜ ଅଫିସରୁ ଛାତ୍ରୀଛାତ୍ରଙ୍କୁ କେନ୍ଦୁପତ୍ର ଶିକ୍ଷାବୃତ୍ତି ସହାୟତା ଓ ତୋଳାଳି ଏବଂ ବାନ୍ଧାଳିଙ୍କ ଝିଅ ବାହାଘର ସହାୟତା ମିଳି ପାରୁନାହିଁ। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଉକ୍ତ ରେଞ୍ଜଟି ରେଢ଼ାଖୋଲ କେନ୍ଦୁପତ୍ର ଡିଭିଜନର ଅନ୍ତର୍ଭୁକ୍ତ। ଉକ୍ତ ରେଞ୍ଜରେ ପ୍ରାୟ ହଜାର ସଂଖ୍ୟକ ତୋଳାଳି କେନ୍ଦୁପତ୍ର ବିକ୍ରି କରିବା ସହିତ ଅନେକ ବାନ୍ଧାଳି କାର୍ଯ୍ୟ କରିଥାନ୍ତି। ସରକାରୀ ନିୟମ ଅନୁଯାୟୀ ଉକ୍ତ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କୁ ଦିଆଯାଇଥାଏ ସରକାରୀ ସହାୟତା। ଏହିକ୍ରମରେ ସେମାନଙ୍କ ପିଲାଙ୍କୁ ଛାତ୍ରବୃତ୍ତି ଦିଆଯାଉଥିବା ବେଳେ ଝିଅ ବିବାହ ସହାୟତା ଦିଆଯାଉଛି। ଗତବର୍ଷ ଉକ୍ତ ରେଞ୍ଜରେ ଅନେକ ଛାତ୍ରୀଛାତ୍ର ଓ ତୋଳାଳି ଏହି ଯୋଜନାରେ ସାମିଲ ହେବା ପାଇଁ ଫର୍ମ ଦାଖଲ କରିଥିଲେ । କେତେକଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ମାତ୍ର ଆହୁରି ଶତାଧିକ ଛାତ୍ରୀଛାତ୍ରଙ୍କୁ ଏହି ସହାୟତା ଏ ଯାଏ ପାଇ ପାରି ନାହାନ୍ତି। ଏନେଇ ସେମାନେ ବାରମ୍ବାର ଅଫିସକୁ ଆସି ବିଭାଗୀୟ ରେଞ୍ଜରଙ୍କୁ ମଧ୍ୟ ଜଣାଇଛନ୍ତି। ଏପରିକି ଉକ୍ତ ବିଭାଗର ଡିଏଫଓଙ୍କୁ ମଧ୍ୟ ଅଭିଯୋଗ କରାଯାଇଛି। ମାତ୍ର ସେମାନେ ଏ ଯାଏ ଏହି ସହାୟତା ପାଇପାରିନାହାନ୍ତି। ତେଣୁ ସେମାନେ ବାଧହୋଇ ଜିଲାପାଳଙ୍କୁ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗମତେ ଉକ୍ତ ରେଞ୍ଜ ଅଧିନ ଗୌଡଗାଡ ଗ୍ରାମର ତୋଳାଳିମାନେ ବିଭାଗକୁ କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଟ୍ରଷ୍ଟକୁ ୧୦ଟଙ୍କା ଦେଇ ପଞ୍ଜିକରଣ ହୋଇଛନ୍ତି । ହେଲେ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି ଶ୍ରମିକଙ୍କ ପିଲାଙ୍କୁ ଛାତ୍ରବୃତ୍ତି ଓ ପରିବାରର ଝିଅମାନଙ୍କ ବିବାହ ସହାୟତା ରାଶି ମିଳୁନାହିଁ। ଯାହାକୁ କହିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏପରିକି ସେମାନଙ୍କୁ ଆଉ ସେହି ସହାୟତା ରାଶି ମିଳିବାର ସମ୍ଭାବନା ମଧ୍ୟନାହିଁ। ଜିଲାପାଳ, କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ବହଲପଦର ଓ ବୀରମହାରାଜପୁର ଥାନା ଅଧିକାରୀଙ୍କଠାରେ ଅଭିଯୋଗ କରାଯାଇଥିବା ଗ୍ରାମର ଯାଦବ କଲତା, ରବି ଘିବିଲା, ବିଜେ ପଧାନ, ଶ୍ରୀନିବାସ ସାହଚ, ଦାଶରଥି ପଧାନ, ଭରତ ଦେହେରୀ, ଅଖୁଜ ସେଠୀ, ମଧୁ ସୁଦନ ସାହୁ ପ୍ରମୁଖ କେନ୍ଦୁପତ୍ର ଶ୍ରମିକ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦ କରି ଗୁରୁବାର ଗୌଡଗାଡ କେନ୍ଦୁପତ୍ର ଫଡିରେ ଶ୍ରମିକମାନେ ତାଲା ପକାଇ ଦେଇଛନ୍ତି। ବାଦି ପୂରଣ ନ ହେବା ଯାଏ ତାଲା ଖୋଲାଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ବହଲପଦର ରେଞ୍ଜ ଅଧିକାରୀ ମୋତିଲାଲ ବାଘଙ୍କୁ ପଚାରିବାରୁ କହଛନ୍ତି ଯେ, ସହାୟତା ରାଶି ପ୍ରଦାନ ପାଇଁ ବିଭାଗକୁ ଅନୁରୋଧ କରାଯାଇଛି।

ସଂକ୍ଷେପରେ

ହକି ଖେଳାଳି ସୁରେନ୍ଦର କୁମାରଙ୍କୁ ପଦୋନ୍ନତି

ନୂଆଦିଲ୍ଲୀ,୬।୯(ପି.ଟି.): ଏସିଆନ୍ ଗେମ୍ସ ହକି ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ସୁରେନ୍ଦର କୁମାରଙ୍କୁ କେନ୍ଦ୍ର ଖାଦ୍ୟମନ୍ତ୍ରୀ ରାମ ବିଳାସ ପାସୱାନ ଗୁରୁବାର ସମ୍ବର୍ଦ୍ଧିତ କରିଛନ୍ତି। ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏଫ୍ସିଆଇ)ରେ କାର୍ଯ୍ୟରତ ସୁରେନ୍ଦରଙ୍କୁ ମ୍ୟାନେଜର ପଦୋନ୍ନତି ଦେବା ସହ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବା ନେଇ ଘୋଷଣା କରିଛନ୍ତି। ସୁରେନ୍ଦର ଏବେ ଆସିଷ୍ଟାଣ୍ଟ ଗ୍ରେଡ-୨ ପଦରେ କାର୍ଯ୍ୟରତ। ତାଙ୍କୁ ଏକା ଥରକେ ଦୁଇ ପାହ୍ୟା ଉପରକୁ ପଦୋନ୍ନତି ମିଳିଛି। ଏହି ହକି ଖେଳାଳିଙ୍କ ବ୍ୟତୀତ ଅବସରପ୍ରାପ୍ତ ଆଥ୍ଲେଟ୍ ସାଇନି ଆବ୍ରାହମ ଓ ଭାରୋତ୍ତୋଳନକାରୀ କର୍ନମ ମାଲେଶ୍ୱରି ସ୍ପୋର୍ଟ୍ସ କୋଟାରେ ଏଫ୍ସିଆଇରେ କାର୍ଯ୍ୟ କରୁଛନ୍ତି।

ପାକିସ୍ତାନ ଦଳର ଫିଲ୍ଡିଂ କୋଚ୍ ବ୍ରାଡବର୍ନ

କରାଚୀ,୬।୯(ପି.ଟି.)- ପାକିସ୍ତାନ ଦଳର ଫିଲ୍ଡିଂ କୋଚ୍ ନିଯୁକ୍ତି ନେଇ ଚାଲିଥିବା ପ୍ରକ୍ରିୟାର ଅନ୍ତ ଘଟିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ନ୍ୟୁଜିଲାଣ୍ଡର ପୂର୍ବତନ ଅଲରାଉଣ୍ଡର ବ୍ୟାଟ୍ସମ୍ୟାନ ଗ୍ରାଣ୍ଟ ବ୍ରାଡବର୍ନଙ୍କୁ ନିଯୁକ୍ତ କରାଯାଇଛି। ଚଳିତ ମାସରେ ୟୁଏଇଠାରେ ହେବାକୁ ଥିବା ଏସିଆ କପ୍ଠାରୁ ସେ କାର୍ଯ୍ୟଭାର ସମ୍ଭାଳିବେ। ଏ ନେଇ ଗୁରୁବାର ପିସିବି ପକ୍ଷରୁ ଘୋଷଣା କରାଯାଇଛି। ପୂର୍ବତନ ନ୍ୟୁଜିଲାଣ୍ଡ କ୍ରିକେଟର ଅଷ୍ଟ୍ରେଲିଆନ ଫିଲ୍ଡିଂ କୋଚ୍ ଷ୍ଟିଭ ରିକ୍ସନଙ୍କ ସ୍ଥାନ ନେବେ।

> ଭାରତରେ ଅଶ୍ୱ ଚାଳନାକୁ ଲୋକପ୍ରିୟ କରିବାକୁ ହେଲେ ସରକାରୀ ଆର୍ଥିକ ସହାୟତାର ଆବଶ୍ୟକତା ରହିଛି ।
>
> –ଫେଁଆଦ ମିର୍ଜା, ଏସିଆନ ଗେମ୍ସ ପଦକ ବିଜେତା

> ଏସିଆ କପ୍ରେ ଭାରତୀୟ ଦଳର ଗେମ୍ ପ୍ଲାନରେ ରୋହିତ ଶର୍ମା ଓ ଶିଖର ଧାୱନଙ୍କ ବିଶେଷ ଭୂମିକା ରହିବ।
>
> –ବ୍ରେଟ୍ ଲି', ପୂର୍ବତନ ଅଷ୍ଟ୍ରେଲୀୟ ସ୍ପିଡ୍ଷ୍ଟର

ହଂକଂ ବିପକ୍ଷରୁ ଭାରତର ଅଭିଯାନ

ନୂଆଦିଲ୍ଲୀ, ୬।୯

ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ହଂକଂ ବିପକ୍ଷରେ ଖେଳି ଭାରତୀୟ ଦଳ ତା'ର ଅଭିଯାନ ଆରମ୍ଭ କରିବ। ଗୁରୁବାର ହଂକଂ ଦଳ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ରେ ୟୁଏଇକୁ ୨ ଉଇକେଟ୍ରେ ପରାସ୍ତକରି ଚାମ୍ପିୟନ ହେବା ସହ ମୁଖ୍ୟ ପର୍ଯ୍ୟାୟକୁ ପ୍ରବେଶ କରିଛି। ଡିଫେଣ୍ଡିଂ ଚାମ୍ପିୟନ ଭାରତ ଓ ପାକିସ୍ତାନ ସହ ହଂକଂ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିଲେ ମଧ୍ୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଚାଲିଥିବାରୁ ଗ୍ରୁପ୍-ଏ'ର କାର୍ଯ୍ୟସୂଚୀ ସ୍ପଷ୍ଟ ହୋଇପାରି ନ ଥିଲା। ସେପ୍ଟେମ୍ବର ୧୮ରେ ହଂକଂ ବିପକ୍ଷରେ ଖେଳି ଭାରତ ତା'ର ଅଭିଯାନ ଆରମ୍ଭ କରିବ। ସେହିଭଳି ଏହାର ଠିକ୍ ପରଦିନ ଅର୍ଥାତ ସେପ୍ଟେମ୍ବର ୧୯ରେ ଭାରତ ଓ ପାକିସ୍ତାନ ମଧ୍ୟରେ ବହୁପ୍ରତୀକ୍ଷିତ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ୬ ଦଳୀୟ ପ୍ରତିଯୋଗିତାର ଗ୍ରୁପ୍-ବି'ରେ ଶ୍ରୀଲଙ୍କା, ବାଂଲାଦେଶ ଓ ଆଫଗାନିସ୍ତାନ ରହିଛନ୍ତି। ଏସିଆ କପ୍ ସେପ୍ଟେମ୍ବର ୧୫ରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ଏହାପରେ ସେପ୍ଟେମ୍ବର ୨୧ରୁ ସୁପର୍-୪ ପର୍ଯ୍ୟାୟ ଆରମ୍ଭ ହେବ। ଫାଇନାଲ ମ୍ୟାଚ୍ ୨୮ରେ ଦୁବାଇରେ ଅନୁଷ୍ଠିତ ହେବ।

ଏସିଆ କପ୍ର ମୁଖ୍ୟ ପର୍ଯ୍ୟାୟରେ ସ୍ଥାନ ପାଇବା ପାଇଁ ନେପାଳ, ଓମାନ, ସିଙ୍ଗାପୁର, ମାଲେସିଆ ଓ ୟୁଏଇ ମଧ୍ୟରେ ଗତ ଅଗଷ୍ଟ ୨୯ରୁ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ମାଲେସିଆରେ ଆରମ୍ଭ ହୋଇଥିଲା। ହଂକଂ ଓ ୟୁଏଇ ମଧ୍ୟରେ ଏହାର ଫାଇନାଲ ମ୍ୟାଚ୍ ଗୁରୁବାର କୁଆଲାଲୁମ୍ପୁର କିନରାରା ଏକାଡେମୀରେ ଅନୁଷ୍ଠିତ ହୋଇଥିଲା। ବର୍ଷା ଯୋଗୁ ମ୍ୟାଚ୍କୁ ୨୪ ଓଭର ବିଶିଷ୍ଟ କରାଯାଇଥିଲା। ୟୁଏଇ ପକ୍ଷରୁ ଧାର୍ଯ୍ୟ ୧୭୯ ରନର ଟାର୍ଗେଟ୍କୁ ପିଛା କରି ହଂକଂ ୨୩.୩ ଓଭରରେ ଲକ୍ଷ୍ୟ ହାସଲ କରିନେବା ସହ ମୁଖ୍ୟ ପର୍ଯ୍ୟାୟରେ ସ୍ଥାନ ପକ୍କା କରିନେଇଛି।

ହଂକଂ ନେତୃତ୍ୱ ନେବେ ଅଂଶୁମାନ

ହଂକଂ କ୍ରିକେଟ ଦଳ ଆଗାମୀ ଏସିଆ କପ୍କୁ ଯୋଗ୍ୟତା ହାସଲ କରିଥିବାବେଳେ ଗ୍ରୁପ୍-ଏ'ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ସହ ପାକିସ୍ତାନ ବିପକ୍ଷ ମ୍ୟାଚ୍ ସହ ହଂକଂ ଏସିଆ କପ୍ରେ ତା'ର ଅଭିଯାନ ଆରମ୍ଭ କରିବ। ଏହାର ଦୁଇଦିନ ପରେ ୧୮ରେ ଦଳ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଭାରତକୁ ଭେଟିବ। ତେଣୁ ଏହି ଦୁଇ ମ୍ୟାଚ୍ ଲାଗି ଅଂଶୁମାନଙ୍କ ପାଇଁ ଏବେ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ୨୦ ବର୍ଷୀୟ ଅଂଶୁମାନ ୨୦୧୪ରେ ପାପୁଆ ନ୍ୟୁ ଗିନି ବିପକ୍ଷରେ ଖେଳି ତାଙ୍କ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟର ଆରମ୍ଭ କରିଥିଲେ। ଇତିମଧ୍ୟରେ ଅଂଶୁମାନ ହଂକଂ ଜାତୀୟ ଦଳ ପକ୍ଷରୁ ୧୬ଟି ଦିନିକିଆ ଓ ୨୦ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଛନ୍ତି। ଜଣେ ବାମହାତୀ ବ୍ୟାଟ୍ସମ୍ୟାନ ଭାବେ ପରିଚିତ ଅଂଶୁମାନ ସାମୟିକ ସ୍ପିନ ବୋଲିଂ ମଧ୍ୟ ପକାନ୍ତି। ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ବାବର ହାଏଦ୍ଙ୍କ ସ୍ଥାନରେ ଅଂଶୁମାନଙ୍କୁ ହଂକଂ ଦଳର ନେତୃତ୍ୱ ପ୍ରଦାନ କରାଯାଇଥିଲା।

ଏସିଆ କପ୍

ସ୍ଥାନ ପାଇଛି। ଗୁରୁବାର ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟର ଫାଇନାଲରେ ହଂକଂ ୨ ଉଇକେଟ୍ରେ ୟୁଏଇକୁ ପରାସ୍ତକରି ଏହି ସଫଳତା ପାଇଛି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଓଡ଼ିଆ ପୁଅ ଅଂଶୁମାନ ରଥଙ୍କ ନେତୃତ୍ୱରେ ଖେଳି ହଂକଂ ଦଳ ଏସିଆ କପ୍ର ମୁଖ୍ୟ ପର୍ଯ୍ୟାୟକୁ ଟିକେଟ୍ ହାସଲ କରିଛି। ସେପ୍ଟେମ୍ବର ୧୬ରେ ପାକିସ୍ତାନ ବିପକ୍ଷ ମ୍ୟାଚ୍ ସହ ହଂକଂ ଏସିଆ କପ୍ରେ ତା'ର

INVITATION FOR BIDS (IFB)
NATIONAL COMPETITIVE BIDDING THROUGH e-Tendering

IDENTIFICATION NO: RWS&S DIVN., PURI-35 OF 2018-19
Ph: (06752) 251276, Fax: (06752) 251276, E-mail: eerwss_puri@nic.in
NATIONAL COMPETITIVE BIDDING THROUGH E-PROCUREMENT
Bid Identification No. RWSSPURI 35/ 2018-19

1st CORRIGENDUM TO
INVITATION FOR BIDS (IFB)
IDENTIFICATION NO: RWS&S DIVN. PURI-35 OF 2018-19

No.734-O:- In the IDENTIFICATION NO. RWS&S DIVN. PURI-35 OF 2018-19, Sl. No. (1) the Column No. 3 to 4 are hereby changed as follows. All other items in the tender remain un-altered.

Sl No.	Name of the Work	Appx. Value of work (Rs. in lakhs)	EMD to be deposited (In Rs.)
1	2	3	4
1	Piped water supply to village SIANDI under KRUSHNAPRASAD Block	70.52	70600/-

Sd./-
Executive Engineer,
25017/11/0062/1819 **RWS&S Division, Puri**

GOVERNMENT OF ODISHA
ST & SC DEVELOPMENT DEPARTMENT

No.__17156__/SSD, Bhubaneswar Dated_05-09-2018___
STSCD-WOEP-CASE 3-0009-2015

SECOND SHOW CAUSE NOTICE

No.44-V:- Whereas a disciplinary proceeding has been initiated against Sri Manas Ranjan Pattnaik, Ex-W.E.O., Banarpal Block, Angul under Rule-15 of OCS (CC&A) Rules, 1962 vide Proceeding No.7917 dt.07.03.2002.

And whereas the Disciplinary Authority considered it necessary to appoint the A.D.M. Angul as the Inquiring Officer and the B.D.O., Banarpal as the Marshalling Officer under Sub-Rule-4 & 5 of Rule-15 of OCS(CC&A) Rules,1962 vide ST & SC Development Department, Office Order No.37394/SSD Dt.22.08.2003.

And whereas the Inquiring Officer submitted his enquiry report Dated.09.10.2015.

And whereas the enquiry report was sent to the Delinquent Officer through the 1st Show Cause Notice No.23013/SSD, dated.23.11.2015 which was returned without being served upon the addressee. Hence, the D.O. was intimated through a notice published in two local dailies viz, "The Samaj" and "The Dharitri" (dtd. 12.05.2018) to receive a copy of the 1st Show Cause Notice within 7 days of publication of the said notice and submit his representation against the findings of the Inquiring Officer within 15 days.

And whereas Delinquent Officer did not submit his representation even after expiry of the stipulated period.

And whereas after careful consideration of article of charges, enquiry report of the Inquiring Officer, the Disciplinary Authority has proposed to award the following punishments on the Delinquent Officer.

1. Rs.18,700/- be recovered from the Delinquent Officer with interest from the date of receipt.
2. Two annual periodical increments be stopped with cumulative effect.
3. Period of suspension be treated as such.

Therefore, in pursuance of Rule-15 (10) (i) (b) of OCS (CC&A) Rules of 1962, the punishment as proposed by the Disciplinary Authority is furnished herewith to the Delinquent Officer calling upon him to submit any representation as he may wish to make against the proposed punishment within 15 days, failing which the matter will be decided on its own merit as per the existing rules.

Sd/-
26001/11/0008/1819 Director (ST)-cum-Special Secretary to Govt.

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର

ନଂ.୧୧୫୩୧/ଡା୧୮।୦୮।୨୦୧୮
ବିଜ୍ଞାପନ
ସରକାରୀ ବସ୍ ଭଡ଼ା ସୂତ୍ରରେ ଚଳାଇବା ନିମନ୍ତେ ବିଜ୍ଞପ୍ତି

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେତେକ ମାର୍ଗର ବସ୍କୁ ଭଡ଼ାସୂତ୍ରରେ ଚଳାଚଳ କରିବା ନିମନ୍ତେ ଇଚ୍ଛୁକ ଆହ୍ୱାନ କରୁଛନ୍ତି। ଟେଣ୍ଡରର ତଥ୍ୟାବଳୀ ତା୦୩।୧୦।୨୦୧୮ରୁ ତା୦୩।୧୦।୨୦୧୮ରିଖ ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଣ୍ଟାଠାରୁ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପରିବହନ ନିଗମର ମୁଖ୍ୟ କାର୍ଯ୍ୟାଳୟ ତଥା ଶାଖା କାର୍ଯ୍ୟାଳୟମାନଙ୍କରେ ଟ.୧୫୦/- (ଏକ ଶତ ପଚାଶ ଟଙ୍କା) ଜମା କରି ଜିମ୍ୱା www.osrtc.in ରେ ଡାଉନଲୋଡ କରି ଟେଣ୍ଡର ଫର୍ମ ପାଇପାରିବେ। ଡାଉନଲୋଡ ଟେଣ୍ଡର ଫର୍ମ ସହ ଟ.୧୫୦/- (ଏକଶତ ପଚାଶ) ଟ୍ରଙ୍କାର I.P.O. ଯାହାକି G.P.O. ଭୁବନେଶ୍ୱରରୁ ଭଡାଣ ନିମନ୍ତେ ଗ୍ରହଣଯୋଗ୍ୟ ଏବଂ ଆବେଦିକ ଫିସ୍ ପାଇଁ ଟ.୧୦୦୦/- (ଏକ ହଜାର) ଟଙ୍କା ଯାହାକି ଫେରସ୍ତଯୋଗ୍ୟ ନୁହେଁ, ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ Bank Draft, Accounts Officer, OSRTC, ଭୁବନେଶ୍ୱରଙ୍କ ନାମରେ ଗ୍ରହଣଯୋଗ୍ୟ।

ସମସ୍ତ ଟେଣ୍ଡର ଫର୍ମ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ତା୦୩।୧୦।୨୦୧୮ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ସମୟ ଓ ତାରିଖ ପରେ କେଣସି ଟେଣ୍ଡର ଫର୍ମ ଗ୍ରହଣ କରାଯିବ ନାହିଁ।

ଟେଣ୍ଡରର ସବିଶେଷ ସର୍ତ୍ତାବଳୀ ଟେଣ୍ଡର ପୁସ୍ତିକାରେ ତଥା OSRTC Website ରେ ଉପଲବ୍ଧ।

ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./- ରୁଦ୍ର ପ୍ରସନ୍ନ ସାହୁ
ସାଧାରଣ ପରିଚାଳକ (ପ୍ରଶାସନ)
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର

GOVERNMENT OF ODISHA
"e"-PROCUREMENT NOTICE
OFFICE OF THE SUPERINTENDING ENGINEER,
KHORDHA (R&B) CIRCLE, KHORDHA

WORKS DEPARTMENT
TENDER CALL NOTICE

E-mail: rbcirclekhurda@gmail.com
Bid Identification No. SE-Khordha (R&B) Circle-05/2018-19
Memo No - Dt.28.08.2018.

No. 452-B: The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road works as detailed in the table below:

1.	Nature of Work		Road Works
2.	No. of Work		03 Nos.
3.	Tender Cost		Rs.10000.00 (On-Line)
4.	Class of Contractor		'B' Class
5.	Available of Bid document in the Website		From Dt. 07.09.2018 10.00 AM to Dt. 22.09.2018 5.00 PM
6.	Date of opening of Bid		Dt. 24.09.2018 at 11.30 AM
7.	The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum / Cancellation of tender can also be seen in the said website.		

Superintending Engineer,
34127/11/0005/1819 **Khordha (R&B) Circle, Khordha**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ

ବ୍ଲକ୍ସ୍ତରୀୟ ଜନଶୁଣାଣି

No. 49-F:- ଅନୁଗୋଳ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୧୭–୧୮ ଆର୍ଥିକ ବର୍ଷର ଅକ୍ଟୋବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକ୍ସ୍ତରୀୟ ଜନଶୁଣାଣି ପାଇଁ ଓସାଟ୍ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଛି।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହିତ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଡ଼ିସ୍ତ୍ରରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିବାକୁ ଅନୁରୋଧ।

ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଛି କି, ଏହି ବ୍ଲକ୍ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦାନ କରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇ ନେବା ପାଇଁ ଆପଣମାନଙ୍କର ସହଭାଗିତାର ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପନ କରିବା ହେବେ।

କ୍ର. ନଂ.	ବ୍ଲକ୍ର ନାମ	ବ୍ଲକ୍ସ୍ତରୀୟ ଜନଶୁଣାଣି ନିମନ୍ତେ ଧାର୍ଯ୍ୟ କାର୍ଯ୍ୟସୂଚୀ			
		ତାରିଖ	ସମୟ (ପୂର୍ବାହ୍ନ)	ସ୍ଥାନ	ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ
୧	ତାଳଚେର	୧୮।୦୯।୨୦୧୮	୧୦.୩୦	ପଞ୍ଚାୟତ ସମିତି ସଭାଗୃହ	ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ
୨	କଣିହାଁ	୨୦।୦୯।୨୦୧୮	୧୦.୩୦	ପଞ୍ଚାୟତ ସମିତି ସଭାଗୃହ	ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ର.ସ.), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ
୩	ଛେଣ୍ଡିପଦା	୨୫।୦୯।୨୦୧୮	୧୦.୩୦	ପଞ୍ଚାୟତ ସମିତି ସଭାଗୃହ	ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ
୪	ଅନୁଗୋଳ	୨୭।୦୯।୨୦୧୮	୧୦.୩୦	ପଞ୍ଚାୟତ ସମିତି ସଭାଗୃହ	ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳ
୫	ଆଠମଲ୍ଲିକ	୨୯।୦୯।୨୦୧୮	୧୦.୩୦	ପଞ୍ଚାୟତ ସମିତି ସଭାଗୃହ	ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ର.ସ.), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା
୬	କିଶୋରନଗର	୦୫।୧୦।୨୦୧୮	୧୦.୩୦	ପଞ୍ଚାୟତ ସମିତି ସଭାଗୃହ	ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ର.ସ.), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା
୭	ପାଲଲହଡ଼ା	୧୦।୧୦।୨୦୧୮	୧୦.୩୦	ପଞ୍ଚାୟତ ସମିତି ସଭାଗୃହ	ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ
୮	ବଅଁରପାଳ	୧୨।୧୦।୨୦୧୮	୧୦.୩୦	ପଞ୍ଚାୟତ ସମିତି ସଭାଗୃହ	ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳ

ସ୍ୱା./– ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ ସ୍ୱା./– ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଅନୁଗୋଳ
24012/11/0013/1819

Government of Odisha, e- Procurement Notice
INVITATION FOR BIDS (IFB)
Bid Identification No. S.E.Dkl.(R&B) 04/2018-19
Email Id-sedklpwd@gmail.com

Letter No / Dt.

No. 450-B: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road and Building works as detailed in the table below:

1.	Name of the work	:	Road, Bridge and Building works
2.	No. of works	:	13 (Thirteen) Nos.
3.	Estimated Cost	:	Rs.1,18,98,681/- to Rs.3,95,04,688.00/-
4.	Cost of tender paper	:	Rs 10,000.00
5.	Class of contractor	:	'A', 'B' and 'Special' Class'
6.	Period of Completion of work	:	05 (Five) to11 (Eleven) Calendar months
7.	Date and time of availability of bid Document in the website	:	From Dt.06.09.2018 to 16.00 hours of Dt.20.09.2018
8.	Date of opening of bid	:	Dt.22.09.2018 at 15.30 hours

The bidders have to participate in ONLINE biding only. further details can be seen from the e-Procurement Portal: www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Superintending Engineer
34132/11/0007/1819 **Dhenkanal(R&B) Circle,Dhenkanal**

No.DSPL-148

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ– ୨୦୧୯

ତା. ୦୧.୦୧.୨୦୧୯ରିଖକୁ ଯୋଗ୍ୟତାସୂଚକ ତାରିଖ ଭାବେ ଭିତ୍ତିକରି ଭାରତ ନିର୍ବାଚନ କମିଶନ ରାଜ୍ୟର ୧୪୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ନିମ୍ନଲିଖିତ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି।

ଚିଠା ଭୋଟର ତାଲିକା ପ୍ରକାଶନ – ୦୧.୦୯.୨୦୧୮
ଦାବା ଓ ଆପତ୍ତି ଦାଖଲ – ୦୧.୦୯.୨୦୧୮ ଠାରୁ ୩୧.୧୦.୨୦୧୮
ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ – ୦୪.୦୧.୨୦୧୯

- ଆସନ୍ତା ତା. ୩୧.୧୦.୨୦୧୮ରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରଗୁଡିକରେ ସରକାରୀ କାର୍ଯ୍ୟ ଦିବସରେ ଚିଠା ଭୋଟର ତାଲିକାକୁ ଭୋଟରମାନେ ତନଖି କରିପାରିବେ।
- ଆପଣଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଭୋଟର ତାଲିକାରେ ନିର୍ଭୁଲ ଭାବରେ ପଞ୍ଜୀକୃତ ହୋଇଛି କି ? ଯଦି ଆପଣ ୦୧.୦୧.୨୦୧୯ କୁ ୧୮ ବର୍ଷ ବା ତଦୂର୍ଦ୍ଧ୍ୱ ଏବଂ ଭୋଟର ତାଲିକାରେ ଆପଣଙ୍କ ନାମ ନାହିଁ ତେବେ ଫର୍ମ–୬ରେ ପାସପୋର୍ଟ ସାଇଜ୍ ଫଟୋ, ଜନ୍ମ ତାରିଖ ପ୍ରମାଣ ଏବଂ ବାସସ୍ଥାନ ପ୍ରମାଣ ସହ ଦରଖାସ୍ତ ଦିଅନ୍ତୁ।
- ଭୋଟର ତାଲିକାରେ ନାମ ତ୍ରୁଟି ସଂଶୋଧନ କରିବା ପାଇଁ ଫର୍ମ–୮ରେ ଦରଖାସ୍ତ ସଂପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବି.ଏ

ଗ୍ରେଷ୍ଠ ଗୁରୁ

ଦୀର୍ଘ ୩୦ ବର୍ଷ କୋଚିଂ କ୍ୟାରିୟରରେ ମୁଁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଆଥଲେଟ୍ ସୃଷ୍ଟି କରିଛି। ଏହା ମଧ୍ୟରେ ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ଅନ୍ୟତମ। ଦୀର୍ଘଦିନ ପରେ ମୋର ପରିଶ୍ରମକୁ ସ୍ୱୀକୃତି ମିଳିଥିବାରୁ ବହୁତ ଖୁସି ଲାଗିଲା। ୨୦ ବର୍ଷ ଧରି ମୁଁ ଭାରତୀୟ ଦଳ ସହିତ ରହିଛି। ଓଡ଼ିଆ କୋଚ୍ ଭାବେ ଜଣେ ଓଡ଼ିଶା ଝିଅକୁ ଜିରୋରୁ ସିନିୟର ଏସିଆନ ମେଡାଲିଷ୍ଟ କରିପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରୁ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କୋଚ୍ ପୁରସ୍କାର ଗ୍ରହଣର ସ୍ମୃତି ଅଭୁଲା ବୋଲି ଧରିତ୍ରୀ ସହ ଏକ ବିଶେଷ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି ବିଶିଷ୍ଟ ଆଥଲେଟିକ୍ କୋଚ୍ ସଞ୍ଜୟ ଗଡ଼ନାଏକ।

ସାକ୍ଷାତ: ତପନ ସ୍ୱାଇଁ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କୋଚ ପୁରସ୍କାର ଗ୍ରହଣ ଅବସରରେ ସଞ୍ଜୟ ଗଡନାଏକ

ଦୀର୍ଘ ୩୦ ବର୍ଷର ସାଧନା, ନିଷ୍ଠା ଓ ପ୍ରଶିକ୍ଷଣର ଫଳ ମିଳିଛି। ଜଣେ ଓଡ଼ିଆ କୋଚ୍ ଭାବେ ନିଜ ରାଜ୍ୟରୁ ମିଳିଛି ଶ୍ରେଷ୍ଠ ପୁରସ୍କାର। ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମଙ୍କ ସହିତ ଜାତୀୟ ସ୍ତରରେ ଅନେକ ଆଥଲେଟ୍‌ଙ୍କୁ ଅନ୍ତର୍ଜାତୀୟ ଖ୍ୟାତି ଆଣି ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଏହି ପ୍ରଶିକ୍ଷକଙ୍କୁ ଏବେ ମିଳିଛି ରାଜ୍ୟର ସର୍ବଶ୍ରେଷ୍ଠ କୋଚ୍ ପୁରସ୍କାର। ଗତ ଅଗଷ୍ଟ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ବିଜୁପଟ୍ଟନାୟକ ପୁରସ୍କାର ଗ୍ରହଣ କରିଥିବା ଏହି ଗୁରୁ ଜଣକ ହେଲେ ସଞ୍ଜୟ ଗଡ଼ନାଏକ।

ଅନୁଗୋଳ ଜିଲା ଆରାହଟ ଅନ୍ତର୍ଗତ କନକିନାଳିଠାରେ ୧୯୫୮ ଜୁଲାଇ ୧୫ରେ ଜନ୍ମଗ୍ରହଣ କରିଥିଲେ ସଞ୍ଜୟ। ତାଙ୍କ ମା'ଙ୍କ ନାମ ବାସନ୍ତି ଏବଂ ପିତାଙ୍କ ନାମ ନୀଳମଣି ଗଡ଼ନାଏକ। ପଟିଆଲାସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ନେତାଜୀ ସୁଭାଷ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ସ୍ପୋର୍ଟ୍ସ (ଏନଏସଏନଆଇଏସ)ର ଆଥଲେଟିକ୍ କୋଚ୍ ପଦରୁ ନିକଟରେ ଅବ୍ୟାହତି ନେଇଛନ୍ତି ସଞ୍ଜୟ। ତେବେ ସେ ଭାରତୀୟ କୋଚ୍‌ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ସେ ଜର୍ମାନୀର ଲିପଜିକ୍ ବିଶ୍ୱବିଦ୍ୟାଳୟ ଏବଂ କ୍ୟୁବାର ହାଭାନା ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ କୋଚିଂ କୋର୍ସ କରିଛନ୍ତି। ଜମ୍ପିଂ ଇଭେଣ୍ଟରେ ସେ ଆଇଏଏଏଫ(ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ ଫେଡେରେଶନ୍ସ)ର ଜଣେ ଲେଭଲ-୩ କୋଚ୍। ସେ ୨୦୦୩ ଆଫ୍ରୋ-ଏସିଆନ ଗେମ୍ସ, ୨୦୦୪ ଓ ୨୦୦୮ ଅଲିମ୍ପିକ୍ ଗେମ୍ସ, ୨୦୦୬ ଓ ୨୦୧୦ ଏସିଆନ ଗେମ୍ସ, ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୦୩, ୨୦୦୬, ୨୦୧୧, ୨୦୧୩, ୨୦୧୫ ଓ ୨୦୧୭ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍, ୨୦୧୦ ସାଫ୍ ଗେମ୍ସ, ୨୦୧୬ ଜୁନିୟର ଏସିଆନ ଏବଂ ଜୁନିୟର ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଅବସରରେ ଭାରତୀୟ ଦଳରେ ସାମିଲ ହୋଇଥିବା କୋଚ୍‌ଙ୍କ ମଧ୍ୟରୁ ଅନ୍ୟତମ ଥିଲେ।

ସଞ୍ଜୟଙ୍କ ପ୍ରଶିକ୍ଷଣରେ ପୂର୍ଣ୍ଣିମା ୨୦୧୭ ଏସିଆନ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ପେଣ୍ଟାଥଲନ ଇଭେଣ୍ଟରେ ସ୍ୱର୍ଣ୍ଣ ଏବଂ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୨୦୧୭ରେ ଅନୁଷ୍ଠିତ ସିନିୟର ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ହେପ୍ଟାଥଲନରେ ବ୍ରୋଞ୍ଜ ପଦକ ଜିତିଥିଲେ। ପୂର୍ଣ୍ଣିମାଙ୍କ ବ୍ୟତୀତ ୨୦୦୪ ଓ ୨୦୦୮ ଅଲିମ୍ପିକ୍ସରେ ଭାଗ ନେଇଥିବା ଜାତୀୟ ରେକର୍ଡଧାରୀ ହେପ୍ଟାଥଲେଟ ଜେ.ଜେ. ଶୋଭା, ଲିକ୍ସି ଜୋସେଫ, ଜାତୀୟ ରେକର୍ଡଧାରୀ ଡେକାଥଲେଟ୍ ଭତିନ୍ଦର ସିଂ, ଏସିଆନ ଇନ୍‌ଡୋରରେ ୨ ଥର ସ୍ୱର୍ଣ୍ଣ ପଦକ ବିଜେତା ବିନୋଦ ଏବଂ ଆହୁରି ଅନେକ ଆଥଲେଟ୍ ସଞ୍ଜୟଙ୍କଠାରୁ ପ୍ରଶିକ୍ଷଣ ନେଇ ନିଜ ପ୍ରଦର୍ଶନକୁ ମାର୍ଜିତ କରି ଆଗକୁ ବଢ଼ିଛନ୍ତି।

ପ୍ରଶ୍ନ: କୋଚ୍ ଜୀବନର ଆରମ୍ଭ କିପରି ଥିଲା ?

■ମୁଁ ଗଡ଼ସେନ୍ତିରି ହାଇସ୍କୁଲ ଏବଂ ଅନୁଗୋଳ କଲେଜରେ ଆଇଏସସି ପଢ଼ିବା ପରେ ୧୯୭୭ରେ ଏୟାର ଫୋର୍ସରେ ଯୋଗଦେବାରୁ ଗ୍ୱାଲିୟରରେ ବିକମ୍ କଲି। ପ୍ରଥମ ପୋଷ୍ଟିଂ ଥିଲା ତାମିଲନାଡୁର ସୁଲୁରରେ। ୧୫ ବର୍ଷ ଚାକିରି ପରେ ୧୯୯୨ ନଭେମ୍ବର ୩୦ରେ ମୁଁ ରିଟାୟର୍ଡ କଲି। ସେହି ୧୯୯୨ ଡିସେମ୍ବର ୫ରେ ମୁଁ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ(ସାଇ)ରେ ଆଥଲେଟିକ୍ କୋଚଭାବେ ଯୋଗଦେଲି। ପୂର୍ବରୁ ମୁଁ ବାଙ୍ଗାଲୋରରେ ୧ ବର୍ଷିଆ ଆଥଲେଟିକ୍ କୋଚିଂରେ ଡିପ୍ଲୋମା କରିଥିଲି। ତେଣୁ ମାଷ୍ଟର ଡିଗ୍ରୀ କରିବାକୁ ପଟିଆଲା ଗଲି। ପଞ୍ଜାବ ୟୁନିଭର୍ସିଟି ପଟିଆଲାରେ ଏମଏସସି ଇନ୍ ସ୍ପୋର୍ଟ୍ସ କୋଚିଂ କଲି। ପରେ ୨୦୦୦ରେ ପଟିଆଲା ଏକାଡେମୀ ଉଇଂରେ ଯୋଗଦେଲି। ସେଠାରେ ଡିପ୍ଲୋମା ଓ ମାଷ୍ଟର ଡିଗ୍ରୀ ପିଲାଙ୍କୁ ପଢ଼ାଯାଏ। ସେହି ୨୦୦୦ରେ ମୁଁ ଏନଏସଏନଆଇଏସରେ ଯୋଗଦେଲି। ମୁଁ ବିଦେଶରେ ମଧ୍ୟ କୋଚିଂ କୋର୍ସ କରିଛି। ଜର୍ମାନୀର ଲିପଜିକ ଏବଂ କ୍ୟୁବାର ହାଭାନା ୟୁନିଭର୍ସିଟିରେ ଆଡଭାନ୍ସ କୋର୍ସ ଇନ୍ ଆଥଲେଟିକ୍ସ କୋଚିଂ କରିଥିଲି। ପରେ ମୁଁ ଆଇଏଏଏଫର କୋଚ ହେବାପାଇଁ ଉଦ୍ଦିଷ୍ଟ ଲେଭଲ-୧, ୨, ୩ କୋଚିଂ କୋର୍ସ ରିଜିଓନାଲ ଡେଭଲପମେଣ୍ଟ ସେଣ୍ଟର ଜାକର୍ତ୍ତାରେ କଲି। ପ୍ରଥମଟି ଜେନେରାଲ, ଦ୍ୱିତୀୟଟି ଜମ୍ପିଂ ଏବଂ ତୃତୀୟଟି ଆଡଭାନ୍ସ। ଏହା ବ୍ୟତୀତ ମୁଁ ତାମିଲନାଡୁ କୋଏମ୍ବାଟୁରସ୍ଥିତ କର୍ପାଗାମ୍ ବିଶ୍ୱବିଦ୍ୟାଳୟରେ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସରେ ପିଏଚ୍‌ଡି ମଧ୍ୟ କରିଛି। ଚାକିରି ସମୟରେ ମୁଁ ଏୟାରଫୋର୍ସ ସର୍ଭିସେସ ପକ୍ଷରୁ ଜମ୍ପିଂ ଇଭେଣ୍ଟରେ ପ୍ରତିନିଧିତ୍ୱ କରିଛି।

ପ୍ରଶ୍ନ: ପରିବାର ?

■ପଟିଆଲାରେ ପରିବାର ରହିଛନ୍ତି। ଦୁଇପୁଅ ନେଭିରେ ଅଫିସର ଅଛନ୍ତି। ବଡ଼ପୁଅ ନେଭିରେ ଲୁଟନାଣ୍ଟ କମାଣ୍ଡର ଏବଂ ସାନପୁଅ ଅଫିସରଭାବେ କାର୍ଯ୍ୟରତ। ସେ ଫେନସିଂରେ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଛି। ଜୁନିୟର ସ୍ତରରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏସିଆନ ଚାମ୍ପିୟନଶିପ୍ ସବୁ ଖେଳି ସାରିଛି। ଆଡଭାନ୍ସ ଟ୍ରେନିଂ ପାଇଁ ସେ ଏବେ ହଙ୍ଗେରୀ ଯିବ। ବଡ଼ ବହୁ ପାଇଲଟ ଅଛି।

ପ୍ର: ସଫଳ ଶିଷ୍ୟ କିଏ ?

■ମୋ କୋଚିଂ କ୍ୟାରିୟରରେ କର୍ନାଟକର ଜେଜେ ଶୋଭା ସବୁଠାରୁ ଅଧିକ ସଫଳତା ପାଇଛନ୍ତି। ସେ ୨୦୦୪ ଏଥେନ୍ସ ଓ ୨୦୦୮ ବେଜିଂ ଅଲିମ୍ପିକ୍ସରେ ଭାଗ ନେଇଛନ୍ତି। ଏହା ବ୍ୟତୀତ ୨ଟି ଏସିଆନ ଗେମ୍ସ ୨୦୦୨ ଓ ୨୦୦୬ରେ ବ୍ରୋଞ୍ଜ ମେଡାଲ, ୨୦୦୩ ଆଫ୍ରୋ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ, ୨୦୦୨ ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ, ୪x୪୦୦ ମିଟର ରିଲେରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ୨୦୦୫ରେ ହେପ୍ଟାଥଲନରେ ୬୨୧୧ ପଏଣ୍ଟ ସହିତ ଏବେ ମଧ୍ୟ ଜାତୀୟ ରେକର୍ଡର ଅଧିକାରିଣୀ ଅଛନ୍ତି।

ପ୍ର: ଓଡ଼ିଆ ଆଥଲେଟ୍‌ମାନେ ଉଚ୍ଚସ୍ତରରେ ବିଶେଷ ସଫଳତା ନ ପାଇବାର କାରଣ କ'ଣ।

■ମୁଖ୍ୟ କାରଣ ହେଉଛି ଆମେ ଜୁନିୟର ସ୍ତରକୁ ଭୁଲି ଯାଉଛୁ। ଏବେ ସ୍କୁଲ ସ୍ତରରେ ସ୍ପୋର୍ଟ୍ସ ଶୂନ୍ୟ କହିଲେ ଚଳେ। ସରକାର ତୃଣମୂଳ ସ୍ତରକୁ ଫୋକସ କରିବା ଆବଶ୍ୟକ। ଚାଇନା ପରି ଦେଶ ସ୍କୁଲ ଉପରେ ଫୋକସ କରି ସଫଳତା ପାଉଛନ୍ତି। ସ୍କୁଲରେ ଫିଜିକାଲ ଏଜୁକେଶନ ବାଧତାମୂଳକ କରାଯିବା ଆବଶ୍ୟକ। ପ୍ରାକ୍ଟିକାଲ ମଧ୍ୟ ବାଧତାମୂଳକ ହେବା ଜରୁରୀ। ଭୁବନେଶ୍ୱରକୁ ଛାଡ଼ିଦେଲେ ଅନ୍ୟ ସ୍ଥାନରେ ସିନ୍ଥେଟିକ୍ ଟ୍ରାକ୍ ନାହିଁ। ସବୁ ଜିଲାରୁ ଖେଳାଳି ଆସି ଭୁବନେଶ୍ୱରରେ ଅଭ୍ୟାସ କରିବା ସମ୍ଭବ ନୁହେଁ। ରାଜ୍ୟର ବିଭିନ୍ନ ସ୍ଥାନରେ ସିନ୍ଥେଟିକ୍ ଟ୍ରାକ୍ ନିହାତି ଆବଶ୍ୟକ। ଏହା ବ୍ୟତୀତ ପିଲାଙ୍କୁ ଆବଶ୍ୟକ ଖେଳ ସରଞ୍ଜାମ ଏବଂ ଫୁଡ୍ ସପ୍ଲିମେଣ୍ଟ ଆଦି ଯୋଗାଇ ଦିଆଯିବା ଜରୁରୀ। ସ୍କୁଲ ନ୍ୟାଶନାଲ, ଜୁନିୟର ସ୍ତରରେ ମେଡାଲ ଆଣୁଥିବା ପିଲାଙ୍କୁ ଆର୍ଥିକ ପୁରସ୍କାରରେ ପ୍ରୋତ୍ସାହିତ କରାଯିବା ଆବଶ୍ୟକ, ଯାହାକି ହରିୟାଣା ସରକାର କରୁଛନ୍ତି। ଫଳରେ ହରିୟାଣା ଏବେ କ୍ରୀଡ଼ା କ୍ଷେତ୍ରରେ ଉପରକୁ ଉଠୁଛି। ଉଚ୍ଚସ୍ତରରେ ଓଡ଼ିଶା ସରକାର ପ୍ରୋତ୍ସାହନ ରାଶିରେ ଅନ୍ୟ ରାଜ୍ୟପାଇଁ ଉଦାହରଣ ସୃଷ୍ଟି କରିଛନ୍ତି, ମାତ୍ର ଜୁନିୟର ସ୍ତରପାଇଁ ମଧ୍ୟ ଏପରି କିଛି ହେଲେ ଅଧିକରୁ ଅଧିକ ଓଡ଼ିଆ ଖେଳାଳି ଉଚ୍ଚସ୍ତରରେ ନାଁ କମାଇପାରିବେ।

ପ୍ର: ଭୁବନେଶ୍ୱରରେ ଏବେ ବିଶ୍ୱସ୍ତରର ଭିତ୍ତିଭୂମି। ଏଥିରୁ ଆମ ଆଥଲେଟ୍‌ଙ୍କୁ କ'ଣ ଫାଇଦା ମିଳିବ ?

■ଏଥିରୁ ନିଶ୍ଚତଭାବେ ରାଜ୍ୟ ଖେଳାଳି ଓ ସେମାନଙ୍କ ଅଭିଭାବକମାନେ ମୋଟିଭେଟ ହେବେ। ଜୁନିୟରରେ ଜାତୀୟ ସ୍ତରର ଆଥଲେଟ୍‌ଙ୍କୁ ଭୁବନେଶ୍ୱର ଆଣି କୋଚିଂ ଦେବାର ବ୍ୟବସ୍ଥା କରାଯିବା ଆବଶ୍ୟକ। ଫଳରେ ରାଜ୍ୟ ଆଥଲେଟ୍‌ଙ୍କ ପ୍ରଦର୍ଶନରେ ନିଶ୍ଚିତ ଉନ୍ନତି ଆସିବ।

ପ୍ର: ୨୦୨୦ ଅଲିମ୍ପିକ୍ସରେ ଭାରତର ସମ୍ଭାବନାକୁ କିପରି ଦେଖୁଛନ୍ତି ?

■ମୁଁ ଦୀର୍ଘ ୩୦ ବର୍ଷ ଧରି କୋଚିଂରେ ଏବଂ ୨୦୦୦ରୁ ଏପର୍ଯ୍ୟନ୍ତ ୨୦ ବର୍ଷ ଧରି କ୍ରମାଗତ ଭାରତୀୟ ଦଳ ସହ ରହିଛି। ୨୦୨୦ ଅଲିମ୍ପିକ୍ସରେ ଆଥଲେଟିକ୍ସ ଇଭେଣ୍ଟରୁ ଆମେ ଅତିକମ୍‌ରେ ୨ଟି ପଦକ ଦେବୁ। ତେବେ ରାଜ୍ୟ ଓ ଭାରତ ସରକାର ବର୍ତ୍ତମାନ ଭଳି ଆଥଲେଟ୍‌ଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ଉଚିତ।

ପ୍ର: ପୂର୍ଣ୍ଣିମାଙ୍କୁ ନେଇ ଆପଣଙ୍କର କ'ଣ ସ୍ୱପ୍ନ ରହିଛି ?

■ପୂର୍ଣ୍ଣିମାଙ୍କୁ ଅଲିମ୍ପିକ୍ସରେ ଖେଳାଇବା ମୋର ପ୍ରଥମ ଲକ୍ଷ୍ୟ। ଭାଗ୍ୟ ସାଥ୍ ନ ଦେବାରୁ ସେ ଏଥର ଏସିଆନ ଗେମ୍ସରେ ପଦକ ଜିତି ପାରିଲାନି। ମାଂସପେଶୀରେ ସମସ୍ୟା ଯୋଗୁ ପାଖାପାଖି ୨୦୦ ପଏଣ୍ଟ କମିଗଲା। ଗୁଆହାଟୀ ସିଲେକ୍ସନରେ ସେ ପାଖାପାଖି ୫୯୦୦ ପଏଣ୍ଟ ହାସଲ କରିଥିଲେ। ସେତେବେଳେ ୨୦୦ ମିଟର ଅବସରରେ ମାଂସପେଶୀ ହାଲ୍‌କା ଟାଣି ହୋଇ ଯାଇଥିଲା। ପରେ ତାହା ଠିକ୍ ହୋଇ ଯାଇଥିଲା। ଏବେ ୮୦୦ ମିଟର ରେସ୍ ପରେ ହର୍ଡଲ୍ସ ସମୟରେ ପୁଣି ସେହି ସମସ୍ୟା ବାହାରିବାରୁ ସ୍କିଡ୍ ଇଭେଣ୍ଟ ଗୁଡ଼ିକ ଖରାପ ହୋଇଗଲା। ଏହାକୁ ବ୍ୟାଡ୍‌ଲକ୍ କୁହାଯାଇ ପାରିବ। ପୂର୍ଣ୍ଣିମା ମୋ ପାଖରେ ୭ ବର୍ଷ ହେଲା ଅଛନ୍ତି। ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ। ଏବେ ତାଙ୍କୁ ସ୍ୱତନ୍ତ୍ର ଭାବେ କୋଚିଂ ଦେଇ ୨୦୨୦ ଅଲିମ୍ପିକ୍ସ ଓ ୨୦୨୨ ଏସିଆନ ଗେମ୍ସ ପାଇଁ ପ୍ରସ୍ତୁତ କରାଯିବ।

ଓଡ଼ିଶାରେ କୋଚିଂ ଦେବାକୁ ଇଚ୍ଛା

ମୁଁ ୨୦୧୮ ଜୁଲାଇ ୩୧ରେ ସାଇରୁ ଅବସର ନେଇଛି। ଏବେ ମୁଁ ପଟିଆଲାରେ ଭାରତୀୟ କ୍ୟାମ୍ପରେ ରହିଛି। ଭାରତୀୟ ଆଥଲେଟିକ୍ସ ଫେଡେରେଶନ ଜୁନିୟର ଟିମ୍‌ରେ ମୁଖ୍ୟ କୋଚ୍ ଦାୟିତ୍ୱ ମଧ୍ୟ ଦେଇଛନ୍ତି। ଭବିଷ୍ୟତରେ ଓଡ଼ିଶା ଯାଇ କିଛି କରିବି ବୋଲି ଆଶା ରଖିଛି। ଯୋଜନା ଅଛି ଓଡ଼ିଶା ଯିବାକୁ। କିଟ୍ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଅଫର ରହିଛି। ବିଶେଷ କରି ଭୁବନେଶ୍ୱରରେ ସୁଯୋଗ ମିଳିଲେ ମୁଁ ନିଶ୍ଚିତ ସ୍ୱାଗତ କରିବି। ଅଚ୍ୟୁତ ସାମନ୍ତ କିଟ୍‌ରେ ଯୋଗଦେବାକୁ ନିମନ୍ତ୍ରଣ କରିଛନ୍ତି। ଗୁଜରାଟରୁ ମଧ୍ୟ ଅଫର ମିଳିଛି। ଫିଟ୍ ଥିବା ପର୍ଯ୍ୟନ୍ତ କୋଚିଂ ଜାରି ରଖିବାରେ କିଛି ଅସୁବିଧା ନାହିଁ।

ପଣ

ଆଶେସରେ କଙ୍ଗାରୁଠୁ ଜିତିଗଲେ
ଯେମିତି ଲାଗଇ ମଜା
ନ୍ୟୁର ୱାନ ଟିମ୍ ଇଣ୍ଡିଆଠୁ ଟେଷ୍ଟ
ଓ୍ୱିନ ସମକକ୍ଷ ଅଜା
ଟ୍ରେଭର ବେଲିସ ବାଜା
ବଜାଇ କହଇ ପଣ କରିଥିଲୁ
(କିଏ) ଓଳିଆରୁ ପଡ଼ି ଗଜା।



ହକିର ପ୍ରଚାର ପ୍ରସାର କରିବ
ନବୀନ କରିଛି ପଣ
ଭୁବନେଶ୍ୱରରେ ଦୁଇମାସ ପରେ
ହକି ବିଶ୍ୱକପ ରଣ
ଟ୍ରଫି ପ୍ରତିକୃତି ରାଣ
ଛଅଟି ଗାଡ଼ିରେ ଗାଁଠୁ ସହର
ବୁଲିବ ଆଗକୁ ଜାଣ।

ସିକ୍ସଟି ନାଇନ୍ ପଦକ ଜିତିଛି
ଜାକର୍ତ୍ତାରେ ମୋର ଦେଶ
ଓ୍ୱେଲ୍‌କମ୍ ଆମ ଆଥଲେଟ୍ ଘେନ
ପଣ, ଶ୍ରମ ଦେଲା ଯଶ
ଏବେ ବଣମଲ୍ଲୀ ବାସ
ଚହଟଇ ସାରା ଅଖ୍ୟାତ ପଲ୍ଲୀରୁ
ଦେଶ ଆଉ ମହାଦେଶ।

–ସୁବାସ ଚନ୍ଦ୍ର ପ୍ରଧାନ

ସଙ୍କଟରେ ନଟରାଜଙ୍କ କ୍ୟାରିୟର

- ନିଜର ବଳିଷ୍ଠ ନେତୃତ୍ୱ ବଳରେ ପୂର୍ବାଞ୍ଚଳକୁ ୨ ଥର ଦୁଲୀପ ଟ୍ରଫି ଟାଇଟଲ ସ୍ୱାଦ ଚଖାଇଥିବା ଓଡ଼ିଶାର ପୂର୍ବତନ ରଣଜୀଟ୍ରଫି ଅଧିନାୟକ ନଟରାଜ ବେହେରାଙ୍କ କ୍ୟାରିୟର ଏବେ ସଙ୍କଟରେ। ଆଗାମୀ ସିଜନ ପାଇଁ କଟକରେ ଚାଲିଥିବା ସିନିୟର ଦଳର ପ୍ରସ୍ତୁତି ଓ ଚୟନ ଶିବିରରେ ନଟରାଜ ନାହାନ୍ତି। କଳାହାଣ୍ଡି କପ୍ ନ ଖେଳିବା ଯୋଗୁ ତାଙ୍କୁ ଶିବିରରେ ରଖାଯାଇ ନାହିଁ ବୋଲି ଓସିଏ ପକ୍ଷରୁ ପ୍ରକାଶ କରାଯାଇଛି।

**୧୯୬୬-୬୨ରେ ଆରମ୍ଭ ହୋଇଥିଲା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଅନ୍ୟତମ ପ୍ରମୁଖ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ଦୁଲିପ ଟ୍ରଫି। ପ୍ରତିଯୋଗିତାର ୫୦ ସଂସ୍କରଣ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ଦଳ ଥରେହେଲେ ଟାଇଟଲ ବିଜୟୀ ହୋଇ ପାରି ନ ଥିଲା। ମାତ୍ର ୨୦୧୧-୧୨ ଓ ୨୦୧୨-୧୩ରେ ପୂର୍ବାଞ୍ଚଳ ଲଗାତର ଦୁଇଥର ଚାମ୍ପିୟନ ହେଲା। ନିଜର ବଳିଷ୍ଠ ନେତୃତ୍ୱରେ ପୂର୍ବାଞ୍ଚଳକୁ ଟାଇଟଲ ସ୍ୱାଦ ଚଖାଇଥିଲେ ଜଣେ ଓଡ଼ିଆ ଖେଳାଳି। ସେ ହେଲେ ଓଡ଼ିଶାର ପୂର୍ବତନ ରଣଜୀ ଟ୍ରଫି ଅଧିନାୟକ ନଟରାଜ ବେହେରା। ୫୦ବର୍ଷ ପରେ ନିଜ ନେତୃତ୍ୱ ବଳରେ ପୂର୍ବାଞ୍ଚଳକୁ ଦୁଲୀପ ଟ୍ରଫି ପ୍ରଦାନ କରିଥିବା ଏବଂ ହରିୟାଣା ବିପକ୍ଷରେ ୨୫୫ରନ୍‌ର ଇନିଂସ୍ ଖେଳି ପ୍ରଥମ ଶ୍ରେଣୀ କ୍ରିକେଟର ଗୋଟିଏ ଇନିଂସରେ ଓଡ଼ିଶାର ଦ୍ୱିତୀୟ ସର୍ବାଧିକ ରନ ସଂଗ୍ରହକାରୀ ହୋଇଥିବା ନଟରାଜ ଏବେ କ୍ରିକେଟରୁ ଦୂରେଇ ଯାଉଥିବା ଦେଖିବାକୁ ମିଳୁଛି। କଟକରେ ଚାଲିଥିବା ସିନିୟର ଦଳର ପ୍ରସ୍ତୁତି ଓ ଚୟନ ଶିବିରରେ ନଟରାଜ ନାହାନ୍ତି। ଏଣୁ ଆସନ୍ତା ସିଜନରେ ରାଜ୍ୟର ଏହି ଭରସାଯୋଗ୍ୟ ବ୍ୟାଟ୍ସମ୍ୟାନ ଜଣଙ୍କୁ ଦେଖିବାକୁ ମିଳିବା ସମ୍ଭାବନା କମ୍। ଗତ କଳାହାଣ୍ଡି କପ୍ ନ ଖେଳିବା ଯୋଗୁଁ ତାଙ୍କୁ ଶିବିରରେ ରଖାଯାଇନାହିଁ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ କୁହାଯାଇଛି। ତେଣୁ ନଟରାଜଙ୍କ କ୍ରିକେଟ କ୍ୟାରିୟର ଏବେ ସଙ୍କଟ ଦେଇ ଗତି କରୁଥିବା ସ୍ପଷ୍ଟ ଦେଖା ଯାଉଛି।

ରାଉରକେଲାରେ ଜନ୍ମିତ ନଟରାଜଙ୍କ ସମ୍ପୂର୍ଣ୍ଣ ନାଁ ହେଉଛି ନଟରାଜ ଭୁବନ ବେହେରା। ଜୁନିୟର ବୟସ ବର୍ଗର ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ଭିନୁ ମଙ୍କଡ ଟ୍ରଫି, କୁଚ ବିହାର ଟ୍ରଫି, ସିକେ ନାଇଡୁ ଟ୍ରଫିରେ ସେ ରାଜ୍ୟ ଦଳରୁ ଖେଳିଥିଲେ। ୨୩ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଭଲ ପ୍ରଦର୍ଶନ ଦୃଷ୍ଟିରୁ ତାଙ୍କୁ ୨୦୦୭ରେ ସିନିୟର ଦଳରେ ସୁଯୋଗ ମିଳିଥିଲା। ପଞ୍ଜାବ ବିପକ୍ଷ ଟି୨୦ ମ୍ୟାଚ୍‌ରେ ସେ ବ୍ୟାଟିଂ କ୍ରମ ୭ନଂରେ ଆସିଥିବା ବେଳେ ମାତ୍ର ୭ରନ୍ କରିଥିଲେ। ୨୦୦୮ରେ ଗୁଜରାଟ ବିପକ୍ଷରେ ସେ ପ୍ରଥମଶ୍ରେଣୀ କ୍ରିକେଟ ପଦାର୍ପଣ କରିଥିଲେ। ଭୁବନେଶ୍ୱରର ରେଲୱେ ଗ୍ରାଉଣ୍ଡରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଓପନର ପରେଶ ପଟେଲଙ୍କ ସହିତ କ୍ରିଜକୁ ଓହ୍ଲାଇଥିଲେ ନଟରାଜ। ଉକ୍ତ ମ୍ୟାଚ୍‌ରେ ଓଡ଼ିଶା ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ଓଡ଼ିଶାର ଦୁର୍ବଳ ବ୍ୟାଟିଂ ଦେଖିବାକୁ ମିଳିଥିବା ବେଳେ ନଟରାଜ କିନ୍ତୁ ପ୍ରଥମ ଇନିଂସରେ ୧୪ରନ୍ ଓ ଦ୍ୱିତୀୟ ଇନିଂସରେ ୨୨ରନ୍ କରିଥିଲେ। ୨୦୧୦ରେ ଲକ୍ଷ୍ନୌ ଠାରେ ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ନଟରାଜ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ୨୦୦୯ରେ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରୁ ତାଙ୍କର ଲିଷ୍ଟ-ଏ କ୍ୟାରିୟର ଆରମ୍ଭ ହୋଇଥିଲା।

ଉତ୍ଥାନ ପତନ : ପୁରୁଣା ରେକର

ODISHA POWER TRANSMISSION CORPORATION LTD.

Office of The Deputy General Manager, Electrical EHT(O&M) Division, Bhanjanagar, At:Kanteipalli, Post:Badapada, Dist:Ganjam(Odisha), Pin: 761124, e-mail:ehtm.div.bnj@ optcl.co.in, GSTIN: 21AAACO7873L1Z6

TENDER CALL NOTICE NO.04/18-19

For and on behalf of OPTCL, sealed tenders are invited from reputed Manufacturers/Suppliers having valid IT PAN, GST Certificate towards **"Supply of 17 nos 220 KV CVT, 132 KV CVT, 132 KV CT and 33 KV Console boxes for different Grid Sub-Stations** under EHT (O&M) Division, Bhanjanagar. **Commencement of Sale of Tender Paper :** From Dated 07.09.2018, 11AM to Dated 22.09.2018, 12:00Noon. **Last Date of Submission of Tender Paper :** Dated 22.09.2018 up to 2:00 PM. **Date of Opening of Tender Paper :** Dated 22.09.2018 at 3:00 PM. **Cost of Tender paper :** Rs.600/- + GST @12% = Rs.672/-. For details please visit our website www.optcl.co.in. **N.B-** All subsequent addendums/Corrigendum to the tender (if any) will be hosted in the OPTCL's website **http://www.optcl.co.in** only.

DGM (Elect.), EHT (O&M) Divn. Bhanjanagar

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha undertaking)
OFFICE OF THE DY. GENERAL MANAGER (ELECT.), E.H.T. (C) DIVISION, BOLANGIR
At- 220/132/33 K.V. Grid Sub- Station, Sadeipali, P.O.- Sadeipali, Via.- Chandanbhati, Dist.- Bolangir- 767065, Tel.- 06652-250871
CIN- U40102OR2004SGC007553

ବିଜ୍ଞପ୍ତି

ଏତଦ୍ଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡୁଙ୍ଗୁରିପାଲିଠାରେ ଥିବା RTSS (ରେଳବାଇ) ଡୁଙ୍ଗୁରିପାଲିକୁ ସଂଯୋଗ କରୁଥିବା ୧୩୨ କେ.ଭି. RTSS ଡୁଙ୍ଗୁରିପାଲିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି। ଲାଇନର ଏହି ଅଂଶ ବରପାଲି, ଅଏଁଲାପାଲି, ଟିଙ୍ଗିପାଲି, ବରଲାବାହାଲ, ମହଦା, ଭାଟିଗାଁ, ସୁଜିଆ, ମୁନୁପାଲି, ଖଏରପାଲି, ପଥରଖଣ୍ଡି, ସାନନୂଆଁପାଲି ଓ ଖୁଣ୍ଟପାଲି ଗ୍ରାମ ଦେଇ ଯାଇଅଛି।

ଏହି ଲାଇନଟି ଆସନ୍ତା ୦୭।୦୯।୨୦୧୮ରିଖ ପରଠାରୁ ଯେ କୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ।

ଏହି ବିଜ୍ଞାପନ ଜରିଆରେ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପ୍ରଚଳିତ ବିଦ୍ୟୁତ୍ ନିୟାମକ ୧୯୫୬ ଧାରା ୭୯, ୮୦, ୮୨(କ) ଅନୁଯାୟୀ ବିନା ଅନୁମତିରେ ବିଦ୍ୟୁତ୍ ଲାଇନ ତଳେ ଘର ତୋଳିବା, ଗଛ ଲଗାଇବା, ବିଦ୍ୟୁତ ଟାୱାରରେ ଚଢିବା, ଗୃହପାଳିତ ପଶୁ ବାନ୍ଧିବା, କୌଣସି ଲୁହାଛଡ, ଲୁହାପାଇପ ବା କଞ୍ଚା ବାଉଁଶ ଇତ୍ୟାଦି ନେବା ଆଣିବା କରିବା ନିଷେଧ ଅଟେ।

ଏହାଦ୍ୱାରା ଧନଜୀବନ ହାନିର ଯଥେଷ୍ଟ ଆଶଙ୍କା ଅଛି। ଉପର ଲିଖିତ ନିୟମମାନ ଉଲଙ୍ଘନ କରିବା ଆଇନଗତ ଅପରାଧ ଅଟେ।

ସ୍ୱା./– ଉପ ମହାପ୍ରବନ୍ଧକ (ବିଦ୍ୟୁତ୍), ଅଦ୍ଭୁଜ ବିଦ୍ୟୁତ ନିର୍ମାଣ ବିଭାଜନ, ବଲାଙ୍ଗୀର

ODISHA UNIVERSITY OF AGRICULTURE AND TECHNOLOGY, BHUBANESWAR-751 003, ODISHA, INDIA

Visit us at : www.ouat.nic.in Tele Fax : 0674-2562360 Email : cpcouat2018@gmail.com, No. 1432 / CAET, Date : 5.9.2018

TENDER NOTICE

Sealed tenders are invited from reputed manufacturers/authorized dealers having valid GST/PAN and Service Centers in India, preferably in Odisha for supply, installation and commissioning of different equipment/ other items as specified in the tender document at different Colleges/ Departments/ Projects located at Bhubaneswar as well as at different parts of Odisha under Odisha University of Agriculture and Technology (OUAT).

Interested firms have to download the tender documents from our official website **www.ouat.nic.in** and submit the same along with the required tender fee of Rs. 3000/- for each group.

The last date for receipt of tender bids by speed post (India post) is **27.09.2018 up to 5.00 PM.** For details of opening of bids, important information, terms and conditions, requirements, etc. please refer to the tender document available at **www.ouat.nic.in.**

Sd/-
Chairman, Central Purchase Committee-cum–Dean, C A E T, O.U.A.T, Bhubaneswar-751003

The Odisha Small Industries Corporation Ltd.

(A Government of Odisha Undertaking))
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK –753 010. Odisha
Tel No. : 0671-2343084 Fax : 0671-2341875/ 2342561
e-mail: osicltd@gmail.com , osicltd@rediffmail.com website: osicltd.in

TENDER CALL NOTICE

Tender No. 4248/ OSIC Dt: 05.09.2018

Sealed Tenders are invited under 2 bid systems from the registered & reputed Agencies/ Firms/ Service Providers to provide personnel for security & conservancy services for the session 2018-19 at Odisha Small Industries Corporation as per the requirements. Interested Agencies/ Firms/ Service Providers are requested to download the tender documents from the Corporation website i.e. www.osicltd.in. The last date of submission sealed bid/ tender is 22.09.2018 by 5.00P.M by Registered Post/ Speed Post/ Hand delivery. The tenders will be opened on 24.09.2018 at 11.30A.M. The authority reserves the right to accept/ reject any or all the tenders without assigning any reason thereof. For details please visit OSIC website: www.osicltd.in

MANAGING DIRECTOR

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
E.H.T. (O&M) Division, Jayanagar-764005. **CIN: U40102OR2004SGC007553**

NOTICE INVITING TENDER

Sealed Tenders are invited by the undersigned from registered order Suppliers / Manufacturers / their Authorized Dealers having valid Licence (Electrical and Labour), I.T PAN No and GST Registration Certificate for **Tender call No. : 15** Re-wiring of Control Room, Office, PLCC Cum Battery Charger Room, ACDB Room and Battery Room at 132 / 33KV Tentulikhunti and Supply of different materials for Grid S/s Sunabeda and Tentulikhunti under EHT(O&M) Division, Jayanagar. **Cost of tender papers** : Rs.2,240.00 (non-refundable) in shape of Cash for Tender call No. 15. **EMD :** @ 1% of quoted value. **Sale of tender documents :** from Dt.03.09.2018 to upto 10:30 AM of Dt.10.09.2018. **Last date of submission of tender :** on or before Dt.10.09.2018 upto 11:00AM. **Tenders will be opened :** on Dt.10.09.2018 at 12:30 PM. **Corrigendum, if any, will be published in the website only.**

Sd/- **DGM (Ele.)**

Please connect us: optcl.odisha optcl_odisha energyodisha

ODISHA TOURISM DEVELOPMENT CORPORATION LIMITED
(A Government of Odisha Undertaking)
Panthanivas (Old Block), Lewis Road, Bhubaneswar – 751014

SHORT TENDER CALL NOTICE FOR ORGANISATION OF FOOD FESTIVAL

No. BP-I-12/2018-19 / OTDC **Dt. 05.09.2018**

No.CAD-812: Odisha Tourism is organizing a Food Festival from **27.09.18** to **03.10.18** for 7 days at Exhibition Ground, Unit-III, Bhubaneswar. For erection of stalls & other logistic arrangement, offers are invited from Event Management Agency / Tent House operator in sealed cover. The details can be downloaded from our website **www.panthanivas.com**. The last date for receipt of tender is **15.09.2018** up to **12.00 Noon**.

The Authority reserves the right to reject any or all offers without assigning any reason thereof.

Sd./- Executive Engineer
37002/11/0039/1819 **B. P. Division-I**

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India

Tender Notice for "CAST GRID HEATING ELEMENTS FOR TA AND DECARB LINE ELECTRIC FURNACES".
Tender No. 003/364/1802000021/01/00/500005824 Dtd. 03.09.2018.
Last date & time of Tender Submission: 04.00 PM of Dtd. 26.09.2018.

Tender Notice for "AIR PRE-HEATER HEATING ELEMENTS FOR H.P BOILER# 3/4".
Tender No. 003/287/1802001209/01/00/500005747 Dtd. 02.08.2018.
Last date & time of Tender Submission: 04.00 PM of Dtd. 19.09.2018.

Tender Notice for "Annual maintenance of Sewage Pump Houses & Oxidation Ponds of Sec-16 & 22"
Tender No: RSP/CC(TE)/031/530/1882100048/500005834
Last date & time of tender submission : 4:00 PM on Dtd. 17.09.2018

Tender Notice for "DESIGN, ENGINEERING, MANUFACTURE, INSPECTION, TESTING, SUPPLY AND INSTALLATION OF BELT WEIGH SCALES IN OB&BP, ROURKELA STEEL PLANT"
Tender No. 042/315/1790000105/01/78 Dtd. 31.08.2018
Last date & time of tender Submission: 02.30 P.M. on Dtd. 28.09.2018

Tender Notice for "Door to door garbage collection in SteelTownship (2018-19)"
Tender No: RSP/CC(TE)/031/504/1882100055/01/00/500005832
Last date & time of tender submission : 4:00 PM on Dtd. 17.09.2018

Corrigendum to Tender Notice for "SUPPLY OF TYRE MOUNTED EXCAVATOR LOADER FOR BF#1"
Tender No. 042/675/1892000030/60 Dtd. 04.08.2018
Extended Last Date & Time of Tender Submission:02:30 PM on Dtd. 11.09.2018

Corrigendum to Tender Notice for "SUPPLY OF 3T DIESEL FORKLIFT FOR T&RM"
Tender No. 042/675/1892000050/59 Dtd. 03.08.2018
Extended Last Date & Time of Tender Submission:02:30 PM on Dtd. 10.09.2018

Corrigendum to Tender Notice for" Re-routing of Electrical cable to facilitate Rail/Road connectivity to New HSM with existing Plant –RPN (Pkg. No.- II-E)".
Tender No. Proj/MM/011/Pkg.-II(E)R/61 Dtd. 08.08.2018
Extended Last Date & Time of Tender Submission:02:30 PM on Dtd. 10.09.2018

For details & downloadable tender document log on to our SAIL Website https:// www.sailtenders.co.in(unit RSP, Category'Contracts')

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

There's a little bit of SAIL in everybody's life

See Career Appointment on every Wednesday & Saturday

Government of Odisha
Forest & Environment Department
No.10F (Con) 161/2017 16227/F&E, Bhubaneswar, dated the 26/07/2018

ORDER

Sub: **Diversion of 9.037ha. of forest land for construction of Railwayline from Jakhpura Railway Station to Steel Plant site of M/s Tata Steel Ltd. at Kalinga Nagar in Jajpur district, Odisha.**

WHEREAS, M/s Tata Steel Ltd, 2B, Fortune Tower, Chandrasekharpur, Bhubaneswar-23 had applied for diversion of 9.037ha. of forest land for construction of Railway line from Jakhpura Railway Station to Steel Plant site of M/s Tata Steel Ltd. at Kalinga Nagar in Jajpur district, Odisha by them.

And whereas, the Ministry of Environment, Forests and Climate change (hereinafter referred to as MoEF&CC), Government of India, Eastern Regional Office had accorded 'in-principle' approval for diversion of 9.037ha. of forest land for construction of Railwayline from Jakhpura Railway Station to Steel Plant site of M/s Tata Steel Ltd. at Kalinga Nagar in Jajpur district, Odisha vide its letter No.5-ORC202/2014-BHU dt.11.08.2014 **(ANNEXURE-1)**.

And whereas, the MoEF&CC, Government of India, Eastern Regional Office in consideration of the compliance of the conditions of the 'in-principle' approval, has accorded final approval for diversion of said 9.037ha. of forest land for construction of Railwayline from Jakhpura Railway Station to Steel Plant site of M/s. Tata Steel Ltd. at Kalinga Nagar in Jajpur district, Odisha vide its letter No.5-ORC202/2014-BHU dt.12.07.2018 (Annexure-2) under Section 2 of the Forest (Conservation) Act, 1980. Detailed land schedule of 9.037ha. of diverted forest land duly authenticated by Tahasildar, Danagadi is appended herewith as Annexure-3.

Now therefore, the Government of Odisha, do hereby allow diversion of above mentioned 9.037ha. forest land in Cuttack Forest Division of Danagadi Tahasil of Jajpur district in favour of M/s Tata Steel Ltd. as per approved land use pattern subject to fulfilment of the conditions of final forest clearance order as stipulated by the MoEF&CC, Government of India, Eastern Regional Office.

The Collector of Jajpur is hereby authorized to handover the forest land coming within his Jurisdiction, as has been finally diverted following due procedure of law. Before handing over the diverted forest land to the user agency, if shall be ensured that Net Present value for forest land for this project as well as for any other projects, belonging to same user agency, is deposited, in full, at applicable rates.

The Divisional Forest Officer of Cuttack Forest Division is also directed to monitor compliance to the conditions stipulated for such diversion in the respective forest/Wildlife clearance order and to report violations, if any, to the Nodal Officer, O/O Pr. CCF, Odisha and to the Forest & Environment Department.

Execution of project activities will be subject to availability of all other statutory clearances required under relevant Act/Rules for this infrastructure project, deposit of requisite funds and compliance of Court's order, if any.

By order of Governor

Sd/-
(Debidutta Biswal)
Special Secretary to Government.

Government of India
Ministry of Environment, Forests & Climate Change
Eastern Regional Office
A/3, Chandrasekharpur, Bhubaneswar-751023
Telephone: 0674-2301213, 2301248, 2302452, 2302453, Fax- 0674-2302432

जहाँ है हरियाली । वहाँ है खुशहाली ॥

No.5-ORC202/2014-BHU 11th August, 2014

To
The Principal Secretary,
Forest & Environment Deptt.,
Govt. of Odisha,
Bhubaneswar.

Sub: **Diversion of 9.037 ha of forest land for construction of Railway line from Jakhpura Railway Station to Steel Plant Site of M/s Tata Steel Ltd. at Kalinga Nagar in Jajpur district of Odisha.**

Sir,

I am directed to refer to State Govt. letter No.10F(Cons)99/2014-7614/F&E dated 26.04.2014, No.8049/F&E dated 01.05.2014 and No.9404/F&E, dated 22.05.2014 on the above mentioned subject seeking prior approval of the Ministry of Environment, Forests & Climate Change under section 2 of Forest(Conservation)Act,1980.

After due consideration of the proposal of the State Government and on the basis of recommendation of State Advisory Group, the Ministry of Environment, Forests & Climate Change hereby conveys "in-principle" approval for diversion of 9.037ha of forest land for construction of Railway line from Jakhpura Railway Station to Steel Plant Site of M/s Tata Steel Ltd. at Kalinga Nagar in Jajpur district of Odisha, subject to the fulfilment of the following conditions.

1. Legal status of forest land proposed for diversion shall remain unchanged.
2. The State Govt. shall charge the Net Present Value (NPV) of forest area proposed to be diverted under this proposal from the user agency at the rates as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2007-FC dated 05.02.2009 in this regard.
3. Additional amount of NPV of the diverted forest land, if any, becoming due after finalization of the same by Hon'ble Supreme Court of India, shall be charged by the State Govt. from the user agency. An undertaking from the user agency shall be obtained in this regard.
4. a) Compensatory Afforestation shall be raised over 9.037 ha of non-forest land identified by the State Govt. in Plot No.6(P), Khata No.876AAA, Kisam Pahad of village Chandital under Darpan Tehsil of Jajpur at the cost of the user agency by Sate Forest Department. The user agency shall transfer the cost of compensatory afforestation and its maintenance for 10 years (revised as on the date to incorporate the existing wage structure) to the Forest Department.
   b) The non-forest land identified for raising compensatory afforestation shall be transferred and mutated in favour of the State Forest Department before issue of Stage-II approval.
5. The State Government shall deposit Net Present Value and all other funds with the Ad-hoc Body of Compensatory Afforestation Fund Management and Planning Authority (CAMPA), in SB Account No. SB01025222 of Corporation Bank, CGO Complex, Phase-I, Lodhi Road, New Delhi - 110 003 (RTGS/IFSC No.CORP0000371) or in SB Account No-344902010105428 of Union Bank of India, Sunder Nagar, New Delhi-110003 (RTGS/IFSC No-UBIN0534498) by RTGS/NEFT modes, as per the instruction communicated vide letter No.12/02/2010-CAMPA dated 13.05.2011 and 24.06.2011.
6. State Govt. shall upload the compensatory levies demanded and received from the user agency in the Ministry website before Stage-II approval.
7. The boundary of the forest land proposed to be diverted shall be demarcated on the ground at the project cost, by erecting four feet high reinforced cement concrete pillars, each inscribed with its serial number, DGPS coordinates, forward and back bearing and distance from adjoining pillars etc. The distance between any two pillars shall be kept at about 50 mtr. and each pillar should be clearly visible from pillars on both sides.
8. The State Forest Department/UA shall submit the surveyed sketch 9.037 ha of non-forest land identified by the State Govt. in Plot No.6 (P), Khata No.876AAA, Kisam Pahad of village Chandital under Darpan Tehsil of Jajpur as proposed for CA, giving the forward and backward bearing of each demarcation pillar and distance between them. The State Forest Department/User Agency shall submit the DGPS reading of each demarcated pillar giving the latitude and the longitude.
9. The site specific wildlife conservation plan as proposed by the State Govt. shall be implemented with the approval of CWLW, Odisha at project cost.
10. Felling of trees on the forest land being diverted shall be felled in a phased manner under strict supervision of the State Forest Department.
11. Adequate and effective soil and water conservation measures shall be implemented by the User Agency at project cost to prevent any further land degradation in the forest land. The Forest Department shall be consulted while implementing the above scheme.
12. The rocks/morum excavated from work site should be utilized by the Railways/State government for various construction purposes etc.
13. The quarrying site, if any, shall be fully reclaimed biologically by the User Agency at project cost in consultation with Forest Department.
14. The designing of culverts/bridges, if any, over the natural streams/rivers/canals should be done in such a manner that it does not hamper the natural course of water, does not give rise to water-logging, and also does not hamper movement of wild animals.
15. No additional or new path will be constructed inside the forest area for any activity related to the project work.
16. No labour camp shall be allowed in the forest area.
17. The user agency shall provide fuelwood, preferably alternate fuel, to labourers working at the site to avoid damage/tree felling.
18. The user agency while executing works, shall not fell any tree or damage forest growth in the surrounding forest area in any manner.
19. The forest land proposed to be diverted shall under no circumstances be transferred to any other user agency, department or person without prior approval of Ministry of Environment, Forest & Climate Change.
20. The layout plan of the proposed forest land shall not be changed without the prior approval of Ministry of Environment, Forests & Climate Change.
21. Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency.
22. The user agency and the State Government shall ensure compliance to provisions of the all Acts, Rules, Regulations and Guidelines, for the time being in force, as applicable to the project.

After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Forest (Conservation) Act, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment & Forests.

Yours faithfully,

Sd/-
(S. Mohapatra)
Conservator of Forests (Central)

Government of India
Ministry of Environment, Forests & Climate Change
Eastern Regional Office
A/3, Chandrasekharpur, Bhubaneswar-751023
Telephone: 0674-2301213, 2301248, 2302452, 2302453, Fax- 0674-2302432

No.5-ORC202/2014-BHU 12th July, 2018

To
The Addl. Chief Secretary,
Forest & Environment Deptt.,
Govt. of Odisha,
Bhubaneswar.

Sub: **Diversion of 9.037 ha of forest land for construction of Railway line from Jakhpura Railway Station to Steel Plant Site of M/s Tata Steel Ltd. at Kalinga Nagar in Jajpur district of Odisha.**

Sir,

(1) I am directed to refer to State Govt. letter no. 10F(Cons)99/2014-7614/F&E dated 26.04.2014, No.8049/F&E dated 01.05.2014 and No.9404/F&E dated 22.05.2014, wherein prior approval of the ministry of Environment , Forest & Climate Change for diversion of 9.037 ha of forest land for construction of Railway line from Jakhpura Railway Station to Steel Plant site of M/s Tata Steel Ltd. at Kalinga Nagar in Jajpur district of Odisha, was sought in accordance with Section-2 of the Forest (Conservation) Act, 1980. After due consideration of the proposal by the ministry of Environment, Forest & Climate Change and on the basis of recommendation of State Advisory Group meeting held on 25.05.2014, the in-principle approval for diversion of the said forest land was accorded by Ministry vide this office letter of even number dated 11.08.2014, subject to fulfilment of certain conditions. The State Government has furnished compliance report in respect of the conditions stipulated in the in-principle approval and has requested to grant final approval of the proposal.

(2) In this connection, I am directed to say that on the basis of the compliance report furnished by the Addl. PCCF & Nodal Officer (FCA), Odisha vide their letter No. 24809/9F(MG)-375/2012 dated 21.11.2017 and Ad-hoc CAMPA, New Delhi letter No. 1-26/2014-CAMPA dated 20.06.2018, Stage-II/Final approval of the Ministry of Environment, Forest & Climate Change is hereby granted under Section 2 of the Forest (Conservation) Act, 1980 for diversion of 9.037 ha of forest land for construction of Railway line from Jakhpura Railway Station to Steel Plant Site of M/s Tata Steel Ltd. at Kalinga Nagar in Jajpur district of Odisha, subject to the fulfilment of the following conditions:-

I. Legal Status of the diverted forest land shall remain unchanged.
II. Additional amount of NPV of the diverted forest land, if any, becoming due after finalisation of the same by the Hon'ble Supreme Court of India, shall be charged by State Govt. from the user agency.
III. Compensatory Afforestation shall be raised over 9.037 ha of non-forest land identified by the State Govt. in plot No-06(P), Khata No-876AAA, Kisam Pahad of village Chandital under Darpan Tehsil of Jajpur district against the area of forest land being diverted within a period of three years with effect from the date of issue of Stage-II clearance and maintained thereafter in accordance with the approved Plan in consultation with the State Forest Department at the cost of user agency. The C.A. plots have to be demarcated with GPS readings.
IV. The non-forest land which has been transferred and mutated in favour of the State Forest Department for the purpose of compensatory afforestation shall be declared as Reserved Forest under Section-4 or Protected Forest under Section-29 of the Indian Forest Act, 1927 or under the relevant Section (S) of the local Forest Act. The Nodal Officer must report compliance within a period of 6 months from the date of grant of final approval and send a copy of the original notification declaring the non-forest land under Section-4 or Section-29 of the Indian Forest Act, 1927, or under the relevant section of the local Forest Act as the case may be to this Ministry for information and record.
V. State Govt./Forest Deptt. Will focus on creation of water bodies by impounding nullahs and/or excavations at appropriate sites under the soil & moisture conservation works and shall ensure plantation of local tree & shrub and grass species and shall intimate the Eastern Regional Office, Bhubaneswar for record and monitoring.
VI. The user agency will abide by the applicable recommendations of the State Government.
VII. The boundary of the forest land being diverted shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, DGPS coordinates, forward and back bearing and distance from pillar to pillar.
VIII. The site specific wildlife conservation plan as proposed by the State Govt. shall be implemented with the approval of CWLW, Odisha at project cost.
IX. Adequate and effective soil and water conservation measures shall be implemented by the User Agency at project cost to prevent any further land degradation in the forest land. The Forest Department shall be consulted while implementing the above scheme.
X. The rocks/morum excavated from work site should be utilized by the Railways/State Government for various other construction purposes etc.
XI. The quarrying site, if any, shall be fully reclaimed biologically by the User Agency at project cost in consultation with Forest Department.
XII. The designing of culverts/bridges, if any, over the natural streams/ rivers/ canals should be done in such a manner that it does not hamper the natural course of water, does not give rise to water-logging, and also does not hamper movement of wild animals.
XIII. No additional or new path will be constructed inside the forest area for any activity related to the project work.
XIV. No labour camp shall be allowed in the forest area.
XV. The user agency shall provide alternate fuel preferably LPG to the labourers and the staff working at the site so as to avoid any damage and pressure on the adjacent forest areas.
XVI. The user agency while executing works, shall not fell any tree or damage forest growth in the surrounding forest area in any manner.
XVII. The forest land proposed to be diverted shall under no circumstances be transferred to any other user agency, department or person without prior approval of Ministry of Environment, Forests & Climate change.
XVIII. The layout plan of the proposed forest land shall not be changed without the prior approval of Ministry of Environment, Forests & Climate Change.
XIX. The user agency shall submit annual self-monitoring report on compliance of stipulated conditions to the Nodal Officer (FCA) of the State and Eastern Regional Office of this Ministry.
XX. Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency.
XXI. The user agency and the State Government shall ensure compliance to provisions of the all Acts, Rules, Regulations, Guidelines, Hon'ble Court order (s) and National Green Tribunal order (s) pertaining to this projects, if any, for the time being in force, as applicable to the project.
XXII. In case of non-compliance of any of the above conditions, the State Govt. shall report to this office as per procedure laid down in the clause 1.9 of guidelines issued under Forest (Conservation) Act, 1980.

(3) As has been mentioned at Para-2 of the Stage-II approval, this approval for diversion of forest land is subject to the fulfilment of stipulated conditions mentioned in this approval letter. Therefore, in the event of non-compliance of any of the conditions laid out in this approval letter, the Eastern Regional Office of MoEFCC may withdraw the said approval for diversion of the forest land and stop the non-forest activity being carried out in the forest land besides initiating the legal action as per provisions of Forest (Conservation) Act, 1980.

Yours faithfully,

Sd/-
(S. Mohapatra)
Conservator of Forests (Central)

ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ

ଦଫା ୩୭୭: ବିବାଦ, ବିତର୍କର ଅବସାନ

ସମଲିଙ୍ଗୀ ସମ୍ପର୍କ ନେଇ ଆଇପିସି ଦଫା ୩୭୭ରେ ଥିବା ଅପରାଧ ବ୍ୟବସ୍ଥାରେ ସୁପ୍ରିମକୋର୍ଟ ଗୁରୁବାର ପରିବର୍ତ୍ତନ ଆଣିଛନ୍ତି। ସ୍ୱଇଚ୍ଛାରେ ଦୁଇ ପ୍ରାପ୍ତବୟସ୍କ ଯଦି ସମଲିଙ୍ଗୀ ଯୌନ ସମ୍ପର୍କ ରକ୍ଷା କରନ୍ତି ତେବେ ତାହା ଅପରାଧଭୁକ୍ତ ହେବ ନାହିଁ ବୋଲି ସୁପ୍ରିମକୋର୍ଟ ପ୍ରଧାନବିଚାରପତିଙ୍କୁ ନେଇ ଗଠିତ ୫ଜଣିଆ ସାମ୍ବିଧାନିକ ପୀଠ ରାୟ ଦେଇଛନ୍ତି। ଫଳରେ ସମଲିଙ୍ଗୀ ଜୀବନଯାପନ କରୁଥିବା ବ୍ୟକ୍ତି ସେମାନଙ୍କ ଜୀବନକୁ ନିଜ ଇଚ୍ଛା ଅନୁସାରେ ଉପଭୋଗ କରିବାର ସ୍ୱାଧୀନତା ମିଳିଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରକ୍ଷଣଶୀଳ ମନୋଭାବ ରଖୁଥିବା କେତେକେ ଏହି ରାୟକୁ ପ୍ରକୃତି ବିରୋଧୀ ଚିନ୍ତାଧାରା କହି ନାପସନ୍ଦ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ସଦ୍ୟ ରାୟକୁ ନେଇ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ଠାରୁ ନିଆଯାଇଥିବା ମତକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ସ୍ୱତନ୍ତ୍ର ଉପସ୍ଥାପନା...

“ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ରାୟ୍ ଦେବା ସହ ଭାରତୀୟ୍ ଦଣ୍ଡ ସଂହିତାର ୩୭୭ ଧାରାକୁ ଉଚ୍ଛେଦ କରିଛନ୍ତି। ତେବେ ସାଧାରଣ ମଣିଷର ପ୍ରକୃତି ବିରୋଧରେ କିଛି ବି କଲେ ତାହାକୁ ଅପରାଧ ବୋଲି ବିବେଚନା କରାଯାଏ। ଯଦି ସହମତି ଭିତିରେ ସମଲିଙ୍ଗୀ ସମ୍ପର୍କ ରହୁଛି ତେବେ ତାହା ଅପରାଧ ନୁହେଁ। ସୁପ୍ରିମକୋର୍ଟ ମଧ୍ୟ ଏହି ବିଚାର ଆଧାରରେ ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ୍ ଦେଇଛନ୍ତି। ଏହି ରାୟକୁ ସମାଜର ସବୁ ସ୍ତରର ବ୍ୟକ୍ତି ସକାରାତ୍ମକ ଦୃଷ୍ଟିରେ ଗ୍ରହଣ କରିବେ ବୋଲି ମୋର ଆଶା।

- ଏ.ଏସ୍. ନାଇଡୁ
ଅବସରପ୍ରାପ୍ତ ବିଚାରପତି, ଓଡ଼ିଶା ହାଇକୋର୍ଟ

“ବିଳମ୍ବ ହେଉ ପଛେ ସମଲିଙ୍ଗୀଙ୍କୁ ସେମାନଙ୍କ ଅଧିକାର ମିଳିଲା। ସେମାନଙ୍କ ସମ୍ପର୍କକୁ ବିରୋଧ କରୁଥିବା ଲୋକେ ଜାଣିବା ଦରକାର ଭାରତୀୟ୍ କାମସୂତ୍ରରେ ମଧ୍ୟ ସମଲିଙ୍ଗୀ ସମ୍ପର୍କ ଉଲ୍ଲେଖ ରହିଛି। ସମଲିଙ୍ଗୀଙ୍କୁ ଦେଖି କେହି ସମଲିଙ୍ଗୀ ହୋଇଯିବେ ନାହିଁ କିମ୍ୱା ଏମାନଙ୍କ ସମ୍ପର୍କ ଉପରେ କଟକଣା ଲଗାଇଲେ ସେମାନେ ଯେ ଅନ୍ୟ ଲିଙ୍ଗ ପ୍ରତି ଆକର୍ଷିତ ହେବେ ତାହା ସମ୍ଭବ ନୁହେଁ। କାହିଁକି ନା ଏହା ତାଙ୍କର ଜନ୍ମଗତ ପ୍ରକୃତି।

- ମନସ୍ତତ୍ତ୍ୱବିତ୍ ପ୍ରଫେସର ସଙ୍ଗୀତା ରଥ
ରେଭେନ୍ସା ବିଶ୍ୱବିଦ୍ୟାଳୟ

“ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ବ୍ରିଟିଶ ଅମଳର ଉକ୍ତ ନିୟମ ଯୋଗୁ ଜଣଙ୍କ ସ୍ନେହ ଶ୍ରଦ୍ଧାକୁ ଅନ୍ୟ ଜଣେ ଘୃଣ୍ୟ ଦୃଷ୍ଟିରେ ଦେଖୁଥିଲା। ଏହାକୁ ନେଇ ବହୁ ବିତର୍କ ସୃଷ୍ଟି ହୋଇଥିଲା। ଯଦି ଦୁଇଜଣଙ୍କ ସହମତିରେ କିଛି ସମ୍ପର୍କ ସ୍ଥାପନ ହୁଏ ତେବେ ତାକୁ ଅପରାଧ ବୋଲି କହିବା ଠିକ୍ ନୁହେଁ। ସୁପ୍ରିମ୍କୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠର ରାୟ ଫଳରେ ଏହି ଘଟଣାରେ ଆଉ କୌଣସି ମାମଲା ଦାଏର କରି କାହାକୁ ଦୋଷୀ ସାବ୍ୟସ୍ତ କରାଯାଇ ପାରିବନି।

-ଗୌରିଶ୍ୟାମ ପଣ୍ଡା
ଆଇନଜୀବୀ, ସୁବର୍ଣ୍ଣପୁର

“ଗୁରୁବାର ସୁପ୍ରିମ୍କୋର୍ଟ ସମଲିଙ୍ଗୀ ସମ୍ପର୍କକୁ ବୈଧ ଘୋଷଣା କରିଛନ୍ତି। ପୂର୍ବରୁ ଥିବା ଧାରା ୩୭୭କୁ ସମାଲୋଚନା କରିଛନ୍ତି। ଏଥିରେ କିନ୍ତୁ ମୁଁ ସହମତ ନୁହେଁ। ଆଗରୁ ଏହା ଏକ ଦଣ୍ଡନୀୟ ଅପରାଧ ଥିଲା। କାରଣ ସମଲିଙ୍ଗୀ ସମ୍ପର୍କ ପ୍ରକୃତିର ନିୟମକୁ ବିରୁଦ୍ଧାଚରଣ କରୁଛି। ସମାଜ ଉପରେ ଏହାର ଦୂରଗାମୀ ପ୍ରଭାବ ପଡ଼ିବ। ଯେଉଁମାନେ ଏପରି ରାୟକୁ ସ୍ୱାଗତ କରୁଛନ୍ତି ସେମାନେ ଦିନେ ନା ଦିନେ ତାର କୁଫଳ ବୁଝିପାରିବେ।

-ଲିପସିତ୍ ମିଶ୍ର
ଆଡଭୋକେଟ୍, ବରଗଡ଼

“ସମଲିଙ୍ଗୀ ସମ୍ପର୍କକୁ ଆଇନତଃ ସମ୍ମତି ଦେବା ସମୀଚୀନ ନୁହେଁ। ଏହାକୁ ବେଆଇନ ବୋଲି ଧରିନେଇ ସମଲିଙ୍ଗୀ ସମ୍ପର୍କ ରଖୁଥିବା ଲୋକଙ୍କୁ ଦଣ୍ଡ ପ୍ରଦାନ କରିବା ମଧ୍ୟ ଉଚିତ୍ ନୁହେଁ। ବଂଶାନୁକ୍ରମିକ କାରଣ ଜନିତ ହେଉ କିମ୍ୱା ହରମୋନ୍ ଅଭାବ ଯୋଗୁ ସମଲିଙ୍ଗୀ ଆକର୍ଷଣର ସୂତ୍ର ସୃଷ୍ଟି ହୋଇଥାଏ। ତେଣୁ ସେମାନଙ୍କୁ ଆଇନତଃ ସ୍ୱୀକୃତି କିମ୍ୱା ଦଣ୍ଡ ନ ଦେଇ ଉପଯୁକ୍ତ ଚିକିତ୍ସା ଜରିଆରେ ସାଧାରଣ ଜୀବନଯାପନ କରିବାର ସୁଯୋଗ ଦିଆଯିବା ଆବଶ୍ୟକ।

-ଡ. ସୁଦର୍ଶନ ପାଣିଗ୍ରାହୀ
ଅଧ୍ୟାପକ, ଝାରସୁଗୁଡ଼ା

“ସୁପ୍ରିମକୋର୍ଟ ଆଇପିସିର ସେକସନ୍ ୩୭୭କୁ ଉଠାଇ ଏକ ଐତିହାସିକ ରାୟ ଦେଇଛନ୍ତି। ଏହି ଆଇନ ବ୍ରିଟିଶମାନଙ୍କ ଦ୍ୱାରା ପ୍ରଚଳନ କରାଯାଇଥିଲା । ୨ ଜଣ ବୟସ୍କ ବ୍ୟକ୍ତି ନିଜ ମଧ୍ୟରେ ସମ୍ପର୍କ ରଖିଲେ ତାକୁ କେହି ବିରୋଧ କରି ପାରିବେ ନାହିଁ। ବ୍ୟକ୍ତି ସ୍ୱାଧୀନତା ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏହି ରାୟକୁ ସମଲିଙ୍ଗୀ ସମୁଦାୟଙ୍କ ଦ୍ୱାରା ସ୍ୱାଗତ କରାଯାଇଛି । ବର୍ତ୍ତମାନ ପରିପ୍ରେକ୍ଷୀରେ ଏହା ଗୁରୁତ୍ୱ ପୂର୍ଣ୍ଣ ରାୟ ।

- ସନ୍ତୋଷ କୁମାର ପଣ୍ଡା
ସଭାପତି, କଳାହାଣ୍ଡି ବାଣ୍ ଆସୋସିଏଶନ୍, ଭବାନୀପାଟଣା

“ଦୀର୍ଘଦିନରୁ ଚାଲି ଆସିଥିବା ଏପରି ଏକ ଆଇନକୁ ସୁପ୍ରିମକୋର୍ଟ ବହୁ ତର୍କମା କରିବା ପରେ ନିଜର ରାୟ୍ ଶୁଣାଇଛନ୍ତି। ଏହି ଆଇନ ଯୋଗୁ ସମଲିଙ୍ଗୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସମାଲୋଚନାର ଶିକାର ହେବାକୁ ପଡୁଥିଲା । ବିଭିନ୍ନ ଦିଗରୁ ଏହାର ବିଚାର କରି ସର୍ବୋଚ୍ଚ ନ୍ୟାୟଳୟର ଏପରି ରାୟ ଦେଇଛନ୍ତି।

- ଜଗଦୀଶ ପ୍ରସାଦ
ସାମାଜିକ କାର୍ଯ୍ୟକର୍ତ୍ତା, ଭବାନୀପାଟଣା ।

“ଏହା ଆମର ବହୁଦିନର ଦାବି ଥିଲା । ସୁପ୍ରିମକୋର୍ଟ ଡେରିରେ ହେଲେ ମଧ୍ୟ ଠିକ୍ ନିଷ୍ପତ୍ତି ନେଇଛନ୍ତି । ଏଥିରେ ଆମେ ବହୁତ ଖୁସି । ସାରା ଭାରତବର୍ଷରେ ବସବାସ କରୁଥିବା ସମଲିଙ୍ଗୀମାନେ ରାୟକୁ ଅପେକ୍ଷା କରି ରହିଥିଲେ ।

- ପ୍ରିୟା ଟିଜ
ଜିଲା ଟ୍ରାନ୍ସ ଜେଣ୍ଡର ସଂଘ ସଭାପତି, ନୂଆପଡ଼ା

“ସୁପ୍ରିମକୋର୍ଟ ଠିକ ସମୟରେ ଏହି ରାୟ ଦେଇଛନ୍ତି । ନିହାତି ଭାବେ ଏହା ଏକ ଐତିହାସିକ ନିଷ୍ପତ୍ତି। ଏହା ଦ୍ୱାରା ସେମାନେ ନିଜର ସୁଖମୟ ଜୀବନ ନିଜ ଇଚ୍ଛା ମୁତାବକ ଜିଇଁ ପାରିବେ । କେହି ଏହାକୁ ବିରୋଧ କରିପାରିବେ ନାହିଁ। ଜଣେ ମଣିଷର ବ୍ୟକ୍ତିଗତ ସ୍ୱାଧୀନତା ଉପରେ ତାର ଅଧିକାର ରହିଛି । ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ଉଚିତ୍। ଆମେ ବି ଏହି ରାୟକୁ ସ୍ୱାଗତ କରୁଛୁ ।

- ମୁରଲୀ ଧର ପଣ୍ଡା
ବରିଷ୍ଠ ଆଇନଜୀବୀ, ନୂଆପଡ଼ା

“ଯଦି ଆମେ ଆମର ଭାରତୀୟ ସଂସ୍କୃତିକୁ ଭୁଲିଯାଇ ବୈଦେଶିକ ନୀତି,ପରମ୍ପରା ଅନୁସାରେ ଅଗ୍ରସର ହେବା, ତେବେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ସ୍ୱାଗତଯୋଗ୍ୟ। ଏହା ଏକ ସମ୍ବେଦନଶୀଳ ବିଷୟ, ସମଲିଙ୍ଗୀ ସମ୍ପର୍କ ଅନିର୍ବାଯ୍ୟ ଏହାକୁ ମୁଁ ପସନ୍ଦ କରେ ନାହିଁ।

- ପ୍ରତିମା ମିଶ୍ର
ବରିଷ୍ଠ ଆଇନଜୀବୀ, ସୁନ୍ଦରଗଡ଼

“ସମଲିଙ୍ଗୀ ସମ୍ପର୍କ ଭାରତୀୟ ସାମାଜିକ ବିଚାରଧାରାକୁ ସୁହାଇଲା ଭଳି ନୁହେଁ। ଏହା ଅବାସ୍ତବ ଅନୁଭୂତି ଦେଇଛି। କିନ୍ତୁ ବ୍ୟକ୍ତିଗତ ସ୍ୱାଧୀନତା ଦୃଷ୍ଟିକୋଣରୁ ସୁପ୍ରିମକୋର୍ଟଙ୍କ ରାୟ୍ ଯଥାର୍ଥ ବୋଲି କୁହାଯିବ। ପରିବର୍ତ୍ତନ ନାଁରେ ଅପସଂସ୍କୃତିର ପ୍ରବେଶକୁ କେହି ବରଦାସ୍ତ କରିବା ଉଚିତ୍ ନୁହଁ।

- ଶୁଭଶ୍ରୀ ରାୟ
ସାମାଜିକ କର୍ମୀ, ସୁନ୍ଦରଗଡ଼

“ସମଲିଙ୍ଗୀ ସମ୍ପର୍କ ଉପରେ ସୁପ୍ରିମକୋର୍ଟ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ରାୟ୍ ସ୍ୱାଗତଯୋଗ୍ୟ। ଜଣେ ସାବାଳକ ଯଦି ଜଣେ ସମଲିଙ୍ଗୀ ସହିତ ନିଜ ଇଚ୍ଛା ମୁତାବକ ସମ୍ପର୍କ ରଖେ ତା'ହେଲେ ଏହା ଅପରାଧ ନୁହେଁ। ଏଥିରେ କେହି ବାଧା ଦେବା କଥା ନୁହେଁ। ସଭ୍ୟ ସମାଜରେ ସେମାନଙ୍କ ବଞ୍ଚିବାର ଅଧିକାରକୁ କେହି ରୋକିପାରିବେ ନାହିଁ। ଅନ୍ୟ ପକ୍ଷେ ଆଜିର ସମାଜ ସୁପ୍ରିମ୍କୋର୍ଟଙ୍କ ଏହି ରାୟକୁ ହୃଦୟଙ୍ଗମ କରିବା ଉଚିତ୍। ନ ହେଲେ ସବୁ ଓଲଟ ପାଲଟ ହୋଇଯିବ ।

- ବିଷ୍ଣୁଚରଣ ଦେହୁରୀ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଦେବଗଡ଼

“ଦିନକୁ ଦିନ ଦେଶ ତଥା ବିଶ୍ୱରେ ସମଲିଙ୍ଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମାନବିକତା ଦୃଷ୍ଟିକୋଣରୁ ସୁପ୍ରିମକୋର୍ଟଙ୍କ ରାୟ୍ ସ୍ୱାଗତଯୋଗ୍ୟ। ଆଇନ ସବୁବେଳେ ଲୋକଙ୍କ ହିତରେ ଲାଗିବା ପାଇଁ ତିଆରି ହୋଇଥାଏ। ଧାରା ୩୭୭ ଉଚ୍ଛେଦ ପରେ ସମାଜରେ ସମଲିଙ୍ଗୀଙ୍କ ପ୍ରତି ଥିବା ଘୃଣ୍ୟ ମନୋଭାବରେ ପରିବର୍ତ୍ତନ ଆସିବ ବୋଲି ମୋର ବିଶ୍ୱାସ ରହିଛି । ସମସ୍ତେ ଏପରି ରାୟକୁ ଗ୍ରହଣ କରିବା ଉଚିତ୍ । ନ ହେଲେ ସେମାନେ ପୂର୍ବଭଳି ଅବହେଳିତ ଅବସ୍ଥାରେ ରହିବେ ।

- ରାଜୀବ ଲୋଚନ ପ୍ରଧାନ
ବରିଷ୍ଠ ଆଇନଜୀବୀ, ଦେବଗଡ଼

“ସୁପ୍ରିମକୋର୍ଟ ସମଲିଙ୍ଗୀ ସମ୍ପର୍କ ଉପରେ ଯାହା ରାୟ୍ ଶୁଣାଇଛନ୍ତି ତା' ବିରୋଧରେ କିଛି କହିବାଟା ଭୁଲ ହେବ । କିନ୍ତୁ ଏହା ସମାଜରେ ଏକ ଭିନ୍ନ ବାତାବରଣ ସୃଷ୍ଟି କରିବାର ଭୟ ରହିଛି । ସୁପ୍ରିମକୋର୍ଟ ଯାହା ମତ ଦେଇଥାନ୍ତୁ ନା କାହିଁକି ଭଗବାନଙ୍କ ସୃଷ୍ଟି ଓ ପ୍ରକୃତିର ବିରୁଦ୍ଧାଚରଣ କରିବା ଆଦୌ ଠିକ୍ ନୁହେଁ । ତଥାପି ସମସ୍ତେ ସ୍ୱାଧୀନ ଭାବେ ବଞ୍ଚନ୍ତୁ । ସେମାନଙ୍କ ସାମାଜିକ ଚଲଣିରେ କେହି ହସ୍ତକ୍ଷେପ ନ କରନ୍ତୁ ।

- ଓମ ପ୍ରକାଶ ମିଶ୍ର
ବରିଷ୍ଠ ଆଇନଜୀବୀ, ବୌଦ୍ଧ

“ଦିନକୁ ଦିନ ଦେଶ ତଥା ବିଶ୍ୱରେ ସମଲିଙ୍ଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମାନବିକତା ଦୃଷ୍ଟିକୋଣରୁ ସୁପ୍ରିମକୋର୍ଟଙ୍କ ରାୟ୍ ସ୍ୱାଗତଯୋଗ୍ୟ। ଆଇନ ସବୁବେଳେ ଲୋକଙ୍କ ହିତରେ ଲାଗିବା ପାଇଁ ତିଆରି ହୋଇଥାଏ। ଧାରା ୩୭୭ ଉଚ୍ଛେଦ ପରେ ସମାଜରେ ସମଲିଙ୍ଗୀଙ୍କ ପ୍ରତି ଥିବା ଘୃଣ୍ୟ ମନୋଭାବରେ ପରିବର୍ତ୍ତନ ଆସିବ ବୋଲି ମୋର ବିଶ୍ୱାସ ରହିଛି । ସମସ୍ତେ ଏପରି ରାୟକୁ ଗ୍ରହଣ କରିବା ଉଚିତ୍ । ନ ହେଲେ ସେମାନେ ପୂର୍ବଭଳି ଅବହେଳିତ ଅବସ୍ଥାରେ ରହିବେ ।

- ରାଜୀବ ଲୋଚନ ପ୍ରଧାନ
ବରିଷ୍ଠ ଆଇନଜୀବୀ, ଦେବଗଡ଼

“ସୁପ୍ରିମକୋର୍ଟ ସମଲିଙ୍ଗୀ ସମ୍ପର୍କ ଉପରେ ଯାହା ରାୟ୍ ଶୁଣାଇଛନ୍ତି ତା' ବିରୋଧରେ କିଛି କହିବାଟା ଭୁଲ ହେବ । କିନ୍ତୁ ଏହା ସମାଜରେ ଏକ ଭିନ୍ନ ବାତାବରଣ ସୃଷ୍ଟି କରିବାର ଭୟ ରହିଛି । ସୁପ୍ରିମକୋର୍ଟ ଯାହା ମତ ଦେଇଥାନ୍ତୁ ନା କାହିଁକି ଭଗବାନଙ୍କ ସୃଷ୍ଟି ଓ ପ୍ରକୃତିର ବିରୁଦ୍ଧାଚରଣ କରିବା ଆଦୌ ଠିକ୍ ନୁହେଁ । ତଥାପି ସମସ୍ତେ ସ୍ୱାଧୀନ ଭାବେ ବଞ୍ଚନ୍ତୁ । ସେମାନଙ୍କ ସାମାଜିକ ଚଲଣିରେ କେହି ହସ୍ତକ୍ଷେପ ନ କରନ୍ତୁ ।



- ଓମ ପ୍ରକାଶ ମିଶ୍ର
ବରିଷ୍ଠ ଆଇନଜୀବୀ, ବୌଦ୍ଧ

“ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ। ସେମାନଙ୍କ ମଧ୍ୟରେ ସ୍ନେହ, ପ୍ରେମ ଭରି ରହିଛି। ଅନ୍ୟ ଦେଶରେ ଏହି ସମ୍ପର୍କକୁ ସ୍ୱାଗତ କରାଯାଇଛି । ବହୁ ପୂର୍ବରୁ ସେମାନଙ୍କୁ ବିଭିନ୍ନ ଦେଶରେ ଗ୍ରହଣ କରାଯାଇଛି। ଗୁରୁବାର ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ସମଲିଙ୍ଗ ସମ୍ପର୍କକୁ ଆହୁରି ନିବିଡ଼ କରିଛି। ଦେଶର ବିଭିନ୍ନ ସ୍ଥାନରେ ସମଲିଙ୍ଗୀ ରହୁଛନ୍ତି। ଏଣିକି ସେମାନେ ଲୁଚାଛପା ନୁହେଁ ସ୍ୱାଧୀନତାର ସହ ବସବାସ କରିପାରିବେ। ଏଣୁ ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ।

- ଡ. ପ୍ରଭାବତୀ ଗୁରୁ
ପ୍ରାଧାପିକା, ସମ୍ବଲପୁର

“ସମଲିଙ୍ଗୀ ସମ୍ପର୍କ ଭାରତୀୟ ପରମ୍ପରା ପାଇଁ ଶୁଭଙ୍କର ନୁହେଁ। ପ୍ରଚଳିତ ଭାରତୀୟ ଦଣ୍ଡ ସଂହିତା ଧାରା ୩୭୭ ଉଚ୍ଛେଦକୁ ଗ୍ରହଣ କରିପାରି ନାହିଁ। ଭାରତୀୟ ସଂସ୍କୃତି ପରିବାର ଭିତ୍ତିକ ଅଟେ। ସମଲିଙ୍ଗୀ ସମ୍ପର୍କ ଦ୍ୱାରା ପାରିବାରିକ ଜୀବନରେ ସମସ୍ୟା ଦେଖାଦେବ। ସେଥିପାଇଁ ଉକ୍ତ ରାୟକୁ ସ୍ୱାଗତ କରାଯାଇ ପାରିବ ନାହିଁ। କେବଳ ଯେଉଁମାନେ ଏଥିରେ ସଂପୃକ୍ତ ଅଛନ୍ତି ସେମାନେ ଏହି ରାୟର ମଜା ଉଠାଇବେ। ହେଲେ ପ୍ରକୃତରେ କେଉଁ ଥିରୁ ଫାଇଦା ମିଳିବ ନାହିଁ।

- ସତ୍ୟନାରାୟଣ ପଣ୍ଡା
ବରିଷ୍ଠ ଆଇନଜୀବୀ, ସମ୍ବଲପୁର

“ସମଲିଙ୍ଗୀ ଯୌନ ସମ୍ପର୍କ ଅପ୍ରାକୃତିକ। ହିନ୍ଦୁ ସଂସ୍କୃତିରେ ଏହାକୁ ବିରୋଧ କରାଯାଇଛି। ଯଦି ସୁପ୍ରିମକୋର୍ଟ ଏହି ସମ୍ପର୍କକୁ ଅନୁମତି ପ୍ରଦାନ କରିଛନ୍ତି ତେବେ ନିଶ୍ଚିତ ଭାବରେ ଏହା ପଛରେ ମହତ୍ ଉଦ୍ଦେଶ୍ୟ ନିହିତ ଥିବ। ତେଣୁ ସୁପ୍ରିମକୋର୍ଟଙ୍କ ରାୟକୁ ସମସ୍ତେ ମାନିବାକୁ ବାଧ୍ୟ। କିନ୍ତୁ ଆଗାମୀ ଦିନରେ ଏହା ସମାଜରେ ବିଭ୍ରାନ୍ତି ସୃଷ୍ଟି କରିପାରେ।

- ନାରାୟଣପ୍ରସାଦ ପତି
ସଭାପତି, ବ୍ୟାସନଗର ବାର ଆସୋସିଏଶନ

“ସୁପ୍ରିମକୋର୍ଟଙ୍କ ସମଲିଙ୍ଗୀ ଯୌନ ସମ୍ପର୍କକୁ ଆଇନଗତ ଅନୁମତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେଣୁ ଆମେ ସୁପ୍ରିମକୋର୍ଟକୁ ଧନ୍ୟବାଦ ଦେଉଛୁ। ଆମକୁ ତୃତୀୟ ଲିଙ୍ଗର ମାନ୍ୟତା ଦେବା ପରେ ବି ଆଇପିସିର ଦଫା ୩୭୭ ଲାଗୁ କରି ଶିକୁଳିରେ ବାନ୍ଧି ଦିଆଯାଇଥିଲା ଭଳି ମନେ ହେଉଥିଲା । କିନ୍ତୁ ଏହି ରାୟ ଆମମାନଙ୍କୁ ସ୍ୱାଧୀନତା ଦେଇଛି । ଅନ୍ୟମାନଙ୍କ ଭଳି ଆମେ ପରସ୍ପରକୁ ବିବାହ ବନ୍ଧନରେ ବାନ୍ଧି ହୋଇ ସାମାଜିକ ଜୀବନ ବିତାଇବାକୁ ଆଇନଗତ ଭାବେ ଅନୁମତି ମିଳିଛି ।

- ଲଭ୍ଲି କିଙ୍କର
ସମ୍ପାଦକ, ଯାଜପୁର ଜିଲା କିନ୍ନର ସଂଘ

“ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ସ୍ୱାଗତଯୋଗ୍ୟ। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ନିଷ୍ପତ୍ତି ନେଇଛନ୍ତି। ନିଜ ଇଚ୍ଛାରେ କେହି ସମଲିଙ୍ଗୀ ସମ୍ପର୍କ ରଖିଲେ ଅସୁବିଧା ନାହିଁ। ପରିବାରରେ ସ୍ତ୍ରୀସ୍ୱାମୀ ସମ୍ପର୍କ ମଧ୍ୟ ଭାଙ୍ଗି ଯାଉଛି। ତେଣୁ ସମଲିଙ୍ଗି ସମ୍ପର୍କରେ ମଧ୍ୟ ଫାଟ ସୃଷ୍ଟି ହୋଇପାରେ। ତେଣୁ ଆଇନତଃ ଠିକ ନିଷ୍ପତ୍ତି ହୋଇଛି।

- ରାଜକିଶୋର ବେହେରା
ସଭାପତି, ଜିଲା ଓକିଲ ସଂଘ, ଜଗତ୍‌ସିଂହପୁର

“ସମଲିଙ୍ଗୀ ସମ୍ପର୍କ ଉପରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଦୁର୍ଭାଗ୍ୟଜନକ। ଏହା ଆମ ସାମାଜିକ ବ୍ୟବସ୍ଥାରେ ବ୍ୟତିକ୍ରମ ଆଣିବ। ଏହି ରାୟ ବିଶେଷକରି ସନାତନ ଧର୍ମାବଲମ୍ବୀଙ୍କୁ ଆଘାତ ପହଞ୍ଚାଇବ। ଛୋଟ ପିଲା କ'ଣ ଶିଖିବେ? ଆମେ ପାଶ୍ଚାତ୍ୟ ସଭ୍ୟତା ଆଡକୁ ମୁହାଁଉଛୁ, ଯାହାକି ଯନ୍ତ୍ରଣାଦାୟକ। ଲୋକଙ୍କ ଭିତରେ ଥିବା ଅନ୍ଧବିଶ୍ୱାସ ଏଯାଏ ଦୂର ହୋଇପାରୁନି। ସାଧାରଣରେ ଗ୍ରହଣୀୟ ହେଉ ନ ଥିବା ସମଲିଙ୍ଗୀ ସମ୍ପର୍କକୁ ଆଇନସଙ୍ଗତ କରିବା କେତେଦୂର ଫଳପ୍ରଦ ହେବ ତାହା ସମୟ କହିବ।

- ପ୍ରଦୀପ୍ତ ମିତ୍ର
ସାମାଜିକ କର୍ମୀ, ଜଗତ୍‌ସିଂହପୁର

“ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ସମସ୍ତଙ୍କର ନିଜ ମତକୁ ନେଇ ବଞ୍ଚିବାର ଅଧିକାର ଅଛି। ଯଦି କେହି ସମଲିଙ୍ଗୀ ଭାବେ ଜୀବନ ଅତିବାହିତ କରିବାକୁ ଚାହୁଁଛନ୍ତି, ଏଥିରେ ସମାଜ ଅଥବା ଗଣତନ୍ତ୍ରର କୌଣସି କ୍ଷତି ଘଟୁନାହିଁ। ସ୍ୱାଧୀନ ଭାରତରେ ସମସ୍ତଙ୍କର ନୈତିକ ଅଧିକାର ରହିଛି। ନିଜ ଇଚ୍ଛାନୁସାରେ ଜୀବନ ଅତିବାହିତ କରିପାରିବେ। ଏଣୁ ମୁଁ ଏହାକୁ ସ୍ୱାଗତ କରୁଛି।

- ସୁମିତ୍ରା ଦଳାଇ
ଛାତ୍ରୀନେତ୍ରୀ, ପୁରୀ

“ଅନ୍ୟମାନଙ୍କ ଭଳି ସମଲିଙ୍ଗୀମାନଙ୍କୁ ବଞ୍ଚିବା ପାଇଁ ଏକ ଆଧାର ମିଳିଗଲା। ଆମେ ସବୁବେଳେ 'ଫ୍ରିଡମ୍ ଅଫ୍ ସ୍ପିଚ୍' ଉପରେ ଗୁରୁତ୍ୱ ଦେଉଥିଲେ। ଏବେ 'ଫ୍ରିଡମ୍ ଅଫ୍ ଲିଭିଙ୍ଗ୍' ପାଇଁ ଏହା ଏକ ବଡ଼ ପଦକ୍ଷେପ। ଯେଉଁମାନେ ସମାଜ ଓ ପରିବାରର ତିରସ୍କାରରେ ଅତିଷ୍ଠ ହୋଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଥିଲେ, ସେମାନଙ୍କୁ ଏବେ ବଞ୍ଚିବାର ଅଧିକାର ମିଳିଗଲା। ଭଗବାନ ପ୍ରତ୍ୟେକ ମଣିଷକୁ ତିଆରି କରିଛନ୍ତି। ତେଣୁ ସମଲିଙ୍ଗୀମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିବା ଉଚିତ ନୁହେଁ। ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟ ସମାଜ ଏବଂ ପରିବାରର ଦ

ସଂକ୍ଷେପରେ

ପିଏନ୍‌ବି ମହାଦୁର୍ନୀତି ମାମଲା
ଭନସାଲୀଙ୍କ ବିରୋଧରେ ରେଡ୍‌କର୍ନର ନୋଟିସ୍

ନୂଆଦିଲ୍ଲୀ,୬-୯: ବହୁଚର୍ଚ୍ଚିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ମାମଲାରେ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ କମ୍ପାନୀ ଫାୟାରଷ୍ଟାର ଇଣ୍ଟରନ୍ୟାଶନାଲରେ ସିଇଓ ଥିବା ମିହିର ଆର୍.ଭନସାଲୀଙ୍କ ବିରୋଧରେ ଇଣ୍ଟରପୋଲ୍ ରେଡ୍‌କର୍ନର ନୋଟିସ ଜାରି କରିଛି। ସେ ମହାଦୁର୍ନୀତିର ପର୍ଦ୍ଦାଫାଶ ପରେ ଫେରାର ହୋଇଯାଇଛନ୍ତି। ମନି ଲଣ୍ଡରିଂ ମାମଲାରେ ତାଙ୍କୁ ଗିରଫ କରିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଇଣ୍ଟରପୋଲ୍‌ର ସହାୟତା ନିଆଯାଇଥିଲା। ଭନସାଲୀ ଆମେରିକା, ବ୍ରିଟେନ, ହଂକଂ, ଚାଇନା କିମ୍ବା ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ଲୁଚିଥାଇ ପାରନ୍ତି ବୋଲି ଇଡି ପକ୍ଷରୁ କୁହାଯାଇଛି। ଏଥିପୂର୍ବରୁ ନୀରବ ମୋଦିଙ୍କ ବିରୋଧରେ ମଧ୍ୟ ଇଣ୍ଟରପୋଲ୍ ରେଡକର୍ନର ନୋଟିସ ଜାରି କରିସାରିଛି।

ହ୍ୟାକରଙ୍କ ଆକାଉଣ୍ଟରେ ଆମାଜନ ଗ୍ରାହକଙ୍କ ଅର୍ଥ

ଲକ୍ଷ୍ନୌ,୬-୯: ଉତ୍ତରପ୍ରଦେଶର ରାଜଧାନୀରେ ୧୫୦୦ ଆମାଜନ ଗ୍ରାହକଙ୍କ ରିଫଣ୍ଡ ଅର୍ଥ ହ୍ୟାକରଙ୍କ ଆକାଉଣ୍ଟକୁ ଚାଲିଯାଇଥିବାର ଜଣାପଡିଛି। ଏସମ୍ପର୍କରେ ଜଣାପଡିବା ପରେ କମ୍ପାନୀ ପକ୍ଷରୁ ବିଭୂତିଖଣ୍ଡ ଥାନାରେ ଏତଲା ଦିଆଯାଇଛି। ବିବରଣୀରୁ ଜଣାପଡିଛି ଯେ, ସାମଗ୍ରୀ ପସନ୍ଦ ନ ଆସିଲେ ଇ-କମ୍ପାନୀଗୁଡିକ ଏବାବଦ ଅର୍ଥକୁ ଗ୍ରାହକଙ୍କୁ ଅନଲାଇନରେ ଫେରସ୍ତ କରିଥାନ୍ତି। ଲକ୍ଷ୍ନୌରେ ଆମାଜନର ୧୫୦୦ ଗ୍ରାହକ ସାମଗ୍ରୀ ଫେରାଇବା ବାବଦରେ ରିଫଣ୍ଡ ପାଇବାକୁ ଅପେକ୍ଷା କରିଥିଲେ ହେଁ ଏହା ମିଳି ନ ଥିଲା। ସେମାନେ ଏସମ୍ପର୍କରେ ଆମାଜନକୁ ଜଣାଇବା ପରେ କମ୍ପାନୀ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ ହୋଇଥିଲା। ରିଫଣ୍ଡ ଅର୍ଥ ହ୍ୟାକରଙ୍କ ଆକାଉଣ୍ଟକୁ ଯାଇଥିବା ଜଣାପଡିବା ପରେ କମ୍ପାନୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଲକ୍ଷ୍ନୌ ପୋଲିସର ସାଇବର ସେଲ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ଭାରତ-ଆମେରିକା ବାଣିଜ୍ୟ
୬୦୦ ବିଲିୟନ ଡଲାର ଛୁଇଁବା ଲକ୍ଷ୍ୟ

ନୂଆଦିଲ୍ଲୀ,୬-୯: ଭାରତ ଓ ଆମେରିକା ମଧ୍ୟରେ ଏବେ ୧୨୫ ବିଲିୟନ ଡଲାର ଦ୍ୱିପାକ୍ଷିକ ବାଣିଜ୍ୟ ହେଉଛି। ଏହାକୁ ବାର୍ଷିକ ୫୦୦ରୁ ୬୦୦ ବିଲିୟନ ଡଲାରରେ ପହଞ୍ଚାଇବା ଲାଗି ଭାରତ ଲକ୍ଷ୍ୟ ରଖିଛି। ଏଥିପାଇଁ ଆମେରିକାର ସହାୟତା ଲୋଡାଯାଇଛି ବୋଲି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ସୁରେଶ ପ୍ରଭୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବହୁ କାରଣରୁ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କ୍ରମାଗତ ହ୍ରାସ ପାଇ ଏବେ ୧୨୫ ବିଲିୟନ ଡଲାରରେ ପହଞ୍ଚିଛି। ଏଥିରେ ଭାରତ ସନ୍ତୁଷ୍ଟ ନୁହେଁ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବାଣିଜ୍ୟ ଲକ୍ଷ୍ୟକୁ ୫୦୦ରୁ ୬୦୦ ବିଲିୟନ ଡଲାରରେ ପହଞ୍ଚାଇବାକୁ ହେବ। ଏଦିଗରେ ଏକ ବିସ୍ତାରିତ ରଣକୌଶଳ ତିଆରି କରିବା ଲକ୍ଷ୍ୟରେ ଆଗେଇ ଚାଲିଛୁ ବୋଲି ପ୍ରଭୁ କହିଛନ୍ତି। ୟୁଏସ-ଇଣ୍ଡିଆ ବିଜନେସ୍ କାଉନସିଲ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଭୁ କହିଛନ୍ତି ଯେ, ବାଣିଜ୍ୟ ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଭାରତ ଚାହେଁ। ବିଶେଷକରି କୃଷି, ଔଷଧ, ଭିତ୍ତିଭୂମି, ଷ୍ଟାର୍ଟ ଅପ୍ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି।

ଯାତ୍ରାରମ୍ଭ କଲା ପାଲେସ ଅନ୍ ହ୍ୱିଲ୍ସ

ନୂଆଦିଲ୍ଲୀ,୬-୯: ରେଲୱେର ସବୁଠାରୁ ବିଳାସପୂର୍ଣ୍ଣ ଟ୍ରେନ୍ କୁହାଯାଉଥିବା ପାଲେସ ଅନ୍ ହ୍ୱିଲ୍ସ ପୁନର୍ବାର ଯାତ୍ରାରମ୍ଭ କରିଛି। ଯାତ୍ରୀଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଏହାର ବାହାର ତଥା ଭିତର ସାଜସଜ୍ଜାରେ ବେଶ୍ ପରିବର୍ତ୍ତନ କରାଯାଇଛି। ଚଳିତ ମାସରୁ ଏହା ପ୍ରତି ବୁଧବାର ଯାତ୍ରା କରିବ। ଚଳିତ ମାସ ୫ ତାରିଖରେ ନୂଆଦିଲ୍ଲୀର ସଫଦରଜଙ୍ଗ ଷ୍ଟେସନରୁ ଏହା ଯାତ୍ରାରମ୍ଭ କରିଛି। ଏହା ପ୍ରମୁଖ ଐତିହ୍ୟସ୍ଥଳୀ ରାଜସ୍ଥାନର ଜୟପୁର, ରନ୍ଥାମ୍ଭୋର, ଚିତୋରଗଡ, ଉଦୟପୁର, ଜୈସାଲମେର୍, ଯୋଧପୁର ଏବଂ ଭରତପୁର ସମେତ ଉତ୍ତରପ୍ରଦେଶର ଆଗ୍ରାରେ ରହଣି ହେବ। ପାଲେସ ହ୍ୱିଲ୍ସ ବୁକିଂ ୱେବସାଇଟ ଅନୁଯାୟୀ ଗୋଟିଏ ରାତ୍ରୀ ରହଣି ପାଇଁ ଯାତ୍ରୀଙ୍କୁ ପ୍ରତି ଯାତ୍ରାରେ ୬୫୦ ଡଲାର ଅର୍ଥାତ ୪୫,୫୦୦ ଟଙ୍କା ବ୍ୟୟ କରିବାକୁ ହେବ। ସେହିପରି ସୁପର ଡିଲକ୍ସ ପାଇଁ ପ୍ରତି ରାତ୍ରୀ ରହଣି ଲାଗି ୧ ଲକ୍ଷ ୨୬ ହଜାର ଟଙ୍କା ଏବଂ ସମ୍ପୂର୍ଣ୍ଣ ଯାତ୍ରା ପାଇଁ ୮ ଲକ୍ଷ ୮୨ ହଜାର ଟଙ୍କା ଖର୍ଚ୍ଚ କରିବାକୁ ହେବ।

ଟ୍ରକ୍, ବସ୍ ଏବଂ ଟାକ୍ସି ଆଦି ବାଣିଜ୍ୟଭିତ୍ତିରେ ଉଦ୍ଦିଷ୍ଟ ଯାନଗୁଡିକ ପାଇଁ କୌଣସି ସ୍ପିଡ୍ ଗଭର୍ନର କଟକଣା ରହିବ ନାହିଁ।
– ନୀତୀନ ଗଡକାରୀ, କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ



ଭାରତରେ ଖୁବ୍ ଶୀଘ୍ର ଏୟାର ଟାକ୍ସି ବ୍ୟବସ୍ଥା ବାସ୍ତବ ରୂପ ନେବାକୁ ଯାଉଛି।
– ଜୟନ୍ତ ସିହ୍ନା, ବେସାମରିକ ବିମାନଚଳାଚଳ ରାଷ୍ଟ୍ରମନ୍ତ୍ରୀ

ଅଭିବୃଦ୍ଧି ସତ୍ତ୍ୱେ ନିଯୁକ୍ତି ପ୍ରଭାବିତ

ଜିଏସ୍‌ଟି ମାଡ

ପାନିପଥ, ୬–୯

ଦେଶରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରଠାରୁ ବିଭିନ୍ନ ଅସୁବିଧା ନଜରକୁ ଆସିଛି। ଏହାର ସମାଧାନ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ନିକଟରେ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ) ପକ୍ଷରୁ ପ୍ରକାଶ ଜିଡିପି ତଥ୍ୟ ଅନୁସାରେ ଦେଶର ତ୍ରୈମାସ ଅଭିବୃଦ୍ଧି ୮.୨% ରହିଛି। ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାୟ ରଖିବାରେ ସକ୍ଷମ ହୋଇଛି ସତ, ମାତ୍ର ଜିଏସ୍‌ଟି ଭଳି ଆର୍ଥିକ ସଂସ୍କାରର ଚାପରେ ଦେଶର କ୍ଷୁଦ୍ର ଶିଳ୍ପଗୁଡିକ ପ୍ରଭାବିତ ହେବା ସହ ଅନେକ ଲୋକ ନିଯୁକ୍ତି ହରାଇଥିବା ଜଣାଯାଇଛି। କେନ୍ଦ୍ର ତଥା ରାଜ୍ୟ ସ୍ତରରେ ପ୍ରଚଳିତ ପ୍ରାୟ ୧୨ରୁ ଅଧିକ ଟିକସକୁ ଜିଏସ୍‌ଟି ମଧ୍ୟରେ ବିଲୀନ କରାଇ ସରକାର ୨୦୧୭ ଜୁଲାଇ ପହିଲାରୁ ଏକକ ପରୋକ୍ଷ ଟିକସ ବ୍ୟବସ୍ଥା ଲାଗୁ କରିଥିଲେ।

ଏହା ଦ୍ୱାରା ଅର୍ଥନୈତିକ ପ୍ରଗତି ଧାରା ତ୍ୱରାନ୍ୱିତ ହୋଇଛି। ଅପରପକ୍ଷରେ ଜିଏସ୍‌ଟି ଯୋଗୁ କ୍ଷୁଦ୍ର ଶିଳ୍ପଗୁଡିକ ବ୍ୟବସାୟ ବାଧାପ୍ରାପ୍ତ ହେବାରୁ ସେମାନେ ବାଣିଜ୍ୟ ବନ୍ଦ କରି ଦେଉଥିବା ଘଟଣାମାନ ସାମ୍ନାକୁ ଆସିଛି। ଏହାଫଳରେ ଉକ୍ତ ୟୁନିଟ୍‌ଗୁଡିକରେ କାର୍ଯ୍ୟ କରୁଥିବା ଲୋକମାନେ ଅନେକ ସଂଖ୍ୟାରେ ନିଯୁକ୍ତି ହରାଇଥିବା ବଜାର ବିଶେଷଜ୍ଞମାନେ ଯୁକ୍ତି ବାଢିଛନ୍ତି। ନିଯୁକ୍ତି ଧାରା ପ୍ରଭାବିତ ହୋଇଥିବାରୁ ଏହାର ପ୍ରତିଫଳନ ଆଗାମୀ ସାଧାରଣ ନିର୍ବାଚନରେ ଦେଖାଯାଇ ପାରେ ବୋଲି ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି। ଜଣେ ବ୍ୟବସାୟୀଙ୍କର ଜିଏସ୍‌ଟି ପଞ୍ଜୀକରଣ ରହିଥିଲେ ମଧ୍ୟ ଭେଣ୍ଡର ଏବଂ ବାୟରମାନେ ଟିକସ ବ୍ୟବସ୍ଥାର ଅନୁପାଳନ ଲାଗି ସମର୍ଥ ହେଉ ନ ଥିବାରୁ ବିଭିନ୍ନ ଅସୁବିଧା ଉପୁଜୁଥିବା ଜଣେ କ୍ଷୁଦ୍ର ବ୍ୟବସାୟୀ ପ୍ରକାଶ କରିଛନ୍ତି। ଟିକସ କ୍ଷେତ୍ରରେ ରହିଥିବା ଅସୁବିଧାର ସମାଧାନ ଲାଗି ସରକାର ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି। କ୍ଷୁଦ୍ର ବାଣିଜ୍ୟଗୁଡିକର ଅସୁବିଧାକୁ ସରକାର ବିଚାର କରୁଛନ୍ତି। ମାତ୍ର ଜିଏସ୍‌ଟି ଯୋଗୁ କେତେ ନିଯୁକ୍ତି ହ୍ରାସ ହୋଇଛି ସେ ନେଇ ଅର୍ଥମନ୍ତ୍ରଣାଳୟ ପକ୍ଷରୁ କୌଣସି ଉତ୍ତର ମିଳି ନାହିଁ। ଜିଏସ୍‌ଟି ଯୋଗୁ ବଡ ଫାର୍ମଗୁଡିକ ବିଶେଷ ଭାବେ କୌଣସି ଅସୁବିଧା ସାମ୍ନା କରି ନ ଥିବା ଜଣାଯାଇଛି। ମାତ୍ର କ୍ଷୁଦ୍ର ବାଣିଜ୍ୟଗୁଡିକ ଏବେ ମଧ୍ୟ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ଅଲ୍ ଇଣ୍ଡିଆ ଟ୍ରେଡ ୟୁନିୟନ କଂଗ୍ରେସ ପକ୍ଷରୁ ଜୁଲାଇରେ ହୋଇଥିବା ଏକ ସର୍ଭେ ମୁତାବକ ଦେଶର ୬୩ ନିୟୁତ କ୍ଷୁଦ୍ର ବାଣିଜ୍ୟ ମଧ୍ୟରୁ ଏକ ପଞ୍ଚମାଂଶ ସଂସ୍ଥାଗୁଡିକର ଲାଭ ଜିଏସ୍‌ଟି ପରେ ୨୦% ହ୍ରାସ ଘଟିଛି। ଉକ୍ତ ସଂସ୍ଥାଗୁଡିକ ଜିଡିପିକୁ ୩୨% ଅବଦାନ ରଖୁଥିବା ବେଳେ ୧୧୧ ନିୟୁତ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ଏଭଳି ସ୍ଥିତି ଯୋଗୁ ସଂସ୍ଥାଗୁଡିକ ଅନେକ ମାତ୍ରାରେ ନିଯୁକ୍ତି ହ୍ରାସ କରିଥିବା ଜଣାଯାଇଛି। ରେଡିମେଡ ପୋଷାକ, ଜେମ୍ସ, ଜ୍ୱେଲେରୀ, ଚମଡା, ହସ୍ତଶିଳ୍ପ, ବେସିକ୍ ମେଶିନାରୀ ମାନୁଫାକଚରିଂ କ୍ଷେତ୍ରରେ ବିଶେଷ ଭାବେ ନିଯୁକ୍ତି ହ୍ରାସ ହୋଇଥିବା ଶିଳ୍ପ ସଂସ୍ଥାଗୁଡିକର ପ୍ରତିନିଧିମାନେ କହିଛନ୍ତି।

ପୋର୍ଟିକୋ ନ୍ୟୁୟର୍କ ପକ୍ଷରୁ ନୂଆ କଲେକ୍ସନ

କଟକ, ୬–୯

ପ୍ରମୁଖ ହୋମ୍ ଫ୍ୟାଶନ କମ୍ପାନୀ କ୍ରଏଟିଭ୍ ପୋର୍ଟିକୋ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ପାର୍ବଣ ସମୟକୁ ଧ୍ୟାନରେ ରଖି ନୂଆ ଅଟମ୍-ୱିଣ୍ଟର କଲେକ୍ସନ ବଜାରକୁ ଆସିଛି। କମ୍ପାନୀର ବିକ୍ରି ମୁଖ୍ୟ ଆଦିତ୍ୟ କଲାଣି , ରିଟେଲ ଡିଜିଏମ୍ ସୁଭେଶ ସିଂ ଏବଂ ବିତରକ ଆରତୀ ମିଶ୍ର କଟକଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି କଲେକ୍ସନଗୁଡିକୁ ବଜାର ପ୍ରବେଶ କରାଇଥିଲେ। ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ଟେକ୍ସଟାଇଲ ଓ ରିଟେଲ କ୍ଷେତ୍ରରେ ସକ୍ରିୟ ଥିବା କ୍ରିଏଟିଭ୍ ଗ୍ରୁପର ଏକ ଅଂଶବିଶେଷ 'ପୋର୍ଟିକୋ' । ଏହା ଗ୍ରାହକଙ୍କ ଲାଗି ଆକର୍ଷଣୀୟ ହୋମ୍ କଲେକ୍ସନ ପ୍ରସ୍ତୁତ କରୁଥିବା ସୂଚନା ଦେଇଛି। ବିଶ୍ୱ ବଜାରର ଟ୍ରେଣ୍ଡକୁ ଧ୍ୟାନରେ ରଖି ଭାରତୀୟ ଗ୍ରାହକଙ୍କୁ ପୁହାଇଲା ଭଳି ଉତ୍ପାଦ ଆଣିବା ଦିଗରେ ପଦକ୍ଷେପ ଜାରି ରହିଥିବା ବିକ୍ରି ମୁଖ୍ୟ ଆଦିତ୍ୟ କଲାଣି ସୂଚନା ଦେଇଛନ୍ତି। ଗ୍ରାହକଙ୍କୁ ସର୍ବଦା ନବୀନତମ ଉତ୍ପାଦ ପ୍ରଦାନ ଦିଗରେ କମ୍ପାନୀ ସର୍ବଦା ଯତ୍ନବାନ ବୋଲି ଡିଜାଇନ ତଥା ପ୍ରଡକ୍ଟ ଉନ୍ନତୀକରଣ ମୁଖ୍ୟ ପୂଜା ପୁସାଲକର କହିଛନ୍ତି। ଯୁବାବର୍ଗଙ୍କ ଆବଶ୍ୟକତା ଆଧାରରେ ନୂଆ କଲେକ୍ସନ ବଜାରକୁ ଛଡାଯାଉଛି।

ଗ୍ରାହକ ସେବା ଜେଏମ୍‌ଜିର ପ୍ରାଥମିକତା

ଦୁଇ ଚକିଆ ଯାନ ବିକ୍ରି କ୍ଷେତ୍ରରେ ବର୍ତ୍ତମାନ କମ୍ପାନୀଙ୍କ ମଧ୍ୟରେ କଡା ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ଉନ୍ନତ ଉତ୍ପାଦ ତଥା ସେବା ଯୋଗାଣ ବାଦ୍ ଗ୍ରାହକଙ୍କୁ ନିଜ ସହ ବାନ୍ଧି ରଖିବା ଲାଗି କମ୍ପାନୀଗୁଡିକ ଟଚ୍ ପଏଣ୍ଟରେ ସ୍ୱତନ୍ତ୍ର ସେବା ଯୋଗାଇ ଦେଉଛନ୍ତି। ଟ୍ୱିନ ସିଟି କଟକ ଓ ଭୁବନେଶ୍ୱରରେ ହିରୋ ମୋଟୋକର୍ପର ସର୍ବ ବୃହତ ଡିଲରଶିପ ଭାବେ 'ଜେଏମ୍‌ଜି ହିରୋ'ର ଖ୍ୟାତି ରହିଛି। କଟକର ପ୍ରଫେସରପଡାରେ ଅବସ୍ଥିତ ଥିବା ଏହି ଶୋରୁମ 'ଜେଏମ୍‌ଜି ଅଟୋମୋବାଇଲ୍ସ' ନାମରେ ବେଶ ଜଣାଶୁଣା। ଉକ୍ତ ଡିଲରଶିପ ବର୍ତ୍ତମାନ ୨ ଟଚ୍ ପଏଣ୍ଟ ତଥା ସର୍ଭିସ ସେଣ୍ଟର ଦ୍ୱାରା ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରଖିଛି। ଗ୍ରାହକଙ୍କୁ ବାଇକ୍ ଓ ସ୍କୁଟର ବିକ୍ରି, ସର୍ଭିସ, ଅଟୋ ଶିଳ୍ପର ଡିଲରଶିପ ଅଭିଜ୍ଞତାକୁ ନେଇ ଏହାର ସ୍ୱତ୍ୱାଧିକାରୀ ପ୍ରଦୀପ ଅଗ୍ରୱାଲ ଧରିତ୍ରୀକୁ ଦେଇଥିବା ସାକ୍ଷାତକାରର କିୟଦଂଶ.....

■ଦୁଇ ଚକିଆ ଯାନ ବାଣିଜ୍ୟ କ୍ଷେତ୍ରକୁ ଆସିବା ଲାଗି କାହିଁକି ବାଛିଲେ?

❖ଦୁଇ ଚକିଆ ଯାନ ଲାଗି ଓଡିଶା ଏକ ଅଭିବୃଦ୍ଧିଶୀଳ ବଜାର। ଏଠାରେ ଯୁବାବର୍ଗ ବାଇକ୍ ପ୍ରତି ବିଶେଷ ଆଗ୍ରହ ଦେଖାଉଛନ୍ତି। ହିରୋ ମୋଟୋକର୍ପର ବିଭିନ୍ନ ମଡେଲଗୁଡିକ ପ୍ରତି ଗ୍ରାହକଙ୍କର ମୂଳରୁ ବିଶେଷ ଭାବେ ଭଲ ପାଇବା ରହିଛି। ଏଭଳି ବିଭିନ୍ନ ଧାରାକୁ ନଜରରେ ରଖି ଦୁଇ ଚକିଆ ଯାନ ବ୍ୟବସାୟ କ୍ଷେତ୍ରକୁ ପ୍ରବେଶ କରିଥିଲୁ।

■ବ୍ୟବସାୟ କ୍ଷେତ୍ରରେ ପ୍ରବେଶ କରିବା ପରଠାରୁ ଗତ ୧୯ ବର୍ଷ ମଧ୍ୟରେ ଯାତ୍ରା କେମିତି ରହିଛି?

❖ଦୁଇ ଚକିଆ ଯାନ ବିକ୍ରି କ୍ଷେତ୍ରରେ ଗତ ୧୯ ବର୍ଷର ଯାତ୍ରା ଏକ ବିଶେଷ ଘଟଣା ବହୁଳ। କଟକ ସହରରେ ଏହି ସମୟ ମଧ୍ୟରେ ପ୍ରାୟ ୨ ଲକ୍ଷ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛୁ।

■ଆଗାମୀ ଦିନରେ କ'ଣ ସବୁ ଯୋଜନା ରହିଛି?

❖ ବର୍ତ୍ତମାନ ଗ୍ରାହକଙ୍କ ରୁଚିରେ ପରିବର୍ତ୍ତନ ଆସିଲାଣି। ସବୁ ସେଗମେଣ୍ଟରେ ଦୁଇ ଚକିଆ ଯାନ ସହ ଗ୍ରାହକଙ୍କ ଚାହିଦାକୁ ପ୍ରାଥମିକତା ପ୍ରଦାନ ଦେଉଛୁ। ଏ ନେଇ ଶୋ'ରୁମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି।

■ଜେଏମ୍‌ଜି ହିରୋ ଶୋ'ରୁମର ସ୍ୱତନ୍ତ୍ରତା କ'ଣ?

❖ଟ୍ୱିନ୍ ସିଟିରେ 'ଜେଏମ୍‌ଜି ହିରୋ' ହିରୋ ଦୁଇ ଚକିଆ ଯାନ ଲାଗି ଏକ ପ୍ରମୁଖ ଶୋ'ରୁମ। ଗ୍ରାହକଙ୍କ ଆବଶ୍ୟକତାକୁ ନେଇ ଆମେ ସର୍ବଦା ଯତ୍ନବାନ ରହିଛୁ। ସେଲସ୍, ସର୍ଭିସ, ସ୍କୋୟାର ତଥା ଗ୍ରାହକଙ୍କ ନିରାପତ୍ତାକୁ ଧ୍ୟାନ ଦେଉଛୁ। ବେଷ୍ଟ ଇନ୍ କ୍ଲାସ ସୁବିଧା, ସର୍ବୋଚ୍ଚ ସର୍ଭିସ ଷ୍ଟାଣ୍ଡାର୍ଡକୁ ନଜରରେ ରଖାଯାଉଛି। ସମ୍ପୂର୍ଣ୍ଣ ଅଟୋମେଟେଡ ବ୍ୟବସ୍ଥା, ହିରୋ ମୋଟୋ କର୍ପର ଟେକ୍ନିସିଆନ ଯାନର କେୟାର ଲାଗି ନିୟୋଜିତ ହୋଇଛନ୍ତି। ଷ୍ଟେଟ୍ ଅଫ୍ ଆର୍ଟ ସର୍ଭିସ ଷ୍ଟେଶନ ଏଠାରେ ସ୍ଥାପନ କରାଯାଇଛି। ବର୍ତ୍ତମାନ ହିରୋର ସବୁ ଦୁଇ ଚକିଆ ଯାନ ଏବଂ ପ୍ରକୃତ ଆସେସୋରିଜ୍ ଉପରେ ୫ ବର୍ଷିଆ ୱାରେଣ୍ଟି ପ୍ରଦାନ କରାଯାଉଛି। ଗୁଡ୍ ଲାଇଫ୍ ପ୍ରୋଗ୍ରାମ, ଜଏ ରାଇଡ୍ ପ୍ରୋଗ୍ରାମ୍, କମ୍ପାନୀ ଅଫର ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହା ବାଦ୍ ଶୋରୁମରେ ଫାଇନାନ୍ସ ଏବଂ ଏକ୍ସଚେଞ୍ଜ ଅଫର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।

■ଉତ୍ତମ ଗ୍ରାହକ ସେବାକୁ ନେଇ କ'ଣ କହିବେ?

❖ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣକୁ ଆମେ ସର୍ବଦା ଅଗ୍ରାଧିକାର ଦେଉଛୁ। ଶୋ'ରୁମ ପକ୍ଷରୁ ଗ୍ରାହକଙ୍କ ଲାଗି ବିଭିନ୍ନ ଅଫର ମଧ୍ୟ ପ୍ରଦାନ କରାଯାଉଛି। ନେଟ୍‌ୱର୍କରେ ଉନ୍ନତୀକରଣ ନେଇ ବର୍ତ୍ତମାନ ଆମେ ଫୋକସ ରଖିଛୁ।

୨୩ ବ୍ୟାଙ୍କକୁ ଜରିମାନା ଭୟ

ନୂଆଦିଲ୍ଲୀ,୬–୯

ନଭେମ୍ବର ପହିଲାରୁ ପିଛିଲା ଭାବେ ପ୍ରତି ଶାଖାରେ ୮ଟି ଆଧାର ପଞ୍ଜୀକରଣ ଅଥବା ସଂଶୋଧନ ନ କଲେ ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ ବରୋଦା ସହ ଦେଶର ୨୩ ବ୍ୟାଙ୍କ ବିରୋଧରେ ଆଧାର ପଞ୍ଜୀକରଣ ଏଜେନ୍ସି ୟୁଆଇଏଡିଆଇ ଜରିମାନା ଆଦାୟ କରିବ ବୋଲି ଚେତାବନୀ ଶୁଣାଇ ସାରିଛି। ଏହାକୁ ନେଇ ବ୍ୟାଙ୍କଗୁଡିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରିଜର୍ଭ ବ୍ୟାଙ୍କକୁ ବାଦ୍ ଦେଇ ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) କିପରି ଜରିମାନା ଆଦାୟ କରିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଚଳିତ ବର୍ଷ ଜୁଲାଇ ପହିଲାରୁ ପ୍ରତି ଶାଖାରେ ୮, ଅକ୍ଟୋବର ପହିଲାରୁ ୧୨ ଏବଂ ଆସନ୍ତା ବର୍ଷ ଜାନୁୟାରୀ ପହିଲାରୁ ୧୬ଟି ଆଧାର ପଞ୍ଜୀକରଣ ଅଥବା ସଂଶୋଧନ କରିବାକୁ ୟୁଆଇଡିଏଆଇ ପକ୍ଷରୁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସମୟସୀମାକୁ ଏବେ ନଭେମ୍ବର ପହିଲାକୁ ଘୁଞ୍ଚାଇ ଦିଆଯାଇଛି। ସମୟ ବୃଦ୍ଧି ପୂର୍ବରୁ ଜୁଲାଇରେ ଲକ୍ଷ୍ୟପୂରଣ କରି ନ ଥିବାରୁ ଆଇସିଆଇସିଆଇ ବ୍ୟାଙ୍କ ଉପରେ ୮୨ ଲକ୍ଷ ଟଙ୍କା, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ୬୮ ଲକ୍ଷ ଟଙ୍କା,କାନାରା ବ୍ୟାଙ୍କ ୬୪.୨ ଲକ୍ଷ ଟଙ୍କା ଏବଂ ୟୁକୋ ବ୍ୟାଙ୍କ ଉପରେ ୫୬ଲକ୍ଷ ଟଙ୍କାର ଜରିମାନା ବକେୟା ପଡିଛି। ବ୍ୟାଙ୍କମାନଙ୍କ ପ୍ରଶ୍ନ ଉପରେ ଉତ୍ତର ଦେଇ ୟୁଆଇଡିଏଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଆଧାର ଆଇନାନୁସାରେ ଏହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ।

ଆଧାର ପଞ୍ଜୀକରଣ

AADHAAR

୭୨ ଟପିଲାଣି ଟଙ୍କା...

**ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ୭ମ ଦିନ ହ୍ରାସ ପାଇଛି। ଗୁରୁବାର ଟଙ୍କା ଏକ ସମୟରେ ୭୨ ସ୍ତର ପାର୍ କରିଯାଇଥିଲା। ଆଗକୁ ଆହୁରି କମିବ ବୋଲି ବିଶେଷଜ୍ଞମାନେ

ଅଶ୍ୱଚାଳନା ପ୍ରତିଯୋଗିତାରେ ଗୋଟିଏ ଘୋଡ଼ା ଓ ମଣିଷର ଦୁଇ ଶରୀର ଓ ଗୋଟିଏ ଆତ୍ମାର ସମିଶ୍ରଣ ଭଳି ।

–ମେଜର ଆଶିଷ ମଲିକ, ଭାରତୀୟ ଅଶ୍ୱଚାଳନା ଦଳର ଅଧିନାୟକ

ସାଫ୍ କପ୍‌ରେ ମାଳଦ୍ୱୀପକୁ ଭେଟିବା ପୂର୍ବରୁ ଆମର ତ୍ରୁଟିକୁ ସଜାଡ଼ି ନେବା ଅତ୍ୟନ୍ତ ଜରୁରୀ ।

–ଷ୍ଟିଫେନ କନ୍‌ଷ୍ଟାଣ୍ଟିନ୍, ଫୁଟ୍‌ବଲ ମୁଖ୍ୟ କୋଚ୍

ସାନ୍ତ୍ୱନାମୂଳକ ବିଜୟ ଲକ୍ଷ୍ୟରେ ଭାରତ

ଲଣ୍ଡନ, ୬।୯(ପି.ଟି.)

ସିରିଜ ହାତଛଡ଼ା କରିସାରିଥିବା ଭାରତ ଶୁକ୍ରବାର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ଘରୋଇ ଇଂଲଣ୍ଡକୁ ଭେଟିବାକୁ ଯାଉଛି। ବିଭିନ୍ନ ଦୃଷ୍ଟିକୋଣରୁ ସ୍ଥାନୀୟ ଓଭାଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ର ଗୁରୁତ୍ୱ ବଢିଯାଇଛି। ଇଂଲଣ୍ଡର ଅଭିଜ୍ଞ ଓପନର ଆଲିଷ୍ଟର କୁକ୍ ଅବସର ଘୋଷଣା କରିସାରିଥିବାରୁ ତାଙ୍କ ପାଇଁ ଏହା ଫେୟାରୱେଲ ଟେଷ୍ଟ ବା ବିଦାୟୀ ମ୍ୟାଚ ସାବ୍ୟସ୍ତ ହୋଇଛି। ଅନ୍ୟ ପଟେ ୩–୧ରେ

କୁକ୍‌ଙ୍କ ବିଦାୟୀ ଟେଷ୍ଟ

ପଛରେ ରହି ସିରିଜ ହାରିସାରିଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଏହି ମ୍ୟାଚ୍ ଜିତି ସାନ୍ତ୍ୱନାମୂଳକ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ୧–୪ ବ୍ୟବଧାନରେ ହାରିବା ଅପେକ୍ଷା ୨–୩ ବ୍ୟବଧାନରେ ସିରିଜ ହାରିବା ନିଶ୍ଚିତ ଭାବେ ଆଖିକୁ ଭଲ ଦେଖାଯିବ।

ଭାରତୀୟ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଭାରତକୁ ଗତ ୧୫ ବର୍ଷ ମଧ୍ୟରେ ଶ୍ରେଷ୍ଠ ଭ୍ରମଣକାରୀ ଦଳ ବୋଲି ଆଖ୍ୟା ଦେଇଛନ୍ତି ଓ ଦଳର ମନୋବଳ ଉଚ୍ଚ ରଖିବାକୁ ପ୍ରୟାସ କରିଛନ୍ତି। ଯଦିଓ ତାଙ୍କର ଏହି ମତ ତଥ୍ୟ ଭିତ୍ତିକ ନୁହଁ। ୨୦୦୨ରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତ ଇଂଲଣ୍ଡ ଗସ୍ତରେ ଆସି ସିରିଜ ଅମୀମାଂସିତ ରଖିଥିଲା। ସେହିପରି ଗାଙ୍ଗୁଲିଙ୍କ ଏହି ଭାରତୀୟ ଦଳ ୨୦୦୩–୦୪ରେ ଅଷ୍ଟ୍ରେଲିଆ ଗସ୍ତରେ ମଧ୍ୟ ସିରିଜ ଡ୍ର ରଖିଥିଲା ଓ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ଗୋଟିଏ ଟେଷ୍ଟ ଜିତିଥିଲା। ପୁଣି ଗାଙ୍ଗୁଲିଙ୍କ



ଅଭ୍ୟାସ ଅବସରରେ ରିଷଭ ପନ୍ତ (ବାମ) ଓ ବିରାଟ କୋହଲି ।

ନେତୃତ୍ୱରେ ଭାରତ ପାକିସ୍ତାନ ଗସ୍ତ କରି ଏକ ସିରିଜ ଜିତିଥିଲା।

ପୁଣି ରାହୁଲ ଦ୍ରାଭିଡଙ୍କ ନେତୃତ୍ୱରେ ଭାରତ ୨୦୦୬ରେ ୱେଷ୍ଟଇଣ୍ଡିଜ୍‌ରେ ଓ ୨୦୦୭ରେ ଇଂଲଣ୍ଡରେ ସିରିଜ ଜିତିଥିଲା ଓ ଦକ୍ଷିଣ ଆଫ୍ରିକାରେ ଗୋଟିଏ ଟେଷ୍ଟ ମଧ୍ୟ ଜିତିଥିଲା। ସେହିପରି ଅନିଲ କୁମ୍ବଲେଙ୍କ ନେତୃତ୍ୱରେ ଭାରତ ପର୍ଥର ବାଉନ୍ସି ଉଇକେଟରେ ଅନୁଷ୍ଠିତ ଟେଷ୍ଟରେ ବାଜି ମାରିଥିଲା। ସେହିପରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରି ଟେଷ୍ଟ ସିରିଜ ଜିତିଥିଲା ଓ ଦକ୍ଷିଣ ଆଫ୍ରିକା ଗସ୍ତ କରି ପ୍ରଥମଥର ପାଇଁ ଟେଷ୍ଟ ସିରିଜ ଡ୍ର ରଖିଥିଲା।

ପ୍ରଥମେ ଦକ୍ଷିଣ ଆଫ୍ରିକା ଓ ପରେ ଇଂଲଣ୍ଡ ଗସ୍ତରେ ପଛକୁ ପଛ ଦୁଇଟି ସିରିଜ ହାତଛଡ଼ା କରିସାରିବା ପରେ ବିଶ୍ୱ ୧ ନମ୍ବର ଟେଷ୍ଟ ଦଳ ଭାରତର ପ୍ରଦର୍ଶନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇଟି ସିରିଜର ପରାଜୟ ସତ୍ତ୍ୱେ ଅବଶ୍ୟ ଭାରତ ତା'ର ୧ ନମ୍ବର ସ୍ଥାନ ବଜାୟ ରଖିଛି।

ଅନ୍ତିମ ଟେଷ୍ଟରେ ଭାରତର ଅନ୍ତିମ ଏକାଦଶ କିଭଳି ହେବ ତାହା ଫୋକସ୍‌ରେ ରହିଛି। ଶ୍ରେଷ୍ଠ ଦଳ ନେଇ ଭାରତ ପଡିଆକୁ ଓହ୍ଲାଇବ। ତେବେ ଏହି ଦଳରେ କେତୋଟି ପରିବର୍ତ୍ତନ ହେବ ଓ ପରୀକ୍ଷା ନିରୀକ୍ଷା ହେବା ଆଶା କରାଯାଉଛି। ୧୮ ବର୍ଷୀୟ ଓପନର ପୃଥ୍ୱୀ ଶ'ଙ୍କୁ ଦଳରେ ସାମିଲ କରାଯିବା ନେଇ ଚର୍ଚ୍ଚା ହେଉଛି। ନୂଆ ପିଢିର ଓପନରଙ୍କ ଉପରେ ଚୟନକର୍ତ୍ତାଙ୍କ ଏବେ ନଜର ରହିଛି। ଦୁର୍ବଳ ଫର୍ମ କାରଣରୁ ମୁରଲୀ ବିଜୟ ଦଳରୁ ବାଦ ପଡିସାରିଛନ୍ତି। ଡିସେମ୍ବରରେ ଅଷ୍ଟ୍ରେଲିଆ ଗସ୍ତ ରହିଥିବାରୁ ଚୟନକର୍ତ୍ତାମାନେ ଯୁବ ତଥା ଦକ୍ଷ ଖେଳାଳିଙ୍କ ଉପରେ ନଜର ରଖିଛନ୍ତି। ପୃଥ୍ୱୀ ସଫଳ ହେଲେ ଭଲ। ପୁଣି ଯଦି ବିଫଳ ହୁଅନ୍ତି ତେବେ ମଧ୍ୟ ତାଙ୍କ ପାଇଁ ଆଗକୁ ସୁଯୋଗ ରହିବ। ତେବେ ଏବେକାର ଓପନିଂ ଯୋଡି ଶିଖର ଧାୱନ ଓ ଲୋକେଶ ରାହୁଲଙ୍କୁ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପର୍ଯ୍ୟନ୍ତ ଭାରତ ବଜାୟ ରଖିବା ଉଚିତ୍ ବୋଲି କେତେକେ ମତ ଦେଇଛନ୍ତି। ତେଣୁ ଏହି ଯୋଡିକୁ ଶେଷ ସୁଯୋଗ ଉପରେ କେତେକେ ପ୍ରାଧାନ୍ୟ ଦେଇଛନ୍ତି। ଆଗାମୀ ଘରୋଇ ସେସନ ପର୍ଯ୍ୟନ୍ତ ପୃଥ୍ୱୀଙ୍କୁ ଅପେକ୍ଷା କରିବାକୁ ପଡିବ ବୋଲି ମଧ୍ୟ କୁହାଯାଇଛି। ଲୋୟର ମିଡିଲ ଅର୍ଡରରେ ଭାରତ ପରିବର୍ତ୍ତନ କରିବା ଆଶା କରାଯାଉଛି। ହାର୍ଦ୍ଦିକ ପାଣ୍ଡ୍ୟ ବ୍ୟାଟିଂରେ ବିଫଳ ହେବା କାରଣରୁ ହନୁମା ବିହାରୀଙ୍କୁ ସୁଯୋଗ ଦିଆଯିବା ମନେହୁଏ। ହନୁମା ମଧ୍ୟ କାମଚଳା ସ୍ପିନ୍ ବୋଲିଂ କରିପାରନ୍ତି।

ପୁଣି ନେଟ୍ସରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ବୁଧବାର ବୋଲିଂ କରିନାହାନ୍ତି। ଫଳରେ ଏହି ଗସ୍ତରେ ରବୀନ୍ଦ୍ର ଜାଡେଜା ପ୍ରଥମଥର ପାଇଁ ଖେଳିବାର ସମ୍ଭାବନା ସୃଷ୍ଟି ହୋଇଛି। ପୁଣି ଆସନ୍ତା ସପ୍ତାହରେ ଏସିଆ କପ୍ ଆରମ୍ଭ ହେବାକୁ ଯାଉଥିବାରୁ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇପାରେ। ବୁମରା ଓ ଶାର୍ଦ୍ଦୁଳ ଠାକୁର ଭାରତୀୟ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଫଳରେ ଉମେଶ ଯାଦବ ପୁଣି ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଆଶା କରାଯାଉଛି।

ଅପରପକ୍ଷରେ କୁକ୍ ଅବସର ନେଉଥିବାରୁ ଏହି ଟେଷ୍ଟ ଇଂଲଣ୍ଡ ପାଇଁ ବେଶ୍ ଭାବପ୍ରବଣତା ସୃଷ୍ଟି କରିଛି। ବିଜୟ ହାସଲ କରି କୁକ୍‌ଙ୍କୁ ବିଦାୟୀ ଉପହାର ଦେବାକୁ ଇଂଲଣ୍ଡ ଦଳ ଚେଷ୍ଟା କରିବ। ଇଂଲଣ୍ଡ ଦଳରେ କୌଣସି ପରିବର୍ତ୍ତନ କରାଯାଇନାହିଁ। କ୍ରମାଗତ ବିଫଳତା ସତ୍ତ୍ୱେ ଜେନିଙ୍ଗ୍ସଙ୍କୁ ଦଳରେ ବଜାୟ ରଖାଯାଇଛି। ଦୁଇ ତାରକା ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡଙ୍କ ମଧ୍ୟରୁ ଜଣକୁ ବିଶ୍ରାମ ଦିଆଯାଇପାରେ। କ୍ରିସ ୱୋକ୍ସ ଫିଟ୍ ହୋଇସାରିଥିବାରୁ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ମନେହୁଏ। ଅନ୍ୟ ଗ୍ରାଉଣ୍ଡ ଭଳି ଓଭାଲର ଉଇକେଟରେ ମଧ୍ୟ ଘାସ ରହିଛି ଓ ଏହା ଭଲ ଟେଷ୍ଟ ଉଇକେଟ ବୋଲି ପ୍ରମାଣିତ ହେବା ଆଶା କରାଯାଉଛି।

ଭାରତୀୟ ଦଳ	ଇଂଲଣ୍ଡ ଦଳ
ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଲୋକେଶ ରାହୁଲ, ଚେତେଶ୍ୱର ପୁଜାରା, ଅଜିଙ୍କ୍ୟ ରାହାନେ, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ, କରୁନ ନାୟାର, ହାର୍ଦ୍ଦିକ ପାଣ୍ଡ୍ୟା, ଆର. ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ହନୁମା ବିହାରୀ, ଇଶାନ୍ତ ଶର୍ମା, ଉମେଶ ଯାଦବ, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସାମି ଓ ଯଶପ୍ରୀତ ବୁମରା।	ଜୋ ରୁଟ (ଅଧିନାୟକ), ଆଲିଷ୍ଟର କୁକ, କିଟନ ଜେନିଙ୍ଗ୍ସ, ଜନି ବେୟାରଷ୍ଟୋ, ଜୋସ ବଟଲର, ଅଲିଭର ପୋପ୍, ମୋଇନ ଅଲୀ, ଆଦିଲ ରସିଦ, ସାମ କୁରାନ, ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରଡ, କ୍ରିସ୍ ୱୋକ୍ସ ଓ ବେନ୍ ଷ୍ଟୋକ୍ସ।

ସ୍ଥାନ: ଓଭାଲ, ଲଣ୍ଡନ, ସମୟ: ଅପରାହ୍ନ ୩.୩୦

ସଂକ୍ଷେପରେ

ଶିବସୁନ୍ଦର ମଣିପୁର ଦଳର କୋଚ୍

କଟକ ଅଫିସ, ୬।୯: ପ୍ରଥମ ଥର ନିମନ୍ତେ ବିସିସିଆଇର ଘରୋଇ ଟୁର୍ନାମେଣ୍ଟରେ ଭାଗ ନେବାକୁ ଥିବା ମଣିପୁର ଦଳର କୋଚ୍ ଭାର ସମ୍ଭାଳିଛନ୍ତି ଶିବସୁନ୍ଦର ଦାସ। ରାଜ୍ୟର ଏହି ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ସିନିୟର ଦଳର ପୂର୍ବତନ କୋଚ୍ ଶିବସୁନ୍ଦର ଆସନ୍ତା ୯ତାରିଖରେ ମଣିପୁର ଦଳର ପ୍ରସ୍ତୁତି ଶିବିରରେ ଯୋଗଦେବେ। ମଣିପୁରରେ ବର୍ଷା ଲାଗି ରହିଥିବାରୁ ଆସାମଠାରେ ଦଳର ପ୍ରସ୍ତୁତି ଶିବିର ହେବ। ୨୦୧୮-୧୯ କ୍ରିକେଟ ସିଜିନରେ ମଣିପୁର ପ୍ରଥମଥର ପାଇଁ ମୁକାବିଲାକୁ ଓହ୍ଲାଉଥିବାରୁ ଏହି ଦଳର କୋଚ୍ ଭାର ଗ୍ରହଣ କରିବା ଚ୍ୟାଲେଞ୍ଜିଂ ବୋଲି ଶିବସୁନ୍ଦର କହିଛନ୍ତି। ଅନ୍ୟପକ୍ଷରେ ଦଳର ସାମର୍ଥ୍ୟକୁ ପରଖି ଯାଇ ଖେଳାଳିମାନଙ୍କୁ ଆଗାମୀ ଟୁର୍ନାମେଣ୍ଟ ନିମନ୍ତେ ପ୍ରସ୍ତୁତ କରାଯିବ। ଉଭୟ ମୋ ପାଇଁ ଓ ମଣିପୁର ଦଳ ପାଇଁ ଆଗାମୀ କ୍ରିକେଟ ସିଜିନ ଏକ ନୂତନ ଚ୍ୟାଲେଞ୍ଜ ଭାବେ ସମ୍ମୁଖୀନ ହେବ ବୋଲି ଶିବସୁନ୍ଦର କହିଥିଲେ। ସୂଚନାଥାଉକି, ଗତ ୨୦୧୭-୧୮ ସିଜିନରେ ଶିବସୁନ୍ଦର ଓଡ଼ିଶା ସିନିୟର ଦଳର କୋଚ୍ ରହିଥିଲେ ।

ଫାଓ ଲିଗ୍: ଚାଉଳିଆଗଞ୍ଜ କ୍ଲବ ବିଜୟୀ

କଟକ ଅଫିସ, ୬।୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଗୁରୁବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଗୋଟିଏ ମ୍ୟାଚ୍‌ରେ ଚାଉଳିଆଗଞ୍ଜ କ୍ଲବ ବିଜୟୀ ହୋଇଥିବା ବେଳେ ଅନ୍ୟ ଏକ ମ୍ୟାଚ୍ ଗୋଲ ଶୂନ୍ୟ ରହିଥିଲା। ଚାଉଳିଆଗଞ୍ଜ କ୍ଲବ ୨-୦ଗୋଲରେ ଟାଉନ୍‌କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଚାଉଳିଆଗଞ୍ଜ କ୍ଲବ ପକ୍ଷରୁ ଏହି ୨ଟି ଯାକ ଗୋଲ ହୋଇଥିଲା। ୩ୟ ମିନିଟରେ ରମେଶ ମୁର୍ମୁ, ୨୯ତମ ମିନିଟରେ ମହେଶ ସିଂ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ନହେବା ଯୋଗୁଁ ଚାଉଳିଆଗଞ୍ଜ କ୍ଲବ ମ୍ୟାଚ୍‌କୁ ଜିତିଥିଲା। ଏସ୍‌ବିଆଇ ଓ ଲାଲ୍‌ବାଗ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଛି ।

ବିରାଟ, ରୁଟ୍ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ: ଲାରା

ନ୍ୟୁୟର୍କ, ୬।୯- କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ କ୍ରିକେଟର ବ୍ରାଏନ ଲାରା ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଇଂଲଣ୍ଡର ଜୋ ରୁଟ୍‌ଙ୍କୁ ବର୍ତ୍ତମାନ ସମୟର ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଭାବେ ଚୟନ କରିଛନ୍ତି। ଆଇସିସି ବିଶ୍ୱକପ୍ ଟ୍ରଫି ଟୁର୍ ପ୍ରୋଗ୍ରାମର ଅଂଶବିଶେଷ ସ୍ୱରୂପ ବର୍ତ୍ତମାନ ନ୍ୟୁୟର୍କ ଗସ୍ତରେ ଥିବା ଲାରା ଦୁଇ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓ କାଗିସୋ ରାବାଡାଙ୍କୁ ଶ୍ରେଷ୍ଠ ବୋଲରଭାବେ ଅଭିହିତ କରିଛନ୍ତି। କିନ୍ତୁ ମୁଥିୟା ମୁରଲୀଧରନ ଓ ସେନ ୱର୍ନଙ୍କୁ ସାମ୍ନା କରିବା ସବୁଠାରୁ କଷ୍ଟସାଧ୍ୟ ଥିଲା ବୋଲି ଏହି ମହାନ ବାମହାତୀ ବ୍ୟାଟ୍ସମ୍ୟାନ କହିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ମୁରଲୀଧରନ ମୋତେ ସବୁବେଳେ ଦ୍ୱନ୍ଦ୍ୱରେ ପକାଉଥିଲେ। କିନ୍ତୁ ସମୟ ଗଡ଼ିବା ସହ ମୁରଲୀଙ୍କ ବିପକ୍ଷରେ ଖେଳିବା ମୋତେ ବହୁତ ସହଜ ହୋଇଥିଲା। ସେହିଭଳି ୱର୍ନଙ୍କୁ କ୍ରିକେଟର ସବୁଠାରୁ ଶ୍ରେଷ୍ଠ ଲେଗ୍-ସ୍ପିନର ଭାବେ ସେ ବର୍ଣ୍ଣନା କରିଛନ୍ତି। ଅପରପକ୍ଷରେ ବିଶ୍ୱର ସର୍ବବୃହତ କ୍ରୀଡ଼ା ପ୍ରତିଯୋଗିତା ଅଲିମ୍ପିକ୍ସରେ ଟି୨୦ କ୍ରିକେଟକୁ ସାମିଲ କରିବାକୁ ଲାରା ନିଜର ସମର୍ଥନ ଜଣାଇଛନ୍ତି। 'ଟି୨୦ କ୍ରିକେଟ ମାତ୍ର ୩ ଘଣ୍ଟାର ଖେଳ। ତେବେ କାହିଁକି ଏହାକୁ ଅଲିମ୍ପିକ୍ସରେ ସାମିଲ କରାଯାଉନାହିଁ' ବୋଲି ଲାରା ପ୍ରଶ୍ନ କରିଛନ୍ତି।

ଏମ୍‌ବାପ୍ପେ ୩ଟି ମ୍ୟାଚ୍‌ରୁ ବାସନ୍ଦ

ପ୍ୟାରିସ, ୬।୯- ଫ୍ରାନ୍ସ ଯୁବ ଫୁଟ୍‌ବଲ ତାରକା କେଲିଆନ ଏମ୍‌ବାପ୍ପେ ଲିଗ୍ ୧' ପ୍ରତିଯୋଗିତାର ଆଗାମୀ ୩ଟି ମ୍ୟାଚ୍‌ରୁ ବାସନ୍ଦ ହୋଇଛନ୍ତି। ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି)ର ଷ୍ଟାର ଷ୍ଟ୍ରାଇକର ୧୯ ବର୍ଷୀୟ ଏମ୍‌ବାପ୍ପେ ଗତ ସପ୍ତାହରେ ନିମେସ ବିପକ୍ଷ ଏକ ମ୍ୟାଚ୍‌ରେ ରେଡ୍ କାର୍ଡ ପାଇଥିଲେ। ଏହି କାରଣରୁ ପ୍ରତିଯୋଗିତାର ପରବର୍ତ୍ତୀ ୩ଟି ମ୍ୟାଚ୍‌ରୁ ସେ ବାସନ୍ଦ ହୋଇଛନ୍ତି ବୋଲି ଫ୍ରାନ୍ସ ଲିଗ୍ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଏହି ମ୍ୟାଚ୍‌ରେ ଏମ୍‌ବାପ୍ପେଙ୍କ ଗୋଲ ବଳରେ ତାଙ୍କ ଦଳ ପିଏସ୍‌ଜି ୪-୨ରେ ନିମେସ୍‌କୁ ପରାସ୍ତ କରିଥିଲା। ତେବେ ମ୍ୟାଚ୍ ଅବସରରେ ଏମ୍‌ବାପ୍ପେ ପ୍ରତିପକ୍ଷ ଖେଳାଳି ତେଜି ସଭନିଅରଙ୍କୁ ଫାଉଲ୍ ମାରି ପଡ଼ିଆ ଛାଡ଼ିଥିଲେ। ବାସନ୍ଦାଦେଶ ଫଳରେ ଏମ୍‌ବାପ୍ପେ ସେଣ୍ଟ-ଏଟିଏନ୍ନେ (ସେପ୍ଟେମ୍ବର ୧୪), ରେନ୍ନେସ (ସେପ୍ଟେମ୍ବର ୨୩) ଓ ଏହାର ୩ ଦିନପରେ ରେଇମ୍ସ ଦଳ ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି।

ବିଶ୍ୱରେକର୍ଡ ସହ ସୌରଭଙ୍କୁ ସ୍ୱର୍ଣ୍ଣ

ଚାଙ୍ଗୱନ (ଦକ୍ଷିଣ କୋରିଆ), ୬।୯ (ପି.ଟି.)

ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍

ଏସିଆନ ସ୍ୱର୍ଣ୍ଣ ପଦକ ବିଜେତା ଯୁବ ଭାରତୀୟ ଶୁଟର ସୌରଭ ଚୌଧାରୀ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ନିଜର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଜୁନିୟର ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସୌରଭ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି। ୧୬ ବର୍ଷୀୟ ମିରଟ ଶୁଟର ସୌରଭ ଗତ ମାସରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ମଧ୍ୟ ସ୍ୱର୍ଣ୍ଣ ସଫଳତା ପାଇଥିଲେ।

ଗୁରୁବାର ଅନୁଷ୍ଠିତ ଜୁନିୟର ୧୦ ମିଟର ଏୟାର ପିସ୍ତଲର ଯୋଗ୍ୟତା ପର୍ଯ୍ୟାୟରେ ସୌରଭ ୫୮୧ ସ୍କୋର କରିବା ସହ ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲରେ ସେ ୨୪୫.୫ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିବା ସହ ନିଜ ନାମରେ ଥିବା ପୂର୍ବ ରେକର୍ଡକୁ ଭାଙ୍ଗି ନୂତନ ବିଶ୍ୱରେକର୍ଡ ସ୍ଥାପନ କରିଛନ୍ତି। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଶୁଟର ଅର୍ଜୁନ ସିଂ ଚିମା ୨୧୮ ସ୍କୋର କରି ବ୍ରୋଞ୍ଜ ପଦକ ଜିତିଛନ୍ତି। କୋରିଆର ହୋଜିନ ଲିମ୍ (୨୪୩.୧) ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଏଥିପୂର୍ବରୁ ସୌରଭ ଜୁନରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଜୁନିୟର ବିଶ୍ୱକପ୍‌ର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପ୍ରଥମେ ବିଶ୍ୱରେକର୍ଡ କରିଥିଲେ। ଅପରପକ୍ଷରେ ଟିମ୍ ଇଭେଣ୍ଟରେ ସୌରଭ, ଅର୍ଜୁନ ଓ ଅନମୋଲଙ୍କୁ ନେଇ ଗଠିତ ଭାରତୀୟ ଦଳ ୧୭୩୦ ସ୍କୋର ସହ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଥିଲା। ୨୦୨୦ ଅଲିମ୍ପିକ୍ସ ପାଇଁ ଏହି ଚାମ୍ପିୟନଶିପ୍ ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ହୋଇଥିବାବେଳେ ଦୁଇ ଭାରତୀୟ ଶୁଟର ଅଞ୍ଜୁମ ମୌଦଗିଲ ଓ ଅପୂର୍ବୀ ଚାଣ୍ଡେଲା କେବଳ ଅଲିମ୍ପିକ୍ସକୁ ଟିକେଟ୍ ଅର୍ଜନ କରିବାରେ ସଫଳ ହୋଇଛନ୍ତି।

ପୋଲିସ ହକିରେ ନିଶାନ ଅମ୍ପାୟର

ଭୁବନେଶ୍ୱର, ୬।୯(କ୍ରୀଡ଼ା ପ୍ରତିନିଧି)

ନିଶାନ ଜ୍ୟୋତି ମହାନ୍ତି

ପଞ୍ଜାବର ଜଳନ୍ଧରରେ ୬୭ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍ ଚଳିତ ମାସ ୧୪ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପଞ୍ଜାବ ପୋଲିସ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ପାଇଁ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତି ଅମ୍ପାୟର ନିଯୁକ୍ତ ହୋଇଛନ୍ତି। ନିକଟରେ ରାଞ୍ଚୀରେ ଅନୁଷ୍ଠିତ ଜାତୀୟ ସିନିୟର ମହିଳା ହକି(ଏ ଓ ବି ଡିଭିଜନ), ଏବା ଭୋପାଳରେ ଅନୁଷ୍ଠିତ ଜାତୀୟ ଜୁନିୟର ହକି ଟୁର୍ନାମେଣ୍ଟରେ ନିଜର ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଥିବାରୁ ହକି ଇଣ୍ଡିଆ ନିଶାନଙ୍କ ଉପରେ ଆସ୍ଥା ରଖି ଆଉ ଏକ ଟୁର୍ନାମେଣ୍ଟ ପାଇଁ ଅମ୍ପାୟରଭାବେ ନିଯୁକ୍ତି ଦେଇଛି। ଏହା ପୂର୍ବରୁ ନିଶାନ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅମ୍ପାୟର ଓ ଜଜ୍ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ନିଶାନଙ୍କୁ ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ ଅଭିନନ୍ଦନ ଜଣାଇଛନ୍ତି।

ଓଡ଼ିଶାର ସମ୍ଭାବ୍ୟ ଖେଳାଳି ତାଲିକା

କଟକ ଅଫିସ,୬।୯

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୧୯ ତାରିଖରୁ ବିଜୟ ହଜାରେ ଟ୍ରଫି ଆରମ୍ଭ ହେବ। ପ୍ରତିଯୋଗିତାରେ ଓଡ଼ିଶା ଏଲିଟ୍ ଗ୍ରୁପ-'ବି'ରେ ଥିବାବେଳେ ୨୦ ତାରିଖରୁ ଅଭିଯାନ ଆରମ୍ଭ କରିବ। ଓଡ଼ିଶା ଏହାର ସମସ୍ତ ମ୍ୟାଚ୍ ଦିଲ୍ଲୀରେ ଖେଳିବ। ଏ ନେଇ ରାଜ୍ୟର ୨୦ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଗୁରୁବାର

ଶନିର ଉତ୍ତର ମେରୁରେ ବିସ୍ମୟକର କ୍ଷେତ୍ର

ଲଣ୍ଡନ: ବୈଜ୍ଞାନିକମାନେ ଶନିର ଉତ୍ତରମେରୁରେ ଏକ ଷଡ଼ଭୁଜାକାର କ୍ଷେତ୍ର ଦେଖିବାକୁ ପାଇଛନ୍ତି। ଏହା ଅତ୍ୟନ୍ତ ବିସ୍ମୟଜନକ। ଏହାର ଉଚ୍ଚତା ଶହ ଶହ କିଲୋମିଟର ପର୍ଯ୍ୟନ୍ତ ବ୍ୟାପୀ ରହିଛି। ଏଥିରେ ଥିବା ଫ୍ଲୁଇଡ୍ (ଗ୍ୟାସ କିମ୍ବା ତରଳ ପଦାର୍ଥ) ଘୂର୍ଣ୍ଣନ ଅବସ୍ଥାରେ ଦୃଶ୍ୟମାନ ହେଉଛି। ଗତବର୍ଷ ଶନିର ବାୟୁମଣ୍ଡଳରେ ଧ୍ୱଂସପ୍ରାପ୍ତ ହେବା ପୂର୍ବରୁ କାସିନି ମିଶନ୍ ଏହି ଫଟୋ ପଠାଇଥିଲା। ବଳୟ ଗ୍ରହ ଶନିର ଉତ୍ତରମେରୁରେ ଏଭଳି ଦୃଶ୍ୟ ଦେଖାଯାଉଛି ଯାହା ଅତ୍ୟନ୍ତ ବିରଳ। କାସିନି ଗ୍ରୀଷ୍ମଋତୁରେ ଶନିର ନିକଟବର୍ତ୍ତୀ ହେବାବେଳକୁ ଏଭଳି ଦୃଶ୍ୟର ଫଟୋଚିତ୍ର ଉତ୍ତୋଳନ କରିଥିଲା।



ଏହି ଷଡଭୁଜାକାର କ୍ଷେତ୍ର ମେଘଖଣ୍ଡ ଉପରେ ଶହ ଶହ କିଲୋମିଟର ଉର୍ଦ୍ଧ୍ୱକୁ ଲମ୍ବି ରହିଛି। ଏହା ଷ୍ଟ୍ରଟୋସ୍ଫିୟର ସ୍ତରରେ ରହିଛି ଏବଂ ଏହାର ଦୃଶ୍ୟ ଅତ୍ୟନ୍ତ ବିସ୍ମୟକର ବୋଲି ବ୍ରିଟେନ୍‌ସ୍ଥିତ ଲିସେଷ୍ଟର ୟୁନିଭର୍ସିଟିର ଲେଫ୍ ଫ୍ଲେଚର ପ୍ରକାଶ କରିଛନ୍ତି। ଏହା ସମ୍ପର୍କରେ ତଥ୍ୟ ସଂଗ୍ରହ କରିପାରିଥିଲା। ଶନିର ଏହି ବିରଳ ଦୃଶ୍ୟ ୧୯୮୦ରେ ନାସାର ଭଏଜର ସ୍ପେସ୍‌କ୍ରାଫ୍ଟ ଦ୍ୱାରା ଆବିଷ୍କାର ହୋଇଥିଲା। କିନ୍ତୁ କାସିନି ୨୦୧୬ରେ ଏହାର ସ୍ପଷ୍ଟ ଫଟୋଚିତ୍ର ପଠାଇ ପାରିଥିଲା। ଶନିର ଆବର୍ତ୍ତନ ସହିତ ଏହି ଷଡଭୁଜାକାର ବାୟୁମଣ୍ଡଳ ଘୂର୍ଣ୍ଣାୟମାନ ହେଉଛି। ଏପରି ସ୍ୱାଭାବିକ ଅବସ୍ଥା ପୃଥିବୀରେ ମଧ୍ୟ ଦେଖିବାକୁ ମିଳେ। ଏହାକୁ ପୋଲାର ଜେଟ୍‌ସ୍ଟ୍ରିମ୍ କୁହାଯାଏ।

ଏହାର ପ୍ରାକୃତିକ ଧର୍ମ ବିସ୍ତୃତ ଭାବରେ କାସିନି ଉପଗ୍ରହ ଦ୍ୱାରା ପ୍ରକଟିତ ହୋଇଛି। କମ୍ପୋଜିଟ୍ ଇନ୍‌ଫ୍ରାରେଡ ସ୍ପେକ୍ଟ୍ରୋମିଟର (ସିଆଇଆରଏସ୍) ଯନ୍ତ୍ରାଂଶ ବ୍ୟବହାର କରି ବିଭିନ୍ନ ୱେଭ୍‌ଲେଙ୍ଗ୍‌ଥରେ କାସିନି ଏହା ସମ୍ପର୍କରେ ତଥ୍ୟ ସଂଗ୍ରହ କରିପାରିଥିଲା।

ଐଶ୍ୱର୍ଯ୍ୟାଙ୍କୁ ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ

ୱାଶିଂଟନ୍: ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଅଭିନୟ କ୍ଷେତ୍ରରେ ତାଙ୍କର ସର୍ବୋତ୍ତମ ଦକ୍ଷତା ଲାଗି ଉଦ୍‌ଘାଟନୀ ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ ପ୍ରଦାନ କରାଯିବ। ଓମେନ୍ ଇନ୍ ଫିଲ୍ମ ଆଣ୍ଡ ଟେଲିଭିଜନ୍ (ଡବ୍ଲ୍ୟୁଆଇଏଫ୍‌ଟି) ଇଣ୍ଡିଆ ଆୱାର୍ଡସ ପାଇବାରେ ସେ ହେଉଛନ୍ତି ପ୍ରଥମ ଅଭିନେତ୍ରୀ। ୧୯୯୪ ବିଶ୍ୱସୁନ୍ଦରୀ ମାନ୍ୟତାପ୍ରାପ୍ତ ଐଶ୍ୱର୍ଯ୍ୟା ଶନିବାର ହଲିଉଡ୍‌ର ହୟାଟ୍ ରିଜେନ୍ସିରେ ଏହି ପୁରସ୍କାର ପାଇବେ। ୱିଫ୍ଟ ଇଣ୍ଡିଆ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଫିଲ୍ମ ଶିଳ୍ପରେ ଅଭିନୟ କ୍ଷେତ୍ରରେ ନିଜର ଉଲ୍ଲେଖନୀୟ କଳା ପ୍ରଦର୍ଶନ ପାଇଁ ଐଶ୍ୱର୍ଯ୍ୟାଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ଐଶ୍ୱର୍ଯ୍ୟାଙ୍କ ବ୍ୟତୀତ ଫିଲ୍ମ ନିର୍ମାତା ଜୋୟା ଅଖତର ନିର୍ଦ୍ଦେଶନା ଦକ୍ଷତା ପାଇଁ ୱାଇଲର ଆୱାର୍ଡ ଏବଂ 'ଧଡକ୍'ରେ ଅଭିନୟ ପାଇଁ ଜାହ୍ନବୀ କପୁର ୱିଫ୍ଟ ଇମରଲାଡ ଆୱାର୍ଡ ପାଇବେ। ବଲିଉଡ୍ ଏବଂ ହଲିଉଡ୍‌ରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା କଳାକାରଙ୍କୁ ସମ୍ମାନିତ କରିବା ପାଇଁ ୱିଫ୍ଟ ପ୍ରତିଷ୍ଠା କରାଯାଇଛି।

ଇତିହାସର ଆଇନାରେ — ସେପ୍ଟେମ୍ବର ୭ର ପ୍ରମୁଖ ଘଟଣା

ବ୍ରିଟେନ ଉପରେ ଜର୍ମାନର ବୋମାମାଡ଼ ୧୯୪୦ ସେପ୍ଟେମ୍ବର ୭ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନ ସେନା ବ୍ରିଟେନ୍ ସହ ଲଢିବାର ରଣନୀତିରେ ପରିବର୍ତ୍ତନ କରିଥିଲା। ଲଣ୍ଡନ ସହିତ ବ୍ରିଟେନର ବିଭିନ୍ନ ସହର ଉପରେ ୫୭ ଦିନ ପର୍ଯ୍ୟନ୍ତ ବୋମା ମାଡ଼ ହୋଇଥିଲା। ବିଶେଷ କରି ଏହି ଆକ୍ରମଣରେ ୪୦ ହଜାର ଲୋକ ପ୍ରାଣ ହରାଇଥିଲେ ଏବଂ ଲକ୍ଷାଧିକ ଘର ଧ୍ୱଂସ ହୋଇଯାଇଥିଲା।

୧୯୨୩ ସେପ୍ଟେମ୍ବର ୭ରେ ଅନ୍ତର୍ଜାତୀୟ ଅପରାଧ ପୋଲିସ ସଂସ୍ଥା(ଇଣ୍ଟରପୋଲ)ର ଗଠନ ହୋଇଥିଲା। ଏହା ବିଭିନ୍ନ ଦେଶର ପୋଲିସ ସହିତ ସହଯୋଗ ରକ୍ଷା କରି ଅନ୍ତର୍ଜାତୀୟ ସ୍ତରର ଅପରାଧୀଙ୍କୁ ଧରିଥାଏ। ଏହାର ପ୍ରଥମ ମୁଖ୍ୟାଳୟ ଭିଏନା (ଅଷ୍ଟ୍ରିଆ)ରେ ରହିଥିଲା। ୧୯୨ ଟି ଦେଶ ଏହାର ସଦସ୍ୟ ରହିଛନ୍ତି। ତେବେ ୧୯୮୯ ରେ ଲିୟୋନ (ଫ୍ରାନ୍ସ)କୁ ସ୍ଥାନାନ୍ତରଣ କରିଦିଆଯାଇଥିଲା। ଏହାର ପ୍ରତିଷ୍ଠାତା ସଦସ୍ୟ ରାଷ୍ଟ୍ର ମଧ୍ୟରେ ଅଷ୍ଟ୍ରିଆ, ଜର୍ମାନୀ, ବେଲଜିୟମ, ପୋଲାଣ୍ଡ, ଚାଇନା, ଇଜିପ୍ଟ, ଫ୍ୟାନ୍ସ, ଗ୍ରୀସ୍, ହଙ୍ଗେରି, ନେଦରଲାଣ୍ଡ ଏବଂ ରୋମାନିଆ ଭଳି ପ୍ରମୁଖ ରାଷ୍ଟ୍ର ରହିଛି।

ଏଟିଏମ୍ ଭାଙ୍ଗି ନେଇଗଲେ ୧୨.୬୯ ଲକ୍ଷ

ଢେଙ୍କାନାଳ ଅଫିସ୍, ୬।୯

ଅପରାଧୀପ୍ରବଣ ହେଉଛି ଢେଙ୍କାନାଳ ସହର। ସ୍ୱଚ୍ଛ ଦିବାଲୋକରେ ଘଟୁଛି ଅପରାଧ। ପୋଲିସ ଅଭିଯୋଗକୁ ଅପେକ୍ଷା କରି ରହୁଥିବାବେଳେ ଚମ୍ପଟ ମାରୁଛନ୍ତି ଅଭିଯୁକ୍ତ। ବୁଧବାର ବିଳମ୍ବିତ ରାତିରେ ୩ଟି ଏଟିଏମ୍‌ରେ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିବା ସହିତ ୧୨ଲକ୍ଷ ୬୯ହଜାର ୬୦୦ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣା ସହରରେ ଆଲୋଡ଼ନ ସୃଷ୍ଟି କରିଛି। ଗୁରୁବାର ସକାଳେ ଘଟଣା ଜଣାପଡ଼ିବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

ବୁଧବାର ରାତିରେ କୈବଲ୍ୟ ବଜାରସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଏଟିଏମ୍, କାଲଟାକ୍ସସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ଏବଂ ଷ୍ଟାଡିୟମ ନିକଟ ଆକ୍ସିସ ବ୍ୟାଙ୍କ ଏଟିଏମ୍ ଭିତରେ ପଶି ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଛନ୍ତି। କାଲଟାକ୍ସ ଏଟିଏମ୍‌ରୁ ୧୨ଲକ୍ଷ ୬୯ହଜାର ୬୦୦ଟଙ୍କା ଲୁଟ୍ ହୋଇଥିବା ବ୍ୟାଙ୍କ ଅଧିକାରୀ କହିଛନ୍ତି। ହେଲେ ଟାଉନ ଥାନାଧିକାରୀ ଅଭିନବ ଡାଙ୍ଗୁଆ ଟଙ୍କା ଲୁଟ୍ ହୋଇ ନ ଥିବା କହିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ପୋଲିସ କଥାରେ ତାଳମେଳ ରହୁ ନ ଥିବାରୁ ଘଟଣା ରହସ୍ୟାବୃତ ହୋଇ ରହିଛି।

ସେହିପରି ଷ୍ଟାଡିୟମ ନିକଟରେ ଅଭିଯୁକ୍ତମାନେ ଏଟିଏମ୍ ଲୁଟ୍ କରିବାକୁ ମସୁଧା କରୁଥିବାବେଳେ ଏସ୍‌ପିଙ୍କ ବାସଭବନ ଫାଟକ ନିକଟରେ କାର୍ଯ୍ୟରତ ସୁରକ୍ଷା କର୍ମଚାରୀ ଏହା ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ଜଣଙ୍କୁ ଧରି ଆଣି ପୋଲିସ ଜେରା କରୁଛି। ସେହିପରି ଆଇସିଆଇସିଆଇ ଏଟିଏମ୍ କାଉଣ୍ଟରରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ପାରିପାର୍ଶ୍ୱିକସ୍ଥିତିକୁ ଅନୁଧ୍ୟାନ କରି ପୋଲିସ ତଦନ୍ତ ଚଳାଇଛି।

ଗୁଣିଗାରେଡି ସନ୍ଦେହରେ ଯୁବକଙ୍କୁ ହତ୍ୟା ଘଟଣାରେ ୩ ଗିରଫ

ଭବାନୀପାଟଣା,୬।୯(ଡି.ଏନ.ଏ.): ଗୁଣିଗାରେଡି ସନ୍ଦେହରେ ଜଣେ ଯୁବକଙ୍କୁ ହତ୍ୟା କରାଯିବା ଘଟଣାରେ ପୋଲିସ ୩ ଜଣ ଯୁବକଙ୍କୁ ଗିରଫ୍ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁଟୁ ମାଝି, ଲେବେ ଓରଫ୍ ବେଞ୍ଚୋ ମାଝି ଓ ମକରା ମାଝି । ସେମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଝିଞ୍ଜାକାପିଟା ଗ୍ରାମରେ ଅଗଷ୍ଟ ୩୧ ତାରିଖରେ ଗୁଣି ଗାରେଡି ସନ୍ଦେହରେ ଜଣେ ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ପିଙ୍ଗି ଦେଇଥିବା କିମ୍ବା ପୋତି ଦିଆଯାଇଛି ବୋଲି ମୃତକ ମଦନ ମାଝି ସ୍ତ୍ରୀ ମୁଦେ ମାଝି ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଅନୁଯାୟୀ ସଦର ଥାନା ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ସନ୍ଦେହରେ ଝିଞ୍ଜାକାପିଟା ଗ୍ରାମର ୩ ଜଣ ଯୁବକଙ୍କୁ ଆଣି ଥାନାରେ ଅଟକ ରଖି ପୋଲିସ ଜେରା କରିଥିଲେ। ମଦନଙ୍କୁ ଗୁଣିଗାରେଡି ସନ୍ଦେହରେ ମୁଣ୍ଡ ଓ ମୁହଁରେ ଏକ ଧାରୁଆ ପଥରରେ ଛେଚି ଅଭିଯୁକ୍ତମାନେ ହତ୍ୟାକରି ଟିକଟସ୍ଥ ଜଙ୍ଗଲରେ ମାଟିତଳେ ପୋତି ଦେଇଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା । ଗତ ୫ ତାରିଖରେ ଝିଞ୍ଜାକାପିଟା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ମଦନ ମାଝିଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା।

ଫେରିଲେ ଲୋମଶ ବାଳକ କାହ୍ନା

ବ୍ରହ୍ମପୁର ଅଫିସ୍, ୬।୯

ଲୋମଶ ବାଳକ କାହ୍ନାଙ୍କୁ ଗୁରୁବାର ବ୍ରହ୍ମପୁର ବଡ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଯାଇଛି । ପ୍ରଥମ ପର୍ଯ୍ୟାୟ ପ୍ଲାଷ୍ଟିକ୍ ସର୍ଜରୀ ସଫଳ ହୋଇଥିବା ବେଳେ ପିତାମାତାଙ୍କ ସହମତି ରହିଲେ ୩ ମାସ ପରେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତରମାନେ କହିଛନ୍ତି।

ପ୍ରକାଶ ଯେ, ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ବାଘୁଆ ଗାଁ ରାମଚନ୍ଦ୍ର ନାଇକଙ୍କ ୬ ବର୍ଷର ପୁଅ ହେଉଛନ୍ତି କାହ୍ନା । ତାଙ୍କ ଜନ୍ମ ପରେ ଦେହରେ ଅସ୍ୱାଭାବିକ ଭାବେ ଲୋମ ଏବଂ ମାଂସ ପିଣ୍ଡୁଳା ବଢ଼ିଥିଲା। ପରିବାର ଲୋକେ ବିଭିନ୍ନ ସ୍ଥାନକୁ ଚିକିତ୍ସା ପାଇଁ ନେଇଥିଲେ। ୩ ବର୍ଷରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଇଥିଲା । ବର୍ତ୍ତମାନ କାହ୍ନାଙ୍କୁ ୬ ବର୍ଷ । ପଢିବା ପାଇଁ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିଲେ। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ତାଙ୍କ ବିଷୟ ଖବର ପ୍ରକାଶିତ ହେବା ପରେ ଜଗନ୍ନାଥପ୍ରସାଦ ବ୍ଲକ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମେଡିକାଲ୍ ଅଫିସର ଡାକ୍ତର ଗଜାନନ ସେଠୀ ଏବଂ ଆଲୋକ କୁମାର ସେଠ୍‌ଙ୍କ ଜରିଆରେ ଜୁଲାଇ ୧୮ରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସମସ୍ତ ପରୀକ୍ଷା ନିରୀକ୍ଷା ପରେ ଜୁଲାଇ ୨୬ରେ ପ୍ରଫେସର ଡାକ୍ତର ରାଜୁ ଦାସଙ୍କ ତତ୍ତ୍ୱାବଧାନରେ ସହକାରୀ ପ୍ରଫେସର ଡାକ୍ତର ବିଶ୍ୱଜିତ୍ ମିଶ୍ରଙ୍କ ସମେତ ୧୨ ଜଣିଆ ଡାକ୍ତରୀ ଦଳ ପ୍ଲାଷ୍ଟିକ୍ ସର୍ଜରୀ କରିଥିଲେ। ଜଙ୍ଘରୁ ମାଂସ ନେଇ ମୁହଁରେ ପକାଇଥିଲେ। ଦୀର୍ଘ ୫୦ ଦିନର ଚିକିତ୍ସା ପରେ କାହ୍ନା ଗୁରୁବାର ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ଡାକ୍ତର ଜଣାଇଥିଲେ।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପୁଳରେ ସାମିଲ ହୁଅନ୍ତୁ।

@ ସୌରଭ

@ ଚନ୍ଦନ

@ ଭୋଜ୍‌ରାଜ

@ ଶୁଭଶଙ୍କର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ବର୍ଜ୍ୟ ପ୍ଲାଷ୍ଟିକରୁ ଇନ୍ଧନ

ଲଣ୍ଡନ: ବୈଜ୍ଞାନିକମାନେ ବର୍ଜିତ ପ୍ଲାଷ୍ଟିକ୍‌ରୁ ଉଦ୍‌ଯାନ ଇନ୍ଧନ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି। ଏହା ଦ୍ୱାରା କାର ଚାଲିପାରିବ। ବୈଜ୍ଞାନିକ ପଦ୍ଧତିରେ ନଷ୍ଟ ପ୍ଲାଷ୍ଟିକ୍ ସହିତ ଆଲୋକ ଅବଶୋଷଣକାରୀ ପଦାର୍ଥ ମିଶାଇ ଏହାକୁ ଆଲ୍‌କାଲାଇନ୍ ଦ୍ରବଣରେ ବୁଡାଇଲେ ଏଥିରୁ ଉଦ୍‌ଯାନ ସୃଷ୍ଟି ହୋଇପାରିବ ବୋଲି ବ୍ରିଟେନ୍‌ର ସ୍ୱାନ୍‌ସି ୟୁନିଭର୍ସିଟିର ବୈଜ୍ଞାନିକମାନେ ମତ ଦେଇଛନ୍ତି। ସେମାନଙ୍କ କହିବାନୁଯାୟୀ, ପ୍ଲାଷ୍ଟିକ୍ ରିସାଇକ୍ଲିଂ ଅପେକ୍ଷା ଏହି ପ୍ରକ୍ରିୟା ଅପେକ୍ଷାକୃତ ଶସ୍ତା। ପ୍ରତିବର୍ଷ କୋଟି କୋଟି ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଆକାରରେ ପରିବେଶରେ ପଡିରହୁଛି। ଏଥିରୁ ଅଳ୍ପ କିଛି ରିସାଇକ୍ଲିଂ କରାଯାଉଛି। କିନ୍ତୁ ରିସାଇକ୍ଲିଂ ହୋଇପାରୁ ନ ଥିବା ପ୍ଲାଷ୍ଟିକ୍‌ର ସଦୁପଯୋଗ ପାଇଁ ଆମେ ଉଦ୍ୟମ ଜାରି ରଖିଛୁ ବୋଲି ସ୍ୱାନ୍‌ସି ୟୁନିଭର୍ସିଟି ଗବେଷକ ମୋରିଜ୍ କୁଏନେଲ୍ ପ୍ରକାଶ କରିଛନ୍ତି।

ଅଧିକାଂଶ ପ୍ଲାଷ୍ଟିକ୍ ବୋତଲ ପିଇଟି (ପଲିଥିଲିନ୍ ଟେରିଫ୍‌ଥାଲେଟ୍)ରୁ ତିଆରି ହୋଇଥିବାରୁ ସେଗୁଡିକୁ ରିସାଇକ୍ଲିଂ କରାଯାଇପାରିବ। କିନ୍ତୁ ସେଗୁଡିକୁ ପୋତିଦିଆଯିବା କିମ୍ବା ଫିଙ୍ଗିଦିଆଯିବାରୁ ପରିବେଶ ପ୍ରଦୂଷଣର କାରଣ ହେଉଛି। ବୈଜ୍ଞାନିକଙ୍କ ନୂତନ ପଦ୍ଧତି ଦ୍ୱାରା ସବୁ ପ୍ରକାର ନଷ୍ଟ ପ୍ଲାଷ୍ଟିକ୍‌ରୁ ଉଦ୍‌ଯାନ ଗ୍ୟାସ୍ ସୃଷ୍ଟି କରାଯାଇ ପାରିବ। ଏହାଦ୍ୱାରା କାର୍ ଇଞ୍ଜିନ୍‌କୁ ଶକ୍ତିକ୍ଷମ କରାଯାଇ ପାରିବ। ଏହି ଇନ୍ଧନକୁ ଶିଳ୍ପସଂସ୍ଥାରେ ବ୍ୟବହାର କରିବା ପାଇଁ ଆଉ କିଛିବର୍ଷ ଲାଗିପାରେ ବୋଲି କୁଏନେଲ୍ ପ୍ରକାଶ କରିଛନ୍ତି।

CLASSIFIED DISPLAY

Life Care Emporium — Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

ହୃଦ୍‌ଘାତ
ଯେ କୌଣସି ମୂହୁର୍ତ୍ତରେ, ଯେ କୌଣସି ଠାରେ ଆସିପାରେ । ଏଥିପାଇଁ ସଦାସର୍ବଦା ପ୍ରସ୍ତୁତ ଅଶ୍ୱିନୀ ହସ୍ପିଟାଲ୍ । ଏଠାରେ ଆନ୍‌ଜିଓଗ୍ରାମ୍, ଆନ୍‌ଜିଓପ୍ଲାଷ୍ଟି, ପେସ୍ ମେକର୍, ଇସିଜି, ୨ଡ଼ି ଇକୋ, ଟିଏମ୍‌ଟି, ବାଇପାସ୍ ସର୍ଜରୀ ଏବଂ ଭାଲଭ ରିପ୍ଲେସ୍‌ମେଣ୍ଟ, ସୁଲଭ ମୂଲ୍ୟରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା କରାଯାଏ ।
ASHWINI HOSPITAL
ଯୋଗାଯୋଗ - ୭୮୯୪୫୭୦୪୪୩

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Estd.2000
Ph.0674-2385773, M:9437114882, 9090366575

EARN IN DOLLARS
NO ENTRANCE-NO INTERVIEW-DIRECT JOINING
AIMA is providing 6 months Training at its own campus at Berhampur, Ganjam to Join Merchant Navy, since-2004.
For Spot Admission in 2018 batch please Contact / Visit /Call :-
@ କେ୍ୟାରି
Eligibility:-10th Pass, ITI ,+2,+3,Diploma (Age18-28Yrs)
ALL INDIA MARINE ACADEMY
N.H-5,Golanthara, Berhampur
Ganjam, Odisha-761008
Website : www.aimaedu.in, E-Mail- aimaltd@rediffmail.com
PHONE- 0680-2492300 /2302/ 2303 MOB.9861212145 / 9861264222

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

	SIZE	COLOR	B/W
For 15 insertions	6 × 8	40,000	35,000
8 insertions in a month	6 × 8	20,000	18,000
4 insertions in a month	6 × 8	11,000	10,000
Single day	6 × 8	2,800	2,500

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ଝେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅନଲେଟ୍ ଷ୍ଟାରେ)
ମାଷ୍ଟର ଜ୍ୟୋତିଷ, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
9650446732 9971793786

HURRY UP LIMITED SEATS
FOR YOUR CIVIL SERVICE ASPIRATIONS JOIN
START 15TH SEPTEMBER
Surge Ahead
PANCHASAKHA ACADEMY
FOR
IAS- (PRELIM-CUM-MAINS) | OAS (ONE MONTH CRASH COURSE)
YES, TOGETHER WE CAN
PH : 6370981054, 8457099246
L-280, HB Colony, Bhubaneswar, www.panchasakha.com

APOLLO HOSPITALS HYDERABAD
Apollo HOSPITALS
VASCULAR CLINIC
All vascular and endo-vascular conditions, like upper & lower limb edema management of varicose veins, creation of vascular access to kidney failure patients. lower limb bypass surgeries, lymphedema, abdominal aortic aneurysm, leg artery diseases neuro stroke, thoracic aneurysm,pulmonary embolism, peripheral artery diseases etc.
Apollo Speciality Clinic, 11A, BJB Nagar, BBSR
Date:-08.09.2018, Contact -8480902909
Super Speciality Hospital, Civil Township, Rourkela
Date:-09.09.2018, Contact - 9861016907, 8480902909
Dr. Nihar Ranjan Pradhan MS. DNB (Vascular surgery), FVES(UK) Consultant vascular & endovascular surgeon

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୭/୨୦୧୮ Sambalpur, Friday, September 7/ 2018

■ଫେଲ ମାରିଲା ସେଣ୍ଟ୍ରାଲ କିଚେନ୍ ବ୍ୟବସ୍ଥା

ପୁଣି ସ୍କୁଲରେ ରନ୍ଧାହେବ ମଧ୍ୟାହ୍ନ ଭୋଜନ

କୃଷ୍ଣକୃପା ଟ୍ରଷ୍ଟର ଏମ୍ଡିଏମ୍ ଯୋଗାଣ ବନ୍ଦ ପାଇଁ ଚିଠି

ବଲାଙ୍ଗୀର ଅଫିସ, ୬।୯

ବଲାଙ୍ଗୀର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି ।

ସେଣ୍ଟ୍ରାଲ କିଚେନ୍ ବ୍ୟବସ୍ଥା ମାଧ୍ୟମରେ ସ୍କୁଲମାନଙ୍କୁ ମଧ୍ୟାହ୍ନଭୋଜନ (ଏମ୍ଡିଏମ୍) ଯୋଗାଣ ସମ୍ପୂର୍ଣ୍ଣ ଫେଲ ମାରିବା ପରେ ଏହାକୁ ତୁରନ୍ତ ବନ୍ଦ କରି ପୂର୍ବଭଳି ସ୍କୁଲରେ ଯେଉଁଭଳି ପ୍ରସ୍ତୁତ ହେଉଥିଲା ତାହା କାର୍ଯ୍ୟକାରୀ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲାପାଳ ଅରିନ୍ଦମ୍ ଡାକୁଅଙ୍କ ଏଭଳି ନିର୍ଦ୍ଦେଶନାମା ପାଇବା ପରେ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାଶ ପୁଇଁତଲା ଓ ବଲାଙ୍ଗୀର ସଦର ବ୍ଲକ ଶିକ୍ଷା ଅଧିକାରୀ ଏବଂ ମଧ୍ୟାହ୍ନଭୋଜନ ଯୋଗାଉଥିବା କୃଷ୍ଣକୃପା ଟ୍ରଷ୍ଟକୁ ଏ ସଂକ୍ରାନ୍ତରେ ଚିଠି ମାଧ୍ୟମରେ ଜଣାଇ ଦେଇଥିଲେ । ଫଳରେ ଗୁରୁବାରଠାରୁ ବିଭିନ୍ନ ସ୍କୁଲରେ ପୁଣି ଥରେ ମଧ୍ୟାହ୍ନଭୋଜନ ରନ୍ଧା କାର୍ଯ୍ୟ ଆରମ୍ଭ ହୋଇଛି ।

ସ୍କୁଲ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ମଧ୍ୟାହ୍ନଭୋଜନ ଯୋଗାଇବା ଏବଂ ଶିକ୍ଷକମାନଙ୍କଠାରୁ ଚାପ ହ୍ରାସ କରିବା ଉଦ୍ଦେଶ୍ୟ ନେଇ ସେଣ୍ଟ୍ରାଲ କିଚେନ୍ ଏଜେନ୍ସି ଜରିଆରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ପୁଇଁତଲା ବ୍ଲକ ଓ ବଲାଙ୍ଗୀର ମ୍ୟୁନିସିପାଲିଟିର ୨୧୬ଟି ସ୍କୁଲରେ ମଧ୍ୟାହ୍ନଭୋଜନ ଯୋଗାଇବା ପାଇଁ ବିଲେଇସର୍ଡାସ୍ଥିତ କୃଷ୍ଣକୃପା ଟ୍ରଷ୍ଟ ସହ ଜିଲା ପ୍ରଶାସନର ଚୁକ୍ତି ହୋଇଥିଲା । ବଲାଙ୍ଗୀର ଏମ୍ପି କଲିକେଶ ନାରାୟଣ ସିଂଦେଓ ରବିବାର କୃଷ୍ଣକୃପା ଟ୍ରଷ୍ଟର ସେଣ୍ଟ୍ରାଲ କିଚେନ୍‌କୁ ଉଦ୍‌ଘାଟନ କରିବା ପରେ ସୋମବାରଠାରୁ ଏଠାରୁ ୨୧୬ଟି ସ୍କୁଲକୁ ମଧ୍ୟାହ୍ନଭୋଜନ ଯୋଗାଣ ଆରମ୍ଭ ହୋଇଥିଲା । ତେବେ ପ୍ରଥମ ଦିନରୁ ହିଁ ଏହି ଏମ୍ଡିଏମ୍ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଥିଲା । ପ୍ରଥମ ଦିନରେ ପୁଇଁତଲା ବ୍ଲକ ଓ ବଲାଙ୍ଗୀର ମ୍ୟୁନିସିପାଲିଟିର ୭୦ଟି ସ୍କୁଲକୁ ଅପରାହ୍ନ ୪ଟା ସୁଦ୍ଧା ଏମ୍ଡିଏମ୍ ପହଞ୍ଚି ନ ଥିଲା । ଫଳରେ ଶତାଧିକ ଛାତ୍ରୀଛାତ୍ର ଖାଇବାରୁ ବଞ୍ଚିତ ହୋଇଥିଲେ । ଅଧିକାଂଶ ସ୍କୁଲକୁ ବହୁ ବିଳମ୍ବରେ ଏମ୍ଡିଏମ୍ ପହଞ୍ଚିଥିଲା । ମଙ୍ଗଳବାର ମଧ୍ୟ ଏଭଳି ଅଚଳାବସ୍ଥା ଜାରି ରହିବା ସହ ୩୨ଟି ସ୍କୁଲରେ ଆଦୌ ଏମ୍ଡିଏମ୍ ପହଞ୍ଚି ନ ଥିଲା । ବୁଧବାର ମଧ୍ୟ ଅବ୍ୟବସ୍ଥା ଜାରି ରହିବା ସହ ୭୦ଟି ସ୍କୁଲରେ ଖାଦ୍ୟ ପହଞ୍ଚି ପାରି ନ ଥିଲା । ଗତ ୩ ଦିନ ଧରି ଏମ୍ଡିଏମ୍ ଯୋଗାଣରେ ଏଭଳି ଅଚଳାବସ୍ଥା ଜାରି ରହିବା ଫଳରେ ଶତାଧିକ ଛାତ୍ରୀଛାତ୍ର ଖାଇବାକୁ ନ ପାଇ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହାକୁ ନେଇ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷା ବିଭାଗ ଚାପର ସମ୍ମୁଖୀନ ହୋଇଥିଲେ । ଗତ ୩ ଦିନ ଧରି ଏମ୍ଡିଏମ୍ ଯୋଗାଣରେ ଗୁରୁତର ଅବ୍ୟବସ୍ଥା ପରେ ଜିଲାପାଳ ଡାକୁଆ କୃଷ୍ଣକୃପା ଟ୍ରଷ୍ଟର ସେଣ୍ଟ୍ରାଲ କିଚେନ୍‌ରୁ ଏମ୍ଡିଏମ୍ ଯୋଗାଣକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ସହ ପୂର୍ବବତ୍ ସ୍କୁଲଗୁଡିକରେ ଯେଭଳି ଏମ୍ଡିଏମ୍ ଚାଲୁଥିଲା ତାହା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କଠାରୁ ନିର୍ଦ୍ଦେଶ ପରେ ଅଧିକାଂଶ ସ୍କୁଲରେ ଗୁରୁବାରଠାରୁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହୋଇଥିଲା ଓ ଛାତ୍ରୀଛାତ୍ର ଏହାକୁ ଖାଇଥିଲେ । ଏଣୁ ଏଣିକି ପୂର୍ବରୁ ଯେଭଳି ସ୍କୁଲରେ ମଧ୍ୟାହ୍ନଭୋଜନ ରନ୍ଧା ହେଉଥିଲା ଯେଭଳି ରନ୍ଧା ଯାଇ ଛାତ୍ରୀଛାତ୍ରଙ୍କୁ ଦିଆଯିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । କୃଷ୍ଣକୃପା ଟ୍ରଷ୍ଟର ସେଣ୍ଟ୍ରାଲ ଏଜେନ୍ସି ଏମ୍ଡିଏମ୍‌କୁ ବନ୍ଦ କରିଦିଆଯାଇଥିବା ଡିଇଓ ସୁବୋଧ ଦାଶ ସୂଚନା ଦେଇଛନ୍ତି ।

ଦୁଇଟି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନେଲେ ସୁଶାନ୍ତ

ଭୁବନେଶ୍ୱର, ୬।୯(ବ୍ୟୁରୋ):

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସୁଶାନ୍ତ ସିଂହଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି । ବଲାଙ୍ଗୀର ଜିଲାର ଟିଟିଲାଗଡ ଏବଂ ବରଗଡ ଜିଲା ପଦ୍ମପୁର ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ସୁଶାନ୍ତଙ୍କୁ ଦାୟିତ୍ୱ ଦିଆଯାଇଛି । ଏନେଇ ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି ।

ସିଟି ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା: ୧୫ରୁ ଊର୍ଦ୍ଧ୍ୱ ଆହତ, ୨ ଗୁରୁତର ସ୍ଥାନାନ୍ତର

ବରଗଡ଼ ଅଫିସ୍,୬।୯

ବରଗଡ଼ ସହର ଉପକଣ୍ଠ ୬ନଂ. ଜାତୀୟ ରାଜପଥର ବରାହଗୋଡ଼ା ପଁରାପାଟ୍ ମନ୍ଦିର ନିକଟରେ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ଯାତ୍ରୀବାହୀ ସିଟିବସ୍ ଓ ଏକ ମାଲବୋଝେଇ ଟ୍ରକ ମୁହାଁମୁହିଁ ଧକ୍କା ହେବାରୁ ସିଟିବସ୍‌ରେ ବସିଥିବା ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ଅତାବିରା ବ୍ଲକରେ କାର୍ଯ୍ୟରତ କର୍ମଚାରୀ। ଆହତମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଗୁରୁବାର ସନ୍ଧ୍ୟାରେ ସିଟିବସ୍ (ନଂ.ଓଆର୧୫କେ ୭୪୨୮) ସମ୍ବଲପୁରରୁ ବରଗଡ଼କୁ ଆସୁଥିଲାବେଳେ ବରାହଗୋଡ଼ା ପଁରାପାଟ୍ ମନ୍ଦିର ନିକଟରେ ବିପରୀତ ଦିଗରୁ ଯାଉଥିବା ଏକ ଟ୍ରକ୍ ସହ ଧକ୍କା ହୋଇଥିଲା । ଫଳରେ ସିଟିବସ୍‌ର ସମ୍ମୁଖଭାଗ କ୍ଷତିଗ୍ରସ୍ତ ହେବା ସହିତ ସେଥିରେ ବସିଥିବା ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ଗୁରୁତର ଆହତ ଭାରତୀ ବାଗ ଓ ଆଲଫା ମହାନ୍ତିଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଆହତଙ୍କ ମଧ୍ୟରେ ଅତାବିରା ଏବିଡ଼ିଓ ଲକ୍ଷପତି ବେହେରା, ଆକାଉଣ୍ଟ ଅଫିସର କିରଣ କୁମାର ଦୋରା, ଜୁନିୟର କିରାଣି ଗତିଶ ତାଣ୍ଡି, ସିନିୟର କିରାଣି ରଜନୀ ବରିହା ପ୍ରମୁଖ ରହିଛନ୍ତି । ଦୁର୍ଘଟଣା ଯୋଗୁ ବରଗଡ଼-ସମ୍ବଲପୁର ରାସ୍ତାରେ ଯାତାୟାତ ମଧ୍ୟ କିଛି ସମୟ ଧରି ବାଧାପ୍ରାପ୍ତ ହୋଇଥିଲା । ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକକୁ ଜବତ କରି ତଦନ୍ତ କରୁଛି ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ମନୁଷ୍ୟ ହୁଏତ ଉଚ୍ଚ ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁ କାଳ ପର୍ଯ୍ୟନ୍ତ ନରହିପାରେ।

- ଜର୍ଜ ବର୍ଣ୍ଣାଡ ଶ

ସଂକ୍ଷେପରେ

ବିଧବା ଭତ୍ତା ପାଇବାରୁ ବଞ୍ଚିତ

ଅତାବିରା, ୬।୯ (ଡି.ଏନ.ଏ): ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ଗ୍ରାମର ତପସ୍ୱିନୀ ନାୟକ (୪୨) ବିଧବା ଭତ୍ତା ପାଇଁ ଦୀର୍ଘ ୨ ବର୍ଷ ହେଲା ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଭତ୍ତା ମିଳି ପାରିନି । ଆଜି ମିଳିବ କାଲି ପାଇବ ବୋଲି ତାଙ୍କୁ କେବଳ ଆଶ୍ୱାସନା ଦିଆଯାଉଛି । ତପସ୍ୱିନୀଙ୍କ ସ୍ୱାମୀ ସ୍ୱର୍ଗତ ବିରବଲ ୩ବର୍ଷ ପୂର୍ବରୁ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲିଗଲେଣି । ସ୍ୱାମୀଙ୍କ ମୃତ୍ୟୁ ପରେ ମୂଲ ଲାଗି ପରିବାର ଭରଣ ପୋଷଣ କରୁଥିବା କହିଥିଲେ ତପସ୍ୱିନୀ । ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ଜାମଟିକ୍ରାରେ କୃଷି ସଚେତନତା ଶିବିର

ଜାମଟିକ୍ରା, ୬।୯ (ଡି.ଏନ.ଏ): ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଗ୍ରାମରେ ଗୁରୁବାର କୃଷି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସ୍ଥାନୀୟ ଭିଏଡବ୍ଲୁ କିଶୋର ଦାସ ଯୋଗଦେଇ ବର୍ତ୍ତମାନ ବିଭିନ୍ନ ପନିପରିବା ଓ ଧାନ ଚାଷରେ ଲାଗିଥିବା ରୋଗପୋକକୁ କିପରି ନିୟନ୍ତ୍ରଣ କରାଯିବ, କେଉଁ ପ୍ରକାରର କୀଟନାଶକ ଔଷଧ ସିଞ୍ଚନ କରାଯିବ ସେ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ । ସୁରେନ୍ଦ୍ର କଠାର, ଟିମନ କଠାର, କିଶୋର ନାଗ, ବଲ୍ଲଭ କଠାର, ବାବାଜୀ ଠାଠା, ଗୋବର୍ଦ୍ଧନ କଠାର, ମିଠୁ ନାଗ, ସୁବାଷ କଠାର ପ୍ରମୁଖ ଚାଷୀ ଏଥିରେ ସାମିଲ ହୋଇଥିଲେ ।

ଉଠାଦୋକାନୀ, ବଣିକ ସଂଘର ଆଲୋଚନା

ପଦ୍ମପୁର, ୬।୯ (ଡି.ଏନ.ଏ): ପଦ୍ମପୁର ଏନଏସି ତରଫରୁ ଉଠାଦୋକାନୀ ତଥା ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ନୋଟିସ ଦିଆଯାଇଥିବାରୁ ଏମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାର ପ୍ରତିକାର ପାଇଁ ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ନନ୍ଦକିଶୋର ଅଗ୍ରୱାଲ, ସୁଶୀଲ ଅଗ୍ରୱାଲ, ଅରୁଣ ଦାନୀଙ୍କ ନେତୃତ୍ୱରେ ଉଠା ଦୋକାନୀମାନଙ୍କ ଏକ ପ୍ରତିନିଧି ଦଳ ଉପଜିଲାପାଳ ଦୌଲତ ଚନ୍ଦ୍ରକାରଙ୍କୁ ଭେଟି ଆଲୋଚନା କରିଥିଲେ । ବର୍ତ୍ତମାନ ବର୍ଷା ସମୟ ଥିବାରୁ ଦୋକାନ ଉଠାଇବା ସହ ଅନ୍ୟତ୍ର ବ୍ୟବସାୟ କରିବା ସମ୍ଭବପର ନୁହେଁ । ଏଣୁ ବର୍ଷା ପରେ ଦଶହରା ସମୟରେ ଥଇଥାନ ପୂର୍ବକ ସେମାନଙ୍କୁ ସ୍ଥାନାନ୍ତର କଲେ ସେଥିରେ କୌଣସି ଆପତ୍ତି ରହିବ ନାହିଁ ବୋଲି ସେମାନେ ପ୍ରକାଶ କରିଥିଲେ ।

ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ

ବରଗଡ଼ ଅଫିସ୍,୬।୯: ବରଗଡ଼ ବ୍ଲକ ଓ ପୌରାଞ୍ଚଳ ପ୍ରାଥମିକ ଶିକ୍ଷକ ସଂଘର ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଘର ଉପଦେଷ୍ଟା ଇନ୍ଦ୍ରଜିତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ସୁରେନ୍ଦ୍ର କୁମାର ଭୋଇ ସଭାପତି, ବଳିଷ୍ଠ ପ୍ରଧାନ ଓ ତପସ୍ୱିନୀ ମହାପାତ୍ର ଉପସଭାପତି, ରକ୍ଷପାଳ ସାହୁ ସମ୍ପାଦକ, ଉଦ୍ଧବ ଦେବତା, କଳ୍ପନା ସାହୁ, ମୁକୁନ୍ଦ ମହାନନ୍ଦ ସହସମ୍ପାଦକ, ପ୍ରମୋଦ ମହାପାତ୍ର କୋଷାଧ୍ୟକ୍ଷ ଏବଂ ନବୀନ କୁମାର ସାବତ ସଂଯୋଜକ ନିର୍ବାଚିତ ହୋଇଥିଲେ । ସେହିପରି ବରଗଡ଼ ପରୀକ୍ଷା ପରିଚାଳନା କମିଟି ପୁନର୍ଗଠିତ ହୋଇଥିଲା । ଏଥିରେ ପ୍ରଶାନ୍ତ କୁମାର ମହାପାତ୍ର ସଭାପତି, ବାବୁଲୁ ଶତପଥୀ, କଳ୍ପିତା ବେହେରା ଉପସଭାପତି, ପରଦେଶୀ ବାରିକ ସମ୍ପାଦକ, ସୀତାରାମ ମହାପାତ୍ର, ଲଳିତା ପ୍ରଧାନ, ଅଭୟ ବେହେରା ସହସମ୍ପାଦକ ଏବଂ ଅରବିନ୍ଦ ଗୁପ୍ତା କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ । ଜିଲା ସମ୍ପାଦକ ପ୍ରମୋଦ କୁମାର ହୋତା ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ ।

■ ବିଜେପୁର ବ୍ଲକରେ ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକଙ୍କ ଆନ୍ଦୋଳନ

୩ କଲେଜ, ୯ ହାଇସ୍କୁଲରେ ତାଲା

ବିଜେପୁର, ୬।୯ (ଡି.ଏନ.ଏ)

ବ୍ଲକଗ୍ରାଣ୍ଟ ହାଇସ୍କୁଲ ଓ କଲେଜ ଅଧ୍ୟାପକଙ୍କ ଭୁବନେଶ୍ୱର ଲୋୟର ପିଏମଜିରେ ଚାଲିଥିବା ଧାରଣା ଗୁରୁବାର ୨୧ ଦିନରେ ପହଞ୍ଚିଛି । ଏହାକୁ ସମର୍ଥନ ଜଣାଇ ବରଗଡ ଜିଲା ବିଜେପୁର ବ୍ଲକରେ ଗୁରୁବାରଠାରୁ ୯ଟି ବ୍ଲକଗ୍ରାଣ୍ଟ ହାଇସ୍କୁଲରେ ତାଲା ଝୁଲୁଛି । ଫଳରେ ଶିକ୍ଷାର୍ଥୀମାନଙ୍କ ପାଠପଢ଼ା ବ୍ୟାହତ ହେବା ସହ ସେମାନଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଥିବା ଅଭିଯୋଗ ହେଉଛି । ଏହି ବ୍ଲକର କୁର୍କୁଟା, ବରମୁଣ୍ଡା, ଏମଶ୍ରୀଗିଡା, ବଡବ୍ରାହ୍ମଣୀ, ଯୋଖିପାଲି, ଭଟିଗାଁ, ପୁଞ୍ଜିପଥର, ଗଣ୍ଡିଆପାଲି, ମହବେର୍ଣ୍ଣାରେ ବ୍ଲକଗ୍ରାଣ୍ଟ ହାଇସ୍କୁଲ ରହିଛି। ଉକ୍ତ ହାଇସ୍କୁଲରେ ୧୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଜଣାପଡିଛି। ଆଗାମୀ ୧୭ତାରିଖରେ ଦଶମ ଶ୍ରେଣୀ ପ୍ରିଟେଷ୍ଟ ପରୀକ୍ଷା ହେବାର କାର୍ଯ୍ୟକ୍ରମ ରହିଛି । ଏଭଳି ପରିସ୍ଥିତିରେ ମଧ୍ୟ ବିଭିନ୍ନ ଦାବି ନେଇ ଆନ୍ଦୋଳନରତ ଶିକ୍ଷକ ଅନିର୍ଦ୍ଧିଷ୍ଟ କାଳ ପାଇଁ ସ୍କୁଲ ଫାଟକରେ ତାଲା ପକାଇ ଦେଇଛନ୍ତି । ଏହାଦ୍ୱାରା ଛାତ୍ରୀଛାତ୍ର କିଭଳି ଅଧ୍ୟୟନ ଅବ୍ୟାହତ ରଖି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି ହେବେ ସେ ନେଇ ଅଭିଭାବକମାନେ ସନ୍ଦିହାନ ହୋଇ ପଡିଛନ୍ତି । ସେହିପରି ବିଜେପୁର ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ବିଭାଗ, ପୁଟୁକିଗ୍ରୀଞ୍ଜୋଲ ଦୋରା ମହାବିଦ୍ୟାଳୟ, ତାଳପଦର ପଞ୍ଚାୟତ ମହାବିଦ୍ୟାଳୟରେ ଅଧ୍ୟାପକମାନଙ୍କ ଆନ୍ଦୋଳନ ଯୋଗୁ ପାଠପଢ଼ା ଠପ୍ ହୋଇଯାଇଛି । ଏ ସଂକ୍ରାନ୍ତରେ ବିଇଓ ରାଧାକାନ୍ତ ଗଡତିଆଙ୍କୁ ପଚାରିବାରୁ ବ୍ଲକଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକମାନେ ବିଦ୍ୟାଳୟରେ ତାଲା ପକାଇବା ନେଇ ଆମକୁ ଆଗୁଆ ସୂଚନା ଦେଇ ନ ଥିଲେ। ଗୁରୁବାର ୯ଟି ଯାକ ବ୍ଲକଗ୍ରାଣ୍ଟ ହାଇସ୍କୁଲରେ ତାଲା ଝୁଲିବା ସହ ପ୍ରାୟ ୬୩ଜଣ ଶିକ୍ଷକ ଅନୁପସ୍ଥିତ ରହିଥିବା ଖବର ପାଇଛି । ବ୍ଲକ ଗ୍ରାଣ୍ଟ ଯୁକ୍ତ ଦୁଇ ମହାବିଦ୍ୟାଳୟ ଗୁଡିକ ସମ୍ପୂର୍ଣ୍ଣ ଭାବେ ଆମ ଅଧୀନକୁ ଆସିପାରିନାହିଁ । ହାଇସ୍କୁଲଗୁଡିକ ବନ୍ଦ ରହିବା ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛି । ତେଣୁ ସେ ଯାହା ପଦକ୍ଷେପ ନେବେ ବୋଲି ବିଇଓ ଗଡତିଆ କହିଥିଲେ ।

ଲଖମରା ପ୍ୟାକ୍ସରେ ତାଲା ପକାଇ ଚାଷୀମାନେ ଧାରଣାରେ ବସିଛନ୍ତି

ଫସଲବୀମା ଦାବିରେ ଲଖମରା ପ୍ୟାକ୍ସରେ ତାଲା

ପଦ୍ମପୁର, ୬।୯ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଚର୍ଦାପାଲି ଗ୍ରାମ ପଞ୍ଚାୟତର ଲୁହୁରାକୋଟ, ଚର୍ଦାପାଲି, ଚଙ୍ଗରିଆ, ଲହଣ୍ଡିପୁର, ଗୁଣ୍ଠିଚାତିହିର ଶତାଧିକ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ଲଖମରା ପ୍ରାଥମିକ କୃଷି ସମବାୟ ସମିତିରେ ଚର୍ଦାପାଲି ଗ୍ରାମ ପଞ୍ଚାୟତର ଚାଷୀମାନେ ଗୁରୁବାର ତାଲା ପକାଇ ଦେଇଛନ୍ତି । ଚାଷୀମାନେ ଉକ୍ତ ସମିତିରୁ କୃଷି ଋଣ ସହ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା ପ୍ରିମିୟମ ଦେଇଥିଲେ । ଅନ୍ୟାନ୍ୟ ଗ୍ରାମପଞ୍ଚାୟତ ତୁଳନାରେ ଚର୍ଦାପାଲି ଗ୍ରାମପଞ୍ଚାୟତରେ ଚାଷୀମାନଙ୍କୁ ଫସଲ କ୍ଷତି ବୀମା ରାଶି ଅତିକମ୍ ମିଳିଥିବା ଯୋଗୁ ସେମାନେ ତାଲା ବନ୍ଦ ଆନ୍ଦୋଳନ କରିଛନ୍ତି । ଚାଷୀମାନଙ୍କୁ ରାଜବୋଡାସମର କୃଷକ ସଂଘ, ପଲସଦା ଗ୍ରାମପଞ୍ଚାୟତ କୃଷକ ସଂଘ ସମର୍ଥନ ଜଣାଇ ଆନ୍ଦୋଳନରେ ଯୋଗଦାନ କରିଥିଲେ । ଶୁକ୍ରବାର ଲଖମରା ଷ୍ଟେଟ ବ୍ୟାଙ୍କ ଓ ରାଜସ୍ୱ ନିରୀକ୍ଷକ ଅଫିସ୍ ବନ୍ଦ କରିବା ପାଇଁ ଆନ୍ଦୋଳନକାରୀ ଚାଷୀମାନେ କହିଛନ୍ତି ।

ଶୋଭାଯାତ୍ରାରେ ପୁଷ୍ଟି ସଚେତନତା

ଅଙ୍ଗନୱାଡି କର୍ମୀମାନେ ପୁଷ୍ଟି ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି ।

ବିଜେପୁର, ୬।୯(ଡି.ଏନ.ଏ.)

ବିଜେପୁର ବ୍ଲକ ସଭାକକ୍ଷରେ ଜାତୀୟ ପୁଷ୍ଟି ସପ୍ତାହ ଦିବସ ପାଳିତ ହୋଇଛି । ବିଡିଓ ପଦ୍ମନାଭ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସିଡିପିଓ ଚନ୍ଦ୍ରା ସାହୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ମାତୃଗର୍ଭରୁ ହଜାରେ ଦିନ ପର୍ଯ୍ୟନ୍ତ ଶିଶୁର ଯତ୍ନ ଏକାନ୍ତ ଆବଶ୍ୟକ । ଏ ଦିଗରେ ମାତାପିତା ସଚେତନ ହେଲେ ପୁଷ୍ଟିହୀନତା ସମସ୍ୟା ଦୂର ହୋଇପାରିବ । ପୁଣି ଅଭିଭାବକମାନଙ୍କୁ ସଚେତନ କରାଇବାରେ ଅଙ୍ଗନୱାଡି ଓ ଆଶା କର୍ମୀମାନଙ୍କ ଗୁରୁ ଦାୟିତ୍ୱ ରହିଥିବା ମତପ୍ରକାଶ ପାଇଥିଲା । ରାଜେଶ୍ୱରୀ ସାହୁ, ମୀନା ମିଶ୍ର, ରୀତା ପୂଜାରୀ, ସୁନୀତା ଦାଶ, ରାଜଶ୍ରୀ ପତି, ଗୀତାଞ୍ଜଳି ମେହେର, ଅନସୂୟା ଦେବତା, ଫାଲଗୁନି ସାହୁ ପ୍ରମୁଖ ଅଙ୍ଗନୱାଡି କର୍ମୀ ପୁରସ୍କୃତ ହୋଇଥିଲେ । ସଭା ପ୍ରାରମ୍ଭରୁ ଅଙ୍ଗନୱାଡି କର୍ମୀ ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା ରାଲିରେ ଗ୍ରାମ ପରିକ୍ରମା କରିଥିଲେ । ଏହି ଅବସରରେ ଏକ ଖାଦ୍ୟ ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ସୁପର ଭାଇଜର ବାସନ୍ତୀ ଦାଶ ଧନ୍ୟବଦ ଅର୍ପଣ କରିଥିଲେ ।

ପର୍ଲିମୁଣ୍ଡା ଗାଁରେ ଝାଡାବାନ୍ତି
୧୯ ଆକ୍ରାନ୍ତଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି

ପାଇକମାଳ, ୬।୯ (ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ପଲସଦା ପଞ୍ଚାୟତର ପର୍ଲିମୁଣ୍ଡା ଗ୍ରାମରେ ଝାଡାବାନ୍ତି ବ୍ୟାପିଛି । ଏହି ଗ୍ରାମର ୧୯ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ବୁଧବାର ରାତ୍ରିରେ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ୨ଜଣଙ୍କ ସ୍ୱାସ୍ଥ୍ୟ ଠିକ୍ ଥିବାରୁ ସେମାନେ ଘରକୁ ଫେରି ଆସିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୭ ଜଣ ଚିକିତ୍ସାଧୀନ ଅଛନ୍ତି । ବୁକୁରାମୁଣ୍ଡା ଗୋଷ୍ଠୀ ସାଧନ କେନ୍ଦ୍ରର ଡା. ସୁଦୀପ୍ତ ସାହୁ, ମଞ୍ଜୁଲତା କାଲୋ, ଡା. ଅସିତ କୁମାର, ରବିନ୍ଦ୍ର ମୋହନ ଦାସ, ଏଏନଏମ କ୍ଷୀରେଶ୍ୱରୀ ପ୍ରଧାନ ଓ ଆଶାକର୍ମୀ ଝାଡାବାନ୍ତି ଆକ୍ରାନ୍ତ ଗ୍ରାମରେ କ୍ୟାମ୍ପ ପକାଇ ଲୋକଙ୍କୁ ପରୀକ୍ଷା ସହ ଔଷଧ, ସାଲାଇନ ଆଦି ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି। ନାଳ ନର୍ଦ୍ଦମାରେ ବ୍ଲିଚିଂ ପାଉଡର ପକାଯାଉଛି। ନଳକୂପରେ ମଧ୍ୟ ବ୍ଲିଚିଂ ପକାଇ ପାଣି ବିଶୋଧନ କରାଯାଉଛି । ଡା. ସୁଦୀପ୍ତ ସାହୁଙ୍କ କହିବା ଅନୁସାରେ ଏବେ ପରିସ୍ଥିତି ଆୟତ୍ତ ଥିବା ଜଣାପଡିଛି । ୫ଜଣଙ୍କ ଝାଡା ପରୀକ୍ଷା ପାଇଁ ବଲାଙ୍ଗୀର ପଠାଯାଇଥିବା ସେ କହିଛନ୍ତି ।

୬ଷ୍ଠ ଦିନରେ ବସ୍ ଧର୍ମଘଟ, ତ୍ରିପାକ୍ଷିକ ଆଲୋଚନା ବିଫଳ

ପଦ୍ମପୁର, ୬।୯(ଡି.ଏନ.ଏ.)

ରାଜ୍ୟ ସଡକ ପରିବହନ ପଦ୍ମପୁର ଜୋନ୍‌ର ବିଭିନ୍ନ ସମସ୍ୟା ତଥା କର୍ମଚାରୀ ସ୍ଥାନାନ୍ତର ପ୍ରତିବାଦରେ ଗତ ୧ ତାରିଖରୁ ହୋଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଗୁରୁବାର ୬ଷ୍ଠ ଦିବସରେ ପହଞ୍ଚିଛି । ଏହି ସମସ୍ୟାର ସମାଧାନ ପାଇଁ ପଦ୍ମପୁର ଓଏସଆରଟିସି କାର୍ଯ୍ୟାଳୟରେ ଏକ ତ୍ରିପାକ୍ଷିକ ବୈଠକ ହୋଇଥିଲା । ବୈଠକରେ ପ୍ରଶାସନ ତରଫରୁ ସମ୍ବଲପୁର ଡିଏମ୍ ରାଜେନ୍ଦ୍ର ପୂଜାରୀ, ନାଗରିକ କମିଟି ସଭାପତି ରାମଚନ୍ଦ୍ର ତ୍ରିପାଠୀ, ସମ୍ପାଦକ ଅଜିତ ଶତପଥୀ, ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ଓକିଲ ସଂଘ ସଭାପତି ଯୋଗେନ୍ଦ୍ର ଭୋଇ, ଆଡଭୋକେଟ ରାଧାବଲ୍ଲଭ ପାଣିଗ୍ରାହୀ, କଂଗ୍ରେସର ଗୌତ୍ତିଆ ସାହୁ, ବିଜେଡିର ନବ କିଶୋର ସାହୁ, ଭାଜପାର ସୁନୀଲ ଅଗ୍ରୱାଲ, ସାମାଜିକ କର୍ମୀ ନିରୋଜ ଦୋରା, ପ୍ରତାପ ସିଂ ବରିହା ତଥା ଅନ୍ୟାନ୍ୟ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ପରିବହନ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ ମାଝୀ, ସମ୍ପାଦକ ଥବୀର ପଣ୍ଡା, ଉପଦେଷ୍ଟା ଅରବିନ୍ଦ ପଟ୍ଟନାୟକ, ମୁନ୍ନୁ ପଣ୍ଡା, ପରେଶ ନାଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଲୋଚନାରେ କୌଣସି ସମାଧାନର ବାଟ ବାହାରି ନ ଥିବାବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ସମାଧାନର ରାସ୍ତା ବାହାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଆଲୋଚନାରେ କୌଣସି ସମାଧାନ ନ ହେବାରୁ ଆନ୍ଦୋଳନ ପୂର୍ବପରି ଚାଲୁ ରହିବ ବୋଲି କର୍ମଚାରୀ ସଂଘ ପ୍ରକାଶ କରିଛି।

୩୨ଜଣଙ୍କୁ ବରିଷ୍ଠ ନାଗରିକ ପ୍ରମାଣପତ୍ର ପ୍ରଦାନ

ମନମୁଣ୍ଡା, ୬।୯ (ଡି.ଏନ.ଏ)

ମନମୁଣ୍ଡା ପୋଲିସ ପକ୍ଷରୁ ଗୁରୁବାର ମଧ୍ୟାହ୍ନରେ ବରିଷ୍ଠ ନାଗରିକ ସୁରକ୍ଷା ସେଲ୍‌ର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏସ୍‌ଡିପିଓ ସାଲେଷ୍ଟାଇନ୍ ଟିଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ମୁଖ୍ୟଅତିଥି ଏବଂ ମନମୁଣ୍ଡା ସିଏଚସିର ମେଡିକାଲ ଅଫିସର ଡା. ମହେନ୍ଦ୍ର କୁମାର ସଏ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଆଇଆଇସି ଭାବାନନ୍ଦ ପ୍ରଧାନଙ୍କ ଦ୍ୱାରା ପରିଚାଳିତ ସଭାରେ ଏସଡିପିଓ ଟିଗା ଅତିଥି ପରିଚୟ କରିବା ସହ ସଭାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଡା. ସଏ ବରିଷ୍ଠ ନାଗରିକ ପ୍ରମାଣପତ୍ରପ୍ରାପ୍ତ ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିପରି ଅଗ୍ରାଧିକାର ଓ ମାଗଣା ଚିକିତ୍ସା ଏବଂ ଔଷଧ ଯୋଗାଇ ଦିଆଯାଇପାରିବେ ତାହା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ମିଶ୍ର ବରିଷ୍ଠ ନାଗରିକ ସୁରକ୍ଷା ସେଲର ଗଠନ, ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ହିତାଧିକାରୀମାନେ କେଉଁ କେଉଁ କ୍ଷେତ୍ରରେ କିଭଳି ଲାଭ ପାଇପାରିବେ ସେ ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ। କୌଣସି କ୍ଷେତ୍ରରେ ଅସୁବିଧା ହେଲେ ତୁରନ୍ତ ତାଙ୍କୁ ଦେଖାକରି ଜଣାଇବାକୁ ଏସ୍‌ପି ନିବେଦନ କରିଥିଲେ। ଆଇଆଇସି ପ୍ରଧାନ କୌଣସି ବରିଷ୍ଠ ନାଗରିକ ପତ୍ରଧାରୀ ଯେତେବେଳେ ପୋଲିସ ସହାୟତା ଚାହିଁବେ ତୁରନ୍ତ ତାଙ୍କୁ ସେବା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଗୋପିନାଥ ହୋତା, ସବିତା ହୋତା, ରଘୁନାଥ ହୋତା, ରାଧିକା ହୋତା, ମାଗୁଣି ରଥ, ବିନାୟକ ରଥ, ବଳଦେବ ରଥ, ଶିବ ରଥ ପ୍ରମୁଖଙ୍କ ସମେତ ମୋଟ ୩୨ଜଣଙ୍କୁ ବରିଷ୍ଠ ନାଗରିକ ପ୍ରମାଣପତ୍ର କାର୍ଡ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ସୁରକ୍ଷା ସେଲର ଜିଲାସ୍ତରୀୟ ସଭ୍ୟା ଏସ୍‌ଆଇ ମମତା ହେମ୍ବ୍ରମ ସହଯୋଗ ପ୍ରଦାନ କରିଥିଲେ ।

ଭକ୍ତି ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ

ଭକ୍ତି ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଦିବ୍ୟାଙ୍ଗମାନେ ।

ବୌଦ୍ଧ,୬।୯(ସ୍ୱ.ପ୍ର)

ବୌଦ୍ଧ ସତ୍ୟସାଇ ସେବା ପକ୍ଷରୁ ଦୃଷ୍ଟିହୀନ ବଧିର ବିଦ୍ୟାଳୟ ନାରାୟଣପୁର ଠାରେ ଭକ୍ତି ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନ ସଭାପତି ପରମେଶ୍ୱର ନାଏକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକର ପୂର୍ବତନ ବିଡିଓ ନିହାର ରଞ୍ଜନ କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆମ ସମାଜରେ ଦିବ୍ୟାଙ୍ଗ ମାନଙ୍କ ନିକଟରେ ବହୁ ପ୍ରତିଭା ଥିଲେ ମଧ୍ୟ ବଣମଲି ବଣରେ ଫୁଟି ମଉଳି ଗଲା ଭଳ ଦେଖାଯାଉଛି । ସେମାନଙ୍କୁ ସୁଯୋଗ ମିଳିବା ଦରକାର ବୋଲି ସେ କହିଥିଲେ । ଡ ପ୍ରିୟବ୍ରତ ବେହେରା କାର୍ଯ୍ୟକ୍ରମ ପରିଚାଳନା, ପ୍ରଧାନ ଶିକ୍ଷକ ମନୋଜ ସାହୁ, ସ୍ୱଧାର ଗୃହର ନିର୍ମଳା ଜେନା, ସବିତା ହୋତା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଅତିଥି ମାନଙ୍କ ଦ୍ୱାରା ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସତ୍ୟସାଇ ସେବା ସଙ୍ଗଠନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ପାଠପଢ଼ା ସହ ଗୀତନାଚ, ଖେଳକୁଦ ଜରୁରୀ

ପାଇକମାଳ, ୬।୯ (ଡି.ଏନ.ଏ)

ପାଇକମାଳ ବ୍ଲକ ଲଉଡାମାର ମହାମାୟା ପବ୍ଲିକ ସ୍କୁଲ ପରିସରରେ ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ଛାତ୍ରୀଛାତ୍ରମାନେ ଫ୍ୟାନ୍‌ସି ଡ୍ରେସ ଓ ନାଚ ପ୍ରତିଯୋଗିତାରେ ଭାଗ ନେଇଥିଲେ । ପୁରସ୍କାର ବିତରଣ ସଭା ପ୍ରଧାନ ଶିକ୍ଷକ ମହମ୍ମଦ ଅସରଫ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ

ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର

ସଂକ୍ଷେପରେ

ବିଜୁ ଯୁବ ବାହିନୀଙ୍କୁ ଟୋପି, ଜର୍ସି ବଣ୍ଟନ

ସିନାପାଲି,୬।୯(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ବ୍ଲକ ପରିସରରେ ବ୍ଲକ୍ ବିଜୁ ଯୁବ ବାହିନୀ ତରଫରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଯୁବ ବାହିନୀ ସଦସ୍ୟମାନଙ୍କୁ ଟୋପି ଓ ଜର୍ସି ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ଡବ୍ଲ୍ୟୁଇଓ ସୂର୍ଯ୍ୟକାନ୍ତ ଭୋଏ, ଜିଲା ବିଜୁ ଯୁବ ବାହିନୀ କୋଡିନେଟର ବିନୋଦ ନାଗ, ବ୍ଲକ ବିଜୁ ଯୁବ ବାହିନୀ କୋଡିନେଟର ଅଭିମନ୍ୟୁ ବାଗଙ୍କ ସମେତ ୨୭ଟି ପଞ୍ଚାୟତ ବିଜୁ ଯୁବ ବାହାନି ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବୃକ୍ଷ ରୋପଣ କରିଥିବା ଯୁବ ବାହିନୀଙ୍କୁ ତାଙ୍କ ଆକାଉଣ୍ଟରୁ ପଚିଶ ଶହ ଟଙ୍କା ଉଠାଇ ପାରିବେ ଏବଂ ସରକାରଙ୍କ ମୋ ହିରୋ କାର୍ଯ୍ୟକ୍ରମରେ ମଧ୍ୟ ଏହି ଯୁବ ବାହିନୀ ସାମିଲ ହୋଇ ପାରିବେ ବୋଲି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା ।

ମନମୁଣ୍ଡା ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମାରୋହ

ମନମୁଣ୍ଡା, ୬।୯ (ଡି.ଏନ.ଏ): ମନମୁଣ୍ଡାର ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ବର୍ଷ ଛାତ୍ରୀମାନେ ନୂତନ ଛାତ୍ରୀଛାତ୍ରଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ । ବିଦ୍ୟାଳୟର ଅଧକ୍ଷ ସମ୍ପଦ ଭୁକ୍ତାଙ୍କ ପୌରୋହିତ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ବର୍ଷର ଛାତ୍ର ଶାନ୍ତାନୁ ଜଗଦଲ୍ଲା ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାରେ ଅତିଥି ଭାବେ ଅଧ୍ୟାପକ ମନୋଜ ଗୁରୁ, ବ୍ରଜେନ୍ଦ୍ର ତ୍ରିପାଠୀ, ବିଶ୍ୱାମିତ୍ର ମେହେର, ଦେବବ୍ରତ ଥନାପତି, ଅରୁଣ ବସ୍ତିଆ ଓ ଅଧ୍ୟାପିକା ଗୌରୀମୟୀ ଦାସ ଯୋଗ ଦେଇଥିଲେ ।

ଗାଈ ଋଣ ପ୍ରଦାନରେ ଦୁର୍ନୀତି ଅଭିଯୋଗ

ବଲାଙ୍ଗୀର ଅଫିସ, ୬।୯

ମରାଡୁଗୋଚ୍ଛା ଗ୍ରାମର ଚାଷୀମାନେ ଅଭିଯୋଗପତ୍ର ଦେବାକୁ ବଲାଙ୍ଗୀର ବିଡିସିସି ବ୍ୟାଙ୍କକୁ ଆସିଛନ୍ତି।

- ତଦନ୍ତ ପାଇଁ ବିଡିସିସି ବ୍ୟାଙ୍କ, ଭିଜିଲାନ୍ସକୁ ଋଣୀଚାଷୀଙ୍କ ଦରଖାସ୍ତ
- ମରାଡୁଗୋଚ୍ଛା ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ ଫେରାଦ
- ଋଣୀଙ୍କ ଠାରୁ ୫.୭୬ ଲକ୍ଷ ଆତ୍ମସାତ୍ ଅଭିଯୋଗ

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଚ୍ଛା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଗାଈଋଣ ପ୍ରଦାନରେ ଅନିୟମିତତା ଓ ଅର୍ଥ କାରବାର ହୋଇ ୪୮ ଚାଷୀଙ୍କ ଋଣ ଟଙ୍କା ଆତ୍ମସାତ୍ କରାଯାଇଛି । ଏ ସଂକ୍ରାନ୍ତରେ ମରାଡୁଗୋଚ୍ଛା ଗାଁର ଚାଷୀମାନେ ଗୁରୁବାର ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଭିଜିଲାନ୍ସ ଅଫିସକୁ ଆସି ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଗତ ଫେବୃୟାରୀରେ ମରାଡୁଗୋଚ୍ଛା ପ୍ୟାକ୍ସରୁ ମରାଡୁଗୋଚ୍ଛା, ଗୁହିରାଘାଟ, ବନ୍ଧକେଡା, ରୁଗୁଡିପାଲି, ମାଙ୍କଡଝୁଆଁ, ଲକ୍ଷ୍ମୀମୁଣ୍ଡା ଓ ଖଇରଟିକରା ଗାଁର ୪୮ଜଣ ଚାଷୀଙ୍କୁ ଗାଈଋଣ ମଞ୍ଜୁର କରାଯାଇଥିଲା । ପ୍ରତ୍ୟେକ ଚାଷୀଙ୍କୁ ୧ଲକ୍ଷ ୨୦ହଜାର ଟଙ୍କା ଋଣ ମଞ୍ଜୁର ହୋଇଥିବା କୁହାଯାଇଥିଲା । ଏହି ଋଣର ପ୍ରଥମ କିସ୍ତି ବାବଦକୁ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨୦ହଜାର ଟଙ୍କା ଲେଖାଏ ଜମା ହୋଇଥିଲା । ଏହି ଟଙ୍କାରେ ଚାଷୀମାନେ ଗୁହାଳ ତିଆରି କରିବା କଥା । ମାତ୍ର ପ୍ୟାକ୍ସ ସମ୍ପାଦକ ପ୍ରତ୍ୟେକ ଋଣଚାଷୀଙ୍କୁ ଜମା ହୋଇଥିବା ୨୦ହଜାର ଟଙ୍କାରୁ ବ୍ୟାଙ୍କର କାଗଜପତ୍ର ବାବଦକୁ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୨ହଜାର ଟଙ୍କା ଲେଖାଏଁ ଦେବାକୁ କହିଥିଲେ । ଏହି ଟଙ୍କା ଦେଲେ ଆଗକୁ ଗାଈ କିଣିବାକୁ ଆଉ ୧ଲକ୍ଷ ଟଙ୍କା ଚାଷୀଙ୍କ ଆକାଉଣ୍ଟରେ ୩ ଦିନ ମଧ୍ୟରେ ଜମା କରାଯିବ ବୋଲି କହିଥିଲେ । ପ୍ୟାକ୍ସ ସମ୍ପାଦକଙ୍କ କଥାକୁ ବିଶ୍ୱାସ କରି ଚାଷୀମାନେ ଜଣପିଛା ୧୨ହଜାର ଟଙ୍କା ପ୍ୟାକ୍ସ ସମ୍ପାଦକଙ୍କୁ ଦେଇଥିଲେ । ସେହି ଟଙ୍କା ନେବା ପରେ ଗତ ୬ମାସ ହେଲା ଚାଷୀମାନେ ପ୍ୟାକ୍ସକୁ ଦୌଡୁଥିଲେ ମଧ୍ୟ ଗାଈ କିଣା ବାବଦକୁ ଟଙ୍କା ଡିପୋଜିଟ୍ ହେଉନାହିଁ । ଏନେଇ ପ୍ୟାକ୍ସ ସମ୍ପାଦକଙ୍କୁ ପଚାରିଲେ ବିଭିନ୍ନ ବାହାନା କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ଚାଷୀଙ୍କଠାରୁ ୫ଲକ୍ଷ ୭୬ ହଜାର ଟଙ୍କା ଆତ୍ମସାତ୍ କରାଯାଇଥିବା ଚାଷୀମାନେ ଅଭିଯୋଗ କରି ଗୁରୁବାର ବିଡିସିସି ବ୍ୟାଙ୍କକୁ ଆସି ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ ଅଭିଯୋଗ କରିଛନ୍ତି । ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଚାଷୀମାନେ ଭିଜିଲାନ୍ସ ଅଫିସରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏହି ଘଟଣାର ତଦନ୍ତ ହେଲେ ଏକ ବଡ ଦୁର୍ନୀତି ପଦାକୁ ଆସିବ ବୋଲି ସେମାନେ ଜଣାଇଛନ୍ତି ।

ଟିଟିଲାଗଡ଼ ନାଗରିକ କମିଟିର ବୈଠକ

ଟିଟିଲାଗଡ, ୬।୯ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ ଉପୁଜୁଥିବା ଛୋଟବଡ ସମସ୍ୟାର ସ୍ଥାୟୀ ସମାଧାନ ସକାଶେ ସ୍ଥାନୀୟ ମହାବୀର ଧର୍ମଶାଳାରେ ନାଗରିକ ମଞ୍ଚର ଏକ ଗୁରୁତ୍ୱପୁର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁଗ୍ମ କାର୍ଯ୍ୟକାରିଣୀ ଗଠନ ସମ୍ପର୍କରେ ମତପ୍ରକାଶ ପାଇଥିଲା। ସହର ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ନାଗରିକ କମିଟି ସକ୍ରୀୟତାର କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା। ନାଗରିକ ମଞ୍ଚର ରାଧାକାନ୍ତ ପାଢୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଧାରଣ ସମ୍ପାଦକ ମୋହନଲାଲ ଜୈନ, ସଭ୍ୟ ତ୍ରିନାଥ ସରାଫ, ନାଭ ବେହେରା, ଅଶ୍ୱନୀ ମହାନ୍ତି, ଟିଟିଲାଗଡ ବାର ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଅଞ୍ଜଳି ବେହେରା, ଉପେନ୍ଦ୍ର ବାଗ ପ୍ରମୁଖ ସହରର ସମସ୍ୟା ନେଇ ଆଲୋକପାତ କରିଥିଲେ।

ବନ ବିଭାଗରେ କାର୍ଯ୍ୟରତ ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁ

କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

ସଇଁତଲା,୬।୯(ଡି.ଏନ.ଏ.)

ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ ।

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତଗତ ବେଲଗାଁ ବନ ବିଭାଗର ଶ୍ରମିକ ହରିହର ମାଝୀ(୩୨)ଙ୍କର ବୁଧବାର କାର୍ଯ୍ୟରତ ସମୟରେ ମୃତ୍ୟୁ ଘଟିଥିଲା । ପରିବାରର କେବଳ ହରିହର ହିଁ ଜଣେ ରୋଜଗାରକ୍ଷମ ହୋଇଥିବାରୁ କ୍ଷତିପୂରଣ ତଥା ପରିବାରର ଜଣକୁ ବନ ବିଭାଗରେ ନିଯୁକ୍ତି ଦିଆଯିବା ଦାବିରେ ବେଲଗାଁ ଗ୍ରାମବାସୀ ଜାତୀୟ ରାଜପଥ ୫୯ ଓ ୨୬କୁ ଗୁରୁବାର ମଧ୍ୟାହ୍ନ ୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ । ବଲାଙ୍ଗୀର ଡିଏଫଓ ସମୀର ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ସଇଁତଲା ରେଞ୍ଜର ରାଜକିଶୋର ହରପାଲ ଘଟଣାସ୍ଥଳରେ ପହଞ୍ଚି ପରିବାରର ଜଣକୁ ଏକମାସ ମଧ୍ୟରେ ନିଯୁକ୍ତି ଓ ସରକାରଙ୍କ ତରଫରୁ ଅନୁକମ୍ପା ରାଶି ପ୍ରଦାନ କରାଯିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା । ମାଇଷ୍ଟେଟ ଦାୟିତ୍ୱରେ ଥିବା ତହସିଲଦାର ନରେନ୍ଦ୍ର ପଧାନ ହରିଶ୍ଚନ୍ଦ୍ର ରାମମନ୍ଦିର ପଡ଼ାର ହରିହର ମାଝୀ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ । ବୁଧବାର ଅପରାହ୍ନରେ ସେ ହଠାତ ଅସୁସ୍ଥ ଅନୁଭବ କରିବାରୁ ବନ ବିଭାଗର କର୍ମଚାରୀମାନେ ତାଙ୍କୁ ବେଲଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଟିଟିଲାଗଡ଼ ଡ଼ାକ୍ତରଖାନାକୁ ନେଇଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ହରିହରଙ୍କ ମୃତଦେହ ବେଲଗାଁ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ ଶିର ରଣା, ପୂର୍ବତନ ସରପଞ୍ଚ ଡୋଲାମଣୀ ଥପା, ସୁନୀଲ ଜୈନ, ମଦନ ମାଝୀ, ଶିବ ନାଗ, ତୁଲ ମାଝୀ, ପରମାନନ୍ଦ ଭୋଇଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ବରଗଡ଼ ବୋରିଗୁମ୍ଫା ଓ ଗୋପାଳପୁର–ରାୟପୁର ଜାତୀୟ ରାଜପଥକୁ ଅବରୋଧ କରିଥିଲେ ।

ଘଟଣାରୁ ଜଣାଯାଏ ବେଲଗାଁସ୍ଥିତ ଜଙ୍ଗଲ ବିଭାଗରେ ଶ୍ରମିକ ଭାବରେ ବେଲଗାଁ ଯୋଜନାରେ ଦୁଇହଜାର ଟଙ୍କା ସହାୟତା ରେବତୀକାନ୍ତ ସାହୁ ପ୍ରମୁଖ। ଋଣ କାରବାର ବିଷୟରେ ସୂଚନା ପ୍ରଦାନ କରିଥିଲେ । ବେଲପଡା ବ୍ଲକର ବିଭିନ୍ନ ପଞ୍ଚାୟତମାନଙ୍କରୁ ଆସିଥିବା ୬୦ଟି ସ୍ୱୟଂ ସହାୟକ ଦଳମାନଙ୍କୁ ଦେଢଲକ୍ଷ ଟଙ୍କା ଲେଖାଏ ମୋଟ ୯୦ଲକ୍ଷ ଟଙ୍କା ବଣ୍ଟନ କରାଯାଇଥିଲା ।

ଭଲ ମଣିଷ ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଅମରପାଲି, ୬।୯(ଡି.ଏନ.ଏ)

ଭଲ ମଣିଷ ଗଢିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳନ ଅବସରରେବକ୍ତାମାନେଏହିମତପୋଷଣ କରିଛନ୍ତି। ବୀରମହାରାଜପୁରସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଗୁରୁ ଦିବସ ସଭାରେ ବଳରାମ ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନ ସଭାପତି ଭଗବାନ ମିଶ୍ର, କୋଷାଧକ୍ଷ ଅଶୋକ ଅଗ୍ରୱାଲ, ସମ୍ପାଦକ ବେଣୁଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅମରପାଲି ନୋଡାଲ ୟୁପି ସ୍କୁଲରେ ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ବସନ୍ତ ସାହୁ, ସିଆରସିସି ପ୍ରଦୀପ ଜଗଦଲ୍ଲା, ଯଦୁମଣି ବାଘ, ନାରାୟଣ ବେହେରା, ଶୁଭାଶିଷ ମିଶ୍ର ପ୍ରମୁଖ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ତପକିରଣ ସାହୁ ସଂଯୋଜନା କରିଥିଲେ। ବହଲପଦର ପ୍ରକଳ୍ପ ଉପ୍ରା ସ୍କୁଲରେ ପ୍ରଧାନଶିକ୍ଷକ ପ୍ରମୋଦ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାଣବନ୍ଧୁ ସାହୁ, ସୁରେନ୍ଦ୍ର ଭୋଇ, ରଜତ ପଧାନ ଓ ଶିବ ଗୌନ୍ତିଆ ପ୍ରମୁଖ ସର୍ବପଲ୍ଲୀଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଖଣ୍ଡହତାସ୍ଥିତ ଇନ୍ଦିରାଗାନ୍ଧୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ଅଶୋକ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଅନନ୍ତ ଚରଣ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ସନ୍ତୋଷ ରଥ ଓ ନାରାୟଣ ରଥ ଗୁରୁ ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ଆଇଆଇଏମ୍ ସମ୍ବଲପୁରକୁ ୪୦୧.୯୪ କୋଟି ମଞ୍ଜୁର

ଭୁବନେଶ୍ୱର, ୬।୯(ବ୍ୟୁରୋ)

ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ସମ୍ବଲପୁରକୁ କେନ୍ଦ୍ର କ୍ୟାବିନେଟ୍ ୪୦୧.୯୪ କୋଟି ଟଙ୍କା ମଞ୍ଜୁର କରିଛି। ଏହି ଅର୍ଥରେ ଆଇଆଇଏମ୍ ସମ୍ବଲପୁର ୬୦୩।୮୪ ବର୍ଗମିଟର ଅଞ୍ଚଳରେ ନିଜସ୍ୱ ସ୍ଥାୟୀ କ୍ୟାମ୍ପସ ନିର୍ମାଣ କରିବ। ଉକ୍ତ କ୍ୟାମ୍ପସ୍ ନିର୍ମାଣ କାର୍ଯ୍ୟ ୨୦୨୧ ଜୁନ୍ ବେଳକୁ ସମ୍ପୂର୍ଣ୍ଣ ହେବ ବୋଲି କ୍ୟାବିନେଟ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକ ବସିଥିଲା। ଏଥିରେ ଦେଶରେ ଥିବା ୭ ଆଇଆଇଏମ୍ର ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ସହିତ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହି ଆଇଆଇଏମ୍ଗୁଡିକରେ କେନ୍ଦ୍ର ସରକାର ମୋଟ୍ ୩୭୭୫.୪୨ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି କ୍ୟାବିନେଟ୍ର ମୋହର ବାଜିଛି। ଆଇଆଇଏମ୍ ଅମୃତ୍ସରକୁ ୩୪୮.୩୧ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଆଇଆଇଏମ୍ ବୋଧଗୟାକୁ ୪୧୧.୭୨ କୋଟି, ଆଇଆଇଏମ୍ ନାଗପୁରକୁ ୩୭୯.୬୮ କୋଟି, ଆଇଆଇଏମ୍ ସମ୍ବଲପୁରକୁ ୪୦୧.୯୪ କୋଟି, ଆଇଆଇଏମ୍ ଶିରମଉରକୁ ୩୯୨.୫୧ କୋଟି, ଆଇଆଇଏମ୍ ବିଶାଖାପାଟଣାକୁ ୪୪୫ କୋଟି ଏବଂ ଆଇଆଇଏମ୍ ଜାମ୍ମୁକୁ ୪୨୪.୯୩ କୋଟିର ଅନୁଦାନ ମିଳିଛି। କ୍ୟାବିନେଟ୍ ମୋଟ ୩୭୭୫.୪୨ କୋଟି ମଞ୍ଜୁର କରିଥିବାବେଳେ ସେଥିରୁ ୨୮୦୪.୦୯ କୋଟି ଟଙ୍କା କ୍ୟାମ୍ପସ୍ ନିର୍ମାଣରେ ଖର୍ଚ୍ଚ କରାଯିବ। ୬୦୦ ଛାତ୍ରୀଛାତ୍ରଙ୍କ ପାଠପଢା ଲାଗି ଭିତ୍ତିଭୂମିଗତ ସୁବିଧା ଥିବା ପ୍ରତ୍ୟେକ ଆଇଆଇଏମ୍ ୬୦୩।୮୪ ବର୍ଗମିଟର ଅଞ୍ଚଳରେ ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ କରିବେ। ଏହି ଆଇଆଇଏମ୍ଗୁଡିକୁ ଛାତ୍ରୀଛାତ୍ର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଲେଖାଏ ୫ ବର୍ଷ ପାଇଁ ପ୍ରଦାନ କରିବା ଲାଗି ମଞ୍ଜୁର ହୋଇଛି। ଏହାପରେ ସଂସ୍ଥାଗୁଡିକ ପରିଚାଳନା ଏବଂ ଆନୁଷଙ୍ଗିକ ଖର୍ଚ୍ଚ ନିଜସ୍ୱ ପାଣ୍ଠିରୁ ବହନ କରିବେ। ଏହି ଆଇଆଇଏମ୍ଗୁଡିକର ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ୨୦୨୧ ଜୁନ ସୁଦ୍ଧା ଶେଷ ହେଲେ ଦେଶରେ ସ୍ଥାୟୀ କ୍ୟାମ୍ପସ୍ ଥିବା ଆଇଆଇଏମ୍ ସଂଖ୍ୟା ୨୦ରେ ପହଞ୍ଚିବ।

୬୦ଏସ୍ଏଚ୍ଜିକୁ ୯୦ଲକ୍ଷ ଟଙ୍କାର ଋଣ ବଣ୍ଟନ

ବେଲପଡା, ୬।୯(ଡି.ଏନ.ଏ.)

ଋଣ ବଣ୍ଟନ ମେଳାରେ ଯୋଗଦେଇଥିବା ଏସ୍ଏଚ୍ଜି ମହିଳାମାନେ।

ବଲାଙ୍ଗୀର ଜିଲା ବେଲପଡା ଏସବିଆଇ ପକ୍ଷରୁ ସ୍ୱୟଂ ସହାୟକ ଦଳମାନଙ୍କୁ ନେଇ ଋଣ ବଣ୍ଟନ ମେଳା ବେଲପଡା ମାରଖୋଡି ଧର୍ମଶାଳାଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବେଲପଡା ଏସବିଆଇ ମ୍ୟାନେଜର ତୁଳସୀ ଦାସ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାବାର୍ଡର ମହାପ୍ରବନ୍ଧକ ଡକ୍ଟର କେ.ସି.ପାଣିଗ୍ରାହୀ ଯୋଗଦେଇ ଏସଏଚଜି ଦଳମାନଙ୍କୁ ଋଣ ଦେବାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ସ୍ୱାବଲମ୍ବୀ ହେବାପାଇଁ କହିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ତପନ କୁମାର ସାହୁ ଜିଲା ବିକାଶ ଅଧିକରୀ (ନାବାର୍ଡ) ମଲୟ କୁମାର ମହାପାତ୍ର, ଲିଡ ମ୍ୟାନେଜର ବିଜୟ କୁମାର ସାହୁ, ଜିଲା ସଂଯୋଜକ ଅଜିତ କୁମାର ସାହୁ ପ୍ରମୁଖ ଋଣ କାରବାର ବିଷୟରେ ସୂଚନା ପ୍ରଦାନ କରିଥିଲେ । ବେଲପଡା ବ୍ଲକର ବିଭିନ୍ନ ପଞ୍ଚାୟତମାନଙ୍କରୁ ଆସିଥିବା ୬୦ଟି ସ୍ୱୟଂ ସହାୟକ ଦଳମାନଙ୍କୁ ଦେଢଲକ୍ଷ ଟଙ୍କା ଲେଖାଏ ମୋଟ ୯୦ଲକ୍ଷ ଟଙ୍କା ବଣ୍ଟନ କରାଯାଇଥିଲା ।

ଫାଟୁଆ ରୋଗ୍ କବ୍ଜାରେ ପଶୁସଂପଦ୍

ସିଂଘିଯୁବା,୬।୯(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଅଏଁଲାଛାଟ ହେଉଛେ ବିନିକା ବ୍ଲକ୍ର ସୀମାନା। ଗାଁର ୨ଟା ୱାର୍ଡରେ ପାଖାପାଖି ୬ରୁ ଜହ ଲୋକ୍ ବାସ୍ କରୁଛନ୍। ଇ ଗାଁଟା ଯେହେତୁ ଅଣ ଜଲ୍ସେଚିତ ଅଂଚଲ୍ ସେଥିଲାଗି ଗାଁର ଲୋକ୍ ଚାଷ୍ବାସ ଲାଗି ବର୍ଷା ପାଏନ୍ ଉପ୍ରରେ ନିର୍ଭର କର୍ଥନ୍। ଇତାର ବାହାରେ ଗାଁର ଲୋକ୍ ଗୋପାଲନ୍ ବି କରୁଛନ୍। ହିସାବ୍ରୁ ଜନାଯାଇଛେ ଯେ ଗାଁରେ ୧୪୦ ଟା ବଲଦ୍ ଆର୍ ୨ଶହ ଗାଏ ଅଛନ୍। ହେଲେ ଏହେଦେ ଇ ଗାଁରେ ଗାଏ ବଲଦ୍, ଛେଲ୍ମେଡ଼ିକୁ ହେଉଥିବାର ଫାଟୁଆ ରୋଗ୍ ମହାମାରୀ ରୁପ୍ ନେଲାନ। ବଡ଼ଭାରି ଇ ରୋଗ୍ଟା ବର୍ଷା ଦିନେ ହେଉଥିଲାବେଳେ ଡେଗା ରୋଗ୍ ବି ଆଏ। ଯେଥିଥିଲାଗି ରୋଗ୍ଟା ଇ ପଡାରୁ ସେ ପଡ଼ାକେ ଡେଗି ଅଏଁଲାଛାଟ୍ ଗାଁ ସାରା ବହପି ଗଲାନ। ପଶୁ ସଂପଦ୍ର ସୁରକ୍ଷା ଲାଗି ଇ ରୋଗ୍ର ପର୍ତିଷେଧକ୍ ଟୀକା ୪ ମାସ୍ ଆଗ୍ରୁ ଦିଆଯାଏସି, ହେଲେ ଅଏଁଲାଛାଟ ଗାଁରେ ଟୀକାକରନ୍ ନାଇଁ ହେଇ। ଯେନ୍ଥିଥିଲାଗି ଏହେଦେ ରୋଗ୍ଟା ଗାଁ ଯାକର ଗାଏ ବଲଦ୍, ଛେଲ୍ମେଡ଼ିକୁ ଚରିଗଲାନ। ଇ ରୋଗ୍ରେ ଗାଁର ୬ଟା ବଲଦ୍, ୩ଟା ଗାଏର ଜୀବନ୍ ବି ଗଲାନ। ବହୁତ୍ଟେ ଗାଏଦାମୁର, ଛେଲ୍ମେଡ଼ିର ଖୁରା ଘା ହେଇ ବେଦ୍ବେଦେଇ ଯାଉଛେ, ଯେନ୍ଥିଥିଲାଗି ସେମାନେ ଠିକ୍ସେ ଚଲାବୁଲା କି ଚରି ନାଇଁପାର୍ବାର। ଏହେଦେ ଇ ପଶୁ ସଂପଦ୍ର ସୁରକ୍ଷା ଗଁବାସୀକର ଲାଗି ଗୁଟେ ଚିଁତାର କାରନ୍ ହେଇଛେ। ଯେତେ ଜଲ୍ଦି ହେବା ବିଭାଗୀୟ କତୁର୍ପକ୍ଷ ଦୁରୁଖ୍ଟି ଦେଇ ପର୍ତିକାର ବେବସ୍ଥା କର୍ବାକେ ଗାଁର ଜଗତପତି ଦେହୁରୀ, ପବିତ୍ର ମୋହନ କର୍ମୀ, ଜୟସିଂ ବଘାର, ଲବ ମହାକୁର, ସତ୍ୟ ସାହୁ, ଲକ୍ଷପତି ଦେହେରୀ, ଭଗବାନ ସେଠୀ, ରବି ଶର୍ମା,

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୭ ସେପ୍ଟେମ୍ବର, ୨୦୧୮

ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

ସଂକ୍ଷେପରେ

ସ୍ୱଚ୍ଛ ଭାରତ ଅଭିଯାନ

ପଦ୍ମପୁର, ୬।୯ (ଡି.ଏନ.ଏ): ପଦ୍ମପୁର ବ୍ଲକ ଖଲିଆପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଞ୍ଜେନମୁଣ୍ଡା ଗ୍ରାମରେ ସ୍ୱଚ୍ଛ ଭାରତ ମିଶନ ଓ ଓଡିଶା ଜୀବିକା ନିର୍ବାହ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା । ଏଥିରେ ୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ । ସେମାନେ ବିଭିନ୍ନ ସ୍ଲୋଗାନ ସହ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲେ । ଘର ଘର ବୁଲି ସ୍ୱଚ୍ଛତାର ବାର୍ତ୍ତା ଦେବା ସହ ମଦ ନିବାରଣ କରିବା ପାଇଁ ଶପଥ ପାଠ କରାଇଥିଲେ । ଓଡିଶା ଜୀବିକା ମିଶନ ସଭାନେତ୍ରୀ ସୁବାଷିନୀ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଖଲିଆପାଲି ସରପଞ୍ଚ ଗିରିଧାରୀ ସେଠ ମୁଖ୍ୟଅତିଥି, ଏମ୍‌ଇ ସ୍କୁଲ ପ୍ରଧାନ ଶିକ୍ଷକ ନେତ୍ରାନନ୍ଦ ସାହୁ, କଳାଶିକ୍ଷକ ନବୀନ ଚନ୍ଦ୍ର ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛ ଭାରତ ମିଶନ ସମ୍ପର୍କରେ ଆଲୋଚନା କରିଥିଲେ । ସ୍କୁଲ ଚେୟାରମ୍ୟାନ ଗୋବର୍ଦ୍ଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଓଡିଶା ଜୀବିକା ମିଶନ ସମ୍ପାଦିକା ସନ୍ତୋଷିନୀ ଭୁଏ, ସିଆରସିଏମ ସମ୍ପାଦିକା ପିଙ୍କି ମେହେର, ପ୍ରହ୍ଲାଦ ଭୁଏ, ଟେବାଧର ଭୁଏ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଘୁଙ୍ଗିଯୋର ପୋଲ ଉପରେ ୪ଫୁଟ ପାଣି

ବୀରମହାରାଜପୁର– ଅମରପାଲି–ଚାରମାଳ ଯୋଗାଯୋଗ ବିଚ୍ଛିନ୍ନ

ଅମରପାଲି, ୬।୯ (ଡି.ଏନ.ଏ.)

ଘୁଙ୍ଗିଯୋର ପୋଲ ଉପରେ ପାଣି ଯାଉଥିବାରୁ ବୀରମହାରାଜପୁର–ଅମରପାଲି– ଚାରମାଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି।

ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣପୁର ବୀରମହାରାଜପୁର ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ବୁଧବାର ରାତିଠାରୁ ହୋଇଥିବା ପ୍ରବଳ ବର୍ଷାରେ ବିଭିନ୍ନ ନାଳ ଓ ଯୋର ଫୁଲି ଉଠିଛି। ଏହିକ୍ରମରେ ଲୁଟୁରପଙ୍କ ଓ ଭୁତିଆପାଲି ମଝିରେ ଥିବା ଘୁଙ୍ଗିଯୋର ପୋଲ ଉପରେ ପାଣି ପ୍ରବାହିତ ହେଉଛି। ଅପରାହ୍ନ ୨ଟାରୁ ବର୍ଷା ବଢିବା ଯୋଗୁଁ ଧିରେଧିରେ ପୋଲ ଉପରେ ମଧ୍ୟ ଜଳସ୍ତର ବଢିବାରେ ଲାଗିଥିଲା। ସନ୍ଧ୍ୟା ୫ଟା ବେଳକୁ ପୋଲ ଉପରେ ପ୍ରାୟ ୪ଫୁଟ ଉଚ୍ଚରେ ପାଣି ଯାଉଥିଲା। ଫଳରେ ପୋଲର ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକି ଯାଇଥିଲା। ତେଣୁ ବୀରମହାରାଜପୁର–ଅମରପାଲି ରାସ୍ତା ଖବରଲେଖା ହେବା ପର୍ଯ୍ୟନ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଉକ୍ତ ରାସ୍ତା ଦେଇ ବୀରମହାରାଜପୁରରୁ ରେଙ୍ଗାଲି ବଡମାଳ ଦେଇ ଚାରମାଳ ଅଞ୍ଚଳକୁ ଲୋକେ ଯିବା ସମ୍ବଲପୁର ଓ ରେଢ଼ାଖୋଲର ଆସିବା କରିଥାନ୍ତି। ଯୋଗାଯୋଗ ବିଚ୍ଛିନ୍ନ ହେବା ଫଳରେ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି।

ନୂଆପଡ଼ା ପ୍ରିମିୟର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ

ପ୍ରଥମ ଦିନରେ ମହାମାୟା, ବୋଡେନ ବିଜୟୀ

ନୂଆପଡା ଅଫିସ,୬।୯

ଗୁରୁବାର ଅପରାହ୍ନରେ ସ୍ଥାନୀୟ ମିନିଷ୍ଟାଡିୟମରେ ଦ୍ୱିତୀୟ ନୂଆପଡା ପ୍ରିମିୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ମ୍ୟାଚ ମହାମାୟା ଏବଂ କୋମନା ମଧ୍ୟରେ ହୋଇଥିବାବେଳେ ମହାମାୟା ୱାକ ଅଭର ନେଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ବୋଡେନ ଦଳ ଖଡିଆଳ ଦଳକୁ ଟାଇବ୍ରେକରରେ ଜିତିଛି । ସନ୍ଧ୍ୟାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ କ୍ରିକେଟ ଆସୋସିଏଶନ ସଭାପତି ସରୋଜ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରକାଶ କୁମାର ସାହୁ, ଆଇନଜୀବୀ ଅଶୋକ କୁମାର ଦେୱାଙ୍ଗନ, ଅମିତାଭ ବୋଷ, ରାଜେନ୍ଦ୍ର ପ୍ରସାଦ ବଢେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଟୁର୍ନାମେଣ୍ଟ ଆରମ୍ଭରେ ସ୍ୱର୍ଗତ କ୍ରିଡାବିତ ସୁରେନ୍ଦ୍ର ପ୍ରଧାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ପୂଜା କରାଯାଇଥିଲା । ଏଥିରେ ସମସ୍ତ ଖେଳାଳି ଯୋଗଦେଇଥିଲେ ।

ଧାରଣାରେ ଶିକ୍ଷକ ସଂଘ ସାମିଲ

ପଦ୍ମପୁର, ୬।୯ (ଡି.ଏନ.ଏ)

ରାଜ୍ୟ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ରାଜବୋଡାସମ୍ବର ବ୍ଲକର ଏନପି ଜେଟି, ଏସଏସଏଟି, ଏକ୍ସ କ୍ୟାଡର ଶତାଧିକ ଶିକ୍ଷକ ଭୁବନେଶ୍ୱରରେ ଚାଲିଥିବା ଧାରଣାରେ ସାମିଲ ହୋଇଛନ୍ତି । ଫଳରେ ସ୍କୁଲମାନଙ୍କରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । କିଛି ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ଶିକ୍ଷାଦାନ କରୁଥିବା ଜଣାପଡିଛି ।

■ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ପ୍ରତିବାଦ

ଭାଜପା କୃଷକ ମୋର୍ଚ୍ଚା ଦେଲା ଧାରଣା

ବୌଦ୍ଧ,୬।୯(ସ୍ୱ.ପ୍ର)

ବୌଦ୍ଧ ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମେତ ୧୦ ଦଫା ଦାବିରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ଗୁରୁବାର ଗଣଧାରଣା ଦିଆଯାଇଥିଲା । କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଓ ଏସ୍‌ସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧାଂଶୁ ଡାଙ୍ଗଙ୍କ ନେତୃତ୍ୱରେ ଏହି ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏହି ଗଣଧାରଣା କାର୍ଯ୍ୟକ୍ରମରେ ଜିଲା ସଭାପତି ସୌମିତ୍ରୀ କୁମାର ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସମୀର ପାତ୍ର, ବରିଷ୍ଠ ବିଜେପି ନେତା ସରୋଜ ପ୍ରଧାନ, ରାଜ୍ୟ ସମ୍ପାଦକ ସୂର୍ଯ୍ୟନାରାୟଣ ମହାପାତ୍ର, ଯୁଗଳ ସାହୁ, ବିଶିକେଶନ ପ୍ରଧାନ, ସୁବାସ ପ୍ରଧାନ, ଆରତ ଧଳ, ପ୍ରଦ୍ୟୁମ୍ନ ଧଳ, ନବୀନ ହୋତା, ସରୋଜ ପ୍ରଧାନ , ରବିନ୍ଦ୍ର ପ୍ରଧାନ, ମନରଂଜନ ଦାସ, ନମିତାରାଣୀ ଦାସ ଏବଂ ମାଗୁଣୀ ଗାଇଗୌରିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜ୍ଞାନ କିଶୋର ମହାନ୍ତିଙ୍କୁ ପଚାରିବାରୁ ଚକ୍ଷୁ ଡାକ୍ତର ଯୋଗ ଦେଇଛନ୍ତି । ଡାଇଲେସିସ୍ ପାଇଁ ସମସ୍ତ ପ୍ରକିୟା ଶେଷ ହୋଇଛି। ନିଶ୍ଚେତକ ଡାକ୍ତର ପାଇଁ ଉଚ୍ଚ ପଦାଧିକାରୀଙ୍କୁ ଜଣାଇଥିବା ପ୍ରକାଶ କରିଥିଲେ ।

ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଭାଜପା କୃଷକ ମୋର୍ଚ୍ଚାର ସଦସ୍ୟମାନେ ଧାରଣା ଦେଇଛନ୍ତି ।

ସହଯୋଗର ହାତ ବଢ଼ାଇଲେ କିଛି ସହୃଦୟ ଲୋକ

ପାଇକମାଲ, ୬।୯(ଡି.ଏନ.ଏ.)

ପାଇକଗାଳ ବ୍ଲକ

ଅଂଚଲ୍‌ର ସହୃଦୟ ଲୋକ୍‌ମାନେ ନୀଳମଣିକଁର ମାଏକିନା ସରସ୍ୱତୀକୁ ସାହାଯ୍ ଟଁକା ଧରଉଛନ୍ତ୍।

- ନୀଳମଣି ଭୋଇ କେ ପାଠପଢାରେ ଟଁକା ବାଧକ୍
- ବାପ୍ କିଡ଼ନୀ ରୋଗ୍‌ରେ ପୀଡ଼ିତ୍ ଅଛନ୍
- ମା' ପର୍‌ହର୍ କାମ୍‌ବୁଟା କରି ଘର୍ ଚଲଉଛନ୍
- ସରକାରୀ ସାହାଯ୍ କହେଲେ ମିଲୁଥିବାର ୨୦ କେ.ଜି. ଚାଉଲ୍

ବୌଦ୍ଧ ଜିଲାର ପାଇକମାଲ ବ୍ଲକ୍ ଲଖମରା ପଁଚେତ କୁଲାଣ୍ଡି ଗାଁର ନୀଳମଣି ଭୋଇ ବିନ୍ଧ୍ୟବାସିନୀ ମହାବିଦ୍ୟାଳୟନେ ପାଠ୍ ପଢୁଥିଲେ। ହେଲେ ଟଁକା ପଏସାର ବଡ଼ଭାରି ଅଭାବ୍ ଲାଗି ସେ ପାଠ୍‌ପଢ଼ା ଛାଡିଦେବାର ବାବ୍‌ଦେ ଅଧ୍ୟକ୍ଷଙ୍କୁ ଜନେଇଥିଲେ। ତାକର କଥା ଶୁନି କଲେଜର କେତେ କରମ୍‌ଚାରୀ ତାହାକୁ ସହଯୋଗ୍‌ର ହାତ୍ ବଢ଼େଇଥିଲେ। ଯେନ୍‌ଥିର୍‌ଲାଗି ତାକର ପାଠ୍‌ପଢ଼ା ବଂଦ୍ ହେଉନ୍ ହେଉନ୍ ରହିଗଲା। ଏହେଦେ ସେ ମନ୍‌ବଳ ମଜ୍‌ବୁତ୍ କରି ପଢ଼ାପଢ଼ିରେ ଲାଗ୍‌ବାର ସଂଗେ ଭବିଷତ୍‌ରେ ଗୁଟେ ଭଲ୍ ଚାକ୍‌ରି କର୍‌ମି ବଲି କହିଛନ୍। ସୂଚନ୍‌ନା ହିସାବେ, ନୀଳମଣି ଭୋଇ ଚଲ୍‌ତିବଛର୍ ଯୁକ୍ତ ୩ କଲେଜରେ ପାଠ୍ ପଢୁଥିଲେ। ତାଁକର ବାପା ବଳରାମ ଭୋଇ(୪୨) କିଡ୍‌ନୀ ରୋଗ୍‌ରେ ପୀଡିତ୍ ଅଛନ୍। ଯେନ୍‌ଥିର୍‌ଲାଗି ମୋର ବାପା ପଢ଼ିବାକେ ପଏସା ଦେଇ ନାଇଁ ପାରନ୍ ବଲି କଲେଜ ଅଧ୍ୟକ୍ଷ ଲୋହତ କୁମାର ବାରିକଙ୍କୁ ଜନେଇଥିଲେ। ଚଲ୍‌ତି ବଛର୍ ନାଁ ଲେଖା ବାବଦ୍‌କେ ଦେଇଥିବାର ୬ ହଜାର ଟଁକା ସଂଗେ ଟିସି ନେବାକେ ଅନୁରୋଧ୍ କରିଥିଲେ। ଇ ନାଁ ଲେଖା ୬ ହଜାର ଟଁକା ନେଲେ ବାପାକଁର ଲାଗି ଉଷୋ ଘିନ୍‌ମି ବଲି ସେ କଁଦ୍‌କଁଦ୍‌ନିଆଁ ହେଇ କହିଥିଲେ। ଇ ବାବ୍‌ଦେ ଅଧ୍ୟକ୍ଷ ବାରିକ କଲେଜର କରମ୍‌ଚାରୀ ଆର୍ ପାଇକମାଲ ଲାଇବ୍ରି କ୍ଲବର ସଭ୍ୟମାନ୍‌ଙ୍କୁ ଘଟ୍‌ନା ବାବ୍‌ଦେ ଜନେଇଥିଲେ। ସଭେ ନୀଳମଣିକଁର ପାଠ୍‌ପଢ଼ା ଖରଚ୍ ବହନ୍ କର୍‌ବାର ସଂଗେ ତାଁକର ବାପାର ଲାଗି ଉଷୋକସା ଘିନ୍‌ବାରେ ସାହାଯ୍ କର୍‌ବାକେ କହିଥିଲେ। କଲେଜର କରମ୍‌ଚାରୀମାନେ ୭,୬୦୦ ଟଁକା, ଅବସର ନେଇଥିବାର ଶିକ୍ଷକ୍ ଜନାର୍ଦ୍ଦନ ପଣ୍ଡା ୫ ହଜାର ଟଁକା ଆର୍ ସମାଜସେବୀ ଗୋବର୍ଦ୍ଧନ ଅଗ୍ରୱା ୨ ହଜାର ଟଁକା କରି ମୋଟ୍ ୧୪ ହଜାର ୬୦୦ ଟଁକା ନୀଳମଣିର ଘର୍‌କେ ଯାଇ ଦେଇଥିଲେ। ବଳରାମ ଭୋଇ ଝନେ ନିହାତି ଗରିବ୍ ଲୋକ୍, ତାକର ଜମିବାଡି ବଲି କହିଛି ନାଇଁ। ସେ କୁଲି ମଜୁରୀ କରି ପରିବାର ଚଲଉଥିଲେ। ତାକଁର ମାଏକିନା ସରସ୍ୱତୀ ଭୋଇ ବି ଉନିଆ ଲୁକ୍‌କର କାମ୍‌ବୁଟା କର୍‌ବାର ସଂଗେ ଘରର୍ କାମ୍ କରୁଛନ୍। ଝି ଅମ୍ବିକା ଭୋଇ ବି ଅଷ୍ଟମ ଶ୍ରେଣୀରେ ପଢୁଛନ୍। ଇ ପରିବାରକେ ସରକାରୀ ସାହାଯ୍ ବଏଲେ ମାସିକ୍ ମିଲୁଥିବାର ୨୦ କେ.ଜି. ଚାଉଲ୍। ଯେନ୍‌ଥିର୍‌ଲାଗି ଇ ଗରିବ୍ ପରିବାରକେ ସାହାଯ୍ କର୍‌ବାର ଲାଗି ଅଂଚଲ୍‌ର ସହୃଦୟ ଲୋକ୍‌ମାନେ ଏକ୍‌ଯୁଟ୍ ହେଇ ସହଯୋଗ୍‌ର ହାତ ବଢ଼େଇଛନ୍।

■ ପ୍ରବଳ ବର୍ଷାରେ ଭୁଶୁଡ଼ିଲା ଘର

ବର୍ତ୍ତିଲେ ଗୋଟିଏ ପରିବାରର ୪ସଦସ୍ୟ

ସେରଗେଡା ଗ୍ରାମର ଲକ୍ଷ୍ମିନ୍ଦ୍ର ଲୁହାଙ୍କ ଘର ଭାଙ୍ଗିଯାଇଛି ।

ଅମରପାଲି/ବୀରମହାରାଜପୁର ୬।୯ (ଡି.ଏନ.ଏ.)

ତିନିଦିନ ଧରି ଲଗାଣ ବର୍ଷାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବର୍ଷାଯୋଗୁ ବିଭିନ୍ନ ଗ୍ରାମର ଅନେକ ଘର ଭାଙ୍ଗିଯାଇଛି। ବୁଧବାର ବିଳମ୍ବିତ ରାତିରେ ସଂଗ୍ରାମପୁର ଗ୍ରାମଞ୍ଚାୟତର ସେରଗେଡା ଗ୍ରାମର ଲକ୍ଷ୍ମିନ୍ଦ୍ର ଲୁହାଙ୍କ ଗୋଟିଏ ଘରର କାନ୍ଥ ଭୁଶୁଡି ପଡିଥିଲା। ସେତେବେଳେ ସେହି କୋଠରିରେ ତାଙ୍କ ସ୍ତ୍ରୀ ଓ ତିନି ପିଲା ଶୋଇଥିବା ବେଳେ ଏକ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଛନ୍ତି। ସେମାନେ ହେଲେ ଲକ୍ଷ୍ମିନ୍ଦ୍ରଙ୍କ ସ୍ତ୍ରୀ ଦୁର୍ଲୁଭି(୪୫), ଝିଅ ସନ୍ତୋଷିନୀ(୧୮), ପୁଅ ସତ୍ୟ(୧୦) ଓ ଯଶୋବନ୍ତ (୧୩)। ପରିବାରର ସମସ୍ତେ ସେହି ଘରେ ଥିବାବେଳେ ଲକ୍ଷ୍ମିନ୍ଦ୍ର ଅନ୍ୟ ଏକ କୋଠରିରେ ଥଲେ। ସେମାନଙ୍କୁ ସେଠାରୁ ଉଦ୍ଧାର କରି ବୀରମହାରାଜପୁର ଡାକ୍ତରଖାନାକୁ ଅଣାଯାଇ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି । ଲକ୍ଷ୍ମିନ୍ଦ୍ର ଅତ୍ୟନ୍ତ ଦରିଦ୍ର ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଓ ପକ୍କା ଘର ଯୋଗାଇ ଦେବାକୁ ଦାବି ହେଉଛି ।

ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଆନ୍ଦୋଳନ

ଜହ୍ନାପଙ୍କ, ୬।୯(ଡି.ଏନ.ଏ.)

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଏକ ଜରୁରୀ ବୈଠକ ସଂଘ ସଭାପତି ଅରୁଣ କୁମାର ପାତ୍ରୀଙ୍କ ଅଧ୍ୟକ୍ଷତାରେ ବୌଦ୍ଧ ସ୍ୱାସ୍ଥ୍ୟ ବିଭାଗ ତାଲିମ କେନ୍ଦ୍ରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦୀର୍ଘ ୧୨ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟରତ କର୍ମଚାରୀଙ୍କ ୬ ଦଫା ଦାବି ନେଇ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ରାଜ୍ୟ ସଂଘ ଡାକରାରେ ସେପ୍ଟେମ୍ବର ୧୦ତାରିଖରେ ଭୁବନେଶ୍ୱର ଲୋୟର ପିଏମଜି ଛକଠାରେ ହେବାକୁ ଥିବା ଧାରଣାରେ ସମସ୍ତ କର୍ମଚାରୀମାନେ ଯୋଗ ଦେବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ନିଆଯାଇଥିଲା । ବୈଠକରେ ଜିଲା ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଯୋଗ ଦେଇଥିଲା ।

ବୈଠକରେ ସମସ୍ତ କର୍ମଚାରୀ ଆଲୋଚନରତ ।

କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଜିଲାପାଳଙ୍କ ଦ୍ୱାରସ୍ଥ

ଅମରପାଲି, ୬।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିସ୍ଥିତ ବହଲପଦର କେନ୍ଦୁପତ୍ର ରେଞ୍ଜ ଅଫିସରୁ ଛାତ୍ରୀଛାତ୍ରଙ୍କୁ କେନ୍ଦୁପତ୍ର ଶିକ୍ଷାବୃତ୍ତି ସହାୟତା ଓ ତୋଳାଳି ଏବଂ ବାନ୍ଧାଳିଙ୍କ ଝିଅ ବାହାଘର ସହାୟତା ମିଳି ପାରୁନାହିଁ। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଉକ୍ତ ରେଞ୍ଜଟି ରେଢ଼ାଖୋଲ କେନ୍ଦୁପତ୍ର ଡିଭିଜନର ଅନ୍ତର୍ଭୁକ୍ତ। ଉକ୍ତ ରେଞ୍ଜରେ ପ୍ରାୟ ହଜାର ସଂଖ୍ୟକ ତୋଳାଳି କେନ୍ଦୁପତ୍ର ବିକ୍ରି କରିବା ସହିତ ଅନେକ ବାନ୍ଧାଳି କାର୍ଯ୍ୟ କରିଥାନ୍ତି। ସରକାରୀ ନିୟମ ଅନୁଯାୟୀ ଉକ୍ତ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କୁ ଦିଆଯାଇଥାଏ ସରକାରୀ ସହାୟତା। ଏହିକ୍ରମରେ ସେମାନଙ୍କ ପିଲାଙ୍କୁ ଛାତ୍ରବୃତ୍ତି ଦିଆଯାଉଥିବା ବେଳେ ଝିଅ ବିବାହ ସହାୟତା ଦିଆଯାଉଛି। ଗତବର୍ଷ ଉକ୍ତ ରେଞ୍ଜରେ ଅନେକ ଛାତ୍ରୀଛାତ୍ର ଓ ତୋଳାଳି

ଗୌଡଗାଡ କେନ୍ଦୁପତ୍ର ଫଡିରେ ଶ୍ରମିକମାନେ ତାଲା ପକାଇ ଦେଇଛନ୍ତି।

ବହଲପଦର କେନ୍ଦୁପତ୍ର ରେଞ୍ଜ

- ମିଳୁନି ଶିକ୍ଷାବୃତ୍ତି ସହାୟତା
- ଗୌଡଗାଡ ଫଡିରେ ତାଲା ପକାଇଲେ ଶ୍ରମିକ
- ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ

ଏହି ଯୋଜନାରେ ସାମିଲ ହେବା ପାଇଁ ଫର୍ମ ଦାଖଲ କରିଥିଲେ । କେତେକଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ମାତ୍ର ଆହୁରି ଶତାଧିକ ଛାତ୍ରୀଛାତ୍ରଙ୍କୁ ଏହି ସହାୟତା ଏ ଯାଏ ପାଇ ପାରି ନାହାନ୍ତି। ଏନେଇ ସେମାନେ ବାରମ୍ବାର ଅଫିସକୁ ଆସି ବିଭାଗୀୟ ରେଞ୍ଜରଙ୍କୁ ମଧ୍ୟ ଜଣାଇଛନ୍ତି। ଏପରିକି ଉକ୍ତ ବିଭାଗର ଡିଏଫଓଙ୍କୁ ମଧ୍ୟ ଅଭିଯୋଗ କରାଯାଇଛି। ମାତ୍ର ସେମାନେ ଏ ଯାଏ ଏହି ସହାୟତା ପାଇପାରିନାହାନ୍ତି। ତେଣୁ ସେମାନେ ବାଧହୋଇ ଜିଲାପାଳଙ୍କୁ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗମତେ ଉକ୍ତ ରେଞ୍ଜ ଅଧିନ ଗୌଡଗାଡ ଗ୍ରାମର ତୋଳାଳିମାନେ ବିଭାଗକୁ କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଟ୍ରଷ୍ଟକୁ ୧୦ଟଙ୍କା ଦେଇ ପଞ୍ଜିକରଣ ହୋଇଛନ୍ତି । ହେଲେ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି ଶ୍ରମିକଙ୍କ ପିଲାଙ୍କୁ ଛାତ୍ରବୃତ୍ତି ଓ ପରିବାରର ଝିଅମାନଙ୍କ ବିବାହ ସହାୟତା ରାଶି ମିଳୁନାହିଁ। ଯାହାକୁ କହିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏପରିକି ସେମାନଙ୍କୁ ଆଉ ସେହି ସହାୟତା ରାଶି ମିଳିବାର ସମ୍ଭାବନା ମଧ୍ୟନାହିଁ। ଜିଲାପାଳ, କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ବହଲପଦର ଓ ବୀରମହାରାଜପୁର ଥାନା ଅଧିକାରୀଙ୍କଠାରେ ଅଭିଯୋଗ କରାଯାଇଥିବା ଗ୍ରାମର ଯାଦବ କଲତା, ରବି ଘିବିଲା, ବିଜେ ପଧାନ, ଶ୍ରୀନିବାସ ସାହଚ, ଦାଶରଥି ପଧାନ, ଭରତ ଦେହେରୀ, ଅଖୁଜ ସେଠୀ, ମଧୁ ସୁଦନ ସାହୁ ପ୍ରମୁଖ କେନ୍ଦୁପତ୍ର ଶ୍ରମିକ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦ କରି ଗୁରୁବାର ଗୌଡଗାଡ କେନ୍ଦୁପତ୍ର ଫଡିରେ ଶ୍ରମିକମାନେ ତାଲା ପକାଇ ଦେଇଛନ୍ତି। ବାଦି ପୂରଣ ନ ହେବା ଯାଏ ତାଲା ଖୋଲାଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ବହଲପଦର ରେଞ୍ଜ ଅଧିକାରୀ ମୋତିଲାଲ ବାଘଙ୍କୁ ପଚାରିବାରୁ କହଛନ୍ତି ଯେ, ସହାୟତା ରାଶି ପ୍ରଦାନ ପାଇଁ ବିଭାଗକୁ ଅନୁରୋଧ କରାଯାଇଛି।

ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ୍ୟ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ

ସଂକ୍ଷେପରେ

ଜଗନ୍ନାଥପଡ଼ା ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ

ବଲାଙ୍ଗୀର ଅଫିସ୍, ୬।୯: ବଲାଙ୍ଗୀର ଜଗନ୍ନାଥପଡା ଦୁର୍ଗାପୂଜା ପ୍ରସ୍ତୁତି କମିଟି ବୈଠକ ଜଗନ୍ନାଥ କ୍ଲବଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପଡାର ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ । ଏହି ଅବସରରେ ଆଗାମୀ ଦୁର୍ଗା ପୂଜା ପରିଚାଳାନା ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା । ଏଥିରେ ଚର୍ତୁଭୁଜ ରାଉତ୍ ସଭାପତି, କମଳକାନ୍ତ ସାଏ ଉପସଭାପତି, ଯଦୁମଣି ସାଏ ସମ୍ପାଦକ, କୁନ୍ଦନ ସାଏ ସଦସମ୍ପାଦକ, ଜାଲା ବଢ଼ିଆ କୋଷାଧକ୍ଷ ଓ ପୂର୍ଣ୍ଣଚନ୍ଦ୍ର ରାଉତ୍‌ଙ୍କୁ ସହକୋଷାଧକ୍ଷ ମନୋନୀତ କରାଯାଇଥିଲା । ଏହା ସହିତ ପ୍ରଚାର ପ୍ରସାର ପାଇଁ ବରିଷ୍ଠ ସଦସ୍ୟ ପୁରୁଷୋତ୍ତମ ଦେବ୍‌ତା ଓ ମେଢ଼ ସାଜସଜ୍ଜା ପାଇଁ ରବୀନ୍ଦ୍ର ନାରାୟଣ ନାଏକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଉପଦେଷ୍ଟା ମଣ୍ଡଳୀରେ କୃଷ୍ଣଚନ୍ଦ୍ର ନାଏକ, ମନରଞ୍ଜନ ରାଉତ୍, ସଜିକାନ୍ତ ନାଏକ, ନିର୍ମଳ ଚନ୍ଦ୍ର ସାଏ, ହରେକୃଷ୍ଣ ପଟେଲ, ସଞ୍ଜୟ ସାଏ, ମନରଞ୍ଜନ ସାଏଙ୍କୁ ମନୋନୀତ କରାଯାଇଛି । ସମସ୍ତଙ୍କ ସହଯୋଗରେ ଆଗାମୀ ଦୁର୍ଗାପୂଜାକୁ ଆକର୍ଷଣୀୟ ଓ ମହାଆଡମ୍ବରରେ ପାଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତୁତି

ଲୋଇସିଂହା, ୬।୯(ଡି.ଏନ.ଏ): ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଛକଠାରେ ଭାରତରତ୍ନ ବାବା ସାହେବ ବି.ଆର. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରବାର ଅନୁଷ୍ଠିତ ହୋଇଯାଇଛି । ତ୍ରିଲୋଚନ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକର ଆମ୍ବେଡକର ପ୍ରେମୀ ଯୋଗଦାନ କରିଥିଲେ । ଆସନ୍ତା ଡିସେମ୍ବର ୬ତାରିଖ ବାବା ସାହେବଙ୍କ ମହାପ୍ରୟାଣ ଦିବସରେ ଲୋଇସିଂହା ବୁର୍ଡା ଛକଠାରେ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା । ପର୍ଯ୍ୟାୟକ୍ରମେ ପଶ୍ଚିମ ଓଡିଶାର ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ଆମ୍ବେଦକରଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବୈଠକରେ ଅଧ୍ୟକ୍ଷ ସୂଚନା ଦେଇଥିଲେ । ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ସଙ୍ଗେସଙ୍ଗେ ତାଙ୍କ ଚିନ୍ତାଧାରା ପ୍ରଚାର କଲେ ଦଳିତ ସମାଜ ସଚେତନ ହୋଇପାରିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ବୈଠକରେ ଯୋଗଦେଇଥିବା ବ୍ରଜ ବିହାରି ନାଗ ଦଳିତ ନିଷ୍ପେସିତଙ୍କ ପାଇଁ କାର୍ଯ୍ୟ କରିବାକୁ ଦୃଢୋକ୍ତି ପ୍ରକାଶ କରିଥିଲେ । ପ୍ରତିମୂର୍ତ୍ତି ସ୍ଥାପନ ଉପଲକ୍ଷେ ଏକ କମିଟି ଗଠନ କରାଯାଇଥିଲା । ତ୍ରିଲୋଚନ ନନ୍ଦ, ତରଣିସେନ ଦାପ, ବ୍ରଜ ବିହାରୀ ନାଗ, ପିତାମ୍ବର ବାରିକ, ଶିବାକାନ୍ତ ଦାପ, ଯୁବଲାଲ ନନ୍ଦ, ଶଙ୍କର ନନ୍ଦ ଏହି କମିଟିରେ ରହିଛନ୍ତି । ଶେଷରେ ସନ୍ତୋଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

■ ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ତେଜିଲା

ପରିକ୍ରମା କଲା ହାଇକୋର୍ଟ ଜ୍ୟୋତି ଯାତ୍ରା

ବଲାଙ୍ଗୀର ଅଫିସ, ୬।୯

ବଲାଙ୍ଗୀର ପାଟଣେଶ୍ୱରୀ ମନ୍ଦିରରୁ ଜ୍ୟୋତି ଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରୁଛି ।

ତତ୍କାଳୀନ ପାଟଣା ଷ୍ଟେଟ୍‌ରେ ଥିବା ହାଇକୋର୍ଟର ପ୍ରତିଷ୍ଠା ଦିବସ ଅବସରରେ ଏବଂ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିରେ ଗୁରୁବାର ହାଇକୋର୍ଟ ଜ୍ୟୋତି ଯାତ୍ରା ସହର ପରିକ୍ରମା କରିଛି । ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ଅନୁଷ୍ଠିତ ଏହି ଜ୍ୟୋତି ଯାତ୍ରା କାର୍ଯ୍ୟକ୍ରମରେ ସହରର ବହୁ ସଙ୍ଗଠନ, ବୁଦ୍ଧିଜୀବୀ, ଓକିଲ ଓ ଜନସାଧାରଣ ସାମିଲ ହୋଇଛନ୍ତି । ସ୍ଥାନୀୟ ପାଟଣେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଜ୍ୟୋତି ଯାତ୍ରା ଆରମ୍ଭ ହୋଇଥିଲା । ସାମାଜିକ କର୍ମୀ ଲଳିତ କୁମାର ନାୟକ ଜ୍ୟୋତି ଗ୍ରହଣ କରିବା ପରେ ସହର ପରିକ୍ରମା ଆରମ୍ଭ ହୋଇଥିଲା । ନାଗରିକ କମିଟି ସଭାପତି ଭବାନୀଶଙ୍କର ଶତପଥି ଓ ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆଙ୍କ ନେତୃତ୍ୱରେ ସାମାଜିକ କର୍ମୀ ବିକ୍ରମାନନ୍ଦ ବହିଦାର, ଜିଲା ଓକିଲ ସଂଘ ସମ୍ପାଦକ ଅମନ୍ ନାଗ, ଆଡଭୋକେଟ୍ ଜୟରାମ ମିଶ୍ର, ପ୍ରମୋଦ ତ୍ରିପାଠୀ, ସରୋଜ ଗୁପ୍ତା, ଅସିତ ମିଶ୍ର, ଅଶୋକ ରାଉତ୍, ସତ୍ୟ ନାଏକ, ସୁବାସ ନନ୍ଦ, ପଙ୍କଜିନୀ ପଣ୍ଡା, ନିରୁପମା ଉଦ୍‌ଗାତା, ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା, ଶଙ୍କର ହୋତା, ରାଜେନ୍ଦ୍ର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଭିମନ୍ୟୁ ମିଶ୍ର, ସତ୍ୟବନ୍ତ ବେଦବାକ୍, ଆକ୍ସନ କମିଟିର ଗୋପାଳଜୀ ପାଣିଗ୍ରାହୀ, ଗିରିଶ ସିଂଦେଓ, ବିନୋଦ କାଲସାଏ, ଦୁର୍ଗା ହୋତା, ଧର୍ମବ୍ରତ ରଥ ଓ ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ । ହାଇକୋର୍ଟ ଜ୍ୟୋତିକୁ ନେଇ ମହାଦେବ ମନ୍ଦିର ଛକ, ଦୁର୍ଗା ମନ୍ଦିର, ପାଟଣା ହୋଟେଲ ଛକ ଦେଇ ସମଲେଶ୍ୱରୀ ମନ୍ଦିର ଛକ ଯାଏଁ ପରିକ୍ରମା କରାଯାଇଥିଲା । ନାଗରିକ କମିଟି ସଭାପତି ଶତପଥି ସୂଚନା ଦେଇଛନ୍ତି ଯେ, ପୂର୍ବତନ ପାଟଣା ଷ୍ଟେଟ୍‌ରେ ଥିବା ହାଇକୋର୍ଟର ଗୁରୁବାର ହେଉଛି ୭୮ତମ ସ୍ଥାପନା ଦିବସ । ଏହି ଉପଲକ୍ଷେ ଏହି ଜ୍ୟୋତିଯାତ୍ରା ପରିକ୍ରମା କରାଯାଉଛି । ଓଡ଼ିଶାରେ ମିଶ୍ରଣ ପୂର୍ବରୁ ୧୯୪୦ ମସିହାରୁ ବଲାଙ୍ଗୀରରେ ଏକ ହାଇକୋର୍ଟ ରହିଥିଲା । ସେହି ହାଇକୋର୍ଟ ଅଧିନରେ ଓଡ଼ିଶା ଓ ଛତିଶଗଡର ବହୁ ରାଜ୍ୟ ରହିଥିଲେ ବୋଲି ସୂଚନା ଦେଇଥିଲେ । ବଲାଙ୍ଗୀରରେ ହାଇକୋର୍ଟ ନେଇ ଏଭଳି ଐତିହାସିକ ପୃଷ୍ଠଭୂମି ଥିବା ଏବଂ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦିଗରେ ବଲାଙ୍ଗୀରରେ ସମସ୍ତ ଭିତ୍ତିଭୂମି ଥିବାରୁ ତୁରନ୍ତ ରାଜ୍ୟ ସରକାର ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରନ୍ତୁ ବୋଲି ସେ କହିଥିଲେ । ଆନ୍ଦୋଳନର ନେତୃତ୍ୱ ନେଉଥିବା ସମାଜସେବୀ ଲଳିତ କୁମାର ନାୟକ ବଲାଙ୍ଗୀରରେ ପୂର୍ବରୁ ହାଇକୋର୍ଟ ଥିଲା ଓ ରାଜ୍ୟ ସରକାର ତୁରନ୍ତ ଏଠାରେ ହିଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ କରନ୍ତୁ ବୋଲି କହିଥିଲେ । ଏହି ଦାବିପୂରଣ ନ ହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ୧୯୪୦ ମସିହା ସେପ୍ଟେମ୍ବର ୬ ତାରିଖ ତତ୍କାଳୀନ ପାଟଣା ରାଜ୍ୟରେ ଏକ ହାଇକୋର୍ଟ ସ୍ଥାପନ ହୋଇଥିଲା । ଏହା ୧୯୪୫ ମସିହାରେ ୩୯ଟି ରାଜ୍ୟ ସମୁଦାୟ ଦ୍ୱାରା ଏକ ସର୍ବସାଧାରଣ ବା କମନ ହାଇକୋର୍ଟ ଭାବେ ପ୍ରତିଷ୍ଠା ଲାଭ କରିଥିଲା । ଯାହାକି ଓଡ଼ିଶା ଓ ଛତିଶଗଡ ରାଜ୍ୟର ହାଇକୋର୍ଟ ଭାବରେ ବ୍ରିଟିଶ ସରକାର ଦ୍ୱାରା ମାନ୍ୟତା ପାଇଥିଲା । ତତ୍କାଳୀନ ପାଟଣା ରାଜ୍ୟ ଓଡ଼ିଶା ସହ ମିଶ୍ରଣ ପରେ ଏବଂ ୧୯୪୮ ମସିହାରେ ଓଡ଼ିଶା ହାଇକୋର୍ଟ ସ୍ଥାପନ ପରେ ପାଟଣା ହାଇକୋର୍ଟ ଏଥିରେ ବିଲୀନ ହୋଇଥିଲା ବୋଲି ଶତପଥି ସୂଚନା ଦେଇଛନ୍ତି । ଏପରି ଏକ ଐତିହାସିକ ପୃଷ୍ଠଭୂମି ଥିବାରୁ ବଲାଙ୍ଗୀର ଠାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ଯଥାର୍ଥ ବୋଲି ବଲାଙ୍ଗୀର ନାଗରିକ କମିଟି ସହ ଜିଲା ଓକିଲ ସଂଘ, ଆକ୍ସନ କମିଟି ଓ ଅନ୍ୟ ସଙ୍ଗଠନର କର୍ମକର୍ତ୍ତାମାନେ ଦାବି କରିଛନ୍ତି ।

ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି

ଦେଓଗାଁ,୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ଡକୁଆପଡା ଓ କୁଡୁର୍ଲା ପଞ୍ଚାୟତର ବହଲିଠାରେ ନୂଆଁଖାଇ ଭେଟ୍‌ଘାଟ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଡକୁଆ ପଡାଠାରେ ଡକୁଆ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଗଣେଶ ମହୋତ୍ସବ ଓ ନୂଆଁଖାଇ ଭେଟଘାଟକୁ ଆଡମ୍ବରପୂର୍ଣ୍ଣ କରିବା ପାଇଁ କମିଟି ସଭାପତି ମନୋଜ କୁମାର ଦୀପଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତିକ୍ରମେ ଆସନ୍ତା ୧୩ତାରିଖ ଧନେଶ୍ୱର ଦାଶ ଓ ସାଥୀଙ୍କ ଦ୍ୱାରା ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୧୫ ତାରିଖ ଜେଏସ୍‌ଆର୍ ଡ୍ୟାନ୍ସ ଗ୍ରୁପ ଟିଟିଲାଗଡ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ୧୬ତାରିଖ ନୂଆଁଖାଇ ଭେଟ୍‌ଘାଟ ଅବସରରେ ଦୁସ୍ପନ୍ତ ସୁନା ଓ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଛି । ନରେନ୍ଦ୍ର କୁମାର ବିଶ୍ୱାଳ ପୂର୍ବ ବିବରଣୀ ପଠନ କରିଥିବା ବେଳେ ସୂର୍ଯ୍ୟକାନ୍ତ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବହଲିରେ ଯୁବକ ସଂଘ ତରଫରୁ ନୂଆଁଖାଇ ଭେଟଘାଟ ପାଳନ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି । ବିଭିନ୍ନ ପ୍ରତିଯୋଗିତା ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

ଚାଷୀଙ୍କୁ ସମ୍ପୂର୍ଣ୍ଣ ଫସଲ ବୀମାରାଶି ପ୍ରଦାନ ଦାବି କରି ଗୁରୁବାର ବରଗଡ଼ ଜିଲା ଭେଡେନରେ ଚାଷୀମାନେ ବନ୍ଦ ପାଳନ ବେଳେ ଶୋଭାଯାତ୍ରାରେ ବାହାରିଛନ୍ତି ।

ଭାଜପା କର୍ମୀ ସମ୍ମିଳନୀ

ସଇଁତଲା, ୬।୯(ଡି.ଏନ.ଏ.)

ସଇଁତଲା ବ୍ଲକ ଡୁଙ୍ଗୁରୀପାଲିଠାରେ ଭାଜପାର କର୍ମୀ ସମ୍ମିଳନୀ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମହେନ୍ଦ୍ର ଠାକୁରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ଜିଲା ସଭାପତି ଭକ୍ତବନ୍ଧୁ ନାଏକ, ଗୁଡଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଦୋରା, ଜିଲା ପରିଷଦ ଉପାଧକ୍ଷ ପାଣ୍ଡବ ସାହୁ, ଜିଲା ପରିଷଦ ସଭ୍ୟା ସରୋଜିନୀ ସାହୁ, କଳ୍ପନା ଚୌହାନ, ଭାଜପା ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ଦଳୀୟ ନେତା ଅମିତ୍ ସିଂ ନିନା, ସଇଁତଲା ମଣ୍ଡଳ ସଭାପତି ବିଜୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତାମାନେ ରାଜ୍ୟ ସରକାରଙ୍କ ଚାଷୀ ମାରଣା ନୀତର ତୀବ୍ର ସମାଲୋଚନା କରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା କିଭଳି ଘରେଘରେ ପହଞ୍ଚିବ ସେ ନେଇ ବିଶଦ ଆଲୋଚନା କରିଥିଲେ । ୨୦୧୯ ସାଧାରଣ ନିର୍ବାଚନରେ ଭାଜପାର ବିଜୟକୁ ସୁନିଶ୍ଚିତ କରିବା ପାଇଁ କର୍ମୀମାନେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା । ଉକ୍ତ ସଭାରେ ସଇଁତଲା ବ୍ଲକ ବିଭିନ୍ନ ଅଞ୍ଚଳର ଶତାଧିକ କର୍ମୀ ଭାଜପାରେ ଯୋଗଦେଇଥିଲେ । ମଣ୍ଡଳ ସଭାପତି ବିଜୟ ପାତ୍ର ଧନ୍ୟବାଦ ଦେଇଥିଲେ ।

ପଲିଥିନ କଟକଣା: ୫ ସହରରେ ପ୍ରଥମେ ଲାଗୁ

ଭୁବନେଶ୍ୱର,୬।୯(ବ୍ୟୁରୋ)

ପ୍ରକାଶ ପାଇଲା ଚିଠା ବିଜ୍ଞପ୍ତି

- **ପଲିଥିନ, ପାଣି ବୋତଲ, ଥର୍ମକୁଲ, ପାଣି ପାଉଚ, ପ୍ଲାଷ୍ଟିକ ଫୁଲ ବ୍ୟବହାର ମନା**
- **୫ ସହର ମଧ୍ୟରେ ରହିଛି ଭୁବନେଶ୍ୱର, ପୁରୀ, କଟକ, ସମ୍ବଲପୁର, ରାଉରକେଲା**

ଆସନ୍ତା ଅକ୍ଟୋବର ୨ ତାରିଖରୁ ରାଜ୍ୟରେ ପଲିଥିନ ବ୍ୟବହାର ନିଷେଧ କରିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ଓ ପୁରୀ ସହରରେ ପଲିଥିନ ବ୍ୟବହାର ଉପରେ ଲାଗିବ କଟକଣା । ଏ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏକ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ ଉକ୍ତ ସହରାଞ୍ଚଳରେ ୫୦ ମାଇକ୍ରନଠାରୁ କମ ମୋଟେଇ ଥିବା ପଲିଥିନ, ୫୦୦ ମିଲିଲିଟରରୁ କମ ପାଣି ବୋତଲ, ଥର୍ମକୁଲ କିମ୍ବା ପ୍ଲାଷ୍ଟିକ ଗ୍ଲାସ, କପ, ପ୍ଲେଟ, ଚାମଚ, ଗିନା, ଷ୍ଟ୍ରା, ପାଣି ପାଉଚ ଆଦି ବ୍ୟବହାର କରାଯାଇ ପାରିବ ନାହିଁ । ଏପରିକି ପ୍ଲାଷ୍ଟିକ୍ ଉତ୍ପାଦନ, ଆମଦାନୀ, ଗଚ୍ଛିତ ଓ ପରିବହନ ଉପରେ ମଧ୍ୟ କଟକଣା ଜାରି କରାଯିବ । ଏଥିସହିତ ପ୍ଲାଷ୍ଟିକ ଫୁଲ କିମ୍ବା ସେଭଳି କୌଣସି ବସ୍ତୁ ପର୍ବପର୍ବାଣିରେ ସଜେଇବା କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ ନାହିଁ । ଆୟୋଜକ ଦୋକାନୀମାନେ ୫୦ ମାଇକ୍ରନରୁ କମ୍ ପ୍ଲାଷ୍ଟିକରେ ଖାଦ୍ୟ ସାମଗ୍ରୀ, ପାଣି, ଦୁଗ୍ଧ କିମ୍ବା ଦୁଗ୍ଧଜାତ କୌଣସି ଦ୍ରବ୍ୟ, ଖାଇବା ତେଲ ଇତ୍ୟାଦି ପ୍ୟାକ ହୋଇଥିଲେ ବିକ୍ରି କରିପାରିବେ ନାହିଁ । ତେବେ ଉଦ୍ୟାନ କୃଷିରେ ଚାରା, କୃଷି ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଏଥିରୁ ବାଦ୍ ଦିଆଯାଇଛି । କୌଣସି ବ୍ୟକ୍ତି ଜାଣିଶୁଣି ପଲିଥିନ ସର୍ବସାଧାରଣ ସ୍ଥାନକୁ ନେଇପାରିବେ ନାହିଁ । ମନ୍ଦିର, ହୋଟେଲ, ବିବାହ ଭୋଜି, ଅଫିସ କିମ୍ବା କୌଣସି ଅନୁଷ୍ଠାନ କର୍ତ୍ତୃପକ୍ଷ ଏବଂ ଇଭେଣ୍ଟ ମ୍ୟାନେଜର ପଲିଥିନ ବ୍ୟବହାର ହେଉ ନ ଥିବା ଜଣାଇବେ । ନଚେତ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠା ବିଜ୍ଞପ୍ତିରେ କୁହାଯାଇଛି । ମହାନଗର ନିଗମ କମିଶନର କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀ ପଲିଥିନ କଟକଣା ନେଇ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାରପ୍ରସାର କରିବେ । ପଲିଥିନ କଟକଣା ନେଇ ପ୍ରସ୍ତୁତ ହୋଇଥିବା ନିର୍ଦ୍ଦେଶନାମାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମେୟର ସେକ୍ରେଟାରୀ, ଜିଲାପାଳ, ଏସପି, ମହାନଗର ନିଗମ କମିଶନର, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ନିଜ ଅଞ୍ଚଳରେ କାର୍ଯ୍ୟକାରୀ କରିବେ । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପଲିଥିନ ଶିଳ୍ପ ବନ୍ଦ ନେଇ ନିଶ୍ଚିତ କରିବେ ବୋଲି ଚିଠା ଆଦେଶନାମାରେ ଉଲ୍ଲେଖ କରାଯାଇଛି ।

ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ଦେଓଗାଁ, ୬।୯(ଡି.ଏନ.ଏ.)

ବଲାଙ୍ଗୀର ସଦର ବ୍ଲକ ସାହାଜବାହାଲ ପଞ୍ଚାୟତରେ ମରୁଡି କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନରେ ପାତରଅନ୍ତର ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଚାଷୀମାନେ ବୁଧବାର ଜିଲାପାଳଙ୍କୁ ଅଭିଯୋଗ କରି ବୀମାରାଶି ପ୍ରଦାନ ଦିଗରେ ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି । ଗତବର୍ଷ ଖରିଫ ଋତୁରେ ସାହାଜବାହାଲ ମୌଜା ଅନ୍ତର୍ଗତ ସାହାଜବାହାଲ, ଝରେଇବାହାଲି ଓ କୁନ୍ଦପଥର ଗାଁର ସମସ୍ତ ଚାଷୀ ବିଭିନ୍ନ ବ୍ୟାଙ୍କରେ ବୀମା ପ୍ରିମିୟମ ପୈଠ କରିଥିଲେ । ଉକ୍ତ ବର୍ଷ ସରକାରୀ ସ୍ତରରେ ମରୁଡି ଘୋଷଣା ପରେ ବର୍ତ୍ତମାନ ସମସ୍ତ ବ୍ୟାଙ୍କମାନଙ୍କରେ ମରୁଡି ବୀମାରାଶି ଚାଷୀଙ୍କୁ ଦିଆଯାଉଛି । ହେଲେ ଉକ୍ତ ଗାଁମାନଙ୍କର ଯେଉଁଚାଷୀମାନେ ବଲାଙ୍ଗୀର କଲେଜ ଛକସ୍ଥିତ ଏଡିବି ବ୍ୟାଙ୍କରେ ବୀମା ପ୍ରିମିୟମ ପୈଠ କରିଥିଲେ ସେମାନଙ୍କୁ ଅଦ୍ୟାବଧି ବ୍ୟାଙ୍କ ବୀମାରାଶି ଦେଉ ନ ଥିବା ପ୍ରଦ୍ୟୁମ୍ନ ହୋତା ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି ।

ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ଖପ୍ରାଖୋଲ,୬।୯(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଓଡିଆପାଲି ଗାଁ ମିନି ଅଙ୍ଗନବାଡି କେନ୍ଦ୍ର କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ ହୋଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ମିନି ଅଙ୍ଗନବାଡି କେନ୍ଦ୍ର ସ୍ଥାପନ ସହ କର୍ମୀ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶରେ ବିଭାଗୀୟ କେତେକ କର୍ମଚାରୀ ଚଞ୍ଚକତା କରି ଆବେଦନ ଶେଷଦିନ ଗାଁର କିଛି ମହିଳାଙ୍କୁ କହି ଆବେଦନ କରାଇଥିଲେ । ଫଳରେ ନିଯୁକ୍ତିରେ ଅନିୟମିତତା ହୋଇଥିବା ପୁଣି ଥରେ ବିଜ୍ଞାପନ ଦେଇ ଯୋଗ୍ୟ ପ୍ରାର୍ଥୀ ସେମାନେ ଅଭିଯୋଗ କରିଛନ୍ତି । ପ୍ରତିବାଦ ସ୍ୱରୂପ ନବନିଯୁକ୍ତ ଅଙ୍ଗନବାଡି କେନ୍ଦ୍ରକୁ ପିଲାଙ୍କୁ ଛାଡୁ ନାହାନ୍ତି । ଟୀକାକରଣ, ପୁଷ୍ଟିକର ଖାଦ୍ୟ ବଣ୍ଟନ ଆଦିରେ ଗ୍ରାମବାସୀ ସହଯୋଗ କରୁ ନାହାନ୍ତି । ନିଯୁକ୍ତିକୁ ସମ୍ପୂର୍ଣ୍ଣ ବିରୋଧ କରି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ବି କିଛି ସୁଫଳ ମିଳୁ ନଥିବା ରସିକ ସାହୁ, ଭୁଲା କଟା, ମକୁନ୍ଦ ବାଗ,

ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ୍ୟ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ

ସଂକ୍ଷେପରେ

ଜଗନ୍ନାଥପଡ଼ା ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ

ବଲାଙ୍ଗୀର ଅଫିସ୍, ୬।୯: ବଲାଙ୍ଗୀର ଜଗନ୍ନାଥପଡା ଦୁର୍ଗାପୂଜା ପ୍ରସ୍ତୁତି କମିଟି ବୈଠକ ଜଗନ୍ନାଥ କ୍ଲବଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପଡାର ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ । ଏହି ଅବସରରେ ଆଗାମୀ ଦୁର୍ଗା ପୂଜା ପରିଚାଳାନା ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ଚର୍ତୁଭୁଜ ରାଉତ୍ ସଭାପତି, କମଳକାନ୍ତ ସାଏ ଉପସଭାପତି, ଯଦୁମଣି ସାଏ ସମ୍ପାଦକ, କୁନ୍ଦନ ସାଏ ସଦସମ୍ପାଦକ, ଜାଲା ବଢ଼ିଆ କୋଷାଧକ୍ଷ ଓ ପୂର୍ଣ୍ଣଚନ୍ଦ୍ର ରାଉତ୍ଙ୍କୁ ସହକୋଷାଧକ୍ଷ ମନୋନୀତ କରାଯାଇଥିଲା। ଏହା ସହିତ ପ୍ରଚାର ପ୍ରସାର ପାଇଁ ବରିଷ୍ଠ ସଦସ୍ୟ ପୁରୁଷୋତ୍ତମ ଦେବ୍ତା ଓ ମେଢ଼ ସାଜସଜ୍ଜା ପାଇଁ ରବୀନ୍ଦ୍ର ନାରାୟଣ ନାଏକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ କୃଷ୍ଣଚନ୍ଦ୍ର ନାଏକ, ମନରଞ୍ଜନ ରାଉତ୍, ସଚ୍ଚିକାନ୍ତ ନାଏକ, ନିର୍ମଳ ଚନ୍ଦ୍ର ସାଏ, ହରେକୃଷ୍ଣ ପଟେଲ, ସଞ୍ଜୟ ସାଏ, ମନରଞ୍ଜନ ସାଏଙ୍କୁ ମନୋନୀତ କରାଯାଇଛି । ସମସ୍ତଙ୍କ ସହଯୋଗରେ ଆଗାମୀ ଦୁର୍ଗାପୂଜାକୁ ଆକର୍ଷଣୀୟ ଓ ମହାଆଡମ୍ବରରେ ପାଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତୁତି

ଲୋଇସିଂହା, ୬।୯(ଡି.ଏନ.ଏ): ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଛକଠାରେ ଭାରତରତ୍ନ ବାବା ସାହେବ ବି.ଆର. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରବାର ଅନୁଷ୍ଠିତ ହୋଇଯାଇଛି । ତ୍ରିଲୋଚନ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକର ଆମ୍ବେଡକର ପ୍ରେମୀ ଯୋଗଦାନ କରିଥିଲେ । ଆସନ୍ତା ଡିସେମ୍ବର ୬ତାରିଖ ବାବା ସାହେବଙ୍କ ମହାପ୍ରୟାଣ ଦିବସରେ ଲୋଇସିଂହା ବୁର୍ଡା ଛକଠାରେ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା । ପର୍ଯ୍ୟାୟକ୍ରମେ ପଶ୍ଚିମ ଓଡିଶାର ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ଆମ୍ବେଦକରଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବୈଠକରେ ଅଧ୍ୟକ୍ଷ ସୂଚନା ଦେଇଥିଲେ । ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ସଙ୍ଗେସଙ୍ଗେ ତାଙ୍କ ଚିନ୍ତାଧାରା ପ୍ରଚାର କଲେ ଦଳିତ ସମାଜ ସଚେତନ ହୋଇପାରିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ବୈଠକରେ ଯୋଗଦେଇଥିବା ବ୍ରଜ ବିହାରି ନାଗ ଦଳିତ ନିଷ୍ପେସିତଙ୍କ ପାଇଁ କାର୍ଯ୍ୟ କରିବାକୁ ଦୃଢୋକ୍ତି ପ୍ରକାଶ କରିଥିଲେ । ପ୍ରତିମୂର୍ତ୍ତି ସ୍ଥାପନ ଉପଲକ୍ଷେ ଏକ କମିଟି ଗଠନ କରାଯାଇଥିଲା । ତ୍ରିଲୋଚନ ନନ୍ଦ, ତରଣିସେନ ଦାପ, ବ୍ରଜ ବିହାରୀ ନାଗ, ପିତାମ୍ବର ବାରିକ, ଶିବାକାନ୍ତ ଦାପ, ଯୁବଲାଲ ନନ୍ଦ, ଶଙ୍କର ନନ୍ଦ ଏହି କମିଟିରେ ରହିଛନ୍ତି । ଶେଷରେ ସନ୍ତୋଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ତେଜିଲା

ପରିକ୍ରମା କଲା ହାଇକୋର୍ଟ ଜ୍ୟୋତି ଯାତ୍ରା

ବଲାଙ୍ଗୀର ଅଫିସ, ୬।୯

ବଲାଙ୍ଗୀର ପାଟଣେଶ୍ୱରୀ ମନ୍ଦିରରୁ ଜ୍ୟୋତି ଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରୁଛି।

ତତ୍କାଳୀନ ପାଟଣା ଷ୍ଟେଟ୍‌ରେ ଥିବା ହାଇକୋର୍ଟର ପ୍ରତିଷ୍ଠା ଦିବସ ଅବସରରେ ଏବଂ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିରେ ଗୁରୁବାର ହାଇକୋର୍ଟ ଜ୍ୟୋତି ଯାତ୍ରା ସହର ପରିକ୍ରମା କରିଛି। ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ଅନୁଷ୍ଠିତ ଏହି ଜ୍ୟୋତି ଯାତ୍ରା କାର୍ଯ୍ୟକ୍ରମରେ ସହରର ବହୁ ସଙ୍ଗଠନ, ବୁଦ୍ଧିଜୀବୀ, ଓକିଲ ଓ ଜନସାଧାରଣ ସାମିଲ ହୋଇଛନ୍ତି। ସ୍ଥାନୀୟ ପାଟଣେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଜ୍ୟୋତି ଯାତ୍ରା ଆରମ୍ଭ ହୋଇଥିଲା। ସାମାଜିକ କର୍ମୀ ଲଳିତ କୁମାର ନାୟକ ଜ୍ୟୋତି ଗ୍ରହଣ କରିବା ପରେ ସହର ପରିକ୍ରମା ଆରମ୍ଭ ହୋଇଥିଲା। ନାଗରିକ କମିଟି ସଭାପତି ଭବାନୀଶଙ୍କର ଶତପଥି ଓ ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆଙ୍କ ନେତୃତ୍ୱରେ ସାମାଜିକ କର୍ମୀ ବିକ୍ରମାନନ୍ଦ ବହିଦାର, ଜିଲା ଓକିଲ ସଂଘ ସମ୍ପାଦକ ଅମନ୍ ନାଗ, ଆଡଭୋକେଟ୍ ଜୟରାମ ମିଶ୍ର, ପ୍ରମୋଦ ତ୍ରିପାଠୀ, ସରୋଜ ଗୁପ୍ତା, ଅସିତ ମିଶ୍ର, ଅଶୋକ ରାଉତ୍, ସତ୍ୟ ନାଏକ, ସୁବାସ ନନ୍ଦ, ପଙ୍କଜିନୀ ପଣ୍ଡା, ନିରୁପମା ଉଦ୍‌ଗାତା, ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା, ଶଙ୍କର ହୋତା, ରାଜେନ୍ଦ୍ର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଭିମନ୍ୟୁ ମିଶ୍ର, ସତ୍ୟବନ୍ତ ବେଦବାକ୍, ଆକ୍ସନ କମିଟିର ଗୋପାଳଜୀ ପାଣିଗ୍ରାହୀ, ଗିରିଶ ସିଂଦେଓ, ବିନୋଦ କାଲସାଏ, ଦୁର୍ଗା ହୋତା, ଧର୍ମବ୍ରତ ରଥ ଓ ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ହାଇକୋର୍ଟ ଜ୍ୟୋତିକୁ ନେଇ ମହାଦେବ ମନ୍ଦିର ଛକ, ଦୁର୍ଗା ମନ୍ଦିର, ପାଟଣା ହୋଟେଲ ଛକ ଦେଇ ସମଲେଶ୍ୱରୀ ମନ୍ଦିର ଛକ ଯାଏଁ ପରିକ୍ରମା କରାଯାଇଥିଲା। ନାଗରିକ କମିଟି ସଭାପତି ଶତପଥି ସୂଚନା ଦେଇଛନ୍ତି ଯେ, ପୂର୍ବତନ ପାଟଣା ଷ୍ଟେଟ୍‌ରେ ଥିବା ହାଇକୋର୍ଟର ଗୁରୁବାର ହେଉଛି ୭୮ତମ ସ୍ଥାପନା ଦିବସ। ଏହି ଉପଲକ୍ଷେ ଏହି ଜ୍ୟୋତିଯାତ୍ରା ପରିକ୍ରମା କରାଯାଉଛି। ଓଡ଼ିଶାରେ ମିଶ୍ରଣ ପୂର୍ବରୁ ୧୯୪୦ ମସିହାରୁ ବଲାଙ୍ଗୀରରେ ଏକ ହାଇକୋର୍ଟ ରହିଥିଲା। ସେହି ହାଇକୋର୍ଟ ଅଧିନରେ ଓଡ଼ିଶା ଓ ଛତିଶଗଡର ବହୁ ରାଜ୍ୟ ରହିଥିଲେ ବୋଲି ସୂଚନା ଦେଇଥିଲେ। ବଲାଙ୍ଗୀରରେ ହାଇକୋର୍ଟ ନେଇ ଏଭଳି ଐତିହାସିକ ପୃଷ୍ଠଭୂମି ଥିବା ଏବଂ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦିଗରେ ବଲାଙ୍ଗୀରରେ ସମସ୍ତ ଭିତ୍ତିଭୂମି ଥିବାରୁ ତୁରନ୍ତ ରାଜ୍ୟ ସରକାର ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରନ୍ତୁ ବୋଲି ସେ କହିଥିଲେ। ଆନ୍ଦୋଳନର ନେତୃତ୍ୱ ନେଉଥିବା ସମାଜସେବୀ ଲଳିତ କୁମାର ନାୟକ ବଲାଙ୍ଗୀରରେ ପୂର୍ବରୁ ହାଇକୋର୍ଟ ଥିଲା ଓ ରାଜ୍ୟ ସରକାର ତୁରନ୍ତ ଏଠାରେ ହିଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ କରନ୍ତୁ ବୋଲି କହିଥିଲେ। ଏହି ଦାବିପୂରଣ ନ ହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୧୯୪୦ ମସିହା ସେପ୍ଟେମ୍ବର ୬ ତାରିଖ ତତ୍କାଳୀନ ପାଟଣା ରାଜ୍ୟରେ ଏକ ହାଇକୋର୍ଟ ସ୍ଥାପନ ହୋଇଥିଲା। ଏହା ୧୯୪୫ ମସିହାରେ ୩୯ଟି ରାଜ୍ୟ ସମୁଦାୟ ଦ୍ୱାରା ଏକ ସର୍ବସାଧାରଣ ବା କମନ ହାଇକୋର୍ଟ ଭାବେ ପ୍ରତିଷ୍ଠା ଲାଭ କରିଥିଲା। ଯାହାକି ଓଡ଼ିଶା ଓ ଛତିଶଗଡ ରାଜ୍ୟର ହାଇକୋର୍ଟ ଭାବରେ ବ୍ରିଟିଶ ସରକାର ଦ୍ୱାରା ମାନ୍ୟତା ପାଇଥିଲା। ତତ୍କାଳୀନ ପାଟଣା ରାଜ୍ୟ ଓଡ଼ିଶା ସହ ମିଶ୍ରଣ ପରେ ଏବଂ ୧୯୪୮ ମସିହାରେ ଓଡ଼ିଶା ହାଇକୋର୍ଟ ସ୍ଥାପନ ପରେ ପାଟଣା ହାଇକୋର୍ଟ ଏଥିରେ ବିଲୀନ ହୋଇଥିଲା ବୋଲି ଶତପଥି ସୂଚନା ଦେଇଛନ୍ତି। ଏପରି ଏକ ଐତିହାସିକ ପୃଷ୍ଠଭୂମି ଥିବାରୁ ବଲାଙ୍ଗୀର ଠାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ଯଥାର୍ଥ ବୋଲି ବଲାଙ୍ଗୀର ନାଗରିକ କମିଟି ସହ ଜିଲା ଓକିଲ ସଂଘ, ଆକ୍ସନ କମିଟି ଓ ଅନ୍ୟ ସଙ୍ଗଠନର କର୍ମକର୍ତ୍ତାମାନେ ଦାବି କରିଛନ୍ତି।

ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି

ଦେଓଗାଁ,୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ଡକୁଆପଡା ଓ କୁଡୁର୍ଲା ପଞ୍ଚାୟତର ବହଲିଠାରେ ନୂଆଁଖାଇ ଭେଟ୍‌ଘାଟ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଡକୁଆ ପଡାଠାରେ ଡକୁଆ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଗଣେଶ ମହୋତ୍ସବ ଓ ନୂଆଁଖାଇ ଭେଟ୍‌ଘାଟକୁ ଆଡମ୍ବରପୂର୍ଣ୍ଣ କରିବା ପାଇଁ କମିଟି ସଭାପତି ମନୋଜ କୁମାର ଦୀପଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତିକ୍ରମେ ଆସନ୍ତା ୧୩ତାରିଖ ଧନେଶ୍ୱର ଦାଶ ଓ ସାଥୀଙ୍କ ଦ୍ୱାରା ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୧୫ ତାରିଖ ଜେଏସ୍‌ଆର୍ ଡ୍ୟାନ୍ସ ଗ୍ରୁପ ଟିଟିଲାଗଡ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ୧୬ତାରିଖ ନୂଆଁଖାଇ ଭେଟ୍‌ଘାଟ ଅବସରରେ ଦୁସ୍ପନ୍ତ ସୁନା ଓ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଛି । ନରେନ୍ଦ୍ର କୁମାର ବିଶ୍ୱାଳ ପୂର୍ବ ବିବରଣୀ ପଠନ କରିଥିବା ବେଳେ ସୂର୍ଯ୍ୟକାନ୍ତ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବହଲିରେ ଯୁବକ ସଂଘ ତରଫରୁ ନୂଆଁଖାଇ ଭେଟଘାଟ ପାଳନ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତା ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ଫସଲବୀମା ରାଶି ପ୍ରଦାନରେ ପାତରଅନ୍ତର

ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ଦେଓଗାଁ, ୬।୯(ଡି.ଏନ.ଏ.)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସାହାଜବାହାଲ ପଞ୍ଚାୟତରେ ମରୁଡି କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନରେ ପାତରଅନ୍ତର ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଚାଷୀମାନେ ବୁଧବାର ଜିଲାପାଳଙ୍କୁ ଅଭିଯୋଗ କରି ବୀମାରାଶି ପ୍ରଦାନ ଦିଗରେ ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି। ଗତବର୍ଷ ଖରିଫ ଋତୁରେ ସାହାଜବାହାଲ ମୌଜା ଅନ୍ତର୍ଗତ ସାହାଜବାହାଲ, ଝରେଇବାହାଲି ଓ କୁନ୍ଦପଥର ଗାଁର ସମସ୍ତ ଚାଷୀ ବିଭିନ୍ନ ବ୍ୟାଙ୍କରେ ବୀମା ପ୍ରିମିୟମ ପେଠ କରିଥିଲେ । ଉକ୍ତ ବର୍ଷ ସରକାରୀ ସ୍ତରରେ ମରୁଡି ଘୋଷଣା ପରେ ବର୍ତ୍ତମାନ ସମସ୍ତ ବ୍ୟାଙ୍କମାନଙ୍କରେ ମରୁଡି ବୀମାରାଶି ଚାଷୀଙ୍କୁ ଦିଆଯାଉଛି । ହେଲେ ଉକ୍ତ ଗାଁମାନଙ୍କର ଯେଉଁଚାଷୀମାନେ ବଲାଙ୍ଗୀର କଲେଜ ଛକସ୍ଥିତ ଏଡିବି ବ୍ୟାଙ୍କରେ ବୀମା ପ୍ରିମିୟମ ପେଠ କରିଥିଲେ ସେମାନଙ୍କୁ ଅଦ୍ୟାବଧି ବ୍ୟାଙ୍କ ବୀମାରାଶି ଦେଉ ନ ଥିବା ପ୍ରଦ୍ୟୁମ୍ନ ହୋତା, ଜ୍ୟୋତିଷ ଚନ୍ଦ୍ର ହୋତା, ଆଶୋକ କୁମାର ପ୍ରଧାନ, ନାରାୟଣ ଖମାରୀ, ଇନ୍ଦ୍ରଜିତ ଖମାରୀ, ସୁଧିର କୁମାର ହୋତା, ହରେକୃଷ୍ଣ ଖମାରୀ, ଶିବ ନାଏକ, ସାରଙ୍ଗଧର ହୋତା, ଧବଳେଶ୍ୱର ହୋତା ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଏଥିସହ ବ୍ୟାଙ୍କକୁ ଗଲେ ଆପଣମାନେ ଚୋଲାମଣ୍ଡଳ କମ୍ପାନୀ ସହ ଯୋଗାଯୋଗ କରନ୍ତୁ ବୋଲି କହୁଥିବା କରିଛନ୍ତି । ଏ ଦିଗରେ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ନଦେଲେ ଏକ ଜନଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଭାଜପା କର୍ମୀ ସମ୍ମିଳନୀ

ସଇଁତଲା, ୬।୯(ଡି.ଏନ.ଏ.)

ସଇଁତଲା ବ୍ଲକ ଡୁଙ୍ଗୁରୀପାଲିଠାରେ ଭାଜପାର କର୍ମୀ ସମ୍ମିଳନୀ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମହେନ୍ଦ୍ର ଠାକୁରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ଜିଲା ସଭାପତି ଭକ୍ତବନ୍ଧୁ ନାଏକ, ଗୁଡଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଦୋରା, ଜିଲା ପରିଷଦ ଉପାଧକ୍ଷ ପାଣ୍ଡବ ସାହୁ, ଜିଲା ପରିଷଦ ସଭ୍ୟା ସରୋଜିନୀ ସାହୁ, କଳ୍ପନା ଚୌହାନ, ଭାଜପା ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ଦଳୀୟ ନେତା ଅମିତ୍ ସିଂ ନିନା, ସଇଁତଲା ମଣ୍ଡଳ ସଭାପତି ବିଜୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତାମାନେ ରାଜ୍ୟ ସରକାରଙ୍କ ଚାଷୀ ମାରଣା ନୀତର ତୀବ୍ର ସମାଲୋଚନା କରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା କିଭଳି ଘରେଘରେ ପହଞ୍ଚିବ ସେ ନେଇ ବିଶଦ ଆଲୋଚନା କରିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଭାଜପାର ବିଜୟକୁ ସୁନିଶ୍ଚିତ କରିବା ପାଇଁ କର୍ମୀମାନେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଉକ୍ତ ସଭାରେ ସଇଁତଲା ବ୍ଲକ ବିଭିନ୍ନ ଅଞ୍ଚଳର ଶତାଧିକ କର୍ମୀ ଭାଜପାରେ ଯୋଗଦେଇଥିଲେ। ମଣ୍ଡଳ ସଭାପତି ବିଜୟ ପାତ୍ର ଧନ୍ୟବାଦ ଦେଇଥିଲେ ।

ଧାନଚାଷରେ ଅଜଣା ରୋଗ

ଦେଓଗାଁ,୬।୯(ଡି.ଏନ.ଏ.)

କୁଡୁର୍ଲାରେ ଚାଷୀ ଦୁଃଖୁ ଦାଶ ନିଜ ଚାଷ ଜମିରେ ହୋଇଥିବା ରୋଗକୁ ଦେଖାଉଛନ୍ତି ।

ବଲାଙ୍ଗୀର ଜିଲା ସଦର ବ୍ଲକ ଅନ୍ତର୍ଗତ କୁଡୁର୍ଲାରେ ଏବେ ଧାନଚାଷରେ ଅଜଣା ରୋଗକୁ ନେଇ ଚାଷୀ ଚିନ୍ତିତ ହୋଇପଡିଛନ୍ତି। ବିଭାଗକୁ ଅଭିଯୋଗ କଲେ ସୁଦ୍ଧା ସମସ୍ୟାର ସମାଧାନ ଉପରେ ପଦକ୍ଷେପ ନେବା ତ ଦୂରର କଥା ପରାମର୍ଶ ମଧ୍ୟ ଦିଆଯାଉ ନଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁ ନ ଥିବା ବେଳେ କୌଣସି ସରକାରୀ ଯୋଜନା ଉପରେ ସୂଚନା ମଧ୍ୟ ଦେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଚଳିତବର୍ଷ ବିଳମ୍ବ ହେଲେ ମଧ୍ୟ ସ୍ୱାଭାବିକ ବୃଷ୍ଟିପାତ ହେବାଦ୍ୱାରା ଚାଷ ଠିକ୍ ହୋଇଥିଲା । ହେଲେ ବର୍ତ୍ତମାନ କୁଡୁର୍ଲାର ତଳିବାହାଲ ଲିଫ୍ଟ ଇରିଗେସନ ନଂ ୨ ଅଞ୍ଚଳରେ ଅନେକ ଚାଷୀଙ୍କ ଜମିରେ ଧାନଗଛଗୁଡିକ ହଳଦିଆ ଦେଖାଯିବା ସହ ଗଛ ମରିଯାଉଥିବା ନଜରକୁ ଆସିଛି। ଅନୁମାନିକ ଏହି ଅଞ୍ଚଳର ୨୫ ଏକର ଧାନଚାଷରେ ଏହି ଅଜଣା ରୋଗ ବ୍ୟାପି ସାରିଲାଣି । ଚାଷୀମାନେ ଏହି ରୋଗକୁ ଚିହ୍ନଟ କରିପାରି ନ ଥିବା ବେଳେ କେତେକଙ୍କ ପରାମର୍ଶରେ ଥମେଟ ଓ ଅନ୍ୟାନ୍ୟ ଔଷଧ ପ୍ରୟୋଗ କଲେ ମଧ୍ୟ ରୋଗ ଛାଡୁ ନ ଥିବାରୁ ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥା ହୋଇଛି । ଏବେ ଉକ୍ତ ରୋଗ ଦିନକୁ ଦିନ ବ୍ୟାପିବାରେ ଲାଗିଥିବାରୁ ଚିନ୍ତାରେ ପକାଇ ଦେଇଥିବା ଚାଷୀ ଦୁଃଖୁ ଦାଶ, ସୁଶୀଳ ଦର୍ଲା, ଇନ୍ଦ୍ରମଣୀ କଲାରି, ଢ଼ବୁ ବରହା, ଛପନ ବାରିକ, ଝିପୋ କପାଟ ପ୍ରମୁଖ ଅଭିଯୋଗ କରିଛନ୍ତି । ସେମାନେ କହିଛନ୍ତି ଯେ, ଏଠାରେ ପ୍ୟାକ୍ସରେ ନ ମିଳିବାରୁ ବାହାର ରାଜ୍ୟରୁ ଆସୁଥିବା ଧାନବିହନକୁ ଅଗତ୍ୟା ସେମାନେ କିଣି ଚାଷ କରିଥିଲେ। ଏବେତାହା ସେମାନଙ୍କ ପାଇଁ କାଳ ହୋଇଛି ବୋଲି କହିଛନ୍ତି। ଏହାର ସତ୍ୟତା ଉପରେ ଅନୁସନ୍ଧାନ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି । ତୁରନ୍ତ ଏ ଦିଗରେ ବିଭାଗୀୟ ଅଧିକାରୀ ପଦକ୍ଷେପ ଦାବି ହେଉଛି।

ଦେଓଗାଁ ବ୍ଲକ
- ଧାନଗଛ ହଳଦିଆ ଦେଖାଯିବା ସହ ମରିଯାଉଛି
- ବିହନକୁ ଦୋଷଦେଲେ ଚାଷୀ
- ଚାଷୀ ଚିନ୍ତିତ

ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ଖପ୍ରାଖୋଲ,୬।୯(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଓଡିଆପାଲି ଗାଁ ମିନି ଅଙ୍ଗନବାଡି କେନ୍ଦ୍ର କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ମିନି ଅଙ୍ଗନବାଡି କେନ୍ଦ୍ର ସ୍ଥାପନ ସହ କର୍ମୀ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶରେ ବିଭାଗୀୟ କେତେକ କର୍ମଚାରୀ ଚଞ୍ଚକତା କରି ଆବେଦନ ଶେଷଦିନ ଗାଁର କିଛି ମହିଳାଙ୍କୁ କହି ଆବେଦନ କରାଇଥିଲେ। ଫଳରେ ନିଯୁକ୍ତିରେ ଅନିୟମିତତା ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରତିବାଦ ସ୍ୱରୂପ ନବନିଯୁକ୍ତ ଅଙ୍ଗନବାଡି କେନ୍ଦ୍ରକୁ ପିଲାଙ୍କୁ ଛାଡୁ ନାହାନ୍ତି। ଟୀକାକରଣ, ପୁଷ୍ଟିକର ଖାଦ୍ୟ ବଣ୍ଟନ ଆଦିରେ ଗ୍ରାମବାସୀ ସହଯୋଗ କରୁ ନାହାନ୍ତି। ନିଯୁକ୍ତିକୁ ସମ୍ପୂର୍ଣ୍ଣ ବିରୋଧ କରି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ବି କିଛି ସୁଫଳ ମିଳୁ ନଥିବା ରସିକ ସାହୁ, ଭୁଲା କଟା, ମକୁନ୍ଦ ବାଗ, ରମେଶ କଟା ପ୍ରମୁଖ ଗ୍ରାମବାସୀ ଶତାଧିକ ଦସ୍ତଖତ ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ। ପୁଣି ଥରେ ବିଜ୍ଞାପନ ଦେଇ ଯୋଗ୍ୟ ପ୍ରାର୍ଥି ନିଯୁକ୍ତି ମିଳିଛି ବୋଲି ସେ କହିଛନ୍ତି। ଚୟନ କରିବାକୁ ସେମାନେ ଦାବି କରିଛନ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୭ ସେପ୍ଟେମ୍ବର, ୨୦୧୮

ସଂକ୍ଷେପରେ

କାନ୍ଥ ପଡ଼ି ଗର୍ଭବତୀ ମହିଳା ଗୁରୁତର

ପଲମ,୬।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ଗିଗିନା ପଞ୍ଚାୟତ ସିନାଙ୍ଗ ଗ୍ରାମରେ ଲଘୁଚାପଜନିତ ପ୍ରବଳ ବର୍ଷାରେ ଘର କାନ୍ଥ ଭୁଶୁଡ଼ି ପଡ଼ିଛି । ଏଥିରେ ଗ୍ରାମର ଜିନା ହରପାଲ (୨୮) ଜଣେ ଗର୍ଭବତୀ ମହିଳା ଗୁରୁତର ଆହତ ହୋଇଛନ୍ତି । ଗରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କେସିଙ୍ଗା ସରକାରୀ ଡାକ୍ତରଖାନାକୁ କର୍ଲାମୁଣ୍ଡା ଆମ୍ବୁଲାନ୍ସ ୧୦୮ ଯୋଗେ ନିଆଯାଇଛି । ସେ ୫ ମାସର ଗର୍ଭବତୀ ଅଛନ୍ତି । ପ୍ରାପ୍ତ ସୂଚନାନୁଯାୟୀ ଗ୍ରାମର ସୁଧୀର ହରପାଲଙ୍କ ପରିବାର ମାଟି ତିଆରି ଘରେ ରହୁଛନ୍ତି। ପ୍ରବଳ ବର୍ଷାରେ ଘର କାନ୍ଥ ଭୁଶୁଡି ପଡି ଜିନାଙ୍କ ଉପରେ ପଡିଥିଲା । ତାଙ୍କର ୩ ପୁଅଝିଅ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗ୍ରାମବାସୀ ଓ ପୋଡଶୀମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଗିଗିନା ପଞ୍ଚାୟତ ସରପଞ୍ଚ ଖଗେଶ୍ୱର କୁମାର ଘଟଣାସ୍ଥଳରେ ପହଞ୍ଚି ରିଲିଫ ଦେବା ସହ ତାଙ୍କର ସୁବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନର୍ଲା ବିଡିଓ ତଦନ୍ତ କରି କ୍ଷତଗ୍ରସ୍ତ ପରିବାରଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଦାବି ହେଉଛି ।

ବିଷାକ୍ତ ମଦ୍ୟାପାନ କରି ୩ ମୃତ୍ୟୁ, ୧୦ ଗୁରୁତର ଅଭିଯୋଗ

ଭବାନୀପାଟଣା/ ଲାଞ୍ଜିଗଡ, ୬।୯ (ଡି.ଏନ.ଏ.)
କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ପ୍ରତାପପୁର ଗ୍ରାମରେ ଗତ ୨ରୁ ୬ ତାରିଖ ମଧ୍ୟରେ ବିଷାକ୍ତ ମଦ୍ୟାପନ କରି ୩ ଜଣ ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଗୁରୁତର ଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ମୃତ ବ୍ୟକ୍ତିମାନେ ହେଲେ ରବି ମାଝି (୨୭), ବାବୁ ମାଝି (୪୨) ଓ ମହିଳାବାରି ମାଝି (୩୨) । ଏ ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ତୁରନ୍ତ ଏହି ଚୋରା ମଦ ବିକ୍ରି ବନ୍ଦ କରା ନ ଗଲେ ଆଗାମୀ ଦିନରେ ମୃତ୍ୟୁ ସଂଖ୍ୟା ଅଧିକ ବୃଦ୍ଧି ପାଇବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଓ ଅବକାରୀ ବିଭାଗ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି । ଗ୍ରାମବାସୀମାନଙ୍କ ଅଭିଯୋଗ ଅନୁସାରେ ଚମ୍ପାଦେଇପୁର ଗ୍ରାମ ଓ ତାର ଆଖପାଖ ଅଞ୍ଚଳରେ ଦେଶୀ ହାତ ରନ୍ଧାମଦ ବହୁଳ ଭାବରେ ବିକ୍ରୀ ହେଉଛି । ଏହି ମଦ ପ୍ରସ୍ତୁତ କରିବା ସମୟରେ ଅଧିକ ନିଶା ହେବା ପାଇଁ ୟୁରିଆ ପରିମାଣକୁ ବୃଦ୍ଧି କରାଯାଉଛି । କମ୍ ପଇସାରେ ଅଧିକ ନିଶା ହେଉଥିବାରୁ ନିରିହ ଲୋକମାନେ ଉକ୍ତ ହାତ ରନ୍ଧା ମଦ ପିଇବାକୁ ଅଧିକ ପସନ୍ଦ କରୁଛନ୍ତି ।

ଅପପୁଷ୍ଟି ଦୂର ହେବା ଯାଏଁ ଉଦ୍ୟମ ହେବା ଦରକାର

ନୂଆପଡା ଅଫିସ,୬।୯

ଜାତୀୟ ପୁଷ୍ଟି ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ ।

ଜାତୀୟ ପୁଷ୍ଟି ସପ୍ତାହ
- ଯୋଗଦେଲେ ସବୁ ବ୍ଲକର କର୍ମକର୍ତ୍ତା
- ଅପପୁଷ୍ଟି ଦୂରୀକରଣ ପ୍ରତିଯୋଗିତା

କେବଳ ଯେ ପୁଷ୍ଟି ହୀନତା କାର୍ଯ୍ୟକ୍ରମକୁ ଦିନକରେ କିମ୍ବା ସପ୍ତାହରେ ସୀମିତ ନ କରି ଏହାକୁ ସବୁବେଳେ ଆମରି କାର୍ଯ୍ୟ ଧାରାରେ ସାମିଲ କରିବା ଦରକାର । ଜିଲା କିମ୍ବା ଅଞ୍ଚଳରେ ଶେଷ ଅପପୁଷ୍ଟି ଦୂର ହେବା ଯାଏଁ ଏହି ଉଦ୍ୟମ ଜାରି ରହିବା ଆବଶ୍ୟକ ବୋଲି ସ୍ଥାନୀୟ ନୂଆପଡା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଆୟୋଜିତ ପୁଷ୍ଟିହୀନତା ସପ୍ତାହ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଡା. ପୋମା ଟୁଡୁ କହିଛନ୍ତି । ଜିଲା ମହିଳା ଓ ଶିଶୁ ବିକାଶ ବିଭାଗ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ରେଡର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜୟ ଲକ୍ଷ୍ମୀ ରାୟଗୁରୁ ସଭାପତିତ୍ୱ କରିଥିବାବେଳେ ଜିଲାପାଳ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପି. କେ. ପଟ୍ଟନାୟକ, ସ୍ରେଡର ଜିଲା ସଂଯୋଜକ ଶମ୍ଭୁ ସାହୁ, କାର୍ଯ୍ୟକ୍ରମ ଅଧିକାରୀ ଜିତେନ୍ଦ୍ର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ୫ଟି ବ୍ଲକରୁ ଆସିଥିବା ଅଙ୍ଗନୱାଡି କର୍ମୀ, ସ୍ୱଂୟ ସହାୟିକା ମହିଳା, ଆଶାକର୍ମୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ପରେ ଆୟୋଜିତ ସଭାରେ ଗର୍ଭବତୀ ମହିଳାଙ୍କ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ପ୍ରଦାନ, ଚିକିତ୍ସା, ଶିଶୁର ୧୦୦୦ଦିନର ଗୁରୁତ୍ୱ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶିଶୁଙ୍କୁ ଜନ୍ମରୁ ୬ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଦେବା, ୬ ମାସ ପରେ ମା' କ୍ଷୀର ସହ ଖାଦ୍ୟ ଖୁଆଇବା, ହାତ ସଫା କରି ଖାଦ୍ୟ ଖୁଆଇବା, ପାଇଖାନା ବ୍ୟବହାର ଉପରେ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ। ଏଥିରେ ଯୋଗଦେଇଥିବା ଅଙ୍ଗନୱାଡି କର୍ମୀ, ସ୍ୱଂୟ ସହାୟକ ଦଳ ମହିଳାଙ୍କୁ ନେଇ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା । ମହିଳାମାନଙ୍କୁ ପୁରସ୍କୃତ କରାଯାଇଛି । କଳାକାର କୁନାଲ ଚରଣ ବେହେରା, ଦେବେନ୍ଦ୍ର, ଦୀନ, ଦୟା ପୁଷ୍ଟି ଉପରେ ପାଲା ପରିବେଷଣ କରିଥିଲେ । ଏହି ଅବସରରେ ମହିଳାମାନଙ୍କ ସ୍ୱକୀୟ ବିଭିନ୍ନ ପ୍ରକଳ୍ପ ଏବଂ ପୁଷ୍ଟିକର ଖାଦ୍ୟର ନମୁନାକୁ ଜିଲାପାଳ ପରଖିଥିଲେ। ଲୋକଙ୍କ କ୍ରୟ ଶକ୍ତି ସହ ସ୍ଥାନୀୟ ଅଞ୍ଚଳେ ଉପଲବ୍ଧ ଖାଦ୍ୟ ଶସ୍ୟ ସେମାନଙ୍କୁ ମିଳିଲେ ହିଁ ସୁସ୍ଥ ରହିପାରିବେ ବୋଲି ଜିଲାପାଳ କହିଥିଲେ । କାର୍ଯ୍ୟକ୍ରମକୁ ସ୍ରେଡର ବ୍ଲକ ସଂଯୋଜକ କୁନାଲ ଚରଣ ବେହେରା, ମନୋଜ ମେହେର, କସ୍ତୁରବାଲା ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ମୋମୋ ଗେମ୍‌ରୁ ଦୂରେଇ ରହିବା ପାଇଁ ଆହ୍ୱାନ

ଖଡିଆଳ,୬।୯(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ସ୍ୱୟଂଶାସିତ କଲେଜର ରେଡକ୍ରସ ପକ୍ଷରୁ ଗୁରୁବାର ଅନୁଷ୍ଠିତ ସଚେତନତା କର୍ମଶାଳାରେ ମୋମୋ ଗେମରୁ ଦୂରେଇ ରହିବା ପାଇଁ ଅତିଥିଗଣ ଆହ୍ୱାନ ଦେଇଛନ୍ତି । ଏଥିସହ ଉକ୍ତ ମୋମୋ ଗେମରୁ ନିଜକୁ ଦୂରେଇ ରଖିବା ସହ କୌଣସି ଅଚିହ୍ନା ଲୋକଙ୍କଠାରୁ ଗେମ ଡାଉନଲୋଡ ନ କରିବା, ଫେସ୍‌ବୁକ, ୱାଟସଅପରେ ଅଚିହ୍ନା ଲୋକଙ୍କୁ କୌଣସି ମେସେଜଦ ନ କରିବା ଏବଂ ଯେକୌଣସି ମେସେଜକୁ ନେଇ ଭୟଭୀତ ନ ହୋଇ ଘରେ ମା, ବାପା, ଭାଇଭଉଣୀ ବନ୍ଧୁ ସମସ୍ତଙ୍କ ସହ ଆଲୋଚନା କରି ସେୟାର କରିବା ପାଇଁ ଯତ୍ନବାନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । କଲେଜ ଅଧ୍ୟକ୍ଷ ହରେନ୍ଦ୍ର କୁମାର ପଣ୍ଡା, ଅଧ୍ୟାପକ ପ୍ରମୋଦ କୁମାର ସାହୁ, ଅଧ୍ୟାପିକା ପ୍ରଣତି ପଣ୍ଡା ପ୍ରମୁଖ କର୍ମଶାଳାରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ଯୁବ ରେଡକ୍ରସ କାଉନସିଲର ଅଧ୍ୟାପକ ତରୁଣ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସଙ୍ଗୀତା ସେନ୍ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କର୍ମଶାଳାରେ କଲେଜର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।

ଅନୁଷ୍ଠିତ ସଚେତନତା କର୍ମଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

ବିଜ୍ଞାନ ମେଳାରେ ୫୪ ପ୍ରକଳ୍ପ ପ୍ରଦର୍ଶିତ

କଲମପୁର,୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ଦ୍ରୋଣାଚାର୍ଯ୍ୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମେଳାକୁ ବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର ରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ୫୪ ଜଣ ଶିଶୁ ବୈଜ୍ଞାନିକ ୫୪ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ସେମାନଙ୍କ ମଧ୍ୟରୁ କ ବିଭାଗରେ ମାନଭି ମେହେକ ହଂସ, ଖ ବିଭାଗରେ ଗୌରବ କ୍ରିସ୍ନା ପ୍ରଧାନ ଏବଂ ଗ ବିଭାଗରେ ଅନୁଷ୍କା ଶର୍ମା ପ୍ରଥମ ହୋଇଥିଲେ । ବିଚାରକ ଭାବେ ଗୋପାଳ ମିଶ୍ର, ତୃପ୍ତି ରଞ୍ଜନ ରାଉତ, ଦିପ୍ତୀମୟୀ ପଣ୍ଡା, ସ୍ମୀତା ବଗର୍ତ୍ତୀ ଯୋଗଦେଇଥିଲେ । ଉଦ୍‌ଯାପନୀରେ ବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର ରଞ୍ଜନ ସାହୁ ସଭାପତିତ୍ୱ କରିଥିବା ବେଳେ ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳର ବିଜ୍ଞାନ ଶିକ୍ଷକ ବାଞ୍ଛାନିଧୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଆଶିଷ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦିପ୍ତୀମୟୀ ପଣ୍ଡା ବିବରଣୀ ପାଠ ଏବଂ ପ୍ରଶାନ୍ତ କଟା ଧନ୍ୟବାଦ ଦେଇଥିଲେ।

ଶିଶୁ ବୈଜ୍ଞାନିକମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

ଖୋଲା ମଳମୁକ୍ତ ପାଇଁ ଆହ୍ୱାନ

ଝାରସୁଗୁଡ଼ା ଅଫିସ,୬।୯

ଜିଲାକୁ ଖୋଲା ମଳମୁକ୍ତ କରିବାକୁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଗୁରୁବାର ସକାଳୁ ସକାଳୁ ଜିଲାର କିର୍ମିରା ବ୍ଲକ ଧୁତ୍‌ରା ଗାଁରେ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ଲୋକଙ୍କୁ ଭେଟିଥିଲେ। ଖୋଲାରେ ମଳତ୍ୟାଗ କରିବାକୁ ବାରଣ କରିଥିଲେ। ସେଠାରେ ଆୟୋଜିତ ଏକ ସଭାରେ ଜୀବିକା ମିଶନର ପ୍ରୋଗ୍ରାମ ମ୍ୟାନେଜର ନୀଳିମା କୁଜୁର ଲୋକଙ୍କୁ ଖୋଲା ମଳତ୍ୟାଗ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ପ୍ରମୋଦ ବଗର୍ତ୍ତି, ଅର୍ପିତା ମହାନ୍ତି, ପ୍ରମୁଖ ଯୋଗଦେଇଥିଲେ।

ମୋଦିଙ୍କ ଗସ୍ତ ସଫଳ ପାଇଁ ଭାଜପାର ପ୍ରସ୍ତୁତି

ଝାରସୁଗୁଡ଼ା ଅଫିସ,୬।୯

ଆସନ୍ତା ୨୨ରେ ଝାରସୁଗୁଡ଼ା ବିମାନବନ୍ଦରକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ଶୁକ୍ରବାର ଝାରସୁଗୁଡ଼ାରେ ଭାଜପା ପକ୍ଷରୁ ହେବ ପ୍ରସ୍ତୁତି ବୈଠକ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବାକୁ ପ୍ରସ୍ତୁତ ହେବ ରୋଡ୍‌ମ୍ୟାପ୍। ସେଥିପାଇଁ ବୁଧବାର ଏବଂ ଗୁରୁବାର ଦୁଇଦିନ ଧରି ଜିଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଏକ ଆଲୋଚନା ବୈଠକ ହୋଇଥିଲା। ଶୁକ୍ରବାର ପ୍ରସ୍ତୁତି ବୈଠକ ଲାଗି ବରଗଡ଼, ସମ୍ବଲପୁର ଓ ସୁନ୍ଦରଗଡ଼ ଲୋକସଭା ନିର୍ବଚନମଣ୍ଡଳୀ ଅନ୍ତର୍ଗତ ୧୯ଟି ବିଧାନସଭା କ୍ଷେତ୍ରର ପଦାଧିକାରୀ ଏଥିରେ ଉପସ୍ଥିତ ରହିବେ। ଲକ୍ଷେ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଶୁକ୍ରବାର ବୈଠକରେ ସଭାସ୍ଥଳ ଚୟନ ପାଇଁ ବରିଷ୍ଠ ଭାଜପା ନେତାମାନେ ବିଚାରବିମର୍ଶ କରିବେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ବିମାନବନ୍ଦର ଗସ୍ତକରି ଅନ୍ୟାନ୍ୟ ଅନୁଷଙ୍ଗିକ ବ୍ୟବସ୍ଥା ଯାଞ୍ଚ କରିବେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି। ଶୁକ୍ରବାର ବୈଠକରେ ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ପ୍ରମୁଖ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

ଚତୁର୍ଦ୍ଦଶ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ଚାଷୀଙ୍କ ପ୍ରକୃତ ସମସ୍ୟା ସମାଧାନ ଆମର ପ୍ରଧାନ ଲକ୍ଷ୍ୟ

ନୂଆପଡା ଅଫିସ,୬।୯

ଭାରତ ଏକ କୃଷି ପ୍ରଧାନ ଦେଶ । ଏଠିକାର ଅଶି ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରି ଚଳିଥାନ୍ତି । ଏଠିକାର ଚାଷୀମାନେ ପ୍ରାଚୀନ ପାରମ୍ପରିକ ଚାଷ ପଦ୍ଧତିକୁ ନେଇ ଚାଷ କରୁଥିଲେ । ବର୍ତ୍ତମାନ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରି ଉପାର୍ଜନକୁ ଦ୍ୱିଗୁଣିତ କରିବାକୁ ସରକାରୀସ୍ତରରେ ପ୍ରୟାସ କରାଯାଉଛି । ଏଥିପାଇଁ ଚାଷୀଙ୍କୁ ସଜାଗ ହୋଇ ଆଗକୁ ଆସିବା ଦରକାର । ଚାଷୀଙ୍କ ପ୍ରକୃତ ସମସ୍ୟାକୁ ଦୃଷ୍ଟି ଦେଇ ସେମାନଙ୍କ କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକ ପରାମର୍ଶ ଦେଲେ ତାହା ସୁଫଳ ହେବ ବୋଲି ମତ ପ୍ରକାଶ ପାଇଛି । ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ ଚତୁର୍ଦ୍ଦଶ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକରେ ବକ୍ତାମାନେ ଏହି ମତ ରଖିଛନ୍ତି । ଓୟୁଏଟି ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୁସାରଣ ଡ.ପ୍ରସନ ଜିତ ମିଶ୍ର ସଭାପତିତ୍ୱ କରିଥିବାବେଳେ ଅଟାରୀ କୋଲକାତା ନିର୍ଦ୍ଦେଶକ ଡ. ଏସ.ଏସ. ସିଂହ, ସିଡିଭିଓ ନୂଆପଡା ଡ.ପି.କେ. ସାମନ୍ତରାୟ, ଡିଡିଏମ ନାବାର୍ଡ ଏସ.କେ. ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବୈଠକକୁ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ସ୍ୱାଗତିକା ଶ୍ରୀଚନ୍ଦନ ପରିଚାଳନା କରିଥିଲେ । ୨୦୧୭-୧୮ ଆର୍ଥିକ ବର୍ଷର କାର୍ଯ୍ୟକ୍ରମ ଏବଂ ୨୦୧୮-୧୯ର କାର୍ଯ୍ୟକ୍ରମ ଯୋଜନାକୁ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ବିଭାଗୀୟ ମୁଖ୍ୟ ଅଧିକାରୀମାନେ ମତ ରଖିଥିଲେ। କିପରି ଭାବେ ଚାଷୀମାନଙ୍କ ସମସ୍ୟାକୁ ଠିକ ଭାବରେ ସମାଧାନ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଉଦ୍ୟୋଗୀ ଚାଷୀ ଶୋଭନଲାଲ ସାହୁ ପରିବାର ଚାଷରେ ନୂତନ ଜ୍ଞାନ କୌଶଳ ଏବଂ ବଜାର ସମ୍ଭନ୍ଧୀୟ ସୂଚନା ଉପରେ ଆଲୋକପାତ କରିଥିଲେ । ଡ. ଏସ.ଏସ.ସିଂ ଚାଷୀର ପ୍ରକୃତ ସମସ୍ୟାକୁ ନେଇ କ୍ଷେତ୍ର ପରୀକ୍ଷଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଦର୍ଶ ଗ୍ରାମର ବର୍ତ୍ତମାନ ବାସ୍ତବ ସ୍ଥିତି ନିରୀକ୍ଷଣ କରି କାର୍ଯ୍ୟକ୍ରମକୁ ସ୍ଥିର କରିବା ପାଇଁ ନିର୍ଦ୍ଦେଶ କରିଥିଲେ । ତାଲିମ କାର୍ଯ୍ୟକ୍ରମରେ ସମାଜର ଦୁର୍ବଳ ଶ୍ରେଣୀକୁ ଅନ୍ତର୍ଭୁକ୍ତ କରିବା ଜରୁରି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଗୃହ ବିଜ୍ଞାନୀ ଗୀତାଞ୍ଜଳୀ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଏଫଓ ଜଗଦିଶ ଷଡଙ୍ଗୀ, ସିପିଏସଡବ୍ଲ୍ୟୁ ସମ୍ପାଦକ ବିରନଚି ନାରାୟଣ ମହାପାତ୍ର, ଏଲଡିଏମ କେଦାରନାଥ ପଣ୍ଡା, କୈଳାସ ମାଝି ପ୍ରମୁଖ ଯୋଗଦେଇଥିଲେ ।

ଚତୁର୍ଦ୍ଦଶ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ ।

ଅବସରପ୍ରାପ୍ତ ଶିକ୍ଷକ, ସିଆର୍‌ସିସି ସମ୍ମାନିତ

ପଲମ,୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନସ୍ଥ ନର୍ଲା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ଜିଲାସ୍ତରୀୟ ଗୁରୁ ଦିବସ ପାଳିତ ହୋଇଯାଇଛି । ପ୍ରାଥମିକ ଶିକ୍ଷକ ସଂଘ, ହରିପୁର ରୋଡ କଟକ, କଳାହାଣ୍ଡି ଜିଲା ନର୍ଲା ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପ୍ରାଥମିକ ସଂଘ ସଭାପତି ବାଳକୃଷ୍ଣ ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ମନୋରମା ମହାନ୍ତି, ମୁଖ୍ୟବକ୍ତା ଡଃ ନୃପରାଜ ସାହୁ, ସମ୍ମାନିତ ଅତିଥି ଡିଇଓ ପ୍ରଦୀପ କୁମାର ନାଗ, ରାଜ୍ୟ ଉପସଭାପତି ମନୋଜ କୁମାର ପାଣିଗ୍ରାହୀ ଏବଂ ନର୍ଲା ବିଇଓ ନିରୁପମା ଦୋରା, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସଂଘ ତରଫରୁ ହୃଷିକେଶ ପଣ୍ଡା, ବାସନ୍ତି ରାଉତ, କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା । ନର୍ଲା ବ୍ଲକ ସହ ଅନ୍ୟାନ୍ୟ ବ୍ଲକ ଶିକ୍ଷକ ତଥା ସିଆରସିସି, ବିଆରସି ଏବଂ ଅବସରପ୍ରାପ୍ତ ଶିକ୍ଷକମାନେ ମଧ୍ୟ ଯୋଗଦେଇଥିଲେ । ଜିଲା ପ୍ରାଥମିକ ସଂଘ ସଭାପତି ବାଳକୃଷ୍ଣ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

ରିଷିଡା,୬।୯(ଡି.ଏନ.ଏ.)

କର୍ଲାମୁଣ୍ଡା ବ୍ଲକ ରିଷିଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି) ପ୍ରେମାନନ୍ଦ ପାତ୍ରଙ୍କୁ କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘ, ହରିପୁର ରୋଡ, କଟକଙ୍କ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ଗୁରୁ ଦିବସରେ ସମ୍ମାନିତ କରାଯାଇଛି । ନର୍ଲାଠାରେ ଆୟୋଜିତ ଜିଲାସ୍ତରୀୟ ଗୁରୁ

ସଂକ୍ଷେପରେ

କାମରେ ଆସୁନି ପରିସଂଖ୍ୟାନ କାର୍ଯ୍ୟାଳୟ

କର୍ଲାମୁଣ୍ଡା,୬।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପରିସରରେ ଥିବା ପରିସଂଖ୍ୟାନ ବିଭାଗର କାର୍ଯ୍ୟାଳୟ କୌଣସି କାମରେ ଆସୁ ନାହିଁ । ଏହା ସାଧାରଣ ଲୋକଙ୍କ ପରିଶ୍ରାଗାର ସାଜିଛି । ଗତ ୧୧ ଏପ୍ରିଲ ୨୦୧୬ ସ୍ଥାନୀୟ ବିଧାୟକ ଧନେଶ୍ୱର ମାଝିଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ଏହି ନୂତନ ଗୃହ ପରିସଂଖ୍ୟନ ବିଭାଗର କାର୍ଯ୍ୟାଳୟ ପାଇଁ ନିର୍ମାଣ ହୋଇଥିଲା । ତେବେ ଏଠାରେ ପରିସଂଖ୍ୟନ ବିଭାଗ କୌଣସି କର୍ମଚାରୀ ନିଯୁକ୍ତି ହୋଇ ପାରି ନ ଥିବାରୁ ଗୃହ ବନ୍ଦହୋଇ ପଡିରହିଛି । ଫଳରେ ଗୃହ ପରିସର ପରିଶ୍ରାଗାର ରୂପେ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି ।

ଲାଞ୍ଜିଗଡ଼ ଦୁର୍ଗାପୂଜା କମିଟି ନୂତନ କର୍ମକର୍ତ୍ତା

ଲାଞ୍ଜିଗଡ଼,୬।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ଦୁର୍ଗାପୂଜା ନୂତନ କମିଟି ଗଠନ ସହିତ ଏହାର କର୍ମକର୍ତ୍ତ ଚୟନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବିନୋଦ ଗଉଡ, ସମ୍ପାଦକ ଭାବେ ଶ୍ରୀମୁଖ ଅଗସ୍ତି, କୋଷାଧକ୍ଷ ସୁମନ୍ତ ଦଳବେହେରା ପ୍ରମୁଖ ମନୋନୀତ ହୋଇଛନ୍ତି। ଶାନ୍ତି କମିଟିରେ ଲାଞ୍ଜିଗଡ ଥାନାଧିକାରୀ ସଞ୍ଜୟ କୁମାର ମଣ୍ଡଳ, ଚନ୍ଦ୍ରଧ୍ୱଜ ପେସନିଆ, ଲାଞ୍ଜିଗଡ ସରପଞ୍ଚ ମଣି ମାଝି, ରାଜେନ୍ଦ୍ର ପ୍ରତାପ ସିଂଦେଓ, କାମରାଜ ଦଳବେହେରା ଓ କ୍ଷମାନିଧି ମହାକୁଡଙ୍କୁ ମନୋନୀତ କରାଯାଇଛି ।

ମା' ମାଣକେଶ୍ୱରୀ ନାରୀ ସଂଘ ପକ୍ଷରୁ ସଚେତନତା ସଭା

ଭବାନୀପାଟଣା,୬।୯(ଡି.ଏନ.ଏ.)
ଭବାନୀପାଟଣା ବ୍ଲକ ଅନ୍ତର୍ଗତ ସାନଖଇରମାଲ ଗ୍ରାମ ମା' ମାଣିକେଶ୍ୱରୀ ନାରୀ ସଂଘ ପକ୍ଷରୁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ମଦମୁକ୍ତ ଗ୍ରାମ ନିର୍ମାଣ କରିବା ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ କର୍ଲାଗୁଡା ପଞ୍ଚାୟତ ସରପଞ୍ଚ ସବିତା ନାଏକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ନେତା ଗୌରହରି ନାଏକ, ସଂଘ ଉପଦେଷ୍ଟା ନାରାୟଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସଂଘ ସଭାପତି ଶୋଭାଗିନୀ ପାତ୍ର ପରିଚାଳନା କରିବା ସହିତ ସଂଘ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ରତ୍ନପ୍ରଭା ପିରୋହିତ, ଜମୁନା ବାଗ, ପ୍ରଭାତୀ ଜାଲ, ଗିତାଞ୍ଜଳୀ ସାହୁ ପ୍ରମୁଖ ଯୋଗଦେଇଥିଲେ ।

ବିପଦସଙ୍କୁଳ ଶ୍ରେଣୀଗୃହରେ ପାଠପଢ଼ା

ଲଙ୍ଗୁଗାଁ,୬।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁନଗାଁ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଏକାଧିକ ଶ୍ରେଣୀ ଗୃହ ଏବେ ବିପଦ ସଙ୍କୁଳ ହୋଇପଡିଛି । ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ ସାଙ୍ଗକୁ ବିପଦସଙ୍କୁଳ ଶ୍ରେଣୀ ଗୃହରେ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି । ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଛାଡିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି । ଏ ନେଇ ବ୍ଲକ ଶିକ୍ଷା ବିଭାଗକୁ ଅନେକ ଥର ଲିଖିତ ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି ।

ଡୁନଗାଁ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ
- ବର୍ଷା ହେଲେ ଛାତରୁ ପାଣି ଗଳୁଛି
- ଶ୍ରେଣୀ ଗୃହ କାନ୍ଥରେ ଫାଟ ସୃଷ୍ଟି
- ୧୭୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି

ସରକାର ଶିକ୍ଷାର ବିକାଶ ନିମନ୍ତେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବ୍ୟାପକ ଖର୍ଚ୍ଚ କରୁଥିବା ବେଳେ ଏହି ବିଦ୍ୟାଳୟର ଶ୍ରେଣୀ ଗୃହ ଅଭାବ ପାଠପଢାରେ ଅନ୍ତରାୟ ସୃଷ୍ଟି କରୁଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୭୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଶ୍ରେଣୀଗୃହ ସମ୍ପୂର୍ଣ୍ଣ ବିପଦସଙ୍କୁଳ ହୋଇପଡିଛି।

ଶ୍ରେଣୀଗୃହର କାନ୍ଥର ବିଭିନ୍ନ ସ୍ଥାନରେ ବଡବଡ ଫାଟ ସୃଷ୍ଟି ହୋଇଥିବା ବେଳେ ୨ଟି ଶ୍ରେଣୀଗୃହ ଛାତରୁ ବର୍ଷା ହେଲେ ପାଣି ଝରୁଛି। ଏହି ଶ୍ରେଣୀ ଗୃହରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ଦେବା ଅତ୍ୟନ୍ତ ବିପଦଜ୍ଜନକ ବୋଲି ଶିକ୍ଷକମାନେ ପ୍ରକାଶ କରୁଛନ୍ତି। ଶ୍ରେଣୀଗୃହର ଏପରି ଦୂରବସ୍ଥାକୁ ଦେଖି ଛାତ୍ରୀଛାତ୍ର ଉକ୍ତ ଶ୍ରେଣୀଗୃହରେ ଆଉ ବସି ପାଠ ପଢିବା ସେମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଏହି ବିପଦସଙ୍କୁଳ ଶ୍ରେଣୀଗୃହ ପରିତ୍ୟାଗ କରି ଏକମୁକ୍ତ ସ୍ଥାନ ନିରୁପଣ କରି ଶିକ୍ଷାଦାନ ପ୍ରଦାନ କରିବା ଓ ନୂତନ ଶ୍ରେଣୀଗୃହ ତିଆରି କରିବା ପାଇଁ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଶିକ୍ଷା ବିଭାଗକୁ ଅନୁରୋଧ କରିଛନ୍ତ। ନଚେତ ଆଗାମୀ ଦିନରେ ରାଜରାସ୍ତରେ ଓହ୍ଲେଇବା ପାଇଁ ବାଧ ହେବୁ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ପ୍ରେମ ଶବରଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ କୋକସରା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝିଙ୍କୁ ପଚାରିବାରୁ ବର୍ତ୍ତମାନ ପଞ୍ଚାୟତକୁ ଅସ୍ଥାନ୍ତର ହେଲାଣି ଆମେ କିଛି କରି ପାରିବୁନି କହିଥିବା ବେଳେ କନ୍ଦାବୁଟୁରା ସରପଞ୍ଚ ଭବାନୀ ଦୀପଙ୍କୁ ପଚାରିବାରୁ ମୋ ପାଖରେ କୌଣସି ଖବର ନାହିଁ । ମୋତେ ଏ ବିଷୟରେ କେହି ଯାଣାଇ ନାହନ୍ତି । ତଥାପି ଶୀଘ୍ର ତାର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି ।

ବିପଦସଙ୍କୁଳ ଶ୍ରେଣୀ କୋଠରିରେ ଛାତ୍ରୀଛାତ୍ରମାନେ ପାଠପଢୁଛନ୍ତି ।

ବିଦ୍ୟାଳୟ ଛାତ ଫାଟି ରଡ଼ ବାହାରିଛି।

ଅବକାରୀ ଉପନିରୀକ୍ଷକଙ୍କ ଅଫିସରେ ନାମଫଳକ ଲାଗିଲା

ଜୁନାଗଡ,୬।୯(ଡି.ଏନ.ଏ.)

ଧରିତ୍ରୀର ପ୍ରଭାବ

ରାଜ୍ୟ ସରକାରଙ୍କ ପ୍ରଣୀତ ଭାଷା ଅଧିନିୟମ ଅନୁଯାୟୀ ସମସ୍ତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନର ନାମ ଫଳକ (ସାଇନ ବୋର୍ଡ) କାର୍ଯ୍ୟାଳୟ ଆଗରେ ଟାଙ୍ଗିବା ସହ ଏହାକୁ ଓଡିଆରେ ଲେଖିବା ପାଇଁ ବାଧତା ମୂଳକ ମଧ୍ୟ କରିଛନ୍ତି। ଏପରିକି ଏହି ନିର୍ଦ୍ଦେଶକୁ କେହି ନ ମାନିଲେ ଜରିମାନା ବ୍ୟବସ୍ଥା ମଧ୍ୟ କରିଛନ୍ତି। କଳାହାଣ୍ଡି ଜିଲା ଜୁନାଗଡ ଅବକାରୀ ଉପ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ଏଠାରେ କାର୍ଯ୍ୟରତ ଅବକାରୀ ଉପ ନିରୀକ୍ଷକଙ୍କ ଖାମଖିଆଲି ମନୋଭାବ ଯୋଗୁ ଦୀର୍ଘଦିନ ପରେ ମଧ୍ୟ କାର୍ଯ୍ୟାଳୟରେ ନାମ ଫଳକ (ସାଇନବୋର୍ଡ) ମଧ୍ୟ ଲାଗି ନ ଥିଲା। ଫଳରେ ସ୍ଥାନୀୟ ଲୋକେ ଏହି କାର୍ଯ୍ୟାଳୟ ବିଷୟରେ ଜାଣି ପାରୁ ନ ଥିଲେ। ଏହି ଘଟଣାକୁ ନେଇ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବର୍ତ୍ତମାନ ଜୁନାଗଡ ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ନାମ ଫଳକ ଲାଗିଥିବା ଦେଖିବାକୁ ମିଳୁଛି।

ଜୁନାଗଡ ଅବାକାରୀ ଉପନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସାଇନ ବୋର୍ଡ ଲାଗିଛି।

ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିରରେ ଶ୍ରମିକମାନଙ୍କୁ ପଞ୍ଜୀକୃତ କରାଯାଉଛି।

ସ୍ୱଚ୍ଛତା ସଚେତନତା ଅଭିଯାନ, ଚାରାରୋପଣ କାର୍ଯ୍ୟକ୍ରମ

ଭବାନୀପାଟଣା,୬।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକରେ ଶାନ୍ତପୁରଠାରେ ସ୍ୱଚ୍ଛତା ସଚେତନତା ଅଭିଯାନ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶାନ୍ତପୁର ଗ୍ରାମସ୍ଥିତ ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର, ଗ୍ରାମବାସୀ, ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ନେଇ ଗତ ଏକ ସପ୍ତାହ ହେଲା ବିଭିନ୍ନ ପ୍ରକାର ସ୍ୱଚ୍ଛତା ପରେ ବିଭିନ୍ନ କାର୍ଯ୍ୟକ୍ରମ ଓ ଚାରାରୋପଣ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଛି । ଗତ ୪ ତାରିଖରେ ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର, ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ ଏବଂ ହାଇସ୍କୁଲ ରାସ୍ତାରେ ଉଭୟ ପାର୍ଶ୍ୱରେ ସଫେଇ, ସ୍ୱଚ୍ଛତା ଆଦି କାର୍ଯ୍ୟ କରିଥିବା ବେଳେ ବୁଧବାର ଏହି ସବୁ ଅଞ୍ଚଳରେ ବିଭିନ୍ନ ପ୍ରକାର ଫଳ ଓ ଔଷଧିୟ ବୃକ୍ଷମାନ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶାନ୍ତପୁର ଗ୍ରାମସ୍ଥିତ ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଙ୍ଗଠନ ସଭାପତି ଅଶୋକ କୁମାର ରାଉତ, ସରପଞ୍ଚ ଟିକେଧର ସାହୁ, ସମିତି ସଭ୍ୟ ଗୋବିନ୍ଦ ତାଣ୍ଡି, ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ମିଶ୍ରଙ୍କ ନେତୃତ୍ୱରେ ଶାନ୍ତପୁର ଓ ଆଖପାଖ ଗ୍ରାମର ଗ୍ରାମବାସୀ, ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ ।

ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିର

କର୍ଲାମୁଣ୍ଡା,୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ରାଜୀବଗାନ୍ଧୀ ସେବାକେନ୍ଦ୍ରଠାରେ ଗୁରୁବାର ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଯୋଜନା ପକ୍ଷରୁ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିର ଆୟୋଜନ ହୋଇଯାଇଛି । ଏଥିରେ ଆଞ୍ଚଳିକ ଶ୍ରମ ନିରୀକ୍ଷକ ଜୀତମ ମାଝି ଯୋଗଦେଇ କର୍ଲାମୁଣ୍ଡା ବ୍ଲକର ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୫୦ରୁ ଊର୍ଦ୍ଧ୍ୱ ଦିନ କାମ କରିଥିବା ଜର୍ବକାର୍ଡଧାରୀ ୧୫୬ ଜଣ ଶ୍ରମିକ ପଞ୍ଜୀକୃତ କରିଥିଲେ। ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ ବ୍ଲକ କର୍ଯ୍ୟାଳୟର ସାମନା ପଟ ମୁଖ୍ୟଦ୍ୱାରା (ଗେଟ)କୁ ଅପରାହ୍ନ ୧ ଘଟିକା ଯାଏଁ ବନ୍ଦ ରହିଥିବାରୁ ଜନସାଧାରଣମାନେ ପଛପଟ ଗେଟ ଦେଇ ଶିବିରକୁ ଯିବା ଆସିବା କରିବାରେ ଅସୁବିଧାର ସମ୍ମୁଖିନ ହୋଇଥିଲେ ବୋଲି କର୍ଲାମୁଣ୍ଡାର ରାମଗୋପାଳ ସାହୁ (ଧୁମା) ଅଭିଯୋଗ କରିଥିଲେ। ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଗେଟ ବନ୍ଦ ହୋଇଥିବା ନେଇ କିଛି ସମୟ ପାଇଁ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ବ୍ଲକ ମୁଖ୍ୟ କିରାଣୀ ମନମତ ଜାନୀଙ୍କୁ ପଚାରିବାରୁ ଆମେ ଜାଣିଶୁଣି ଗେଟ ବନ୍ଦ କରିନାହୁଁ, କେହି ଜଣେ ଭୁଲରେ ଗେଟ ବନ୍ଦ କରିଦେଇଥିବା କହିଥିଲେ।

ସିଡିପିଓ ପଦବୀକୁ ପଦୋନ୍ନତି ଦାବିରେ ମହିଳା ସୁପରଭାଇଜରଙ୍କ ଦାବିପତ୍ର ପ୍ରଦାନ

ଭବାନୀପାଟଣା,୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଗତ ୨୦ ରୁ ୨୫ ବର୍ଷ ଧରି ସିଧାସଳଖ ମହିଳା ସୁପରଭାଇଜର୍ ପଦବିରେ ନିଯୁକ୍ତି ପାଇଥିବା ମହିଳା ସୁପରଭାଇଜର୍‌ମାନଙ୍କୁ ସିଡିପିଓ ପଦବିକୁ ପଦୋନ୍ନତି ଦାବି କରି କଳାହାଣ୍ଡି ଜିଲା ମହିଳା ସୁପରଭାଇଜର୍‌ଙ୍କ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ୍ ଶକ୍ତି ବିଭାଗରେ କାର୍ଯ୍ୟରତ କଳାହାଣ୍ଡି ଜିଲାର ମହିଳା ସୁପରଭାଇଜର୍‌ମାନେ ଏସ୍‌ଏନ୍‌ପି, ଟୀକାକରଣ, ପ୍ରାକ୍‌ସ୍କୁଲ ଶିକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷା, ଏନ୍‌ଏଚ୍‌ଇଡି ଆଦି ଯୋଜନାର ସଫଳ ରୂପାୟନ ନିମନ୍ତେ ମହିଳା ସୁପରଭାଇଜର୍‌ମାନେ କାର୍ଯ୍ୟ କରିଆସୁଛନ୍ତି। ଆଇସିଡିଏସ୍ ଯୋଜନାର ସଫଳ ରୂପାୟନ ପାଇଁ ମହିଳା ସୁପରଭାଇଜର୍‌ମାନେ ଉଦ୍ୟମ କରି ଆସୁଥିବା ବେଳେ ପଦୋନ୍ନତି କ୍ଷେତ୍ରରେ ସେମାନଙ୍କ ପ୍ରତି ଅବିଚାର କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆଇସିଡିଏସ୍ ସୁପରଭାଇଜର୍ ଭାବେ କାର୍ଯ୍ୟ କରି ଆସୁଥିବା ମହିଳା ସପରଭାଇଜର୍‌ଙ୍କୁ ସିଡିପିଓ କିମ୍ବା ତତୁଲ୍ୟ ପଦବିକୁ ପଦୋନ୍ନତି କରିବା ନିମନ୍ତେ ଦାବି କରିଛନ୍ତି। ଆଜି କଳାହାଣ୍ଡି ଜିଲାର ସିଧାସଳଖ ମହିଳା ସୁପରଭାଇଜର୍ ନିଯୁକ୍ତି ପାଇଥିବା ଏବଂ ୨୦ରୁ ଊର୍ଦ୍ଧ୍ୱ ବର୍ଷ ଧରି କାର୍ଯ୍ୟକରି ଆସୁଥିବା ମହିଳା ସୁପରଭାଇଜର୍‌ଙ୍କୁ ତୁରନ୍ତ ସିଡିପିଓ କିମ୍ବା ତତୁଲ୍ୟ ପଦବିକୁ ପଦୋନ୍ନତି କରିବା ଦାବିରେ ଜିଲାପାଳଙ୍କ ଅନୁପସ୍ଥିତିରେ ଜରୁରୀ ଶାଖା ଅଧିକାରୀ ସୁରେନ୍ଦ୍ର ତ୍ରିପାଠୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ଜିଲା ଜରୁରୀ ଶାଖା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀ ନିର୍ଦ୍ଦୋଷରେ ଖଲାସ

ଭବାନୀପାଟଣା,୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ରୁପେନ ଗାଁର ମହିଳା ନୀଳ ପରାଭୋଇ ହତ୍ୟା ମାମଲାର ବିଚାର କରି ଜିଲା ଦୌରାଜଜ୍ ଶିଶିର କୁମାର ରଥ ଅଭିଯୁକ୍ତ ନରସିଂହଙ୍କୁ ବୁଧବାର ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୫ ଏପ୍ରିଲ ୫ ତାରିଖରେ ପରକୀୟା ପ୍ରୀତି ସନ୍ଦେହରେ ରୁପେନ ଗ୍ରାମର ନରସିଂହ ତାଙ୍କ ସ୍ତ୍ରୀ ନୀଳଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏ ନେଇ ଥୁ.ରାମପୁର ଥାନାରେ ଲିଖିତ ଏତଲା ଦିଆଯାଇଥିଲା । ଘଟଣା ସମ୍ପର୍କରେ ରୁପେନ ଗାଁର ଗ୍ରାମରକ୍ଷୀ ନାରଙ୍ଗା ମାଝି ଥୁ.ରାମପୁର ଥାନାକୁ ଜଣାଇବା ପରେ ପୋଲିସ ଏସ୍‌ଆଇ ପୁରନ୍ଦର ନନ୍ଦ ଘଟଣାସ୍ଥଳରେ ପହଞ୍ଚି ଶବ ଓ ଟାଙ୍ଗିଆ ଜବତ କରିବା ସହିତ ଅଭିଯୁକ୍ତ ନରସିଂହଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ କୁନାଲ ବେହେରା ମାମଲା ପରିଚାଳନା କରିଥିଲେ ।

ଜିଲାସ୍ତରୀୟ ଶାରଦୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

କେସିଙ୍ଗା,୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଉତ୍ଳେଳାସ୍ଥିତ ଚାଚା ନେହେରୁ ବିଦ୍ୟାମନ୍ଦିର ପରିସରରେ ଜିଲାସ୍ତରୀୟ ଶାରଦୀୟ କ୍ରୀଡା ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଡିଇଓ ପ୍ରଦୀପ କୁମାର ନାଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ନସିଗରାଣୀ ସାହୁ ଯୋଗଦେଇ ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ । କଳାହାଣ୍ଡି ଜିଲାର ୧୩ଟି ବ୍ଲକ ବିଭିନ୍ନ ହାଇସ୍କୁଲର ୩୬୪ ଜଣ ଛାତ୍ରୀଛାତ୍ର ଏହି କ୍ରୀଡା ମହୋତ୍ସବରେ ଭାଗ ନେଇଛନ୍ତି । ଏହା ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ଚାଲିବ । ପ୍ରବଳ ବର୍ଷା ସତ୍ତ୍ୱେ ମଧ୍ୟ ଏହି ମହୋତ୍ସବକୁ ଉଦ୍‌ଘାଟନ କରାଯାଇଥିଲା । ଉଦଘାଟନି ଦିବସରେ ପୁଅମାନଙ୍କ ପାଇଁ କବାଡି ଓ ଫୁଟବଲ ଖେଳ ଓ ଝିଅ ମାନଙ୍କ ପାଇଁ ଖୋଖୋ, ଫୁଟବଲ ପ୍ରତିଯୋଗିତା ହୋଇଥିଲା। ଚାଚା ନେହେରୁ ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଲେଙ୍କା ଏବଂ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳମାଧବ ପଣ୍ଡା ପରିଚାଳନା କରିଥିଲେ । ଏହି ବିଦ୍ୟାମନ୍ଦିରର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ ।

କ୍ରୀଡା ମହୋତ୍ସବରେ ଯୋଗଦେଇଥିବା ଅତିଥି ।

ବାହାବଁଧା ପରବ୍‌ରେ ମାତିଛନ୍ତ ଦାଦନ୍ ସର୍ଦ୍ଦାର

ଭବାନୀପାଟଣା,୬।୯(ଡି.ଏନ.ଏ.)

ପାଖେଇ ଆଣିଲା ନୂଆଁଖାଇ

ନୂଆଁଖାଇ ଲଗନ୍ ଧାଯ୍ ହେଲାନ। ଗାଁ ଗାଁରେ ନୂଆଁଖାଇ ଲାଗି ସଜ୍‌ବାଜ୍ ଆରମ୍ ହେଇଯାଇଛେ। ଇ ଭିତ୍‌ରେ କଳାହାଣ୍ଡି ଜ

ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର

ସଂକ୍ଷେପରେ

ବିଜୁ ଯୁବ ବାହିନୀଙ୍କୁ ଟୋପି, ଜର୍ସି ବଣ୍ଟନ

ସିନାପାଲି,୬।୯(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ବ୍ଲକ ପରିସରରେ ବ୍ଲକ୍ ବିଜୁ ଯୁବ ବାହିନୀ ତରଫରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଯୁବ ବାହିନୀ ସଦସ୍ୟମାନଙ୍କୁ ଟୋପି ଓ ଜର୍ସି ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ଡବ୍ଲ୍ୟୁଇଓ ସୂର୍ଯ୍ୟକାନ୍ତ ଭୋଏ, ଜିଲା ବିଜୁ ଯୁବ ବାହିନୀ କୋଡିନେଟର ବିନୋଦ ନାଗ, ବ୍ଲକ ବିଜୁ ଯୁବ ବାହିନୀ କୋଡିନେଟର ଅଭିମନ୍ୟୁ ବାଗଙ୍କ ସମେତ ୨୭ଟି ପଞ୍ଚାୟତ ବିଜୁ ଯୁବ ବାହିନି ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବୃକ୍ଷ ରୋପଣ କରିଥିବା ଯୁବ ବାହିନୀଙ୍କୁ ତାଙ୍କ ଆକାଉଣ୍ଟରୁ ପଚିଶ ଶହ ଟଙ୍କା ଉଠାଇ ପାରିବେ ଏବଂ ସରକାରଙ୍କ ମୋ ହିରୋ କାର୍ଯ୍ୟକ୍ରମରେ ମଧ୍ୟ ଏହି ଯୁବ ବାହିନୀ ସାମିଲ ହୋଇ ପାରିବେ ବୋଲି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା ।

ଠିକାଦାରପଡ଼ା ଦୁର୍ଗାପୂଜାର ନୂତନ କର୍ମକର୍ତ୍ତା

ବଲାଙ୍ଗୀର ଅଫିସ, ୬।୯: ସ୍ଥାନୀୟ ଠିକାଦାରପଡା ଦୁର୍ଗାମଣ୍ଡପଠାରେ ଆଡ୍‌ଭୋକେଟ ପ୍ରବୀଣ ମିଶ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ୪୩ତମ ଦୁର୍ଗାପୂଜାକୁ ସମାରୋହରେ ପାଳନ କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା । ଏହି କମିଟିରେ ସଭାପତି ଭାବେ ପ୍ରବୀଣ ମିଶ୍ର, ଉପସଭାପତି ଭାବେ ଅଜିତ ମହାଲିଙ୍ଗ, ସାଧାରଣ ସମ୍ପାଦକ କାଳୀ ଚରଣ ବିଶ୍ୱାଲ, ସହସମ୍ପାଦକ ଭାବେ ଦେବ ବରିହା ଏବଂ କୋଷାଧ୍ୟକ୍ଷ ଭାବେ ଶେଷଦେବ ଜୁଏଡ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ଭାବେ ଧ୍ରୁବ ଜୁଏଡ, ପ୍ରତ୍ୟୁଷ ଖୁଆସ, ନରେନ୍ଦ୍ର ଜାଲ, ରଞ୍ଜିତ ବେହେରା, ମନୋଜ ସାହୁ, ମନୋଜ ଗୁରୁ, ଦେବେନ ପାତ୍ର, ମଧୁ ବନଛୋର, ସମୀର ମିଶ୍ର, ମନୀଷ ମିଶ୍ର, ରାଜେଶ ମଟାରୀ, ରମେଶ ପରିଡା, ଲକ୍ଷ୍ମୀନ୍ଦ୍ର ସାହୁ, ଶଶୀ ଖମାରୀଙ୍କୁ ମନୋନୟନ କରାଯାଇଥିଲା ।

ଗାଈ ଋଣ ପ୍ରଦାନରେ ଦୁର୍ନୀତି ଅଭିଯୋଗ

ବଲାଙ୍ଗୀର ଅଫିସ, ୬।୯

ମରାଡୁଗୋଚ୍ଛା ଗ୍ରାମର ଚାଷୀମାନେ ଅଭିଯୋଗପତ୍ର ଦେବାକୁ ବଲାଙ୍ଗୀର ବିଡିସିସି ବ୍ୟାଙ୍କକୁ ଆସିଛନ୍ତି।

- ତଦନ୍ତ ପାଇଁ ବିଡିସିସି ବ୍ୟାଙ୍କ, ଭିଜିଲାନ୍ସକୁ ଋଣୀଚାଷୀଙ୍କ ଦରଖାସ୍ତ
- ମରାଡୁଗୋଚ୍ଛା ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ ଫେରାଦ
- ଋଣୀଙ୍କ ଠାରୁ ୫.୭୬ ଲକ୍ଷ ଆତ୍ମସାତ୍ ଅଭିଯୋଗ

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଚ୍ଛା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଗାଈଋଣ ପ୍ରଦାନରେ ଅନିୟମିତତା ଓ ଅର୍ଥ କାରବାର ହୋଇ ୪୮ ଚାଷୀଙ୍କ ଋଣ ଟଙ୍କା ଆତ୍ମସାତ୍ କରାଯାଇଛି । ଏ ସଂକ୍ରାନ୍ତରେ ମରାଡୁଗୋଚ୍ଛା ଗାଁର ଚାଷୀମାନେ ଗୁରୁବାର ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଭିଜିଲାନ୍ସ ଅଫିସକୁ ଆସି ଅଭିଯୋଗ କରିଥିଲେ । ତୁରନ୍ତ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଣାଇଥିଲେ । ଗତ ଫେବୃୟାରୀରେ ମରାଡୁଗୋଚ୍ଛା ପ୍ୟାକ୍ସରୁ ମରାଡୁଗୋଚ୍ଛା, ଗୁହିରାଘାଟ, ବନ୍ଧକେଡା, ରୁଗୁଡିପାଲି, ମାଙ୍କଡଝୁଆଁ, ଲକ୍ଷ୍ମୀମୁଣ୍ଡା ଓ ଖଇରଟିକରା ଗାଁର ୪୮ଜଣ ଚାଷୀଙ୍କୁ ଗାଈଋଣ ମଞ୍ଜୁର କରାଯାଇଥିଲା । ପ୍ରତ୍ୟେକ ଚାଷୀଙ୍କୁ ୧ଲକ୍ଷ ୨୦ହଜାର ଟଙ୍କା ଋଣ ମଞ୍ଜୁର ହୋଇଥିବା କୁହାଯାଇଥିଲା । ଏହି ଋଣର ପ୍ରଥମ କିସ୍ତି ବାବଦକୁ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨୦ହଜାର ଟଙ୍କା ଲେଖାଏ ଜମା ହୋଇଥିଲା । ଏହି ଟଙ୍କାରେ ଚାଷୀମାନେ ଗୁହାଳ ତିଆରି କରିବା କଥା । ମାତ୍ର ପ୍ୟାକ୍ସ ସମ୍ପାଦକ ପ୍ରତ୍ୟେକ ଋଣଚାଷୀଙ୍କୁ ଜମା ହୋଇଥିବା ୨୦ହଜାର ଟଙ୍କାରୁ ବ୍ୟାଙ୍କର କାଗଜପତ୍ର ବାବଦକୁ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୨ହଜାର ଟଙ୍କା ଲେଖାଏଁ ଦେବାକୁ କହିଥିଲେ । ଏହି ଟଙ୍କା ଦେଲେ ଆଗକୁ ଗାଈ କିଣିବାକୁ ଆଉ ୧ଲକ୍ଷ ଟଙ୍କା ଚାଷୀଙ୍କ ଆକାଉଣ୍ଟରେ ୩ ଦିନ ମଧ୍ୟରେ ଜମା କରାଯିବ ବୋଲି କହିଥିଲେ । ପ୍ୟାକ୍ସ ସମ୍ପାଦକଙ୍କ କଥାକୁ ବିଶ୍ୱାସ କରି ଚାଷୀମାନେ ଜଣପିଛା ୧୨ହଜାର ଟଙ୍କା ପ୍ୟାକ୍ସ ସମ୍ପାଦକଙ୍କୁ ଦେଇଥିଲେ । ସେହି ଟଙ୍କା ନେବା ପରେ ଗତ ୬ମାସ ହେଲା ଚାଷୀମାନେ ପ୍ୟାକ୍ସକୁ ଦୌଡୁଥିଲେ ମଧ୍ୟ ଗାଈ କିଣା ବାବଦକୁ ଟଙ୍କା ଡିପୋଜିଟ୍ ହେଉନାହିଁ । ଏନେଇ ପ୍ୟାକ୍ସ ସମ୍ପାଦକଙ୍କୁ ପଚାରିଲେ ବିଭିନ୍ନ ବାହାନା କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ଚାଷୀଙ୍କଠାରୁ ୫ଲକ୍ଷ ୭୬ ହଜାର ଟଙ୍କା ଆତ୍ମସାତ୍ କରାଯାଇଥିବା ଚାଷୀମାନେ ଅଭିଯୋଗ କରି ଗୁରୁବାର ବିଡିସିସି ବ୍ୟାଙ୍କକୁ ଆସି ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଚାଷୀମାନେ ଭିଜିଲାନ୍ସ ଅଫିସରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏହି ଘଟଣାର ତଦନ୍ତ ହେଲେ ଏକ ବଡ ଦୁର୍ନୀତି ପଦାକୁ ଆସିବ ବୋଲି ସେମାନେ ଜଣାଇଛନ୍ତି।

ଟିଟିଲାଗଡ଼ ନାଗରିକ କମିଟିର ବୈଠକ

ଟିଟିଲାଗଡ, ୬।୯ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ ଉପୁଜୁଥିବା ଛୋଟବଡ ସମସ୍ୟାର ସ୍ଥାୟୀ ସମାଧାନ ସକାଶେ ସ୍ଥାନୀୟ ମହାବୀର ଧର୍ମଶାଳାରେ ନାଗରିକ ମଞ୍ଚର ଏକ ଗୁରୁତ୍ୱପୁର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁଗ୍ମ କାର୍ଯ୍ୟକାରିଣୀ ଗଠନ ସମ୍ପର୍କରେ ମତପ୍ରକାଶ ପାଇଥିଲା। ସହର ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ନାଗରିକ କମିଟି ସକ୍ରୀୟତାର କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା। ନାଗରିକ ମଞ୍ଚର ରାଧାକାନ୍ତ ପାଢୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଧାରଣ ସମ୍ପାଦକ ମୋହନଲାଲ ଜୈନ, ସଭ୍ୟ ତ୍ରିନାଥ ସରାଫ, ନାଭ ବେହେରା, ଅଶ୍ୱନୀ ମହାନ୍ତି, ଟିଟିଲାଗଡ ବାର ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଅଞ୍ଜଳି ବେହେରା, ଉପେନ୍ଦ୍ର ବାଗ ପ୍ରମୁଖ ସହରର ସମସ୍ୟା ନେଇ ଆଲୋକପାତ କରିଥିଲେ।

ବନ ବିଭାଗରେ କାର୍ଯ୍ୟରତ ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁ

କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

ସଇଁତଲା,୬।୯(ଡି.ଏନ.ଏ.)

ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ ।

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତଗତ ବେଲଗାଁ ବନ ବିଭାଗର ଶ୍ରମିକ ହରିହର ମାଝୀ(୩୨)ଙ୍କର ବୁଧବାର କାର୍ଯ୍ୟରତ ସମୟରେ ମୃତ୍ୟୁ ଘଟିଥିଲା । ପରିବାରର କେବଳ ହରିହର ହିଁ ଜଣେ ରୋଜଗାରକ୍ଷମ ହୋଇଥିବାରୁ କ୍ଷତିପୂରଣ ତଥା ପରିବାରର ଜଣକୁ ବନ ବିଭାଗରେ ନିଯୁକ୍ତି ଦିଆଯିବା ଦାବିରେ ବେଲଗାଁ ଗ୍ରାମବାସୀ ଜାତୀୟ ରାଜପଥ ୫୯ ଓ ୨୬କୁ ଗୁରୁବାର ମଧ୍ୟାହ୍ନ ୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ । ବଲାଙ୍ଗୀର ଡିଏଫଓ ସମୀର ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ସଇଁତଲା ରେଞ୍ଜର ରାଜକିଶୋର ହରପାଲ ଘଟଣାସ୍ଥଳରେ ପହଞ୍ଚି ପରିବାରର ଜଣକୁ ଏକମାସ ମଧ୍ୟରେ ନିଯୁକ୍ତି ଓ ସରକାରଙ୍କ ତରଫରୁ ଅନୁକମ୍ପା ରାଶି ପ୍ରଦାନ କରାଯିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା । ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ନରେନ୍ଦ୍ର ପଧାନ ହରିଶ୍ଚନ୍ଦ୍ର ଯୋଜନାରେ ଦୁଇହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ ।

ଘଟଣାରୁ ଜଣାଯାଏ ବେଲଗାଁସ୍ଥିତ ଜଙ୍ଗଲ ବିଭାଗରେ ଶ୍ରମିକ ଭାବରେ ବେଲଗାଁ ରାମମନ୍ଦିର ପଡ଼ାର ହରିହର ମାଝୀ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ । ବୁଧବାର ଅପରାହ୍ନରେ ସେ ହଠାତ ଅସୁସ୍ଥ ଅନୁଭବ କରିବାରୁ ବନ ବିଭାଗର କର୍ମଚାରୀମାନେ ତାଙ୍କୁ ବେଲଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଟିଟିଲାଗଡ଼ ଡ଼ାକ୍ତରଖାନାକୁ ନେଇଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ହରିହରଙ୍କ ମୃତଦେହ ବେଲଗାଁ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ ଶିର ରଣା, ପୂର୍ବତନ ସରପଞ୍ଚ ଡୋଲାମଣୀ ଥପା, ସୁନୀଲ ଜୈନ, ମଦନ ମାଝୀ, ଶିବ ନାଗ, ଡୁଲ ମାଝୀ, ପରମାନନ୍ଦ ଭୋଇଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ବରଗଡ଼ ବୋରିଗୁମ୍ମା ଓ ଗୋପାଳପୁର-ରାୟପୁର ଜାତୀୟ ରାଜପଥକୁ ଅବରୋଧ କରିଥିଲେ ।

ମହିଳା ଗୋଷ୍ଠୀ ଜୀବିକା ବିକାଶ କର୍ମଶାଳା

ଟିଟିଲାଗଡ, ୬।୯ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ଆଶା କାର୍ଯ୍ୟାଳୟରେ ଜୀବିକା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ଅଧିନ ଟିଟିଲାଗଡ, ମୁରିବାହାଲ, ବଙ୍ଗୋମୁଣ୍ଡା, ସଇଁତଲା ତଥା ଭବାନୀପାଟଣା ସଦର ବ୍ଲକ ଅଞ୍ଚଳର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଜଏନ୍ଟ ଲାଇବିଲିଟି ଗ୍ରୁପ, କୃଷକ କ୍ଲବ, କୃଷକ ଉତ୍ପାଦକ କମ୍ପାନୀ ପ୍ରମୁଖ ୩୦୦ ପ୍ରତିନିଧିଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଠାରେ ନାବାର୍ଡର ବିଭିନ୍ନ ଯୋଜନା ଯଥା ସ୍ୱୟଂ ସହାୟକ ଦଳ ଗଠନ, ଫାର୍ମର କ୍ଲବର ବିକାଶ, ଜଳବିଭାଜିକା ପ୍ରକଳ୍ପର କାର୍ଯ୍ୟକାରୀତା ଆଦି ନେଇ ଆଶା, ଟିଟିଲାଗଡ ଓ ନାବାର୍ଡ ବଲାଙ୍ଗୀର ପ୍ରତିନିଧି ସଚେତନ କରିଥିଲେ। ନାବାର୍ଡ ସିଜିଏମ ଭୁବନେଶ୍ୱର କେ.ସି. ପାଣିଗ୍ରାହୀ, ଡିଡିଏମ ବଲାଙ୍ଗୀର ତପନ ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଏହି କର୍ମଶାଳାରେ ପଦ୍ମାଳୟା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଅଗରବତି ରୋସନୀ ବ୍ରାଣ୍ଡ ଉନ୍ମୋଚନ କରାଯାଇଥିଲା। ଆଶା ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ସଂଯୋଜକ ସଞ୍ଜିବ ପଟ୍ଟନାୟକ କର୍ମଶାଳା ପରିଚାଳନା କରିଥିଲେ। ବିଭିନ୍ନ ଗୋଷ୍ଠୀ ସ୍ୱାବଲମ୍ବୀ ସକାଶେ ବ୍ୟାଙ୍କ ତଥା ବିଭିନ୍ନ ସରକାରୀ ବିଭାଗଙ୍କ ସହାୟତା ଅପରିହାର୍ଯ୍ୟ ବୋଲି ପଟ୍ଟନାୟକ ଆଶା ପ୍ରକାଶ କରିଥିଲେ। ଅତିଥିଗଣ ମହିଳା ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ଶକ୍ତି ସମୃଦ୍ଧି ଗ୍ରାମୀଣ ବଜାର ରୋସନି ଡ୍ରେସ ଉତ୍ପାଦନ କେନ୍ଦ୍ର ବୁଲି ଦେଖିବା ସହ ଏହାର ଚିରସ୍ଥାୟୀ ବିକାଶ ପାଇଁ ସହଯୋଗ କରିବାକୁ ମତପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଶା ଅନୁଷ୍ଠାନର ଗୁପ୍ତେଶ୍ୱର ମାଝୀ, ସୁବ୍ରତ ବାଗ, ଅରବିନ୍ଦ ରଣା, ପରମେଶ୍ୱର ରଣା, କ୍ଷିରସିନ୍ଧୁ ମହାନନ୍ଦ, ପୁଜା ପଣ୍ଡା, ବିନୋଦିନୀ ବାଗ, ନିଲାମ୍ବର ଟାଣି, ପଦ୍ମିନୀ ସାହୁ, ବସନ୍ତ ବେହେରା, ଡଉଲ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ଆଇଆଇଏମ୍ ସମ୍ବଲପୁରକୁ ୪୦୧.୯୪ କୋଟି ମଞ୍ଜୁର

ଭୁବନେଶ୍ୱର, ୬।୯(ବ୍ୟୁରୋ)

ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ସମ୍ବଲପୁରକୁ କେନ୍ଦ୍ର କ୍ୟାବିନେଟ୍ ୪୦୧.୯୪ କୋଟି ଟଙ୍କା ମଞ୍ଜୁର କରିଛି। ଏହି ଅର୍ଥରେ ଆଇଆଇଏମ୍ ସମ୍ବଲପୁର ୬୦୩୮୪ ବର୍ଗମିଟର ଅଞ୍ଚଳରେ ନିଜସ୍ୱ ସ୍ଥାୟୀ କ୍ୟାମ୍ପସ ନିର୍ମାଣ କରିବ। ଉକ୍ତ କ୍ୟାମ୍ପସ୍ ନିର୍ମାଣ କାର୍ଯ୍ୟ ୨୦୨୧ ଜୁନ୍ ବେଳକୁ ସମ୍ପୂର୍ଣ୍ଣ ହେବ ବୋଲି କ୍ୟାବିନେଟ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକ ବସିଥିଲା। ଏଥିରେ ଦେଶରେ ଥିବା ୭ ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ସହିତ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହି ଆଇଆଇଏମ୍‌ଗୁଡିକରେ କେନ୍ଦ୍ର ସରକାର ମୋଟ୍ ୩୭୭୫.୪୨ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି କ୍ୟାବିନେଟ୍‌ର ମୋହର ବାଜିଛି। ଆଇଆଇଏମ୍ ଅମୃତସରକୁ ୩୪୮.୩୧ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଆଇଆଇଏମ୍ ବୋଧଗୟାକୁ ୪୧୧.୭୨ କୋଟି, ଆଇଆଇଏମ୍ ନାଗପୁରକୁ ୩୭୯.୬୮ କୋଟି, ଆଇଆଇଏମ୍ ସମ୍ବଲପୁରକୁ ୪୦୧.୯୪ କୋଟି, ଆଇଆଇଏମ୍ ଶିରମଉରକୁ ୩୯୨.୫୧ କୋଟି, ଆଇଆଇଏମ୍ ବିଶାଖାପାଟଣାକୁ ୪୪୫ କୋଟି ଏବଂ ଆଇଆଇଏମ୍ ଜାମ୍ମୁକୁ ୪୨୪.୯୩ କୋଟିର ଅନୁଦାନ ମିଳିଛି। କ୍ୟାବିନେଟ୍ ମୋଟ ୩୭୭୫.୪୨ କୋଟି ମଞ୍ଜୁର କରିଥିବାବେଳେ ସେଥିରୁ ୨୮୦୪.୦୯ କୋଟି ଟଙ୍କା କ୍ୟାମ୍ପସ୍ ନିର୍ମାଣରେ ଖର୍ଚ୍ଚ କରାଯିବ। ୬୦୦ ଛାତ୍ରୀଛାତ୍ରଙ୍କ ପାଠପଢା ଲାଗି ଭିତ୍ତିଭୂମିଗତ ସୁବିଧା ଥିବା ପ୍ରତ୍ୟେକ ଆଇଆଇଏମ୍ ୬୦୩୮୪ ବର୍ଗମିଟର ଅଞ୍ଚଳରେ ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ କରିବେ। ଏହି ଆଇଆଇଏମ୍‌ଗୁଡିକୁ ଛାତ୍ରୀଛାତ୍ର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଲେଖାଏ ୫ ବର୍ଷ ପାଇଁ ପ୍ରଦାନ କରିବା ଲାଗି ମଞ୍ଜୁର ହୋଇଛି। ଏହାପରେ ସଂସ୍ଥାଗୁଡିକ ପରିଚାଳନା ଏବଂ ଆନୁଷଙ୍ଗିକ ଖର୍ଚ୍ଚ ନିଜସ୍ୱ ପାଣ୍ଠିରୁ ବହନ କରିବେ। ଏହି ଆଇଆଇଏମ୍‌ଗୁଡିକର ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ୨୦୨୧ ଜୁନ ସୁଦ୍ଧା ଶେଷ ହେଲେ ଦେଶରେ ସ୍ଥାୟୀ କ୍ୟାମ୍ପସ୍ ଥିବା ଆଇଆଇଏମ୍ ସଂଖ୍ୟା ୨୦ରେ ପହଞ୍ଚିବ।

୬୦ଏସ୍‌ଏଚ୍‌ଜିକୁ ୯୦ଲକ୍ଷ ଟଙ୍କାର ଋଣ ବଣ୍ଟନ

ବେଲପଡା, ୬।୯(ଡି.ଏନ.ଏ.)

ଋଣ ବଣ୍ଟନ ମେଳାରେ ଯୋଗଦେଇଥିବା ଏସ୍‌ଏଚ୍‌ଜି ମହିଳାମାନେ।

ବଲାଙ୍ଗୀର ଜିଲା ବେଲପଡା ଏସବିଆଇ ପକ୍ଷରୁ ସ୍ୱୟଂ ସହାୟକ ଦଳମାନଙ୍କୁ ନେଇ ଋଣ ବଣ୍ଟନ ମେଳା ବେଲପଡା ମାରଖୋଡି ଧର୍ମଶାଳାଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବେଲପଡା ଏସବିଆଇ ମ୍ୟାନେଜର ତୁଳସୀ ଦାସ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାବାର୍ଡର ମହାପ୍ରବନ୍ଧକ ଡକ୍ଟର କେ.ସି.ପାଣିଗ୍ରାହୀ ଯୋଗଦେଇ ଏସଏଚଜି ଦଳମାନଙ୍କୁ ଋଣ ଦେବାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ସ୍ୱାବଲମ୍ବୀ ହେବାପାଇଁ କହିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ତପନ କୁମାର ସାହୁ ଜିଲା ବିକାଶ ଅଧିକରୀ (ନାବାର୍ଡ) ମଳୟ କୁମାର ମହାପାତ୍ର, ଲିଡ ମ୍ୟାନେଜର ରେବତୀକାନ୍ତ ସାହୁ ପ୍ରମୁଖ ଋଣ କାରବାର ବିଷୟରେ ସୂଚନା ପ୍ରଦାନ କରିଥିଲେ । ବେଲପଡା ବ୍ଲକର ବିଭିନ୍ନ ପଞ୍ଚାୟତମାନଙ୍କରୁ ଆସିଥିବା ୬୦ଟି ସ୍ୱୟଂ ସହାୟକ ଦଳମାନଙ୍କୁ ଦେଢଲକ୍ଷ ଟଙ୍କା ଲେଖାଏ ମୋଟ ୯୦ଲକ୍ଷ ଟଙ୍କା ବଣ୍ଟନ କରାଯାଇଥିଲା ।

ନୂଆପଡ଼ା ପ୍ରିମିୟର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ

ପ୍ରଥମ ଦିନରେ ମହାମାୟା, ବୋଡେନ ବିଜୟୀ

ନୂଆପଡା ଅଫିସ,୬।୯

ଗୁରୁବାର ଅପରାହ୍ନରେ ସ୍ଥାନୀୟ ମିନିଷ୍ଟାଡିୟମରେ ଦ୍ୱିତୀୟ ନୂଆପଡା ପ୍ରିମିୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ମ୍ୟାଚ ମହାମାୟା ଏବଂ କୋମନା ମଧ୍ୟରେ ହୋଇଥିବାବେଳେ ମହାମାୟା ୱାକ ଅଭର ନେଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ବୋଡେନ ଦଳ ଖଡିଆଳ ଦଳକୁ ଟାଇବ୍ରେକରରେ ଜିତିଛି । ସନ୍ଧ୍ୟାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ କ୍ରିକେଟ ଆସୋସିଏଶନ ସଭାପତି ସରୋଜ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରକାଶ କୁମାର ସାହୁ, ଆଇନଜୀବୀ ଅଶୋକ କୁମାର ଦେୱାଙ୍ଗନ, ଅମିତାଭ ବୋଷ, ରାଜେନ୍ଦ୍ର ପ୍ରସାଦ ବଢେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଟୁର୍ନାମେଣ୍ଟ ଆରମ୍ଭରେ ସ୍ୱର୍ଗତ କ୍ରିଡାବିତ ସୁରେନ୍ଦ୍ର ପ୍ରଧାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ପୂଜା କରାଯାଇଥିଲା । ଏଥିରେ ସମସ୍ତ ଖେଳାଳି ଯୋଗଦେଇଥିଲେ ।

ଅତିଥିମାନଙ୍କ ଗହଣରେ ଖେଳାଳିମାନେ ।

ପ୍ରଧାନମନ୍ତ୍ରୀ ଫସଲ ବୀମାରୁ ବଞ୍ଚିତ

ଚାଷୀଙ୍କ ରାଜସ୍ୱ ଅଫିସ ଘେରାଉ

ନୂଆପଡା ଅଫିସ,୬।୯

ରାଜସ୍ୱ ନିରୀକ୍ଷକଙ୍କୁ ଚାଷୀ ସଙ୍ଗଠନ ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି ।

- ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
- ଲଖନା, ସମରସିଂ ପଞ୍ଚାୟତକୁ ଉପେକ୍ଷା
- ଆନ୍ଦୋଳନ ଚେତାବନୀ

୨୦୧୭-୧୮ବର୍ଷରେ ଜିଲାର ସମସ୍ତ ଗ୍ରାମପ

ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗୀଦାର ହୋଇଥାଏ।

- ମେରି ଆଣ୍ଟିନ

ସଂକ୍ଷେପରେ

ଜିଲା ଫୁଟବଲ ଲିଗ୍
ବରାମୁଣ୍ଡା, ଜୟହିନ୍ଦ୍ କ୍ଲବ୍ ବିଜୟୀ

ଝାରସୁଗୁଡ଼ା ଅଫିସ , ୬।୯_ ସ୍ଥାନୀୟ ଓଏସ୍ଏପି ଫୁଟବଲ ପଡ଼ିଆରେ ଚାଲିଥିବା ଝାରସୁଗୁଡ଼ା ଜିଲା ଫୁଟବଲ ଲିଗ୍ର ଗୁରୁବାର ଅଷ୍ଟମ ଦିବସରେ ବରାମୁଣ୍ଡା ଓ ଜୟହିନ୍ଦ୍ କ୍ଲବ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ବରାମୁଣ୍ଡା ଓ ଅମଲିପାଲି କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍କୁ ବରାମୁଣ୍ଡା ୫-୦ ଗୋଲରେ ଜିତି ନେଇଥିଲା। ଦ୍ୱିତୀୟ ମ୍ୟାଚ୍ ବ୍ରଜରାଜନଗର ଏମ୍କେଏଫ୍ କ୍ଲବ୍ ଓ ଜୟହିନ୍ଦ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବାର ଥିଲା। କିନ୍ତୁ ବ୍ରଜରାଜନଗର ଦଳ ଅନୁପସ୍ଥିତ ରହିବାରୁ ଜୟହିନ୍ଦ୍ କ୍ଲବକୁ ବିଜୟୀ ଘୋଷଣା କରାଯାଇଥିଲା। ସୁଜିତ କୁଜୁର, ଅଜିତ କୁଜୁର, ଅମିରା ପ୍ରଧାନ, ସଞ୍ଜୟ ରାୟ, ଶୀତଳ ଗୁଡୁମ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

କବିଙ୍କ ଜନ୍ମ ଜୟନ୍ତୀ ପାଳିତ

ଝାରସୁଗୁଡ଼ା ଅଫିସ,୬।୯- ଓଡ଼ିଆ ସାହିତ୍ୟର ବିଶିଷ୍ଟ କବି ସ୍ୱର୍ଗତ ବିନୋଦ ଚନ୍ଦ୍ର ନାଏକଙ୍କ ଜୟନ୍ତୀ ସମାରୋହ ଗୁରୁବାର ଝାରସୁଗୁଡ଼ା ଏଲ୍ଏନ୍ କଲେଜରେ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଡ. ଚାରବ୍ରତ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧାପକ ଡ. ପ୍ରଦୀପ କୁମାର ପଣ୍ଡା, ଡ. ଧ୍ରୁବରାଜ ନାଏକ, ଏକାଡେମୀ ସଦସ୍ୟା ମନ୍ଦାକିନୀ ଶତପଥୀ, ଡ. ସରୋଜ କୁଅଁର, ଡ. ଲାଲଧାରୀ ସିଂହ, ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡ. ନରେନ୍ଦ୍ର ପଣ୍ଡା, ତପନ କୁମାର ବାରିକ, ଦାପଶିଖା ସୋହେଲା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କବିଙ୍କ କାଳଜୟୀ ରଚନାବଳୀ ସମ୍ପର୍କରେ ଆଲୋକପାତ କରାଯାଇଥିଲା।

ସୁଲାହିରେ ବନ୍ଦ ହେଉ ମଦ ବିକ୍ରି

କର୍ମିରା,୬।୯ (ଡି.ଏନ୍.ଏ.)- ଝାରସୁଗୁଡା ଜିଲା ସୁଲାହି ପଞ୍ଚାୟତରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଅଣ୍ଟା ଭିଡ଼ିଛି। ଏ ଦିଗରେ ସହଯୋଗ ପାଇଁ ମହିଳାମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ପଞ୍ଚାୟତ ଅଞ୍ଚଳରେ ବ୍ୟାପକ ମଦ କାରବାର ଯୋଗୁ ଘରୋଇ ହିଂସା, ଅପମୃତ୍ୟୁ ଏବଂ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। କିଶୋରମାନେ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। ଏହାର କୁପରିଣତି ହୃଦୟଙ୍ଗମ କରି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଗ୍ରାମରେ ବୈଠକ କରି ମଦ ବିକ୍ରି ବନ୍ଦ କରାଇବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଲାଇସେନ୍ସପ୍ରାପ୍ତ ମଦ ଭାଟିରୁ ଅନାୟସରେ ମଦ ମିଳିଯାଉଥିବାରୁ ନିଶାମୁକ୍ତ ଅଭିଯାନ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ତେଣୁ ଗ୍ରାମର ମହିଳା ଗୁରୁବାର ଜିଲାପାଳ ବିଭୂତିଭୂଷଣ ପଟ୍ଟନାୟକଙ୍କୁ ସାକ୍ଷାତ କରି ଭାଟି ବନ୍ଦ ପାଇଁ ଦାବି କରିଛନ୍ତି। ଯଥାସମ୍ଭବ ସହାୟତା ଯୋଗାଇ ଦେବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ବଦଳିବ ୬୭୪ ସ୍କୁଲର ନାମ ଫଳକ

ଝାରସୁଗୁଡ଼ା ଅଫିସ, ୬।୯

ରାଜ୍ୟ ସରକାର ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୟୁନିଫର୍ମ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ୟୁନିଫର୍ମ ଏବଂ ସମସ୍ତ ସରକାରୀ ସ୍କୁଲ କୋଠାର ରଙ୍ଗ ଏକାଭଳି କରିଛନ୍ତି। ବର୍ତ୍ତମାନ ସ୍କୁଲରେ ଲଗାଯାଉଥିବା ସାଇନ୍ବୋର୍ଡ ଏବଂ ସ୍କୁଲର ନାମକୁ ସମାନ ରଖିବାକୁ ଯାଇ ପ୍ରତ୍ୟେକ ଜିଲା ଶିକ୍ଷାଧିକାରୀଙ୍କୁ ନୂଆ ନିର୍ଦ୍ଦେଶ ଆସିଛି। ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ନୋଡାଲ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ବିଦ୍ୟାପୀଠର ନାମ ପରିବର୍ତ୍ତନ କରାଯାଇ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଭାବେ ନାମକରଣ କରାଯିବ। ପ୍ରତ୍ୟେକ

ନାମ ଫଳକରେ ପରିବର୍ତ୍ତନ ହେବାକୁଥିବା ମନମୋହନ ସ୍କୁଲ।

ସ୍କୁଲର ନାମ ଫଳକରେ 'ସରକାରୀ' ଲେଖିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ଝାରସୁଗୁଡ଼ା ଜିଲାର ୬୭୪ଟି ସ୍କୁଲର ଫଳକ ପରିବର୍ତ୍ତନ କରାଯିବ। ଅବଶ୍ୟ ସେଥିମଧ୍ୟରୁ କେତେକ ନାମଫଳକରେ ସରକାରୀ ଉଲ୍ଲେଖ ରହିଛି। ଏହାସହ ସମାନ ରଙ୍ଗର ସାଇନ୍ବୋର୍ଡ ଲଗାଇବାକୁ ମଧ୍ୟ ନିର୍ଦ୍ଦେଶ ରହିଛି।

ଝାରସୁଗୁଡ଼ା ଜିଲାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬୭୪ଟି ସରକାରୀ ସ୍କୁଲ ରହିଛି। ସେଥିରୁ ୬୫୯ଟି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ୬୭ଟି ଉଚ୍ଚ ବିଦ୍ୟାଳୟ ରହିଛି। ସେହିପରି ଅନୁଦାନପ୍ରାପ୍ତ ସରକାରୀ ସ୍କୁଲ ସଂଖ୍ୟା ୫୯ ରହିଥିବା ବେଳେ ସେଥିରେ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ଶିକ୍ଷାଦାନ ଲାଗି ୨୧ଟି ସ୍କୁଲ ରହିଛି। ୧୦୨ଟି ଘରୋଇ ସ୍କୁଲ ମଧ୍ୟ ରହିଛି। ହେଲେ ସରକାରୀ ନିର୍ଦ୍ଦେଶାନୁସାରେ ୬୭୪ଟି ସ୍କୁଲର ନାମ ଫଳରେ 'ସରକାରୀ' ବୋଲି ଉଲ୍ଲେଖ କରାଯିବ। ବର୍ତ୍ତମାନ ଝାରସୁଗୁଡ଼ା ସହରାଞ୍ଚଳରେ ରହିଥିବା ମନମୋହନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନାମ ପରିବର୍ତ୍ତନ ହୋଇ ମନମୋହନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାବେ ପରିଚିତ ହେବ। ଏ ବାବଦରେ ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜିକା ମୀନାରାଣୀ ମଙ୍ଗଳଙ୍କୁ ପଚାରିବାରୁ ସେ କହିଲେ, ସରକାରୀ ନିର୍ଦ୍ଦେଶ ଆସିଛି। ସ୍କୁଲ ଫଳକର ନାମ ପରିବର୍ତ୍ତନ ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ମୋଦିଙ୍କ ଗସ୍ତ ସଫଳ ପାଇଁ ଭାଜପାର ପ୍ରସ୍ତୁତି
ଆଜି ସମୀକ୍ଷା କରିବେ ୨ କେନ୍ଦ୍ରମନ୍ତ୍ରୀ

ଝାରସୁଗୁଡ଼ା ଅଫିସ,୬।୯

ଆସନ୍ତା ୨୨ରେ ଝାରସୁଗୁଡ଼ା ବିମାନବନ୍ଦରକୁ ଉଦ୍ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ଶୁକ୍ରବାର ଝାରସୁଗୁଡ଼ାରେ ଭାଜପା ପକ୍ଷରୁ ହେବ ପ୍ରସ୍ତୁତି ବୈଠକ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବାକୁ ପ୍ରସ୍ତୁତ ହେବ ରୋଡ୍ମ୍ୟାପ୍। ସେଥିପାଇଁ ବୁଧବାର ଏବଂ ଗୁରୁବାର ଦୁଇଦିନ ଧରି ଜିଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଏକ ଆଲୋଚନା ବୈଠକ ହୋଇଥିଲା। ଶୁକ୍ରବାର ପ୍ରସ୍ତୁତି ବୈଠକ ଲାଗି ବରଗଡ଼, ସମ୍ବଲପୁର ଓ ସୁନ୍ଦରଗଡ଼ ଲୋକସଭା ନିର୍ବଚନମଣ୍ଡଳୀ ଅନ୍ତର୍ଗତ ୧୯ଟି ବିଧାନସଭା କ୍ଷେତ୍ରର ପଦାଧିକାରୀ ଏଥିରେ ଉପସ୍ଥିତ ରହିବେ। ଲକ୍ଷେ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଶୁକ୍ରବାର ବୈଠକରେ ସଭାସ୍ଥଳ ଚୟନ ପାଇଁ ବରିଷ୍ଠ ଭାଜପା ନେତାମାନେ ବିଚାରବିମର୍ଶ କରିବେ। ଏହାସହ କେନ୍ଦ୍ରମନ୍ତ୍ରୀ ପ୍ରଧାନ ବିମାନବନ୍ଦର ଗସ୍ତକରି ଅନ୍ୟାନ୍ୟ ଅନୁଷଙ୍ଗିକ ବ୍ୟବସ୍ଥା ଯାଞ୍ଚ କରିବେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି। ଶୁକ୍ରବାର ବୈଠକରେ ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, କୁଚିଣ୍ଡା ବିଧାୟକ ରବି ନାଏକଙ୍କ ସମେତ ବରିଷ୍ଠ ନେତା ସୁରେଶ ପୂଜାରୀ, ଜୟନାରାୟଣ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

ବର୍ଷକରେ ଅଲ୍ଟ୍ରାଟେକ୍ ରାସ୍ତା ଶୋଚନୀୟ

କର୍ମିରା,୬।୯ (ଡି.ଏନ୍.ଏ.)

ନିମ୍ନମାନର କାର୍ଯ୍ୟ

କର୍ମିରା ବ୍ଲକ ଅର୍ଡାସ୍ଥିତ ଅଲ୍ଟ୍ରାଟେକ୍ ସିମେଣ୍ଟ କାରଖାନା ସାମାଜିକ ଦାୟିତ୍ୱ ନିର୍ବାହ ନାଁରେ ଲୋକଙ୍କୁ ଭକୁଆ ବନାଇବାରେ ଲାଗିଛି। ଏହାର ଜ୍ୱଳନ୍ତ ଉଦାହରଣ କାରଖାନା ପାଚେରି ପାର୍ଶ୍ୱ ଆଶ୍ରମ ସ୍କୁଲ ରାସ୍ତା। ଏହି ରାସ୍ତା ରେଳବାଇ ଅଧୀନରେ ଥିବା ଦର୍ଶାଇ କାରଖାନା କର୍ତ୍ତୃପକ୍ଷ ଦୀର୍ଘବର୍ଷ ହେବ ଏହାକୁ ନିର୍ମାଣ କରିବାରେ ଟାଳଟୁଲ ନୀତି ଅବଳମ୍ବନ କରୁଥିଲେ। ତେବେ ପ୍ରଶାସନର ହସ୍ତକ୍ଷେପ ପରେ କାରଖାନା ପକ୍ଷରୁ ଆଶ୍ରମ ସ୍କୁଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଥିଲା। ହେଲେ ନିମ୍ନମାନର ସାମଗ୍ରୀ ଓ ଅନଭିଜ୍ଞ ଠିକାଦାରଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ କରାଯାଇଥିବାରୁ ଗୋଟିଏ ବର୍ଷରେ ପିଚୁ ଉଠି ଗାତ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁ ଦୁର୍ଘଟଣା ଘଟୁଥିଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ ମରାମତି ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ତୁରନ୍ତ ମରାମତି କରା ନ ଗଲେ ରାସ୍ତା ଅଧିକ ଖରାପ ହେବ ବୋଲି ମତପ୍ରକାଶ ପାଇଛି।

ଖୋଲା ମଳମୁକ୍ତ ପାଇଁ ଆହ୍ୱାନ

ଝାରସୁଗୁଡ଼ା ଅଫିସ,୬।୯

ଜିଲାକୁ ଖୋଲା ମଳମୁକ୍ତ କରିବାକୁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଗୁରୁବାର ସକାଳୁ ସକାଳୁ ଜିଲାର କର୍ମିରା ବ୍ଲକ ଧୁଡ଼୍ରା ଗାଁରେ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ଲୋକଙ୍କୁ ଭେଟିଥିଲେ। ଖୋଲାରେ ମଳତ୍ୟାଗ କରିବାକୁ ବାରଣ କରିଥିଲେ। ସେଠାରେ ଆୟୋଜିତ ଏକ ସଭାରେ ଜୀବିକା ମିଶନର ପ୍ରୋଗ୍ରାମ ମ୍ୟାନେଜର ନଳିମା କୁଜୁର ଲୋକଙ୍କୁ ଖୋଲା ମଳତ୍ୟାଗ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ପ୍ରମୋଦ ବଗର୍ତ୍ତି, ଅର୍ପିତା ମହାନ୍ତି, ପ୍ରମୁଖ ଯୋଗଦେଇଥିଲେ।

ଛୁରି ଭୁସି ହତ୍ୟା ଘଟଣା, ଅଭିଯୁକ୍ତ କୋର୍ଟଚାଲାଣ

ଝାରସୁଗୁଡ଼ା ଅଫିସ,୬।୯

ଝାରସୁଗୁଡ଼ା ସହରାଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡର ଅଭିଯୁକ୍ତ ଧନଞ୍ଜୟ ତିୱାରୀ (୨୭)ଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଉତ୍ତରପ୍ରଦେଶ ମହାରାଜଗଞ୍ଜ ଜିଲା କୁତୱାଲି ଥାନା କିଶନପୁରର ମିଥୁନ ସାଇନି, ରାମପ୍ରତାପ ସାଇନି, ଧନଞ୍ଜୟ ତିୱାରୀ, ଶ୍ରବଣ କୁମାର ଏବଂ ଅନ୍ୟମାନେ ଝାରସୁଗୁଡ଼ା ବିଟିଏମ୍ ଫାଣ୍ଡି ଅଧୀନ ବକ୍ସିଛକ ଅଞ୍ଚଳରେ

ଅଭିଯୁକ୍ତ ଧନଞ୍ଜୟ ତିୱାରୀ।

ରହୁଥିଲେ। ଏଠାରେ ସେମାନେ କେପିଏସ୍ କନ୍ଷ୍ଟ୍ରକ୍ସନ୍ ନାମକ ସଂସ୍ଥାରେ ଶ୍ରମିକ ଭାବେ କାମ କରୁଥିଲେ। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ରୋଷେଇ କରିବାକୁ ନେଇ ଧନଞ୍ଜୟ ଏବଂ ମିଥୁନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉତ୍କ୍ଷିପ୍ତ ହୋଇ ଧନଞ୍ଜୟ ପାଖରେ ଥିବା ଛୁରିରେ ମିଥୁନଙ୍କ ଛାତିକୁ ୩ରୁ ୪ ଥର ଆଘାତ କରିଥିଲେ। ମିଥୁନ ଘଟଣାସ୍ଥଳରେ ପଡ଼ିଯାଇଥିଲେ। କିଛି ସମୟ ପରେ ସଂସ୍ଥାର ଏସ୍. ନାରାୟଣ ରାଓଙ୍କ ସହାୟତାରେ ତାଙ୍କୁ ଜିଲା ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଓଡ଼ିଶା ପୋଷ୍ଟ କୁଇଜ୍ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ

ରାଉରକେଲା ଅଫିସ,୬।୯

ଦୈନିକ ଇଂଲିଶ ଖବରକାଗଜ ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ କୁଇଜ୍ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ବୁଧବାର ସ୍ଥାନୀୟ ହୋଟେଲ ମେଫେୟାର କନ୍ଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ତଥାଗତ ସତପଥୀ ଓ ଡାଇରେକ୍ଟର ମାର୍କେଟିଂ ହିମାଂଶୁ ହୋତା ଯୋଗଦେଇଥିଲେ। ଓଡ଼ିଶା ପୋଷ୍ଟ ପାଠକଙ୍କୁ ନେଇ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ୨୫ଜଣ ପାଠକ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିବା ସହ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ରାଉରକେଲାରେ ପ୍ରଥମଥର ଏଭଳି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଭଳି କାର୍ଯ୍ୟକ୍ରମ ଆୟୋଜନ ପଛର ମହତ ଉଦ୍ଦେଶ୍ୟ ସମ୍ପର୍କରେ ସମ୍ପାଦକ ସତପଥୀ ସୂଚନା ଦେଇ କହିଥିଲେ ଯେ ଓଡ଼ିଶାରେ ଏକ ଦୈନିକ ଇଂଲିଶ ଖବରକାଗଜର ଆବଶ୍ୟକତା ଓ ଗୁରୁତ୍ୱକୁ ଅନୁଭବ କରି ଆମେ ଏ ଦିଗରେ ପଦକ୍ଷେପ ନେଇଥିଲୁ। ଅନ୍ୟ ରାଜ୍ୟ

ଓଡ଼ିଶା ପୋଷ୍ଟ ଓ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ଡାଇରେକ୍ଟର ମାର୍କେଟିଂ ହିମାଂଶୁ ହୋତା।

ଭଳି ଓଡ଼ିଶାରୁ ଏଭଳି ଏକ ରୁଚିପୂର୍ଣ୍ଣ ଇଂଲିଶ ଖବରକାଗଜ ପ୍ରକାଶିତ ହେବା ପରେ ଏଥିରେ ପ୍ରକାଶିତ ଖବର ବିଭିନ୍ନ ସ୍ତରରେ ପ୍ରତିଫଳିତ ହୋଇପାରିଛି। ଏହା କିପରି ପାଠକୀୟ ଆଦୃତି ଲାଭ କରିବ ଓ ଜାତୀୟ ତଥା ଅନ୍ତର୍ଜାତୀୟ ମାନ ବଜାୟ ରଖିବ ସେଥିପ୍ରତି ମଧ୍ୟ ଯଥେଷ୍ଟ ଧ୍ୟାନ ଦିଆଯାଇଛି। ଏବେ ଓଡ଼ିଶା ପୋଷ୍ଟ ପାଠକଙ୍କ ଗ୍ରହଣୀୟ ହୋଇପାରିଥିବା ବେଳେ ଏହାର ସମୃଦ୍ଧି ନେଇ ସତପଥୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଡାଇରେକ୍ଟର ମାର୍କେଟିଂ ହୋତା କୁଇଜ୍ର କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ପାଠକ ମଦନ ମିଶ୍ର, ବି. କେଜ୍ରିୱାଲ, ଦିଲୀପ ପଟ୍ଟନାୟକ, ଆଲିଶା ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖି ଓଡ଼ିଶା ପୋଷ୍ଟ ବାସ୍ତବରେ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେବା ଭଳି କାଗଜ ବୋଲି କହିଥିଲେ। ଏହାର ପରିପାଟୀ, ସୁଦୃଶ୍ୟ ଛାପା ଓ ବୋଧଗମ୍ୟ ଭାଷା ଏହାକୁ ଅନନ୍ୟ କରିଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଓଡ଼ିଶା ଭଳି ରାଜ୍ୟରେ ଏମିତି ଏକ ଶୃଙ୍ଖଳିତ ଓ ବାସ୍ତବଧର୍ମୀ ଖବରକାଗଜର ଆବଶ୍ୟକତା ରହିଥିଲା। ଆମେ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ ବୋଲି ଉପସ୍ଥିତ ଅନ୍ୟ ପାଠକମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକ, ଛାତ୍ରୀ ଓ ବ୍ୟବସାୟୀ ବର୍ଗ ସମ୍ପାଦକ ସତପଥୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ କରିଥିଲେ। ରାଉରକେଲା ଭଳି ଉପାନ୍ତ ସହରରେ ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ ଏଭଳି ନିଆରା କାର୍ଯ୍ୟକ୍ରମ ଆମ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ପାଠକମାନେ କହିଥିଲେ।

ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

ଲହୁଣୀପଡା,୬।୯ (ଡି.ଏନ୍.ଏ.)

ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ସୁନ୍ଦରଗଡ଼ ଜିଲା କେ.ବଲଙ୍ଗା ଥାନା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ସେ ହେଲେ ବାନ୍ଦୁପଡା ଗ୍ରାମର ବିକାଶ ମାହାନ୍ତ(୧୯)।

ଅଭିଯୋଗ ମୁତାବକ ମଙ୍ଗଳାବର ସନ୍ଧ୍ୟାରେ ଯୁବତୀ ଜଣକ ଘରେ ଏକୁଟିଆ ରହିଥିଲେ। ଏହାରି ସୁଯୋଗ ନେଇ ବିକାଶ ଘରେ ପଶି ଯୁବତୀଙ୍କୁ ବଳାତ୍କାର କରିଥିଲେ। ପରେ ଯୁବତୀ ଜଣକ ପରିବାରେ ଲୋକଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ପରେ ପରିବାର ଲୋକଙ୍କ ସହ ଯୁବତୀ ଜଣକ ଥାନାକୁ ଆସି ଅଭିଯୋଗ କରିଥିଲେ। ହେଲେ ବିକାଶ ଫେରାର ହୋଇଯାଇଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ବଳାତ୍କାର ମାମଲା ରୁଜୁ କରିଥିଲା। ଗୁରୁବାର ପୋଲିସର ଏକ ଟିମ୍ ଚଢାଉ କରି ବିକାଶଙ୍କୁ ଧରିବାରେ ସଫଳ ହୋଇଥିଲା। ପୋଲିସ ଯୁବତୀଙ୍କ ଡାକ୍ତରୀ ମାଇନା କରାଇଛି।

ମହିଳା ହକି ଖେଳାଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରାଉରକେଲା ଅଫିସ,୬।୯

ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ହାସଲ କରିଥିବା ଭାରତୀୟ ମହିଳା ହକି ଟିମ୍ର ୪ ଓଡ଼ିଆ ସଦସ୍ୟ ଗୁରୁବାର ନିଜ ମାଟିକୁ ଫେରିବା ପରେ ରାଉରକେଲା ଷ୍ଟେଶନରେ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆର୍ଡିଏ ଅଧ୍ୟକ୍ଷ ସାରଦା ନାୟକ, ପାନପୋଷ ଉପଜିଲାପାଳ ବିଶ୍ୱରଞ୍ଜନ ମହାପାତ୍ର, ସହକାରୀ ଉପଜିଲାପାଳ ସୁଶାନ୍ତ ବେହେରା, କୋଚ୍ ଅମୂଲ୍ୟ ବିହାରୀ, ମିଲଟନ ବିଲୁଙ୍ଗ, ପିଟର ସୋରେନ, ସିଲଭେଷ୍ଟାର ଟପୋ, ଜେମ୍ସ କୁଜୁର ଓ ପାନପୋଷ କ୍ରୀଡ଼ା ସଂଗଠନ ସାଧାରଣ ସମ୍ପାଦକ ସୁଶାନ୍ତ ବେହେରା ପ୍ରମୁଖ ଖେଳାଳି ଲିଲିମା ମିଞ୍ଜ, ନମିତା ଟପୋ, ସୁ

ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

ସଂକ୍ଷେପରେ

ପଥରରେ ଛେଚି ବୃଦ୍ଧଙ୍କୁ ହତ୍ୟା ଘଟଣା, ୨ ଗିରଫ

ବାଲିଶଙ୍କରା,୬।୯(ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା ତଳସରା ଥାନା ଅଧୀନ ବାଲିଶଙ୍କରା କୁଇଲେରମୁଣ୍ଡା ଗ୍ରାମର ବୃଦ୍ଧ କପିନ୍ଧର ସିଂ ହତ୍ୟା ଘଟଣାରେ ସମ୍ପୃକ୍ତ ଦୁଇ ଜଣ ଯୁବକଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟିପୁ ତାଜନ(୨୨) ରାଜୁ ତିର୍କି(୨୬)। ଏନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୫୪/୨୦୧୮) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, କୁରେଇମୁଣ୍ଡା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଟିପୁ ଏବଂ ରାଜୁ ଏକ ପଥରେ କପିନ୍ଧରଙ୍କୁ ଛେଚି ହତ୍ୟା କରିଥିଲେ।

କୁଡୁମୀ ସମାଜ ପକ୍ଷରୁ କଳା ଦିବସ

ବିଶ୍ରା, ୬।୯ (ଡି.ଏନ୍.ଏ)- ବିଶ୍ରା ବ୍ଲକ ଅଧୀନ ଡରେଇକେଲା ଗ୍ରାମରେ ନାଗ୍ରା ପିଢ଼ି କୁଡୁମୀ ସମାଜ ପକ୍ଷରୁ ଗୁରୁବାର କଳା ଦିବସ ତଥା ଅନ୍ୟାୟ ଦିବସ ପାଳନ କରାଯାଇଛି। ସମାଜ ସଭାପତି ଗଣେଶ୍ୱର ମାହାତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ଗଣେଶ୍ୱର ମାହାତ ଯୋଗଦେଇ କହିଥିଲେ ଯେ, ୨୦୧୫ ସେପ୍ଟେମ୍ବର ୬ତାରିଖରେ ଦେଶର ଅନୁସୂଚିତ ଜନଜାତିଙ୍କ ପାଇଁ ଏକ ନିୟମ ଲାଗୁ ହୋଇଥିଲା। ଏଥିରେ ୧୩ଟି ଜାତି ପ୍ରିମିଟିପ୍ ଟ୍ରାଇବରେ ଥିଲେ। ସେଥିରୁ କେବଳ ୧୨ ଜାତିକୁ (ଏସ୍‌ଟି) ଅନୁସୂଚିତ ଜନଜାତିରେ ସାମିଲ କରାଯାଇଥିଲା। ହେଲେ କୁଡୁମୀ ଜାତିକୁ ଏଥିରୁ ବାଦ ଦିଆ ଯାଇଥିଲା। ଫଳରେ କୁଡୁମୀ ଜାତି ନିଜ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହୋଇଥିଲେ। ଏଣୁ କୁଡୁମୀ ଜାତି ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେପ୍ଟେମ୍ବର ୬ ତାରିଖକୁ କଳା ଦିବସ ଓ ଅନ୍ୟାୟ ଦିବସ ଭାବେ ପାଳନ କରିଆସୁଥିବା ମତବ୍ୟକ୍ତ କରିଥିଲେ। ଏଥିରେ ନାଗ୍ରା ପିଢ଼ି କୁଡୁମୀ ସମାଜ ପକ୍ଷରୁ ୩୨ ଗ୍ରାମର ମୁଖ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ସୀତାରାମ ମାହାତ, କୋଷାଧ୍ୟକ୍ଷ ଭୁବନ ମାହାତ, ଉପସଭାପତି ସୀତାରାମ ମାହାତ, ନିରଞ୍ଜନ ମାହାତ, ମହେଶ ସିଂ, ତିଲୁ ମାହାତ, ଜଗଦୀଶ ମାହାତ, ରାଜୁ ମାହାତ, ରହିନ ମାହାତ, ଭରତ ମାହାତ, ନିଶାମଣୀ ମାହାତ ପ୍ରମୁଖ ସମାଜର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

'ମୁଁ ହିରୋ, ମୁଁ ଓଡ଼ିଶା' କାର୍ଯ୍ୟକ୍ରମ

ରାଉରକେଲା ଅଫିସ,୬।୯

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମ ଅନ୍ତର୍ଗତ 'ମୁଁ ହିରୋ, ମୁଁ ଓଡ଼ିଶା' ଅଭିଯାନ ରାଉରକେଲା ସହରରେ ଶୁଭାରମ୍ଭ କରାଯାଇଛି। ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ମହାନଗର ନିଗମ ଉପାୟୁକ୍ତ ସୁଷମା ବିଲୁଙ୍ଗ, କଲେଜ ଅଧକ୍ଷ ଦେବେନ୍ଦ୍ର ବେହେରା, ସୁନ୍ଦରଗଡ଼ ଜିଲା ଯୁବ ସଂଯୋଜିକା ପ୍ରିୟଦର୍ଶିନୀ ଯୋଷୀ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ମହାନଗର ନିଗମର ପ୍ରତ୍ୟେକ ୱାର୍ଡରେ ଗଠନ କରାଯାଇଥିବା ବିଜୁ ଯୁବ ବାହିନୀ କ୍ଲବର ୮୦୦ ଯୁବସାଥୀ ମୁଁ ହିରୋ, ମୁଁ ଓଡ଼ିଶା ରଥ ସହ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ମହାବିଦ୍ୟାଳୟକୁ ଫେରିଥିଲେ। ଏଥିରେ ଛାତ୍ରୀଛାତ୍ର ଉପସ୍ଥିତ ରହି ଶୋଭାଯାତ୍ରାରେ ଭାଗ ନେଇଥିବା ଯୁବ ବାହିନୀକୁ ସ୍ୱାଗତ କରିଥିଲେ। ଏହା ଯୁବଶକ୍ତି ବିକାଶରେ ସହାୟକ ହେବା ସହ ସେମାନଙ୍କ ବୌଦ୍ଧିକ, ଆତ୍ମିକ ତଥା ଅନ୍ତର୍ନିହିତ ଗୁଣର ବିକାଶ କ୍ଷେତ୍ରରେ ଏକ

'ମୁଁ ହିରୋ, ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଉପସ୍ଥିତ ଯୁବକମାନେ।

ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସହରର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୭ଜଣ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ସିନ୍ଧୁ ପଣ୍ଡା, ସାତ୍ତ୍ୱିକ ସରୋଜ କୁମାର, ଅର୍ଚ୍ଚନା ଲାକ୍ରା, ଅନୁ ଓରାମ, କୁମାର ଦେବ, କଳାବତି କଚ୍ଛପ ଓ ସ୍ୱରାଜ ଗୌରବ ପରିଡ଼ା। ଏଥିରେ ଆସନ୍ତା ୨୦୧୯ରେ ହେବାକୁ ଥିବା ହକି ବିଶ୍ୱକପ ମାସ୍କଟ ଓଲି ଓ ବିଶ୍ୱକପ ପ୍ରତିରୂପକୁ ପ୍ରଦର୍ଶିତ କରାଯାଇଥିଲା। ଏକ କ୍ଷୁଦ୍ର ନାଟକ ମାଧ୍ୟମରେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ କେତେଜଣ ଯୁବ ପ୍ରତିଭା ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ବିଜୁ ଯୁବ ବାହିନୀ ସଂଯୋଜକ ବିକ୍ରମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପାର୍ଥସାରଥୀ ସାହୁ, ଅଭିଷେକ ମିଶ୍ର, ସୋନମ ଟପ୍ପୋ ପ୍ରମୁଖ ସହାୟତା କରିଥିଲେ।

ତହସିଲଦାରଙ୍କ ବଦଳି, ବିଡିଓ ନେଲେ ଦାୟିତ୍ୱ

ସ୍ଥାୟୀ ତହସିଲଦାର ନିଯୁକ୍ତି ଦାବି

ରାଜଗାଙ୍ଗପୁର, ୬।୯ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ତହସିଲଦାର ଲଲାଟ କୁମାର ଲୋହାଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ରାଜଗାଙ୍ଗପୁର ବିଡିଓ ଖଗେଶ୍ୱର ପାତ୍ର ତହସିଲଦାର ଦାୟିତ୍ୱ ଗ୍ରହଣ କରିଛନ୍ତି। ହେଲେ ଯଥାଶୀଘ୍ର ସ୍ଥାୟୀ ତହସିଲଦାର ନିଯୁକ୍ତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଗତ କିଛି ମାସ ତଳେ ଲଲାଟ କୁମାର ଲୋହା ରାଜଗାଙ୍ଗପୁର ତହସିଲଦାର ଭାବେ ଯୋଗ ଦେଇଥିଲେ। ରାଜଗାଙ୍ଗପୁର ପୌରପରିଷଦର ଇ.ଓ. ପଦବୀ ଖାଲି ପଡିଥିବାରୁ ସେ ଅତିରିକ୍ତ ଦାୟିତ୍ୱ ତୁଲାଇଆସୁଥିଲେ। ଏବେ ତହସିଲଦାରଙ୍କ ଅନ୍ୟତ୍ର ବଦଳି ଯୋଗୁ ରାଜଗାଙ୍ଗପୁର ବିଡିଓ ଖଗେଶ୍ୱର ପାତ୍ର ଏହି ପଦବୀର ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜଗାଙ୍ଗପୁର ତହସିଲ କାର୍ଯ୍ୟାଳୟରେ ଗୁରୁବାର ତହସିଲଦାର ଲଲାଟ କୁମାର ଲୋହାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଦାୟିତ୍ୱ ନେଇଥିବା ବିଡିଓ ଖଗେଶ୍ୱର ପାତ୍ରଙ୍କୁ କାର୍ଯ୍ୟାଳୟରେ କର୍ମଚାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଜଣେ ଅଧିକାରୀ ୩ଟି ପଦବୀ ଗ୍ରହଣ କରିଥିବାରୁ ଜନସାଧାରଣଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକଟ କରିବା ସହ ତୁରନ୍ତ ସ୍ଥାୟୀ ତହସିଲଦାର ନିଯୁକ୍ତ କରିବାକୁ ଦାବି ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଅନୁରୋଧ କରିଛନ୍ତି।

୯ରେ ସମଲେଶ୍ୱରୀ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ସୁନ୍ଦରଗଡ଼,୬।୯ (ଡି.ଏନ୍.ଏ.)

ରାଣୀବଗିଚାସ୍ଥିତ ସମଲେଶ୍ୱରୀ ହସ୍ପିଟାଲରେ ଆସନ୍ତା ୯ତାରିଖ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହେବ। ଶିବିରରେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯିବ ବୋଲି ହସ୍ପିଟାଲ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଶିବିରରେ ଜନସାଧାରଣ ଯୋଗଦେଇ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ହାସଲ କରିବାକୁ ଅନୁରୋଧ କରାଯାଇଛି।

ବନ୍ଧୁକ ମୁନରେ ହତ୍ୟା ଧମକ, ଥାନାରେ ଏତଲା

■ ପୋଲିସର ଟାଳଟୁଳ ନୀତି ଅଭିଯୋଗ

ରାଜଗାଙ୍ଗପୁର,୬।୯ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର ଇଦ୍‌ଗାହପଡ଼ା ନିବାସୀ ସଗିର ଆଲାମଙ୍କୁ ଜଣେ ଯୁବକ ଗତ ୩ ତାରିଖରେ ବନ୍ଧୁକ ରଖି ହତ୍ୟା ଧମକ ଦେଇଥିଲେ। ଏନେଇ ସଗିର ରାଜଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ଘଟଣାର ୩ଦିନ ପରେ ମଧ୍ୟ ରାଜଗାଙ୍ଗପୁର ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସଗିର ଗୁରୁବାର ଅଭିଯୋଗ କରିଛନ୍ତି । ସଗିରଙ୍କ କହିବା ମୁତାବକ ଗତ ୩ ତାରିଖ ଅପରାହ୍ନରେ ସେ ସହରର ଚନ୍ଦାନୀଚୌକଠାରେ ପୌର ପରିଷଦ ପକ୍ଷରୁ ନେଇଥିବା ଏକ କଂକ୍ରିଟ ରାସ୍ତାର ଠିକା କାମ କରୁଥିଲେ। ସେତିକିବେଳେ ସହରର ଜଣେ ଯୁବକ ତାଙ୍କ ଜଣେ ସାଙ୍ଗଙ୍କ ସହ ଆସି ଗାଳିଗୁଳଜ କରିଥିଲେ। ଯୁବକ ଜଣକ ଏକ ବନ୍ଧୁକ ବାହାର କରି ତାଙ୍କ ଛାତିରେ ରଖି ଜୀବନରେ ମାରି ଦେବାକୁ ଧମକ ଦେଇ ଚାଲିଯାଇଥିଲେ। କିଛି ସମୟପରେ ପୁଣି ୫ରୁ ୬ ଜଣ ଯୁବକ ଆସି ତାଙ୍କୁ ଗାଳିଗୁଳଜ କରିଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ସଂକ୍ରାନ୍ତରେ ରାଜଗାଙ୍ଗପୁର ଥାନା ଅଧିକାରୀ ପ୍ରଦୀପ କୁମାର ଜେନାଙ୍କୁ ପଚାରିବାରୁ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏପରି କି ପୋଲିସ ଜଣେ ଯୁବକଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିବା ବେଳେ ଅଭିଯୋଗକାରୀଙ୍କ ନାମରେ ମଧ୍ୟ ଏକ ପାଳଟା ଅଭିଯୋଗ ହୋଇଥିବା ପ୍ରକାଶ କରିଥିଲେ।

ଦୌଡ଼କୁଦ, ଭାରତ ସ୍କାଉଟସ୍ ଗାଇଡ୍‌ସ୍, ଜୁନିୟର ରେଡ୍‌କ୍ରସର ବାର୍ଷିକ ସାଧାରଣ ସଭା

ସୁନ୍ଦରଗଡ଼,୬।୯ (ଡି.ଏନ୍.ଏ.)

ସ୍ଥାନୀୟ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟଠାରେ ଜିଲା ବିଦ୍ୟାଳୟ ସମୂହ ଦୌଡକୁଦ, ଭାରତ ସ୍କାଉଟ ଗାଇଡସ୍ ଏବଂ ଜୁନିୟର ରେଡକ୍ରସର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି ରାଜଶ୍ରୀ ପଟ୍ଟନାୟକ, ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ, ଶାରିରୀକ ଶିକ୍ଷା ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗ ଦେଇଥିଲେ। ବିଭାଗର ସମ୍ପାଦକ ତଥା ଜିଲା ଶାରୀରିକ ଶିକ୍ଷା ନୀରିକ୍ଷକ ଗତ ବର୍ଷର ସଫଳତା ଏବଂ ଚଳିତ ବର୍ଷର କ୍ରୀଡ଼ା କ୍ୟାଲେଣ୍ଡର ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଜିଲା କବାଡ଼ି ଖେଳ ବନ୍ଧପାଲି ଉଚ୍ଚ ବିଦ୍ୟାଳୟରେ ହେବାନେଇ ସ୍ଥିର ହୋଇଥିବା ବେଳେ ଖୋ ଖୋ ଖେଳ ଗିରିଙ୍ଗକେଲା ଉଚ୍ଚ ବିଦ୍ୟାଳୟ ଆୟୋଜନ ନେଇ ସ୍ଥିର ହୋଇଛି। ସେହିପରି ଫୁଟବଲ ଖେଳ ବଣାଇଁ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ, କ୍ରିକେଟ ଖେଳ ରାଜଗାଙ୍ଗପୁର ରାଷ୍ଟ୍ରୀୟ ବିଦ୍ୟାଳୟ, ଆଥଲେଟିକ୍ସ ସବ୍‌ଡେଗା ଉପେନ୍ଦ୍ର ଉଚ୍ଚବିଦ୍ୟାଳୟ, ହକି ଓ ଧନୁତୀର ସୁନ୍ଦରଗଡ଼ ଟାଉନ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ହେବା ନେଇ ସ୍ଥିରିକୃତ ହୋଇଛି। ଏପରି କି ରାଜ୍ୟ ପୁରସ୍କାର ଟେଷ୍ଟ କ୍ୟାମ୍ପ, ସ୍କାଉଟ ରାଲି, କିଙ୍ଜିର୍ମା ଉଚ୍ଚ ବିଦ୍ୟାଳୟ, ଜୁନିୟର ରେଡକ୍ରସ କାଉନସେଲର ଟ୍ରେନିଂ ଜଲଦା ଉଚ୍ଚବିଦ୍ୟାଳୟ, ଜୁନିୟର ରେଡକ୍ରସ ରାଲି କୁତ୍ରା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜନ ନିମନ୍ତେ ସ୍ଥିର ହୋଇଛି। ଶେଷରେ ଜୁନିୟର ରେଡକ୍ରସ ଯୁବ ସମ୍ପାଦକ ବିଭୀଷଣ ବାରିକ ଧନ୍ୟବାଦ ଦେଇଥିଲେ।

ବାର୍ଷିକ ସାଧାରଣ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ବରୁଆ ବାହାଲ ଫୁଟବଲ ଟୁର୍ନାମେଣ୍ଟ : କୁରେଇ ଚାମ୍ପିୟନ

ବାଲିଶଙ୍କରା,୬।୯(ଡି.ଏନ୍.ଏ.)

ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

ବାଲିଶଙ୍କରା ବରୁଆବାହଲା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଖେଳ କୁରେଇ ଓଡେଲିଯୋର ମଧ୍ୟରେ ହୋଇଥିଲା। ଏଥିରେ କୁରେଇ ଦଳ ଚାମ୍ପିୟନ ବିବେଚିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ସମାଜସେବୀ କପିଳ ଦେବ ମାଝି ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଆଇଆଇସି ଦିଲୀପ କୁମାର ସାଏ ଯୋଗ ଦେଇ ଖେଳାଳିମାନଙ୍କୁ ଏକାଗ୍ରତା ଓ ସଞ୍ଜମତାର ସହ କ୍ରୀଡ଼ା ପ୍ରଦର୍ଶ କରିବାକୁ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ଅଗ୍ନିଶମ ବିଭାଗ ଅଧିକାରୀ ଲକ୍ଷ୍ମଣ କୁମାର ନାୟକ, ହାବିଲଦାର କାମେଶ୍ରୀ ଦେହୁରି, ଦଧିଚନ୍ଦ୍ର ଷଣ୍ଢ, ରଞ୍ଜନ ବେସନ, ଚନ୍ଦ୍ରମଣୀ ପ୍ରଧାନ, ଆମେରଶପୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଚାମ୍ପିୟନ ଦଳକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିବା ବେଳେ ସମ୍ମାନିତ ଅତିଥିଙ୍କ ଦ୍ୱାରା ରନର୍ସ ଅନ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। କରୁଆବାହାଲ କ୍ଲବ ପକ୍ଷରୁ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। କ୍ଲବର ପାସ୍କାଲ ଏକା, ସୁବୋଧ ଏକ୍କା, ଲଳିତ ରାଉତ, ସୁଜିତ ଏକ୍କା, ରବେଟ ବାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମ୍ୟାଚ ରେଫରି ଭାବେ ଇନ୍ଦ୍ରମଣୀ ଡଙ୍ଗସେନା, ଝାଲକୁ ଟପ୍ପୋ, ଆଜାର ଦାନ କୁଜୁର ଓ ଫିନୁ ବରିହା ରହିଥିଲେ।

ସଦର ନିର୍ବାଚନ ମଣ୍ଡଳୀରେ ବିଜେଡିର ସାଙ୍ଗଠନିକ ବୈଠକ

ସୁନ୍ଦରଗଡ଼,୬।୯ (ଡି.ଏନ୍.ଏ.)

ଟାଙ୍ଗରପାଲି ବ୍ଲକ ଅଧୀନ ତସଲାଡିହାରେ ବିଜେଡିର ସଦର ନିର୍ବାଚନ ମଣ୍ଡଳୀ ସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଗୋବିନ୍ଦ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ସଭା ସଦସ୍ୟ ତଥା ସୁନ୍ଦରଗଡ଼ ଜିଲା ମୁଖ୍ୟ ପର୍ଯ୍ୟବେକ୍ଷକ ପ୍ରଶାନ୍ତ ନନ୍ଦ ଯୋଗଦେଇ ୱାର୍ଡସ୍ତରରେ ହୋଇଥିବା ସ୍ପାଟସ ଆପ୍ ରେଜିଷ୍ଟ୍ରେସନ୍, ମହିଳା ସଶକ୍ତୀକରଣ, ନିର୍ମାଣ ଶ୍ରମିକ ପଞ୍ଜୀକରଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗାଁ ଆମ ବିକାଶ ଯୋଜନା ଆଦିର ସଫଳ ରୂପାୟନ ହିଁ ତାଙ୍କୁ ପୁର୍ନବାର କ୍ଷମତାକୁ ଆଣିବ ବୋଲି କହିଥିଲେ। ସଦର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଜ୍ୟୋତିଷ ଚନ୍ଦ୍ର ଦାସ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକର ସଫଳତା ଦିଗରେ ଦୃଷ୍ଟି ଦେଇ ଲୋକଙ୍କ ଆସ୍ଥାଭାଜନ ହୋଇ ଆଗାମୀ ଦିନରେ ଏହି ଆସନରୁ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ମତଭେଦ ଭୁଲି ଏକାଠି କାମ କରିବାକୁ ଆହ୍ୱାନ ଦେଇଥିଲେ। ରାଉରକେଲା ପୌରପାଳିକାର ପୂର୍ବତନ ଅଧକ୍ଷା ରଶ୍ମିବାଳା ମିଶ୍ର ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେଡି ନେତ୍ରୀ କୁସୁମ ଟେଟେ ଅଭିଭାଷଣରେ ସମସ୍ତଙ୍କ ସହଯୋଗରେ ଦଳର ସଭାପତି ଏବଂ ମୁଖ୍ୟ ପର୍ଯ୍ୟବେକ୍ଷକ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଗତ ୪ବର୍ଷରେ ସଦର ନିର୍ବାଚନମଣ୍ଡଳୀରେ ହୋଇଥିବା ସାଂଗଠନିକ କାର୍ଯ୍ୟକ୍ରମ ଉପରେ କହିଥିଲେ। ବୈଠକରେ ହେମଗିର ବ୍ଲକ ସଭାପତି ସୁକାନ୍ତ ପତି, ସଦର ବ୍ଲକ ସଭାପତି ନିମାଇଁ ନାଏକ, ଲେପ୍ରିପଡ଼ା ବ୍ଲକ କାର୍ଯ୍ୟକାରୀ ସଭାପତି ଭୁବନେଶ୍ୱର ବନଛୋର, ବ୍ଲକ ଅଧକ୍ଷା ସୁଧାରାଣୀ ରାଉତିଆ, ଗୋପାଳ ପ୍ରଧାନ, ଗୋପ ମହାନ୍ତି, ହରଜେନ୍ଦ୍ର ସିଂ, ଜୟନାରାୟଣ ତ୍ରିପାଠୀ, ସୁସୀମ ଦାଶ, ଅଜୟ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

୬ଷ୍ଠ ଦିନରେ ଆମରଣ ଅନଶନ

ବଡଗାଁ, ୬।୯ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଫିସ ସମ୍ମୁଖରେ ଗତବର୍ଷ ମରୁଡିର କୃଷି ବୀମା ୫୦ ପ୍ରତିଶତ ଦେବାକୁ ଦାବି କରି ଭୋଇପାଲି ଗ୍ରାମର ଜୟ ଯବାନ ଜୟ କିଷାନ କୃଷକ ବଜାର ସଂଘ ସଭାପତି ରବୀନ୍ଦ୍ର ପଟେଲଙ୍କ ଆମରଣ ଅନଶନ ଗୁରୁବାର ଷଷ୍ଠ ଦିନରେ ପହଞ୍ଚିଛି। ଉପଜିଲାପାଳ ଅନଶନକାରୀଙ୍କୁ ବୁଝାଶୁଝା କରିବା ସହ ଜିଲାପାଳ

ଅନଶନକାରୀ ରବୀନ୍ଦ୍ର ପଟେଲଙ୍କ ସହିତ ଜନପ୍ରତିନିଧି ଏବଂ କୃଷକମାନେ ।

କୃଷିବୀମା ଦାବି ପ୍ରସଙ୍ଗ

ଏହି ସମ୍ପର୍କିତ ରିପୋର୍ଟ ସରକାରଙ୍କ ନିକଟକୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହାକୁ ଅନଶନକାରୀ ପଟେଲ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି। ଚାଷୀମାନେ ଦେଇଥିବା ଅଭି



ମନୁଷ୍ୟ ହୁଏତ ଉଚ୍ଚ ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁ କାଳ ପର୍ଯ୍ୟନ୍ତ ନରହିପାରେ।

- ଜର୍ଜ ବର୍ଣ୍ଣାଡ ଶ

ସଂକ୍ଷେପରେ

ବିଧବା ଭତ୍ତା ପାଇବାରୁ ବଞ୍ଚିତ

ଅତାବିରା, ୬।୯ (ଡି.ଏନ.ଏ): ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ଗ୍ରାମର ତପସ୍ୱିନୀ ନାୟକ (୪୨) ବିଧବା ଭତ୍ତା ପାଇଁ ଦୀର୍ଘ ୨ ବର୍ଷ ହେଲା ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଭତ୍ତା ମିଳି ପାରିନି । ଆଜି ମିଳିବ କାଲି ପାଇବ ବୋଲି ତାଙ୍କୁ କେବଳ ଆଶ୍ୱାସନା ଦିଆଯାଉଛି । ତପସ୍ୱିନୀଙ୍କ ସ୍ୱାମୀ ସ୍ୱର୍ଗତ ବିରବଲ ୩ବର୍ଷ ପୂର୍ବରୁ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲିଗଲେଣି । ସ୍ୱାମୀଙ୍କ ମୃତ୍ୟୁ ପରେ ମୂଲ ଲାଗି ପରିବାର ଭରଣ ପୋଷଣ କରୁଥିବା କହିଥିଲେ ତପସ୍ୱିନୀ । ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ଜାମଟିକ୍ରାରେ କୃଷି ସଚେତନତା ଶିବିର

ଜାମଟିକ୍ରା, ୬।୯ (ଡି.ଏନ.ଏ): ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଗ୍ରାମରେ ଗୁରୁବାର କୃଷି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସ୍ଥାନୀୟ ଭିଏଡବ୍ଲୁ କିଶୋର ଦାସ ଯୋଗଦେଇ ବର୍ତ୍ତମାନ ବିଭିନ୍ନ ପନିପରିବା ଓ ଧାନ ଚାଷରେ ଲାଗିଥିବା ରୋଗପୋକକୁ କିପରି ନିୟନ୍ତ୍ରଣ କରାଯିବ, କେଉଁ ପ୍ରକାରର କୀଟନାଶକ ଔଷଧ ସିଞ୍ଚନ କରାଯିବ ସେ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ । ସୁରେନ୍ଦ୍ର କଠାର, ଟିମନ କଠାର, କିଶୋର ନାଗ, ବଲ୍ଲଭ କଠାର, ବାବାଜୀ ଠାଠା, ଗୋବର୍ଦ୍ଧନ କଠାର, ମିଠୁ ନାଗ, ସୁବାଷ କଠାର ପ୍ରମୁଖ ଚାଷୀ ଏଥିରେ ସାମିଲ ହୋଇଥିଲେ ।

ଉଠାଦୋକାନୀ, ବଣିକ ସଂଘର ଆଲୋଚନା

ପଦ୍ମପୁର, ୬।୯ (ଡି.ଏନ.ଏ): ପଦ୍ମପୁର ଏନଏସି ତରଫରୁ ଉଠାଦୋକାନୀ ତଥା ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ନୋଟିସ ଦିଆଯାଇଥିବାରୁ ଏମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାର ପ୍ରତିକାର ପାଇଁ ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ନନ୍ଦକିଶୋର ଅଗ୍ରୱାଲ, ସୁଶୀଲ ଅଗ୍ରୱାଲ, ଅରୁଣ ଦାନୀଙ୍କ ନେତୃତ୍ୱରେ ଉଠା ଦୋକାନୀମାନଙ୍କ ଏକ ପ୍ରତିନିଧି ଦଳ ଉପଜିଲାପାଳ ଦୌଲତ ଚନ୍ଦ୍ରକାରଙ୍କୁ ଭେଟି ଆଲୋଚନା କରିଥିଲେ । ବର୍ତ୍ତମାନ ବର୍ଷା ସମୟ ଥିବାରୁ ଦୋକାନ ଉଠାଇବା ସହ ଅନ୍ୟତ୍ର ବ୍ୟବସାୟ କରିବା ସମ୍ଭବପର ନୁହେଁ । ଏଣୁ ବର୍ଷା ପରେ ଦଶହରା ସମୟରେ ଥଇଥାନ ପୂର୍ବକ ସେମାନଙ୍କୁ ସ୍ଥାନାନ୍ତର କଲେ ସେଥିରେ କୌଣସି ଆପତ୍ତି ରହିବ ନାହିଁ ବୋଲି ସେମାନେ ପ୍ରକାଶ କରିଥିଲେ ।

ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ

ବରଗଡ଼ ଅଫିସ୍,୬।୯: ବରଗଡ଼ ବ୍ଲକ ଓ ପୌରାଞ୍ଚଳ ପ୍ରାଥମିକ ଶିକ୍ଷକ ସଂଘର ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଘର ଉପଦେଷ୍ଟା ଇନ୍ଦ୍ରଜିତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ସୁରେନ୍ଦ୍ର କୁମାର ଭୋଇ ସଭାପତି, ବଳିଷ୍ଠ ପ୍ରଧାନ ଓ ତପସ୍ୱିନୀ ମହାପାତ୍ର ଉପସଭାପତି, ରକ୍ଷପାଳ ସାହୁ ସମ୍ପାଦକ, ଉଦ୍ଧବ ଦେବତା, କଳ୍ପନା ସାହୁ, ମୁକୁନ୍ଦ ମହାନନ୍ଦ ସହସମ୍ପାଦକ, ପ୍ରମୋଦ ମହାପାତ୍ର କୋଷାଧ୍ୟକ୍ଷ ଏବଂ ନବୀନ କୁମାର ସାବତ ସଂଯୋଜକ ନିର୍ବାଚିତ ହୋଇଥିଲେ । ସେହିପରି ବରଗଡ଼ ପରୀକ୍ଷା ପରିଚାଳନା କମିଟି ପୁନର୍ଗଠିତ ହୋଇଥିଲା । ଏଥିରେ ପ୍ରଶାନ୍ତ କୁମାର ମହାପାତ୍ର ସଭାପତି, ବାବୁଲୁ ଶତପଥୀ, କଳ୍ପିତା ବେହେରା ଉପସଭାପତି, ପରଦେଶୀ ବାରିକ ସମ୍ପାଦକ, ସୀତାରାମ ମହାପାତ୍ର, ଲଳିତା ପ୍ରଧାନ, ଅଭୟ ବେହେରା ସହସମ୍ପାଦକ ଏବଂ ଅରବିନ୍ଦ ଗୁପ୍ତା କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ । ଜିଲା ସମ୍ପାଦକ ପ୍ରମୋଦ କୁମାର ହୋତା ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ ।

■ ବିଜେପୁର ବ୍ଲକରେ ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକଙ୍କ ଆନ୍ଦୋଳନ

୩ କଲେଜ, ୯ ହାଇସ୍କୁଲରେ ତାଲା

ବିଜେପୁର, ୬।୯ (ଡି.ଏନ.ଏ)

ବ୍ଲକଗ୍ରାଣ୍ଟ ହାଇସ୍କୁଲ ଓ କଲେଜ ଅଧ୍ୟାପକଙ୍କ ଭୁବନେଶ୍ୱର ଲୋୟର ପିଏମଜିରେ ଚାଲିଥିବା ଧାରଣା ଗୁରୁବାର ୨୧ ଦିନରେ ପହଞ୍ଚିଛି । ଏହାକୁ ସମର୍ଥନ ଜଣାଇ ବରଗଡ ଜିଲା ବିଜେପୁର ବ୍ଲକରେ ଗୁରୁବାରଠାରୁ ୯ଟି ବ୍ଲକଗ୍ରାଣ୍ଟ ହାଇସ୍କୁଲରେ ତାଲା ଝୁଲୁଛି । ଫଳରେ ଶିକ୍ଷାର୍ଥୀମାନଙ୍କ ପାଠପଢ଼ା ବ୍ୟାହତ ହେବା ସହ ସେମାନଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଥିବା ଅଭିଯୋଗ ହେଉଛି । ଏହି ବ୍ଲକର କୁର୍କୁଟା, ବରମୁଣ୍ଡା, ଏମଶ୍ରୀଗିଡା, ବଡବ୍ରାହ୍ମଣୀ, ଯୋଖିପାଲି, ଭଟିଗାଁ, ପୁଞ୍ଜିପଥର, ଗଣ୍ଡିଆପାଲି, ମହବେର୍ଣ୍ଣାରେ ବ୍ଲକଗ୍ରାଣ୍ଟ ହାଇସ୍କୁଲ ରହିଛି। ଉକ୍ତ ହାଇସ୍କୁଲରେ ୧୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଜଣାପଡିଛି। ଆଗାମୀ ୧୭ତାରିଖରେ ଦଶମ ଶ୍ରେଣୀ ପ୍ରିଟେଷ୍ଟ ପରୀକ୍ଷା ହେବାର କାର୍ଯ୍ୟକ୍ରମ ରହିଛି । ଏଭଳି ପରିସ୍ଥିତିରେ ମଧ୍ୟ ବିଭିନ୍ନ ଦାବି ନେଇ ଆନ୍ଦୋଳନରତ ଶିକ୍ଷକ ଅନିର୍ଦ୍ଧିଷ୍ଟ କାଳ ପାଇଁ ସ୍କୁଲ ଫାଟକରେ ତାଲା ପକାଇ ଦେଇଛନ୍ତି । ଏହାଦ୍ୱାରା ଛାତ୍ରୀଛାତ୍ର କିଭଳି ଅଧ୍ୟୟନ ଅବ୍ୟାହତ ରଖି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି ହେବେ ସେ ନେଇ ଅଭିଭାବକମାନେ ସନ୍ଦିହାନ ହୋଇ ପଡିଛନ୍ତି । ସେହିପରି ବିଜେପୁର ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ବିଭାଗ, ପୁଟୁକିଗ୍ରୀଞ୍ଜୋଲ ଦୋରା ମହାବିଦ୍ୟାଳୟ, ତାଳପଦର ପଞ୍ଚାୟତ ମହାବିଦ୍ୟାଳୟରେ ଅଧ୍ୟାପକମାନଙ୍କ ଆନ୍ଦୋଳନ ଯୋଗୁ ପାଠପଢ଼ା ଠପ୍ ହୋଇଯାଇଛି । ଏ ସଂକ୍ରାନ୍ତରେ ବିଇଓ ରାଧାକାନ୍ତ ଗଡତିଆଙ୍କୁ ପଚାରିବାରୁ ବ୍ଲକଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକମାନେ ବିଦ୍ୟାଳୟରେ ତାଲା ପକାଇବା ନେଇ ଆମକୁ ଆଗୁଆ ସୂଚନା ଦେଇ ନ ଥିଲେ। ଗୁରୁବାର ୯ଟି ଯାକ ବ୍ଲକଗ୍ରାଣ୍ଟ ହାଇସ୍କୁଲରେ ତାଲା ଝୁଲିବା ସହ ପ୍ରାୟ ୬୩ଜଣ ଶିକ୍ଷକ ଅନୁପସ୍ଥିତ ରହିଥିବା ଖବର ପାଇଛି । ବ୍ଲକ ଗ୍ରାଣ୍ଟ ଯୁକ୍ତ ଦୁଇ ମହାବିଦ୍ୟାଳୟ ଗୁଡିକ ସମ୍ପୂର୍ଣ୍ଣ ଭାବେ ଆମ ଅଧୀନକୁ ଆସିପାରିନାହିଁ । ହାଇସ୍କୁଲଗୁଡିକ ବନ୍ଦ ରହିବା ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛି । ତେଣୁ ସେ ଯାହା ପଦକ୍ଷେପ ନେବେ ବୋଲି ବିଇଓ ଗଡତିଆ କହିଥିଲେ ।

ଲଖମରା ପ୍ୟାକ୍ସରେ ତାଲା ପକାଇ ଚାଷୀମାନେ ଧାରଣାରେ ବସିଛନ୍ତି

ଫସଲବୀମା ଦାବିରେ ଲଖମରା ପ୍ୟାକ୍ସରେ ତାଲା

ପଦ୍ମପୁର, ୬।୯ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଚର୍ଦାପାଲି ଗ୍ରାମ ପଞ୍ଚାୟତର ଲୁହୁରାକୋଟ, ଚର୍ଦାପାଲି, ଚଙ୍ଗରିଆ, ଲହଣ୍ଡିପୁର, ଗୁଣ୍ଡିଚାତିହିର ଶତାଧିକ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ଲଖମରା ପ୍ରାଥମିକ କୃଷି ସମବାୟ ସମିତିରେ ଚର୍ଦାପାଲି ଗ୍ରାମ ପଞ୍ଚାୟତର ଚାଷୀମାନେ ଗୁରୁବାର ତାଲା ପକାଇ ଦେଇଛନ୍ତି । ଚାଷୀମାନେ ଉକ୍ତ ସମିତିରୁ କୃଷି ଋଣ ସହ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା ପ୍ରିମିୟମ ଦେଇଥିଲେ । ଅନ୍ୟାନ୍ୟ ଗ୍ରାମପଞ୍ଚାୟତ ତୁଳନାରେ ଚର୍ଦାପାଲି ଗ୍ରାମପଞ୍ଚାୟତରେ ଚାଷୀମାନଙ୍କୁ ଫସଲ କ୍ଷତି ବୀମା ରାଶି ଅତିକମ୍ ମିଳିଥିବା ଯୋଗୁ ସେମାନେ ତାଲା ବନ୍ଦ ଆନ୍ଦୋଳନ କରିଛନ୍ତି । ଚାଷୀମାନଙ୍କୁ ରାଜବୋଡାସମ୍ବର କୃଷକ ସଂଘ, ପଲସଦା ଗ୍ରାମପଞ୍ଚାୟତ କୃଷକ ସଂଘ ସମର୍ଥନ ଜଣାଇ ଆନ୍ଦୋଳନରେ ଯୋଗଦାନ କରିଥିଲେ । ଶୁକ୍ରବାର ଲଖମରା ଷ୍ଟେଟ ବ୍ୟାଙ୍କ ଓ ରାଜସ୍ୱ ନିରୀକ୍ଷକ ଅଫିସ୍ ବନ୍ଦ କରିବା ପାଇଁ ଆନ୍ଦୋଳନକାରୀ ଚାଷୀମାନେ କହିଛନ୍ତି ।

ଶୋଭାଯାତ୍ରାରେ ପୁଷ୍ଟି ସଚେତନତା

ଅଙ୍ଗନୱାଡି କର୍ମୀମାନେ ପୁଷ୍ଟି ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି ।

ବିଜେପୁର, ୬।୯(ଡି.ଏନ.ଏ.)

ବିଜେପୁର ବ୍ଲକ ସଭାକକ୍ଷରେ ଜାତୀୟ ପୁଷ୍ଟି ସପ୍ତାହ ଦିବସ ପାଳିତ ହୋଇଛି । ବିଡିଓ ପଦ୍ମନାଭ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସିଡିପିଓ ଚନ୍ଦ୍ରା ସାହୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ମାତୃଗର୍ଭରୁ ହଜାରେ ଦିନ ପର୍ଯ୍ୟନ୍ତ ଶିଶୁର ଯତ୍ନ ଏକାନ୍ତ ଆବଶ୍ୟକ । ଏ ଦିଗରେ ମାତାପିତା ସଚେତନ ହେଲେ ପୁଷ୍ଟିହୀନତା ସମସ୍ୟା ଦୂର ହୋଇପାରିବ । ପୁଣି ଅଭିଭାବକମାନଙ୍କୁ ସଚେତନ କରାଇବାରେ ଅଙ୍ଗନୱାଡି ଓ ଆଶା କର୍ମୀମାନଙ୍କ ଗୁରୁ ଦାୟିତ୍ୱ ରହିଥିବା ମତପ୍ରକାଶ ପାଇଥିଲା । ରାଜେଶ୍ୱରୀ ସାହୁ, ମୀନା ମିଶ୍ର, ରୀତା ପୂଜାରୀ, ସୁନୀତା ଦାଶ, ରାଜଶ୍ରୀ ପତି, ଗୀତାଞ୍ଜଳି ମେହେର, ଅନସୂୟା ଦେବତା, ଫାଲଗୁନି ସାହୁ ପ୍ରମୁଖ ଅଙ୍ଗନୱାଡି କର୍ମୀ ପୁରସ୍କୃତ ହୋଇଥିଲେ । ସଭା ପ୍ରାରମ୍ଭରୁ ଅଙ୍ଗନୱାଡି କର୍ମୀ ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା ରାଲିରେ ଗ୍ରାମ ପରିକ୍ରମା କରିଥିଲେ । ଏହି ଅବସରରେ ଏକ ଖାଦ୍ୟ ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ସୁପର ଭାଇଜର ବାସନ୍ତୀ ଦାଶ ଧନ୍ୟବଦ ଅର୍ପଣ କରିଥିଲେ ।

ପର୍ଲିମୁଣ୍ଡା ଗାଁରେ ଝାଡାବାନ୍ତି

୧୯ ଆକ୍ରାନ୍ତଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି

ପାଇକମାଳ, ୬।୯ (ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ପଲସଦା ପଞ୍ଚାୟତର ପର୍ଲିମୁଣ୍ଡା ଗ୍ରାମରେ ଝାଡାବାନ୍ତି ବ୍ୟାପିଛି । ଏହି ଗ୍ରାମର ୧୯ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ବୁଧବାର ରାତ୍ରିରେ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ୨ଜଣଙ୍କ ସ୍ୱାସ୍ଥ୍ୟ ଠିକ୍ ଥିବାରୁ ସେମାନେ ଘରକୁ ଫେରି ଆସିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୭ ଜଣ ଚିକିତ୍ସାଧୀନ ଅଛନ୍ତି । ବୁକୁରାମୁଣ୍ଡା ଗୋଷ୍ଠୀ ସାଧନ କେନ୍ଦ୍ରର ଡା. ସୁଦୀପ୍ତ ସାହୁ, ମଞ୍ଜୁଲତା କାଲୋ, ଡା. ଅସିତ କୁମାର, ରବିନ୍ଦ୍ର ମୋହନ ଦାସ, ଏଏନଏମ କ୍ଷୀରେଶ୍ୱରୀ ପ୍ରଧାନ ଓ ଆଶାକର୍ମୀ ଝାଡାବାନ୍ତି ଆକ୍ରାନ୍ତ ଗ୍ରାମରେ କ୍ୟାମ୍ପ ପକାଇ ଲୋକଙ୍କୁ ପରୀକ୍ଷା ସହ ଔଷଧ, ସାଲାଇନ ଆଦି ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି। ନାଳ ନର୍ଦ୍ଦମାରେ ବ୍ଲିଚିଂ ପାଉଡର ପକାଯାଉଛି। ନଳକୂପରେ ମଧ୍ୟ ବ୍ଲିଚିଂ ପକାଇ ପାଣି ବିଶୋଧନ କରାଯାଉଛି । ଡା. ସୁଦୀପ୍ତ ସାହୁଙ୍କ କହିବା ଅନୁସାରେ ଏବେ ପରିସ୍ଥିତି ଆୟତ୍ତ ଥିବା ଜଣାପଡିଛି । ୫ଜଣଙ୍କ ଝାଡା ପରୀକ୍ଷା ପାଇଁ ବଲାଙ୍ଗୀର ପଠାଯାଇଥିବା ସେ କହିଛନ୍ତି ।

ସ୍ୱୟଂ ସହାୟକ ଗୋଷ୍ଠୀର ସଫଳତା ପରିବାରକୁ ସମ୍ପନ୍ନ କରେ

ରାଉରକେଲା ଅଫିସ୍,୬।୯

ରାଜ୍ୟରେ ଦ୍ରୁତ ସଂଗଠିତ ହେଉଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଫଳତା ଏକ ଶୁଭଲକ୍ଷଣ ବୋଲି ରାଉରକେଲା ବିଧାୟକ ଦିଲୀପ ରାୟ ମତ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ମହିଳାମାନେ ନିଜେ ସ୍ୱାବଲମ୍ବୀ ହେବା ସହ ପାରିବାରିକ ସ୍ଥିତି ସୁଧାରି ପାରୁଛନ୍ତି। ଏନେଇ ଗୋଷ୍ଠୀ ସଦସ୍ୟଙ୍କୁ ଠିକ୍ ମାର୍ଗଦର୍ଶନ ଓ ତାଲିମ ପ୍ରଦାନ ଉପରେ ରାୟ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ଏସ୍‌ଏଚ୍‌ଜି ପକ୍ଷରୁ ନିଆଯାଇଥିବା ସଫଳ ପଦକ୍ଷେପକୁ ସେ ପ୍ରଶଂସା କରିବା ସହ ଏ ଦିଗରେ ଅଧିକ ପଦକ୍ଷେପ ନିଆଯିବା ଉଚିତ ବୋଲି କହିଥିଲେ। ଆଗାମୀ ଦିନରେ ମହିଳା ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବଜାର ବ୍ୟବସ୍ଥା ଓ ଉତ୍ପାଦନ ନେଇ ଉଚିତ ପଦକ୍ଷେପ ନିଆଯିବ ବୋଲି ରାୟ କହିଥିଲେ। ଏ କ୍ଷେତ୍ରରେ ବୈଷୟକ ତାଲିମ ଆହୁରି ଅଧିକ ଗ୍ରହଣୀୟ ହୋଇପାରିବ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଏଥିରେ ସଂଯୋଜିକା ସବିତା ଖାତୁନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମାଜିକ କାର୍ଯ୍ୟକର୍ତ୍ତା ହରିହର ରାଉତରାୟ, ପୂର୍ବତନ ନଗରପାଳ ରମେଶ ବଳ, ପୁଷ୍ପା ଲେଙ୍କା ପ୍ରମୁଖ ବକ୍ତବ୍ୟ ରଖି ମହିଳାଙ୍କ ଉତ୍ଥାନରେ ସମାଜିକ ଉତ୍ଥାନ ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ। ତାରା କ୍ରିଷ୍ଣା ଧନ୍ୟବାଦ ପ୍ରଦାନ କରିଥିଲେ।

୩୨ଜଣଙ୍କୁ ବରିଷ୍ଠ ନାଗରିକ ପ୍ରମାଣପତ୍ର ପ୍ରଦାନ

ମନମୁଣ୍ଡା, ୬।୯ (ଡି.ଏନ.ଏ)

ମନମୁଣ୍ଡା ପୋଲିସ ପକ୍ଷରୁ ଗୁରୁବାର ମଧ୍ୟାହ୍ନରେ ବରିଷ୍ଠ ନାଗରିକ ସୁରକ୍ଷା ସେଲ୍‌ର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏସ୍‌ଡିପିଓ ସାଲେଷ୍ଟାଇନ୍ ଟିଗାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ମୁଖ୍ୟଅତିଥି ଏବଂ ମନମୁଣ୍ଡା ସିଏଚସିର ମେଡିକାଲ ଅଫିସର ଡା. ମହେନ୍ଦ୍ର କୁମାର ସଏ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଆଇଆଇସି ଭାବାନନ୍ଦ ପ୍ରଧାନଙ୍କ ଦ୍ୱାରା ପରିଚାଳିତ ସଭାରେ ଏସଡିପିଓ ଟିଗା ଅତିଥି ପରିଚୟ କରିବା ସହ ସଭାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଡା. ସଏ ବରିଷ୍ଠ ନାଗରିକ ପ୍ରମାଣପତ୍ରପ୍ରାପ୍ତ ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିପରି ଅଗ୍ରାଧିକାର ଓ ମାଗଣା ଚିକିତ୍ସା ଏବଂ ଔଷଧ ଯୋଗାଇ ଦିଆଯାଇପାରିବେ ତାହା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ମିଶ୍ର ବରିଷ୍ଠ ନାଗରିକ ସୁରକ୍ଷା ସେଲର ଗଠନ, ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ହିତାଧିକାରୀମାନେ କେଉଁ କେଉଁ କ୍ଷେତ୍ରରେ କିଭଳି ଲାଭ ପାଇପାରିବେ ସେ ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ। କୌଣସି କ୍ଷେତ୍ରରେ ଅସୁବିଧା ହେଲେ ତୁରନ୍ତ ତାଙ୍କୁ ଦେଖାକରି ଜଣାଇବାକୁ ଏସ୍‌ପି ନିବେଦନ କରିଥିଲେ। ଆଇଆଇସି ପ୍ରଧାନ କୌଣସି ବରିଷ୍ଠ ନାଗରିକ ପତ୍ରଧାରୀ ଯେତେବେଳେ ପୋଲିସ ସହାୟତା ଚାହିଁବେ ତୁରନ୍ତ ତାଙ୍କୁ ସେବା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଗୋପିନାଥ ହୋତା, ସବିତା ହୋତା, ରଘୁନାଥ ହୋତା, ରାଧିକା ହୋତା, ମାଗୁଣି ରଥ, ବିନାୟକ ରଥ, ବଳଦେବ ରଥ, ଶିବ ରଥ ପ୍ରମୁଖଙ୍କ ସମେତ ମୋଟ ୩୨ଜଣଙ୍କୁ ବରିଷ୍ଠ ନାଗରିକ ପ୍ରମାଣପତ୍ର କାର୍ଡ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ସୁରକ୍ଷା ସେଲର ଜିଲାସ୍ତରୀୟ ସଭ୍ୟା ଏସ୍‌ଆଇ ମମତା ହେମ୍ବ୍ରମ ସହଯୋଗ ପ୍ରଦାନ କରିଥିଲେ ।

ଭକ୍ତି ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ

ବୌଦ୍ଧ,୬।୯(ସ୍ୱ.ପ୍ର)

ବୌଦ୍ଧ ସତ୍ୟସାଇ ସେବା ପକ୍ଷରୁ ଦୃଷ୍ଟିହୀନ ବଧିର ବିଦ୍ୟାଳୟ ନାରାୟଣପୁର ଠାରେ ଭକ୍ତି ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନ ସଭାପତି ପରମେଶ୍ୱର ନାଏକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକର ପୂର୍ବତନ ବିଡିଓ ନିହାର ରଞ୍ଜନ କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆମ ସମାଜରେ ଦିବ୍ୟାଙ୍ଗ ମାନଙ୍କ ନିକଟରେ ବହୁ ପ୍ରତିଭା ଥିଲେ ମଧ୍ୟ ବଣମଲି ବଣରେ ଫୁଟି ମଉଳି ଗଲା ଭଳ ଦେଖାଯାଉଛି । ସେମାନଙ୍କୁ ସୁଯୋଗ ମିଳିବା ଦରକାର ବୋଲି ସେ କହିଥିଲେ । ଡ ପ୍ରିୟବ୍ରତ ବେହେରା କାର୍ଯ୍ୟକ୍ରମ ପରିଚାଳନା, ପ୍ରଧାନ ଶିକ୍ଷକ ମନୋଜ ସାହୁ, ସ୍ୱଧାର ଗୃହର ନିର୍ମଳା ଜେନା, ସବିତା ହୋତା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଅତିଥି ମାନଙ୍କ ଦ୍ୱାରା ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସତ୍ୟସାଇ ସେବା ସଙ୍ଗଠନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ଭକ୍ତି ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଦିବ୍ୟାଙ୍ଗମାନେ ।

ପାଠପଢ଼ା ସହ ଗୀତନାଚ, ଖେଳକୁଦ ଜରୁରୀ

ପାଇକମାଳ, ୬।୯ (ଡି.ଏନ.ଏ)

ପାଇକମାଳ ବ୍ଲକ ଲଉଡାମାର ମହାମାୟା ପବ୍ଲିକ ସ୍କୁଲ ପରିସରରେ ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ଛାତ୍ରୀଛାତ୍ରମାନେ ଫ୍ୟାନ୍‌ସି ଡ୍ରେସ ଓ ନାଚ ପ୍ରତିଯୋଗିତାରେ ଭାଗ ନେଇଥିଲେ । ପୁରସ୍କାର ବିତରଣ ସଭା ପ୍ରଧାନ ଶିକ୍ଷକ ମହମ୍ମଦ ଅସରଫ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଅନୀଲ କାଲିଆ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମନଦେଇ ପାଠ ପଢ଼ିବା ସହ ଗୀତ ନାଚ ଖେଳକୁଦ କରିବା ପାଇଁ ପରାମର୍ଶ ଦେଇଥିଲେ । ଜୁ

ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।
- ହୋମର

ସଂକ୍ଷେପରେ

ବିଜୁ ଯୁବ ବାହିନୀଙ୍କୁ ଟୋପି, ଜର୍ସି ବଣ୍ଟନ

ସିନାପାଲି,୬।୯(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ବ୍ଲକ ପରିସରରେ ବ୍ଲକ୍ ବିଜୁ ଯୁବ ବାହିନୀ ତରଫରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଯୁବ ବାହିନୀ ସଦସ୍ୟମାନଙ୍କୁ ଟୋପି ଓ ଜର୍ସି ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ଡବ୍ଲ୍ୟୁଇଓ ସୂର୍ଯ୍ୟକାନ୍ତ ଭୋଏ, ଜିଲା ବିଜୁ ଯୁବ ବାହିନୀ କୋଡିନେଟର ବିନୋଦ ନାଗ, ବ୍ଲକ ବିଜୁ ଯୁବ ବାହିନୀ କୋଡିନେଟର ଅଭିମନ୍ୟୁ ବାଗଙ୍କ ସମେତ ୨୭ଟି ପଞ୍ଚାୟତ ବିଜୁ ଯୁବ ବାହାନି ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବୃକ୍ଷ ରୋପଣ କରିଥିବା ଯୁବ ବାହିନୀଙ୍କୁ ତାଙ୍କ ଆକାଉଣ୍ଟରୁ ପଚିଶ ଶହ ଟଙ୍କା ଉଠାଇ ପାରିବେ ଏବଂ ସରକାରଙ୍କ ମୋ ହିରୋ କାର୍ଯ୍ୟକ୍ରମରେ ମଧ୍ୟ ଏହି ଯୁବ ବାହିନୀ ସାମିଲ ହୋଇ ପାରିବେ ବୋଲି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା ।

ମନମୁଣ୍ଡା ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମାରୋହ

ମନମୁଣ୍ଡା, ୬।୯ (ଡି.ଏନ.ଏ): ମନମୁଣ୍ଡାର ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ବର୍ଷ ଛାତ୍ରୀମାନେ ନୂତନ ଛାତ୍ରୀଛାତ୍ରଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ । ବିଦ୍ୟାଳୟର ଅଧକ୍ଷ ସମ୍ପଦ ଭୁକ୍ତାଙ୍କ ପୌରୋହିତ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ବର୍ଷର ଛାତ୍ର ଶାନ୍ତାନୁ ଜଗଦଲା ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାରେ ଅତିଥି ଭାବେ ଅଧାପକ ମନୋଜ ଗୁରୁ, ବ୍ରଜେନ୍ଦ୍ର ତ୍ରିପାଠୀ, ବିଶ୍ୱାମିତ୍ର ମେହେର, ଦେବବ୍ରତ ଥନାପତି, ଅରୁଣ ବସ୍ତିଆ ଓ ଅଧାପିକା ଗୌରାମୟୀ ଦାସ ଯୋଗ ଦେଇଥିଲେ ।

ଯୁକ୍ତ ୨ କଲେଜରେ ଗୁରୁଦିବସ

ବଡଗାଁ, ୬।୯(ଡି.ଏନ.ଏ.)- ସୁନ୍ଦରଗଡ ଜିଲା ବଡଗାଁସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀ ପ୍ରଦୀପ ପ୍ରଜ୍ୱଳନ କରି ଡଃ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅଧକ୍ଷ ଚୌଧୁରୀ ଶିକ୍ଷକମାନଙ୍କୁ ନିଷ୍ଠାର ସହ ଦାୟିତ୍ୱ ସମ୍ପାଦନ କରିବାକୁ କହିଥିଲେ। ଅଧାପକ ଦଶରଥ ନାଏକ, ଡଃ.ସୁପ୍ରିୟା ପାଲ, ଅଧାପକ ମନୋଜ କୁମାର ମହାନ୍ତି, ଡଃ.ରାଧାକ୍ରିଷ୍ଣନଙ୍କ ବ୍ୟକ୍ତିତ୍ୱ ଏବଂ ଗୁରୁଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବାନୀ ବାଗ, କଲ୍ୟାଣ ମେହେର, ମାମା ତ୍ରିପାଠୀ, ଆଦିତ୍ୟ ପାତ୍ର ପ୍ରମୁଖ ଛାତ୍ରୀଛାତ୍ର ଗୁରୁ-ଶିଷ୍ୟ ପରମ୍ପରାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ।

ଗାଈ ଋଣ ପ୍ରଦାନରେ ଦୁର୍ନୀତି ଅଭିଯୋଗ

ବଲାଙ୍ଗୀର ଅଫିସ, ୬।୯

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଚ୍ଛା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଗାଈଋଣ ପ୍ରଦାନରେ ଅନିୟମିତତା ଓ ଅର୍ଥ କାରବାର ହୋଇ ୪୮ ଚାଷୀଙ୍କ ଋଣ ଟଙ୍କା ଆତ୍ମସାତ୍ କରାଯାଇଛି । ଏ ସଂକ୍ରାନ୍ତରେ ମରାଡୁଗୋଚ୍ଛା ଗାଁର ଚାଷୀମାନେ ଗୁରୁବାର ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଭିଜିଲାନ୍ସ ଅଫିସକୁ ଆସି ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଗତ ଫେବୃୟାରୀରେ ମରାଡୁଗୋଚ୍ଛା ପ୍ୟାକ୍ସରୁ ମରାଡୁଗୋଚ୍ଛା, ଗୁହିରାଘାଟ, ବନ୍ଧକେଡା, ରୁଗୁଡିପାଲି, ମାଙ୍କଡଝୁଆଁ, ଲକ୍ଷ୍ମୀମୁଣ୍ଡା ଓ ଖଇରଟିକରା ଗାଁର ୪୮ଜଣ ଚାଷୀଙ୍କୁ ଗାଈଋଣ ମଞ୍ଜୁର କରାଯାଇଥିଲା । ପ୍ରତ୍ୟେକ ଚାଷୀଙ୍କୁ ୧ଲକ୍ଷ ୨୦ହଜାର ଟଙ୍କା ଋଣ ମଞ୍ଜୁର ହୋଇଥିବା କୁହାଯାଇଥିଲା । ଏହି ଋଣର ପ୍ରଥମ କିସ୍ତି ବାବଦକୁ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨୦ହଜାର ଟଙ୍କା ଲେଖାଏ ଜମା ହୋଇଥିଲା । ଏହି ଟଙ୍କାରେ ଚାଷୀମାନେ ଗୁହାଳ ତିଆରି କରିବା କଥା । ମାତ୍ର ପ୍ୟାକ୍ସ ସମ୍ପାଦକ ପ୍ରତ୍ୟେକ ଋଣଚାଷୀଙ୍କୁ ଜମା ହୋଇଥିବା ୨୦ହଜାର ଟଙ୍କାରୁ ବ୍ୟାଙ୍କର କାଗଜପତ୍ର ବାବଦକୁ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୨ହଜାର ଟଙ୍କା ଲେଖାଏଁ ଦେବାକୁ କହିଥିଲେ । ଏହି ଟଙ୍କା ଦେଲେ ଆଗକୁ ଗାଈ କିଣିବାକୁ ଆଉ ୧ଲକ୍ଷ ଟଙ୍କା ଚାଷୀଙ୍କ ଆକାଉଣ୍ଟରେ ୩ ଦିନ ମଧ୍ୟରେ ଜମା କରାଯିବ ବୋଲି କହିଥିଲେ । ପ୍ୟାକ୍ସ ସମ୍ପାଦକଙ୍କ କଥାକୁ ବିଶ୍ୱାସ କରି ଚାଷୀମାନେ ଜଣପିଛା ୧୨ହଜାର ଟଙ୍କା ପ୍ୟାକ୍ସ ସମ୍ପାଦକଙ୍କୁ ଦେଇଥିଲେ । ସେହି ଟଙ୍କା ନେବା ପରେ ଗତ ୬ମାସ ହେଲା ଚାଷୀମାନେ ପ୍ୟାକ୍ସକୁ ଦୌଡୁଥିଲେ ମଧ୍ୟ ଗାଈ କିଣା ବାବଦକୁ ଟଙ୍କା ଡିପୋଜିଟ୍ ହେଉନାହିଁ । ଏନେଇ ପ୍ୟାକ୍ସ ସମ୍ପାଦକଙ୍କୁ ପଚାରିଲେ ବିଭିନ୍ନ ବାହାନା କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ଚାଷୀଙ୍କଠାରୁ ୫ଲକ୍ଷ ୭୬ ହଜାର ଟଙ୍କା ଆତ୍ମସାତ୍ କରାଯାଇଥିବା ଚାଷୀମାନେ ଅଭିଯୋଗ କରି ଗୁରୁବାର ବିଡିସିସି ବ୍ୟାଙ୍କକୁ ଆସି ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ ଅଭିଯୋଗ କରିଛନ୍ତି । ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଚାଷୀମାନେ ଭିଜିଲାନ୍ସ ଅଫିସରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏହି ଘଟଣାର ତଦନ୍ତ ହେଲେ ଏକ ବଡ ଦୁର୍ନୀତି ପଦାକୁ ଆସିବ ବୋଲି ସେମାନେ ଜଣାଇଛନ୍ତି ।

ମରାଡୁଗୋଚ୍ଛା ଗ୍ରାମର ଚାଷୀମାନେ ଅଭିଯୋଗପତ୍ର ଦେବାକୁ ବଲାଙ୍ଗୀର ବିଡିସିସି ବ୍ୟାଙ୍କକୁ ଆସିଛନ୍ତି।

- ତଦନ୍ତ ପାଇଁ ବିଡିସିସି ବ୍ୟାଙ୍କ, ଭିଜିଲାନ୍ସକୁ ଋଣୀଚାଷୀଙ୍କ ଦରଖାସ୍ତ
- ମରାଡୁଗୋଚ୍ଛା ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ ଫେରାଦ
- ଋଣୀଙ୍କ ଠାରୁ ୫.୭୬ ଲକ୍ଷ ଆତ୍ମସାତ୍ ଅଭିଯୋଗ

ଟିଟିଲାଗଡ଼ ନାଗରିକ କମିଟିର ବୈଠକ

ଟିଟିଲାଗଡ, ୬।୯ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ ଉପୁଜୁଥିବା ଛୋଟବଡ ସମସ୍ୟାର ସ୍ଥାୟୀ ସମାଧାନ ସକାଶେ ସ୍ଥାନୀୟ ମହାବୀର ଧର୍ମଶାଳାରେ ନାଗରିକ ମଞ୍ଚର ଏକ ଗୁରୁତ୍ୱପୁର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁଗ୍ମ କାର୍ଯ୍ୟକାରିଣୀ ଗଠନ ସମ୍ପର୍କରେ ମତପ୍ରକାଶ ପାଇଥିଲା। ସହର ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ନାଗରିକ କମିଟି ସକ୍ରୀୟତାର କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା। ନାଗରିକ ମଞ୍ଚର ରାଧାକାନ୍ତ ପାଢୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଧାରଣ ସମ୍ପାଦକ ମୋହନଲାଲ ଜୈନ, ସଭ୍ୟ ତ୍ରିନାଥ ସରାଫ, ନାଭ ବେହେରା, ଅଶ୍ୱନୀ ମହାନ୍ତି, ଟିଟିଲାଗଡ ବାର ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଅଞ୍ଜଳି ବେହେରା, ଉପେନ୍ଦ୍ର ବାଗ ପ୍ରମୁଖ ସହରର ସମସ୍ୟା ନେଇ ଆଲୋକପାତ କରିଥିଲେ।

ବନ ବିଭାଗରେ କାର୍ଯ୍ୟରତ ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁ

କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

ସଇଁତଲା,୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତଗତ ବେଲଗାଁ ବନ ବିଭାଗର ଶ୍ରମିକ ହରିହର ମାଝୀ(୩୨)ଙ୍କର ବୁଧବାର କାର୍ଯରତ ସମୟରେ ମୃତ୍ୟୁ ଘଟିଥିଲା । ପରିବାରର କେବଳ ହରିହର ହିଁ ଜଣେ ରୋଜଗାରକ୍ଷମ ହୋଇଥିବାରୁ କ୍ଷତିପୂରଣ ତଥା ପରିବାରର ଜଣକୁ ବନ ବିଭାଗରେ ନିଯୁକ୍ତି ଦିଆଯିବା ଦାବିରେ ବେଲଗାଁ ଗ୍ରାମବାସୀ ଜାତୀୟ ରାଜପଥ ୫୯ ଓ ୨୬କୁ ଗୁରୁବାର ମଧ୍ୟାହ୍ନ ୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ । ବଲାଙ୍ଗୀର ଡିଏଫଓ ସମୀର ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ସଇଁତଲା ରେଞ୍ଜର ରାଜକିଶୋର ହରପାଲ ଘଟଣାସ୍ଥଳରେ ପହଞ୍ଚି ପରିବାରର ଜଣକୁ ଏକମାସ ମଧ୍ୟରେ ନିଯୁକ୍ତି ଓ ସରକାରଙ୍କ ତରଫରୁ ଅନୁକମ୍ପା ରାଶି ପ୍ରଦାନ କରାଯିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା । ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ନରେନ୍ଦ୍ର ପଧାନ ହରିଶ୍ଚନ୍ଦ୍ର ପ୍ରଦାନ କରିଥିଲେ ।

ଘଟଣାରୁ ଜଣାଯାଏ ବେଲଗାଁସ୍ଥିତ ଜଙ୍ଗଲ ବିଭାଗରେ ଶ୍ରମିକ ଭାବରେ ବେଲଗାଁ ରାମମନ୍ଦିର ପଡ଼ାର ହରିହର ମାଝୀ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ । ବୁଧବାର ଅପରାହ୍ନରେ ସେ ହଠାତ ଅସୁସ୍ଥ ଅନୁଭବ କରିବାରୁ ବନ ବିଭାଗର କର୍ମଚାରୀମାନେ ତାଙ୍କୁ ବେଲଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଟିଟିଲାଗଡ଼ ଡ଼ାକ୍ତରଖାନାକୁ ନେଇଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ହରିହରଙ୍କ ମୃତଦେହ ବେଲଗାଁ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ ଶିର ରଣା, ପୂର୍ବତନ ସରପଞ୍ଚ ଡୋଲାମଣୀ ଥପା, ସୁନୀଲ ଜୈନ, ମଦନ ମାଝୀ, ଶିବ ନାଗ, ତୁଲ ମାଝୀ, ପରମାନନ୍ଦ ଭୋଇଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ବରଗଡ଼ ବୋରିଗୁମ୍ଫା ଓ ଗୋପାଳପୁର–ରାୟପୁର ଜାତୀୟ ରାଜପଥକୁ ଅବରୋଧ କରିଥିଲେ ।

ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ ।

ଭଲ ମଣିଷ ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଅମରପାଲି, ୬।୯(ଡି.ଏନ.ଏ)

ଭଲ ମଣିଷ ଗଢିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳନ ଅବସରରେବକ୍ତାମାନେଏହିମତପୋଷଣ କରିଛନ୍ତି। ବୀରମହାରାଜପୁରସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଗୁରୁ ଦିବସ ସଭାରେ ବଳରାମ ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନ ସଭାପତି ଭଗବାନ ମିଶ୍ର, କୋଷାଧକ୍ଷ ଅଶୋକ ଅଗ୍ରୱାଲ, ସମ୍ପାଦକ ବେଣୁଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଅମରପାଲି ନୋଡାଲ ୟୁପି ସ୍କୁଲରେ ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ବସନ୍ତ ସାହୁ, ସିଆରସିସି ପ୍ରଦୀପ ଜଗଦଲା, ଯଦୁମଣି ବାଘ, ନାରାୟଣ ବେହେରା, ଶୁଭାଶିଷ ମିଶ୍ର ପ୍ରମୁଖ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ତପକିରଣ ସାହୁ ସଂଯୋଜନା କରିଥିଲେ। ବହଲପଦର ପ୍ରକଳ୍ପ ଉପ୍ରା ସ୍କୁଲରେ ପ୍ରଧାନଶିକ୍ଷକ ପ୍ରମୋଦ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାଣବନ୍ଧୁ ସାହୁ, ସୁରେନ୍ଦ୍ର ଭୋଇ, ରଜତ ପଧାନ ଓ ଶିବ ଗୌନ୍ତିଆ ପ୍ରମୁଖ ସର୍ବପଲ୍ଲୀଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଖଣ୍ଡହତାସ୍ଥିତ ଇନ୍ଦିରାଗାନ୍ଧୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ଅଶୋକ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଅନନ୍ତ ଚରଣ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିକ୍ଷକ ସନ୍ତୋଷ ରଥ ଓ ନାରାୟଣ ରଥ ଗୁରୁ ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ସଫେଇ ନଦୀରୁ ମୃତଦେହ ଉଦ୍ଧାର

ବଡଗାଁ,୬।୯(ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅଧୀନ ସଫେଇ ନଦୀରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଫୁଲବାରୀ ଗ୍ରାମର ରାଧେ ଖଡିଆ(୪୭)। ଅନ୍ୟପକ୍ଷେ ରାଧେଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟାରେ ଗ୍ରାମର ଜଣେ ବ୍ୟକ୍ତି ରାଧେଙ୍କ ଘରକୁ ଆସିଥିଲେ। ବ୍ୟକ୍ତି ଜଣକ ତାଙ୍କୁ ବରପାଲି ଗାଁ ଯିବାକୁ କହିଥିଲେ। ପରେ ସେମାନେ ଘରୁ ବାହାରିଥିଲେ। ହେଲେ ବ୍ୟକ୍ତି ଜଣକ ରାତିରେ ତାଙ୍କ ଘରକୁ ଫେରି ଆସିଥିବା ବେଳେ ରାଧେ ଘରକୁ ଫେରି ନ ଥିଲେ । ବୁଧବାର ସକାଳେ ବ୍ୟକ୍ତି ଜଣକ ରାଧେଙ୍କ ଘରକୁ ଆସି ରାଧେ ଘରକୁ ଆସିଲାଣି କି ବୋଲି ପଚାରି ବୁଝିଥିଲେ। ସେତିକିବେଳେ ରାଧେଙ୍କ କାକା ଶଶି ଖଡିଆ ବ୍ୟକ୍ତି ଜଣଙ୍କୁ ପୁତୁରା କୁଆଡେ ଗଲା ବୋଲି ପ୍ରଶ୍ନ କରିଥିଲେ। ବ୍ୟକ୍ତି ଜଣକ ପୁହେଁ ଗାଁକୁ ଫେରି ଆସି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ଘରେ ମଦ ପିଇଥିବା କହିଥିଲେ। ଏହା ଜାଣି ଶଶି ଘଟଣାର ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ ଗ୍ରାମର କୌଣସି ଘରେ ମଦ ପିଇ ନ ଥିବା ଜଣାପଡିଛି। ଅନ୍ୟପକ୍ଷେ ରାଧେଙ୍କ ସହ ଯାଇଥିବା ବ୍ୟକ୍ତିଙ୍କ କଥାରେ କୌଣସି ତାଳମେଳ ରହୁ ନାହିଁ। ଏଭଳି ସ୍ଥିତିରେ ରାଧେଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଘନିଭୂତ ହେବାରେ ଲାଗିଛି। ଗୁରୁବାର ରାଧେଙ୍କ ମୃତଦେହ ସଫେଇ ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବଡଗାଁ ଥାନା ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଉଦ୍ଧାର କରିଥିଲା। ଏନେଇ ବଡଗାଁ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

୬୦ଏସ୍‌ଏଚ୍‌ଜିକୁ ୯୦ଲକ୍ଷ ଟଙ୍କାର ଋଣ ବଣ୍ଟନ

ବେଲପଡା, ୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ଏସବିଆଇ ପକ୍ଷରୁ ସ୍ୱୟଂ ସହାୟକ ଦଳମାନଙ୍କୁ ନେଇ ଋଣ ବଣ୍ଟନ ମେଳା ବେଲପଡା ମାରଓ୍ୱାଡି ଧର୍ମଶାଳାଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବେଲପଡା ଏସବିଆଇ ମ୍ୟାନେଜର ତୁଳସୀ ଦାସ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାବାର୍ଡର ମହାପ୍ରବନ୍ଧକ ଡକ୍ଟର କେ.ସି.ପାଣିଗ୍ରାହୀ ଯୋଗଦେଇ ଏସଏଚଜି ଦଳମାନଙ୍କୁ ଋଣ ଦେବାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ସ୍ୱାବଲମ୍ବୀ ହେବାପାଇଁ କହିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ତପନ କୁମାର ସାହୁ ଜିଲା ବିକାଶ ଅଧିକରୀ (ନାବାର୍ଡ) ମଳୟ କୁମାର ମହାପାତ୍ର, ଲିଡ ମ୍ୟାନେଜର ରେବତୀକାନ୍ତ ସାହୁ ପ୍ରମୁଖ ଋଣ କାରବାର ବିଷୟରେ ସୂଚନା ପ୍ରଦାନ କରିଥିଲେ । ବେଲପଡା ବ୍ଲକର ବିଭିନ୍ନ ପଞ୍ଚାୟତମାନଙ୍କରୁ ଆସିଥିବା ୬୦ଟି ସ୍ୱୟଂ ସହାୟକ ଦଳମାନଙ୍କୁ ଦେଢଲକ୍ଷ ଟଙ୍କା ଲେଖାଏ ମୋଟ ୯୦ଲକ୍ଷ ଟଙ୍କା ବଣ୍ଟନ କରାଯାଇଥିଲା ।

ଋଣ ବଣ୍ଟନ ମେଳାରେ ଯୋଗଦେଇଥିବା ଏସ୍‌ଏଚ୍‌ଜି ମହିଳାମାନେ।

ଫାଟୁଆ ରୋଗ୍ କବ୍‌ଜାରେ ପଶୁସଂପଦ୍

ସିଂଘିଯୁବା,୬।୯(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଅଏଁଲାଛାଟ ହେଉଛେ ବିନିକା ବ୍ଲକ୍‌ର ସୀମାନା। ଗାଁର ୨ଟା ୱାର୍ଡରେ ପାଖାପାଖି ୬ରୁ ଜହ ଲୋକ୍ ବାସ୍ କରୁଛନ୍। ଇ ଗାଁଟା ଯେହେତୁ ଅଣ ଜଲ୍‌ସେଚିତ ଅଂଚଲ୍ ସେଥିଲାଗି ଗାଁର ଲୋକ୍ ଚାଷ୍‌ବାସ ଲାଗି ବର୍ଷା ପାଏନ୍ ଉପ୍‌ରେ ନିର୍‌ଭର କର୍‌ଥନ୍। ଇତାର ବାହାରେ ଗାଁର ଲୋକ୍ ଗୋପାଲନ୍ ବି କରୁଛନ୍। ହିସାବ୍‌ରୁ ଜନାଯାଇଛେ ଯେ ଗାଁରେ ୧୪୦ ଟା ବଲଦ୍ ଆର୍ ୨ଶହ ଗାଏ ଅଛନ୍। ହେଲେ ଏହେଦେ ଇ ଗାଁରେ ଗାଏ ବଲଦ୍, ଛେଲ୍‌ମେଡ଼ିକୁ ହେଉଥିବାର ଫାଟୁଆ ରୋଗ୍ ମହାମାରୀ ରୁପ୍ ନେଲାନ। ବଡ଼ଭାରି ଇ ରୋଗ୍‌ଟା ବର୍ଷା ଦିନେ ହେଉଥିଲାବେଳେ ଡେଗା ରୋଗ୍ ବି ଆଏ। ଯେଥିଲାଗି ରୋଗ୍‌ଟା ଇ ପଡାରୁ ସେ ପଡ଼ାକେ ଡେଗି ଅଏଁଲାଛାଟ୍ ଗାଁ ସାରା ବହପି ଗଲାନ। ପଶୁ ସଂପଦ୍‌ର ସୁରକ୍ଷା ଲାଗି ଇ ରୋଗ୍‌ର ପର୍‌ତିଷେଧକ୍ ଟୀକା ୪ ମାସ୍ ଆଗ୍‌ରୁ ଦିଆଯାଏସି, ହେଲେ ଅଏଁଲାଛାଟ ଗାଁରେ ଟୀକାକରନ୍ ନାଇଁ ହେଇ। ଯେନ୍‌ଥିଲାଗି ଏହେଦେ ରୋଗ୍‌ଟା ଗାଁ ଯାକର ଗାଏ ବଲଦ୍, ଛେଲ୍‌ମେଡ଼ିକୁ ଚରିଗଲାନ। ଇ ରୋଗ୍‌ରେ ଗାଁର ୬ଟା ବଲଦ୍, ୩ଟା ଗାଏର ଜୀବନ୍ ବି ଗଲାନ। ବହୁତ୍‌ଟେ ଗାଏଦାମୁର, ଛେଲ୍‌ମେଡ଼ିର ଖୁରା ଘା ହେଇ ବେଦ୍‌ବେଦେଇ ଯାଉଛେ, ଯେନ୍‌ଥିଲାଗି ସେମାନେ ଠିକ୍‌ସେ ଚଲାବୁଲା କି ଚରି ନାଇଁପାର୍‌ବାର। ଏହେଦେ ଇ ପଶୁ ସଂପଦ୍‌ର ସୁରକ୍ଷା ଗଁବାସୀକର ଲାଗି ଗୁଟେ ଚିଂତାର କାରନ୍ ହେଇଛେ। ଯେତେ ଜଲ୍‌ଦି ହେବା ବିଭାଗୀୟ କତୁର୍‌ପକ୍ଷ ଦୁରୁଖ୍‌ଟି ଦେଇ ପର୍‌ତିକାର ବେବସ୍‌ତା କର୍‌ବାକେ ଗାଁର ଜଗତପତି ଦେହୁରୀ, ପବିତ୍ର ମୋହନ କର୍ମୀ, ଜୟସିଂ ବଘାର, ଲବ ମହାକୁର, ସତ୍ୟ ସାହ